DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୨୧/୨୦୧୯ (୨୦ ପୃଷ୍ଠା) Sambalpur, Thursday, March 21 / 2019 ★★

୧୫୩ ଭାଗ ୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ଇନ୍ଦୁମତୀଙ୍କ ଡବଲ ଗୋଲ: ଭାରତ ଫାଇନାଲରେ**

ଇନ୍ଦୁମତି କାଥିରେସାନଙ୍କ ଡବଲ ଗୋଲ ବଳରେ ଭାରତ ସାଫ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ବାଂଲାଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

୧୮

୧୬

**ଫେରୁଛନ୍ତି ସେଲିନା**

ଦୀର୍ଘଦିନ ପରେ ପୁଣିଥରେ କ୍ୟାମେରାକୁ ସାମ୍ନା କରିବେ ବଲିଉଡ ଅଭିନେତ୍ରୀ ସେଲିନା ଜେଟ୍ଲୀ। ଏଥିପାଇଁ ମିଳିଥିବା ଅଫରକୁ ସେ ଆଖିବୁଜି ଗ୍ରହଣ କରିନେଇଛନ୍ତି।



# ବିଜେଡିରେ ଅସନ୍ତୋଷ ତେଜିଲା

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ଦିନଠାରୁ ବିଜେଡି ବିଧାୟକ ଏବଂ ଏମ୍ପିମାନେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏମିତି କୌଣସି ଦିନ ନାହିଁ, ଯେଉଁ ଦିନ ବିଜେଡି ନେତା ଦଳ ଛାଡୁନାହାନ୍ତି। ଦଳ ତ୍ୟାଗ ପରେ ପ୍ରତିଦିନ ବିଜେଡି ବିରୋଧରେ ଅସନ୍ତୋଷ ମଧ ବ୍ୟକ୍ତ କରିଚାଲିଛନ୍ତି। ରାଜ୍ୟ ରାଜନୀତିରେ ଏଭଳି ସ୍ଥିତି ଦୁଇ ଦଶନ୍ଧିରେ କେବେ ବି ଦେଖାଦେଇ ନ ଥିଲା। ଅପରପକ୍ଷରେ ବିଜେଡି ଛାଡୁଥିବା ସମସ୍ତ ନେତା ଏବେ ଭାଜପା ମୁହାଁ ହୋଇଛନ୍ତି। ଦଳରେ ଅସନ୍ତୋଷ ରହିଛି, ଏକଥାକୁ ବିଜେଡିର ବରିଷ୍ଠ ନେତାମାନେ ସ୍ୱୀକାର ମଧ କଲେଣି। ଏହିଭଳି ସମୟରେ ଦଳ ପରିଚାଳନା ଦାୟିତ୍ୱ ନେଇଥିବା ସଙ୍କଟମୋଚକମାନେ ମଧ ପ୍ରଭାବଶାଳୀ ପଦକ୍ଷେପ ନେଇନାହାନ୍ତି। ତେଣୁ ବିଜେଡିର ପ୍ରଥମ ଦୁଇ ପର୍ଯ୍ୟାୟ ତାଲିକା ପରେ ଦେଖାଯାଇଥିବା ଏହି ଅସନ୍ତୋଷ ତେଜିବାରେ ଲାଗିଛି।

ପ୍ରଥମେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ଦ୍ୱିତୀୟରେ କଳାହାଣ୍ଡି ଏମ୍ପି ଅର୍କ କେଶରୀ ଦେଓ ଏବଂ ବୁଧବାର କନ୍ଧମାଳ ଏମ୍ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବିଜେଡରୁ ଇସ୍ତଫା ଦେଇଛନ୍ତି। ସେହିପରି ବିଧାୟକଙ୍କ ତାଲିକା ମଧ କମ୍ ଲମ୍ବା ନୁହେଁ। ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଆସିକା ବିଧାୟକ ଦେବରାଜ ମହାନ୍ତି, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ଗୁଣୁପୁର ବିଧାୟକ ତ୍ରିନାଥ ଗମାଙ୍ଗ ବିଜେଡି ତ୍ୟାଗ କରିଛନ୍ତି। ସେହିପରି ଏକାଧିକ ପୂର୍ବତନ ବିଧାୟକ ଏବଂ ପୂର୍ବରୁ ଦଳୀୟ ଚିହ୍ନରେ ଲଢିଥିବା ପ୍ରାର୍ଥୀ ମଧ ବିଜେଡି ଛାଡି ସାରିଲେଣି। ସେମାନଙ୍କ ମଧରେ ଅଛନ୍ତି ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ନାରାୟଣ ରାଓ, ସୁନ୍ଦରଗଡ ନେତ୍ରୀ କୁସୁମ ଟେଟେ, ଜୁନାଗଡ଼ର ପ୍ରମୋଦ ପଟ୍ଟନାୟକ, ଦିଗପହଣ୍ଡିର ଅଶ୍ୱିନୀ ସାହୁ ପ୍ରମୁଖ। ବିଜେଡି ୯ ଲୋକ ସଭା ଏବଂ ୫୪ ବିଧାନସଭା ଆସନର ପ୍ରାର୍ଥୀ ତାଲିକା ଜାରି କରିଛି। ପ୍ରଥମ ଦୁଇଟି ପର୍ଯ୍ୟାୟର ୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ଏତଦ୍‌ବ୍ୟତୀତ ୧୨ ଲୋକ ସଭା ଏବଂ ୯୩ ବିଧାନସଭା ଆସନ ☞ପୃଷ୍ଠା-୪

- ଦଳ ଛାଡ଼ିଲେ ଏମ୍ପି ପ୍ରତ୍ୟୁଷା, ବିଧାୟକ ପୂର୍ଣ୍ଣଚନ୍ଦ୍ର
- ଆରୁଖ, ଅରୁଣଙ୍କ ବିରୋଧରେ ପ୍ରତ୍ୟୁଷାଙ୍କ ବିକ୍ଷୋଦ୍‌ଗାର
- ଏବେ ସୁଦ୍ଧା ଦଳ ଛାଡିଲେଣି ୩ ଏମ୍ପି, ୪ ବିଧାୟକ

## ଭାଜପାରେ ଅନ୍ୟ ଦଳ ନେତାଙ୍କ ଭିଡ଼

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

- ୩ ବିଜେଡି ବିଧାୟକ ଯୋଗଦେଲେ
- ୩ ପୂର୍ବତନ ବିଧାୟକ ବି ସାମିଲ
- ଜେଏମ୍ଏମ୍ ଛାଡ଼ି ପଦ୍ମ ଧରିଲେ ପୂର୍ବତନ ଏମ୍ପି ଲକ୍ଷ୍ମଣ ଟୁଡୁ

ନିର୍ବାଚନ ଯେତିକି ପାଖଉଛି ନେତାମାନଙ୍କ ଦଳ ଡିଆଁ ସେତିକି ବଢୁଛି। ବିଜେଡି ଯେଉଁସବୁ ପ୍ରତିଶ୍ରୁତି ଦେଇ ବିରୋଧୀ ଦଳ ନେତାଙ୍କୁ ଆଣିଥିଲା ତାହା ପୂରଣ କରି ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। ଯେଉଁ ସ୍ଥାନଗୁଡିକରୁ ବିଜେଡି ଆମଦାନୀ ନେତାମାନଙ୍କୁ ଟିକେଟ ଦେଇଛି ଏବଂ ପୂର୍ବଥର ପ୍ରାର୍ଥୀଙ୍କ ଟିକେଟ କାଟିଛି ସେମାନେ ଏବେ ବିରୋଧୀ ଶିବିର ଆଡେ ମୁହାଁଇଛନ୍ତି। ଏହିକ୍ରମରେ ବୁଧବାର ଶାସକ ବିଜେଡିର ବହୁ ନେତା ଭାଜପାରେ ସାମିଲ ହୋଇଛନ୍ତି।

ସୁନ୍ଦରଗଡ଼ ବିଧାନସଭା ଆସନରୁ ୨୦୧୪ରେ ବିଧାୟକ ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଥିଲେ। ୫ବର୍ଷ ବିଜେଡି ତାଙ୍କୁ ଚାକର ଭଳି ଖଟାଇ ଥିଲେ ମଧ କଂଗ୍ରେସରୁ ଆସି ଶାସକ ଦଳରେ ସାମିଲ ହୋଇଥିବା ଯୋଗେଶ ସିଂଙ୍କୁ ଟିକେଟ ଦେଇଥିଲା। ଫଳରେ ସେ ଅସନ୍ତୁଷ୍ଟ ହେବା ସହ ଦଳରୁ ଇସ୍ତଫା ଦେଇଥିଲେ। ବୁଧବାର ସେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ଆସିକା ବିଧାୟକ ଦେବରାଜ ମହାନ୍ତି, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ନାରାୟଣ ରାଓ ମଧ ଗୈରିକ ଦଳରେ ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ବିଜୁ ଯୁବ ବାହିନୀର ଦକ୍ଷିଣ ଓଡ଼ିଶାର ସଙ୍ଗଠକ ଅଶ୍ୱିନୀ ସାହୁ, ☞ପୃଷ୍ଠା-୪

## ଲଣ୍ଡନରେ ନୀରବ ମୋଦି ଗିରଫ

**ଲଣ୍ଡନ,୨୦।୩**

- ଜାମିନ ଆବେଦନ ଖାରଜ
- ୨୯ଯାଏ ହାଜତରେ ରହିବେ
- ପରେ ଚାଲିବ ପ୍ରତ୍ୟର୍ପଣ ମାମଲା

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକେଇର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ଦୀପକ ମୋଦିଙ୍କୁ ଲଣ୍ଡନରେ ଗିରଫ କରାଯାଇଛି। ତାଙ୍କର ଗିରଫ ଭାରତ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଇଛି। ମଙ୍ଗଳବାର ହୋଲବର୍ନଠାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶବଦାହରେ ଘଷି

**ଆଜିର ମନ୍ତବ୍ୟ**

"ନିଜ ପିଲାଙ୍କୁ ଚୌକିଦାର କରିବାକୁ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକେ ଭୋଟ ଦେବେ।

– ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ






**ହୋଲି ଶୁଭେଚ୍ଛା**

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ଧରିତ୍ରୀର ଛୁଟି**

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୨୧ ଓ ୨୨ ତାରିଖ ଗୁରୁବାର ଏବଂ ଶୁକ୍ରବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୨୪ ତାରିଖ ରବିବାର ସକାଳେ ପ୍ରକାଶ ପାଇବ।














"ରାଜନେତାମାନଙ୍କ ପୃଷ୍ଠଭୂମି ସହ ଲୋକ ସଭା ଓ ବିଧାନସଭାଗୁଡ଼ିକରେ ବିତର୍କରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ଗଣମାଧ୍ୟମ ଧ୍ୟାନ ଦେଇ ରିପୋର୍ଟ ପ୍ରସ୍ତୁତ କରୁ। ଏହା ଭୋଟରଙ୍କୁ ସଚେତନ କରି ଆଗାମୀ ନିର୍ବାଚନରେ ଉପଯୁକ୍ତ ପସନ୍ଦ ବାଛିବାରେ ସହାୟକ ହେବ।"
–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ସଂକ୍ଷେପରେ

### ଲୋକ ସଭା ନିର୍ବାଚନ ଲଢ଼ିବେନି ମାୟାବତୀ



**ଲକ୍ଷ୍ନୌ,୨୦।୩(ପି.ଟି.):** ବିଏସ୍‌ପି ସୁପ୍ରିମୋ ମାୟାବତୀ ଏଥର ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ। ସାଧାରଣ ନିର୍ବାଚନ ପରେ କୌଣସି ଆସନରୁ ଉପନିର୍ବାଚନରେ ଲଢ଼ି ଜିତିବାକୁ ସେ ପସନ୍ଦ କରିବେ ବୋଲି ମାୟାବତୀ କହିଛନ୍ତି। ଲକ୍ଷ୍ନୌରେ ଏକ ଖବରଦାତା ସମ୍ମିଳନୀରେ ମାୟାବତୀ କହିଛନ୍ତି, ସାମ୍ପ୍ରତିକ ସ୍ଥିତି, ଦେଶର ଆବଶ୍ୟକତା ଓ ବିଏସ୍‌ପିର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲୋକ ସଭା ନିର୍ବାଚନ ନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ପାର୍ଲାମେଣ୍ଟକୁ ଯିବା ପାଇଁ ଦରକାର ହେଲେ ଏହା ତାଙ୍କ ପାଇଁ ବାଧକ ହେବନାହିଁ। କାରଣ ବିଏସ୍‌ପିର ଜଣେ ଏମ୍‌ପି ନିଜ ଆସନରୁ ଇସ୍ତଫା ଦେବା ପରେ ଉପନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ମାୟାବତୀ ସ୍ପଷ୍ଟ କରିଛନ୍ତି।

### ହୋଲି ପରେ ମହାମେଣ୍ଟ ପ୍ରାର୍ଥୀ ଘୋଷଣା: ତେଜସ୍ୱୀ



**ପାଟନା,୨୦।୩(ପି.ଟି.):** ବିହାରରେ ବିରୋଧୀ ଦଳଗୁଡିକର ମହାମେଣ୍ଟରେ ସବୁ ଠିକ୍‌ଠାକ ଚାଲିଛି। ହୋଲି ପରେ ସମସ୍ତ ୪୦ ଆସନରେ ପ୍ରାର୍ଥୀ ଘୋଷଣା ହେବ ବୋଲି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ କହିଛନ୍ତି। ମହାମେଣ୍ଟ ବଳବତ୍ତର ରହିଛି ଏବଂ ନିର୍ବାଚନରେ ଜୋରଦାର ଲଢ଼େଇ କରିବ। ଦଳଗୁଡ଼ିକ ମଧ୍ୟରେ ଥିବା ମତଭେଦକୁ ଦୂର କରାଇଥିବା ତେଜସ୍ୱୀ ଦିଲ୍ଲୀରୁ ଫେରି ପାଟନା ବିମାନ ବନ୍ଦରରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୨୨ରେ ପ୍ରାର୍ଥୀ ଘୋଷଣା ହେବ ବୋଲି ଲୋକ ଜନତାନ୍ତ୍ରିକ ଦଳ (ଏଲ୍‌ଜେଡି) ନେତା ଶରଦ ଯାଦବ ସୂଚନା ଦେଇଛନ୍ତି। ଏଲ୍‌ଜେଡି ଓ କଂଗ୍ରେସ ମହାମେଣ୍ଟର ଅନ୍ୟତମ ସହଯୋଗୀ ଦଳ।

### ଭାଜପାରେ ଅରୁଣା



**ହାଇଦ୍ରାବାଦ,୨୦।୩(ପି.ଟି.):** ତେଲେଙ୍ଗାନା କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡି.କେ. ଅରୁଣା ଭାଜପାରେ ଯୋଗ ଦେଇଛନ୍ତି। ଫଳରେ ରାଜ୍ୟ କଂଗ୍ରେସକୁ ଶକ୍ତ ଝଟ୍‌କା ଲାଗିଛି। ଗତବର୍ଷ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଅରୁଣ ଗଡଓ୍ୱାଲ ଆସନରୁ ହାରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ତେଲେଙ୍ଗାନାରେ ଭାଜପାକୁ ଟିଆରଏସ୍‌ର ବିକଳ୍ପ ଭାବେ ଛିଡା କରାଇବା ଏବଂ ଆଗାମୀ ନିର୍ବାଚନରେ ଉକ୍ତ ରାଜ୍ୟରୁ ଅଧିକ ଆସନ ଜିତିବା ଲାଗି କାମ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ନିକଟରେ ରାଜ୍ୟର ୮ କଂଗ୍ରେସ ବିଧାୟକ ଦଳବଦଳ କରି ଶାସକ ଟିଆର୍‌ଏସରେ ସାମିଲ ହୋଇଥିଲେ।

### ଇତିହାସର ଆଇନାରେ
### ମାର୍ଚ୍ଚ ୨୧ର ପ୍ରମୁଖ ଘଟଣା

୧୯୧୬ ମାର୍ଚ୍ଚ ୨୧ରେ ବିହାରର ଡୁମ୍‌ରାଓଁଠାରେ ଖ୍ୟାତନାମା ସାହାନାଇ ବାଦକ ଉସ୍ତାଦ ବିସ୍‌ମିଲା ଖାନ୍ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାମା' ତାଙ୍କ ନାଁ ଦେଇଥିଲେ କମରୁଦ୍ଦିନ। ସେ ମାତ୍ର ୬ ବର୍ଷ ବୟସରେ ବାରାଣସୀ ଆସି ସେଠାରେ ରହିଥିଲେ ଏବଂ ଅଲି ବକ୍ସଙ୍କଠାରୁ ସାହାନାଇ ଶିଖିଥିଲେ। ତାଙ୍କୁ ୨୦୦୧ରେ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

୧୯୯୯ ମାର୍ଚ୍ଚ ୨୧ରେ ବେର୍‌ଟ୍ରାଣ୍ଡ ପିକାର୍ଡ ଏବଂ ବ୍ରିଆନ ଜୋନ୍ସ ପ୍ରଥମେ ହଟ୍ ଏୟାର ବେଲୁନ୍ ସହାୟତାରେ ପୃଥିବୀ ପରିକ୍ରମା କରିଥିଲେ। ସେମାନେ ବ୍ରେଇଟଲିଙ୍ଗ ଅର୍ବିଟର୩ ନାମକ ଏହି ବେଲୁନ୍ ଯାନରେ ମାର୍ଚ୍ଚ ୧ରେ ସ୍ୱିଜରଲାଣ୍ଡର ଚାଟେଉ ଡୋଏକ୍ସରୁ ବାହାରି ୧୯ ଦିନ ୨୧ ଘଣ୍ଟା ୪୭ ମିନିଟରେ ୪୫,୭୫୫ କିଲୋମିଟର ଅତିକ୍ରମ କରି ଇଜିପ୍ଟରେ ଓହ୍ଲାଇଥିଲେ।

## କଂଗ୍ରେସ-ଏନ୍‌ସିପିର ଖେଳ ବିଗାଡ଼ିବ ଏସ୍‌ପି-ବିଏସ୍‌ପି ମେଣ୍ଟ

# ମହାରାଷ୍ଟ୍ରରେ ମହାସଂଗ୍ରାମ

**ମୁମ୍ବାଇ/ନୂଆଦିଲ୍ଲୀ,୨୦।୩**

ନାହିଁ ନାହିଁ କହି ଶେଷରେ ହଁ କଲା ଶିବସେନା। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଏହି ପୁରୁଣା ସହଯୋଗୀ ମହାରାଷ୍ଟ୍ରରେ ବଡ଼ଭାଇପଣିଆ ଜାହିର କରିବାକୁ ସବୁବେଳେ ଉଦ୍ୟମ କରିଆସିଛି। ଶିବସେନା ୫ ବର୍ଷ ଧରି ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିବା ପରେ ଗତ ଫେବୃୟାରୀ ୧୮ରେ କଥା ଛିଣ୍ଡିଲା ପୁଣି ଏକାଠି ହୋଇ ଲଢ଼ିବାକୁ। ଫଳରେ ବିରୋଧୀ କଂଗ୍ରେସ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମେଣ୍ଟ ଶାସକ ମେଣ୍ଟକୁ ଆଗକୁ ବଢ଼ିବାକୁ ନ ଦେବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ହେଲେ ଏଭଳି ସମୟରେ ତୃତୀୟ ମେଣ୍ଟର ଆବିର୍ଭାବ ଭାଜପାକୁ ଫାଇଦା ଦେଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

ପାଞ୍ଚବର୍ଷ ତଳେ ମୋଦି ହାୱା ୪ ରାଜନୈତିକ ଦଳ ମଧ୍ୟରୁ ଭାଜପାକୁ ଟାଣିନେଇଥିଲା ଶୀର୍ଷ ସ୍ଥାନକୁ। ୨୦୧୯ରେ ୨୦୧୪ ଭଳି ଆଉ ମୋଦି ହାୱା ନାହିଁ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥର ନିର୍ବାଚନରେ ଏକ ପ୍ରମୁଖ 'ଫ୍ୟାକ୍ଟର' ଭାବେ ଉଭା ହୋଇଛନ୍ତି। ତେଣୁ ଭାଜପାର ପ୍ରଚାର ରଣନୀତି ତାଙ୍କ ବ୍ୟକ୍ତିତ୍ୱକୁ କେନ୍ଦ୍ରୀଭୂତ କରି ସ୍ଥିର କରାଯାଇଛି। 'ଫିର୍ ଏକ୍ ବାର ମୋଦି ସରକାର', 'ମୋଦି ନେହିଁ ତୋ ମୁମ୍‌କିନ୍ ନେହିଁ' ଏବଂ 'ମେଁ ଭି ଚୌକିଦାର' ଭଳି ଭାଜପାର ସ୍ଲୋଗାନରୁ ଏହା ସ୍ପଷ୍ଟ ହୋଇଛି। ବିରୋଧୀ ଦଳଗୁଡ଼ିକ ପାଖରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ଭଳି ଚେହେରା ନାହିଁ ବୋଲି ପ୍ରମାଣିତ କରିବା ଲାଗି ଭାଜପା ଏପରି ସ୍ଲୋଗାନର ଆଶ୍ରୟ ନେବାକୁ ଉଦ୍ୟମ କରୁଛି। ତେବେ ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ମଧ୍ୟରେ ଫରକ ହେଉଛି, ସେତେବେଳେ ଭାଜପା କ୍ଷମତାରେ ନ ଥିଲା ଆଉ ଏବେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଗୈରିକ ଦଳ ସରକାରରେ ଥିବାରୁ ଲୋକଙ୍କ ପ୍ରତି ଅଧିକ ଉତ୍ତରଦାୟୀ ହେବା ସ୍ୱାଭାବିକ। ଦେଶର ଦ୍ୱିତୀୟ ବଡ଼ ରାଜ୍ୟରେ ବିକାଶ କାର୍ଯ୍ୟସୂଚୀକୁ ପ୍ରସଙ୍ଗ କରି ମହାରାଷ୍ଟ୍ରର ଭାଜପା ନେତାମାନେ ଲୋକ ସଭା ନିର୍ବାଚନ ଲଢୁଥିବାବେଳେ ସରକାରଙ୍କ ରିପୋର୍ଟ କାର୍ଡକୁ ନେଇ ପ୍ରଶ୍ନ ଉଠାଉଛନ୍ତି ବିରୋଧୀ।



ଉଦ୍ଧବ ଠାକ୍‌ରେ



ଦେବେନ୍ଦ୍ର ଫଡ୍‌ନବିସ



ଶରଦ ପାୱାର



ପୃଥ୍ୱୀରାଜ ଚୌହାନ

୨୦୧୪ ସାଧାରଣ ନିର୍ବାଚନରେ ମହାରାଷ୍ଟ୍ରର ୪୮ ଲୋକ ସଭା ଆସନରୁ ୨୩ଟି ଦଖଲ କରିଥିଲା ଭାଜପା। ଏହାର ସହଯୋଗୀ ଶିବସେନା ୧୮ ଆସନରେ ସଫଳତା ପାଇଥିବାବେଳେ ବିରୋଧୀ କଂଗ୍ରେସ ୨ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ରାଜ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଖାତା ଖୋଲିପାରି ନ ଥିଲା। ଏହାର କିଛି ମାସ ପରେ ଅକ୍ଟୋବରରେ ୨୮୮ ସଦସ୍ୟତା ବିଶିଷ୍ଟ ବିଧାନସଭା ନିର୍ବାଚନ ହୋଇଥିଲା। ଏଥିରେ ଦୁଇ ସହଯୋଗୀ ଅଲଗା ଅଲଗା ଲଢ଼ିଥିଲେ। ଭାଜପା ୧୨୨ ଓ ଶିବସେନା ୬୩ ଆସନ ଦଖଲ କରିଥିଲା। ଅନ୍ୟତମ ସହଯୋଗୀ ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି (ଆର୍‌ଏସ୍‌ପି) ଗୋଟିଏ ଆସନ ଜିତିଥିଲା। ଅନ୍ୟପକ୍ଷରେ କଂଗ୍ରେସକୁ ୪୨ ଏବଂ ଏନ୍‌ସିପିକୁ ୪୧ ଆସନରେ ସଫଳତା ମିଳିଥିଲା। ସ୍ୱାଧୀନ ଓ ଅନ୍ୟ ଦଳ ପ୍ରାର୍ଥୀ ୧୯ ଆସନରେ ବିଜୟୀ ହୋଇଥିଲେ। ଏଥର ଭାଜପା ଏବଂ ଶିବସେନା ପୁଣି ଏକାଠି ହୋଇ ଲୋକ ସଭା ନିର୍ବାଚନ ଲଢ଼ିବାକୁ ସହମତି ପ୍ରକାଶ ପାଇଛି। ଭାଜପା ୨୫ ଓ ଶିବସେନା ୨୩ ଆସନରେ ପ୍ରାର୍ଥୀ ଦେବ। ଅନ୍ୟପକ୍ଷରେ କଂଗ୍ରେସ ୨୬ ଆସନରେ ଲଢ଼ି ଶରଦ ପାୱାରଙ୍କ ଏନ୍‌ସିପିକୁ ୨୨ ଆସନ ଛାଡ଼ିଦେଇଛି। ପାୱାର ରାଜ୍ୟରେ ଲୋକ ସଭା ନିର୍ବାଚନ ପାଇଁ ଏକ ମହାମେଣ୍ଟ ଗଠନ ଉପରେ ଗୁରୁତ୍ୱ ଦେଉଥିଲେ। ଅଣଭାଜପା ଜନାଦେଶକୁ ବିଭାଜିତ ହେବାକୁ ନ ଦେବା ପାଇଁ ଏମ୍‌ଏନ୍‌ଏସ୍‌କୁ ମେଣ୍ଟରେ ସାମିଲ କରିବାକୁ ପାୱାର ଚାହୁଁଥିଲେ। କାରଣ ଏହି ଦଳ ଗତଥର କେତେକ ଆସନରେ ଲକ୍ଷାଧିକ ଭୋଟ ପାଇଥିଲା। ତେବେ ବିଚାରଧାରାରେ ବିରୋଧାଭାସ ଦୃଷ୍ଟିରୁ ଶେଷ ମୁହୂର୍ତ୍ତରେ କଂଗ୍ରେସ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଏବେ ଏମ୍‌ଏନ୍‌ଏସ୍ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ ବୋଲି ରବିବାର ରାଜ ଠାକ୍‌ରେ ସ୍ପଷ୍ଟ କରିଛନ୍ତି। ଏଭଳି ସମୟରେ ରାଜ ଠାକ୍‌ରେଙ୍କ ମୋଦି ବିରୋଧୀ ଆଭିମୁଖ୍ୟରୁ ଫାଇଦା ନେବାକୁ ଏନ୍‌ସିପି-କଂଗ୍ରେସ ମେଣ୍ଟ ସୁଯୋଗ ଖୋଜୁଛି। ସେପଟେ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମହାରାଷ୍ଟ୍ରରେ ଏକାଠି ଲଢ଼ିବା ପାଇଁ ସ୍ଥିର କରିଛନ୍ତି। ଏହି ମେଣ୍ଟ ୫ରୁ ୭ ଆସନରେ ଭାଜପାର ବିଜୟକୁ ଅଟକାଇବା ସମ୍ଭାବନା ବହନ କରେ। କାରଣ ଦୁଇ ଦଳ ସମାଜର ୮୫-୯୦% ଲୋକଙ୍କ ପ୍ରତିନିଧିତ୍ୱ କରେ ବୋଲି ଏସ୍‌ପି ନେତା ଅବୁ ଆସିମ୍ ଆଜ୍‌ମୀ କହିଛନ୍ତି। ଜନସମର୍ଥନକୁ ଭୋଟରେ ରୂପାନ୍ତରିତ କରିବା ପାଇଁ ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏପ୍ରିଲ ୫ରେ ନାଗପୁରରେ ମିଳିତ ସଭାରେ ଲୋକଙ୍କୁ ସମ୍ବୋଧିତ କରିବେ। ଏସ୍‌ପି-ବିଏସ୍‌ପି ମେଣ୍ଟ ଦାବି ମୁତାବକ ସଫଳତା ହାସଲ କଲେ କଂଗ୍ରେସ-ଏନ୍‌ସିପି ମେଣ୍ଟର କ୍ଷତି ହେବା ସହ ଭାଜପା ଲାଭାନ୍ୱିତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିରୋଧୀଙ୍କୁ ଧୂଳି ଚଟାଇବା ଲାଗି ପ୍ରଧାନମନ୍ତ୍ରୀ ପ୍ରାୟ ୨୪ ଲୋକ ସଭା ଆସନରେ ପ୍ରଚାର କରିବେ ବୋଲି ଭାଜପା ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। କାରଣ ଆଉ କିଛି ମାସ ପରେ ମହାରାଷ୍ଟ୍ରରେ ପୁଣି ହେବାକୁ ଯାଉଛି ବିଧାନସଭା ନିର୍ବାଚନ।

### କିଛି ତଥ୍ୟ



ପ୍ରିୟା ଦତ୍ତ

- ମୁମ୍ବାଇ ଉତ୍ତର କେନ୍ଦ୍ରୀୟ ଆସନରେ କୌଣସି ଦଳ ଲଗାତର ଜିତିନାହାନ୍ତି। ୨୦୧୪ରେ ଏହି ଲୋକ ସଭା ଆସନରେ କଂଗ୍ରେସର ପ୍ରିୟା ଦତ୍ତଙ୍କୁ ଭାଜପା ପ୍ରାର୍ଥୀ ପୁନମ ମହାଜନ ହରାଇଥିଲେ।
- ଏଥର ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନିର୍ବାଚନ ଲଢ଼ିବନାହିଁ ବୋଲି ଏହାର ଅଧ୍ୟକ୍ଷ ରାଜ ଠାକ୍‌ରେ ଘୋଷଣା କରିଛନ୍ତି।
- ମହାରାଷ୍ଟ୍ରରେ ଅଦ୍ୟାବଧି ୪୦୦ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ଅଭିଯୋଗ ସି ଭିଜିଲ୍ ମୋବାଇଲ୍ ଆପ୍ ଜରିଆରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପହଞ୍ଚିଛି।
- ରାଜ୍ୟର ପ୍ରାୟ ୯ କୋଟି ଭୋଟର ଏଥର ମତଦାନ କରିବେ। ଠାଣେରେ ସର୍ବାଧିକ ୨୩ ଲକ୍ଷ।
- ମହାରାଷ୍ଟ୍ରର ୪୮ ଲୋକ ସଭା ଆସନ ମଧ୍ୟରୁ ୯ ଏସ୍‌ସି ଏବଂ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ।
- ନିର୍ବାଚନ ପରିଚାଳନା ଦାୟିତ୍ୱରେ ପ୍ରାୟ ୬ ଲକ୍ଷ ସରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି।

### ୨୦୧୪ ବିଧାନସଭା ସ୍ଥିତି

| ଦଳ | ଆସନ |
|---|---|
| ଭାଜପା | ୧୨୨ |
| ଶିବସେନା | ୬୩ |
| ଆଇଆର୍‌ପି | ୧ |
| କଂଗ୍ରେସ | ୪୨ |
| ଏନ୍‌ସିପି | ୪୧ |
| ଅନ୍ୟ | ୧୯ |



### ମହାରାଷ୍ଟ୍ର: ୪୮ ଆସନ

| ପର୍ଯ୍ୟାୟ | ତାରିଖ | ଆସନ |
|---|---|---|
| ପ୍ରଥମ | ଏପ୍ରିଲ ୧୧ | ୭ |
| ଦ୍ୱିତୀୟ | ଏପ୍ରିଲ ୧୮ | ୧୦ |
| ତୃତୀୟ | ଏପ୍ରିଲ ୨୩ | ୧୪ |
| ଚତୁର୍ଥ | ଏପ୍ରିଲ ୨୯ | ୧୭ |

### ୨୦୧୪ ଲୋକ ସଭା ସ୍ଥିତି

| ଦଳ | ଆସନ |
|---|---|
| ଭାଜପା | ୨୩ |
| ଶିବସେନା | ୧୮ |
| କଂଗ୍ରେସ | ୨ |
| ଏନ୍‌ସିପି | ୪ |

## କଂଗ୍ରେସ-ଏନ୍‌ସିପିକୁ ଝଟକା

**ମୁମ୍ବାଇ,୨୦।୩**

ମହାରାଷ୍ଟ୍ରରେ ବିରୋଧୀ କଂଗ୍ରେସ-ଏନ୍‌ସିପି ମେଣ୍ଟକୁ ବୁଧବାର ଆଉ ଏକ ଝଟକା ଲାଗିଛି। ଏନ୍‌ସିପିର ପୂର୍ବତନ ଏମ୍‌ପି ରଞ୍ଜିତ୍‌ସିଂ ମୋହିତେ ପାଟିଲ ଭାଜପାରେ ଯୋଗଦେଇଛନ୍ତି। ଏନ୍‌ସିପି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବିଜୟସିଂ ମୋହିତେ ପାଟିଲଙ୍କ ପୁଅ ରଞ୍ଜିତସିଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କୁ ମଧ୍ୟ ଲୋକ ସଭା ଆସନରୁ ଭାଜପା ଟିକେଟ ମିଳିପାରେ। ଏହାପୂର୍ବରୁ ଏନ୍‌ସିପି ନେତା ସୁଜୟ୍ ଭିଖେ ପାଟିଲଙ୍କୁ ଦଳ ଅହମଦନଗର ଆସନରୁ ଟିକେଟ ଦେବାକୁ ମନାକରିଦେବା ପରେ ସେ ଭାଜପାରେ ଯୋଗଦେଇଥିଲେ। ଏଥିଲାଗି ତାଙ୍କ ବାପା ତଥା ବିରୋଧୀ ଦଳ (କଂଗ୍ରେସ) ନେତା ରାଧାକ୍ରିଷ୍ଣ ଭିଖେ ପାଟିଲ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ତେବେ ରାଧାକ୍ରିଷ୍ଣଙ୍କ ଇସ୍ତଫାପତ୍ର ଗ୍ରହଣ ହୋଇ ନ ଥିବା ଜଣାପଡ଼ିଛି।

### ଭୋଟ ଦିଅ

ମତଦାନ କରିବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। କାହାକୁ ଭୋଟ ଦେବା ତାହା ବ୍ୟକ୍ତିଗତ ପସନ୍ଦ। ସରକାରଙ୍କୁ ନେଇ ସମସ୍ତଙ୍କର ନିଜସ୍ୱ ଅଭିଜ୍ଞତା ରହିଛି। କେତେଜଣ ସକାରାତ୍ମକ ଭାବେ ପ୍ରଭାବିତ ହୋଇଥାନ୍ତି ଓ ଆଉ କେତେକେ ହୋଇ ନ ଥାନ୍ତି। ଦିନ ଶେଷରେ ପ୍ରଥମେ ଦେଶ କଥା ଆସେ ଏବଂ ନାଗରିକ ଭାବେ ତୁମ ଉତ୍ତରଦାୟିତ୍ୱ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସମସ୍ତେ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦିଅନ୍ତୁ।
–ଦୀପିକା ପାଦୁକୋନ, ବଲିଉଡ୍ ଅଭିନେତ୍ରୀ



## ସମଝୌତା ଏକ୍ସପ୍ରେସ୍ ବିସ୍ଫୋରଣ ମାମଲା
# ଅସୀମାନନ୍ଦ ଦୋଷମୁକ୍ତ

**ପଞ୍ଚକୁଲା (ହରିୟାଣା),୨୦।୩(ପି.ଟି.)**

ସମଝୌତା ଏକ୍ସପ୍ରେସ ଟ୍ରେନ ବିସ୍ଫୋରଣ ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ବୁଧବାର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଅସୀମାନନ୍ଦଙ୍କ ସମେତ ଅନ୍ୟ ୩ ଜଣଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଦେଇଛନ୍ତି। ଏହି ବିସ୍ଫୋରଣରେ ୬୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ଅଧିକାଂଶ ପାକିସ୍ତାନୀ ଥିଲେ। ପାକିସ୍ତାନରୁ ଥିବା ସାକ୍ଷୀମାନଙ୍କୁ ପୁନର୍ବାର ଯାଞ୍ଚ କରିବା ଲାଗି ସେଠାକାର ଜଣେ ମହିଳା କରିଥିବା ଆବେଦନ ଶୁଣାଣିଯୋଗ୍ୟ ନୁହେଁ କହି ଏନ୍‌ଆଇଏ ସ୍ୱତନ୍ତ୍ର ଜଜ୍ ଜଗଦୀପ ସିଂ ତାହାକୁ ଖାରଜ କରିଦେଇଥିଲେ।

ଅଭିଯୁକ୍ତ ନବକୁମାର ସର୍କାର ଓରଫ ସ୍ୱାମୀ ଅସୀମାନନ୍ଦ, ଲୋକେଶ ଶର୍ମା, କମଳ ଚୌହାନ ଏବଂ ରାଜିନ୍ଦର ଚୌଧୁରୀଙ୍କୁ କୋର୍ଟ ଦୋଷମୁକ୍ତ କରିଥିବା ଏନଆଇଏ ଓକିଲ ରାଜନ ମାଲହୋତ୍ରା କହିଛନ୍ତି। ୨୦୦୭ ଫେବୃୟାରୀ ୧୮ରେ ହରିୟାଣାର ପାନିପତ୍ ନିକଟରେ ସମ୍‌ଝୌତା ଏକ୍ସପ୍ରେସ ଟ୍ରେନ୍ ଅମୃତସରର ଅଟ୍ଟାରି ଅଭିମୁଖେ ଆସୁଥିବାବେଳେ ସେଥିରେ ବିସ୍ଫୋରଣ ଘଟିଥିଲା।



## ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା
# ୟାକୁବ୍‌ଙ୍କୁ ଆଜୀବନ ଜେଲ୍

**ଅହମଦାବାଦ,୨୦।୩(ପି.ଟି.)**

ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲାରେ ଦୋଷୀସାବ୍ୟସ୍ତ ୟାକୁବ୍ ପଟାଲିୟାଙ୍କୁ ଗୁଜରାଟର ସ୍ୱତନ୍ତ୍ର ଏସ୍‌ଆଇଟି କୋର୍ଟ ବୁଧବାର ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ଏସ୍‌ଆଇଟି ଜଜ୍ ଏଚ୍.ସି. ଭୋରା ଅନ୍ୟ ୫ ଅଭିଯୁକ୍ତଙ୍କ ବୟାନ ଆଧାରରେ ୟାକୁବ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୨ ଫେବୃୟାରୀ ୨୭ରେ ଗୋଧ୍ରା ଷ୍ଟେଶନରେ ସାବରମତୀ ଏକ୍ସପ୍ରେସ୍‌ର ୨ ବଗିରେ ନିଆଁ ଲଗାଇଦେବାରୁ ୫୯ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଏହାକୁ ନେଇ ଗୁଜରାଟରେ ଦଙ୍ଗା ହୋଇଥିଲା। ଏନେଇ ୟାକୁବ୍‌ଙ୍କ ନାମରେ ମାମଲା ରୁଜୁ ହେବାର ୧୬ ବର୍ଷ ପରେ ୨୦୧୮ ଜାନୁୟାରୀରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସାବରମତୀ କେନ୍ଦ୍ରୀୟ ଜେଲ୍‌ରେ ସ୍ଥାପିତ ସ୍ୱତନ୍ତ୍ର କୋର୍ଟରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ୨୦୧୧ ମାର୍ଚ୍ଚରେ ସ୍ୱତନ୍ତ୍ର ଏସ୍‌ଆଇଟି କୋର୍ଟ ୩୧ ଜଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡ ଏବଂ ୨୦ ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଥିଲେ। ୨୦୧୭ ଅକ୍ଟୋବରରେ ଗୁଜରାଟ ହାଇକୋର୍ଟ ୧୧ ଜଣଙ୍କ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ବଦଳାଇଦେଇଥିଲେ।

## ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା
# ଇୟୁରେ ପ୍ରସ୍ତାବ ଆଣିଲା ଜର୍ମାନୀ

**ନୂଆଦିଲ୍ଲୀ,୨୦।୩(ପି.ଟି.)**

ଜେଇଏମ୍ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ୟୁରୋପୀୟ ସଂଘ (ଇୟୁ)ରେ ଜର୍ମାନୀ ପ୍ରସ୍ତାବ ଆଣିଛି। ଇୟୁର ଅନେକ ସଦସ୍ୟ ରାଷ୍ଟ୍ରଙ୍କ ସହ ଜର୍ମାନୀ ଏନେଇ ଯୋଗାଯୋଗ ଚଳାଇଛି। ଏହା ସଫଳ ହେଲେ ଇୟୁର ୨୮ ସଦସ୍ୟ ରାଷ୍ଟ୍ରରେ ଆଝାରଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ସେଠାକୁ ତାଙ୍କ ଗସ୍ତ ନିଷିଦ୍ଧ ହେବ। ପୁଲ୍‌ୱାମା ଆକ୍ରମଣ ପରେ ଆଝାରଙ୍କୁ ଜାତିସଂଘର ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ଲାଗି ଭାରତ ଉଦ୍ୟମ କରିଥିଲା। ହେଲେ ପାକିସ୍ତାନର ବନ୍ଧୁ ରାଷ୍ଟ୍ର ଚାଇନା ଏଥିରେ ବାଧକ ସାଜିବାରୁ ପ୍ରସ୍ତାବ କାଟ୍ ଖାଇଯାଇଥିଲା।

# କଂଗ୍ରେସ-ଏନ୍‌ସି ମେଣ୍ଟ ଚୂଡାନ୍ତ



ବରିଷ୍ଠ କଂଗ୍ରେସ ନେତା ଗୁଲାମନବି ଆଜାଦ୍ ଓ ଅମ୍ବିକା ସୋନିଙ୍କ ସହ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଜମ୍ମୁରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

**ଜମ୍ମୁ,୨୦।୩(ପି.ଟି.)**

ଲୋକ ସଭା ନିର୍ବାଚନ ପାଇଁ ଜମ୍ମୁ-କଶ୍ମୀରରେ କଂଗ୍ରେସ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ମଧ୍ୟରେ ବୁଧବାର ମେଣ୍ଟ ଚୂଡାନ୍ତ ହୋଇଛି। ନିଷ୍ପତ୍ତି ଅନୁଯାୟୀ କଂଗ୍ରେସ ୨ଟି ଓ ଏନ୍‌ସି ଗୋଟିଏ ଆସନରେ ଲଢ଼ିବ। ଅନ୍ୟ ତିନୋଟି ଆସନରେ ସେମାନେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ କରିବାକୁ ରାଜି ହୋଇଥିବା କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଏବଂ ଏନ୍‌ସି ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଗଣମାଧ୍ୟମକୁ କହିଛନ୍ତି। କଂଗ୍ରେସ ଜମ୍ମୁ ଓ ଉଧାମପୁର ଆସନରୁ ଲଢ଼ିବାକୁ ଥିବାବେଳେ ଏନ୍‌ସି ଶ୍ରୀନଗରରୁ ଲଢ଼ିବ। ବାରମୁଲ୍ଲା, ଅନନ୍ତନାଗ ଏବଂ ଲଦାଖ ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବ ବୋଲି ଅବଦୁଲ୍ଲା କହିଛନ୍ତି। ଫାରୁକ ଶ୍ରୀନଗର ଲୋକସଭା ଆସନରୁ ଲଢ଼ିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ଷ୍ଟାର ପ୍ରଚାରକ ହେବେ।

### ଶ୍ରୀନଗରରୁ ଲଢ଼ିବେ ଫାରୁକ୍

# ଆଡଭାନୀଙ୍କୁ ଝୁଲାଇ ରଖିଛି ଭାଜପା

**ଅହମଦାବାଦ,୨୦।୩(ପି.ଟି.)**

ଭାଜପାର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଲୋକ ସଭା ନିର୍ବାଚନରେ ଏଥର ପ୍ରାର୍ଥୀ ହେବେ କି ନାହିଁ ଏହାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ୯୧ ବର୍ଷୀୟ ଆଡଭାନୀ ଗାନ୍ଧୀନଗର ନିର୍ବାଚନ ମଣ୍ଡଳୀରୁ ଲୋକ ସଭାକୁ ୬ ଥର ନିର୍ବାଚିତ ହୋଇଛନ୍ତି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୮୦ ଓ ୯୦ ଦଶକରେ ଭାଜପାର ଶକ୍ତି ବୃଦ୍ଧି କରିବାରେ ଆଡଭାନୀଙ୍କର ପ୍ରମୁଖ ଭୂମିକା ଥିଲା। ତେବେ ୨୦୧୪ରେ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ନରେନ୍ଦ୍ର ମୋଦିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିବାରୁ ତାଙ୍କୁ କ୍ଷମତାଠାରୁ ଦୂରେଇ ରଖାଯାଇଥିଲା। ଏଇ ବୟସରେ ସେ କ'ଣ ନିର୍ବାଚନ ଲଢ଼ିବାକୁ ଚାହାନ୍ତି କି ବୋଲି ଏକ ପ୍ରଶ୍ନରେ ତାଙ୍କର ବ୍ୟକ୍ତିଗତ ସଚିବ ଦୀପକ ଚୋପ୍ରା କହିଛନ୍ତି ଏନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ପ୍ରସ୍ତାବ ଆସିଲେ ଆଡଭାନୀ ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ଚୟନରେ ବୟସ ପ୍ରତିବନ୍ଧକ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ବିଜୟ ସମ୍ଭାବନାକୁ ନେଇ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରାର୍ଥୀ ଚୂଡାନ୍ତ କରୁଥିବା ଜଣାପଡିଛି। ତେବେ ଏପର୍ଯ୍ୟନ୍ତ ଆଡଭାନୀଙ୍କୁ ଗାନ୍ଧୀନଗରରୁ ପ୍ରାର୍ଥୀ ହେବା ପାଇଁ ଦଳ ପ୍ରସ୍ତାବ ଦେଇନାହିଁ କିମ୍ବା ସେ ମଧ୍ୟ ଏଥିପାଇଁ ଆବେଦନ କରି ନ ଥିବା ତାଙ୍କ ବ୍ୟକ୍ତିଗତ ସଚିବ କହିଛନ୍ତି। ତେବେ ବୟସ ଦୃଷ୍ଟିରୁ ଆଡଭାନୀ ନିର୍ବାଚନ ନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇପାରନ୍ତି ବୋଲି ଗୁଜରାଟ ଭାଜପାର ଗୋଟିଏ ଗୋଷ୍ଠୀ ନେତା ମତ ଦେଇଛନ୍ତି।





ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'




# ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଲେ ଗୋଆ ମୁଖ୍ୟମନ୍ତ୍ରୀ

**ପଣଜୀ,୨୦।୩(ପି.ଟି.)**

ଗୋଆ ବିଧାନସଭାରେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ବୁଧବାର ତାଙ୍କ ସରକାରର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଛନ୍ତି। ଭାଜପା ନେତୃତ୍ୱାଧୀନ ସରକାରଙ୍କ ସପକ୍ଷରେ ୨୦ ଭୋଟ ପଡିଥିବାବେଳେ ୧୫ ଭୋଟ ବିରୋଧରେ ଯାଇଥିଲା। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ଦୁଇଜଣ ବିଧାୟକଙ୍କ ପରଲୋକ ଏବଂ ଅନ୍ୟ ଦୁଇଜଣଙ୍କ ଇସ୍ତଫା ଯୋଗୁ ଏବେ ଗୃହରେ ୩୬ ସଦସ୍ୟ ଅଛନ୍ତି। ଗତ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପରଲୋକ ଯୋଗୁ ଏହି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଆବଶ୍ୟକ ପଡିଥିଲା। ଆସ୍ଥାଭୋଟ ଜିତିବା ପରେ ଗୃହର ସବୁ ସଦସ୍ୟ ସକରାତ୍ମକ ମନୋଭାବ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସାୱନ୍ତ ଅନୁରୋଧ କରିଥିଲେ।

ପାରିକରଙ୍କ ପରଲୋକ ପରେ ସୋମବାର ବିଳମ୍ବିତ ରାତିରେ ସାୱନ୍ତ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାଜ୍ୟପାଳ ମୃଦୁଳା ସିହ୍ନା ତାଙ୍କୁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ କହିବାସହ ଏଥିପାଇଁ ବୁଧବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ସାୱନ୍ତଙ୍କ ସରକାରଙ୍କୁ ଭାଜପାର ୧୧ ବିଧାୟକଙ୍କ ସମେତ ଗୋଆ ଫରୱାର୍ଡ ପାର୍ଟି ଏବଂ ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟିର ତିନିଜଣ ଲେଖାଏ ବିଧାୟକ ଏବଂ ୩ଜଣ ସ୍ୱାଧୀନ ସଦସ୍ୟ ସମର୍ଥନ ଜଣାଇଥିଲେ। କଂଗ୍ରେସର ସମସ୍ତ ୧୪ ବିଧାୟକ ଏବଂ ଏନ୍‌ସିପିର ଜଣେ ସଦସ୍ୟ ଆସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ଦେଇଥିଲେ।



ପ୍ରମୋଦ ସାୱନ୍ତ

ଅଧିବେଶନ ଆରମ୍ଭରେ ଭାଜପା ବିଧାୟକ ରାଜେଶ ପାଟନେକର ପୂର୍ବତନ ମୁଖ୍ୟମନ୍ତ୍ରୀ ପାରିକର, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଫ୍ରାନ୍ସିସ୍ ଡି'ସୁଜା ଏବଂ ପୂର୍ବତନ ଉପବାଚସ୍ପତି ବିଷ୍ଣୁ ବାଗ୍‌ଙ୍କ ପରଲୋକରେ ଶୋକପ୍ରସ୍ତାବ ଆଣିଥିଲେ। ଏହା ଉପରେ ଆଲୋଚନା ସହ ଗୃହରେ ଶୋକବ୍ୟକ୍ତ କରାଯାଇଥିଲା। ଆସ୍ଥାଭୋଟ ଜିତିବା ପରେ ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ଲାଗି ମୁଖ୍ୟମନ୍ତ୍ରୀ ସାୱନ୍ତ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ୫ ହଜାର ଟଙ୍କା ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ



ଭିଜିଲାନ୍ସ ଅଧିକାରୀ ଚଢାଉ କରୁଛନ୍ତି।

**ବେଦବ୍ୟାସ,୨୦।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲା ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନାର ଏଏସ୍‌ଆଇ (ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର) ମଧୁ ପାତ୍ର ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ୫ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ତାଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡାର ଲାଲୁ ରାମ ଏକ ମିଛ ମାମଲାରେ ଜଡ଼ିତ ହୋଇଥିଲେ। ଏହି ମାମଲାରେ ତାଙ୍କୁ ଜେଲ ନ ପଠାଇବା ପାଇଁ ଏଏସ୍‌ଆଇ ମଧୁ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଲାଲୁ ରାମ ରାଉରକେଲା ଭିଜିଲାନ୍ସ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଲାଲୁ ରାମ ଉକ୍ତ ଟଙ୍କା ଏଏସ୍‌ଆଇଙ୍କୁ ଦେଇଥିଲେ। ସେଠାରେ ଆଗରୁ ଜଗିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରି ଟଙ୍କାକୁ ଜବତ ସହ ଏଏସ୍‌ଆଇଙ୍କୁ କାବୁ କରିନେଇଥିଲେ। ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର ଭିଜିଲାନ୍ସ ଟିମ୍ ମିଳିତ ଭାବେ ଚଢାଉ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ଡ଼ିଏସ୍‌ପି ଦିଲୀପ କର, ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ପରମେଶ୍ୱର କିଷାନ, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଏ ବିଷୟରେ ରାଉରକେଲା ଭିଜିଲାନ୍ସ ଭାରପ୍ରାପ୍ତ ଅଧିକାରୀ ଜେ.ପି.ପଟେଲଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ତଦନ୍ତ ଚାଲିଛି। ତଦନ୍ତ ପରେ ସବିଶେଷ ତଥ୍ୟ ମିଳିବ।






# ବିମାନବନ୍ଦରରୁ ଅଷ୍ଟ୍ରେଲିଆ ନିର୍ମିତ ସୁନା ବିସ୍କୁଟ ଜବତ

## ■ ପଗଡ଼ିରେ ଲୁଚାଇଥିଲେ ପଞ୍ଜାବୀ ଯୁବକ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ)**

ବାରମ୍ବାର ଧରାପଡ଼ିବା ସତ୍ତ୍ୱେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବେଆଇନ ସୁନା ଚାଲାଣ ଜାରି ରହିଛି। ବୁଧବାର ଅମର ସିଂ ନାମକ ଜଣେ ଯାତ୍ରୀଙ୍କୁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ସିଆଇଏସ୍‌ଏଫ୍) ପକ୍ଷରୁ ଯାଞ୍ଚବେଳେ ତାଙ୍କଠାରୁ ୬୧୩.୪ ଗ୍ରାମର ଦୁଇଟି ସୁନା ବିସ୍କୁଟ ମିଳିଛି। ଜବତ ସୁନାର ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କଷ୍ଟମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଜବତ ସୁନା।

ବୁଧବାର ଭୋର୍ ୫ଟା ୧୫ରେ ଦିଲ୍ଲୀ ଯିବା ନେଇ ବୋର୍ଡିଂ ପାସ କରିଥିଲେ। ପରେ ସେ ଭିତରକୁ ପ୍ରବେଶ ଯିବାକୁ ସିଆଇଏସ୍‌ଏଫ୍ ଯାଞ୍ଚ କରିବା ସମୟରେ ଆଲାରାମ ବାଜି ଉଠିଥିଲା। ସୁରକ୍ଷାକର୍ମୀଙ୍କ ସନ୍ଦେହ ହେବାରୁ ସେମାନେ ଅମରଙ୍କୁ ସ୍ୱତନ୍ତ୍ର ଯାଞ୍ଚ କକ୍ଷକୁ ନେଇ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଶେଷରେ ସେ ପିନ୍ଧିଥିବା କଳା ପଗଡି ଭିତରୁ ଦୁଇଟି ସୁନା ବିସ୍କୁଟ ମିଳିଥିଲା। ତାହାକୁ ବ୍ଲାକ୍‌ଟେପ୍ ଗୁଡ଼ାଇ ଲୁଚାଇ ରଖାଯାଇଥିଲା। ପରେ ସିଆଇଏସ୍‌ଏଫ୍ କର୍ତ୍ତୃପକ୍ଷ ଅମର ଓ ଜବତ ସୁନାକୁ କଷ୍ଟମ ବିଭାଗକୁ ହସ୍ତାନ୍ତର କରିଥିଲେ। କଷ୍ଟମ ବିଭାଗ ଅଧିକାରୀମାନେ ଯାଞ୍ଚ ପରେ ତାହା ଅଷ୍ଟ୍ରେଲିଆ ନିର୍ମିତ ସୁନା ବୋଲି ଜଣାପଡିଥିଲା। ଅମର ଏତେ ପରିମାଣର ସୁନା କାହା ନିର୍ଦ୍ଦେଶରେ କେଉଁଠୁ କାହା ପାଖକୁ ନେଉଥିଲେ ସେନେଇ ଖୋଳତାଡ଼ କରୁଛି କଷ୍ଟମ ବିଭାଗ।

ଅନ୍ୟପକ୍ଷରେ ସୁନା ଚାଲାଣକାରୀ ଅମରଙ୍କୁ କଷ୍ଟମ ବିଭାଗ ଅଧିକାରୀମାନେ ପଚରାଉଚରା କରିଥିଲେ। ମିଳିଥିବା ସୂଚନାନୁସାରେ, ତାଙ୍କ ଘର ପଞ୍ଜାବରେ ହୋଇଥିବାବେଳେ ପଗଡ଼ିରେ ସୁନା ଲୁଚାଇଥିଲେ। ମଙ୍ଗଳବାର ମଧରାତ୍ରୀରେ ଅମର ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇଥିଲେ।

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜାନୁୟାରୀ ସମୟରେ ଦେଶର ବିତ୍ତୀୟ ନିୟଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୨୧.୫% ବା ୭.୭୦ ଲକ୍ଷ କୋଟି ଟଙ୍କା ଛୁଇଁଛି।

**-ବାଣିଜ୍ୟ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 20.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 91 | 146 | 156 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 94 | 150 | 160 |
| BLS | 94 | 150 | 160 |
| ANG | 92 | 148 | 158 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


# ଦାୟିତ୍ୱ ଗ୍ରହଣ କଲେ ଲୋକାୟୁକ୍ତ ଅଧ୍ୟକ୍ଷ ଅଜିତ୍ ସିଂ

## ରାଜ୍ୟପାଳଙ୍କୁ ସାକ୍ଷାତ୍ କଲେ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ଜଷ୍ଟିସ୍ ଅଜିତ ସିଂ ବୁଧବାର ରାଜ୍ୟର ପ୍ରଥମ ଲୋକାୟୁକ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗ ଦେବା ପରେ ତାଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ରାଜଭବନ ଆମନ୍ତ୍ରଣ କରିଥିଲେ। ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବାରୁ ରାଜ୍ୟପାଳ ତାଙ୍କୁ ସ୍ୱାଗତ କରିଥିଲେ। ଜଷ୍ଟିସ୍ ସିଂ ଓ ତାଙ୍କ ସ୍ତ୍ରୀ ରାଜ୍ୟପାଳଙ୍କୁ ସାକ୍ଷାତ୍ କରିଥିଲେ। କିଛି ସମୟ ପାଇଁ ସେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ଜଷ୍ଟିସ୍ ସିଂ ଓ ତାଙ୍କ ସ୍ତ୍ରୀଙ୍କୁ ରାଜଭବନକୁ ସ୍ୱାଗତ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଜଷ୍ଟିସ ଅଜିତ୍ ସିଂ ଗୁଜରାଟ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଥିଲେ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଲୋକାୟୁକ୍ତ ଗଠନ ପ୍ରକ୍ରିୟା ଶେଷ ହେବ । ଏପ୍ରିଲ ୮ରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ରାଜ୍ୟ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି।

## ■ ମେଣ୍ଢାପୋଡ଼ି ନୀତି ସମ୍ପନ୍ନ

# ଆଜି ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ,୨୦।୩**

ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ବୁଧବାର ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ନୀତି ସମ୍ପନ୍ନ ହୋଇଛି। ଏହି ଉତ୍ସବକୁ ମେଣ୍ଢାପୋଡ଼ି ନୀତି କୁହାଯାଏ। ଏହି ଅବସରରେ ଠାକୁରଙ୍କ ଦର୍ଶନ ଲାଗି ଦୋଳବେଦିରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଗୁରୁବାର ପବିତ୍ର ଦୋଳପୂର୍ଣ୍ଣିମା। ଶ୍ରୀମନ୍ଦିରରେ ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହେବ। ବୁଧବାର ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ତିନି ବାଡରେ ମଇଲମ ହୋଇଥିଲା। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ଚାଚେରୀ ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଯ ଉପରକୁ ବିଜେ କରିଥିଲେ। ତିନି ବାଡରେ ଚାଚେରୀ ବେଶ ବଡ଼ି ମାଳଫୁଲ ଏବଂ କର୍ପୂର ଲାଗି ହୋଇଥିଲା। ଚାଚେରୀ ଭୋଗ ଉଠିଲା ପରେ ଦକ୍ଷିଣୀଘର ଭୋଗ ସରି ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିଥିଲେ। ଏହାପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ପଣ୍ଡା, ପତି, ମୁଦିରସ୍ତ ଘଟୁଆରି ଘରଠାରୁ ଘଣ୍ଟ, ଛତା, କାହାଳି ସହ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇଥିଲେ। ସିଂହାସନ ତଳେ ମୁଦିରସ୍ତ ତିନିବାଡରେ ଝିମିରି ଫଗୁ ଅଞ୍ଜଳି କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ଚନ୍ଦନ ଫଗୁମଣି ଲାଗି କରିଥିଲେ। ପଣ୍ଡା ଆଜ୍ଞାମାଳ ଦେଲା ପରେ ମହାଜନେ ଠାକୁରଙ୍କୁ ହାତରେ ଜୟବିଜୟ ଦ୍ୱାର, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀ ମନ୍ଦିରଠାରେ ପଲଙ୍କରେ ବିଜେ କରାଇଥିଲେ। ଏହାପରେ ଲକ୍ଷ୍ମୀ ନାରାୟଣଙ୍କ ହୋରି ଫଗୁଖେଳ ହୋଇଥିଲା। ପ୍ରସାଦ ଲାଗି ହୋଇ ବନ୍ଦାପନା ପରେ ମହାଜନେ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ପଲଙ୍କରୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନରେ ଠାକୁର ସିଂହଦ୍ୱାର, ଲଙ୍ଗୁଳି ମଠ ଦେଇ ଦୋଳବେଦିସ୍ଥିତ ଅଗ୍ନି ଉତ୍ସବକୁ ବିଜେ କରିଥିଲେ। ଏହାପରେ ଅଗ୍ନିଘରେ ନିଆଁ ଲଗା ଯାଇଥିଲା। ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ୭ଥର ପ୍ରଦକ୍ଷିଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ପ୍ରଦକ୍ଷିଣ କରୁଛନ୍ତି।






## ଖଟିରେ ଖଟିରେ

# ଗଙ୍ଗେଇଙ୍କୁ ଜଣା

ଟିକେଟ୍ ବଣ୍ଟା ଯେବେଠୁ ଆରମ୍ଭ ହୋଇଛି, ସେବେଠୁ ସ୍ୱପ୍ନ ଦେଖାଇବା ପାଳା ବି ଚାଲିଛି। ରାଜଧାନୀରେ ଯେତେ ଖଟି ଅଛି, ସବୁଠି ସେଇ ଚର୍ଚ୍ଚା। ହେଲେ ଏରୋଡ୍ରମ୍ ପାଖ ଛାତ ନ ଥିବା ସେହି ଚା ଦୋକାନରେ ନାହିଁ ନ ଥିବା ଭିଡ଼। ସେଠି ଖଟି ବେଶ୍ ଜମୁଛି। ଅବଶ୍ୟ ଶାସକ ଦଳିଆଙ୍କ ଭିଡ଼ ସେଠି ହୋଇଥାଏ। ହେଲେ ଯେଉଁମାନେ ଟିକେଟ ପାଇନାହାନ୍ତି, ସେମାନେ ବିରୋଧୀ ଦଳର ଭୂମିକା ନେଉଛନ୍ତି। କେତେଜଣ ଟିକେଟ ନ ପାଇ ଫୁଲ ଦଳକୁ ଆପଣାଇଲେଣି। ତେଣୁ ଛାମୁ କେତେଜଣଙ୍କୁ ରାଜ୍ୟ ସଭା ପଠାଇବେ ବୋଲି ଲଲିପପ୍ ଦେଖାଇଲେଣି। ଦକ୍ଷିଣୀ ମାନ୍ୟବର ଏହା ବୁଝି ଚୁପ୍‌ଚାପ୍ ଅଛନ୍ତି। ଖଟିରେ ଏକଥାକୁ ସମ୍ବଲପୁରିଆ ମଉସା ଲକ୍ଷ୍ୟ କରି ହସକଥାଟିଏ କହିଲେ। ସେ କହିଲେ, ଆରେ ଧନ, ଶିଖରଚଣ୍ଡୀ ମାନ୍ୟବର, ବରଗଡ଼ ଭଦ୍ରଲୋକଙ୍କ ଆସନ ଖାଲି। କେନ୍ଦ୍ରାପଡ଼ା ଜିଲାରୁ ଆସିଥିବା ରଜାପୁଅ ବି ଆସନ ଖାଲି କରିବ। ତେଣୁ ସର୍ବମୋଟ ୩ଟା ଫଳ। ଯଦି ଉପରୋକ୍ତ ମାନ୍ୟବର ହାରିଯାଆନ୍ତି, ତେବେ ଫଳ ଖାଇହେବ ନାହିଁ। ୩ ଫଳକୁ ୩୦ ଆଶାୟୀ ହେଲେଣି, ତେଣୁ ଫଳ କିଏ ଖାଇବ, ତାହା ମା' ଗଙ୍ଗେଇଙ୍କୁ ଜଣା।

# ଚାଲୁ, ଆଗକୁ ଦେଖିବା

ଆରେ ହେ, ଏ ବାପ ଆଉ ପୁଅ ମିଶିକି ସବୁ ଖାଇଯିବେ ଭାବିଛନ୍ତି। ଏଣେ ଲୋକଙ୍କୁ ଲାଗୁଛି ବାପ-ପୁଅ ବାଡ଼ିଆବାଡ଼ି ହେଲେଣି, ହେଲେ କଥା ପୂରା ଓଲଟା। ଏମାନେ ଏମିତି ରଙ୍ଗଢଙ୍ଗ ଦେଖାଇ ସବୁ ନେଇଯିବେରେ ପୁଅ। ଶେଷରେ ଦେଖିବ ସେମାନେ ସେଇ ଆସନ ବି ନେବେ, ଏଣେ ଘର ଭିତରେ ଖାଇପିଇ ଆରାମ କରିବେ। କେତେବେଳେ ଝିଅ ଯାଉଛି ହେରି। ପୁଣି କେତେବେଳେ ପୁଅ କହୁଛି ମୁଁ ଦଳ ଛାଡ଼ିନି, ଇଆ ଭିତରେ ବାପ ବାହାରି ଆସି କହିଲାଣି ବଦଲା ନେବି, ଆରେ ଇଏ କ'ଣ ସବୁ କଥା। ଦେଖିଲା ବେଳକୁ ମିଛଟାରେ ଲୋକେ ବାୟା। ଆଉ କିଛିଦିନ ଯାଉ ଦେଖିବ ଝିଅ କହିବ ମୁଁ ପାପୁଲି ଦଳିଆଙ୍କ ସହ କାମ କରିବି, ତା'ପରେ ଲୋକେ କିଛି ବୁଝିପାରିବେନି। ବମିଖାଲ ତାରିଣୀ ମନ୍ଦିର ପାଖ ଚା ଖଟିରେ ଦୁଇ ବରିଷ୍ଠ ମହାଶୟଙ୍କ ଏମନ୍ତ ଆଲୋଚନା ଶୁଣି ଲୋକମାନେ ଖାଲି ବିଲିବିଲି ହେଇ ଚାହୁଁଥାଆନ୍ତି। ଭଲକି ଟିକେ ଶୁଣିଲା ବେଳକୁ ଜଣେ ବରିଷ୍ଠ ମହାଶୟ ଶଙ୍ଖ ଦଳ ଛାଡ଼ି ଗେରୁଆ ବସ୍ତ୍ର ପରିଧାନ କରିଥିବା ତୁଣ୍ଡି ଖୋଲା ମହାଶୟଙ୍କ ବିଷୟରେ କଥା ଚଳାଇ ଥାଆନ୍ତି। ସେ ଆହୁରି କହିଲେ ଯେ, ବାପ-ପୁଅ ଲଢ଼େଇ ହେଲେ ହିଁ ଜଣାପଡ଼ିବ ଯେ ପ୍ରକୃତରେ କିଏ କାହା ଦଳ ପାଇଁ ଲୟାଲ। ସେଥିରୁ ପାଖରେ ଥିବା ଅନ୍ୟ ଜଣେ ମହାଶୟ କହିଲେ, କ'ଣ ଚାଲୁଚି ଚାଲୁ ଆଗକୁ ଦେଖିବା।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୧ ମାର୍ଚ୍ଚ,୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................



ପାୟଲ
ପରିବାରବର୍ଗ



କୈଳାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



automobile

### SALE

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548



real estate

### SALE

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Booking open for 2,3 BHK flats near Patrapada Mall. Contact: 7381003669. D-11080

Book 4BHK flat (3 toilet), AIIMS Square 150mtr. Aiginia Over Bridge, NH-5, 1622 sqft. @65 lac including parking. 7978584549. D-66044

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-65395

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65861

3BHK flat for sale Jharpada Main Road. 6370535558. Genuine buyers call only. D-11759

**Well developed yellowzone, gharabari plot for sale at Trisuila (Patpur Mouza) Cuttack 2.5km. from High Court, new bridge. Contact: 9438664354, 9937253888.** D-66045

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

**BDA approved plot available near Gandamunda Reliance Fresh, Jagamara, BBSR. Contact: 9438382205, 9439776090.** D-64951

ଭୁବନେଶ୍ୱର ହଂସପାଳ ପାଖରେ 15,00,000/-, ପୁରୀରେ 8,00,000/-ର plot ମିଳୁଛି। 8093465134, 9668194157. D-65398

ପୁରୀ ବାଟମଙ୍ଗଳା ନିକଟ ବାଟଗାଁଛକ ପାଖରେ ସ୍ଥିତିବାନ ଘରବାଡି ପ୍ଲଟ ପାଚେରିସହ 1000 ବର୍ଗଫୁଟକୁ 5 ଲକ୍ଷ 50 ହଜାର ଟଙ୍କା। 8144658008, 8144634252. D-11760

Tamando Market ପାଖରେ, Janla NH-5 ପାଖରେ ଘରବାରି plot ନେଇ ଘରକରନ୍ତୁ। 9438859527. D-11762



construction

Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



healthcare

Newly ayurvedic fullbody massege ladies, gents. 7609923705, 7438851534. D-38551

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



(ଢୁଗୁ)
**ଦିବ୍ୟାଂଶୁ ପ୍ରସାଦ ନାୟକ**
ନିମାପଡ଼ା, ପାଟପୁର
ଆଜି ତୁମର ପବିତ୍ର ତୃତୀୟ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୁମର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଆଶୀର୍ବାଦର ସହ: ନାନା, ବାପା, ଦାଦା, ମାମା, ଖୁଡ଼ୀ, ପିଉସା, ପିଉସୀ, ଭାଇ, ଅଜା, ଆଈ, ଜେଜେମା ଓ ପରିବାରବର୍ଗ। ଧ-୬୪୮୭୨

**୧୧ତମ ଜନ୍ମବାର୍ଷିକୀ ଶୁଭେଚ୍ଛା**



(ଶୁଭମ୍)
**ଭାଗ୍ୟଜିତ୍ ଦାଶ**
ଫାଲଗୁନ ମାସ, ଦୋଳପୂର୍ଣ୍ଣିମା
ତୁମର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାବା, ମା ଓ ପରିବାରବର୍ଗ। ଧ-୬୬୦୪୬

**୮ମ ଜନ୍ମବାର୍ଷିକ ଶୁଭେଚ୍ଛା**



(ଶିୟା)
**ସୌମ୍ୟା ସୁପ୍ରଭା ସାହୁ**
ଗାଡ଼କଣ, ଭୁବନେଶ୍ୱର
ପ୍ରଭୁ ଲକ୍ଷ୍ମୀନାରାୟଣ ତୁମକୁ ଜଣେ ଭଲମଣିଷ କରି ଗଢ଼ିତୋଳନ୍ତୁ, ଏତିକି କାମନା। ଶୁଭେଚ୍ଛା ସହ: ଜେଜେ, ବାପା, ମାମା, ଅଜା, ଆଈ, ମାମୁ ଓ ମାଉସୀମାନେ। ଧ-୧୧୭୫୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ବିବାହର ସୁବର୍ଣ୍ଣଜୟନ୍ତୀ ଶୁଭେଚ୍ଛା**



**ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର**
ଓ
**ଶ୍ରୀମତୀ କମଳା ମିଶ୍ର**
ଶାସ୍ତ୍ରୀନଗର, ଭୁବନେଶ୍ୱର
(ଜନ୍ମସ୍ଥାନ କରିଲୋପାଟଣା, କେନ୍ଦ୍ରାପଡ଼ା)
ଦୋଳପୂର୍ଣ୍ଣିମା ଦିନ ତୁମ ବିବାହର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଭୟଙ୍କର ଦୀର୍ଘ ନିରାମୟ ଦାମ୍ପତ୍ୟ ଜୀବନ ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ। ପରିବାର ଏବଂ ଶ୍ୟାମସୁନ୍ଦରପୁର, ହୁରାସାହି ଓ କରିଲୋପାଟଣା (କେନ୍ଦ୍ରାପଡ଼ା) ଗ୍ରାମର ମିଶ୍ର ପରିବାରବୃନ୍ଦ। ଧ-୧୧୭୨୯

## ପ୍ରଥମ ପୃଷ୍ଠାରୁ...

### ବିଜେଡିରେ...

ଲାଗି କୌଣସି ଘୋଷଣା କରାଯାଇନାହିଁ। ତେଣୁ ବିଜେଡି ଛାଡ଼ିବା ନେତାଙ୍କ ତାଲିକା ଆଗକୁ ଲମ୍ବିବ ବୋଲି ଅନୁମାନ କରାଯାଉଛି। ରାଜନୈତିକ ସମୀକ୍ଷକମାନେ ମଧ୍ୟ ଏହାକୁ ଉଚିତ ଲକ୍ଷଣ ନୁହେଁ ବୋଲି କହିଲେଣି। କେତେଜଣ ନେତା ଖୋଲାଖୋଲି ଦଳ ପରିଚାଳନା କରୁଥିବା ବା ବିଭିନ୍ନ ଜିଲାର ଦାୟିତ୍ୱରେ ଥିବା ନେତାଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ସର୍ବପ୍ରଥମେ ଦଳ ଛାଡ଼ିଥିବା ଏମ୍‌ପି ବଳଭଦ୍ର ମାଝୀ ନବରଙ୍ଗପୁର ପର୍ଯ୍ୟବେକ୍ଷକଙ୍କୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ପରବର୍ତ୍ତୀ ସମୟରେ ଏମ୍‌ପି ଅର୍କ କେଶରୀ, ପ୍ରତ୍ୟୁଷା, ବିଧାୟକ ପୂର୍ଣ୍ଣ ନାୟକ, ସୁକାନ୍ତ ନାୟକ, ଆୟୁବ ଖାଁ, ଦେବରାଜ ମହାନ୍ତି ପ୍ରମୁଖ ଦଳର ତଥାକଥିତ ସଙ୍କଟମୋଚକଙ୍କ ଉପରେ ବର୍ଷିଛନ୍ତି।

ପ୍ରତ୍ୟୁଷା ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କନ୍ଧମାଳ ଓ ନୟାଗଡ ପାଇଁ ତାଙ୍କ ଦ୍ୱାରା କରାଯାଇଥିବା ଦଳୀୟ କାର୍ଯ୍ୟକୁ ଅଣଦେଖା କରାଯାଇଛି। ବିଜେଡି ଓଡ଼ିଶାର ୩୩ ପ୍ରତିଶତ ଲୋକ ସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବ ବୋଲି ସ୍ପଷ୍ଟ କରିବା ପରେ ତାଙ୍କ ଟିକେଟ୍ କଟାଗଲା। ଯଦି ଏପରି କରାଯିବାର ଥିଲା, ତେବେ ପୂର୍ବରୁ କାହିଁକି ତାଙ୍କୁ ଜଣାଗଲା ନାହିଁ ବୋଲି ପ୍ରତ୍ୟୁଷା ପ୍ରଶ୍ନ କରିଛନ୍ତି। ସେ ଦଳର ନୀତି ଏବଂ ନେତୃତ୍ୱର ଆଦର୍ଶରେ କାର୍ଯ୍ୟ କରିବାକୁ ଚାହିଁଥିଲେ, ବିଜେଡି ନେତା ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶରେ ନୁହେଁ। ସ୍ୱାମୀ ହେମେନ୍ଦ୍ର ସିଂଙ୍କ ବିୟୋଗ ପରେ ନୟାଗଡ଼ରେ ରାଜନୈତିକ କ୍ଷେତ୍ରରେ ଅରୁଣ ସାହୁଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି। ଗତ ୪ ବର୍ଷରେ ଏହି କାରଣରୁ ତାଙ୍କ ବିରୋଧରେ ବହୁ ମାମଲା କରାଯାଇଥିବା କହି ପ୍ରତ୍ୟୁଷା ବର୍ଷିଛନ୍ତି। ଏ ସମ୍ପର୍କରେ ସେ ଦଳୀୟ ଫୋରମ୍‌ରେ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯେଉଁଭଳି ଭାବେ ତାଙ୍କୁ ତାଙ୍କର ସ୍ୱର୍ଗତ ସ୍ୱାମୀ ହେମେନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ କରାଇଦିଆଗଲା ନାହିଁ, ତାହା ତାଙ୍କୁ ବାଧିଥିବା ପ୍ରତ୍ୟୁଷା କହିଛନ୍ତି। ସେ ନୟାଗଡ଼ ବିଧାନସଭା ଆସନରୁ ଲଢ଼ିବା ପାଇଁ ଆଗ୍ରହୀ ଥିବା ଖୋଲାଖୋଲି ମନ୍ତବ୍ୟ ଦେଇଥିଲେ। ସେହିପରି ବିଜେଡିରେ ଦୁର୍ନୀତିଗ୍ରସ୍ତଙ୍କୁ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ କରିଛନ୍ତି ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ। ସେ କହିଛନ୍ତି ଯେ, ତାଙ୍କ ନିର୍ବାଚନମଣ୍ଡଳୀର ଆଦିବାସୀ ଏବଂ ଦଳିତଙ୍କ ବିକାଶ ପାଇଁ ଆସିଥିବା ଅର୍ଥ ଆତ୍ମସାତ୍ କରିଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲା, ଯାହା ଦୁର୍ଭାଗ୍ୟଜନକ ବୋଲି ନାୟକ କହିଛନ୍ତି।

ନବୀନଙ୍କ ନେତୃତ୍ୱରେ ପୂର୍ବରୁ ଲଢ଼ାଯାଇଥିବା ୪ଟି ନିର୍ବାଚନ ସମୟରେ ଦଳବଦଳ ହୋଇଥିଲା। ହେଲେ ସେ ସମୟରେ ଅନ୍ୟ ଦଳ ଛାଡ଼ି ବିଜେଡିରେ ମିଶିବା ନିତିଦିନିଆ ଘଟଣା ଥିଲା। ତେବେ ଚଳିତ ଥର ବିଜେଡି ଛାଡ଼ିବା ନେତାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଦଳ ପରିଚାଳନାର ନୀତିଗତ ତ୍ରୁଟି ବିଜେଡି ପାଇଁ ବିପତ୍ତିକୁ ଡାକି ଆଣିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

### ଭାଜପାରେ ଅନ୍ୟ ଦଳ...

ବଲାଙ୍ଗୀରର ଟାଣୁଆ କଂଗ୍ରେସ ନେତା ଗିରିଧର ପତି, ପୂର୍ବତନ ବିଧାୟକ ପ୍ରାର୍ଥିନୀ ଇନ୍ଦୁମତୀ ନାୟକ, ପୂର୍ବତନ ଆଇଏଏସ୍ ଅଫିସର ଅନନ୍ତ ନାୟକ, ମୟୂରଭଞ୍ଜର ପୂର୍ବତନ ଏମ୍‌ପି ତଥା ଜେଏମ୍‌ଏମ୍ ନେତା ଲକ୍ଷ୍ମଣ ଟୁଡୁ ପଦ୍ମ ଦଳର ହାତ ଧରିଛନ୍ତି। ପୋଲସରାର ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଦଶପଲ୍ଲାର ପୂର୍ବତନ ବିଧାୟକ କାଶୀନାଥ ମଲ୍ଲିକ ଏବଂ ପୂର୍ବତନ ବିଜେଡି ସଙ୍ଗଠକ ନୀଳମଣି ବିଶୋୟୀ ଭାଜପାରେ ଯୋଗଦେଇଛନ୍ତି। ପୂର୍ବରୁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ଦାମୋଦର ରାଉତ ଓ କଂଗ୍ରେସ ବିଧାୟକ ପ୍ରକାଶ ବେହେରା ମଧ୍ୟ ପଦ୍ମ ଧରିସାରିଲେଣି।

ବିଜେଡି ଏଥର ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ କଲ୍ୟାଣୀ ଗଜପତି ଓ ଆସିକା ବିଧାନସଭା ଆସନ ପାଇଁ ସ୍ୱର୍ଗତ ଏମ୍‌ପି ଲଡୁକିଶୋର ସ୍ୱାଇଁଙ୍କ ସ୍ତ୍ରୀ ମଞ୍ଜୁଳା ସ୍ୱାଇଁଙ୍କୁ ଟିକେଟ ପ୍ରଦାନ କରିଛି। ଏହା ପରେ ଉଭୟ ଆସନରେ ବିଜେଡି ଟିକେଟ୍ ଆଶାୟୀ ଥିବା ନାରାୟଣ ରାଓ ଓ ଦେବରାଜ ଭାଜପାରେ ଯୋଗଦେଇଛନ୍ତି। ସେହିପରି ନିକଟରେ ବିଜେଡିରେ ସାମିଲ ହୋଇଥିବା ନୀଳଗିରିର ଭାଜପା ନେତ୍ରୀ ସୁଷମା ବିଶ୍ୱାଳଙ୍କୁ ସେହି ସ୍ଥାନରୁ ଟିକେଟ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତେଣୁ ନିଜର ଟିକେଟ୍ ଅନିଶ୍ଚିତ ଜାଣି ବିଧାୟକ ସୁକାନ୍ତ ନାୟକ ମଧ୍ୟ ବିଜେଡି ଛାଡ଼ି ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। କେବଳ ଟିକେଟ୍ ଆଶାୟୀ ନେତା ନୁହନ୍ତି, ତୃଣମୂଳ ପଞ୍ଚାୟତ ପ୍ରତିନିଧି ମଧ୍ୟ ଏବେ ବହୁ ପରିମାଣରେ ଭାଜପା ମୁହାଁ ହୋଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟଠାରେ ଉପରୋକ୍ତ ନେତାମାନେ ଭାଜପାରେ ଯୋଗ ଦେଇଛନ୍ତି। ଧର୍ମେନ୍ଦ୍ର ଏହିସବୁ ନେତାମାନଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା କୁସୁମ ଟେଟେ କହିଛନ୍ତି ଯେ, ଭାଜପା ତାଙ୍କୁ ଯାହା ଦାୟିତ୍ୱ ଦେବ ସେ ମନପ୍ରାଣ ଦେଇ କାର୍ଯ୍ୟ କରିବେ। ସେହିପରି କେ.ନାରାୟଣ ରାଓ କହିଛନ୍ତି, କେତେଜଣ ବ୍ୟକ୍ତିବିଶେଷଙ୍କ ପାଇଁ ତାଙ୍କୁ ବିଜେଡି ଅଗ୍ରାହ୍ୟ କରିଦେଲା। ବିଜେଡିରେ ଆଉ ଗଣତନ୍ତ୍ର ବୋଲି କିଛିନାହିଁ। କେତେଜଣ ଚାଟୁକାର, ତୋଷାମଦିଆ ଏବଂ ସ୍ୱାର୍ଥପର ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ବିଜେଡିରେ ରହି କାର୍ଯ୍ୟକରିବା ଅସମ୍ଭବ ବୋଲି ରାଓ କହିଛନ୍ତି। ନୀଳଗିରି ବିଧାୟକ ସୁକାନ୍ତ କହିଛନ୍ତି ଯେ, ବିଜେଡିରେ ସେ ୨୦ବର୍ଷ ରହି କାର୍ଯ୍ୟ କରି ଆସୁଥିଲେ। ହେଲେ ଯାହାକୁ ଦଳର କର୍ମୀମାନେ ଚିହ୍ନିନାହାନ୍ତି ସେମାନଙ୍କୁ ଟିକେଟ ମିଳୁଥିବା ନାୟକ କହିଛନ୍ତି। ଅପରପକ୍ଷରେ ଏହିସବୁ ନେତାମାନଙ୍କୁ ଭାଜପା ଟିକେଟ ଦେବାର ପ୍ରତିଶ୍ରୁତି ଦେଇ ଦଳରେ ସାମିଲ କରୁଥିବା ଜଣାପଡୁଛି। ଯେଉଁଥିପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିବାରେ ଭାଜପାର ବିଳମ୍ବ ହେଉଥିବା ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହିସବୁ ଆମଦାନୀ ନେତାମାନଙ୍କୁ ଟିକେଟ ମିଳିବାପରେ ଦୀର୍ଘଦିନ ଧରି ଭାଜପା ପାଇଁ କାମ କରୁଥିବା ଏବଂ ପ୍ରାର୍ଥୀ ହେବାକୁ ଆଶା ରଖିଥିବା ନେତା କୁଆଡ଼େ ଯିବେ ବୋଲି ଆଲୋଚନା ହେଉଛି। ଉଦାହରଣ ସ୍ୱରୂପ- ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ। ସେଠାରୁ ପୂର୍ବରୁ ବିଧାୟକ ଥିବା ପ୍ରତାପ ଷଡଙ୍ଗୀ ଏବଂ ବର୍ତ୍ତମାନ ଭାଜପା ସଙ୍ଗଠକ ସନ୍ତୋଷ ଖଟୁଆ ରହିଛନ୍ତି। ଏବେ ସୁକାନ୍ତ ଆସିଲେଣି, ତେଣୁ ପୁରୁଣା ନେତା ଏବଂ ଆମଦାନୀ ନେତାଙ୍କ ମଧ୍ୟରୁ ଭାଜପା କାହାକୁ ଟିକେଟ୍ ଦେଉଛି, ସେଥିପ୍ରତି ସମସ୍ତଙ୍କ ନଜର ରହିବ।








### ଲଣ୍ଡନରେ ନୀରବ...



ତାଙ୍କୁ ଗିରଫ କରାଯାଇଛି ବୋଲି ସ୍କଟଲାଣ୍ଡ ୟାର୍ଡ ପକ୍ଷରୁ ମେଟ୍ରୋପଲିଟାନ ପୋଲିସ ଏକ ବିବୃତି ଜାରି କରିଛି। ପଳାତକ ବ୍ୟବସାୟୀ ନୀରବଙ୍କୁ ବୁଧବାର ଭାରତୀୟ ସମୟ ସାଢ଼େ ୫ଟାରେ ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ତାଙ୍କୁ ଆସନ୍ତା ୨୯ଯାଏ ହାଜତରେ ରହିବାକୁ ପଡ଼ିବ। ସେହି ଦିନ ଚିଫ୍ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ସପ୍ତାହକ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ପ୍ରତ୍ୟର୍ପଣ ଅନୁରୋଧକୁ ବିଚାରକୁ ନେଇ ୱେଷ୍ଟମିନିଷ୍ଟର କୋର୍ଟ ୪୮ ବର୍ଷୀୟ ନୀରବଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏଥିପୂର୍ବରୁ ବ୍ରିଟେନ ସ୍ୱରାଷ୍ଟ୍ର ସଚିବ ସାଜିଦ ଜାଭିଦ ନୀରବଙ୍କ ପ୍ରତ୍ୟର୍ପଣ ସଂକ୍ରାନ୍ତ ଫାଇଲରେ ସ୍ୱାକ୍ଷର କରି ଏହାର ବିଚାର ଲାଗି ୱେଷ୍ଟମିନିଷ୍ଟର କୋର୍ଟକୁ ପଠାଇଦେଇଥିଲେ। ନୀରବଙ୍କ ଗିରଫଦାରୀ ପରେ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ଭଳି ତାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ହେବା ପ୍ରାପ୍ତ ସୂଚନାନୁଯାୟୀ, ମାଲ୍ୟାଙ୍କୁ ମଧ୍ୟ ଲଣ୍ଡନରେ ୨୦୧୭ରେ ଗିରଫ କରାଯାଇଥିଲା। ତେବେ ଅଳ୍ପ କିଛି ସମୟ ମଧ୍ୟରେ ତାଙ୍କୁ ଜାମିନ ମିଳିଯାଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ଭାରତ ଗତବର୍ଷ ଅଗଷ୍ଟରେ ବ୍ରିଟେନ ସରକାରଙ୍କ ନିକଟରେ ମୋଦିଙ୍କ ପ୍ରତ୍ୟର୍ପଣ ଲାଗି ଦାବି ଜଣାଇଥିଲା। ସେ କିଛି ଦିନ ପୂର୍ବେ ଲଣ୍ଡନର ରାଜରାସ୍ତାରେ ବୁଲୁଥିବାର ଦେଖାଯାଇଥିଲା। ଗିରଫ ସ୍ଥାନରୁ ଏହା ସ୍ପଷ୍ଟ ହେଉଛି ଯେ, ନୀରବ ଲଣ୍ଡନର ୱେଷ୍ଟ ଏଣ୍ଡର ସେଣ୍ଟର ପଏଣ୍ଟ ଅଞ୍ଚଳରେ ଏକ ବିଳାସପୂର୍ଣ୍ଣ ଘରେ ରହୁଥିଲେ। ଭାରତ ସରକାର ତାଙ୍କର ପାସପୋର୍ଟ ରଦ୍ଦ କରିବା ପୂର୍ବରୁ ଏହି ହୀରା ବ୍ୟବସାୟୀ ଅତିକମ୍‌ରେ ୪ଥର ଲଣ୍ଡନରେ ଯାତାୟାତ କରିଥିଲେ। ବ୍ରିଟେନ ସରକାରଙ୍କ ନିୟମର ଫାଇଦା ଉଠାଇ ସେ ସେଠାରେ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ମାମୁ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ସହ ମିଶି ନୀରବ ଦୀର୍ଘ ୭ ବର୍ଷ ଧରି ପିଏନ୍‌ବିକୁ ଠକି ଚାଲିଥିଲେ। ବ୍ୟାଙ୍କର ବ୍ରାଡି ହାଉସ ଶାଖାର କେତେକ ଅସାଧୁ ଅଧିକାରୀଙ୍କୁ ହାତବାରିସି କରି ସେ ଏହି କାର୍ଯ୍ୟ ଚଳାଇଥିଲେ ହେଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ଅର୍ଥ ମନ୍ତ୍ରଣାଳୟ ଅଥବା ଖୋଦ ପିଏନ୍‌ବି ଜାଣିପାରି ନ ଥିଲା। ଦେଶର ବ୍ୟାଙ୍କିଙ୍ଗ ଜଗତରେ ଏହା ସର୍ବବୃହତ୍ ଠକେଇ ବୋଲି କୁହାଯାଉଛି।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରସନ୍ନ କୁମାର ପଟ୍ଟନାୟକ**
ଜନ୍ମ: ତା୦୧।୦୧।୧୯୪୬ ରିଖ
ମୃତ୍ୟୁ: ତା୧୩।୦୩।୨୦୧୯ ରିଖ
ତା୨୩।୦୩।୨୦୧୯ ରିଖ ଏକାଦଶାହ
ଜେନାପଦା, ଆଠଗଡ଼, କଟକ
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଏବଂ ପରିବାରବର୍ଗ। ଧ-୧୧୭୪୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ନେହଲତା ରାଓ (ସୁପ)**
ତିରୋଧାନ: ୦୪।୦୩।୨୦୧୮
ଉପର ମାଳିସାହି, ବଡ ଡାକ୍ତରଖାନା ଛକ ନିକଟ, ପୁରୀ-୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲାଣି। ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ସ୍ମୃତି ଆମମାନଙ୍କଠାରେ ଅତୀତରେ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ମଧ୍ୟ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ବଡଝିଅ- ତୁନି, ବଡଜ୍ୱାଇଁ- ବାବୁଲି, ସାନଝିଅ- ରିନି, ସାନଜ୍ୱାଇଁ- ଖୋକନ, ବଡପୁଅ- ସୁଧୀର, ବୋହୂ- ଝୁନୁ, ସାନପୁଅ- ବାବୁଲୁ, ନାତୁଣୀ- ଗୁଡ୍ଡୁ, ନାତି- ସେଲୁ, ପୁପୁନ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ନାତି ଓ ନାତୁଣୀ ଏବଂ ପରିବାରବର୍ଗ। ଧ-୬୩୭୬୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଶ୍ଳୋକାନ୍ତ ପତି ମହାପାତ୍ର**
ଶବର ସାହି, ରସୁଲଗଡ଼, ଭୁବନେଶ୍ୱର
**ଆବିର୍ଭାବ:** ୧୫।୦୨।୨୦୦୧
**ତିରୋଧାନ:** ୧୩।୦୩।୨୦୧୭ (ପବିତ୍ର ହୋଲି)
'ପୁପୁ' ତୋର ପିଲାବେଳର ଚପଳତା, ପାଠପଢ଼ାରେ ମନ, ଫୁଟବଲ୍ ଖେଳ, ସ୍କୁଲରେ ସବୁ କାମରେ ଆଗଭରତା ତଥା ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ରାଜ୍ୟ ପରେଡ୍‌ରେ ଯୋଗଦାନ ସବୁକିଛି ମୋତି ଭଳି ଗୋଟି ଗୋଟି ମନେପଡୁଛି। ଏତେ କମ୍ ସମୟ ରହଣି ମଧ୍ୟରେ ତୋ ସହ ଥିବା ମଜା କଥା, ସବୁବେଳର ହସ ହସ ମୁହଁ, ସବୁ ଖାଇବାରେ ଆଗ୍ରହ ଏବଂ ଜଙ୍ଗଲ ଓ ପଶୁପକ୍ଷୀ ଦେଖିବା, ବୁଲିବା ଓ ଫଟୋଟିଏ ନେବାର ସଉକ କଥା ଭାବିଲା ବେଳକୁ ହୃଦୟଟା ବିଦୀର୍ଣ୍ଣ ହୋଇଯାଉଛି। ତୋର ଦେଶ ପାଇଁ ଶତ୍ରୁ ସଙ୍ଗେ ଲଢ଼ିବାର ନିଶାଟାକୁ ଭଗବାନ ବୁଝିପାରିଲେନି ବୋଧହୁଏ। ସର୍ବଶେଷରେ ତୋ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:** ବାପା, ମାଆ, ନନା, ବୋଉ, ଡିଲି, କକେଇ, ପୁଇ, ଆଈ, ମାମୁ ଓ ମାଇଁମାନେ, ମଉସା, ମାଉସୀ, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୫୮୬୩

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରବିଙ୍କ ସମ୍ମୁଖରେ ମଙ୍ଗଳ ଦୈହିକ ସୁସ୍ଥତା ପ୍ରଦାନ କରିବା ସହ ଯାତ୍ରା, ବାଣିଜ୍ୟରେ ସଫଳତା ସାଙ୍ଗକୁ ବିବାଦରେ ବିଜୟୀ କରାଇବେ। ଦୃଢ଼ ପଦକ୍ଷେପ ନେଇ ଅସଜଡ଼ା ପରିସ୍ଥିତିକୁ ସୁଧାରି ନେବାର ପ୍ରୟନ୍ କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିକୁ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ବୁଧ ରାଶ୍ୟାଧିପ ଶୁକ୍ରଙ୍କ ସମ୍ମୁଖସ୍ଥ ହୋଇ ବନ୍ଧୁଙ୍କ ସହ ସୁସମ୍ପର୍କ ରକ୍ଷା କରିବା ସହ ଅର୍ଥପ୍ରାପ୍ତିର ଯୋଜନା କରିପାରନ୍ତି। ବୌଦ୍ଧିକ ବିଚାରବିମର୍ଶରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହେବେ। ସକାଳୁ ସକାଳୁ କୌଣସି ଶୁଭ ଖବର ପାଇବାର ସୂଚନା ରହିଛି। ସାମାଜିକ ସ୍ତରରେ ପଛକଥା ଚିନ୍ତା ନ କରି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ମିଥୁନ**
ରାଶି ଓ ଚତୁର୍ଥାଧିପଙ୍କଠାରୁ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଅବସ୍ଥାନ କରି ପ୍ରିୟଜନଙ୍କ ସହ ମତାନ୍ତର ସୃଷ୍ଟି କରିବେ। କର୍ମାଧିପ କର୍ମସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ବନ୍ଧୁମାନଙ୍କ ଜରିଆରେ ଆଲୋଚନା କରିପାରନ୍ତି। ପାରିବାରିକ ମନାନ୍ତର କ୍ଷେତ୍ରରେ ଜାଣିଶୁଣି ନୀରବ ରହିବା ଭଲ।

**କର୍କଟ**
ଧନାଧିପ ରବି ରାଶ୍ୟାଧିପ ଚନ୍ଦ୍ରଙ୍କୁ ପ୍ରତ୍ୟକ୍ଷ ଦୃଷ୍ଟି ପ୍ରଦାନ କରୁଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନରେ ଉଚ୍ଚପଦବୀ ପ୍ରାପ୍ତ ହୋଇପାରନ୍ତି। ଆଲୋଚନା ପରିସର, କର୍ମକ୍ଷେତ୍ର, ପ୍ରଶାସନିକ ଅଥବା ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ସିଂହ**
ବ୍ୟୟାଧିପ ଧନସ୍ଥାନରେ ରହି ଆଗାମୀ ବଜେଟ ପ୍ରସ୍ତୁତ କରିବାରେ ତତ୍ପରତା ପ୍ରକାଶ କରାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ବାସ୍ତବ ସମସ୍ୟାରୁ ମୁକ୍ତି ମିଳିନ ପାରେ। ପୂର୍ବ ପରିସ୍ଥିତିରେ ସମ୍ମୁଖୀନ ହୋଇ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସହଯୋଗ ପାଇବେ।

**କନ୍ୟା**
ବକ୍ରୀ ବୁଧ ଷଷ୍ଠଭାବରେ ମିତ୍ରଗୃହୀ ହୋଇ ବନ୍ଧୁଙ୍କ ସାହାଯ୍ୟରେ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆଣିବାରେ ସହାୟକ ହେବେ। ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ସମ୍ମାନ, ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ପ୍ରୀତିପ୍ରଦ ରହିବ। ଅପରାହ୍ନରେ କୌଣସି ସୁଖବର ମନକୁ ଆହ୍ଲାଦିତ କରିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ତୁଳା**
କର୍ମାଧିପ ବ୍ୟୟଭାବରେ ସ୍ଥାନାନ୍ତର କିମ୍ବା ଦୂରଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିପାରନ୍ତି। ନିଜ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପାରସ୍ପରିକ ବୁଝାମଣା ମାଧ୍ୟମରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ।

**ବିଛା**
ଚନ୍ଦ୍ରଙ୍କ ଚତୁର୍ଥ କେନ୍ଦ୍ରରେ ବୃହସ୍ପତି କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିକୁ ନେଲେ ମଧ୍ୟ ସ୍ୱଗୃହହନ୍ତା ବୃହସ୍ପତି ପାରିବାରିକ ଶାନ୍ତିଭଗ୍ନ କରିପାରନ୍ତି। ଶିକ୍ଷା, ସନ୍ତାନ, ପରୀକ୍ଷାରେ ସଫଳତା ପ୍ରଦାନ କରିବା ସହ ଫଳପ୍ରଦ ଆଲୋଚନାରେ ଆତ୍ମତୃପ୍ତି ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ମଧ୍ୟମ ଧରଣର ରହିବ।

**ଧନୁ**
ଶନି କେନ୍ଦ୍ରରେ ଅଷ୍ଟମାଧିପ ରବି ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟାକୁ ବୃଦ୍ଧି କରିବେ। ଗଣତନ୍ତ୍ର, ଆଇନ ଅଦାଲତ ଏପରି କି ଆଧ୍ୟାତ୍ମିକତା କ୍ଷେତ୍ରର ପ୍ରତୀକ ଶନି ନିଜ ନିଜ କ୍ଷେତ୍ରରେ ଶୁଭଫଳ ପ୍ରଦାନ କରିବେ। ଗୁରୁଦୃଷ୍ଟିରୁ ଉତ୍ତମ ଲୋକସମ୍ପର୍କଜନିତ ସାମାଜିକ ସ୍ଥିତି ବହୁତ ଭଲ ରହିବ ଓ ପ୍ରଶଂସିତ ମଧ୍ୟ ହେବେ।

**ମକର**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଭିଳଷିତ କାର୍ଯ୍ୟ ସମ୍ପନ୍ନ ଦିଗରେ ଗ୍ରହସ୍ଥିତି ଅନୁକୂଳ ରହିବ। ସପ୍ତମାଧିପ ଚନ୍ଦ୍ର ଭାଗ୍ୟସ୍ଥାନରେ ନୂତନ ବୈବାହିକ ସମ୍ପର୍କ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଭାବ ସାମୟିକ ମନକୁ ଦୁଃଖ ଦେଇପାରେ। ନିଜ ହିତୈଷୀମାନଙ୍କୁ ବୃଥା ସନ୍ଦେହ କରି ଭୁଲ୍ ଠିକ୍‌ର ବିଚାର କରିପାରିବେ ନାହିଁ।

**କୁମ୍ଭ**
ରାହୁ ଷଷ୍ଠ ସ୍ଥାନରେ ଅବସ୍ଥାନ କରି ସମସ୍ତ ସମସ୍ୟାକୁ ସୁଧାରି ନେବାରେ ସାହାଯ୍ୟ କରିବ। ଅବଶ୍ୟ ଖର୍ଚ୍ଚଭାର ବୃଦ୍ଧି ସାଙ୍ଗକୁ ସମୟର ବିନିଯୋଗ କରି କାର୍ଯ୍ୟ ହାସଲ କରିପାରିବେ। ଅଷ୍ଟମସ୍ଥ ଚନ୍ଦ୍ର ଋଣ ପରିଶୋଧ କରିବା ଲାଗି ମାନସିକ ଚାପର ସମ୍ମୁଖୀନ କରାଇପାରନ୍ତି। ଭଲମନ୍ଦର ମିଶ୍ରିତ ଫଳ ଭିତରେ ସାମୟିକ ଟେନ୍‌ସନ ମାନସିକ ସ୍ଥିତିକୁ ବିଭ୍ରାନ୍ତ କରିପାରେ।

**ମୀନ**
ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଚିନ୍ତାଧାରା, କାର୍ଯ୍ୟପଦ୍ଧତି ଓ ଯୋଜନା ସମୂହକୁ ସୁନିୟନ୍ତ୍ରିତ କରାଇବେ। ହାତକୁ ନେଇଥିବା କାମଟି ସହଜରେ ପୂର୍ଣ୍ଣାଙ୍ଗ ହୋଇପାରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଏବଂ ନୂତନ ପ୍ରକଳ୍ପାଦି କାମ ବହୁତ ଭଲରେ ସମ୍ପନ୍ନ ହେବ। ଶୁକ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ ଓ ବନ୍ଧୁମିଳନାଦିରୁ ସାମୟିକ ଖୁସୀ ରହିପାରନ୍ତି।

ଆଜି ଦୋଳପୂର୍ଣ୍ଣିମାଯୁକ୍ତ ଚୈତ୍ର କୃଷ୍ଣ ପ୍ରତିପଦା, ଗୁରୁବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜାଧିରାଜ ବେଶ, ବସନ୍ତୋତ୍ସବ, ଶ୍ରୀଚୈତନ୍ୟଦେବଙ୍କ ଜନ୍ମୋତ୍ସବ, ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୧୬ମି. ଗତେ ଘ୧୧।୪୪ମି. ମଧ୍ୟେ, ଘ୧।୧୨ମି. ଗତେ ଘ୨।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୦ମି. ମଧ୍ୟେ ଘ୧୧।୪୪ମି. ଗତେ, ଘ୧।୧୨ମି. ମଧ୍ୟେ ମାହେନ୍ଦ୍ରବେଳା।

# ମୁଖ୍ୟମନ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ମୂଲ୍ୟ ୬୩ କୋଟି

ଛତ୍ରପୁର,୨୦।୩(ଡି.ଏନ.ଏ.)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ହିଞ୍ଜିଳି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ସହ ଆଫିଡେଭିଟ୍ ଜରିଆରେ ସମ୍ପତ୍ତି ତାଲିକା ଦାଖଲ କରିଛନ୍ତି। ନବୀନଙ୍କ ଅସ୍ଥାବର ସମ୍ପତିର ମୂଲ୍ୟ ୨୩ ଲକ୍ଷ ୨୬ ହଜାର ୫୫୪ ଟଙ୍କା ୫୨ ପଇସା ଓ ସ୍ଥାବର ସମ୍ପତ୍ତିର ମୂଲ୍ୟ ୬୩ କୋଟି ୬୪ ଲକ୍ଷ ୧୫ ହଜାର ୨୬୧ ଟଙ୍କା ବୋଲି ସେ ଦର୍ଶାଇଛନ୍ତି। ଏଥିସହ ତାଙ୍କ ପାଖରେ ନଗଦ ୨୫ ହଜାର ଟଙ୍କା ଥିବା ଉଲ୍ଲେଖ କରିଛନ୍ତି। ୨୦୧୭-୧୮ରେ ଆଇଟି ରିଟର୍ନ ଫାଇଲ୍ ବେଳେ ନବୀନ ୨୧ ଲକ୍ଷ ୧୭ ହଜାର ୨୨୩ ଟଙ୍କା ଆୟ ଦର୍ଶାଇଛନ୍ତି। ୨୦୧୬-୧୭ରେ ଆଇଟି ରିଟର୍ନରେ ଆୟ ୧୪ ଲକ୍ଷ ୮୪ ହଜାର ୬୪୭ ଟଙ୍କା ଦର୍ଶାଇଥିଲେ । ନୂଆଦିଲ୍ଲୀସ୍ଥିତ ଜନପଥ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଥିବା ନବୀନଙ୍କ ଆକାଉଣ୍ଟରେ ୬ ଲକ୍ଷ ୫୦ ହଜାର ୬୪୮ ଟଙ୍କା ୬୩ ପଇସା ଜମା ଥିବାବେଳେ ପାର୍ଲାମେଣ୍ଟ ହାଉସ ଏସବିଆଇ ଶାଖାରେ ୧୭୩୦ ଟଙ୍କା ୨୨ ପଇସା ରହିଛି। ସେହିପରି ଭୁବନେଶ୍ୱର ବାପୁଜୀ ନଗର ଏସବିଆଇ ଶାଖାରେ ୧୪ ଲକ୍ଷ ୨୦ ହଜାର ୫୫୩ ଟଙ୍କା ୬୭ ପଇସା, ହିଞ୍ଜିଳି ଏସ୍‌ବିଆଇର ୨ଟି ଆକାଉଣ୍ଟରେ ୬୪୬୫ ଟଙ୍କା ଓ ୧ ହଜାର ଟଙ୍କା ଜମା ରହିଛି। ନବୀନଙ୍କର ରହିଛି ୧୯୮୦ ମଡେଲର ଏକ ଆମ୍ବାସାଡର କାର୍, ଯାହାର ମୂଲ୍ୟ ୮୯୦୫ ଟଙ୍କା ହେବ । ସେହିପରି ପାଖରେ ୨ ଲକ୍ଷ ୧୨ ହଜାର ୨୫୨ଟଙ୍କାର ଗହଣା, ହୀରା ଓ ରତ୍ନପଥର ଗୁଡ଼ି ଖଚିତ ବଟନ୍ ରହିଛି। ଫରିଦାବାଦ ଜିଲାର ଟିକରିକ୍ଷେରାରେ ୨୨.୭ ଏକରର ଫାର୍ମ (ମୂଲ୍ୟ ୧୦ କୋଟି ୭୫ ଲକ୍ଷ ୫୧ ହଜାର ୦୭୧ ଟଙ୍କା), ନବୀନ ନିବାସର ମୂଲ୍ୟ ୯ କୋଟି ୫୨ ଲକ୍ଷ ୪୬ ହଜାର ୧୯୦ ଟଙ୍କା, ନୂଆଦିଲ୍ଲୀ ଅବଦୁଲ କଲାମ ରୋଡ୍‌ରେ ଥିବା ସମ୍ପତ୍ତିରେ ପଚାଶ ପ୍ରତିଶତ ଶେୟାର ନବୀନଙ୍କର ରହିଛି । ଭଉଣୀ ଗୀତା ମେହେଟାଙ୍କଠାରୁ ୧୫ ଲକ୍ଷ ଟଙ୍କା ଋଣ ନେଇଥିବା ନବୀନ ଦାଖଲ କରିଥିବା ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି।

# ହିଞ୍ଜିଳି ପାଇଁ ନାମାଙ୍କନପତ୍ର ଦାଖଲ କଲେ ନବୀନ

ଛତ୍ରପୁର,୨୦।୩(ଡି.ଏନ.ଏ.)



ମୁଖ୍ୟମନ୍ତ୍ରୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଛତ୍ରପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନବୀନ ରିଟର୍ନିଂ ଅଫିସର ତଥା ଡେପୁଟି ସବ୍‌କଲେକ୍ଟର ସଚ୍ଚିଦାନନ୍ଦ ନାୟକଙ୍କ ପାଖରେ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ରରେ ଶରତ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ନାଥ ପ୍ରଧାନ, ବୈଜୟନ୍ତୀ ମାଳା ପଟ୍ଟନାୟକ ଓ ସାରସ ସ୍ୱାଇଁ ପ୍ରସ୍ତାବକ ରହିଛନ୍ତି।

ନବୀନ ପ୍ରଥମେ ଆରାଧ୍ୟା ଦେବୀ ମା'ତାରାତାରିଣୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଛତ୍ରପୁର ଯାଇଥିଲେ। ଛତ୍ରପୁର ଷ୍ଟାଡିୟମ ହେଲିପ୍ୟାଡରୁ କାର୍ ଯୋଗେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରାର୍ଥୀ ପ୍ରମିଳା ବିଷୋୟୀ, ଛତ୍ରପୁର ବିଧାନସଭା ଆସନ ପ୍ରାର୍ଥୀ ସୁବାସ ବେହେରା, ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଶ୍ରୀକାନ୍ତ ସାହୁ, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଭିଡିଓ ରେକର୍ଡିଂ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ନବୀନ ଏଥର ୨ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ। ୫ମ ଥର ପାଇଁ ହିଞ୍ଜିଳି ଆସନ ନିମନ୍ତେ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏଥିସହିତ ବରଗଡ଼ ଜିଲା ବିଜେପୁର ଆସନରୁ ସେ ପ୍ରଥମଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


## COLLECTORATE, MALKANGIRI

**District Child Protection Unit (Child Welfare Section)**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରି**

**ବିଜ୍ଞାପନ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗାଙ୍ଗୀ ମାଡି ନାମକ ଏକ ମାନସିକ ବିକୃତ ମହିଳା ଗତ ଫେବୃୟାରୀ ମାସରେ Dist. Headquarter Hospital, Malkangiri ଠାରେ ଏକ ଶିଶୁପୁତ୍ର ଜନ୍ମ ଦେଲାପରେ ସେ ଫେରାର ଅଛନ୍ତି। ତାଙ୍କର ଏକ ଏକମାସର ଶିଶୁପୁତ୍ର ନାମ: ଅଦିତ୍ୟା ପ୍ରକାଶକୁ ଉଦ୍ଧାର କରାଯାଇ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ରଖାଯାଇଅଛି। ଏହି ବାଳକ ଓ ତାର ମା ସମ୍ବନ୍ଧରେ କିମ୍ବା ସେମାନଙ୍କ ଗ୍ରାମ ଠିକଣା ସମ୍ବନ୍ଧରେ କୌଣସି ସୂଚନା ମିଳିପାରୁ ନାହିଁ। ଏଣୁ ଏହି ବାଳକଟିର ଯଦି କୌଣସି ପିତାମାତା କିମ୍ବା ସହୃଦୟ ପରିଜନ ଦାବିଦାର ଥାଆନ୍ତି, ତାହାଲେ ଉପଯୁକ୍ତ ପ୍ରମାଣସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶି) ଦିନ ମଧ୍ୟରେ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି (ଫୋନ ନଂ- **୦୬୮୬୧୨୩୧୨୧୧**)କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ। ଏହି ଶିଶୁର କୌଣସି ଦାବିଦାର ଏକମାସ ମଧ୍ୟରେ ନ ମିଳିଲେ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮ (୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ।

**ଜିଲ୍ଲାପାଳ, ମାଲକାନଗିରି**


# ୫ ଲୋକସଭା, ୨୬ ବିଧାନସଭା ପାଇଁ ନାମାଙ୍କନ ପତ୍ର ଦାଖଲ

ଭୁବନେଶ୍ୱର,୨୦।୩(ବ୍ୟୁରୋ)-ରାଜ୍ୟରେ ପ୍ରଥମ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀମାନଙ୍କର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜୋର ଧରିଲାଣି। ବୁଧବାର ପ୍ରଥମ ପର୍ଯ୍ୟାୟ ଲୋକ ସଭା ଆସନ ପାଇଁ ୩ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ଆସନ ପାଇଁ ଜଣେ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟ ବିଧାନସଭା ପାଇଁ ୧୪ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଆସନ ପାଇଁ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୫ ଜଣ ଲୋକ ସଭା ଓ ୨୬ ଜଣ ବିଧାନସଭା ପାଇଁ ପ୍ରାର୍ଥିପତ୍ର ଦାଲଖ କରିଛନ୍ତି।

# ରାଜୁ ଘିବେଲା ସ୍ୱାଧୀନ ପ୍ରାର୍ଥୀ



ସ୍ୱାଧୀନ ପ୍ରାର୍ଥୀ ରାଜୁ ଘିବେଲା ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

ପଦ୍ମପୁର, ୨୦।୩ (ଡି.ଏନ.ଏ)

ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ବୁଧବାର ରାଜୁ ଘିବେଲା ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜ ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଭାଜପା ଦଳର ବିଭିନ୍ନ ପଦବୀରେ ରହି ସାରିଥିବା ଘିବେଲା ବିଦ୍ରୋହୀ ପ୍ରାର୍ଥୀ ଭାବେ ବିଧାୟକ ପଦ ପାଇଁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । ପ୍ରଥମେ ସ୍ଥାନୀୟ ଅଶୋକ ପଡିଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ବିଭିନ୍ନ ବ୍ଲକରୁ ଆସିଥିବା ବକ୍ତମାନେ ରାଜୁ ଘିବେଲାଙ୍କ ପ୍ରାର୍ଥିତ୍ୱକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲେ । ପରେ ଘିବେଲା ସମର୍ଥକଙ୍କ ଗହଣରେ ଏକ ବିଶାଳ ରାଲି କରି ପଦ୍ମପୁର ସହର ପରିକ୍ରମା କରିଥିଲେ ଏବଂ ଦିନ ପ୍ରାୟ ୨ଟା ସମୟରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ନିକଟରେ ଦୁଇ ସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବିଜେଡି ତରଫରୁ ବରିଷ୍ଠ ନେତା ବିଜୟ ରଞ୍ଜନ ସିଂ ବରିହା ଆସନ୍ତା ୨୫ ତାରିଖ ଓ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ଅର୍ଥାତ ୨୬ ତାରିଖରେ ନାମାଙ୍କନ ଦାଖଲ କରିବେ ବୋଲି ସୂଚନା ମିଳିଛି । କିନ୍ତୁ ଭାଜପା ତରଫରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇ ନ ଥିଲେ ମଧ ବର୍ତ୍ତମାନର ବିଧାୟକ ପ୍ରଦୀପ ପୁରୋହିତ ମଧ ଆସନ୍ତା ୨୬ ତାରିଖରେ ନାମାଙ୍କନ ଦାଖଲ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି ।

# ତୃତୀୟଥର କଂଗ୍ରେସ ସମର୍ଥନରେ ଲଢ଼ିବ ସିପିଆଇ

ବ୍ରହ୍ମପୁର ଅଫିସ,୨୦।୩

- **ଆସିକା ଲୋକ ସଭା କ୍ଷେତ୍ର**
- **୧୯୭୧ରେ ବିଜୁଙ୍କୁ ହରାଇ ଜିତିଥିଲେ ଦ୍ୱିତୀକୃଷ୍ଣ**

ଗଞ୍ଜାମ ଜିଲାର ଗୁରୁତ୍ୱପୂର୍ଣ୍ଣ ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀରେ ତୃତୀୟ ଥର ପାଇଁ କଂଗ୍ରେସ ସମର୍ଥନରେ ଲଢ଼ିବ ସିପିଆଇ। ଏହି ଆସନରେ ଦଳୀୟ ପ୍ରାର୍ଥୀ ନ ଦେବା ପାଇଁ ନିଷ୍ପତ୍ତି ନେଇଛି କଂଗ୍ରେସ। ସୂଚନାଯୋଗ୍ୟ, ୧୯୭୧ ନିର୍ବାଚନରେ ଜାତୀୟସ୍ତରରେ କଂଗ୍ରେସ ଓ ବାମପନ୍ଥୀ ଦଳ ମଧ୍ୟରେ ମେଣ୍ଟ ହୋଇଥିଲା। ସେହି ପ୍ରକାରେ ଆସିକା ସଂସଦୀୟ କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ଥିଲା। ତତ୍କାଳୀନ ଉତ୍କଳ କଂଗ୍ରେସ ପ୍ରାର୍ଥୀ ବିଜୁ ପଟ୍ଟନାୟକ ଓ ସିପିଆଇରୁ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦ୍ୱିତୀକୃଷ୍ଣ ୪୧.୮% ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ବିଜୁ ୪୦.୬% ଭୋଟ ପାଇ ପରାଜିତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୯୯ ନିର୍ବାଚନରେ ମଧ ଆସିକା ଲୋକ ସଭା ଆସନରେ କଂଗ୍ରେସ ସମର୍ଥନରେ ସିପିଆଇରୁ ଦ୍ୱିତୀକୃଷ୍ଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିଜେଡି ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କଠାରୁ ବହୁତ କମ ଭୋଟ ପାଇ ପଣ୍ଡା ପରାସ୍ତ ହୋଇଥିଲେ।

ସୂଚନାଯୋଗ୍ୟ, ସିପିଆଇରୁ ୧୯୬୭, ୧୯୭୭ ଓ ୧୯୮୦ ଲୋକ ସଭା ନିର୍ବାଚନରେ ମଧ ଲଢ଼ି ପଣ୍ଡା ପରାଜିତ ହୋଇଥିଲେ। ୧୯୯୧, ୧୯୯୬ ନିର୍ବାଚନରେ ସିପିଆଇ ପ୍ରାର୍ଥୀ ଦେଇ ନ ଥିଲା। ୧୯୯୮ ନିର୍ବାଚନରେ ନିତ୍ୟାନନ୍ଦ ପ୍ରଧାନ ସିପିଆଇରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ର ଶେଖର ସାହୁ। ଲକ୍ଷାଧିକ ଭୋଟରେ ବିଜୟୀ ହୋଇଥିଲେ ନବୀନ।

ଦୀର୍ଘ ୧୮ ବର୍ଷ ପରେ ୨୦୧୯ ନିର୍ବାଚନରେ ଆସିକା ଲୋକ ସଭା କ୍ଷେତ୍ରରେ କଂଗ୍ରେସ ଓ ସିପିଆଇ ମଧ୍ୟରେ ଆସନ ବୁଝାମଣା ହୋଇଛି। ବରିଷ୍ଠ ସିପିଆଇ ନେତା ରାମକୃଷ୍ଣ ପଣ୍ଡା ପ୍ରାର୍ଥୀ ହୋଇଛନ୍ତି। ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଖଲ୍ଲିକୋଟ, କବିସୂର୍ଯ୍ୟନଗର, ଆସିକା, ସୋରଡ଼ା, ସାନଖେମୁଣ୍ଡି, ପୋଲସରା ଓ ହିଞ୍ଜିଳି ବିଧାନସଭା କ୍ଷେତ୍ର ରହିଛି। ୭ ବିଧାନସଭା ନିର୍ବାଚନ ମଣ୍ଡଳୀ ୨୦୧୪ ନିର୍ବାଚନରେ ବିଜେଡି ଦଖଲ କରିଛି। ତେବେ ସବୁ ବିଧାନସଭା କ୍ଷେତ୍ରରେ ସିପିଆଇର ପକେଟ ଭୋଟ ରହିଛି। ଅପରପକ୍ଷେ ଆସନ ବୁଝାମଣାକୁ କଂଗ୍ରେସ କର୍ମୀମାନେ ବିରୋଧ କରୁଥିବା ସୂଚନା ମିଳିଛି। ତେଣୁ ନିର୍ବାଚନରେ ସେମାନେ କେତେଦୂର ସିପିଆଇ ସପକ୍ଷରେ କାମ କରିବେ ତାହା ସନ୍ଦେହଘେରକୁ ଆସିଛି। ଜିଲା କଂଗ୍ରେସର ଜଣେ ନେତା କହିଛନ୍ତି, ଦଳର ନିଷ୍ପତ୍ତି ପ୍ରକାରେ ଆସନ ବୁଝାମଣା ହୋଇଥିବାରୁ ଆସିକା ଲୋକ ସଭା ଆସନର କଂଗ୍ରେସ କର୍ମୀମାନେ ଆନ୍ତରିକତା ସହିତ ସିପିଆଇ ପ୍ରାର୍ଥୀଙ୍କୁ ସମର୍ଥନ କରିବେ।







ଧରିତ୍ରୀ
DHARITRI
ଗୁରୁବାର, ୨୧ ମାର୍ଚ୍ଚ, ୨୦୧୯

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି।
-ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଶବଦାହରେ ଘଷି

ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ମରୁଛନ୍ତି। ମୁସଲମାନମାନେ ମୃତ ଲୋକର ଶବକୁ ପୋତିଦିଅନ୍ତି ଏବଂ ହିନ୍ଦୁମାନେ ତାକୁ ଅଗ୍ନିରେ ଦାହ କରନ୍ତି। ପାରମ୍ପରିକ ଭାବେ ଦାହ ପାଇଁ କାଠ ବ୍ୟବହୃତ ହୋଇ ଆସୁଥିବା ବେଳେ ଆଜିକାଲି ବିଦ୍ୟୁତ୍‌ଶକ୍ତି ଓ ଗ୍ୟାସ୍ ମଧ୍ୟ ବ୍ୟବହୃତ ହେଲାଣି। କିନ୍ତୁ ଆଜିକାଲି ଜାଳେଣି କାଠର ଘୋର ଅଭାବ। ଦିଲ୍ଲୀରେ ସରକାରୀ ଗାର୍ଡନରମାନେ ଗଛର ଅଳ୍ପ କିଛି ଛୋଟ ଡାଳ କାଟିବାର ଛଳନା କରନ୍ତି। କିନ୍ତୁ ସେମାନେ ପ୍ରାୟ ସବୁ ବଡ଼ ବଡ଼ ଡାଳ କାଟନ୍ତି ଓ ସେସବୁକୁ ନିଗମବୋଧ ଘାଟରେ ବିକ୍ରି କରନ୍ତି। ଯାହା ଲାଭ ହୁଏ ପୂରା ବିଭାଗରେ ବଣ୍ଟା ହୁଏ, ଯେମିତି ଟ୍ରାଫିକ୍ ପୋଲିସ ଆଦାୟ କରୁଥିବା ଲାଞ୍ଚ ଟଙ୍କାରୁ କିଛି କିଛି ଭାଗ ଥାନାର ଅନ୍ୟ ପୋଲିସ ବାବୁମାନଙ୍କୁ ମଧ୍ୟ ଦିଅନ୍ତି। ଗ୍ରାମାଞ୍ଚଳରେ ଜଣେ ଲୋକ ମରିଗଲା ମାନେ ଗୋଟିଏ ଗଛ କଟା ହେବାଟା ନିଶ୍ଚିତ ଏବଂ ଆମ୍ବଗଛଗୁଡ଼ିକ ଏହାର ସବୁଠୁ ବେଶି ଶିକାର ହୁଅନ୍ତି। ସେଥିପାଇଁ ଆମ୍ବଗଛ ସଂଖ୍ୟା ହ୍ରାସ ସହ ଆମ୍ବ ଆଚାର ଶିଳ୍ପ ମଧ୍ୟ କମି କମି ଯାଉଛି। ଗୋଟିଏ ଶବ ପୋଡ଼ିବା ପାଇଁ ପ୍ରାୟ ୬୦୦ କିଲୋ କାଠ ଦରକାର। ଏଥିପାଇଁ ପ୍ରାୟ ୧୫,୦୦୦ ଟଙ୍କା ଖର୍ଚ୍ଚ ହୁଏ। ଗଛ କାଟିବା ବେଆଇନ କିନ୍ତୁ କିଏ ତାକୁ ମାନୁଛି, ଯେତେବେଳେ ଶବ ପୋଡ଼ିବା ପାଇଁ ତାହା ଦରକାର ପଡୁଛି?

ଆଉ ଗୋଟିଏ ସମସ୍ୟା ହେଉଛି ଗାଈ ଛାଡ଼ ଯିବା। ଚାଷୀ ଚାହେଁ ନାହିଁ ତା' ଗାଈକୁ କଂସେଇକୁ ବିକିବା ପାଇଁ କିନ୍ତୁ ସେ ବିକେ। ନ ହେଲେ ତାକୁ ରାସ୍ତା ଉପରକୁ ଖୋଲା ଛାଡ଼ିଦିଏ। ସେ କାହା କ୍ଷେତରେ ପଶି ଫସଲ ଖାଇଲେ କ୍ଷେତ ମାଲିକଙ୍କ ଦ୍ୱାରା ପିଟା ଖାଇ ମରେ। ନ ହେଲେ ଚାଷୀ ଘେରାଇଥିବା ତାରବାଡ଼ରେ ତା' ଗୋଡ଼ ଖଣ୍ଡିଆ ହୁଏ। ଏହିପରି ଅନେକ ଆହତ ଗାଈ ପ୍ରତିଦିନ ବରେଲିସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ଆସୁଛନ୍ତି।

ଦେଶରେ ବହୁ କମ୍ ସଂଖ୍ୟକ ଗୋଶାଳା ଅଛି ଏବଂ ସେଗୁଡ଼ିକ ପରସ୍ପରଠାରୁ ବହୁ ଦୂରତାରେ ଅବସ୍ଥିତ। ନିରୀହ ପ୍ରାଣୀଙ୍କ ପାଇଁ ସେଗୁଡ଼ିକ ଏକପ୍ରକାର ଜେଲଖାନା ପରି। ଅନେକ ଗୋରୁ ଗୋଶାଳାଗୁଡ଼ିକରେ ଖାଇବାକୁ ନ ପାଇ ମରନ୍ତି। କୌଣସି ଗୋଶାଳାର ଉପଯୁକ୍ତ ପରିଚାଳନା ହେଉନାହିଁ। ସେଠାରେ ଗୋରୁଙ୍କ ଚିକିତ୍ସା ପାଇଁ ଡାକ୍ତର ନ ଥାନ୍ତି। ମାଲିକମାନେ ପଡ଼ିଆ ଗାଈଙ୍କ ପ୍ରତି ପୂର୍ବ ମାଲିକଙ୍କ ପରି ନିର୍ଦ୍ଦୟ ଭାବ ପ୍ରଦର୍ଶନ କରନ୍ତି।

ଏ ଉଭୟ ସମସ୍ୟାର ଏକ ବ୍ୟବସାୟିକ ସମାଧାନ ରହିଛି। ଗାଈମାନଙ୍କ ପ୍ରତି ଆମେ ଆମ ମନୋଭାବରେ ପରିବର୍ତ୍ତନ ଆଣିବା ଦରକାର। କ୍ଷୀର ଗାଈର ସବୁଠାରୁ ମୂଲ୍ୟବାନ୍ ଜିନିଷ ନୁହେଁ, ସବୁଠାରୁ ମୂଲ୍ୟବାନ୍ ହେଉଛି ତା'ର ଗୋବର। ତା'ର ଗୋବରକୁ ଶବ ପୋଡ଼ିବା କାମରେ ବ୍ୟବହାର କରାଯାଇପାରିବ। ହିନ୍ଦୁମାନେ ଗାଈ ଓ ତା'ର ଗୋବରକୁ ପବିତ୍ର ମାନନ୍ତି, ତେଣୁ କାଠ ବଦଳରେ ଶବଦାହରେ ଗୋବରର ବ୍ୟବହାର କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ।

ଗୋବରରୁ ଘଷିଗଣ୍ଡି ତିଆରି କରିବା ପାଇଁ ମେଶିନ ଅଛି। ଦିଲ୍ଲୀସ୍ଥିତ ମୋ ଗୋଶାଳାରେ ଦୁଇବର୍ଷ ତଳେ ଗୋଟିଏ ମେଶିନ କିଣାଯାଇଥିଲା। ଆମେ ସେଥିରେ ଘଷିଗଣ୍ଡି ତିଆରି କରି ନିଗମବୋଧ ଘାଟରେ ବିକ୍ରି କରୁଛୁ। ଆମେ ଘଷି ବିକି ମାସକୁ ହାରାହାରି ୬୦ ହଜାର ଟଙ୍କା ରୋଜଗାର କରୁଛୁ। ତେବେ ନିଗମବୋଧ ଘାଟକୁ ଆମେ ଯେତିକି ଘଷି ଯୋଗାଉଛୁ, ସେମାନଙ୍କ ଚାହିଦା ତା'ର ଶହେ ଗୁଣରୁ ବି ଅଧିକ।

କାଠ ତୁଳନାରେ ଘଷି ବହୁତ ଶସ୍ତା। କିନ୍ତୁ ଏଥିରେ ଗୋଟିଏ ସମସ୍ୟା ଅଛି। ଲୋକମାନେ ଚକୁଳିପିଠା ଆକୃତିର ଗୋଲାକାର ଘଷି ସାହାଯ୍ୟରେ ତାଙ୍କ ସମ୍ପର୍କୀୟଙ୍କ ଶବକୁ ପୋଡ଼ିବାକୁ ପସନ୍ଦ କରନ୍ତି ନାହିଁ। ସେହି ସମସ୍ୟାକୁ ଦୂର କରିପାରିଛି ଏହି ମେଶିନ। ଏହି ମେଶିନ ସାହାଯ୍ୟରେ ଲମ୍ବା ଚତୁଷ୍କୋଣାକାର କାଠଗଣ୍ଡି ପରି ଘଷିଗଣ୍ଡି ପ୍ରସ୍ତୁତ କରାଯାଇପାରୁଛି। ଗୋଡ଼ରେ ଗୋବର ଚକଟିବା ଓ ହାତରେ ଘଷି ପାରିବା ଦରକାର ନାହିଁ। ମେଶିନରେ ସଜ ଗୋବର ଢାଳିବା ସହ ସେଥିରେ କିଛି ସୁବାସିତ 'ହବନ ସାମଗ୍ରୀ' ମିଶାଇ ଦିଆଯାଏ। ଏ ମେଶିନର ଦାମ୍ ବି ଖୁବ୍ ବେଶି ନୁହେଁ- ୨୫,୦୦୦ରୁ ୩୦,୦୦୦ ଟଙ୍କା ଭିତରେ।

ଗୋବର ସହ ନଡ଼ା ବା ଅନ୍ୟ କିଛି କୃଷିଜାତ ବର୍ଜ୍ୟ ମିଶାଇ ମେଶିନର ହପରରେ ଢଳାଯାଏ। ମେଶିନ ତାକୁ ଗୋଳେଇଗାଳେଇ ବିଭିନ୍ନ ଆକୃତିରେ ଘଷି କରି ବାହାର କରିଦିଏ। ଆମେ ଯେମିତି ଛାଞ୍ଚ ବ୍ୟବହାର କରିବା ସେମିତି ଆକୃତିର ଘଷି ବାହାରିବ। ଏହାପରେ ସେହି ଘଷିଗୁଡ଼ିକରେ ରହିଥିବା ଜଳୀୟ ଅଂଶକୁ ଖରା ଦେଇ ଶୁଖେଇ ଟାଣ କରିବାକୁ ପଡ଼େ। ଏହି ମେଶିନକୁ ବିଦ୍ୟୁତ୍‌ଶକ୍ତି ସାହାଯ୍ୟରେ ଏକ ଅଶ୍ୱଶକ୍ତି ବିଶିଷ୍ଟ ମୋଟରରେ କିମ୍ବା ହାତରେ ବି ଚଳାଯାଇପାରେ। ଏହା ଚଳାଇବା ଅତି ସହଜ, ରକ୍ଷଣାବେକ୍ଷଣ ବିଶେଷ ଦରକାର ନାହିଁ କିମ୍ବା ବେଶି ପରିଶ୍ରମ କରିବାକୁ ପଡ଼େ ନାହିଁ। ଏପରି କି ସ୍ତ୍ରୀଲୋକମାନେ ବି ଏହାକୁ ଦକ୍ଷତାର ସହ ଚଳାଇପାରିବେ।

ଏ ମେଶିନ ତିଆରି ଘଷିଗୁଡ଼ିକ ସହଜରେ ଶୁଖିବା ପାଇଁ ଓ ଭଲ ଜଳିବା ପାଇଁ ତା' ଭିତରେ ନଳିକାକୃତି କଣା କରାଯାଇଥାଏ। ଏହି ମେଶିନ ମିନିଟ୍ ପିଛା ୩ ଇଞ୍ଚ ଚଉଡ଼ା, ୩ ଇଞ୍ଚ ଉଚ୍ଚା ଓ ୩ ଫୁଟ୍ ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ଘଷିଗଣ୍ଡି ତିଆରି କରିପାରେ। ଚୁଲା ଓ ହବନରେ ବ୍ୟବହାର ପାଇଁ ଏହାକୁ ଆହୁରି ଛୋଟ ଛୋଟ ଖଣ୍ଡ କରି କଟାଯାଇପାରିବ। ବାୟୋଗ୍ୟାସ୍ ୟୁନିଟ୍‌ରୁ ବାହାରୁଥିବା ପଙ୍କିଳ ଆବର୍ଜନାକୁ ମଧ୍ୟ ନଡ଼ା ଆଦି କୃଷି ବର୍ଜ୍ୟ ମିଶାଇ ଏହି ଘଷିଗଣ୍ଡି ତିଆରି ପାଇଁ ବ୍ୟବହାର କରାଯାଇପାରିବ।

ଭାରତରେ ପ୍ରତି ଗାଁରେ ଗୋଟିଏ ଗୋଟିଏ ମଶାଣି ରହିଛି। ପ୍ରତି ସହରରେ ଅତି କମ୍‌ରେ ଦୁଇଟି ମଶାଣି ଥାଏ। ଯଦି କୌଣସି ଲୋକ ସେମାନଙ୍କ ସହ ଯୋଗାଯୋଗ କରି ଘଷିଗଣ୍ଡି ଯୋଗାଇବା ପାଇଁ ଚୁକ୍ତି କରେ ତେବେ ସେ ନିଜେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ସହ ଗୋଶାଳାଗୁଡ଼ିକ ମଧ୍ୟ ଲାଭବାନ୍ ହୋଇପାରିବେ। ଗାଈମାନେ ଆଉ ଭୋକରେ ଶୁଖି ଶୁଖି ମରିବେ ନାହିଁ ଏବଂ ସେମାନଙ୍କ ପ୍ରତି ଅମର୍ଯ୍ୟାଦାଜନକ ବ୍ୟବହାର କରାଯିବ ନାହିଁ।

ଗୋବର ଆଉ ଏକ ବଡ଼ ସମସ୍ୟାର ସମାଧାନ କରିପାରିବ। ଭାରତରେ ଜଙ୍ଗଲ ବିଭାଗ ବୃକ୍ଷରୋପଣ କରୁଛି ବୋଲି ଆମେ ଜାଣିଛୁ। ସେମାନଙ୍କୁ ବୃକ୍ଷରୋପଣ କରିବା ଓ ତାକୁ ବଢ଼େଇବା ପାଇଁ କୋଟି କୋଟି ଟଙ୍କା ଦିଆଯାଉଛି। କିନ୍ତୁ ସଫଳତା ହାର ସେମାନଙ୍କ ନିଜ ପ୍ରଦତ୍ତ ତଥ୍ୟ ଅନୁସାରେ ମାତ୍ର ୨%!! ଏହାର ଗୋଟିଏ କାରଣ ହେଉଛି ସେମାନେ ନର୍ସରୀରେ ଚାରା ପ୍ରସ୍ତୁତ ନ କରି ଟଙ୍କାତକ ହଡ଼ପ କରନ୍ତି କିମ୍ବା ଦାୟିତ୍ୱହୀନ ଭାବେ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଚାରାଗଛ ବଢ଼ାନ୍ତି। ଜଙ୍ଗଲ ବିଭାଗର ଦାୟିତ୍ୱହୀନ କର୍ମଚାରୀଙ୍କ ଯୋଗୁ ଅଧିକାଂଶ ଚାରାଗଛ ମରିଯାଏ। ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଗତବର୍ଷ ପ୍ରାୟ ଏକ କୋଟି ଚାରା ରୋପଣ କରିଛନ୍ତି ବୋଲି କୁହାଯାଉଥିବା ବେଳେ ମାତ୍ର କେଇ ଶହ ବଞ୍ଚିଛି। ଏହାଦ୍ୱାରା ସରକାରଙ୍କର କେତେ ଟଙ୍କା ବରବାଦ ହେଉଛି!

ସେହି ଏକା ନିର୍ମାତା ଆଉ ଏକ ମେଶିନ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଗୋବରରୁ ବିଭିନ୍ନ ଆକୃତିର ଫୁଲକୁଣ୍ଡ ତିଆରି କରାଯାଇପାରୁଛି। ଜଙ୍ଗଲ ବିଭାଗର ନର୍ସରୀକୁ ଓ ଘରୋଇ ନର୍ସରୀକୁ ଏ ଫୁଲକୁଣ୍ଡ ବିକ୍ରି କରାଯାଇପାରିବ। ଏ କୁଣ୍ଡ ଗଛଗୁଡ଼ିକୁ ପୋଷଣ ଦେବା ସହ ବର୍ଷାରେ ବା ପାଣି ଦେଲେ ନଷ୍ଟ ହେବ ନାହିଁ। ଏ କୁଣ୍ଡକୁ ଚାରା ସହ ମାଟିରେ ପୋତିଦିଆଯାଇପାରେ। ସବୁ ସରକାର ଏ ବିଷୟରେ ସଚେତନ ହେବା ଦରକାର। ଆପଣ ଏ ଲେଖା ପଢ଼ିବା ପରେ ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ସଚିବଙ୍କ ପାଖକୁ ପଠାନ୍ତୁ। ମୁଁ ବି ଗୋଟିଏ ରାଜ୍ୟରେ ଏହା କରିଥିଲି। ମୁଖ୍ୟମନ୍ତ୍ରୀ ରାଜି ହେଲେ। ମୁଁ ମେଶିନ ପଠାଇଲି। କିନ୍ତୁ ସ୍ଥାନୀୟ ଜଙ୍ଗଲ ଅଫିସର କହିଲେ ଯେ ଏହା କାମ କରୁନି। କାରଣ ଜଣାପଡ଼ିଲା ଯେ, ପ୍ଲାଷ୍ଟିକ୍ ଜରି ବେପାରୀ ତାଙ୍କୁ ଜରି ପିଛା ଟଙ୍କାଟିଏ ଦେଉଥିଲେ। ଏହି ଦୁଇ ପ୍ରକାର ମେଶିନ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରି କିଣାଯାଇପାରିବ: ଡିପ୍ ଟେକ୍ନୋଲୋଜିଜ୍, ୧୦-୧୧ ଉମିୟ ଇଷ୍ଟେଟ୍, ଭାରତ ପାର୍ଟି ପ୍ଲଟ୍ ପାଖ, ରାବାରୀ କଲୋନି, ଆମରାଇ ୱାଡ଼ି, ଅହମଦାବାଦ, ଗୁଜରାଟ-୩୮୦୦୨୬, ଫୋନ୍: ୮୦୪୮୦୧୮୭୯୬।

Email: gandhim@nic.in



ଡ. ସୁବାସ ଚନ୍ଦ୍ର ପାତ୍ର

# ଅଶ୍ଳୀଳତାକୁ ନେଇ ଛଳନା

ଅଶ୍ଳୀଳତାକୁ ନେଇ ମଣିଷର ଛଳନା ଇତିହାସ ପରି ପୁରୁଣା। କିଛିଦିନ ତଳେ ଖଣ୍ଡଗିରି ଯାତ୍ରା ମହୋତ୍ସବ ଅବସରରେ କୌଣସି ଏକ ଅପେରା ମଞ୍ଚ ଉପରେ ମନୋରଞ୍ଜନ ଆଳରେ ଜଣେ ମହିଳା କଳାକାର ଅଙ୍ଗ ପ୍ରଦର୍ଶନ ସହ ଅଶ୍ଳୀଳ ନୃତ୍ୟ ପରିବେଷଣ କରିବାର ଅଭିଯୋଗ ଆସିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଟିଭି ଚ୍ୟାନେଲ ତାଙ୍କ ସହ ସାକ୍ଷାତ୍‌କାର ପ୍ରସାରଣ କଲେ ଏବଂ ଆଉ କେତେକ ଚ୍ୟାନେଲ ପ୍ରତିବାଦ ବାହାନାରେ ସେହି ତଥାକଥିତ ନଗ୍ନ ନୃତ୍ୟକୁ ବାରମ୍ବାର ପ୍ରଦର୍ଶନ ମଧ୍ୟ କଲେ। ଜଣେ ରାଜାଙ୍କୁ ଯଦି ତାଙ୍କ ପାର୍ଷଦ କହେ, 'ମଣିମା, ଆପଣଙ୍କ ବଡ଼ଗୁଣ ହେଲା ଆପଣ ତୋଷାମଦି ଭଲପାଆନ୍ତି ନାହିଁ,' ଏ କଥାଟି ଯେମିତି ଏକ ତୋଷାମଦି, ଅଶ୍ଳୀଳତାକୁ ସମାଲୋଚନା କରିବାକୁ ଯାଇ ତା'ର ନିଖୁଣ ଚିତ୍ରଣ ଓ ପ୍ରସାରଣ ମଧ୍ୟ ଏକ ଛଦ୍ମ ଅଶ୍ଳୀଳତା। ତେବେ ସେ ଅପେରାରେ ଯାହା ଘଟିଲା ତାହା କଳାସମାଜର କଥା। ଯେଉଁମାନେ ପଇସା ଦେଇ ସ୍ୱଇଚ୍ଛାରେ ମନୋରଞ୍ଜନ ପାଇଁ ଯାଇଥିଲେ ସେମାନେ ତାହାର ଗ୍ରାହକ ଏବଂ ସମ୍ପୃକ୍ତ ମହିଳା କଳାକାରଙ୍କ ଭାବଭଙ୍ଗୀ ଶରୀରକୈନ୍ଦ୍ରିକ। ଏହା ଏକ କ୍ଷଣସ୍ଥାୟୀ ସ୍ଥୂଳଜଗତର କଥା। କିନ୍ତୁ ବିଡ଼ମ୍ବନାର କଥା ମଣିଷର, ବିଶେଷତଃ କିଶୋର, କିଶୋରୀ, ବାଳକ, ବାଳିକାମାନଙ୍କର ସମ୍ବେଦନଶୀଳତାକୁ ପାଦରେ ଦଳିଦେଇ ଅଶୋଭନୀୟତାର ସୌଦାଗରମାନେ ବିଭିନ୍ନ କାଇଦାରେ ମଣିଷ ଉପରେ ଯେଉଁ ଅଶ୍ଳୀଳ ଆବର୍ଜନା ଅନବରତ ଲଦି ଦିଅନ୍ତି, ଯାହା କୋମଳ, ନିରୀହ ମନମାନଙ୍କ ଉପରେ ଏକ ଅତ୍ୟାଚାର, ଏକ ଆକ୍ରମଣ, ତାହାର ପ୍ରତିବାଦ ଦେଖାଯାଏ ନାହିଁ। ମନୋରଞ୍ଜନକାମୀ ସମବେତ କିଛି ଦର୍ଶକଙ୍କ ସ୍ଥୂଳମନ ଉପରେ ପ୍ରଭାବ ଖୁବ୍ କ୍ଷଣସ୍ଥାୟୀ କିନ୍ତୁ କୋମଳ, ସୂକ୍ଷ୍ମ ମନ ଓ ଚେତନା ଉପରେ ଅଶ୍ଳୀଳତାର ପ୍ରଭାବ ବେଶ୍ ସୁଦୂରପ୍ରସାରୀ, ଯାହା କାହାକୁ କାହାକୁ ସାରାଜୀବନ ଛଟପଟ କରିପାରେ।

ଦୁଃଖର କଥା ଅଶ୍ଳୀଳତାର କଥା ଉଠିଲେ ଖାଲି ମହିଳା କଳାକାରଙ୍କୁ ଶରବ୍ୟ କରାଯାଏ, କିନ୍ତୁ ଜଣେ ପୁରୁଷ କଳାକାର ଖଣ୍ଡେ ଛୋଟ ତଉଲିଆ ବା ଲୁଙ୍ଗି ଖଣ୍ଡେ ପିନ୍ଧି ସମାନ ବା ଅଧିକ ବୀଭତ୍ସ ଅଶ୍ଳୀଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ କଲେ ତାହା ଧର୍ତ୍ତବ୍ୟ ହୁଏ ନାହିଁ। ତାହା ସଂଖ୍ୟାଗରିଷ୍ଠଙ୍କ ଆମୋଦପ୍ରମୋଦ ରୂପେ ପରିଗଣିତ ହୁଏ। ଅନେକ ସମୟରେ ସେଥିପାଇଁ ବେଶ୍ କରତାଳି ମଧ୍ୟ ମିଳେ। ଅଥଚ କେହି ଥରେ ଭାବନ୍ତି ନାହିଁ ମଞ୍ଚ ବା ପ୍ରେକ୍ଷାଳୟ ବା ଗଣମାଧ୍ୟମର ସେହି ଦୃଶ୍ୟ କୌଣସି ସମ୍ବେଦନଶୀଳ ନାରୀ ବା କିଶୋରୀ ବା ବାଳିକାର ସୂକ୍ଷ୍ମ ଚେତନା ଉପରେ କି ପ୍ରକାର ପ୍ରଭାବ ପକାଉଥିବ? ଖାଲି ସେତିକି ନୁହେଁ ଅଶ୍ଳୀଳତାର ଆକ୍ଷେପ, ତାକୁ ନେଇ 'ପାପଭାର' ମହିଳା କଳାକାରଙ୍କୁ ମୁଣ୍ଡେଇବାକୁ ପଡ଼େ, କିନ୍ତୁ ତାଙ୍କ ପଛରେ ଥିବା କାର୍ପଟଦାର, ଆବର୍ଜନା ବେପାରର ବଣିକମାନଙ୍କୁ କେହି ଖୋଜନ୍ତି ନାହିଁ। ସ୍ଥଳ ବିଶେଷରେ ସେମାନେ କଳାର ପୃଷ୍ଠପୋଷକ ଭାବରେ ଧଳା ପୋଷାକ ପିନ୍ଧି ଭଦ୍ରଲୋକ ଭାବରେ ସମାଜରେ ଆତଯାତ ହୁଅନ୍ତି। ପ୍ରସଙ୍ଗତଃ ମନେପଡ଼େ ସାରସ୍ୱତ ସାଧକ ମନୋଜ ଦାସଙ୍କ ଏକ ଅନୁଭୂତି। ମୁମ୍ବାଇର କୌଣସି ଏକ କାର୍ଯ୍ୟକ୍ରମରେ ଭାଗନେବାକୁ ଯାଇଥିଲା ବେଳେ କାର୍‌ରେ ବସିଥିବା ତାଙ୍କ ସହଯାତ୍ରୀ ଜଣକ ରାସ୍ତାକଡ଼ରେ ଲଗାଯାଇଥିବା କୌଣସି ଏକ ଚଳଚ୍ଚିତ୍ରର ଉତ୍ତେଜନାମୂଳକ ପୋଷ୍ଟରକୁ ରାସ୍ତାକଡ଼ରେ ଘୂରି ବୁଲୁଥିବା କିଛି ଛୋଟ ପିଲାଙ୍କ ଟେକାମରା କାର୍ଯ୍ୟକୁ ଭର୍ତ୍ସନା କରୁଥିଲାବେଳେ ଦାସ କିନ୍ତୁ କହିଥିଲେ, ''ସେମାନେ ପିଲା, ସେମାନେ କ'ଣ କରୁଛନ୍ତି ନିଜେ ହୁଏ ତ ଜାଣନ୍ତି ନାହିଁ। କିନ୍ତୁ ଏ ପ୍ରକାର ସିନେମା ଯେ ନିର୍ମାଣ କରିଛି, ରାସ୍ତାକଡ଼ରେ ଏ ପ୍ରକାର ପୋଷ୍ଟର ଯିଏ ଲଗେଇଛି, ସେ ହିଁ ମୂଳ ଅପରାଧୀ।'' କୌତୁକର କଥା, ସଭାସ୍ଥଳରେ ପହଞ୍ଚି ତାଙ୍କ ଅନୁଭୂତି ସଭାର ଅନ୍ୟତମ ସଂଗଠକଙ୍କୁ କହିଲା ବେଳେ ସେ କହିଲେ, ''ଆପଣ କାହାକୁ କ'ଣ କହିଲେ? ଆପଣଙ୍କ ସହଯାତ୍ରୀ ଭଦ୍ରବ୍ୟକ୍ତି ଜଣକ ହିଁ ସେହି ଚଳଚ୍ଚିତ୍ରର ନିର୍ମାତା!''

ଅଶ୍ଳୀଳତା ଏକ ଆପେକ୍ଷିକ ଶବ୍ଦ। ଯେଉଁ ଦୃଶ୍ୟ ଜଣଙ୍କ ଭିତରେ ଯୌନ ଉଦ୍ଦାମତା ଭରିଦିଏ ସେହି ଦୃଶ୍ୟ ଅନ୍ୟ ଜଣକ ଆଖିରେ ଲୁହ ମଧ୍ୟ ଆଣିଦେଇପାରେ, ତାଙ୍କୁ ଭିନ୍ନ ଭାବରେ ବ୍ୟତିବ୍ୟସ୍ତ କରିପାରେ। ମନୋଜ ଦାସ ତାଙ୍କର ଏକ ବିଦେଶ ଅନୁଭୂତି ଏହି ପ୍ରକାର ବର୍ଣ୍ଣନା କରିଛନ୍ତି- ରାସ୍ତାରେ ଯାଉଛନ୍ତି ଗୋଟିଏ ପରିବାରର ଚାରିଜଣ ସଦସ୍ୟ। ଆଗରେ ଚାଲିଛନ୍ତି ବାପା, ମାଆ, ପଛରେ ଛୋଟ ପିଲା ଦୁଇଜଣ। ରାସ୍ତାକଡ଼ରେ ଏକ ସିନେମା ହଲ ସାମ୍ନାରେ ଲଗାଯାଇଥିବା ବିଶାଳ ପୋଷ୍ଟରରେ ସ୍ୱଳ୍ପବସ୍ତ୍ରପରିହିତା ନାୟିକାର ଚିତ୍ର ଦେଖି ଭାଇଭଉଣୀ ଅଟକନ୍ତି। ପୋଷ୍ଟରଟିକୁ ଦେଖି ସେମାନେ କଥା ହୁଅନ୍ତି ଭିନ୍ନ ଦୃଷ୍ଟିରୁ। ସେମାନେ କହନ୍ତି, ''ଏ ମହିଳାର ସ୍ୱଳ୍ପ ବସ୍ତ୍ର ପରିଧାନ ନିଶ୍ଚୟ ତା'ର ସାମାଜିକ, ଆର୍ଥିକ ଦୁଃସ୍ଥିତିର କାରଣ।'' ତଥାପି କଥାଟା ଅବୁଝା ରହେ। ଆହୁରି କିଛି ଆଲୋଚନା ଚାଲିଥିଲାବେଳେ ବାଘୁଣୀ ଭଳି ଝପଟି ଆସନ୍ତି ସେମାନଙ୍କ ମା'। ସିନେମା ହଲ୍ ଆଗରେ ଠିଆହୋଇ ଏ ପ୍ରକାର 'ଅଶ୍ଳୀଳ' ଦୃଶ୍ୟ କାହିଁକି ଦେଖୁଛନ୍ତି ବୋଲି ପ୍ରଶ୍ନ କରି ବଡ଼ପିଲାଟିକୁ ଦୁଇ ଚାପୁଡ଼ା ଦେଇ ସେଠାରୁ ଘୋଷାରି ନେଇଯାଆନ୍ତି। ମନୋଜ ଦାସ କହନ୍ତି, ସେମାନଙ୍କ ମା' ଏ କ'ଣ କଲେ? ଛୋଟପିଲାମାନେ ନିଜ ନୈତିକ ଜଗତର ନାଗରିକ। ସେମାନଙ୍କୁ ପ୍ରାପ୍ତବୟସ୍କଙ୍କ ପୃଥିବୀକୁ ଟାଣିଆଣି ଆମେ ସେମାନଙ୍କ ମନ ଭିତରେ ଅଶ୍ଳୀଳତାର ମଞ୍ଜି କାହିଁକି ବପନ କରିବା? କହିବା ବାହୁଲ୍ୟ ଖଣ୍ଡଗିରି ଅପେରାର ସେହି ଦୃଶ୍ୟକୁ ବାରମ୍ବାର ପ୍ରସାରଣ କରି, ତାକୁ ଅଶ୍ଳୀଳ କହି ସମ୍ପୃକ୍ତ ନୈତିକ ଠିକାଦାରମାନେ ସେହି କାମ ହିଁ କରିଛନ୍ତି।

ଖଣ୍ଡଗିରି ଦୃଶ୍ୟ ଆମକୁ ଆନ୍ଦୋଳିତ କରେ, କିନ୍ତୁ ଆଇପିଏଲ ମ୍ୟାଚରେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ପାଖାପାଖି ସେହି ପ୍ରକାର ପୋଷାକ ପିନ୍ଧି ଯେଉଁ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରାଯାଏ, କର୍ମେଡି ସର୍କସ ନାମରେ ମନୋରଞ୍ଜନ ଆଖ୍ୟା ଦେଇ ଯେଉଁ ଦୃଶ୍ୟ, ଯେଉଁ ଦ୍ୱ୍ୟର୍ଥବୋଧକ ସଂଳାପ ପରିବେଷଣ କରାଯାଏ ତାହା ଆମକୁ ବିବ୍ରତ କରେନାହିଁ।

ଶ୍ଳୀଳ, ଅଶ୍ଳୀଳ ମଣିଷର ମନଜଗତର କଥା- ଏହା ଯେତିକି ସାମାଜିକ ତାହାଠୁ ଅଧିକ ମନସ୍ତାତ୍ତ୍ୱିକ। ଯେହେତୁ ଏହା ମଣିଷର ପ୍ରବୃତ୍ତି ସହ ଜଡ଼ିତ ଏ ବାବଦରେ ଅଧିକ ପୋଲିସଗିରି କଳାବଜାରକୁ ଜନ୍ମଦିଏ ଅର୍ଥାତ୍ ଆଗ କବାଟ ସରକାରୀ ଭାବରେ ବନ୍ଦ ହେଲେ ପଛକବାଟ ଖୋଲିଯାଏ, କେତେବେଳେ ତାହା ଝରକା ବା ସ୍କାଇଲାଇଟ ଦେଇ ପଶି ଆସିପାରେ, ଯାହା ହୋଇଥିଲା ଇଂଲଣ୍ଡରେ ୧୬୪୨ରୁ ୧୬୬୦ ମଧ୍ୟରେ, ଯେତେବେଳେ ନାଟକ ବା କଳା ପ୍ରଦର୍ଶନ ମଣିଷର ନୈତିକ ସ୍ଖଳନ ପାଇଁ ଦାୟୀ ବୋଲି କୁହାଗଲା। ଅନୁରୂପ ଭାବରେ ମୌଳବାଦୀ ସମାଜର ଚାରିକାନ୍ଥ ଭିତରେ ଅସହ୍ୟ ବ୍ୟଭିଚାର ଚାଲେ, ଯାହାର ପ୍ରମାଣ ଓସାମା ବିନ୍ ଲାଡେନ୍‌ଙ୍କ ଦିନରାତି ଅଶ୍ଳୀଳ ଭିଡିଓ ଦେଖିବାର ପ୍ରବଣତା।

ମୋ- ୯୪୩୭୭୬୨୧୯,
subashbls56@gmail.com

## ଏଇ ଭାରତରେ

କୁହାଯାଏ ବିବାହ ଯୋଡ଼ି ଈଶ୍ୱରଙ୍କ ଦରବାରରେ ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ। ଏହାକୁ ଖଣ୍ଡନ କରିବା ସହଜ ନୁହେଁ। ମଧ୍ୟପ୍ରଦେଶର ଖଣ୍ଡୱାରେ ଏପରି ଏକ ବିରଳ ବାହାଘର ସମ୍ପନ୍ନ ହୋଇଛି। ଖଣ୍ଡୱା ଅନ୍ତର୍ଗତ ପୁନାସା ଗାଁର ବାସିନ୍ଦା ଧନେଶ ରାଜବୈଦ ନିମାଡ ନିବାସୀ ଚେତନା ଶର୍ମାଙ୍କୁ ବିବାହ କରିଛନ୍ତି। ଉଭୟ କନ୍ୟା ଓ ବରଙ୍କ ଉଚ୍ଚତା ୩୬ ଇଞ୍ଚ। ଉଚ୍ଚତା କମ୍ ଥିବାରୁ ଧନେଶଙ୍କ ପାଇଁ କୌଣସି ପ୍ରସ୍ତାବ ଆସୁ ନ ଥିଲା। ସେହିପରି ଚେତନାଙ୍କ ପାଇଁ ଅନେକ ଆଡୁ ପ୍ରସ୍ତାବ ଆସୁଥିଲେ ମଧ୍ୟ ପରେ ବାହାଘର ଭାଙ୍ଗିଯାଉଥିଲା। ଇତିମଧ୍ୟରେ ଦୁହିଁଙ୍କୁ ୩୬ ବର୍ଷ ଟପିବାକୁ ବସିଥିଲା। ତେବେ ପ୍ରଜାପତିଙ୍କ ବିଚିତ୍ର ଘଟସୂତ୍ର ଯୋଗୁ କୌଣସି ସୂତ୍ରରୁ ଦୁଇ ପରିବାର ମଧ୍ୟରେ ପରିଚୟ ହୋଇଥିଲା। ବନ୍ଧୁ ବାନ୍ଧିବା ପାଇଁ ଏହା ସୁଯୋଗ ସୃଷ୍ଟି କରିଥିଲା। ଦୁଇ ପରିବାର ଆଉ କାଳ ବିଳମ୍ବ ନ କରି ବାହାଘର କରିବାକୁ ପ୍ରସ୍ତୁତ ହୋଇପଡିଲେ। ନିର୍ବନ୍ଧ ପରେପରେ ବାହାଘର ମଧ୍ୟ ଆୟୋଜନ ହେଲା। ଏହି ଚର୍ଚ୍ଚିତ ବାହାଘର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି।

## ଚିରନ୍ତନୀ

ଚିନ୍ତାର ବାହାରେ ତବ
ସତ୍ୟ-ରୂପ ଜନମାଏ ଭ୍ରମ,
କ୍ଷୁଦ୍ରତମ ସଙ୍ଗେ ଯହିଁ
ସମାନ ହୋଇଛି ବୃହତ୍ତମ।
ସଂଖ୍ୟାର ଚରମ ତୁମେ
ଗଣକର ଗଣନାର ଶେଷ,
ଅଙ୍କର ଆଦିମ ଶୂନ୍ୟ
ଆଦିମୂଳ ବିଶ୍ୱର ବିଶେଷ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | | | | | | | 5 | | | | 7 |
| 0 | 4 | | | | | | | | | | E | | | |
| 3 | E | | | | | | | 7 | D | 2 | | B | 1 | |
| | | | D | | | 6 | | 5 | | A | 8 | | | |
| 6 | | | | | | | C | | | | 0 | 8 | | |
| | | | | 1 | | 2 | A | | | C | | E | | 8 |
| 5 | | | | 8 | 3 | | D | 6 | 9 | | | | B | A |
| 4 | | | C | | D | | 0 | | | | 3 | | | 2 |
| A | | | | | 0 | | E | | | 7 | | | | 1 |
| | | | | E | | | | | 2 | | | 9 | 6 | |
| 8 | | | | 3 | | 7 | | | | | | | 4 | |
| | | C | | 6 | | | | E | | B | 1 | A | | 3 |
| D | | | 8 | | | | | A | | 4 | | 2 | 7 | B |
| B | | | | | | | 3 | D | | 0 | | 6 | E | C |
| | | | 4 | | C | B | | | | 3 | 5 | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 0 | 4 | 3 | B | 9 | 1 | 7 | 2 | 5 | 8 | D | E | 6 | A |
| 7 | A | 5 | 1 | E | 0 | 3 | B | C | 4 | 6 | 9 | D | 8 | 2 |
| 3 | 1 | 6 | 8 | 5 | D | A | E | 0 | C | 2 | 7 | B | 4 | 9 |
| 9 | D | 8 | A | 2 | C | 4 | 6 | 5 | B | E | 1 | 7 | 0 | 3 |
| E | 2 | B | 7 | 6 | 4 | 9 | 8 | D | 0 | A | 3 | C | 1 | 5 |
| 5 | 3 | E | D | A | 8 | 6 | 1 | 9 | 2 | 4 | C | 0 | 7 | B |
| A | 9 | C | 6 | 7 | 2 | E | 5 | 3 | 8 | B | 0 | 1 | D | 4 |
| 8 | 7 | 2 | 4 | 3 | 5 | 0 | D | B | 1 | 9 | E | 6 | A | C |
| 1 | 4 | 0 | C | 9 | B | 8 | 2 | A | D | 7 | 6 | 5 | 3 | E |
| B | 6 | D | E | 0 | 1 | 7 | C | 4 | A | 3 | 5 | 9 | 2 | 8 |
| 6 | 8 | 3 | 0 | D | E | B | A | 1 | 9 | 5 | 2 | 4 | C | 7 |
| 2 | B | A | 5 | 1 | 6 | D | 9 | 7 | 3 | C | 4 | 8 | E | 0 |
| 0 | C | 7 | B | 8 | 3 | 5 | 4 | E | 6 | D | A | 2 | 9 | 1 |
| 4 | 5 | 1 | 9 | C | 7 | 2 | 3 | 6 | E | 0 | 8 | A | B | D |
| D | E | 9 | 2 | 4 | A | C | 0 | 8 | 7 | 1 | B | 3 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦକ୍ଷେପ ଅତୁଳନୀୟ

ମହାଶୟ,

ସାଂସଦ ତଥାଗତ ସତପଥୀ ଗୋଟିଏ ରାଜନୈତିକ ପରିବାରର ଦାୟାଦ ହୋଇ ଓ ବହୁବର୍ଷ ଧରି ସାଂସଦ ଭାବେ କାର୍ଯ୍ୟ କରି ମଧ୍ୟ ଯେପରି ରାଜନୈତିକ ଜୀବନରୁ ଅବ୍ୟାହତି ନେବା କଥା ଘୋଷଣା କଲେ ତାହା ସମସ୍ତଙ୍କୁ ଚକିତ କରିଛି। ବର୍ତ୍ତମାନ ସମୟରେ ରାଜନୈତିକ ବାତାବରଣ ଯେପରି କଳୁଷିତ ହେଲାଣି ସେ ପରିପ୍ରେକ୍ଷୀରେ ଏପରି ପଦକ୍ଷେପ ଅତୁଳନୀୟ। ସେ କେତୋଟି ଆଦର୍ଶ ମାର୍ଗ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ରାଜନୀତିରେ ରହିବାର ଗୋଟିଏ ବୟସସୀମା ରହୁ। ସାମାଜିକ ଜୀବନରେ ଥାଇ ବି ଜନସେବାରେ ନିମଗ୍ନ ରହିବା ଉଚିତ। ସେ ଯୁବପିଢ଼ି ପାଇଁ ବାଟ ଛାଡ଼ିଦେଇଛନ୍ତି ଏବଂ ବରଗଛ ପରି ହୋଇ ଅନ୍ୟମାନଙ୍କୁ ଉଧେଇବାକୁ ନ ଦେବା ପଥ ବାଛିନାହାନ୍ତି। ଏହା ସ୍ୱାଗତଯୋଗ୍ୟ।

-ପ୍ରକାଶଚନ୍ଦ୍ର ମହାନ୍ତି, ଗ୍ୟାରେଜ ଛକ, ପୁରୁଣା ଭୁବନେଶ୍ୱର

### ପ୍ରଦୂଷିତ ପରିବେଶ

ସୁନ୍ଦର ପରିବେଶ ସୁସ୍ଥ ଜୀବନ ପାଇଁ ଦରକାର। କିନ୍ତୁ ଆଜି ଆମ ବାୟୁମଣ୍ଡଳ ଅଙ୍ଗାରକାମ୍ଳରେ ଭରିଗଲାଣି। ଧୂଳି, ଧୂଆଁ ଅତିଷ୍ଠ କରିଦେଉଛି। ରାସାୟନିକ ସାର ମାଟିପାଣିର କ୍ଷତିସାଧନ କରୁଛି। ବୃଷ୍ଟିପାତର ମାତ୍ରା ଠିକ୍ ରହୁନି। ଆଜି ଆମେ ଗଛ ହାଣି ନିର୍ମାଣ କରୁଛେ କଂକ୍ରିଟ ଜଙ୍ଗଲ। ଭୂତଳ ଜଳ ବିଷକ୍ରିୟାରୁ ମୁକ୍ତ ନୁହେଁ। ଭୂପୃଷ୍ଠ ରାସାୟନିକ ଆସ୍ତରଣରେ ଢାଙ୍କି ହୋଇଗଲାଣି। ତେଣୁ ଆମେ ଆମ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଲାଗି ଯତ୍ନଶୀଳ ହେବା ଆବଶ୍ୟକ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱଚ୍ଛ ପାନୀୟ ଜଳ ଆମ ଅଧିକାର

ବିକାଶ କୁମାର ପତି

ଚିରନ୍ତନ ବିକାଶ ଲକ୍ଷ୍ୟ ସମସ୍ତଙ୍କୁ ୨୦୩୦ ସୁଦ୍ଧା ପାନୀୟ ଜଳ ଯୋଗାଇବା ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍, କେହି ବି ପାନୀୟ ଜଳ ପାଇବାରୁ ବଞ୍ଚିତ ହେବେନି। କିନ୍ତୁ ଆଜି ବି ଲକ୍ଷ ଲକ୍ଷ ଲୋକ ସ୍ୱଚ୍ଛ ପାନୀୟ ଜଳ ବିନା ବଞ୍ଚୁଛନ୍ତି- ତାଙ୍କ ପରିବାର, ବିଦ୍ୟାଳୟ, କର୍ମକ୍ଷେତ୍ର, ସବୁଠି ବଞ୍ଚିବା ପାଇଁ ଓ ତୃଷ୍ଣା ମେଣ୍ଟେଇବା ପାଇଁ କଷ୍ଟ କରୁଛନ୍ତି। ଜାତିସଂଘର ଜଳ ଉପରେ କାମ କରୁଥିବା ବିଭାଗ ଅନୁସାରେ ମହିଳା, ଶିଶୁ, ଭିନ୍ନକ୍ଷମ, ପଛୁଆ ଜାତି ଓ ଜନଜାତି, ବିଶେଷକରି ନିଷ୍ପେଷିତ ବର୍ଗ ପାନୀୟ ଜଳ କ୍ଷେତ୍ରରେ ବହୁ ସମୟରେ ଅଣଦେଖା ହୋଇ ରହିଯାଆନ୍ତି। ଏପରିକି ସେମାନେ ପାନୀୟ ଜଳ ପାଇଁ ବହୁ ଭେଦଭାବର ବି ଶିକାର ହୁଅନ୍ତି। ଏତେମାତ୍ରାରେ ଲୋକ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିବାର କାରଣ ଖୋଜି ସେ ଦିଗରେ ପଦକ୍ଷେପ ନେଇ ଜଳ ସଂକଟକୁ ଦୂର କରିବା ହେଉଛି ୨୨ ମାର୍ଚ୍ଚରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ବିଶ୍ୱ ଜଳ ଦିବସର ଉଦ୍ଦେଶ୍ୟ।

ମାନ ବା ଗୁଣବତ୍ତା ହିଁ ପାନୀୟ ଜଳକୁ ବାକି ସବୁ ଜଳଠାରୁ ଅଲଗା କରିଥାଏ। ପ୍ରଥମତଃ ଜଳ ରଙ୍ଗହୀନ, ସ୍ୱାଦହୀନ, ଗନ୍ଧହୀନ ଓ ସଚ୍ଛ ହେବା ଦରକାର। ଏହା ନିଶ୍ଚିତ ଭାବେ ଜୈବିକ, ରାସାୟନିକ ଓ ଭୌତିକ ପ୍ରଦୂଷଣରୁ ମୁକ୍ତ ହୋଇଥିବା ଆବଶ୍ୟକ। ଜଳର ଏପରି ଉଚ୍ଚ ଗୁଣବତ୍ତା ଉତ୍ତମ ସ୍ୱାସ୍ଥ୍ୟର ମାନଦଣ୍ଡ।

ଦୂଷିତ ଜଳ ଯୋଗୁ ମଣିଷ ଅନେକ ରୋଗ ଭୋଗିଥାଏ ଏବଂ ଏ ଦିଗରେ ଆମ ଦେଶ ବେଶ୍ ଆଗରେ ଅଛି। ଦେଶର ପ୍ରତି କୋଣ-ଅନୁକୋଣରୁ ଝାଡ଼ାବାନ୍ତି, ହଇଜା, କାମଳ ଭଳି ଜଳବାହିତ ବିଭିନ୍ନ ରୋଗର ଖବର ସବୁବେଳେ ମିଳୁଛି। ଏଗୁଡ଼ିକ ମୁଖ୍ୟତଃ ଜୈବିକ ପ୍ରଦୂଷଣଯୁକ୍ତ ପାନୀୟ ଜଳ ବ୍ୟବହାରରୁ ହୋଇଥାଏ। ଆଉ ଏହି ଜୈବିକ ପ୍ରଦୂଷଣ ସାରା ଦେଶରେ ଦେଖିବାକୁ ମିଳେ। ଖୋଲାରେ ମଳତ୍ୟାଗ କରିବା ଦ୍ୱାରା ମଳରେ ଥିବା ଜୀବାଣୁ, ଭୂତାଣୁ ଖାଦ୍ୟ ଓ ପାନୀୟ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରି ଏପରି ରୋଗମାନ ସୃଷ୍ଟି କରିଥାଆନ୍ତି। ଏପରି ସମସ୍ୟାର ପ୍ରତିକାର ପାଇଁ 'ସ୍ୱଚ୍ଛ ଭାରତ ମିଶନ୍' ଦେଶବ୍ୟାପୀ ଚାଲୁଛି। ଏ ଦିଗରେ ବେଶ୍ କିଛି କାମ ହେଲାଣି ଓ ଚାରିଆଡେ ପାଇଖାନା ମଧ୍ୟ ବସିଲାଣି। କିନ୍ତୁ ଏକା ଭଳି ଓ ଏକ କୌଶଳରେ ତିଆରି ଏହିସବୁ ପାଇଖାନା କେତେ କାର୍ଯ୍ୟକାରୀ ଏବଂ ଏଗୁଡ଼ିକ ଜୈବିକ ପ୍ରଦୂଷଣକୁ କମ୍ କରୁଛି କି ଭୂତଳ ଜଳସ୍ତରକୁ ପ୍ରଦୂଷିତ କରୁଛି- ତାହା ସମୟ ହିଁ କହିବ।

ଆମ ଦେଶରେ ପ୍ରତିବର୍ଷ ଜଳର ରାସାୟନିକ ପ୍ରଦୂଷଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଏହି ରାସାୟନିକ ପ୍ରଦୂଷଣ ଲୌହଠୁ ଆରମ୍ଭ କରି ଫ୍ଲୋରାଇଡ୍ ଓ ଆର୍ସେନିକ୍ ଭଳି ମାରାତ୍ମକ ପଦାର୍ଥ ପର୍ଯ୍ୟନ୍ତ ଲମ୍ବିଛି। ପ୍ରତିବର୍ଷ ନୂଆ ନୂଆ ଅଞ୍ଚଳ ଏହି ପ୍ରଦୂଷଣର ଶିକାର ହେଉଛି। ଏହି ରାସାୟନିକ ପ୍ରଦୂଷଣ ଫ୍ଲୋରୋସିସ୍ ଓ ଆର୍ସେନିକୋସିସ୍ ଭଳି ମାରାତ୍ମକ ରୋଗ ସୃଷ୍ଟି କରୁଛି।

## ୨୨।୩ ବିଶ୍ୱ ଜଳଦିବସ ଉପଲକ୍ଷେ

ଯେହେତୁ ରାସାୟନିକ ପ୍ରଦୂଷଣ ଓ ସେଥିରୁ ହେଉଥିବା ରୋଗ ଜୈବିକ ପ୍ରଦୂଷଣ ଜନିତ ରୋଗ ଭଳି ଶୀଘ୍ର ଠଉରେଇ ହୁଏନି କି ସ୍ୱଳ୍ପସମୟ ମଧ୍ୟରେ ଜୀବନ ପ୍ରତି ବିପଦ ଆଣେନି, ତେଣୁ ବହୁ ସମୟରେ ପାନୀୟ ଜଳ ଯୋଗାଣ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉତ୍ତରଦାୟୀ ସଂଗଠନ ବା ବିଭାଗମାନ ଏଥିପ୍ରତି ଧ୍ୟାନ ଦିଅନ୍ତିନି। ତେଣୁ ରାସାୟନିକ ପ୍ରଦୂଷଣ ଏକ ଶୀତଳ ବିଷ ଭଳି ଧୀରେ ଧୀରେ ମଣିଷକୁ ରୋଗାକ୍ରାନ୍ତ କରେ ଓ ଶାରୀରିକ, ଅର୍ଥନୈତିକ ଓ ସାମାଜିକ କ୍ଷତି ପହଞ୍ଚାଇଥାଏ।

ଆମ ଦେଶରେ ଭୂତଳ ଜଳ ଉପରେ ନିର୍ଭରଶୀଳତା ଯଥେଷ୍ଟ ଅଧିକ। ପାନୀୟଜଳଠୁଁ ଆରମ୍ଭକରି କୃଷି ତଥା ଶିଳ୍ପ ପାଇଁ ଭୂତଳ ଜଳର ପ୍ରଚୁର ଆହରଣ ହେଉଛି ରାସାୟନିକ ପ୍ରଦୂଷଣର ଏକ ପ୍ରମୁଖ କାରଣ। ଆଉ ଜଳ ଅମଳ ତଥା ଭୂତଳ ଜଳର ପୁନଃଭରଣା ଦିଗରେ ପଦକ୍ଷେପ ବି ବହୁତ କମ୍। ଫଳରେ ଜଳସ୍ତର କମିବା ସହିତ ଭୂତଳରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ଜଳରେ ମିଶୁଛି ଓ ପ୍ରଦୂଷଣ ବୃଦ୍ଧି ପାଉଛି।

ଏହାଛଡା କୃଷି ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଉଥିବା ପଦକ୍ଷେପ ମଧ୍ୟ ଜଳର ମାନ କମେଇବାରେ ଯଥେଷ୍ଟ ସାହାଯ୍ୟ କରୁଛି। କୃଷିପାଇଁବ୍ୟବହାରକରାଯାଉଥିବାସାରଓରାସାୟନିକ ପଦାର୍ଥ ଭୂପୃଷ୍ଠ ତଥା ଭୂତଳ ଜଳରେ ମିଶି ପ୍ରଦୂଷଣ କରୁଛି। ତା' ସହିତ ଜଳସେଚନ ପାଇଁ ଭୂତଳ ଜଳର ପ୍ରଚୁର ବ୍ୟବହାର ଭୂତଳ ଜଳସ୍ତରକୁ କମେଇ ରାସାୟନିକ ପ୍ରଦୂଷଣ ବଢ଼ାଉଛି।

ସବୁଠୁ ଦୁର୍ଭାଗ୍ୟର ବିଷୟ ହେଲା ଯେ, ଲୋକେ ଜଳର ମାନ ନ ଜାଣି ସେହି ଜଳକୁ ପିଇ ଚାଲିଛନ୍ତି। କାରଣ ଆମ ପାଖରେ ଜଳର ମାନ ପରୀକ୍ଷା କରିବା ପାଇଁ ସୁବିଧା ନାହିଁ। ଯଦିଓ ଭିତ୍ତିଭୂମି ଅଛି, କିନ୍ତୁ ମାନସିକତା ଓ ଦକ୍ଷତାର ଅଭାବ ଯୋଗୁ ଜଳର ମାନ ପରୀକ୍ଷା ହେଉନି। ଯଦି ବି କେଉଁଠି ହେଉଛି, ପରୀକ୍ଷାର ଫଳାଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନି।

ଏବେ ବହୁ ସ୍ଥାନରେ ଜଳକୁ ବିଶୁଦ୍ଧ କରିବା ପାଇଁ ଯନ୍ତ୍ର ବସିଲାଣି। କିନ୍ତୁ ସେ ଯନ୍ତ୍ରଗୁଡ଼ିକ ଜଳର ମାନ ଠିକ୍ କରିବା ବଦଳରେ ଆହୁରି ଅସୁବିଧା ସୃଷ୍ଟି କରୁଛନ୍ତି। ଯନ୍ତ୍ରଗୁଡ଼ିକର ଦକ୍ଷତା, ସେଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଦକ୍ଷତା ଓ ଯନ୍ତ୍ରପାତିର ଆବଶ୍ୟକତା ଏବଂ ସର୍ବୋପରି ସେ ଯନ୍ତ୍ରଗୁଡ଼ିକର ଓଲଟା ପ୍ରଭାବ ସମସ୍ୟାକୁ ଆହୁରି ଜଟିଳ କରୁଛି।

ଏବେ ଏ ଦିଗରେ ପଦକ୍ଷେପ ନେବାର ସମୟ ଆସିଛି। ଜଳର ମାନ ପରୀକ୍ଷା କରାଯିବା ଅତ୍ୟନ୍ତ ଆବଶ୍ୟକ। ପ୍ରଦୂଷିତ ଉତ୍ସକୁ ତୁରନ୍ତ ବନ୍ଦକରି ଲୋକଙ୍କୁ ପ୍ରଦୂଷଣର ମାତ୍ରା ତଥା ପ୍ରଦୂଷଣଜନିତ ରୋଗ ସମ୍ପର୍କରେ ସୂଚନା ଦେବା ମଧ୍ୟ ଜରୁରୀ। ପାନୀୟ ଜଳ ଯୋଗାଣ ପାଇଁ ଉତ୍ତରଦାୟୀ ପ୍ରତ୍ୟେକ ବିଭାଗ ଏହାକୁ ଲୁଚେଇବା କଥା ନୁହଁ। ତା' ଛଡା ବର୍ଷାଜଳ ଅମଳ ଓ ଭୂତଳ ଜଳର ପୁନଃଭରଣା ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ। ସ୍ୱଚ୍ଛ ପାନୀୟ ଜଳ ପାଇବା ସମସ୍ତଙ୍କର ମୌଳିକ ଅଧିକାର ଏବଂ କେହି ସେଥିରୁ ବଞ୍ଚିତ ହେବା ଉଚିତ ନୁହେଁ।

ମୋ-୯୯୩୭୪୧୦୬୬୬, bikashpati@wateraid.org

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୯୪

- ଏୟାର ମାର୍ଶାଲ ଶରଦ ରାମକୃଷ୍ଣ ଦେଶପାଣ୍ଡେ ବିମାନ ବାହିନୀର ନୂତନ ଉପମୁଖ୍ୟ ରୂପେ ଦାୟିତ୍ୱ ଗ୍ରହଣ କଲେ।
- ପାକିସ୍ତାନ ତା'ର ବମ୍ବେସ୍ଥିତ ବାଣିଜ୍ୟ ଦୂତାବାସକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

# ନବୀନ ନିବାସରେ ଭିଡ଼












ବୁଧବାର ନବୀନ ନିବାସରେ ଆଶାୟୀ, ଟିକେଟ ପାଇଥିବା ପ୍ରାର୍ଥୀ ଓ ନେତାଙ୍କ ଭିଡ଼।

# ଭିଜିଲାନ୍ସ ଜାଲରେ ନର୍ଲା ଆର୍‌ଆଇ, ପିଅନ




ଭିଜିଲାନ୍ସ ଟିମ୍ ଆର୍‌ଆଇ ରାକେଶ ରୋଶନ ସାହୁଙ୍କୁ ପଚରାଉଚରା କରୁଛନ୍ତି (ବାମ) । ପିଅନ ଶ୍ୟାମ ସୁନ୍ଦର ବାଗ ।

ସେରଗଡ,୨୦।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଆର୍‌ଆଇ ଓ ପିଅନ ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଗିରଫ ଦ୍ୱୟ ହେଲେ ଆର୍‌ଆଇ ରାକେଶ ରୋଶନ ସାହୁ ଏବଂ ପିଅନ ଶ୍ୟାମ ସୁନ୍ଦର ବାଗ । ଗତ ୧୮ ତାରିଖରେ ନର୍ଲା କିଲବେଡା ଗାଁର ଏକ ବାଲି ବୋଝେଇ ଟ୍ରାକ୍ଟର ଅଟକାଇ ଆର୍‌ଆଇ କାଗଜ ପତ୍ର ଯାଞ୍ଚ କରିଥିଲେ। ଟ୍ରାକ୍ଟରର କାଗଜପତ୍ର ଠିକ୍ ନ ଥିବାରୁ ମାଲିକ ଭରତ ନାଏକଙ୍କୁ ଡକାଇ ୧୮ ହଜାର ଟଙ୍କା ଦେଲେ ଛାଡାଯିବ ବୋଲି କହିଥିଲେ। ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ସେ କହିଥିଲେ। କିନ୍ତୁ ଆରଆଇ ୧୮ ହଜାର ଟଙ୍କରୁ କମ ହେଲେ ସେ ଟ୍ରାକ୍ଟର ଛାଡିବେ ନାହିଁ ଓ ତାଙ୍କ ବିରୋଧରେ କେସ କରିବେ ବୋଲି କହିଥିଲେ। ଶେଷରେ ୭ ହଜାର ଟଙ୍କାରେ ଆର୍‌ଆଇ ରାଜି ହୋଇଥିଲେ। ପରେ ଟ୍ରାକ୍ଟର ମାଲିକ କଳାହାଣ୍ଡି ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାଇ ବୁଧବାର ଭରତ ୭ ହଜାର ଟଙ୍କା ଆରଆଇ ସାହୁଙ୍କୁ ତାଙ୍କ ନର୍ଲାସ୍ଥିତ କାର୍ଯ୍ୟାଳୟରେ ଦେଇଥିଲେ। ସେଠାରେ ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ ଭାବେ ଚଢାଉ କରି ଆର୍‌ଆଇଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ୫ ହଜାର ଟଙ୍କା ଓ ପିଅନ ବାଗଙ୍କଠାରୁ ୨ ହଜାର ଟଙ୍କା ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିଲେ। ପରେ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ଯାଞ୍ଚ ଚାଲିଥିବା ଡିଏସପି ମହାନନ୍ଦ ସୂଚନା ଦେଇଛନ୍ତି ।

# ପୋଷ୍ଟର ମାରିଲେ ମାଓବାଦୀ: ଭୋଟ ବର୍ଜନ ପାଇଁ ଆହ୍ୱାନ

ଲାଞ୍ଜିଗଡ଼,୨୦।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ଜାରି ହୋଇସାରିବା ପରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ କମିଶନ ଓ ପ୍ରଶାସନ ଲାଗି ପଡିଛନ୍ତି। ଅନ୍ୟପକ୍ଷେ ନିର୍ବାଚନ ବର୍ଜନ ପାଇଁ ମାଓବାଦୀ ଆହ୍ୱାନ ଦେଇଛି । ବୁଧବାର ରାୟଗଡା ଜିଲା ହାଟ ଦହିଖାଲରୁ ଲାଞ୍ଜିଗଡ ଆସୁଥିବା ରାସ୍ତାକଡ଼ରେ ଥିବା ବିଭିନ୍ନ ଗଛଗୁଡିକରେ ମାଓବାଦୀମାନେ ପୋଷ୍ଟର ମାରିଛନ୍ତି । ରାଜ୍ୟ ଓ କେନ୍ଦ୍ରର ମିଥ୍ୟା ନିର୍ବାଚନକୁ ବର୍ଜନ କରନ୍ତୁ ବୋଲି ମାଓବାଦୀ ସଙ୍ଗଠନ ପୋଷ୍ଟର ମାଧମରେ ଆହ୍ୱାନ ଦେଇଛି । ବଂଶଧାରା-ଘୁମୁସର-ନାଗାବଳି ଡିଭିଜନାଲ କମିଟି ଦ୍ୱାରା ଜାରି କରାଯାଇଥିବା ଏହି ପୋଷ୍ଟରଗୁଡିକରେ ନିର୍ବାଚନକୁ ବିରୋଧ କରିବା ସହ ଜନସଂଗ୍ରାମ କରିବାକୁ ଆହ୍ୱାନ ଦିଆଯାଇଛି। ମାଓବାଦୀଙ୍କ ବିରୋଧ ଓ ପ୍ରଭାବ ଯୋଗୁ ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତରେ ପୂର୍ବ ନିର୍ବାଚନ ହୋଇ ନ ଥିଲା। ଏଥର ନିର୍ବାଚନ ସୁରୁଖୁରୁରେ ସାରିବାକୁ ପ୍ରଶାସନ ଯୋଜନା କରୁଥିବାବେଳେ ମାଓବାଦୀଙ୍କ ଏହି ପୋଷ୍ଟର ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।




ମାଓବାଦୀମାନେ ଲଗାଇଥିବା ପୋଷ୍ଟର ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ସୁନ୍ଦରଗଡ଼ ଶାଖା, ସୁନ୍ଦରଗଡ଼, ଜିଲ୍ଲା : ସୁନ୍ଦରଗଡ଼
ଶୁଦ୍ଧିପତ୍ର
ଏତଦ୍‌ଦ୍ୱାରା ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ତା.୧୮.୦୨.୨୦୧୯ ଦୈନିକ ଖବର କାଗଜ 'ଧରିତ୍ରୀ' ରେ ପ୍ରକାଶିତ ଆମ୍ଭର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ ସମ୍ପତ୍ତି ନିଲାମର ସମୟ ଓ ତାରିଖ : ୨୦.୦୩.୨୦୧୯ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩.୩୦ ଘଟିକା ପରିବର୍ତ୍ତେ ୨୩.୦୪.୨୦୧୯ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩.୩୦ ଘଟିକା, ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ : ୧୯.୦୩.୨୦୧୯ ପୂର୍ବାହ୍ନ ୧୦ ଘଟିକା ରୁ ଅପରାହ୍ନ ୪ ଘଟିକା ପରିବର୍ତ୍ତେ ୧୮.୦୪.୨୦୧୯ ପୂର୍ବାହ୍ନ ୧୦ ଘଟିକା ରୁ ଅପରାହ୍ନ ୪ ଘଟିକା ଓ ଅମାନତ ଜମା କରିବାର ତାରିଖ ଓ ସମୟ : ୧୫.୦୩.୨୦୧୯ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ପରିବର୍ତ୍ତେ ୧୬.୦୪.୨୦୧୯ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ପଢ଼ିବାକୁ ଅନୁରୋଧ । ନୋଟିସ୍‌ର ଅନ୍ୟାନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
ତାରିଖ : ୨୦.୦୩.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ

ଭିତ୍ତିଭୂମି ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍‌ର ଅସ୍ଥାୟୀ ବାତିଲ

ଉତ୍ତର ରେଳପଥ, ଉତ୍ତର କେନ୍ଦ୍ରୀୟ ରେଳପଥ ଓ ପଶ୍ଚିମ କେନ୍ଦ୍ରୀୟ ରେଳପଥର ବିଭିନ୍ନ ସ୍ଥାନରେ ନିରାପତ୍ତା ଜନିତ ଆଧୁନିକୀକରଣ କାର୍ଯ୍ୟ ସହିତ ଭିତ୍ତିଭୂମି ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍‌କୁ ଅସ୍ଥାୟୀ ରୂପେ ନିମ୍ନ ଅନୁଯାୟୀ ବାତିଲ କରାଯାଇଛି ।

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 18477 | ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ପୁରୀ (05 ଦିନ ଉଭୟ ପଟୁ) | 22.03.2019 ଠାରୁ 26.03.2019 ପର୍ଯ୍ୟନ୍ତ |
| 18478 | ହରିଦ୍ୱାର-ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ହରିଦ୍ୱାର (05 ଦିନ ଉଭୟ ପଟୁ) | 24.03.2019 ଠାରୁ 28.03.2019 ପର୍ଯ୍ୟନ୍ତ |

ପୂର୍ବ ତଟ ରେଳପଥ
PR-559/J/18-19

# ବିଜେଡିର ବାଇକ୍ ଶୋଭାଯାତ୍ରା, କଂଗ୍ରେସର ସ୍ୱାଗତ ଉତ୍ସବ

ଭେଡ଼େନ, ୨୦।୩ (ଡ଼ି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୮ ତାରିଖରେ ନିର୍ବାଚନ ହେବ । ଏଥିପାଇଁ ବିଜେଡ଼ି ପକ୍ଷରୁ ବର୍ତ୍ତମାନର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ପ୍ରାର୍ଥୀ ଘୋଷଣା ପରେ ଭେଡ଼େନ ବ୍ଲକରେ ରାଜନୈତିକ ତାତି ବଢ଼ିଯାଇଛି । ସୋମବାର ଅପରାହ୍ନରେ ବିଜେଡ଼ି ପ୍ରାର୍ଥୀ ଘୋଷଣା ହେବା ପରେ ଭେଡ଼େନ ବସଷ୍ଟାଣ୍ଡରେ ଦଳୀୟ ପ୍ରଚାର ପାଇଁ ବ୍ୟାନର ଲଗାହୋଇଥିଲା। ସ୍ଥାନୀୟ କର୍ମୀମାନେ ଆଗରୁ ସୂଚନା ପାଇଁ ବ୍ୟାନର ପ୍ରସ୍ତୁତ କରିଥିଲେ । ବୁଧବାର ପ୍ରାର୍ଥୀ ଛୁରିଆ ଟିକେଟ ନେଇ ଫେରିବା ପରେ ତାଙ୍କୁ ଗୋଡ଼ଭଗାରେ ସ୍ୱାଗତ କରି ବିଜୁ ଜନତା ଦଳ ତରଫରୁ ଏକ ବାଇକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା । ଅପରାହ୍ନରେ ଭେଡ଼େନ ବିଜୁ ଯୁବ ବାହିନୀ ଅଫିସ ପରିସରରେ ହୋଇଥିବା କର୍ମୀ ସମାବେଶରେ ପ୍ରାର୍ଥୀ ଛୁରିଆ ଉଭୟ ବିଧାୟକ ତଥା ଏମ୍‌ପି ଭୋଟ ଦଳୀୟ ଚିହ୍ନରେ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବହୁ ଦଳୀୟ କର୍ମୀ ଓ ବିଜୁ ଯୁବବାହିନୀ ସଦସ୍ୟ ଯୋଗ ଦେଇଥିଲେ। ଅପରପକ୍ଷରେ ନିହାର ରଞ୍ଜନ ମହାନନ୍ଦ କଂଗ୍ରେସ ପ୍ରାର୍ଥୀ ଘୋଷଣା ହେବା ପରେ ଦଳୀୟ ସମର୍ଥକମାନେ ବାଣଫୁଟାଇ ତାଙ୍କୁ ସ୍ୱାଗତ କରିଥିଲେ । ବରଗଡ଼ ଲୋକସଭା ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ରଥ, ଜିଲା ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏଥିରେ ଯୋଗ ଦେଇଥିଲେ ।



ଭେଡ଼େନ ବିଜୁ ଯୁବବାହିନୀ କାର୍ଯ୍ୟାଳୟରେ ବିଜେଡ଼ି ପ୍ରାର୍ଥିନୀ ଉଦ୍‌ବୋଧନ ଦେଉଛନ୍ତି ।

# କଳାପଥର ଡାକ ପିଅନଙ୍କୁ ହତ୍ୟା

## ଜଙ୍ଗଲରୁ ମିଳିଲା ମୃତଦେହ

ସୋନପୁର,୨୦।୩(ନି.ପ୍ର.)

ସୋନପୁର ଥାନା ଏସ୍ କଳାପଥର ଡାକ ପିଅନ ଶତ୍ରୁଘ୍ନ ଷାଣ୍ଢ(୫୫)ଙ୍କୁ ବୁଧବାର ଭୋରରେ ନିର୍ମମ ଭାବେ ହତ୍ୟା କରାଯାଇଛି। ନିକଟସ୍ଥ ଅର୍ଜ୍ଜୁନପୁର ଜଙ୍ଗଲରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି। ଏକାଧିକ ଲୋକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରିଥିବା ବେଳେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ସୋନପୁର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ମୋବାଇଲ କଲ ଡିଟେଲ୍ସ ଯାଞ୍ଚ କରାଯାଉଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଶତ୍ରୁଘ୍ନଙ୍କ ପୁଅ ଗୁରୁଦେବଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୫୨/୧୯) ରୁଜୁ କରିଛି। ସୂଚନା ଅନୁଯାୟୀ, ଶତ୍ରୁଘ୍ନ ସବୁଦିନ ଭଳି ରାତି ସାଢେ ୩ ଟାରେ ଘରୁ ବାହାରି ନିକଟସ୍ଥ ବନ୍ଧକୁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ଶେଷରେ ପୋଖରୀଠାରୁ ୧ କିଲୋମିଟର ଦୂର ଜଙ୍ଗଲରେ ତାଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ ଦହ ଠାବ ହୋଇଥିଲା। ସୋନପୁର ପୋଲିସ ଏସ୍‌ଡିପିଓ ମିହିର କୁମାର ପଣ୍ଡା, ଥାନା ଅଧିକାରୀ ଲୋକେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମାମଲାର ତଦନ୍ତକାରୀ ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୃତକଙ୍କ ୩ ପୁଅ ଓ ଜଣେ ଝିଅ ଅଛନ୍ତି। ଶତ୍ରୁଘ୍ନ ଜଣେ ସରଳ ପ୍ରକୃତିର ଲୋକ। ଗ୍ରାମରେ ତାଙ୍କୁ ସମସ୍ତେ ଭଲ ପାଉ ଥିଲେ । ଟଙ୍କା ପଇସା ଭାଗବଣ୍ଟା କିମ୍ବା ଜମିଜମା ଗଣ୍ଡଗୋଳକୁ ନେଇ ଏହି ହତ୍ୟା କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କ ଉପକ୍ରମ)
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ପ୍ରତ୍ୟକ ଆକାଉଣ୍ଟର ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା ନିକଟରେ ଉତ୍ତରଦାୟୀ ରହିବେ ।
*ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।*

| ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ନିରୁପମା ସାହୁ**, ସ୍ୱା-ଶ୍ରୀ ସଞ୍ଜୟ କୁମାର ସାହୁ, ଏବଂ **ଶ୍ରୀ ସଞ୍ଜୟ କୁମାର ସାହୁ**, ପିତା- ଶ୍ରୀ ମଙ୍ଗୁଳି ସାହୁ, **ଜାମିନ୍‌ଦାର: ଶ୍ରୀ ମଙ୍ଗୁଳି ସାହୁ**, ପିତା- ବେଣୁଧର ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ ନଂ.-୩୧୬, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର । **ସମ୍ପତ୍ତିର ମାଲିକ: ଶ୍ରୀମତୀ ନିରୁପମା ସାହୁ** । | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଖାତା ନଂ.-୩୧, ପ୍ଲଟ ନଂ.-୮, ଅନୁରୁପ ହାଲ ଖାତା ନଂ.- ୨୫୭, ହାଲ ପ୍ଲଟ ନଂ.-୩୧୬, ଏରିଆ-ଏକର ୦.୦୮ ଡିସିମିଲି, ମୌଜା-ଭୁବନେଶ୍ୱର ସହର, ୟୁନିଟ୍ ନଂ-୧୮, ମଧୁସୂଦନ ନଗର, ଏସ୍‌ଆରଓ-ଭୁବନେଶ୍ୱର, ଥାନା-ନ୍ୟୁ କ୍ୟାପିଟାଲ, ନଂ.-୪୩, ହାଲ୍ ଥାନା-ସହୀଦ ନଗର, ତହସିଲି- ଭୁବନେଶ୍ୱର, ଓଡିଶା ସରକାର ଖେୱାଟ ନଂ.- ୧, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ । ଚଉହଦି : ଉତର-ସରକାରୀ, ଦକ୍ଷିଣ- ୧୫ଫୁଟ୍ ଚଉଡା ରାସ୍ତା, ପୂର୍ବ-ୟୁଏନ୍ ଦାସ, ପଶ୍ଚିମ- ନିରଞ୍ଜନ ନାୟକ । | ୧୧.୦୧.୨୦୧୯ | ୧୯.୦୩.୨୦୧୯ | ତା.୧୧.୦୧.୨୦୧୯ ସୁଦ୍ଧା ଟ.୭୯,୫୪,୧୫୬/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: ମେସର୍ସ ନୀଳାଚଳ ପେଟ୍ରୋପ୍ରଡକ୍ଟସ୍ (ପ୍ରା.) ଲିଃ**, ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, **(୧) ଶ୍ରୀ ନରସିଂହ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୨) ଶ୍ରୀମତୀ ଝରଣା ପୂଜାପଣ୍ଡା**, ସ୍ୱା-ହରିହର ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୩) ଶ୍ରୀମତୀ ଶୁଭଲକ୍ଷ୍ମୀ ପୂଜାପଣ୍ଡା**, ପିତା- ଗୋପିନାଥ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୪) ଶ୍ରୀ ଜଗନ୍ନାଥ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ | **(୧) ମେସର୍ସ ନୀଳାଚଳ ପେଟ୍ରୋ ପ୍ରଡକ୍ଟ ପ୍ରା. ଲିଃ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୬୯୮/୬୫୪୦, ୬୯୮, ଖାତା ନଂ.୯୪୪ ଏବଂ ୧୧୪୦/୪୮୮, ଏରିଆ-ଏକର୧.୧୯୭ ଡିସିମିଲି, ମୌଜା-ବଡପୋଖରିଆ, ତହସିଲି/ଥାନା-ଟାଙ୍ଗି, ଜିଲ୍ଲା- ଖୋର୍ଦ୍ଧା, ଚଉହଦି : ଉତର- ଏନ୍ ପୂଜାପଣ୍ଡା ଓ ଅନ୍ୟମାନେ, ଦକ୍ଷିଣ- ପ୍ଲଟ ନଂ. ୬୯୭, ପଶ୍ଚିମ- ପ୍ଲଟ ନଂ. ୭୦୦, ପୂର୍ବ-ରାସ୍ତା । **(୨) ନରସିଂହ ପୂଜାପଣ୍ଡା ଓ ଝରଣା ପୂଜାପଣ୍ଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହର ପ୍ଲଟ ନଂ.୬୯୮, ଖାତା ନଂ.୧୧୪୦/୪୮୯ ଏବଂ ୯୪୪, ଏରିଆ-ଏକର୧.୧୯୮ ଡିସିମିଲି, ମୌଜା-ବଡପୋଖରିଆ, ଥାନା/ତହସିଲି- ଟାଙ୍ଗି, ଜିଲ୍ଲା-ଖୋର୍ଦ୍ଧା, ଚଉହଦି : ଉତର- ପ୍ଲଟ ନଂ.୬୯୯, ଦକ୍ଷିଣ-ପ୍ଲଟ ନଂ.୬୯୮(ପି), ପଶ୍ଚିମ- ପ୍ଲଟ ନଂ.୬୯୯, ପୂର୍ବ-ରାସ୍ତା । | ୨୯.୧୨.୨୦୧୮ ଏବଂ ୧୯.୦୧.୨୦୧୯ (ଖବରକାଗଜ ପ୍ରକାଶନ ମାଧମରେ) | ୨୦.୦୩.୨୦୧୯ | ତା.୨୮.୧୨.୨୦୧୮ ସୁଦ୍ଧା ଟ.୩,୦୩,୫୩,୩୭୮/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ପୂଜାପଣ୍ଡା, ପ୍ରଭୁକୃପା ଦିଗମ୍ବର ନଗର, ଗିନାରୀବନ୍ତ, ଖଦୀପଡା, ସଙ୍କରପୁର, ପୁରୀ-୭୫୨୦୦୨, **(୫) ଶ୍ରୀ ହରିହର ପୂଜାପଣ୍ଡା**, ପିତା-ଶ୍ରୀ ଶ୍ୟାମ ସୁନ୍ଦର ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୬) ଶ୍ରୀ ଗୋପିନାଥ ପୂଜାପଣ୍ଡା**, ପିତା-ଶ୍ରୀ ବନମାଳୀ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୭) ଶ୍ରୀ ଅମରକାନ୍ତ ପଣ୍ଡା**, ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୨, **(୮) ଶ୍ରୀ ଶୁଭକାନ୍ତ ପଟ୍ଟନାୟକ**, ପ୍ଲଟ ନଂ.-ପିପି-୧୬, ପାଣ୍ଡବ ନଗର, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **(୯)ଶ୍ରୀ ଉଗ୍ରସେନ ଦାଶ**, ୯୪/୧୦୧୭, ସାମନ୍ତରାପୁର, ବିସାଲ୍ ସିଟି, ପୋ-ଶିଶୁପାଳଗଡ, ଭୁବନେଶ୍ୱର-୭୫୧୦୦୨ । **ସମ୍ପତ୍ତି ନଂ.-୧ର ମାଲିକ: ମେସର୍ସ ନୀଳାଚଳ ପେଟ୍ରୋ ପ୍ରଡକ୍ଟ ପ୍ରା. ଲିଃ, ସମ୍ପତ୍ତି ନଂ.-୨ର ମାଲିକ: ନରସିଂହ ପୂଜାପଣ୍ଡା ଓ ଝରଣା ପୂଜାପଣ୍ଡା** ।

ସ୍ଥାନ-ଭୁବନେଶ୍ୱର, ତାରିଖ-୨୦.୦୩.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଭିନ୍ନ ମାମଲାରେ ୩ ଅଭିଯୁକ୍ତ ଜେଲ ଗଲେ

ବାମରା,୨୦।୩(ସ୍ୱ.ପ୍ର.): ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ପୋଲିସ ବିଭିନ୍ନ ମାମଲାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ବାମରା ବ୍ଲକ ଗଡପୋଷ ଦେହୁରପଡାର ସୌକିଲାଲ ଜୟପୁରିଆ (୪୫)ଙ୍କୁ ପୋଲିସ ଗଡପୋଷ ମଦଭାଟି ପାଖରେ ଚନାମୁଡ଼ି ବିକ୍ରେତା ଦୟାନିଧି ସୁନାନୀ (୫୦)ଙ୍କୁ ନିସ୍ତୁକ ମାଡ ମାରିବା ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଛି । ମାର୍ଚ୍ଚ ୧୧ ତାରିଖ ସୌକିଲାଲ ଦୟାନିଧିଙ୍କୁ ନିସ୍ତୁକ ମାଡ ମାରିବାରୁ ତାଙ୍କ ମୁଣ୍ଡ ଓ ମୁହରେ ଗଭିର ଆଘାତ ଲାଗିଥିଲା । ପ୍ରଥମେ ତାଙ୍କୁ ଗଡପୋଷ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଏବେ ମଧ ଗୁରୁତର ରହିଛି । ସଗରାଠାରେ ନିଜ ବଡ ଭାଇକୁ କିରୋସିନୀ ଢାଳି ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ତପୋବନ କୁମରା (୪୦)ଙ୍କୁ କୋର୍ଟ ଚାଲାଣ କରାଯାଇଛି । ଫେବୃୟାରୀ ୨୦ ତାରିଖ ରାତିରେ ତପୋବନ ନିଜ ବଡଭାଇ ଗୋବର୍ଦ୍ଧନ କୁମରାଙ୍କୁ କିରୋସିନ ଢାଳି ନିଆ ଲଗାଇ ଦେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା । ଏକ ଅସଦାଚରଣ ମାମଲାରେ ପୋଲିସ ଅଭିଯୁକ୍ତ ପିଣ୍ଟୁ ପାସୱାନଙ୍କୁ କର୍ଟେ ଚାଲାଣ କରିଛି। ସେ ଗତ ସୋମବାର ରାତି ଜଣେ ବିବାହିତା ମହିଳାଙ୍କୁ ପ୍ରେତ ଛଡାଇବା ବାହାନାରେ ଏକ ନିଛାଟିଆ ସ୍ଥାନରେ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ମାମଲାରେ ପୀଡିତାଙ୍କ ପକ୍ଷରୁ ଅଭିଯୋଗ ହେଲା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ସମସ୍ତ ୩ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପାଣି ପାଇଁ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ

ଦେବଗଡ଼,୨୦।୩(ସ୍ୱ.ପ୍ର.)

ବାରକୋଟ ବ୍ଲକ କାଉଁସିବାହାଳ ପଞ୍ଚାୟତ ମାଝିଚାକୁଣ୍ଡାପାଳ ଗ୍ରାମରେ ଗଭୀର ନଳକୂଅ ଖୋଳା ଯାଇଛି। ବର୍ଷେ ହେଲା ଏକ ପାଣି ଟାଙ୍କି ମଧ୍ୟ ନିର୍ମାଣ ସରିଛି। ହେଲେ ବିଭାଗୀୟ ଅବହେଳା ଯୋଗୁ ସମ୍ପୃକ୍ତ ଗ୍ରାମବାସୀ ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ଜଣାପଡିଛି। ଏପରିକି ଟାଙ୍କି ନିର୍ମାଣ ସହ ପାଇପ ବିଛାଇବା କାମ ସରିଥିବା ବେଳେ ପାଣି ଯୋଗାଇବାକୁ ସମ୍ପୃକ୍ତ ଗ୍ରାମବାସୀ ନିଜ ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କଠାରୁ ଆରମ୍ଭ କରି ଗ୍ରାମ୍ୟଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ବହୁବାର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ହେଁ ଅଦ୍ୟାବଧି ଏହା କର୍ତ୍ତୃପକ୍ଷଙ୍କ କର୍ଣ୍ଣପାତ ହୋଇପାରିନି। ୫ଶହ ପରିବାର ବିଶିଷ୍ଟ ଗ୍ରାମବାସୀ ବାରମ୍ବାର ପ୍ରଶାସନ, ବିଧାୟକ ତଥା ସାଂସଦଙ୍କୁ ଗୁହାରି କରିଥିଲେ ସୁଧା କୌଣସି ସୁଫଳ ମିଳୁନାହିଁ। ଫଳରେ ଦୀର୍ଘ ଦିନ ହେଲା ହତାଶ ହୋଇପଡିଥିବା ଉକ୍ତ ମାଝିଚାକୁଣ୍ଡାପାଳ ଗ୍ରାମର ମହିଳାମାନେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଦ୍ୱାରସ୍ଥ ହେବା ସହ ତୁରନ୍ତ ପଦକ୍ଷେପ ନେବାକୁ ପୁଣିଥରେ ଦାବି କରିଛନ୍ତି। ସେହିପରି ସେମାନେ ନିର୍ବାଚନ ପୂର୍ବରୁ ତାଙ୍କ ପାନୀୟଜଳ ସମସ୍ୟା ଦୂର କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।



ଦାବିପତ୍ର ଦେବା ପାଇଁ ଆସିଥିବା ମହିଳା ଓ ଗ୍ରାମବାସୀ।

# ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ: ଚାଷୀଙ୍କୁ ଧାନର ଉଚିତ ମୂଲ୍ୟ ନ ଦେବାରୁ କ୍ଷୋଭ

ରିଆମାଳ,୨୦।୩ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ହାଟ ପଡ଼ିଆଠାରେ ବିଜେଡି ପକ୍ଷରୁ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଭୂପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ସଂଯୋଜନା କରିଥିଲେ। ରିଆମାଳ ବ୍ଲକ ବିଜେଡି ସଭାପତି ଜ୍ଞାନେନ୍ଦ୍ର ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀଙ୍କୁ ଧାନର ଉଚିତ ମୂଲ୍ୟ କେନ୍ଦ୍ର ସରକାର ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ କରି କେନ୍ଦ୍ର ସରକାରଙ୍କୁ ବିରୋଧ କରିଥିଲେ। ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଜୟ ପାଲଟାସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଖଣି ରୟାଲିଟି ଏବଂ ଯାବତୀୟ ଟିକସ ରାଜ୍ୟ ଠାରୁ ବହୁ ମାତ୍ରାରେ ନେଇ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ କେନ୍ଦ୍ର ସରକାର ଘୋଷଣା ନକରି ଓଡ଼ିଶାବାସୀଙ୍କୁ କେନ୍ଦ୍ର ସରକାର ଧୋକା ଦେଉଛି ବୋଲି ବକ୍ତବ୍ୟ ପ୍ରକାଶ କରିଥିଲେ। ଜିଲା ଯୁବ ସାଧାରଣ ସମ୍ପାଦକ କୁଳଚନ୍ଦ୍ରମା ହସ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରିଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ରାଜ୍ୟସ୍ତରୀୟ ଛାତ୍ର ସମ୍ପାଦକ ରବୀନ୍ଦ୍ର ପ୍ରଧାନ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାର କରିଥିବା ହେଳା ଉପରେ ଆଲୋକପାତ କରିଥିଲେ। ରିଆମାଳ ବ୍ଲକ ଯୁବ ସଭାପତି ପପୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ: ଫୁଲବାଣୀକୁ ହରାଇ ଦେବଗଡ଼ ବିଜୟୀ

ସମ୍ବଲପୁର/ହୀରାକୁଦ,୨୦।୩ (ବ୍ୟୁରୋ/ଡି.ଏନ.ଏ)

ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ମ୍ୟାଚରେ ଦେବଗଡ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସୁଭାଷ ମଇଦାନଠାରେ ଦେବଗଡ ବନାମ ଫୁଲବାଣୀ ମଧ୍ୟରେ ମ୍ୟାଚ ଏକତରଫା ହୋଇଥିଲା। ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେବଗଡ ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ । ଦେବଗଡର ପ୍ରଶାନ୍ତ ଓରାମ ୨ଟି ଦର୍ଶନୀୟ ଗୋଲ ସ୍କୋର କରିଥିଲେ । ତେଣୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଆୟୋଜକ ହୀରାକୁଦ କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି, ଫୁଟବଲ ସମ୍ପାଦକ କ୍ଷୀରୋଦ ନାୟକ, କ୍ରିକେଟ ସମ୍ପାଦକ ବିଘ୍ନ ପାଣିଗ୍ରାହୀ, ସୁଦେଶ ନାଗ, ତ୍ରିଲୋଚନ ନାୟକ, ଅଭିଷେକ ଦାଶ, ଶରଥ ସେଠୀ, ପୁଷ୍ପକ ପ୍ରଧାନ, ଆନନ୍ଦ ହରିପାଲ, ସୁରଜ ସାହୁ, ମନୋଜ ଟପ୍ପୋ, ସତନାମ ସିଂ, ଜ୍ଞାନେନ୍ଦ୍ର ମିଶ୍ର ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ବୁଧବାର ହୀରାକୁଦ ସୁଭାଷ ମଇଦାନଠାରେ ମ୍ୟାଚ ପୂର୍ବରୁ ଦେବଗଡ ଓ ଫୁଲବାଣୀ ଖେଳାଳିମାନେ ଅତିଥିଙ୍କ ସହ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତା, ଦେହକୁ ହିତା**
**ହାତ ବଳେ, କାନ୍ଧ ଫୁଲେ**
**ଧୁକା ହେଲେ ଶତ୍ରୁଠୁଁ ବଳେ ।**

ଛତା ମଣିଷକୁ ଖରା, ବର୍ଷାରୁ ସୁରକ୍ଷା ଦେଇଥାଏ। ବୃଦ୍ଧ ଲୋକଙ୍କ ପାଇଁ ବାଟ ଚାଲିବାରେ ଏହା ଆଶାବାଡ଼ିର ଭୂମିକା ତୁଲାଇଥାଏ, ମନରେ ଦମ୍ଭ ସାହସ ବୃଦ୍ଧି କରାଇଥାଏ। ପରନ୍ତୁ ଏହା ଅଚଳ ବା ଖରାପ ହୋଇଗଲେ କାହାରି ଉପକାରରେ ଆଉ ଲାଗିପାରି ନ ଥାଏ, କେବଳ ବୋଝ ବୋହିବା ଜନିତ ଅଯଥା ଶ୍ରମ କ୍ଳେଶ ଭୋଗିବା ହିଁ ସାର ହୋଇଥାଏ। ପରୋକ୍ଷରେ ଉପକାରୀ ଆପଣାର ବ୍ୟକ୍ତି ଧୋକାଦେଲେ ଶତ୍ରୁଠୁଁ ବଳି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଛିଲୋ ଛାଇ**
**ସାଙ୍ଗେ ସାଙ୍ଗେ କେତେ ଗୋଡ଼ଉଥାଇ ।**

ସୂର୍ଯ୍ୟାଲୋକରେ ଶରୀରରେ ଛାଇ ସୃଷ୍ଟି ହୋଇଥାଏ, ଯାହାକି ଶରୀରର ସାଥେ ସାଥେ ରହିଥାଏ। ପରନ୍ତୁ ରାତିରେ ଏହାର ଅସ୍ତିତ୍ୱ ରହି ନ ଥାଏ। ପରୋକ୍ଷରେ ତୋଷାମଦକାରୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ସବୁବେଳେ ଛାଇପରି ପାଖେ ପାଖେ ଘୂରିବୁଲିଥାନ୍ତି। ସ୍ୱାର୍ଥପୂରଣ ହୋଇଗଲେ ସେଠାରୁ ସେ ଅଦୃଶ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ତାଲଭଙ୍ଗାପଡ଼ା ବାସୀ ପାଣି ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ଦ୍ୱାରସ୍ଥ

ସମ୍ବଲପୁର,୨୦।୩ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତାଲଭଙ୍ଗା ପଡା ଅଞ୍ଚଳରେ ଦୀର୍ଘ ଦିନ ହେବ ପାନୀୟ ଜଳ ସଂକଟ ରହିଛି। ଅଞ୍ଚଳବାସୀ ପାନୀୟ ଜଳ ଯୋଗାଣ ଦାବିରେ ଆନ୍ଦୋଳନ କରୁଛନ୍ତି । ସେମାନଙ୍କ ଉପରେ ଲାଠି ମାଡ ହୋଇଥିବା ନଜିର ରହିଛି । ସମସ୍ୟା ସମାଧାନ ଦାବି ନେଇ ଅଞ୍ଚଳବାସୀ ବୁଧବାର ସମ୍ବଲପୁର ଜନସ୍ୱାସ୍ଥ୍ୟ ବିଭାଗ ଅଫିସକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ବିକାଶ ମଞ୍ଚ ଆବହକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ପଡାର ମମତା ଦୀପ, ସଙ୍ଗୀତା ମହାନନ୍ଦ, ସୁଲୋଚନା ସାହୁ, ମଙ୍ଗଳି ବାର୍ଲ୍ଲା, ଅଳକା ତାଣ୍ଡି, ବିଶାଖା ବାର୍ଲା, ସଙ୍ଗୀତା ଗୌଡ, ଚନ୍ଦ୍ରକାନ୍ତି ମହାନନ୍ଦ, ଗୀତା ସିରିଟ ପ୍ରମୁଖ ସାମିଲ ଥିଲେ ।



ବୁଧବାର ସମ୍ବଲପୁର ତାଲଭଙ୍ଗାପଡାବାସୀ ପାନୀୟ ଜଳ ଯୋଗାଣ ଦାବିରେ ଜନସ୍ୱାସ୍ଥ୍ୟ ବିଭାଗ ଅଫିସ ଆସିଛନ୍ତି ।

# ଭାଜପା ବୈଠକରେ ଯୋଗଦେଲେ ୩ ପଞ୍ଚାୟତର କର୍ମକର୍ତ୍ତା

ଦେବଗଡ଼, ୨୦।୩(ସ୍ୱ.ପ୍ର.)

ଦେବଗଡ ଜିଲା ତିଲେଇବଣି ବ୍ଲକର ପାରପୋଷି, ଝରାମୁଣ୍ଡା ଓ ଝରାଗୁଗୁଆ ପଞ୍ଚାୟତର ଭାଜପା କର୍ମକର୍ତ୍ତାଙ୍କୁ ନେଇ ଆସନ୍ତା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ପରିପ୍ରେକ୍ଷୀରେ ସ୍ଥାନୀୟ ଆମ୍ବତୋଟାଠାରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସଙ୍ଗଠନକୁ ମଜଭୁତ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ତିଲେଇବଣି ମଣ୍ଡଳ ବ୍ଲକ ସଭାପତି କିଶୋର ବେହେରା, ନଗର ସଭାପତି ରମଣି ଦାଶ, ଯଶୋବନ୍ତ ପ୍ରଧାନ, ବିଦ୍ୟାଧର ନାଏକ, ସନ୍ତୋଷ ଭୂତିଆଙ୍କ ସମେତ ୩ ପଞ୍ଚାୟତର ଭାଜପା ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଭାଜପା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ଆମ୍ବତୋଟାରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟକର୍ତ୍ତା ଆଲୋଚନା କରୁଛନ୍ତି।

# ଆଇଆଇଟି ଜାମ୍ ପରୀକ୍ଷାରେ ଏମ୍ସ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ସମ୍ବଲପୁର, ୨୦।୩ (ବ୍ୟୁରୋ)

ଆଇଆଇଟି ଜାମ୍ ପରୀକ୍ଷାରେ ସମ୍ବଲପୁର ଏମ୍ସ କଲେଜ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି । କଲେଜର ଅଭିଷେକ ଭୋଇ, ଶୁଭଶ୍ରୀ ମେହେର ଓ ମୌସୁମୀ ପ୍ରଧାନ ଆଇଆଇଟି ଜାମ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ବୁଧବାର କଲେଜ ସମ୍ପାଦକ ଶ୍ରୀନିବାସ ପାତ୍ର ପରିଚାଳନା କମିଟି ପକ୍ଷରୁ ଏହି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।



ଅଭିଷେକ ଭୋଇ



ଶୁଭଶ୍ରୀ ମେହେର



ମୌସୁମୀ ପ୍ରଧାନ

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ତାମିଲନାଡୁର ଏକ ଇଣ୍ଡଷ୍ଟ୍ରିଆଲ୍ କ୍ୟାଣ୍ଟିନ୍ ଠିକାଦାର ନିମ୍ନଲିଖିତ ଖାଦ୍ୟ ଉତ୍ପାଦ ବହୁ ପରିମାଣରେ ଆବଶ୍ୟକ କରୁଛନ୍ତି।
୧) ଅରୁଆ ଚାଉଳ
୨) ଉଷୁନା ଚାଉଳ
୩) ଗୋଟା ଧଳା ବିରି ଡାଲି
୪) ହରଡ଼ ଡାଲି
୫) ସବୁଜ ମୁଗ ଡାଲି
ଆଗ୍ରହୀ ପାଇକାରୀ ଯୋଗାଣକାରୀ ଏବଂ ମିଲର୍‌ମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
ମୋବାଇଲ ନଂ.: 63837 57007
ଇମେଲ୍ ଆଇଡି: emperertrade@gmail.com

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**ଡୁଙ୍ଗୁରିପାଲି,୨୦।୩(ଡି.ଏନ୍.ଏ.) :** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିଭୁ ସୁନା (୧୯)। ଏନେଇ ପୋଲିସ ଦଫା ୩୫୪, ୩୫୪(ଏ), ୪୫୧, ୫୦୬ ଏକ ମାମଲା(ନଂ.୪୫/୨୦୧୯) ରୁଜୁ କରିଛି। ଜାମିନ ନାମଞ୍ଜୁର ପରେ ଗିରଫ ବିଭୁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ଅଧିକାରୀ ନିରଞ୍ଜନ ଦାଶ ପ୍ରକାଶ କରିଛନ୍ତି।

### ବୋଲେରୋ ଧକ୍କାରେ ବିନିକା ବିଇଓ ଆହତ

**ବିନିକା,୨୦।୩(ଡି.ଏନ୍.ଏ):** ଏକ ବୋଲେରୋ ଗାଡି ଧକ୍କାରେ ବୁଧବାର ବିନିକା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଶଶି ଭୂଷଣ ସେଠୀ ଆହତ ହୋଇଛନ୍ତି। ଖବର ପାଇଁ ବିନିକା ସିଆର୍‌ସିସି ସଂଘ ସଭାପତି ଜୟ ନାରାୟଣ ପୂଜାରୀ, ସିଆର୍‌ସିସି ପ୍ରେମାନନ୍ଦ ଦାଶ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ବିଇଓ ସେଠୀଙ୍କୁ ଛାଡି ଦିଆଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

### ଦୁଇ ପୃଥକ୍ ମାମଲାରେ ୫ ଗିରଫ

**ବିନିକା,୨୦।୩(ଡି.ଏନ୍.ଏ.):** ସୋନପୁର-ବିନିକା ଉର୍ଲେଛକ ଏକ ସ୍କୁଲ ନିକଟରେ ଗତ ୨ତାରିଖ ରାତିରେ ଦୁର୍ବୃତ୍ତମାନେ ଯାତ୍ରୀଙ୍କଠାରୁ ଲୁଟପାଟ୍ କରିଥିଲେ। ଏପରି କି ଦୁର୍ବୃତ୍ତମାନେ ଏକ କାର(ନଂ.ଓଡି୦୩ସି-୦୪୩୦)କୁ ଭଙ୍ଗାରୁଜା କରିବା ସହ ଗାଡିରେ ବସିଥିବା ଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ବିନିକା ଥାନାରେ ଏକ ଅଭିଯୋଗ ହୋଇଥିଲା। ବିନିକା ଥାନା ଆଇଆଇସି ରାଜେନ୍ଦ୍ର ସାମରିଆ ଘଟଣାର ତଦନ୍ତ କରିଥିଲେ। ପୋଲିସ ଉକ୍ତ ଘଟଣାରେ ସାମିଲ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ ବୁଧବାର କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷେ ପୋଲିସ ଗିରଫ ଯୁବକଙ୍କଠାରୁ ୩ଟି ବାଇକ୍ ଜବତ କରିଛି। ଗିରଫ ଯୁବକମାନେ ହେଲେ ରାମନାରାୟଣ ହୋତା(୩୩) ଓରଫ ଘୁଣ୍ଟୁ, ତ୍ରିଲୋଚନ ଡାଙ୍ଗ(୩୦), ରାଜାରାମ ମେଶୁଆ(୨୫)। ଏନେଇ ବିନିକା ଥାନାରେ ଏକ ମାମଲା(ନଂ.୨୭/୧୯) ରୁଜୁ ହୋଇଛି। ସେହିପରି ବିନିକା ବଜାରରେ କିଛିଦିନ ତଳେ ଏକ ବାଇକ୍ ଚୋରି ହୋଇଥିଲା। ଏନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ବିନିକା ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ କନ୍ଧମାଳ ଜିଲା ଗୁଛାପଡ଼ା ଥାନା ନୀଳମଣୀ ବିଘାଲ (୩୦) ଏବଂ ଉଛବ ଦିଗାଲ(୩୨)। ପୋଲିସ ଏକ ବାଇକ୍ ଜବତ କରିଛି।

### କଲେଜ ଛକ- ଓଡିଆମୁଣ୍ଡା ରାସ୍ତା ଶୋଚନୀୟ

**ରିଷିଡା,୨୦।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା କଲେଜ ଛକ-ଓଡିଆମୁଣ୍ଡା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଏହି ରାସ୍ତାରେ ଗଜବାହାଲ ପଞ୍ଚାୟତର ଅନେକ ଗ୍ରାମର ଲୋକ ନିର୍ଭର କରୁଛନ୍ତି । ଏହି ରାସ୍ତା ମରାମତି ପାଇଁ ଜନସାଧାରଣରେ ଦାବି ହେଉଛି ।

# ସମ୍ଭାବ୍ୟ ଅଂଶୁଘାତର ମୁକାବିଲା

- ଜଳକଷ୍ଟ ନିବାରଣ ପ୍ରାକ୍ ପ୍ରସ୍ତୁତି
- ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍

**ସୋନପୁର,୨୦।୩(ନି.ପ୍ର.)**

ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା ଓ ଜଳକଷ୍ଟ ନିବାରଣ ନିମନ୍ତେ ଆଗୁଆ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲାର ତାପମାତ୍ର ୪୫ରୁ ୫୦% ସେଲସିଅସ ଅତିକ୍ରମ କରୁଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତସ୍କୁଲଗୁଡିକୁ ସକାଳୁଆ କରିବା, ନଳକୂପର ପରିଚାଳନା, ଜଳଯୋଗାଣ ପ୍ରକଳ୍ପର ୭୨ ଘଣ୍ଟା ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଏବଂ ଆବଶ୍ୟକ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜରୁରୀ କାଳୀନ ବିଭାଗ ଓ ଅନ୍ୟାନ୍ୟ ବିଭାଗରେ ଏପ୍ରିଲ ୧ ତାରିଖରୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଡିଏମ୍‌ଓ ଏମ୍‌ଏସ୍ ଡାକ୍ତର ପ୍ରଦୀପ କୁମାର ଗୁରୁ ଅଂଶୁଘାତର ମୁକାବିଲା ସକାଶେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ପୀଡିତଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରୀତ କକ୍ଷ ସହ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ବିଭାଗ ପକ୍ଷରୁ ଜୁନ୍ ୧୫ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସମ୍ପର୍କରେ ସୂଚନା ଦେଇଥିଲେ । ବନ ବିଭାଗ ପକ୍ଷରୁ ଜଙ୍ଗଲର ସୁରକ୍ଷା ସମ୍ପର୍କରେ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଏସିଏଫ ସୁଶିଲ କୁମାର ତ୍ରିପାଠୀ ସୂଚନା ଦେଇଥିଲେ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜିଲାରେ ଶ୍ରମିକଙ୍କ କାର୍ଯ୍ୟକୁ ବନ୍ଦ ରଖିବାକୁ ପଦକ୍ଷେପ ନେବା ସମ୍ପର୍କରେ ଶ୍ରମ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରାଣୀ ସମ୍ପଦର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଥିଲା । ସରକାରଙ୍କ ଗାଇଡଲାଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ବିଡିଓ ରବୀନ୍ଦ୍ର କୁମାର ପଟେଲ, ଡିଏସ୍‌ପି ଡିଆଇବି ମନୋରଞ୍ଜନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଡିପିସି ବେଣୁଧର ବେହେରା, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜବନ୍ଧୁ ପାଣିଗ୍ରାହୀ, ଏଡିଭିଓ ଡାକ୍ତର ସୁନିଲ ମହାପାତ୍ର, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ର, ବିନିକା ଏନ୍‌ଏସି ଇଓ କନିକା ଚକ୍ରବର୍ତ୍ତୀ, ତରଭାର ଦୁଃଖିରାମ ନାଏକ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

କନ୍ଧମାଳ ବିଧାୟକଙ୍କ ଅଡୁଆ ବଢ଼ିଲା

# ଶେଷ କୁମାର ମେହେର ହେବେ ସ୍ୱାଧୀନ ପ୍ରାର୍ଥୀ

**ବୌଦ୍ଧ,୨୦।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ଏପର୍ଯ୍ୟନ୍ତ ନାମ ଘୋଷଣା କରିନାହିଁ । କିନ୍ତୁ ବିଜେଡିର ପ୍ରାର୍ଥୀ ଘୋଷଣା ହେବା ପରେ ଦଳୀୟ କନ୍ଦଳ ବଢିଯାଇଛି । ସାରା ରାଜ୍ୟରେ ବିଜେଡିର ଟିକେଟ ବଣ୍ଟାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଥିବା ବେଳେ ବୌଦ୍ଧରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ ବିଧାୟକ ମହୀଧର ରଣାଙ୍କୁ ଆଉ ଥରେ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଥିବାରୁ ଦଳୀୟ ନେତାଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । କନ୍ଧମାଳ ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀ, ନେତା ଓ ଜନସାଧାରଣ ମହୀଧର ହଟାଓ ଓ କନ୍ଧମାଳ ବଞ୍ଚାଅ ପାଇଁ ବହୁ ଆଗରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହା ସ୍ୱତ୍ତେ ଦଳ ପକ୍ଷରୁ ପୁନର୍ବାର ରଣାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଏହାର ବିରୋଧ କରି ଦଳୀୟ ନେତାମାନେ ଗତ ୧୯ ତାରିଖରେ କନ୍ଧମାଳ କଲ୍ୟାଣ ମଣ୍ଡପ ଠାରେ ଏକ ବୈଠକ କରିଥିଲେ। ବୈଠକର ନିଷ୍ପତ୍ତି କ୍ରମେ ଗୁରୁବାର ବୟନିକା ସଭାପତି ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ହୋଇଥିଲା। ମେହେର ୨୬ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ସେ ନାମାଙ୍କନ ପତ୍ର କିଣିବା ସମୟରେ କନ୍ଧମାଳ ପୂର୍ବତନ ଚେୟାରମେନ ସଙ୍କର୍ଷଣ ପ୍ରଧାନ, କୃଷ୍ଣ କହଁର, କନ୍ଧମାଳ ଓକିଲ ସଂଘ ସଭାପତି ଦୁତିଆ ସାହୁ, ବରିଷ୍ଠ ନେତା ବାଳମୁକୁନ୍ଦ ମେହେର, ଲିଙ୍ଗରାଜ ଜଗଦଲା, ବରିଷ୍ଠ ଓକିଲ ଯୋଗେଶ ପ୍ରସାଦ ନାଏକ, ଚିରଞ୍ଜୀବୀ ବିଶି, ଶ୍ରୀକାନ୍ତ ମିଶ୍ର, ବିବସ୍ୱ କହଁର, ପୂର୍ବତନ ବ୍ଲକ ଅଧ୍ୟ ସାମନ୍ତ ମାଝୀ, ସୁଧୀର ପାଣିଗାହୀ, ଚେତାରାମ ପଟ୍ଟନାୟକ, ପୟଧର ମହାକୁଲ, ଶିବଶଙ୍କର କର୍ଣ୍ଣ ଓ ପ୍ରତ୍ୟୁଷ ରଥ ପ୍ରମୁଖ ଉପସ୍ଥିତ ଥିଲେ ।



ମୀନାବଜାରରେ ଦେଖଣାହାରୀଙ୍କ ଗହଳି।

# ଦୋଳଯାତ୍ରା ଉତ୍ସବମୁଖର ବୀରମହାରାଜପୁର

**ବୀରମହାରାଜପୁର,୨୦।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦୋଳଯାତ୍ରା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବରୁ ଦିନକ ପାଇଁ ପୂର୍ଣ୍ଣିମା ତିଥିରେ ଏହି ମହୋତ୍ସବ ପାଳିତ ହେଉଥିବା ବେଳେ ପ୍ରାୟ ଦୁଇ ଦଶନ୍ଧି ହେଲା ଏହା ୩ ଦିନିଆ ମେଳା ଭାବେ ପାଳନ କରାଯାଉଛି। ଏହି ଅବସରରେ ଦୋଳମଣ୍ଡପ ନିକଟରେ ମଙ୍ଗଳବାର ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଏଥିରେ ଜିଲା ତଥା ପୋଡଶୀ ଜିଲାର ବିଭିନ୍ନ ପ୍ରାନ୍ତରୁ ସଂକୀର୍ତ୍ତନ ମଣ୍ଡଳି ଆସି ନାମଯଜ୍ଞରେ ସାମିଲ ହୋଇଛନ୍ତି। ଏପରି କି ମେଳାରେ ବେପାର କରିବାକୁ ସ୍ଥାନୀୟ ବ୍ୟବସାୟୀଙ୍କ ସହ ଦୂର ଦୂରାନ୍ତରରୁ ପହଞ୍ଚିଥିବା ବେପାରୀମାନେ ଭଳିକି ଭଳି ଜିନିଷର ପସରା ମେଲାଇଛନ୍ତି। ଏଥି ସହିତ ଯାତ୍ରା ପଡିଆରେ ଆରମ୍ଭ ହୋଇଥିବା ମୀନାବଜାର ଓ ଚକ୍ରିଦୋଳିର ମଜା ନେବାପାଇଁ ଗହଳି ଲାଗିରହିଛି। ଗୁରୁବାର ରାତି ମେଳଣ ପଡ଼ିଆରେ ଅନୁଷ୍ଠିତ ହେବ ଦୋଳ ମହୋତ୍ସବର ପ୍ରମୁଖ ଆକର୍ଷଣ ହରିହର ଭେଟ। ପାରମ୍ପରିକ ରୀତିନୀତି ଅନୁଯାୟୀ ହରିହରଙ୍କ ଭେଟପାଇଁ ସାମିଲ ହେବେ ଦେବଦେବ ମହାଦେବଙ୍କ ପ୍ରସିଦ୍ଧ ପୀଠ ଚମ୍ପାମାଳର ବାବା ଚମ୍ପେଶ୍ୱର, କମଲପୁରର ବାବା ଗୁପ୍ତେଶ୍ୱର, ଟିଠିପାଲିର ବାବା ରାମେଶ୍ୱର ଏବଂ ଚକାବର ଜଗନ୍ନାଥ ମନ୍ଦିରରେ ଅଧିଷ୍ଠିତ ପ୍ରଭୁଙ୍କ ସହିତ ବାଗବର, ଷଣ୍ଢା ଓ କୁମୁରସିଂଘା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜିତ ହରିଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନ ଯୋଗେ ଶୋଭାଯାତ୍ରାରେ ଅଣାଯାଇ ମେଳଣ ପଡିଆରେ ଫଗୁଖେଳ ମଧ୍ୟରେ ଭେଟ କରାଯିବ। ଦୋଳଯାତ୍ରା ସକାଶେ ଶ୍ରଦ୍ଧାଳୁ, ପର୍ଯ୍ୟଟକ ତଥା ସବୁ ବର୍ଗର ଦେଖଣାହାରୀଙ୍କ ସମାଗମ ବଢି ଚାଲିଛି। ଏନେଇ ପୋଲିସ ପ୍ରଶାସନ, ବିଭିନ୍ନ ମନ୍ଦିର କମିଟିଙ୍କ ସହ ନାମଯଜ୍ଞ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ସିପିଆଇ ଭାଗରେ ବୌଦ୍ଧ ଟିକେଟ

# ବୌଦ୍ଧରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ

**ବୌଦ୍ଧ,୨୦।୩(ସ୍ୱ.ପ୍ର)**

ସାରା ରାଜ୍ୟରେ ଟିକେଟ ବଣ୍ଟନ ନେଇ କସରତ ଚାଲିଥିବା ବେଳେ ବୌଦ୍ଧରେ କଂଗ୍ରେସର ଟିକେଟ ବଣ୍ଟନ ନେଇ କର୍ମୀ ଓ ନେତାଙ୍କ ଅସନ୍ତୋଷ ବୃଦ୍ଧି ପାଇଛି । ଆସନ ବୁଝାମଣା ପରେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ସିପିଆଇ ହାତକୁ ଚାଲିଯିବା ଏକ ପ୍ରକାର ନିଶ୍ଚିତ ହୋଇସାରିଥିବାବେଳେ ମେଣ୍ଟ ପ୍ରାର୍ଥୀ ଭାବେ ସିପିଆଇର ଅବକାଶ ସାହୁ ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଲେଣି। ଏହାକୁ କଂଗ୍ରେସ ଦଳର ନେତା ଓ କର୍ମୀମାନେ ବିରୋଧ କରିବା ସହ ଏଠାରୁ କଂଗ୍ରେସ ପ୍ରାର୍ଥୀ ନ ଦେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ପୂର୍ବ ନିର୍ବାଚନ ଗୁଡିକୁ ଅନୁଧ୍ୟାନ କଲେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଏକ ବଡ ଭୋଟ ବ୍ୟାଙ୍କ ରହିଛି । କିନ୍ତୁ ଦଳ ଭିତରେ ଏକତା ରହିପାରୁ ନ ଥିବାରୁ ଦଳ ବାରମ୍ବାର ପରାଜିତ ହେଉଛି । ୧୯୯୫ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନବ କୁମାର ମିଶ୍ର ବିଜୟର ନିକଟତର ହୋଇଥିଲେ ମଧ୍ୟ ଦଳୀୟ ନେତାମାନଙ୍କ ବିରୋଧ ଯୋଗୁ ପରାଜିତ ହୋଇଥିଲେ । ସେହିପରି ଗତ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସୁଶାନ୍ତ ପ୍ରଧାନ ଏଠାରେ ୪୩, ୪୭୦ ଭୋଟ ପାଇ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ଅମାତଙ୍କୁ କଡା ଟକ୍କର ଦେବା ସହ ପରାସ୍ତ ହୋଇଥିଲେ । ବୌଦ୍ଧରେ କଂଗ୍ରେସର ଭଲ ସ୍ଥିତି ଥିବା ସତ୍ତ୍ୱେ ଏହି ଆସନକୁ କଂଗ୍ରେସ ପକ୍ଷରୁ ମେଣ୍ଟ ଦଳ ସିପିଆଇକୁ ଛାଡି ଦେବା ନେଇ କର୍ମୀ ଓ ନେତାଙ୍କ ମନରେ ବିରୋଧାଭାସ ପ୍ରକାଶ ପାଇଛି । ଏଭଳି ହେଲେ ଜିଲାରେ କଂଗ୍ରେସ ସଙ୍ଗଠନ ମୂଳପୋଛ ହୋଇଯିବ ବୋଲି ନେତାମାନେ ପ୍ରକାଶ କରିଛନ୍ତି । ବୌଦ୍ଧ ଆସନ ନେଇ ସିପିଆଇ ସହିତ ବୁଝାମଣା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଗୁରୁବାର ବୌଦ୍ଧ ସହରର ଏନଏସି ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହ ବୌଦ୍ଧରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦେବାକୁ ଦାବି କରାଯାଇଛି । ଯଦି ଦଳ ପକ୍ଷରୁ ଏଠାରେ ପ୍ରାର୍ଥୀ ଦିଆ ନ ଯାଏ ଆଗାମୀ ଦିନରେ ଦଳ ପାଇଁ ବିପଦ ଦେଖାଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।



କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

### ଓଡ଼ିଆପାଲି ବ୍ରିଜ୍ ଉପରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଲଇକେରା, ୨୦।୩ (ଡି.ଏନ.ଏ.)**

ଲଇକେରା ଓଡିଆପାଲି ବ୍ରିଜ ଉପରେ ମଙ୍ଗଳବାର ରାତି ଏକ ଲୁହା ରଡ୍ ବୋଝେଇ ୧୨ ଚକିଆ ଟ୍ରକ (ଓଡି ୧୪ ଡି– ୩୪୯୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଳ୍ପକେ ଟ୍ରକ୍ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। ଏହା ରାଉରକେଲାରୁ ବିଶମକଟର ମୁନିଗୁଡା ଯାଉଥିଲା। ଦ୍ରୁତ ଗତିରେ ଥିବା ଟ୍ରକର ଆଗ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ବ୍ରିଜ ବାଡରେ ଲାଗି ରହିଥିଲା।

ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ

**ଡୁଙ୍ଗୁରିପାଲି,୨୦।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀକୁ ଜଣେ ସ୍କୁଲ ଶିକ୍ଷକ ଅସଦାଚରଣ କରିଥିବା ନେଇ ଗ୍ରାମବାସୀ ଡୁଙ୍ଗୁରିପାଲି ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରି କି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଡୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗଡତ୍ୟାଙ୍କୁ ପଚାରିବାକୁ ଅଭିଯୋଗକୁ ଭିତ୍ତି କରି ଘଟଣା ସଂକ୍ରାନ୍ତରେ ଉର୍ଦ୍ଧ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ଘଟଣା ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।



ସୁବଳୟା ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ସଚେତନତା ଶିବିରରେ ଅଂଶଗ୍ରହଣ କରିଥିବା ମହିଳାମାନେ।

# ଜଳ, ପରିମଳ ସଚେତନତା ଶିବିର

**ବୀରମହାରାଜପୁର,୨୦।୩ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ପଞ୍ଚାୟତ ସଭାଗୃହଠାରେ ବୁଧବାର ଜଳ ଓ ପରିମଳ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛଜଳ କାର୍ଯ୍ୟକାରୀ ମହାସଂଘ (ଫାନସା) ତଥା ପରିବର୍ତ୍ତନ ସୁବଳୟାର ପ୍ରୟାସରେ ଶିବିର ହୋଇଥିଲା। ଏଥିରେ ଫାନସାର ଆବାହକ ମନୋଜ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଜଳର ଆବଶ୍ୟକତା, ରକ୍ଷଣାବେକ୍ଷଣ, ପରିଚାଳନା, ସ୍ୱଚ୍ଛଜଳ ବ୍ୟବହାର, ପରିମଳ ଓ ସ୍ୱଚ୍ଛଭାରତ ମିଶନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ସନ୍ତୋଷ କୁମାର ଦାଶ ଶିବିରରେ ଯୋଗଦେଇ ବ୍ୟକ୍ତିଗତ ପରିଚ୍ଛନ୍ନତା, ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ସହାୟତା ଉପରେ ବୁଝାଇଥିଲେ। ଲୋକଙ୍କ ଅବହେଳା ଏବଂ ସଚେତନାର ଅଭାବ ଯୋଗୁ ମାତୃ, ଶିଶୁ ମୃତ୍ୟୁହାର ଓ ଜଳ ପରିମଳ ଜନିତ ରୋଗ ବୃଦ୍ଧି ହେଉଥିବା କହିଥିଲେ। ଆଶାକର୍ମୀ ମଣିବାଳା ନେଗି, ଶାନ୍ତିଲତା ବେହେରା, ପ୍ରତିଭା ସାହୁ ମହିଳାମାନଙ୍କୁ ହାତ ସଫାରଖିବା ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ବବିତା ରାଣୀ ମହାପାତ୍ର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ମାସିକ ଧର୍ମ ଓ ଯତ୍ନ ଉପରେ ସଚେତନ କରାଇଥିଲେ। ପରିବର୍ତ୍ତନର ସମ୍ପାଦକ କୈଳାଶ ଚନ୍ଦ୍ର ଅଗ୍ରୱାଲ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବର୍ଷାରାଣୀ ଅଗ୍ରୱାଲା ସହଯୋଗ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୭୫ଜଣ ଏସ୍‌ଏଚ୍‌ଜି ସଭ୍ୟା ଅଂଶଗ୍ରହଣ କରିଥିଲେ।

ବୌଦ୍ଧ ପ୍ରଶାସନର ଖବରଦାତା ସମ୍ମିଳନୀ

# ଶୃଙ୍ଖଳିତ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

- ଦିନ ୧୧ଟାରୁ ୩ଟା ଯାଏ ହେବ ନାମାଙ୍କନ ଦାଖଲ
- ସକାଳ ୭ରୁ ୪ଟା ପର୍ଯ୍ୟନ୍ତ ମତଦାନ

**ବୌଦ୍ଧ,୨୦।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା ପ୍ରସ୍ତୁତି ନେଇ ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି । ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିର୍ବାଚନ ପାଇଁ ଇଭିଏମ ଗୁଡିକର କମ୍ପ୍ୟୁଟର ଜରିଆରେ ମିଶ୍ରଣ କରି ବୌଦ୍ଧ ଓ କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ଅଲଗା ଅଲଗା କରାଯାଇଛି। ଜିଲାରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ଉପରେ ଦୃଷ୍ଟି ରଖିବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ସମୟସୀମା ରହିଥିବାବେଳେ ଦ୍ୱିତୀୟ ଦିବସ ସୁଦ୍ଧା ୨୧ଟି ନାମାଙ୍କନପତ୍ର ନିର୍ବାଚନ କାର୍ଯ୍ୟାଳୟରୁ ନିଆଯାଇଥିବା ଜଣାପଡିଛି। ତେବେ ଗୁରୁବାର ଦୋଳପୂର୍ଣ୍ଣିମା ପାଇଁ ସରକାରୀ ଛୁଟି ରହିଥିଲେ ମଧ୍ୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ ବୋଲି ସୂଚନା ଦିଆଯାଇଛି। ସରକାରୀ ଛୁଟି ଯୋଗୁ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ହୋଇପାରିବ ନାହିଁ। ତେଣୁ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ମଧ୍ୟରେ ପ୍ରାର୍ଥୀମାନେ ଦିନ ୧୧ଟାରୁ ୩ଟା ମଧ୍ୟରେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିପାରିବେ । ପ୍ରାର୍ଥୀମାନେ ଶୋଭାଯାତ୍ରାରେ କରୁଥିବା ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚରେ ଯୋଡାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ରାଉତ ପ୍ରକାଶ କରିଛନ୍ତି। ନାମାଙ୍କନ ଦାଖଲ ଶୋଭାଯାତ୍ରାର ଖର୍ଚ୍ଚ ଉପରେ ଦୃଷ୍ଟି ରଖିବାକୁ ଭିଡିଓ ଚିତ୍ର ଓ ଫଟୋ ଉତ୍ତୋଳନ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ନାମାଙ୍କନ ଦାଖଲ ସମୟରେ କାର୍ଯ୍ୟାଳୟ ଭିତରକୁ ମାତ୍ର୪ ଜଣ ସମର୍ଥକଙ୍କୁ ନେଇପାରିବେ। ସେହିପରି ପ୍ରାର୍ଥୀପତ୍ର ଯାଞ୍ଚ ଦିନ ପ୍ରାର୍ଥୀଙ୍କ ପକ୍ଷରୁ ମାତ୍ର ୪ ଜଣ ଉପସ୍ଥିତ ରହିପାରିବେ। ମତଦାନ ଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ। ନାମାଙ୍କନର ଦ୍ୱିତୀୟ ଦିବସ ସୁଧା ୨୧ ଜଣ ନାମାଙ୍କନପତ୍ର ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ଜଣ ପ୍ରାର୍ଥୀ ପ୍ରାଉଟିଷ୍ଟ ବ୍ଲକର କେଦାର ସାହୁ, ସିପିଆଇର ଅବକାଶ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର ଅଛନ୍ତି । ଏହି ସମ୍ମିନଳୀରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ନିର୍ବାଚନ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଉଛନ୍ତି ।





# ତିନି ଦଳରେ ରୋଚକ ସ୍ଥିତି

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ପ୍ରଦୀପ ମହାରଥୀ | ବିଜେଡି | ୮୨,୫୫୦ |
| ଯୁଧିଷ୍ଠିର ସାମନ୍ତରାୟ | କଂଗ୍ରେସ | ୪୯,୦୭୬ |
| ଆଶ୍ରିତ ପଟ୍ଟନାୟକ | ସ୍ୱାଧୀନ | ୧୮,୦୦୦ |
| ପ୍ରଫୁଲ୍ଲ ପ୍ରସାଦ ଗଜେନ୍ଦ୍ର | ଭାଜପା | ୭,୬୫୬ |

**ମୋଟ ଭୋଟର ସଂଖ୍ୟା** ୨,୨୩,୪୯୪

**ପୁରୁଷ ଭୋଟର** ୧,୧୬,୨୯୬

**ମହିଳା ଭୋଟର** ୧,୦୭,୧୯୬

**ଅନ୍ୟାନ୍ୟ ଭୋଟର** ୨

ହେମନ୍ତ ନାୟକ
ପୁରୀ ଅଫିସ,୨୦।୩

ପୁରୀ ଜିଲାର ୬ ବିଧାନସଭା କ୍ଷେତ୍ର ମଧ୍ୟରୁ ପିପିଲି ଅନ୍ୟତମ। ରାଜନୈତିକ ଦୃଷ୍ଟିକୋଣରୁ ଏହା ଏକ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ। ଆସନ୍ତା ନିର୍ବାଚନ ପାଇଁ ତିନି ପ୍ରମୁଖ ଦଳର ରାଜନୈତିକ ଅଙ୍କ ରୋଚକ ସ୍ଥିତିରେ ପହଞ୍ଚିଥିବା କୁହାଯାଉଛି। ଗତ ନିର୍ବାଚନର ତିନି ପ୍ରମୁଖ ଦଳ (ବିଜେଡି, କଂଗ୍ରେସ ଓ ଭାଜପା) ପ୍ରାର୍ଥୀଙ୍କୁ ପୁନଃ ସୁଯୋଗ ଦିଆଯିବ ନା ନୂଆମୁହଁ ମଇଦାନକୁ ପ୍ରବେଶ କରିବେ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଅନେକ ସମୟରେ ବିବାଦୀୟ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହିଥିବା ପ୍ରଦୀପ ମହାରଥୀ ପୁନର୍ବାର ଶଙ୍ଖ ବଜାଇବାକୁ ଆଶା ରଖିଥିବା ବେଳେ କଂଗ୍ରେସ ପୁରୁଣା ଫର୍ମକୁ ଫେରିବା ଲାଗି ଉଦ୍ୟମ ଚଳାଇଛି। ସେପଟେ ଭାଜପା ବି ପିପିଲିରେ ପଦ୍ମ ଫୁଟାଇବାକୁ ପାଗ ଭିଡ଼ିଛି।




ପିପିଲି ବ୍ଲକର ୨୫ ପଞ୍ଚାୟତ, ଡେଲାଙ୍ଗ ବ୍ଲକର ୧୮ ପଞ୍ଚାୟତ ଏବଂ ପିପିଲି ଏନ୍ଏସିର ୧୬ଟି ୱାର୍ଡକୁ ନେଇ ପିପିଲି ନିର୍ବାଚନମଣ୍ଡଳୀ ଗଠିତ। ପୁରୀ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଏହି ନିର୍ବାଚନମଣ୍ଡଳୀ ୧୯୫୧ରେ ସୃଷ୍ଟି ହୋଇଥିଲା। ୧୯୫୧ରୁ ୧୯୭୭ ପର୍ଯ୍ୟନ୍ତ ଏହା କଂଗ୍ରେସ କବ୍ଜାରେ ରହିଥିଲା। ୧୯୮୫ ପରଠାରୁ ପ୍ରଦୀପ ମହାରଥୀ ପ୍ରାୟତଃ ଏହାକୁ ନିଜ ଅକ୍ତିଆରରେ ରଖି ଆସିଛନ୍ତି। ମଝିରେ ଅର୍ଥାତ୍ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ଯୁଧିଷ୍ଠିର ସାମନ୍ତରାୟ ବିଜୟୀ ହୋଇଥିଲେ। ୧୯୮୫ ଏବଂ ୧୯୯୦ରେ ଜନତା ଦଳରୁ ଜିତିଥିବା ମହାରଥୀ ୨୦୦୦ ମସିହାରୁ ଲଗାତର ୪ଥର ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି।

ଏକାଧିକ ଥର ମନ୍ତ୍ରୀ ହୋଇଥିବା ମହାରଥୀ ମଝିରେ ମଝିରେ ବିବାଦୀୟ ମନ୍ତବ୍ୟ ପାଇଁ ମନ୍ତ୍ରୀ ପଦରୁ ବାହାରିଛନ୍ତି। ୨୦୧୨ରେ ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଘଟଣା ପାଇଁ ଅଡୁଆରେ ପଡିଥିଲେ ମହାରଥୀ। ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ନେଇ ଉଠିଥିଲା ଅଭିଯୋଗ। ଏହି ଘଟଣା ପିପିଲି କି ପୁରୀ ଜିଲାରେ ସୀମିତ ନ ଥିଲା। ରାଜ୍ୟ ଓ ଦେଶବ୍ୟାପୀ ଏହା ହଟଚମଟ ସୃଷ୍ଟି କରିଥିଲା। ବିରୋଧୀ ଦଳ ସମେତ ଏକାଧିକ ସଙ୍ଗଠନ ମହାରଥୀଙ୍କୁ ବିରୋଧ କରି ଧାରଣା, ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ। ସରକାର ମଧ୍ୟ ଅଡୁଆରେ ପଡିଥିଲେ। ଶେଷରେ ଏହି ଘଟଣା ପାଇଁ ମହାରଥୀଙ୍କ ମନ୍ତ୍ରୀପଦ ବି ଯାଇଥିଲା। ପୁନର୍ବାର ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଯୁଧିଷ୍ଠିର ସାମନ୍ତରାୟଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ ମହାରଥୀ। ସେ ୮୨,୫୫୦ ଭୋଟ ପାଇଥିବା ବେଳେ ସାମନ୍ତରାୟ ୪୯,୦୭୬ ଭୋଟ ପାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ୧୮,୦୦୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ ଭାଜପାର ପ୍ରଫୁଲ୍ଲ ପ୍ରସାଦ ଗଜେନ୍ଦ୍ର ୭,୬୫୬ ଭୋଟ ପାଇଥିଲେ। ୨୦୧୮ରେ ପୁଣି ପିପିଲି ଗଣବଳାତ୍କାର ପ୍ରସଙ୍ଗକୁ ନେଇ ମହାରଥୀଙ୍କୁ ଘେରିଥିଲେ ବିରୋଧୀ। ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପରେ ମହାରଥୀଙ୍କ ବିବାଦୀୟ ମନ୍ତବ୍ୟ, ସେହି ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଟାକ୍ଷ ତାଙ୍କ ମନ୍ତ୍ରୀ ପଦ ନେଇଥିଲା। ତେଣୁ ଆଗାମୀ ନିର୍ବାଚନକୁ ନେଇ ପିପିଲିରେ ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହେବାରେ ଲାଗିଛି।

ଏଥର ନିର୍ବାଚନରେ କେଉଁ ଦଳରୁ କିଏ ଟିକେଟ ପାଇବେ ସେ ନେଇ ପୂର୍ବାନୁମାନ ଲଗାଇ ପାରୁନାହାନ୍ତି ଭୋଟର। ସବୁ ଦଳରେ ରୋଚକ ସ୍ଥିତି ରହିଛି। ଏଥର ବିଜେଡି ଏଠାରେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ତେଣୁ ଦଳ ପ୍ରଦୀପ ମହାରଥୀଙ୍କୁ ବାଦ୍ ଦେଇ ତାଙ୍କ ସ୍ତ୍ରୀ ପ୍ରତିଭା ମହାରଥୀଙ୍କୁ ଟିକେଟ ଦେଇପାରେ ବୋଲି ଶୁଣିବାକୁ ମିଳୁଛି। କିନ୍ତୁ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଡେଲାଙ୍ଗ ଅଞ୍ଚଳର ସନ୍ଧ୍ୟାବତୀ ପ୍ରଧାନଙ୍କ ନାଁ ବେଶ୍ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କଂଗ୍ରେସରୁ ଗତ ୨୫ ବର୍ଷ ହେଲା ପ୍ରାର୍ଥୀ ହୋଇଆସୁଛନ୍ତି ଯୁଧିଷ୍ଠିର ସାମନ୍ତରାୟ। ଦୀର୍ଘବର୍ଷ ଯୁଧିଷ୍ଠିରଙ୍କ ଉପରେ ଭରସା କରିଆସିଥିବା କଂଗ୍ରେସ ଏଥର ଜଣେ ନୂଆମୁହଁକୁ ନିର୍ବାଚନ ମଇଦାନକୁ ଅବତୀର୍ଣ୍ଣ କରାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଏଥିପାଇଁ ଆଶାୟୀଙ୍କ ତାଲିକା ବି ବେଶ୍ ଲମ୍ବା ରହିଛି। ସେମାନଙ୍କ ମଧ୍ୟରେ ଅଜିତ ମଙ୍ଗରାଜ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନାଁ ଶୁଣିବାକୁ ମିଳୁଛି। ଭାଜପା ଶିବିରରେ ବି ସମାନ ସ୍ଥିତି। ଏକାଧିକ ଆଶାୟୀ ଏଥର ନିର୍ବାଚନ ଲଢିବା ଲାଗି ମନ ବଳାଇଛନ୍ତି। ଗତଥର ସ୍ୱାଧୀନ ପ୍ରାର୍ଥୀ ହୋଇ ୧୮ ହଜାର ଭୋଟ ପାଇଥିବା ଆଶ୍ରିତ ପଟ୍ଟନାୟକ ଏଥର ଭାଜପାର ଆଶ୍ରିତ। ପଦ୍ମ ପୋଖରୀକୁ ପାଦ ବଢାଇଥିବା ଆଶ୍ରିତ ବିଭିନ୍ନ ସ୍ଥାନରେ ସଭା, ସମିତି କରି ନିଜ ସ୍ଥିତିକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ଜିଲା ସଭାପତି ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଖୋଲା ଘୋଷଣା କରିଥିଲେ ବି ଭାଜପାର ଗୋଟିଏ ଗୋଷ୍ଠୀ ଏହା ମାନିବାକୁ ନାରାଜ। ସମାନ୍ତରାଳ ଭାବେ ସଙ୍ଗଠନ ଚଳାଇଥିବା ବିକାଶ ପଟ୍ଟନାୟକ କିମ୍ବା ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ପ୍ରଫୁଲ୍ଲ ଗଜେନ୍ଦ୍ରଙ୍କୁ ପ୍ରାର୍ଥୀ କରିବାକୁ ଏହି ଗୋଷ୍ଠୀ ଦାବି କରୁଛନ୍ତି। ଅନ୍ୟପକ୍ଷରେ ମହିଳା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯଦି ବାଲେଶ୍ୱର ଲୋକ ସଭାରୁ ପ୍ରାର୍ଥୀ ନ ହୁଅନ୍ତି, ତେବେ ତାଙ୍କୁ ଏଠାରୁ ପ୍ରାର୍ଥୀ କରାଯିବା ସମ୍ଭାବନା ବି ରହିଛି।


ପ୍ରଦୀପ ମହାରଥୀ


ଯୁଧିଷ୍ଠିର ସାମନ୍ତରାୟ


ସନ୍ଧ୍ୟାବତୀ ପ୍ରଧାନ


ଆଶ୍ରିତ ପଟ୍ଟନାୟକ

ବିଜେଡିରୁ ପ୍ରମୁଖ ଦାବିଦାର କୁହାଯାଉଥିବା ପ୍ରଦୀପ ମହାରଥୀ ନବୀନ ନିବାସରେ ନିଜ ପ୍ରାର୍ଥିତ୍ୱ ସମ୍ପର୍କରେ କହିଥିଲେ ଯେ, ନବୀନ ବାବୁ ଅତୀତରେ ତାଙ୍କୁ ପିପିଲିବାସୀଙ୍କ ସେବା କରିବାର ସୁଯୋଗ ଦେଇଛନ୍ତି। ଆଗକୁ ମଧ୍ୟ ତାଙ୍କ ଉପରେ ବିଶ୍ୱାସ ରଖିବେ ବୋଲି ଆଶା ରଖିଛନ୍ତି। ତାଙ୍କର ପ୍ରତ୍ୟେକ ନିଷ୍ପତ୍ତିକୁ ସେ ଶ୍ରଦ୍ଧାର ସହ ପାଳନ କରିବେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଯଦି ପ୍ରଦୀପ ମହାରାଥୀ ଟିକେଟ ନ ପାଆନ୍ତି ତାହାହେଲେ ତାଙ୍କ ସ୍ତ୍ରୀ ଟିକେଟ ପାଇବେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପଚରାଯିବାରୁ ପ୍ରତିଭା ମହାରଥୀ କହିଛନ୍ତି, ସେମିତି କିଛି ଖବର ତାଙ୍କ ପାଖରେ ନାହିଁ। ସେହିପରି ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ପିପିଲି-ଡେଲାଙ୍ଗବାସୀ ଏଥର ନୂଆମୁହଁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରତିନିଧିତ୍ୱ ଲାଗି ମହିଳାମାନଙ୍କୁ ଅଗ୍ରାଧିକାର ଦେବା ନିମନ୍ତେ ଘୋଷଣା କରିଛନ୍ତି। ଏଥର ସ୍ଥିତି ଯାହା ରହିଛି ସେ ନିଶ୍ଚିତ ଟିକେଟ ପାଇବେ ବୋଲି କହିଛନ୍ତି।

କଂଗ୍ରେସର ଯୁଧିଷ୍ଠିର ସାମନ୍ତରାୟ କହିଛନ୍ତି, ଦୀର୍ଘବର୍ଷ ହେଲା ଦଳରେ ରହି କାମ କରୁଛନ୍ତି। ଟିକେଟ ପାଇବା ପାଇଁ ସେ ହକ୍‌ଦାର। ଦଳ ତାଙ୍କୁ ଟିକେଟ ଦେବ ସେ କହିଛନ୍ତି। ଅଜିତ ମଙ୍ଗରାଜ କହିଛନ୍ତି, ଦଳ ଯୁବ ଏବଂ ମହିଳା ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଉଛି। ସେହିପରି ଡେଲାଙ୍ଗ-ପିପିଲିବାସୀ ଯଦି ଚାହିଁବେ ସେ ପ୍ରାର୍ଥୀ ହେବେ। ଦଳ ସୁଯୋଗ ଦେଲେ ସେ ନିଶ୍ଚିତ ସଫଳ ହେବେ। ଭାଜପାର ଆଶ୍ରିତ ପଟ୍ଟନାୟକ କହିଛନ୍ତି, ଭାଜପାରେ ମିଶିବା ପରେ ତୃଣମୂଳସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ମଜଭୁତ୍ କରିବା ଲାଗି କାମ କରିଆସୁଛି। ଦଳ ନିଶ୍ଚିତ ତାଙ୍କୁ ନିର୍ବାଚନ ଲଢିବାକୁ ସୁଯୋଗ ଦେବ ବୋଲି ଆଶା ରଖିଛନ୍ତି।

# କଂଗ୍ରେସରୁ ଏକ ବିଜେଡି, ଭାଜପାରୁ ଅନେକ

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପ୍ରମୋଦ କୁମାର ମଲ୍ଲିକ | ୮୮,୧୧୯ |
| କଂଗ୍ରେସ | ଛବି ମଲ୍ଲିକ | ୬୨,୩୧୦ |
| ଭାଜପା | ସୁଶାନ୍ତ କୁମାର ମଲ୍ଲିକ | ୧୧,୮୩୧ |

**ମୋଟ୍ ଭୋଟର** ୨,୩୬,୧୮୦

**ପୁରୁଷ ଭୋଟର** ୧,୨୨,୯୬୨

**ମହିଳା ଭୋଟର** ୧,୧୩,୧୭୬

**ଅନ୍ୟାନ୍ୟ** ୪୨

ନିର୍ମଳ ପଣ୍ଡା/ସୁର ନାରାୟଣ ସାହୁ
କଟକ ଅଫିସ/କଣ୍ଟାପଡ଼ା,୨୦।୩ (ଡି.ଏନ୍.ଏ.)

୨୦୦୯ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ କଟକ ଜିଲାର ଗୋବିନ୍ଦପୁର ବିଧାନସଭା କ୍ଷେତ୍ର ରାଜନୈତିକ ମାନଚିତ୍ରରୁ ଅପସରି ଯାଇଥିଲା। ଗୋବିନ୍ଦପୁର ବଦଳରେ ସୃଷ୍ଟି ହୋଇଥିଲା ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ। ନିଆଳି ବ୍ଲକର ୨୩, ବାରଙ୍ଗର ୮ ଓ କଣ୍ଟାପଡ଼ା ବ୍ଲକର ୧୪ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଗତ ଦୁଇ ଥର ବିଜୟୀ ହୋଇଛନ୍ତି। ୨୦୦୯ରେ ଡାକ୍ତର ମଲ୍ଲିକ ୫୦ହଜାର ୬୫୩ ଖଣ୍ଡ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆର୍ତ୍ତତ୍ରାଣ ମଲ୍ଲିକଙ୍କୁ ପରାସ୍ତ କରିଥିଲେ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ କରି ଛବି ମଲ୍ଲିକଙ୍କୁ ଟିକେଟ୍ ଦେଇଥିବାବେଳେ ବିଜେଡି ଶେଷ ମୁହୂର୍ତ୍ତରେ ଅର୍ଥାତ୍ ନାମାଙ୍କନପତ୍ର ଦାଖଲର ପୂର୍ବଦିନ ଡାକ୍ତର ମଲ୍ଲିକଙ୍କୁ ଟିକେଟ୍ ଦେଇଥିଲା। ଅନ୍ୟପକ୍ଷରେ ଭାଜପା ନିର୍ବାଚନରେ ନିର୍ବାଚନମଣ୍ଡଳୀର ସମସ୍ତ ଜିଲା ପରିଷଦ ସଦସ୍ୟଙ୍କୁ ବିଜୟୀ କରିବା ସହିତ ନିଆଳି, କଣ୍ଟାପଡ଼ା ଓ ବାରଙ୍ଗ ପଞ୍ଚାୟତ ସମିତି ବିଜେଡି ସମର୍ଥନରେ ଗଠନ କରାଯାଇଛି। ଦଳର ସଭାପତିଙ୍କର ତାଙ୍କ ଉପରେ ଦୃଢ଼ବିଶ୍ୱାସ ରହିଛି। ତେଣୁ ଆଗାମୀ ନିର୍ବାଚନରେ ସଭାପତି ତାଙ୍କ ଉପରେ ବିଶ୍ୱାସ ରଖିବେ। ଟିକେଟ ନ ମିଳିଲେ ଦଳ ସହିତ ରହିବେ ବୋଲି ପ୍ରମୋଦ କହିଥିଲେ। ଅନ୍ୟତମ ଆର୍ତ୍ତତ୍ରାଣ କହିଛନ୍ତି ଯେ, ୨୦୧୪ଠାରୁ ସେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରୁ ଟିକେଟ ମିଳିଲେ ନିର୍ବାଚନ ଲଢ଼ିବାକୁ ଆଶା ବାନ୍ଧିଛନ୍ତି। ଟିକେଟ ନମିଳିଲେ ସେ ଦଳରେ ରହି ଜଣେ ଶୃଙ୍ଖଳିତ କର୍ମୀଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀ ବିପିନ ଓ କୃଷ୍ଣ ମଧ୍ୟ ସମାନ ଢଙ୍ଗରେ ମତ ଦେଇ କହିଛନ୍ତି, ଦଳରେ ସେମାନେ ଶୃଙ୍ଖଳିତ କର୍ମୀ। ନବୀନଙ୍କ ନିର୍ଦ୍ଦେଶ ସେମାନଙ୍କ ପାଇଁ ସର୍ବମାନ୍ୟ ବୋଲି କହିଥିଲେ।

ବିଜେଡି ଅବସ୍ଥା ଏଭଳି ଥିବାବେଳେ ଭାଜପାର ମଧ୍ୟ ଅନୁରୂପ ଅବସ୍ଥା। ୨୦୦୯ ଓ ୨୦୧୪ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ସୁଶାନ୍ତ ଓ ଛବି ଟିକେଟ୍ ପାଇଁ ପ୍ରମୁଖ ଦାବିଦାର। ଯେହେତୁ ଛବି ୨୦୧୪ରେ ୬୨ହଜାର ଭୋଟ ପାଇଥିଲେ ତେଣୁ ଭାଜପା ତାଙ୍କୁ ନିଆଳିରୁ




୨୦୦୯ର ପ୍ରାର୍ଥୀ ସୁଶାନ୍ତ କୁମାର ମଲ୍ଲିକଙ୍କୁ ଟିକେଟ୍ ଦେଇଥିଲା। ବିଜେଡି ପ୍ରାର୍ଥୀ ଡାକ୍ତର ମଲ୍ଲିକ ୨୫ହଜାର ୮୦୯ ଭୋଟରେ କଂଗ୍ରେସ ପ୍ରାର୍ଥୀ ଛବିଙ୍କୁ ପରାସ୍ତ କରିଥିଲେ। ଭାଜପା ପ୍ରାର୍ଥୀ ସୁଶାନ୍ତ ୧୧ହଜାର ୮୩୧ ତୃତୀୟ ସ୍ଥାନରେ ରହିଥିଲେ।

୨୦୧୯ର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଛବି ମଲ୍ଲିକ ଭାଜପାରେ ଯୋଗ ଦେଇଥିବାବେଳେ ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଆର୍ତ୍ତତ୍ରାଣ ମଲ୍ଲିକ ଇତିମଧ୍ୟରେ ବିଜେଡିରେ ଯୋଗଦେଇଛନ୍ତି। ଏଭଳି ପରିସ୍ଥିତିରେ ବିଜେଡି ଓ ଭାଜପାରୁ ଆଶାୟୀଙ୍କ ସଂଖ୍ୟା ନିଆଳି ପାଇଁ ବେଶ୍ ଲମ୍ବା ରହିଛି। ଦୁଇ ଥରର ବିଧାୟକ ପ୍ରମୋଦ ତୃତୀୟ ଥର ଟିକେଟ ଆଶାରେ ଥିବାବେଳେ ନୂଆକରି ଦଳରେ ଯୋଗ ଦେଇଥିବା ଆର୍ତ୍ତତ୍ରାଣ ମଧ୍ୟ ପ୍ରମୁଖ ଟିକେଟ ଦାବିଦାର ସାଜିଛନ୍ତି। ଏହାବାଦ ଯୁବନେତା ବିପିନ ବେହେରା, ଆଡଭୋକେଟ କୃଷ୍ଣ ମଲ୍ଲିକ ପ୍ରମୁଖ ମଧ୍ୟ ବିଜେଡି ଟିକେଟ ଆଶାରେ ରହିଛନ୍ତି। ସୂଚନାଥାଉ କି, ୨୦୧୪ରେ ବିଜେଡି ପ୍ରମୋଦଙ୍କ ନାମ ଘୋଷଣା କରିବା ପରେ କୃଷ୍ଣ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ମାତ୍ର ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପରେ ସେ ନିଜ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିଲେ। ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେବ ବୋଲି କୃଷ୍ଣ ଆଶାୟୀ ଥିବାବେଳେ ବିଧାୟକ ପ୍ରମୋଦ ନିଜର ସାଂଗଠନିକ ଶକ୍ତିକୁ ନେଇ ପୁଣି ଥରେ ଟିକେଟ ପାଇବେ ବୋଲି ଦୃଢୋକ୍ତି କରିଛନ୍ତି। ପ୍ରମୋଦଙ୍କ ମତରେ ୨୦୧୭ ପଞ୍ଚାୟତ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ପ୍ରାର୍ଥିତ୍ୱ ସମ୍ପର୍କରେ ଛବି କୌଣସି ମତାମତ ଦେବାକୁ ମନା କରିଥିବାବେଳେ ସୁଶାନ୍ତ ଦଳରେ ନିଷ୍ଠାର ସହିତ କାର୍ଯ୍ୟ କରୁଥିବା କହିଛନ୍ତି। ତେଣୁ ଦଳ ତାଙ୍କ ଉପରେ ଦୃଢ ଆସ୍ଥା ରଖିବ ବୋଲି ସେ ଆଶା କରିଛନ୍ତି। ଟିକେଟ ନ ମିଳିଲେ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭଳି କାମ କରିବେ ବୋଲି ସୁଶାନ୍ତ କହିଥିଲେ। ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ବେଣୁଧର ବେହେରା କୁହନ୍ତି, ଦଳରେ ସେ ଦୀର୍ଘଦିନ ହେଲା ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ଟିକେଟ ପାଇବା ପାଇଁ ସେ ଆଶା ରଖିଛନ୍ତି। ଟିକେଟ ନ ମିଳିଲେ ସେ ଆଦୌ ବିଚଳିତ ନ ହୋଇ ଦଳର କାର୍ଯ୍ୟ କରିଚାଲିବେ ବୋଲି ସେ କହିଛନ୍ତି।

କଂଗ୍ରେସରୁ ଟିକେଟ୍ ପାଇବା ପାଇଁ ଏକମାତ୍ର ଆଶାୟୀ ରହିଛନ୍ତି ଅଭିମନ୍ୟୁ ମଲ୍ଲିକ। ତାଙ୍କୁ ଦଳରୁ ଟିକେଟ ମିଳିବା ନିଶ୍ଚିତ ବୋଲି ସେ କହିଛନ୍ତି। କଂଗ୍ରେସ ଭୋଟ ସ୍ଥିର ଅଛି। ନେତା ଚାଲିଗଲେ ଭୋଟର ଚାଲିଯାଆନ୍ତି ସେ ଆଶା କରିବା ନିରର୍ଥକ ବୋଲି ଅଭିମନ୍ୟୁ କହିଛନ୍ତି। ନିର୍ବାଚନରେ କଂଗ୍ରେସର ବିଜେଡି ସହିତ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଅଭିମନ୍ୟୁ କହିଛନ୍ତି।


ସୁଶାନ୍ତ ମଲ୍ଲିକ


ଡାକ୍ତର ପ୍ରମୋଦ କୁମାର ମଲ୍ଲିକ


ଆର୍ତ୍ତତ୍ରାଣ ମଲ୍ଲିକ


ବେଣୁଧର ବେହେରା


ଛବି ମଲ୍ଲିକ


ଅଭିମନ୍ୟୁ ମଲ୍ଲିକ


ବିପିନ ବେହେରା

# ଧର୍ମେନ୍ଦ୍ରଙ୍କ ପାଇଁ ସମ୍ମାନର ପ୍ରଶ୍ନ

ଦିବ୍ୟଜ୍ୟୋତି ଦାଶ
ପାଲଲହଡ଼ା, ୨୦।୩

ଏପ୍ରିଲ ୨୩ରେ ଅନୁଗୋଳ ଜିଲାରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଲଲହଡ଼ା ବିଧାନସଭା ଆସନକୁ ନେଇ ସାଧାରଣରେ ସର୍ବାଧିକ ଚର୍ଚ୍ଚା ହେଉଛି। କାରଣ ପାଲଲହଡ଼ା ହେଉଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନମଣ୍ଡଳୀ। ତାଙ୍କ ରାଜନୈତିକ ଜୀବନ ଏଠାରୁ ହିଁ ଆରମ୍ଭ ହୋଇଥିଲା। ଯଦିଓ ଏଠାରୁ ସେ ପ୍ରାର୍ଥୀ ହେବାର ସମ୍ଭାବନା ଦେଖାଯାଉନି ତଥାପି ନିଜ ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀମଣ୍ଡିତ କରିବା ତାଙ୍କ ପାଇଁ ବଡ଼ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି। ସେହିପରି ଗତ ଦୁଇଟି ନିର୍ବାଚନରେ ଏହି ଆସନକୁ ବିଜେଡି କବ୍‌ଜା କରି ରଖିଥିବାରୁ ତୃତୀୟ ଥର ପାଇଁ ମଧ୍ୟ ଦଳ ଏଠାରେ ଜୟଲାଭ କରିବାକୁ ଅଣ୍ଟା ଭିଡ଼ିଛି। ତେବେ ଭାଜପା ଓ ବିଜେଡି ଅପେକ୍ଷା କଂଗ୍ରେସର ସ୍ଥିତି ସାମାନ୍ୟ ଦୁର୍ବଳ ଥିଲେ ବି ଦଳ ଏଥର ଏଠାରୁ ବିଜୟର ସ୍ୱାଦ ଚାଖିବା ପାଇଁ ଆଶା ବାନ୍ଧିଛି। ସବୁଠାରୁ ବଡ଼କଥା ହେଲା ଦୀର୍ଘ ବର୍ଷରୁ ପାଲଲହଡାରୁ ତାଳଚେର ଅଞ୍ଚଳର ନେତାମାନେ ଜିତି ଆସୁଥିବାରୁ ଏଥର ସ୍ଥାନୀୟ ଚେହେରା ଉପରେ ଭୋଟରଙ୍କ ଫୋକସ ରହିବ ବୋଲି ଜୋରଦାର ଚର୍ଚ୍ଚା ହେଉଛି।

ଅତୀତରେ କଂଗ୍ରେସର ଗଡ଼ କୁହାଯାଉଥିବା ପାଲଲହଡା ନିର୍ବାଚନମଣ୍ଡଳୀ ୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟ ହାତକୁ ଯାଇଥିଲା। ଭାଜପା ବିଧାୟକ ଭାବେ ଧର୍ମେନ୍ଦ୍ର ପ୍ରଧାନ ଏଠାରୁ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୪ରେ ଏହା ପୁଣି କଂଗ୍ରେସ କବ୍‌ଜାକୁ ଯାଇଥିଲା। ବର୍ତ୍ତମାନର ପରଜଙ୍ଗ ବିଧାୟକ ତଥା ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଏଠାରୁ ବିଜୟୀ ହୋଇଥିଲେ। କିନ୍ତୁ ୨୦୦୯ରେ ବିଜେଡିର ରବି ନାରାୟଣ ପାଣି ଓ ୨୦୧୪ ନିର୍ବାଚନରେ ବିଜେଡିର ମହେଶ ସାହୁ ଏଠାରୁ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ମଧ୍ୟ ବିଧାୟକ ସାହୁ ପ୍ରାର୍ଥୀ ହେବାକୁ ଦୃଢ଼ ଦାବିଦାର ବୋଲି କହୁଛନ୍ତି। କିନ୍ତୁ ଦଳରେ ଆଶାୟୀଙ୍କ ସଂଖ୍ୟା କମ୍ ନାହିଁ। ପୂର୍ବତନ ବିଧାୟକ ରବି ନାରାୟଣ ପାଣି, ବରିଷ୍ଠ ନେତା ଜଗମୋହନ ପ୍ରଧାନ, ଯୁବନେତା ଇଂ. ସନ୍ଦୀପ ପ୍ରଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ବେହେରା, ଯୁଧିଷ୍ଠିର ଗଡ଼ନାୟକ ଟିକେଟ ଦୌଡ଼ରେ ରହିଛନ୍ତି। ସେହିପରି ମହିଳାଙ୍କ ପାଇଁ ନବୀନ ପଟ୍ଟନାୟକଙ୍କ ୩୩ ପ୍ରତିଶତ ସଂରକ୍ଷଣ ନୀତି ଆଧାରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା କ୍ଷୀରୋଦରୀ ବେହେରା ମଧ୍ୟ ଆଶାୟୀ ତାଲିକାରେ ଯୋଡ଼ି ହୋଇଯାଇଛନ୍ତି। ତେବେ ମହେଶ ହୁଅନ୍ତୁ ଅବା ଅନ୍ୟକେହି, ପାଲଲହଡ଼ା ଆସନ ହାତେଇବା ବିଜେଡି ପାଇଁ ଏଥର ସହଜ ହେବନାହିଁ ବୋଲି କୁହାଯାଉଛି। କାରଣ ଦଳରେ ଥିବା ଗୋଷ୍ଠୀ କନ୍ଦଳ, ବିଧାୟକଙ୍କ ଦୁର୍ବଳ ସାଙ୍ଗଠନିକ ଦକ୍ଷତା, ଦୁଇ ବ୍ଲକ ସଭାପତିଙ୍କ ସହ ବିଧାୟକଙ୍କ ବିବାଦ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ବିଫଳତା ବିଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ସମଲ ଏବଂ ରେଙ୍ଗାଳି ନଦୀବନ୍ଧ କ୍ଷତିଗ୍ରସ୍ତଙ୍କ ସମସ୍ୟାର ସମାଧାନ ଦିଗରେ ସରକାର ସେପରି ପଦକ୍ଷେପ ନେଇ ନ ଥିବାରୁ ସ୍ଥାନୀୟ ଭୋଟର ବିଜେଡି ବିରୋଧରେ ଯିବା ସମ୍ଭାବନା ମଧ୍ୟ ରହିଛି। ଏ ସମ୍ପର୍କରେ ବିଧାୟକ ମହେଶ ସାହୁ କହିଛନ୍ତି, ଲୋକଙ୍କ ସମର୍ଥନ ମୋ ପ୍ରତି ଅଛି। ଏହାକୁ ପାଥେୟ କରି ଦଳର ସଭାପତି ମୋତେ ସୁଯୋଗ ଦେବେ ବୋଲି ଆଶା ରଖିଛି। ତଥାପି ଦଳ ଯାହା ନିଷ୍ପତ୍ତି ନେବ ତାହା ଗ୍ରହଣ କରିବି। ରବି ନାରାୟଣ ପାଣି କହିଛନ୍ତି, ବିଗତ ଦିନରେ ପାଲଲହଡା ନିର୍ବାଚନମଣ୍ଡଳୀରେ କରିଥିବା କାର୍ଯ୍ୟ ଏବଂ ଲୋକ ସମ୍ପର୍କକୁ ପାଥେୟ କରି ଏଥର ଟିକେଟ୍ ପାଇଁ ଆଶାବାଦୀ ଅଛି। ତେବେ ଦଳ ଯାହା ନିଷ୍ପତ୍ତି କରିବ ତାକୁ ମାନିବି।





ଧର୍ମେନ୍ଦ୍ର ପ୍ରଧାନ


ମହେଶ ସାହୁ


ରବି ନାରାୟଣ ପାଣି


ଅଶୋକ ମହାନ୍ତି


ମୁକେଶ କୁମାର ପାଲ


ସୁବୋଧ ପାଣି


ସୁବ୍ରତ ଗଡ଼ନାୟକ

**ମୋଟ୍ ଭୋଟର** ୧,୬୭,୯୬୪

**ପୁରୁଷ ଭୋଟର** ୮୬,୭୯୮

**ମହିଳା ଭୋଟର** ୮୧,୧୬୬

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ମହେଶ ସାହୁ | ୪୪, ୨୬୪ |
| ଭାଜପା | ଅଶୋକ ମହାନ୍ତି | ୩୮, ୯୭୦ |
| କଂଗ୍ରେସ | ସୁବୋଧ ପାଣି | ୧୮, ୪୮୭ |

**ନିର୍ବାଚନମଣ୍ଡଳୀ ରୂପରେଖ**

ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ଅନୁଗୋଳ ଜିଲାର ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀ। ପାଲଲହଡା ବ୍ଲକର ୨୭ଟି ଓ କଣିହାଁ ବ୍ଲକର ୧୯ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏହା ସାଧାରଣବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି।

ଅପରପକ୍ଷରେ ଭାଜପା ଏଠାରୁ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏ ଘୋଷଣା କରି ନ ଥିଲେ ବି ବିଜେଡିକୁ ଚାଲେଞ୍ଜ ଦେଇ ପାଲଲହଡା ବ୍ଲକ ଅଧ୍ୟକ୍ଷ ବନିଥିବା ଯୁବନେତା ମୁକେଶ କୁମାର ପାଲ ଏଠାରୁ ଦଳୀୟ ଟିକେଟ୍ ପାଇଁ ଆଶା ବାନ୍ଧିଛନ୍ତି। ଦୁଇ ବ୍ଲକ ପାଲଲହଡ଼ା ଓ କଣିହାଁ ବୁଲି ସେ ସଙ୍ଗଠନକୁ ସୁଦୃଢ଼ କରିଛନ୍ତି। ତାଙ୍କ ବ୍ୟତୀତ ଗତଥର ନିର୍ବାଚନରେ ପରାଜିତ ହୋଇଥିବା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଟିକେଟ ଦୌଡରେ ରହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନର ଫଳ ଏଠାରେ ଭାଜପା ପାଇଁ ବଳ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ମୁକେଶ କୁମାର ପାଲ କହିଛନ୍ତି, ପାଲଲହଡା ନିର୍ବାଚନ ମଣ୍ଡଳୀରେ ବୁଲି ବୁଲି ସଙ୍ଗଠନ କରିଥିବାରୁ ପଞ୍ଚାୟତ ନିର୍ବାଚନରେ ୪ ଜିଲା ପରିଷଦ ସିଟ୍ ଦଳ ଅକ୍ତିଆର କରିଛି। ଲୋକଙ୍କ ସମର୍ଥନ ଥିବାରୁ ଟିକେଟ୍ ପାଇଁ ଆଶା ରଖିଛି। ଆଶୋକ ମହାନ୍ତି କହିଛନ୍ତି, ୧୦ ବର୍ଷ ହେବ ପାଲଲହଡାବାସୀଙ୍କ ସହ ରହିଆସିଛି। ସଙ୍ଗଠନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଆସିଛି। ତେଣୁ ଟିକେଟ ପାଇବା ପାଇଁ ଆଶାବାଦୀ ଅଛି।

ସେହିପରି କଂଗ୍ରେସରୁ ଯୁବନେତା ସୁବ୍ରତ ଗଡ଼ନାୟକ ଟିକେଟ ଦୌଡରେ ସବୁଠୁ ଆଗରେ ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଫକୀର ସାମଲ ଏବଂ ଗତଥର ନିର୍ବାଚନ ଲଢ଼ି ପରାଜିତ ହୋଇଥିବା ସୁବୋଧ ପାଣି ଆଶାୟୀଙ୍କ ତାଲିକାରେ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସୁବ୍ରତ ଗଡ଼ନାୟକ କହିଛନ୍ତି, ପାଲଲହଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରିବା ଦିଗରେ କାର୍ଯ୍ୟକରୁଛି। ବର୍ତ୍ତମାନ ଦଳ ଯୁବବର୍ଗଙ୍କୁ ଗୁରୁତ୍ୱ ଦେଉଥିବାରୁ ଏଥର କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବି ବୋଲି ଆଶା ରଖିଛି।

# ତ୍ରିମୁଖୀ ଲଢ଼େଇ ସମ୍ଭାବନା

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ମୁକ୍ତିକାନ୍ତ ମଣ୍ଡଳ | ବିଜେଡି | ୭୧,୫୩୮ |
| ବିଷ୍ଣୁ ସେଠୀ | ଭାଜପା | ୬୨,୩୪୬ |
| ହୃଦାନନ୍ଦ ସେଠୀ | କଂଗ୍ରେସ | ୧୨,୦୪୬ |

ଧାମନଗର ନିର୍ବାଚନମଣ୍ଡଳୀରେ ପୂର୍ବରୁ ବିଧାୟକ ଭାବେ ମୁରଲୀଧର ଜେନା, ସତ୍ୟଭାମା ଜେନା, ହୃଦାନନ୍ଦ ମଲ୍ଲିକ, ଜଗନ୍ନାଥ ରାଉତ, ମାନସ ରଞ୍ଜନ ମଲ୍ଲିକ, ମନମୋହନ ସାମଲ ପ୍ରମୁଖ ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀ ପଦ ଅକ୍ତିଆର କରିଥିଲେ। ପୂର୍ବରୁ କଂଗ୍ରେସ ଏବଂ ଜନତା ଦଳ ମଧ୍ୟରେ ଲଢ଼େଇ ହେଉଥିବା ବେଳେ ଏବେ ଏହା ତ୍ରିମୁଖୀ ଲଢ଼େଇ କ୍ଷେତ୍ର ପାଲଟିଛି।

ଅଜିତ କୁମାର ରାଉତ
ଧାମନଗର, ୨୦।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବିଧାନସଭା ଆସନରୁ କେଉଁ ଦଳ କାହାକୁ ପ୍ରାର୍ଥୀ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିରେ ପ୍ରାର୍ଥୀ ଚୟନ ଲାଗି କସରତ ଜାରି ରହିଛି। କଂଗ୍ରେସର ୨ ଜଣ ଓ ବିଜେଡିର ୨ ଜଣ ପ୍ରମୁଖ ଆଶାୟୀ ପ୍ରାର୍ଥୀଙ୍କ ନାଁ ଚର୍ଚ୍ଚାକୁ ଆସିଥିବା ବେଳେ ଭାଜପାର ଜଣେ ମାତ୍ର ଆଶାୟୀ ଥିବା କୁହାଯାଉଛି। ୪ର୍ଥ ପର୍ଯ୍ୟାୟରେ ଏହି ଆସନ ପାଇଁ ଭୋଟଗ୍ରହଣ କରାଯିବ। ଚୂଡ଼ାନ୍ତ ପ୍ରାର୍ଥୀତାଲିକା ଘୋଷଣା ହୋଇ ନ ଥିଲେ ମଧ୍ୟ ସବୁ ଦଳ ଭୋଟରଙ୍କୁ ଭେଟିବା ଅଭିଯାନ ଆରମ୍ଭ କରିଛନ୍ତି। ଏନେଇ ରାଜନୈତିକ ଉଷ୍ମତା ବାରି ହୋଇପଡୁଛି। ଭାଜପାର କର୍ମୀମାନେ ବିଜୟ ସଂକଳ୍ପ ଯାତ୍ରାରେ ଗାଁକୁ ଗାଁ ବୁଲୁଥିବା ବେଳେ ଶାସକ ବିଜେଡିର କର୍ମୀ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚଳାଇଛନ୍ତି। କଂଗ୍ରେସ କେବଳ ସଭା ସମାବେଶରେ ସୀମିତ ରହିଛି।




ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ସବୁବେଳେ ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରିଆସିଛି। ୨୦୧୪ ନିର୍ବାଚନରେ ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ମୁକ୍ତିକାନ୍ତ ମଣ୍ଡଳ ଏଠାରୁ ନିର୍ବାଚିତ ହୋଇଥିଲେ। ଭାଜପା ୨ୟ ଏବଂ କଂଗ୍ରେସ ୩ୟ ସ୍ଥାନରେ ରହିଥିଲା। ବର୍ତ୍ତମାନ ବିଧାୟକ ମଣ୍ଡଳଙ୍କ ସମେତ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ବିଜେଡି ଟିକେଟ ପାଇଁ ଲବି ଚଳାଇଥିବା ବେଳେ କଂଗ୍ରେସରେ ଡା.ବିଦ୍ୟାଧର ଜେନା ଓ ରଞ୍ଜନ ବେହେରାଙ୍କ ସମେତ ୩ ଜଣ ଆଶାୟୀ ରହିଛନ୍ତି। ଭାଜପାରେ ଅନ୍ୟ କେହି ଆଶାୟୀ ନ ଥିବାରୁ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଦଳରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ବର୍ତ୍ତମାନ ସୁଦ୍ଧା ଟିକେଟ ବଣ୍ଟନ ନେଇ ଅଙ୍କକଷା ଛିଡି ନ ଥିବାରୁ କର୍ମୀ ମହଲରେ ଉତ୍କଣ୍ଠା ସୃଷ୍ଟି କରିଛି।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ବୃଦ୍ଧି ଉଭୟ ଶାସକ ବିଜେଡି ଓ କଂଗ୍ରେସକୁ ଚିନ୍ତାରେ ପକାଇଛି। ଏଣୁ ସାଧାରଣ ନିର୍ବାଚନରେ ଏହି ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଅନୁମାନ କରାଯାଉଛି।

ଧାମନଗର ବିଧାନସଭା ଆସନ (୪୬ ନମ୍ବର) ଧାମନଗର ଏନ୍ଏସି ଏବଂ ତିହିଡି ବ୍ଲକରୁ ୧୨ ପଞ୍ଚାୟତକୁ ନେଇ ଗଠିତ। ତଫସିଲଭୁକ୍ତ ଜାତି ଲାଗି ଏହା ସଂରକ୍ଷିତ ରହିଛି। ୨୦୦୪ ନିର୍ବାଚନରେ ଭାଜପା-ବିଜେଡି ମେଣ୍ଟ ପ୍ରାର୍ଥୀ ମନମୋହନ ସାମଲ ଏହି ଆସନକୁ କଂଗ୍ରେସ ହାତରୁ ଛଡ଼ାଇ ନେଇଥିଲେ। ଏହାପରେ ବିଜେଡି କ୍ରମାଗତ ୨ ଥର ଏଠାରୁ ବିଜୟ ହାସଲ କରିଛି। ବିଜେଡି ସହ ଭାଜପା ମେଣ୍ଟ ଥିବାବେଳେ ମନମୋହନ ସାମଲ ଏହି ଆସନରୁ ନିର୍ବାଚିତ ହୋଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶାସକ ବିଜେଡିରେ ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିଲା। ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ବିଜେଡିର ପୂର୍ବତନ ବ୍ଲକ ସଭାପତି ତଥା ବ୍ଲକ ଅଧ୍ୟକ୍ଷ ଥିବା ଅଶୋକ ନାୟକଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ପରେ ଅଶୋକ ଭାଜପା ସହିତ ହାତ ମିଳାଇ ପଞ୍ଚାୟତ ନିର୍ବାଚନରେ ବିଜେଡି ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ। ଫଳରେ ଭାଜପା ୪ଟି ଯାକ ଜିଲାପରିଷଦ ଆସନ ହାତେଇଥିଲା। ଅଶୋକ ନିଜେ ଦ୍ୱିତୀୟ ଥର ସକାଶେ ବ୍ଲକ ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ। ଗତ ପଞ୍ଚାୟତ ନିର୍ବାଚନର ନୈରାଶ୍ୟଜନକ ଫଳାଫଳକୁ ଦୃଷ୍ଟିରେ ରଖି ବିଜେଡିର ଏକ ଗୋଷ୍ଠୀ ବିଧାୟକ ମଣ୍ଡଳଙ୍କ ସ୍ଥାନରେ ରାଜେନ୍ଦ୍ର ଦାସଙ୍କୁ ଟିକେଟ ଦେବା ଲାଗି ଲବି ଚଳାଇଛନ୍ତି। ଏଭଳି ପରିସ୍ଥିତିରେ ଭାଜପା ଓ କଂଗ୍ରେସ ଶାସକ ଦଳକୁ ଟକ୍କର ଦେବା ପାଇଁ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ପାରମ୍ପରିକ ଭୋଟକୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ଦଳ ମଧ୍ୟ ଉଦ୍ୟମ ଚଳାଇଛି।

ଭାଜପାର ଆଶାୟୀ ପ୍ରାର୍ଥୀ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ କହିଛନ୍ତି, ଗତ ଦୁଇ ନିର୍ବାଚନରେ ସେ ଅଳ୍ପ ଭୋଟ ବ୍ୟବଧାନରେ ବିଜେଡିଠାରୁ ହାରିଯାଇଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀରେ ବିରୋଧୀଙ୍କୁ ପ୍ରଶାସନିକ କାର୍ଯ୍ୟରେ କିଭଳି ଉପେକ୍ଷା କରାଯାଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି ତାହା ଲୋକେ ବୁଝିସାରିଛନ୍ତି। ଏ ଦିଗରେ ସେ ଜନମତ ସୃଷ୍ଟି କରିଆସିଛନ୍ତି। ତାଙ୍କୁ ଟିକେଟ ମିଳିଲେ ସେ ଭୋଟରଙ୍କ ସମର୍ଥନ ହାସଲ କରିପାରିବେ ବୋଲି ଆଶା ରଖିଛନ୍ତି। ବିଜେଡି ବିଧାୟକ ମୁକ୍ତିକାନ୍ତ ମଣ୍ଡଳ କହିଛନ୍ତି, ୨୦୧୪ ନିର୍ବାଚନରେ ରାଜେନ୍ଦ୍ରଙ୍କୁ ଟିକେଟ ମିଳି ନ ଥିଲା। ଦଳ ତାଙ୍କୁ ଟିକେଟ ଦେଇ ନିର୍ବାଚନ ଲଢ଼ିବା ସୁଯୋଗ ଦେଇଥିଲା। ବିଗତ ୫ ବର୍ଷ ମଧ୍ୟରେ ସେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିଥିବାରୁ ଏଥର ଟିକେଟ ପାଇବାକୁ ଆଶା ବାନ୍ଧିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ କହିଛନ୍ତି, ଦଳରେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ସେ ରାଜ୍ୟସ୍ତରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ପୂର୍ବରୁ ବିଧାୟକ ଥିବା ସମୟରେ ସେ ମଧ୍ୟ ବହୁ ଉନ୍ନୟନ କାର୍ଯ୍ୟ କରିଛନ୍ତି। ଏଥିଲାଗି ତାଙ୍କୁ ଟିକେଟ ମିଳିପାରେ ବୋଲି ସେ ଆଶାବାଦୀ ଅଛନ୍ତି। ଏକଦା ଗୋଷ୍ଠୀ କନ୍ଦଳ ଲାଗି ଚର୍ଚ୍ଚାରେ ଥିବା କଂଗ୍ରେସ ଦଳ ଏବେ ଯୁବଗୋଷ୍ଠୀଙ୍କୁ ସଂଗଠିତ କରିବାକୁ ଉଦ୍ୟମ କରୁଛି। ଏଠାରୁ କୌଣସି ଯୁବନେତାଙ୍କୁ ପ୍ରାର୍ଥୀ କରାଗଲେ ବିଜୟ ନିଶ୍ଚିତ ବୋଲି ଟିକେଟ ଆଶାୟୀ ଡା. ବିଦ୍ୟାଧର ଜେନା ଏବଂ ରଞ୍ଜନ ବେହେରା କହିଛନ୍ତି। ନଈନାଳ ଘେରା ଧାମନଗର ନିର୍ବାଚନମଣ୍ଡଳୀରେ ବହୁ ସମସ୍ୟା ରହିଛି। ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ, କପାଳୀ ନଦୀରେ ବନ୍ୟା ଏବଂ ଅନ୍ୟ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସବୁବେଳେ ଅଞ୍ଚଳବାସୀଙ୍କୁ ଭାରାକ୍ରାନ୍ତ କରିଆସୁଛି। କୃଷି ସମସ୍ୟାଠାରୁ ଆରମ୍ଭ କରି ସାମଗ୍ରିକ ବିକାଶମୂଳକ କାର୍ଯ୍ୟ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିବ ବୋଲି ବିରୋଧୀ ଗୋଷ୍ଠୀ ମତପ୍ରକାଶ କରିଛନ୍ତି।


ମୁକ୍ତିକାନ୍ତ ମଣ୍ଡଳ


ବିଷ୍ଣୁ ସେଠୀ


ରଞ୍ଜନ କୁମାର ବେହେରା


ରାଜେନ୍ଦ୍ର କୁମାର ଦାସ

# ବିଜେଡି ଦୁର୍ଗ ଉପରେ ଭାଜପା ନଜର

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଡା. ନୃସିଂହ ଚରଣ ସାହୁ | ୬୦,୫୨୩ |
| ଭାଜପା | ବିଭୂତି ଭୂଷଣ ପ୍ରଧାନ | ୫୭,୪୭୧ |
| କଂଗ୍ରେସ | ସନ୍ତୋଷ ରାଉତ | ୧୮,୨୪୦ |
| ନୋଟା | | ୨,୨୦୯ |




ନିଗମାନନ୍ଦ ଦଳବେହେରା
ପରଜଙ୍ଗ, ୨୦।୩

ଢେଙ୍କାନାଳ ଜିଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ହେଉଛି ପରଜଙ୍ଗ। ସୀମା ପୁନଃନିର୍ଦ୍ଧାରଣ ପରେ ଏହି ବିଧାନସଭା ଆସନ ବିଜୁ ଜନତା ଦଳ (ବିଜେଡି) କବ୍ଜାରେ ରହିଛି। ୨୦୦୯ ଏବଂ ୨୦୧୪ରେ ଏଠାରୁ ଲଗାତର ବିଜୟୀ ହୋଇଥିବା ବିଧାୟକ ଡ. ନୃସିଂହ ଚରଣ ସାହୁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଗତ ନିର୍ବାଚନରେ ବିଜେଡି-ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ଦୁର୍ଗ ଦଖଲ କରି କ୍ଷମତା ହାତେଇବା ଆଶାରେ ରହିଛି ଗୈରିକ ଦଳ। ସେହିପରି କଂଗ୍ରେସ ମଧ୍ୟ ପୁରୁଣା ଫର୍ମକୁ ଫେରିବାକୁ କସରତ ଆରମ୍ଭ କରିସାରିଲାଣି। ୨୦୦୪ରେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ ଡା. ନୃସିଂହ ଚରଣ ସାହୁ। ତତ୍କାଳୀନ ସମୟରେ ପରଜଙ୍ଗ ବ୍ଲକ ପାଲଲହଡ଼ା ନିର୍ବାଚନମଣ୍ଡଳୀର ଅଂଶ ଥିଲା। ସୀମା ପୁନଃନିର୍ଦ୍ଧାରଣ ପରେ ସେ ବିଜେଡିରେ ସାମିଲ ହୋଇ ପରଜଙ୍ଗରୁ କ୍ରମାଗତ ୨ଥର ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ସେ ପ୍ରାର୍ଥୀ ହେବେ ବୋଲି ଆଶାବାଦୀ। ହେଲେ ବିଧାୟକଙ୍କୁ ନେଇ ଅନେକ ସ୍ଥାନରେ ଅସନ୍ତୋଷ ଲାଗିରହିଛି। ବଡ଼ଝରା ମଗରମୁହାଣ, କନ୍ତୋର ନୃସିଂହସାଗର ଭଳି ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ପରିଜଙ୍ଗକୁ ଏନ୍ଏସି ମାନ୍ୟତା ଅଧୁରା ରହିଛି। ଏସବୁ ଅସନ୍ତୋଷର ପ୍ରମୁଖ କାରଣ ସାଜିଥିବାବେଳେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ନିର୍ବାଚନମଣ୍ଡଳୀର ୭ ଜିଲା ପରିଷଦ ଜୋନ୍ ମଧ୍ୟରୁ ୪ଟି ଛଡ଼ାଇ ନେଇଥିଲା ଭାଜପା। ସାଧାରଣ ନିର୍ବାଚନରେ ମଧ୍ୟ ଏହା ମନ୍ତ୍ରୀଙ୍କ ଅଡୁଆ ବଢ଼ାଇପାରେ ବୋଲି ଚର୍ଚ୍ଚା ହେଉଛି। ଏସବୁ ସତ୍ତ୍ୱେ ଅନ୍ୟକେହି ଟିକେଟ ଦାବିଦାର ନ ଥିବାରୁ ଚଳିତ ନିର୍ବାଚନରେ ନୃସିଂହ ଟିକେଟ ପାଇବା ସୁନିଶ୍ଚିତ ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ମନ୍ତ୍ରୀ କୁହନ୍ତି, ସେ ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଦଳ ଉପରେ ଭରସା ରହିଛି। ବାକି ଯାହା କିଛି କାମ ଅଛି ତାହାର ସମାଧାନ କରିବାକୁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।

ଗତ ନିର୍ବାଚନରେ ନୃସିଂହ ସାହୁ ଏବଂ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିଜେଡି-ଭାଜପା ମଧ୍ୟରେ ଭୋଟ ବ୍ୟବଧାନ ହାର ରହିଥିଲା ମାତ୍ର ୩,୦୫୨। ବିଭୂତି ୨ଥର ବିଧାୟକ ପ୍ରାର୍ଥୀ ରହିଥିବାବେଳେ ସବୁଥର ତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ତଥାପି ସେ ଚଳିତ ଥର ଟିକେଟ ପାଇବାକୁ ଆଶା ବାନ୍ଧିଛନ୍ତି। ଏ ନେଇ ସେ କୁହନ୍ତି, ଦୀର୍ଘବର୍ଷ ହେଲା ଭାଜପାର ଶୃଙ୍ଖଳିତ କର୍ମୀ ହୋଇ କାର୍ଯ୍ୟ କରି ଆସୁଛନ୍ତି। ପରଜଙ୍ଗ ପାଇଁ ଦଳରୁ ଆଉ କେହି ଆଶାୟୀ ପ୍ରାର୍ଥୀ ନାହାନ୍ତି। ସମସ୍ତ ଦଳୀୟ କର୍ମୀଙ୍କ ତାଙ୍କ ଉପରେ ଭରସା ରହିଛି। ଟିକେଟ ମିଳିଲେ ସେ ନିଶ୍ଚିତ ସଫଳ ହେବେ ବୋଲି ଦୃଢ଼ତାର ସହ କହିଛନ୍ତି।

ଅପରପକ୍ଷେ ଗୋଷ୍ଠୀକନ୍ଦଳ କଣ୍ଟା ଲାଗିଛି କଂଗ୍ରେସ ତଣ୍ଟିରେ। ବିଗତ ନିର୍ବାଚନଗୁଡ଼ିକର ସ୍ଥିତି ସମୀକ୍ଷା କଲେ କଂଗ୍ରେସକୁ ୩ୟ ସ୍ଥାନରେ ହିଁ ସନ୍ତୁଷ୍ଟ ହେବାକୁ ପଡିଛି। ଏଥର ଦଳରୁ ୪ଜଣ ଆଶାୟୀ ଟିକେଟ ଦୌଡ଼ରେ ଅଛନ୍ତି। ସେମାନଙ୍କ ମଧ୍ୟରେ ଜିଲା ଉପସଭାପତି ସନ୍ତୋଷ ରାଉତ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିମଳ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବରିଷ୍ଠ ଆଇନଜୀବୀ ରମେଶ ବେହେରା ନାମ ଆଗରେ ରହିଛି।

**ନିର୍ବାଚନମଣ୍ଡଳୀ ରୂପରେଖ**

ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତ, କଙ୍କଡ଼ାହାଡ଼ ବ୍ଲକର ୨୧ ଏବଂ କାମାକ୍ଷାନଗର ବ୍ଲକର ୫ ପଞ୍ଚାୟତ (କୁସୁମଯୋଡ଼ି, କଣ୍ଟାପାଳ, ଡୁମୁସିଂହା, କନ୍ତିଓକାଟେଣୀ, କନ୍ତିଓପୁଟସାହି)କୁ ନେଇ ପରଜଙ୍ଗ ନିର୍ବାଚନମଣ୍ଡଳୀ ଗଠିତ। ଏହି ଆସନ ସାଧାରଣ ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି।

**ମୋଟ୍ ଭୋଟର**
୨,୧୦,୧୦୭

**ପୁରୁଷ ଭୋଟର**
୧,୦୮,୯୨୧

**ମହିଳା ଭୋଟର**
୧,୦୧,୧୬୩

**ଅନ୍ୟାନ୍ୟ**
୨୩


ଡା. ନୃସିଂହ ଚରଣ ସାହୁ


ବିଭୂତି ଭୂଷଣ ପ୍ରଧାନ


ନିରାକାର ପ୍ରଧାନ


ବିମଳ ବେହେରା


ରମେଶ ବେହେରା


ସନ୍ତୋଷ ରାଉତ

୨୦୧୪ରେ ସନ୍ତୋଷକୁ କଂଗ୍ରେସ ପ୍ରାର୍ଥୀ କରିଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ଆଶାଜନକ ନ ଥିଲା। ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ସୃଷ୍ଟି ହୋଇଥିବା ଝଡ଼ ଦଳକୁ ଭାରି ପଡ଼ିଥିଲା। ଅନେକ ନେତାକର୍ମୀ କଂଗ୍ରେସ ହାତ ଛାଡ଼ି ବିରୋଧୀ ଶିବିରରେ ସାମିଲ ହୋଇଥିଲେ। ଏ ନେଇ ସନ୍ତୋଷ କୁହନ୍ତି, ବିଗତ ଦିନର ପରାଜୟକୁ ଭୁଲି ସେ ସଙ୍ଗଠନକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଦଳ ତାଙ୍କୁ ଟିକେଟ ଦେଲେ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ସେହିପରି ବିମଳ କୁହନ୍ତି, ସେ ବିଭିନ୍ନ ସମୟରେ କର୍ମୀଙ୍କୁ ନେଇ ସଙ୍ଗଠନ ସୁଦୃଢ଼ କରିଛନ୍ତି। ତାଙ୍କୁ ଟିକେଟ ମିଳିଲେ ଯୁବକ ହିସାବରେ ମତଦାତାଙ୍କ ଦ୍ୱାରା ସେ ବେଶି ଗ୍ରହଣୀୟ ହେବେ। ବରିଷ୍ଠ ଆଇନଜୀବୀ ରମେଶ ବେହେରା ମଧ୍ୟ ଟିକେଟ ଲବିରେ ଅଛନ୍ତି। ସେ କିଛିଦିନ ହେବ ବିଭିନ୍ନ ଅଞ୍ଚଳକୁ ଯାଇ କର୍ମୀ ସମ୍ମିଳନୀ କରୁଛନ୍ତି। କଂଗ୍ରେସର ଟିକେଟ ଦାବିଦାରଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ନାମ ମଧ୍ୟ ରହିଛି। ଭାଜପାରେ ଅଣଦେଖା ଯୋଗୁ କିଛିଦିନ ତଳେ ନିରାକାର କଂଗ୍ରେସ ଶିବିରରେ ଯୋଗଦେଇଛନ୍ତି। ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀଙ୍କୁ ସାଙ୍ଗରେ ନେଇ ସେ ରଣାଙ୍ଗନକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏ ନେଇ ନିରାକାର କୁହନ୍ତି, ଫାର୍ମାସିଷ୍ଟ ଚାକିରି ଛାଡ଼ି ସେ ରାଜନୀତିକୁ ଆସିଛନ୍ତି। ବିଧାୟକ ନୃସିଂହ ଚରଣ ସାହୁଙ୍କ ପୁତ୍ରବଧୂଙ୍କୁ ହରାଇ ସେ ଏକଦା ୨ନଂ. ଜିଲା ପରିଷଦ ଜୋନ୍‌ରୁ ବିଜୟୀ ହୋଇଥିଲେ। ନିଜ ଉଦ୍ୟମରେ ସେ ଲୋକସମ୍ପର୍କ ସୃଷ୍ଟି କରିଛନ୍ତି। ଦଳ ତାଙ୍କ ଉପରେ ଭରସା କଲେ ସେ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି।

# ଘାରିଛି ଟିକେଟ୍ ନ ପାଇବାର ଭୟ

## ବିକଳ୍ପ ପଦକ୍ଷେପ ନେବାକୁ ଚାଲିଛି ଫନ୍ଦି ଫିକର




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଶାନ୍ତ କୁମାର ଜଗଦ୍ଦେବ | ୭୩,୯୮୪ |
| ଆମ ଓଡ଼ିଶା ପାର୍ଟି | ପ୍ରଦୀପ କୁମାର ସାହୁ | ୩୦,୫୫୯ |
| କଂଗ୍ରେସ | ଦେବାଶିଷ ପଟ୍ଟନାୟକ | ୨୦,୬୮୯ |
| ଭାଜପା | ଯତୀନ କୁମାର ମହାନ୍ତି | ୧୦,୬୧୧ |

ଲୋକନାଥ ମିଶ୍ର/ମନୋରଞ୍ଜନ ମିଶ୍ର
ଖୋର୍ଦ୍ଧା ଅଫିସ/ବୋଲଗଡ,୨୦।୩ (ଡି.ଏନ୍.ଏ.)

ଭୁବନେଶ୍ୱର ଲୋକ ସଭା ଆସନ ଅଧୀନରେ ଖୋର୍ଦ୍ଧା ଜିଲାର ଚର୍ଚ୍ଚିତ ବିଧାନସଭା ନିର୍ବାଚନ ମଣ୍ଡଳୀ ବେଗୁନିଆ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ଆସନରୁ ୨ ଥର ନିର୍ବାଚିତ ହୋଇଛନ୍ତି। ଏଠାରୁ ନିର୍ବାଚିତ ପ୍ରାର୍ଥୀ କ୍ୟାବିନେଟ୍ ମନ୍ତ୍ରୀ, ବିରୋଧୀ ଦଳ ନେତା ପଦ ଅଳଙ୍କୃତ କର ଜିଲା ପାଇଁ ଗୌରବ ଆଣିଛନ୍ତି। ଏଠାରେ ଏପ୍ରିଲ ୨୩ରେ ନିର୍ବାଚନ ହେବ। ହେଲେ ଟିକେଟ ନ ପାଇବାର ଭୟ ଦଳୀୟ ଆଶାୟୀମାନଙ୍କୁ ଘାରିଛି। କ'ଣ କରାଗଲେ ଟିକେଟ ହାତଛଡ଼ା ନ ହେବ ସେଥିପାଇଁ ଚାଲିଛି ଫନ୍ଦି ଫିକର। ଟିକେଟ୍ ନ ମିଳିଲେ ଏଠାକାର ରାଜନୈତିକ ଗତିବିଧି ସଙ୍ଗେ ସଙ୍ଗେ ବଦଳିଯିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଭାଜପା ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର(ଜିତୁ) ବିଜେଡିରେ ମିଶିବା ପରେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା, ସମାଲୋଚନା ଓ ପର୍ଯ୍ୟାଲୋଚନା ଜୋର ଧରିଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଟିକେଟ୍ ଦେବା ପାଇଁ ଜିତୁ ମିତ୍ରଙ୍କୁ ବିଜେଡିରେ ମିଶାଗଲା ବୋଲି କୁହାଯାଉଛି। ସେହିପରି ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ବେଗୁନିଆରେ ଅବସ୍ଥାପିତ କରାଯିବାକୁ ପ୍ରସ୍ତାବ ରହିଥିବା ଚର୍ଚ୍ଚା ହେଉଛି। ଯଦି ରାଜେନ୍ଦ୍ର ବେଗୁନିଆ ପାଇଁ ଟିକେଟ୍ ପାଆନ୍ତି ତେବେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ (ଗଣେଶ) ବାଦ୍ ପଡିବେ। ଜିତୁଙ୍କ ଘରବାହୁଡ଼ା ପରେ ପ୍ରଶାନ୍ତ ଓ ରାଜେନ୍ଦ୍ର ଭୟଭୀତ ହୋଇପଡିଛନ୍ତି। ପ୍ରଶାନ୍ତଙ୍କୁ ଟିକେଟ୍ ଦେବାକୁ ବେଗୁନିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରତ୍ୟହ କର୍ମୀ ସମ୍ମିଳନୀ, ସଭା ସମିତି ଚାଲିଛି। ଅନ୍ୟପକ୍ଷେ ଏଠାରେ ବିଜେଡିର ଦୁଇଟି ସମାନ୍ତରାଳ ଗୋଷ୍ଠୀ ସୃଷ୍ଟି ହୋଇ ବିବାଦ ହେବା ସାଧାରଣ ଘଟଣା। ଏଠାରେ ବିଧାୟକଙ୍କୁ ବିଜେଡିର ମୁଖପାତ୍ର ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ ନନ୍ଦଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ବିରୋଧ କରୁଥିଲେ। ଏଭଳିସ୍ଥଳେ ଟିକେଟ୍ ଦୌଡ଼ରେ କୃଷ୍ଣଚନ୍ଦ୍ର ବାରିକ, ରିଷଭ ନନ୍ଦ, ପ୍ରଦୀପ ସାହୁ ଅଛନ୍ତି। କୃଷ୍ଣଚନ୍ଦ୍ର ଆମ ଗାଁ ପୁଅ ଆମ ସଙ୍ଗଠନ ବ୍ୟାନରରେ ନବୀନ ଓ ବିଜୁ ପଟ୍ଟନାୟକଙ୍କ ଫଟୋ ରଖି ପ୍ରଚାର ଜାରି ରଖିଛନ୍ତି। କୃଷ୍ଣଚନ୍ଦ୍ର କୁହନ୍ତି, ୨୦୦୨ରୁ ବିଜେଡିରେ ଅଛନ୍ତି। ଟିକେଟ ନ ପାଇଲେ ମଧ୍ୟ ଦଳୀୟ ନୀତିକୁ ମାନି ନେବେ। ବିଧାୟକ ପ୍ରଶାନ୍ତ ଜଗଦେବ କୁହନ୍ତି, ବେଗୁନିଆରେ ବିଜେଡି ଶକ୍ତିଶାଳୀ ରହିଛି। ସେ ଗତଥର ୪୩ ହଜାର ୪୨୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସାଢ଼େ ୪ ବର୍ଷ ଭିତରେ ୧୭୦୦ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ କରି ବିକାଶକୁ ତ୍ୱରାନ୍ୱିତ କରିଛନ୍ତି। ଏଣୁ ଟିକେଟ୍ ପାଇବାକୁ ତାଙ୍କର ଆଶା ଅଛି। ତେବେ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ସେ ତାହାକୁ ମାନିନେବେ ବୋଲି ସେ କହିଛନ୍ତି। ସେହିପରି ଗତଥର ଆମ ଓଡ଼ିଶା ପାର୍ଟିରୁ ନିର୍ବାଚନ ଲଢ଼ି ୨ୟ ସ୍ଥାନରେ ରହିଥିବା ପ୍ରଦୀପ ସାହୁ ଏବେ ବିଜେଡି ଟିକେଟ୍ ପାଇଁ ଆଶାୟୀ ରହିଛନ୍ତି। ଏନେଇ ସେ ଆବେଦନ କରିଥିବା କହିଛନ୍ତି। ତାଙ୍କ କହିବାନୁଯାୟୀ, ସେ ମାଟିର ପୁଅ ହିସାବରେ ୨୦୦୯ ଓ ୨୦୧୪ ନିର୍ବାଚନ ଲଢ଼ିଥିଲେ। ସେ ପରାସ୍ତ ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ସହ ଦୁଃଖସୁଖରେ ଭାଗୀଦାରି ହୋଇ ରହିଛନ୍ତି। ବିଜେଡି ଟିକେଟ ପାଇଲେ ସେ ନିଶ୍ଚିତ ଜିତିବେ ବୋଲି କହିଛନ୍ତି।

**ମୋଟ ଭୋଟର ସଂଖ୍ୟା**
୨, ୧୧, ୧୫୧

**ପୁରୁଷ ଭୋଟର**
୧, ୧୦, ୩୬୫

**ମହିଳା ଭୋଟର**
୧, ୦୦, ୭୮୧

**ଅନ୍ୟାନ୍ୟ**
୫

ଅନ୍ୟପକ୍ଷେ ୨୦୧୭ ପଞ୍ଚାୟତ ନିର୍ବାଚନରେ ବେଗୁନିଆର ୬ ଜିଲା ପରିଷଦ ଜୋନ ମଧ୍ୟରୁ ୩ଟିକୁ ଭାଜପା ଦଖଲ କରିବା ପରେ ଦଳୀୟ ନେତା ଓ କର୍ମୀଙ୍କ ଉତ୍ସାହ ବଢ଼ିଛି। ପୁଣି ବିଜେଡି ଅସନ୍ତୁଷ୍ଟମାନଙ୍କୁ ନିଜ ଦଳକୁ ନେବା ପାଇଁ ଭାଜପା ପକ୍ଷରୁ ପ୍ରୟାସ ଜାରି ରହିଛି। ଏଠାରେ ଭାଜପାର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି ୨୦୧୪ ନିର୍ବାଚନରେ ପରାସ୍ତ ହୋଇ ପୁଣି ଟିକେଟ୍ ଲବିରେ ଅଛନ୍ତି। ସେହିଭଳି ପ୍ରକାଶ ଚନ୍ଦ୍ର ବିଜୁଳି ମଧ୍ୟ ଟିକେଟ୍ ଲବିରେ ଅଛନ୍ତି। ଯତୀନ ମହାନ୍ତି କୁହନ୍ତି, ୨୫ ବର୍ଷ ହେଲା ଭାଜପାରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ୧୩ ବର୍ଷ ହେଲା ପ୍ରତ୍ୟକ୍ଷ ଭାବେ ଦଳୀୟ ରାଜନୀତିରେ ଅଛନ୍ତି। ଦଳୀୟ ଟିକେଟ୍ ପାଇବା ନ ପାଇବା ତାଙ୍କ ପାଇଁ କିଛି ଫରକ ପକାଇବନି। ଦଳୀୟ କାର୍ଯ୍ୟ ଆଗରୁ ଯେପରି କରୁଥିଲେ ଟିକେଟ୍ ନ ପାଇଲେ ମଧ୍ୟ ପୂର୍ବବତ ଜାରି ରଖିବେ ବୋଲି କହିଛନ୍ତି। ପ୍ରକାଶ ଚନ୍ଦ୍ର ବିଜୁଳି କୁହନ୍ତି, ୨୦୦୯ରୁ ବେଗୁନିଆରେ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସେ ସୁଦୃଢ଼ କରି ଆସିଛନ୍ତି। ଏଣୁ ଟିକେଟ୍ ପାଇବା ପାଇଁ ହକ୍‌ଦାର୍ ବୋଲି ସେ ଆଶାବାଦୀ। ଦଳ ଟିକେଟ୍ ଦେବା କ୍ଷେତ୍ରରେ ଯାହା ନିଷ୍ପତ୍ତି ନେବ ସେ ତାହାକୁ ସ୍ୱାଗତ କରିବେ। ତେବେ ସ୍ଥାନୀୟ ନେତୃତ୍ୱକୁ ପ୍ରାଧାନ୍ୟ ଦେବା ପାଇଁ ତାଙ୍କର ଦାବି ରହିଛି।

କଂଗ୍ରେସ ପଞ୍ଚାୟତ ନିର୍ବାଚନରେ ମୂଳପୋଛ ହୋଇଗଲା। ଆସନ୍ତା ନିର୍ବାଚନ ପାଇଁ ଦଳର ଟିକେଟ୍ ଦୌଡ଼ରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନାଁ ଚର୍ଚ୍ଚାରେ ଥିବାବେଳେ ସେ ମୁହଁ ଖୋଲୁନାହାନ୍ତି। ତେବେ ପୃଥ୍ୱୀବଲ୍ଲଭ ଟିକେଟ ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ସେହିପରି ସଦାଶିବ ମହାପାତ୍ର ଓ ପ୍ରଭାତ ପରିଡା ମଧ୍ୟ କଂଗ୍ରେସ ଟିକେଟ୍ ଦୌଡ଼ରେ ଅଛନ୍ତି। ସଦାଶିବ ମହାପାତ୍ର କୁହନ୍ତି, ତାଙ୍କ ବାପା କୈଳାସ ମହାପାତ୍ର ୨ଥର ବିଧାୟକ ହୋଇଥିଲେ। ୨୦୦୭ରୁ କଂଗ୍ରେସ ସହ ଅଛନ୍ତି। ଟିକେଟ କ୍ଷେତ୍ରରେ ଦଳୀୟ ନିଷ୍ପତ୍ତିକୁ ସେ ମାନିନେବେ। ପ୍ରଭାତ ପରିଡା କୁହନ୍ତି, ଆଞ୍ଚଳିକ ବିକାଶ ମଞ୍ଚ ମାଧ୍ୟମରେ ସେ ଲୋକଙ୍କ ସୁଖ ଦୁଃଖରେ ରହିଛନ୍ତି। ଟିକେଟ ନ ପାଇଲେ ଦଳୀୟ ଶୃଙ୍ଖଳା ଭଙ୍ଗ କରିବେ ନାହିଁ।


ପ୍ରଶାନ୍ତ କୁମାର ଜଗଦ୍ଦେବ


ରିଷଭ ନନ୍ଦ


ଯତୀନ କୁମାର ମହାନ୍ତି


କୃଷ୍ଣଚନ୍ଦ୍ର ବାରିକ


ପୃଥ୍ୱୀବଲ୍ଲଭ ପଟ୍ଟନାୟକ


ପ୍ରକାଶ ଚନ୍ଦ୍ର ବିଜୁଳି



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ। -ସକ୍ରେଟିସ୍

## ସଂକ୍ଷେପରେ

### ପଦ୍ମପୁରରେ ଚୋରି, ପାଟ୍ରୋଲିଂ ଦାବି

ପଦ୍ମପୁର, ୨୦।୩ (ଡି.ଏନ.ଏ)
ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି । କେତେକ ସ୍ଥାନରେ ଚୋରି ହୋଇଥିବା ବେଳେ ଅନେକ ସ୍ଥାନରେ ଚୋ ଉଦ୍ୟମ ହୋଇଥିବା ଜଣାପଡିଛି । ବିଶେଷ କରି ନିଶାଶକ୍ତ ଯୁବକମାନଙ୍କ ଦ୍ୱାରା ଏହା ହେଉଥିବା ଅନୁମାନ କରାଯାଉଛି । ସହରର ବିଭିନ୍ନ ସ୍ଥାନରେ ଏହି ଯୁବକମାନେ ଆଡ୍ଡା ଜମାଇ ରଖିଥିବା ବେଳେ ଏମାନଙ୍କ ନିଶା ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାର ଖର୍ଚ୍ଚ ପାଇଁ ଯୁବକମାନେ ଚୋରି ତଥା ଲୁଟ୍‌ରେ ମାତିଛନ୍ତି । ଏ ନେଇ ପୋଲିସ ପ୍ରଶାସନ କଡା ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହେଉଛି ।

### ଅବକାରୀ ଚଢ଼ାଉ, ମଦ ଜବତ

ପଦ୍ମପୁର, ୨୦।୩ (ଡି.ଏନ.ଏ)
ଜଗଦଲପୁର ଥାନା ଅନ୍ତର୍ଗତ ଲଉଡିଦର୍ହା ଗ୍ରାମ ଜଙ୍ଗଲରେ ମଦ ରନ୍ଧା ଯାଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମକରଧ୍ୱଜ ବଘାରଙ୍କ ତତ୍ତ୍ୱାବଧାନରେ ଅତର୍କିତ ଚଢ଼ାଉ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ୬୫୦ କେଜି ମହୁଲ ପୋଚ, ୪ଟି ବଡ ଡେକଚି ସହ ରନ୍ଧା ଯାଉଥିବା ୫୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଏସ୍‌ଆଇ ହେମକାନ୍ତ ସୁନା, ବିନୋଦ ତିର୍କି, କେନାଲୁ ଭୋଇ, ମୁକେଶ ବିଶ୍ୱାଳ, ତାରାକାନ୍ତି ଭୁଏ, ରଞ୍ଜନ ସେଟ, କଳ୍ପନା ସାହୁ, ପ୍ରଦୀପ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

### ଅଦିନିଆ ବର୍ଷା, କୁଆପଥର ମାଡ

ପଦ୍ମପୁର, ୨୦।୩ (ଡି.ଏନ.ଏ)
ପଦ୍ମପୁର ଅଞ୍ଚଳରେ ବୁଧବାର ଅଦିନିଆ ବର୍ଷା ଓ କୁଆପଥର ମାଡ ହୋଇଛି । ଏହି ୧୦ରୁ ୧୫ ମିନିଟ୍ ବର୍ଷାରେ ସହରର ଗଳି କନ୍ଦି ଅଞ୍ଚଳର ନାଳ ନର୍ଦ୍ଦମା ପାଣି ରାସ୍ତାରେ ଜମା ହୋଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିଛି । ନାଳ ନର୍ଦ୍ଦମାର ଦେଖାଶୁଣା ଠିକ ଭାବରେ ହେଉ ନ ଥିବାରୁ ଏହି ଅସୁବିଧା ହେଉଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଏ ନେଇ ବିହିତ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି ।

### ବିନ୍ଧ୍ୟବାସିନୀ ମନ୍ଦିର ପ୍ରତିଷ୍ଠା

ଗାଇସିଲେଟ, ୨୦।୩(ଡି.ଏନ.ଏ)
ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ଗ୍ରାମରେ ନିର୍ମିତ ମା' ବିନ୍ଧବାସିନୀ ମନ୍ଦିର ପ୍ରତିଷ୍ଠା ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟହ ହୋମଯଜ୍ଞ, ଦଣ୍ଡ କୀର୍ତ୍ତନ ହୋଇଥିଲା । ଏହାସହିତ ନାଟକ ପରିବେଷଣ ଓ ମିନା ବଜାର ବସିଥିଲା । ପୂଜା କମିଟି ସଭାପତି ସୁନୀଲ କୁମାର ଭୋଇ, ଉପସଭାପତି ଝାରୁ ଭୋଇ, ସମ୍ପାଦକ ଲୋକନାଥ ବରିହା, ମୁଖ୍ୟ ପୁରୋଧା ଜିନ୍ଦା ଭୋଇ ଓ ସଭ୍ୟମାନେ ସହଯୋଗ କରିଥିଲେ । ଏଥିରେ ମିଠେଇ ଲାଲ ଭୋଇ ଓ ତାଙ୍କ ସ୍ତ୍ରୀ ଶୋଭା ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ଝାଙ୍କର ଆନନ୍ଦ ଭୋଇ ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣି, ଶିବ ପ୍ରସାଦ ଦାଶ, ରାଧେଶ୍ୟାମ ତ୍ରିପାଠୀ, ଆନନ୍ଦ ପାଣି ଓ ଦିଲୀପ ପାଣି ହୋମଯଜ୍ଞ କରିଥିଲେ ।

### ଆଧାର କେନ୍ଦ୍ର ବନ୍ଦ, ଲୋକେ ହଇରାଣ

ଜାମଟିକ୍ରା, ୨୦।୩ (ଡି.ଏନ.ଏ)
ଆଧାର ପଞ୍ଜିକରଣ ଏବଂ ସଂଶୋଧନ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତାବିରା ପୋଷ୍ଟ ଅଫିସକୁ ଆଧାର କାର୍ଡ ସଂଶୋଧନ ଓ ନୂତନ ଆଧାର କାର୍ଡ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପୋଷ୍ଟ ଅଫିସରେ କିଛିଦିନ ଆଧାର କାମ ଚାଲିଥିବାବେଳେ ଏବେ ପ୍ରାୟ ତିନି ମାସ ହେଲାଣି ଏହି କେନ୍ଦ୍ର ବନ୍ଦ ହୋଇଯାଇଛି । ଫଳରେ ଲୋକେ ୩୦ ଟଙ୍କା ଜାଗାରେ ୨ଶହ ଟଙ୍କା ଦେଇ ବହୁ କଷ୍ଟରେ ଆଧାର କାର୍ଡ ତିଆରି କରୁଥିବା ଦେଖିବାକୁ ମିଳୁଛି । ଘରୋଇ କେନ୍ଦ୍ରରେ ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେବାରୁ ଜନସାଧାରଣ ସରକାରୀ କେନ୍ଦ୍ରକୁ ଯାଇ ହଟହଟାର ସମ୍ମୁଖୀନ ହୋଇଛନ୍ତି । ଅତାବିରା ପୋଷ୍ଟ ଅଫିସ୍‌ରେ ନୀଳାବତୀ କଠାର, ମୁକେଶ ସାହୁ, ରଜନୀ ପ୍ରଧାନୀଙ୍କ ସମେତ ଅନେକ ହିତାଧିକାରୀଙ୍କ ଆଧାର ସଂଶୋଧନ ନ ହେବାରୁ ସେମାନେ ବହୁତ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତାବିରା ପୋଷ୍ଟ ମାଷ୍ଟର ଅରୁଣ ବାରିକଙ୍କୁ ପଚାରିବାରୁ ସେ କହିଲେ, କମ୍ପ୍ୟୁଟର ଖରାପ ହୋଇଯାଇଥିବାରୁ ଆଧାର କାମ ହୋଇପାରୁନାହିଁ ।

■ ଭାଜପାର ବିଜୟ ସଂକଳ୍ପ ସମାବେଶ

# ନବୀନ ଅସ୍ତ ହେବାକୁ ଯାଉଛନ୍ତି: ବିଶ୍ୱଭୂଷଣ

ବିଜେପୁର, ୨୦।୩(ଡି.ଏନ.ଏ)
ବିଜେପୁର ଉପନିର୍ବାଚନ ପରି ୨୦୧୯ ସାଧାରଣ ନିର୍ବାଚନ ଜୋରଦାର ହେବାର ଚିତ୍ର ସ୍ପଷ୍ଟ ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ହିଞ୍ଜିଳି ସମେତ ବିଜେପୁର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ପାଇଁ ଘୋଷଣା କରିବା ପରେ ରାଜନୈତିକ ହଟଚମଟ ଜାରି ହୋଇଛି । ବର୍ତ୍ତମାନ ସୁଦ୍ଧା ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ । ହେଲେ ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଉମୁଣ୍ଡାରେ ବୁଧବାର ହାଇପ୍ରୋଫାଇଲ ନେତାଙ୍କୁ ନେଇ ଭାଜପା ସାଧାରଣ ନିର୍ବାଚନର ବିଗୁଲ ବଜାଇଛି । ଲାଉମୁଣ୍ଡା ସ୍ଥିତ କଲେଜ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ତଥା ଭାଜପାରେ ନୂତନ ଭାବେ ସାମିଲ ହୋଇଥିବା ଡା. ଦାମୋଦର ରାଉତ ଓ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଆଗାମୀ ନିର୍ବାଚନରେ ଭାଜପାକୁ ବିଜୟୀ କରି ବିଜେଡି ସରକାରକୁ ଦୃଢ ଜବାବ ଦେବାକୁ ମତଦାତା ମାନଙ୍କୁ ଅନୁରୋଧ କରିଥିଲେ । ନବୀନ ସରକାର ଗାଁର ବିକାଶ ଓ ମା'କୁ ସମ୍ମାନ ନାରା ଦେଉଥିଲେ । ମାତ୍ର ଏହି ସରକାର ଗାଁକୁ ଲୁଣ୍ଠନ ଓ ନାରୀଙ୍କୁ ବଳାତ୍କାର କରିଛି ବୋଲି ବୋଲି ଦାମୋଦର ରାଉତ କହିଥିଲେ। ସେହିପରି ବିଶ୍ୱ ଭୂଷଣ ହରିଚନ୍ଦନ ତାଙ୍କ ବକ୍ତବ୍ୟରେ କହିଥିଲେ, ପୂର୍ବ ଦିଗରେ ସୂର୍ଯ୍ୟୋଦୟ ଓ ପଶ୍ଚିମରେ ସୂର୍ଯ୍ୟାସ୍ତ ହୁଏ। ନବୀନ ବାବୁ ପଶ୍ଚିମରେ ନିର୍ବାଚନୀ ମୈଦାନରେ ଛିଡା ହୋଇ ସୂର୍ଯ୍ୟାସ୍ତ ହେବାକୁ ଯାଉଛନ୍ତି ବୋଲି ହରିଚନ୍ଦନ ସମାଲୋଚନା କରିଥିଲେ । ଜିଲା ଭାଜପା ସଭାପତି ଅରୂପାନନ୍ଦ ସାହୁ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିନେ ତାରକା ଅନୁ ଚୌଧୁରୀ, ଅଶୋକ ପାଣିଗ୍ରାହୀ, ସୁବାସ ଚୌହାନ, ସନତ କୁମାର ଗଡତିଆ, ହଳପାଣି ମାଝି, ରାଧେଶ୍ୟାମ ମହାପାତ୍ର, ଜିଲା ପରିଷଦ ସଦସ୍ୟା ସବିତା ସାହୁ ଓ ବିଶ୍ୱକାନ୍ତି ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ସୁରେଶ୍ୱର ସତପଥି, ସୁଶାନ୍ତ ମିଶ୍ର, କୃପାସିନ୍ଧୁ ସାହୁ, ପ୍ରବୀଣ ପାଣିଗ୍ରାହୀ, ବିନାୟକ ଗୁରୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଜିଲା ପ୍ରଭାରୀ ସଞ୍ଜୀବ ମହାପାତ୍ର । ନିର୍ଦ୍ଧାରିତ ସମୟର ଏକଘଣ୍ଟା ବିଳମ୍ବରେ ହେଲିକପ୍ଟର ଯୋଗେ ଉଭୟ ନେତାଙ୍କ ସମେତ ସିନେ ତାରକା ସ୍ଥାନୀୟ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ । ଅପରାହ୍ନ ୨ଟାରେ ପୁଣି ହେଲିକପ୍ଟର ଯୋଗେ ସେମାନେ ଫେରିଯାଇଥିଲେ ।



ଲାଉମୁଣ୍ଡାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ନେତାମାନେ ।

### ୧୬ ପ୍ରହର ନାମଯଜ୍ଞ

ସୋହେଲା, ୨୦।୩ (ଡି.ଏନ.ଏ)
ସୋହେଲା ସାର୍ବଜନୀନ ନାମଯଜ୍ଞ କମିଟି ପକ୍ଷରୁ ହଟଲି ମଣ୍ଡପଠାରେ ୧୬ ପ୍ରହର ନାମଯଜ୍ଞ ମଙ୍ଗଳବାର ଅପରାହ୍ନରୁ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଶତାଧିକ ମହିଳା, ନାମଯଜ୍ଞ କମିଟି ସଦସ୍ୟ ତଥା ଗ୍ରାମବାସୀ ପୂର୍ଣ୍ଣୀ ବନ୍ଧରୁ ଜଳପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ପରେ ବିଧି ଅନୁସାରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏହି ନାମଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଯଜ୍ଞକର୍ତ୍ତା ଭାବେ ହିରୋ ମାଝୀ ଓ ତାଙ୍କ ସ୍ତ୍ରୀ ମେଘନା ମାଝୀ ଦାୟିତ୍ୱ ତୁଲାଉଛନ୍ତି । ଏହି ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗ ଦେଇ ନାମଜପ କରୁଛନ୍ତି । ପୂଜକ ରବିନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ହିମାଂଶୁ ଶେଖର ଦାସ, ପ୍ରଶାନ୍ତ ପାଣିଗ୍ରାହୀ, ମନ ମହାପାତ୍ର, ହାଡୁ ବାରିକ ସହଯୋଗ କରୁଛନ୍ତି ।

## ବଡଧରାରେ ଦୋଳ ମହୋତ୍ସବ ଉଦ୍‌ଘାଟିତ



ହିରଣ୍ୟକଶ୍ୟପ ବଧ ନାଟ୍ୟାଭିନୟର ଏକ ଦୃଶ୍ୟ ।

ଅମ୍ବାଭୋନା, ୨୦।୩ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକ ଅଧୀନ ବଡଧରା ଗ୍ରାମରେ ଦୋଳ ମହୋତ୍ସବ ଗ୍ରାମର ଗୌନ୍ତିଆ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ପ୍ରଥମ ରଜନୀରେ ନାଟ୍ୟାଭିନୟରେ ହିରଣାକ୍ଷଙ୍କ ରାଜୁତ, ଦେବତା ଓ ରାକ୍ଷସ ମଧ୍ୟରେ ଘମାଘୋଟ ଯୁଦ୍ଧ, ହିରଣାକ୍ଷଙ୍କ ନିଧନ, ହିରଣ୍ୟକଶ୍ୟପଙ୍କ କଠୋର ତପସ୍ୟା ଏବଂ ବରପ୍ରାପ୍ତି ପରେ ସ୍ୱର୍ଗପୁରୀ ଆକ୍ରମଣ ଷଡଯନ୍ତ୍ର ଆଦି ଦୃଶ୍ୟ ଅଭିନୀତ ହୋଇଛି । ହିରଣାକ୍ଷ ଭୂମିକାରେ ଦିବାକର ପ୍ରଧାନ, ମହାମନ୍ତ୍ରୀ ମଲ୍ଲକେଶି ରଞ୍ଜନ ଭୋଇ, ସେନାପତି ହୟଶିରା ସରୋଜ ପ୍ରଧାନ, ପ୍ରଧାନ ସେନାପତି ଅଶ୍ୱଶିରା ଡିଲେଶ୍ୱର ପଧାନ, ଇନ୍ଦ୍ରଦେବ ଦୟାସାଗର ପଧାନ, ସୂର୍ଯ୍ୟଦେବ ସମ୍ରାଟ ସା, ଜଳାଧିପତି ବରୁଣଦେବ ବିକ୍ରମ ପଧାନ, ଅଗ୍ନିଦେବ ଦେବାନନ୍ଦ ପଧାନ, ଗ୍ରହରାଜା ଶନିଶ୍ଚର ରାଜେନ ପଧାନ, ଦେବଦୂତ ସିଦ୍ଧାର୍ଥ ଦାସ, ପବନଦେବ ଗୁପେଶ ପଧାନ ଏବଂ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅବଧୂତ ଭୋଇ ଅଭିନୟ କରିଥିଲେ। ସେହିପରି ହିରଣ୍ୟକଶ୍ୟପ ଭୂମିକାରେ ନରେନ୍ଦ୍ର ପଧାନ, ନାରଦ ଭୋଲାନାଥ ପଧାନ, ଶୁକ୍ରାଚାର୍ଯ୍ୟ ଭକ୍ତବନ୍ଧୁ ପଧାନ, ଡଗର ଭୂମିକାରେ ଆଲୋକ ବଡ଼େଇ, ଭିକୁ ବୈଗା ଏବଂ ଦିନେଶ ପଧାନ ଅଭିନୟ କରିଛନ୍ତି ।

### ନବୀନଙ୍କ ନାମାଙ୍କନ ପାଇଁ ପ୍ରସ୍ତୁତି

ବରଗଡ଼ ଅଫିସ୍, ୨୦।୩
ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିବେ । ଆସନ୍ତା ୨୫ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ପ୍ରକ୍ରିୟାରେ ବହୁ ସଂଖ୍ୟକ ଦଳୀୟ କର୍ମୀ ସାମିଲ ହେବା ଲକ୍ଷ୍ୟ ନେଇ ବୁଧବାର ବିଜେପୁର ବିଧାୟିକା ରୀତା ସାହୁ ବରପାଲିରେ ଏକ ପ୍ରସ୍ତୁତି ବୈଠକ କରିଥିଲେ । ଉକ୍ତ ବୈଠକରେ ବିଧାୟିକା ସାହୁଙ୍କ ସମେତ ବରପାଲି ଏନଏସିର ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ବିରୋଧୀଙ୍କ ଅପପ୍ରଚାରକୁ ବିଶ୍ୱାସ ନ କରି ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ବହୁସଂଖ୍ୟାକ ଜନସାଧାରଣ ଯୋଗଦେବା ପାଇଁ ବିଧାୟିକା ସାହୁ ନିବେଦନ କରିଥିଲେ ।

## ପରାମର୍ଶ ଦେଲେ ପର୍ଯ୍ୟବେକ୍ଷକ



ଉପସ୍ଥିତ ନିର୍ବାଚନ କର୍ମଚାରୀ ।

ବରଗଡ଼ ଅଫିସ୍, ୨୦।୩
ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ନିର୍ବାଚନ ଖର୍ଚ୍ଚ ସମ୍ପର୍କୀତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ୟୟ ପର୍ଯ୍ୟବେକ୍ଷକ ଅଲତାଙ୍ଗ ହୁସେନ (ବରଗଡ଼ ଲୋକସଭା), ସୁନୀଲ କୁମାର ଆରୋରା (ପଦ୍ମପୁର, ବରଗଡ଼, ବିଜେପୁର ବିଧାନସଭା), ସଞ୍ଜୟ କୁମାର (ଭଟଲି, ଅତାବିରା ବିଧାନସଭା) ଯୋଗଦେଇ ନିର୍ବାଚନ ଖର୍ଚ୍ଚ ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉପସ୍ଥିତ ନିର୍ବାଚନ କର୍ମଚାରୀ ତଥା ହିସାବ ନିରୀକ୍ଷକ, ସେକ୍ଟର ଅଫିସର, ଭିଡ଼ିଓ ସର୍ଭିଲାନ୍ସ ଟିମ୍‌ର ଅଧିକାରୀ, କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା ।

## ସମର୍ଥକଙ୍କୁ ନେଇ ସରପଞ୍ଚ ବିଜେଡିରେ ସାମିଲ

ବରଗଡ଼ ଅଫିସ୍, ୨୦।୩
ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ଦଳୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଅନ୍ୟପଟେ ଭାଜପା ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିବାରେ ସକ୍ଷମ ହୋଇପାରି ନ ଥିବାବେଳେ କଂଗ୍ରେସ ପୂର୍ବତନ ବିଧାୟକ କଂଗ୍ରେସ ବିଧାୟକ ସାଧୁ ନେପାକଙ୍କୁ ବାଦ୍ ଦେଇଛି । ଏଭଳି ଘଟଣାକ୍ରମରେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡ଼ି ଫାଇଦା ଉଠାଇବ ବୋଲି ଆଶା ବାନ୍ଧିଛି। ବୁଧବାର ଏହି ନିର୍ବାଚନ ମଣ୍ଡଳୀ ଅଧୀନ ପଥର୍ଲା ପଞ୍ଚାୟତର ସରପଞ୍ଚ ପୁରନ୍ଦର ସେଠ ନିଜ ସମର୍ଥକଙ୍କୁ ଧରି ବିଜେଡ଼ିର ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ । ସ୍ଥାନୀୟ ବିଧାୟକ ତଥା ଆସନ୍ତା ସାଧାରଣ ନିର୍ବାଚନର ବିଜେଡ଼ି ପ୍ରାର୍ଥୀ ଦେବେଶ ଅଚାର୍ଯ୍ୟଙ୍କ ପାଖକୁ ଆସି ସେମାନେ ବିଜେଡ଼ିରେ ଯୋଗ ଦେଇଥିବା ଘୋଷଣା କରିଥିଲେ । ବିଜେଡ଼ି ବିଧାୟକ ଆଚାର୍ଯ୍ୟ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିଥିଲେ ।



ବରଗଡ଼ ବିଧାୟକଙ୍କ ସହିତ ପଥର୍ଲା ସରପଞ୍ଚ ନିଜ ସମର୍ଥକଙ୍କ ଗହଣରେ ।

## ହୋଲି ପାଇଁ ଚଳଚଞ୍ଚଳ ଭେଡ଼େନ ଅଞ୍ଚଳ

ଭେଡ଼େନ, ୨୦।୩ (ଡି.ଏନ.ଏ)
ଫଗୁଣ ପୂର୍ଣ୍ଣିମା ଓ ହୋଲି ପର୍ବ ପାଇଁ ବରଗଡ଼ ଜିଲା ଭେଡ଼େନ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି । ଭେଡ଼େନ ବସଷ୍ଟାଣ୍ଡ ପରିସରରେ ଅନେକ ଅସ୍ଥାୟୀ ରଙ୍ଗ ଦୋକାନ ଖୋଲିବା ସହ ରଙ୍ଗ, ଫଗୁ, ପିଚକାରୀ, ବିଭିନ୍ନ ପ୍ରକାର ମୁଖା, ଟୋପି ଆଦିର ବିକ୍ରୟ ଚାଲିଛି । ବୁଧବାର ଅପରାହ୍ନରେ ଏଥିପାଇଁ ଗହଳି ଦେଖାଦେଇଥିଲା। ଏହାସହ ଭେଡ଼େନ ସାପ୍ତାହିକ ବଜାରରେ ସାକରପଟି ସହ ମହୁଲ କୁଚି, ଫଲସା ଫୁଲ, ଚାର ଆଦି ମଧ ବିକ୍ରି ହେଉଥିବା ଦେଖାଯାଇଥିଲା। ଗୁରୁବାର ଦେବତାଙ୍କ ନିକଟରେ କଷି ଆମ୍ବ ଭୋଗ ଲଗାଇ ଗୁଡ଼ିଖିଆ ହେବ। ଅନ୍ୟ ଏକ ପରମ୍ପରା କ୍ରମରେ ବୁଧବାର ରାତିରେ ଗାଁ ଗାଁରେ ହୋଲପୁଡ଼ା ହୋଇଛି ।

# ବରଗଡ଼ ଜିଲା: ଭାଜପାକୁ ଘାରିଛି ପ୍ରାର୍ଥୀ ଚିନ୍ତା

ପ୍ରେମାନନ୍ଦ ଖମାରୀ

ବରଗଡ଼ ଅଫିସ୍, ୨୦।୩

ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ଏପ୍ରିଲ ୧୮ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମଙ୍ଗଳବାରଠାରୁ ନାମାଙ୍କନ ଫର୍ମ ବିକ୍ରି, ଦାଖଲ ଆରମ୍ଭ ହୋଇ ଯାଇଛି । ବୁଧବାର ଏହା ଦ୍ୱିତୀୟ ଦିବସରେ ପହଞ୍ଚିଛି । ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ସବାଆଗରେ ବିଜେଡ଼ି ବରଗଡ଼ ଲୋକସଭା ଆସନ ସମେତ ଜିଲାର ସମସ୍ତ ୫ଟି ବିଧାନସଭା ଆସନ ପାଇଁ ସୋମବାର ପ୍ରାର୍ଥୀ ତାଲିକା ଘୋଷଣା କରିଛି । ବିଜେଡ଼ିର ପ୍ରାର୍ଥୀ ତାଲିକା ଘୋଷଣା ପରେ ସେହିଦିନ ବିଳମ୍ବିତ ରାତ୍ରିରେ କଂଗ୍ରେସ ଜିଲାର ଭଟଲି ଓ ବିଜେପୁର ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ ବରଗଡ଼ ଲୋକସଭା ଆସନ ସମେତ ବରଗଡ଼, ଅତାବିରା ଓ ପଦ୍ମପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । କିନ୍ତୁ ୧୨୦ ପ୍ଲସ ମିଶନ କଥା କହୁଥିବା ଭାଜପା କେବଳ ବରଗଡ଼ ନୁହେଁ, ରାଜ୍ୟର କୌଣସି ଆସନ ପାଇଁ ଦଳୀୟ ପ୍ରାର୍ଥୀ ଏଯାଏ ଘୋଷଣା କରି ପାରିନାହିଁ । ଅନ୍ୟପଟେ ଆସନ୍ତା ୨୬ତାରିଖରେ ନାମାଙ୍କନ ପତ୍ର ଦାଖଲ ସମୟସୀମା ସରୁଥିବାବେଳେ ୨୨, ୨୩ ଏବଂ ୨୪ ତାରିଖ ସରକାରୀ ଛୁଟି ରହିଛି । ଏଭଳି ସ୍ଥଳେ ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିବାରେ ଅପାରଗ ସାବ୍ୟସ୍ତ ହୋଇଥିବା ଭାଜପା ବୁଧବାର ସନ୍ଧ୍ୟାରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ୪୦ଜଣ ଷ୍ଟାର ପ୍ରଚାରକଙ୍କ ନାମ ଘୋଷଣା କରିଛି । ପ୍ରାର୍ଥୀ ଘୋଷଣା ନ ହେଉଣୁ ଭାଜପାର ଏଭଳି ଷ୍ଟାର ପ୍ରଚାରକ ଘୋଷଣା ରାଜ୍ୟ ରାଜନୀତିରେ ଏବେ ଚର୍ଚ୍ଚାର ବିଷୟ ହୋଇଛି ।

ବରଗଡ଼ ଜିଲାରେ ବରଗଡ଼, ଅତାବିରା, ବିଜେପୁର, ଭଟଲି, ପଦ୍ମପୁର ବିଧାନସଭା ଆସନ ରହିଛି । ଏହି ୫ଟି ଆସନ ମଧ୍ୟରୁ କେବଳ ପଦ୍ମପୁର ଆସନକୁ ଛାଡ଼ିଦେଲେ ଅନ୍ୟ ଆସନ ଗୁଡ଼ିକ ବିଜେଡ଼ି ଦଖଲରେ ରହିଛି । ପଦ୍ମପୁର ଆସନକୁ ଭାଜପା ଦଖଲ କରିଥିବାବେଳେ ବିଜେପୁର ଆସନକୁ ପ୍ରାୟ ବର୍ଷେ ପୂର୍ବରୁ କଂଗ୍ରେସ ଦଖଲ କରିଥିଲା । କିନ୍ତୁ ତତ୍କାଳୀନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁ ବିଜେଡ଼ିରେ ସାମିଲ ହୋଇ ଉପନିର୍ବାଚନରେ ବିଧାୟିକା ନିର୍ବାଚିତ ହେବା ପରେ ଜିଲାରେ କଂଗ୍ରେସର ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ପରବର୍ତ୍ତୀ ସମୟରେ ପଡ଼ୋଶୀ ଛତିଶଗଡ଼ରେ ଭାଜପାକୁ ଗାଦିଚ୍ୟୁତ କରି କଂଗ୍ରେସ ସରକାର ଗଠନ ପରେ ଦଳୀୟ କର୍ମୀ ଉତଫୁଲ୍ଲିତ ହୋଇ ପଡ଼ିଥିଲେ । ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆକୁ ଖୋଦ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସିବା ପରେ କଂଗ୍ରେସ କର୍ମୀଙ୍କ ସେହି ଉତ୍ସାହ ଦ୍ୱିଗୁଣିତ ହେଇଥିଲା । କିନ୍ତୁ ସୋମବାର ବିଳମ୍ବିତ ରାତ୍ରିରେ ଘୋଷିତ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିବା ପରେ ଦଳର ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ଇସ୍ତଫା ଦେବା ସେହି ଉତ୍ସାହକୁ କିଛିମାତ୍ରାରେ ଫିକା କରି ଦେଇଥିବା ସାଧାରଣରେ ଆଲୋଚନା ହେଉଛି ।

ପଦ୍ମପୁର ବ୍ୟତୀରେକ ଅନ୍ୟ ଆସନରେ ଭାଜପାର ଦଳୀୟ ବିଧାୟକ ନାହାନ୍ତି । ଗତ ବର୍ଷେ ତଳେ ହୋଇଥିବା ବିଜେପୁର ଉପନିର୍ବାଚନରେ କଳେ ବଳେ କୌଶଳେ ବାଜିମାତ୍ ମାରିବାକୁ ଭାଜପା ଆଶା ବାନ୍ଧିଥିଲା । ଏହି କ୍ରମରେ ଦଳର ପୁରୁଖା ନେତା,କର୍ମୀଙ୍କୁ ଭୁଲିଯାଇ ବିଜେଡ଼ି ଛାଡ଼ି ଦଳରେ ସାମିଲ ହୋଇଥିବା ଅଶୋକ ପାଣିଗ୍ରାହୀଙ୍କୁ ଭାଜପା ସେହି ଉପନିର୍ବାଚନରେ ପ୍ରାର୍ଥୀ କରିଥିଲା। ହେଲେ ପାଣିଗ୍ରାହୀଙ୍କୁ ଶେଷରେ ପ୍ରାୟ ୪୦ହଜାର ଭୋଟ୍ ବ୍ୟବଧାନରେ ହାରିବାକୁ ପଡ଼ିଥିଲା । ଏବେ ସାଧାରଣ ନିର୍ବାଚନ ସମୟରେ ମଧ୍ୟ ଭାଜପା ପାଇଁ ଅନୁରୂପ ସ୍ଥିତି ଉପୁଜିଛି । ଭାଜପା କୌଣସି ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରି ପାରି ନାହିଁ । କେବଳ ଲୋକସଭା ନୁହେଁ, ଜିଲାର ୫ଟି ବିଧାନସଭା ଆସନ ପାଇଁ ଦଳରେ ମାଳ ମାଳ ଆଶାୟୀ ରହିଛନ୍ତି । ଫଳରେ କାହାକୁ ଦଳୀୟ ପ୍ରାର୍ଥୀ କରିବ, ତାହା ଭାଜପା ପାଇଁ ଚିନ୍ତାର ବିଷୟ ହୋଇଛି । ପଦ୍ମପୁର ଆସନରେ ବିଧାୟକ ପ୍ରଦୀପ ପୁରୋହିତଙ୍କ ବ୍ୟତୀତ ଆଉ କାହାରି ନାମ ସେଭଳି ଚର୍ଚ୍ଚାକୁ ଆସୁ ନାହିଁ। ହେଲେ ରାଜୁ ଘିବେଲା ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । କିନ୍ତୁ ଜିଲାର ଅନ୍ୟ ୪ଟି ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ନେଇ ଭୋଟର ଏବେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି । ବିଜେପୁର ଉପନିର୍ବାଚନ ଭଳି ଅନ୍ୟ ଦଳ ଛାଡ଼ି ଭାଜପା ପାଇଁ ନବାଗତଙ୍କୁ ଦଳ ପ୍ରାର୍ଥୀ କରିବାକୁ ଜଗି ବସିଛି । ଆଉ ସେଥିପାଇଁ ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବ ହେଉଥିବା ଆଲୋଚନା ଚାଲିଛି । ଏ ନେଇ ଭାଜପା ଜିଲା ସଭାପତି ଡଃ ଅରୂପାନନ୍ଦ ସାହୁଙ୍କ ପଚାରିବାରୁ ଠିକଣା ସମୟରେ ଦଳ ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିବ ଏବଂ ସମସ୍ତ ନିର୍ବାଚନ ମଣ୍ଡଳୀ ଭାଜପା କବ୍‌ଜାକୁ ଯିବ ବୋଲି ସେ କହିଥିଲେ ।

### ଦଳୀୟ ପତାକା କାଢ଼ି ନେଲା ପ୍ରଶାସନ

ମନମୁଣ୍ଡା, ୨୦।୩ (ଡି.ଏନ.ଏ)
ବୌଦ୍ଧ ଜିଲା ପ୍ରଶାସନ ମନମୁଣ୍ଡା-ଦେଉଳିର କେତେକ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଘରେ ଲାଗିଥିବା ଦଳୀୟ ପତାକାକୁ ଜୋରଜବରଦସ୍ତ କାଢ଼ି ନେଇଛି । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସେହିପରି ବୁଧବାର ମନମୁଣ୍ଡାର ସଞ୍ଜୀବ ମେହେରଙ୍କ ଘର କାନ୍ଥରେ ତାଙ୍କ ବିନାନୁମତିରେ ବିଜେଡି ତରଫରୁ ଶଙ୍ଖ ଚିହ୍ନ ଲେଖାଯାଇଛି । ଏହାକୁ ନେଇ ମେହେର ଅସନ୍ତୋଷ ଜାହିର କରିବା ସହ ଆପତ୍ତି ଉଠାଇଛନ୍ତି । ତେବେ ଏ କ୍ଷେତ୍ରରେ ନିର୍ବାଚନ ଆଚରଣବିଧି ଉଲଂଘନ ହୋଇ ନାହିଁ କି ବୋଲି ମନମୁଣ୍ଡା ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ ପ୍ରଶ୍ନ କରିଛନ୍ତି ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଚିପିଲିମା ଘଣ୍ଟେଶ୍ୱରୀ ପୀଠ ଅଞ୍ଚଳରେ ୨ ଦନ୍ତା ହାତୀ ଠାବ

**ଚିପିଲିମା,୨୦।୩ (ଡି.ଏନ.ଏ.)-** ଚିପିଲିମା ଘଣ୍ଟେଶ୍ୱରୀ ପୀଠ ଅପର ପାର୍ଶ୍ୱରେ ଥିବା ମହାନଦୀର ଏକ ଟାପୁ ମଧ୍ୟରେ ବୁଧବାର ଅପରାହ୍ଣରେ ୨ଟି ଦନ୍ତା ହାତୀଙ୍କୁ ଦେଖି ଆଖପାଖ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଘଣ୍ଟେଶ୍ୱରୀ ପୀଠର ପୂଜକ ଓ ଟ୍ରଷ୍ଟ କର୍ମଚାରୀ ପ୍ରଥମେ ହାତୀ ଦୁଇଟିଙ୍କୁ ଦେଖିଥିଲେ । ତେବେ ମହାନଦୀରେ ହାତୀ ବୁଲୁଥିବା ନେଇ ଖବର ପ୍ରଚାରିତ ହେବା ପରେ ଲୋକଙ୍କ ଭିଡ ଜମି ଥିଲା । ହାତୀ ପାଇଁ ବଗବିରା, ସେହ୍ନାପାଲି, ଟିହିକିପାଲି, ବରମପୁରା, ଚାଉଁରପୁର, ଚିପିଲିମା ଅଞ୍ଚଳରେ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି। ରାତିରେ ହାତୀ ଦୁଇଟି ବଗବିରା ଗାଁ ଆମ୍ବ ତୋଟାରେ ରହିଛନ୍ତି। ବନ ବିଭାଗ ଅଧିକାରୀ, କର୍ମଚାରୀ ହାତୀ ଦୁଇଟିର ଗତିବିଧିକୁ ଅନୁଧ୍ୟାନ କରୁଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ପଡିଆବାହାଲ,୨୦।୩ (ଡି.ଏନ.ଏ.)-** ସମ୍ବଲପୁର ସଦର ଥାନା ଅଧୀନ ପଧାନପାଲି ମଙ୍ଗଳେଶ୍ୱର ମହାଦେବ ମନ୍ଦିର ନିକଟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କାରେ ସମ୍ବଲପୁର କୁମ୍ଭାରପଡାର ଶରତ ମେହେର (୪୮)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ମହୁଲମୁଣ୍ଡାରେ ଶରତଙ୍କ ଶ୍ୱଶୁର ଘର।

### ସ୍କୁଲର ବାର୍ଷିକୋତ୍ସବ

**ଜମନକିରା,୨୦।୩ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ଗୁଡ୍ ସମାରିଟାନ୍ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ପ୍ରସନ୍ନ କୁମାର କେ. ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇସି ବାଳକୃଷ୍ଣ କଁଅର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆର୍‌ସିସି ମୋତିଲାଲ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଗରେ ବ୍ରତୀ ହେବାପାଇଁ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାନ୍ତିଲତା ପଟେଲ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ଲାକ୍ରା ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସରୋଜିନୀ ଲାକ୍ରା ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ଯାମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏପ୍ରିଲ ୫ରେ ଦ୍ୱିତୀୟ ସମଲେଶ୍ୱରୀ ରାଜ୍ୟସ୍ତରୀୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର,୨୦।୩ (ବ୍ୟୁରୋ)-** ଇଷ୍ଟକୋଷ୍ଟ ରେଲୱେ କ୍ରୀଡା ସଂଘ ପକ୍ଷରୁ ଏପ୍ରିଲ ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ସମଲେଶ୍ୱରୀ ରାଜ୍ୟସ୍ତରୀୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ହେବ । ଏଥିପାଇଁ ସମ୍ବଲପୁର ରେଳନଗରସ୍ଥିତ ରେଲୱେ ଅଫିସର୍ସ କ୍ଲବରେ ପ୍ରସ୍ତୁତି ଚାଲିଛି । ସମ୍ବଲପୁର ଜିଲା ଚେସ୍ ସଂଘ ସହଯୋଗୀ ରହିଛି । ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବିଭାଗରେ ପ୍ରତିଯୋଗିତା ହେବ । ଏ ନେଇ ବୁଧବାର ପ୍ରେସ ବିବୃତିରେ ଇଷ୍ଟକୋଷ୍ଟ ରେଳ ମଣ୍ଡଳ କ୍ରୀଡା ଅଧିକାରୀ ଡ. ମିଲିନ୍ଦ ହିରୱେ ସୂଚିତ କରିଛନ୍ତି।

# ଶିକ୍ଷକ ପଦବୀକୁ ଅନୁମୋଦନ ମିଳୁନି

**ସମ୍ବଲପୁର,୨୦।୩ (ବ୍ୟୁରୋ)**




**ବିରଘାଟ ହାଇସ୍କୁଲ**
- ୯ମ, ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଭାଗ୍ୟ ସହ ଖେଳ
- କମୁଛି ଛାତ୍ରୀଛାତ୍ରଙ୍କ ନାମଲେଖା
- ଅଭିଭାବକ ଅସନ୍ତୁଷ୍ଟ, ନାମ ଲେଖାଇବାକୁ ଅନାଗ୍ରହ
- ଜଣେ ଶିକ୍ଷକ ସପ୍ତାହକୁ ଅଧାଦିନ ପାଠ ପଢାଉଛନ୍ତି
- ଅଧାଦିନ ଛାତ୍ରୀଛାତ୍ର ନିଜେ ପଢୁଛନ୍ତି
- ଶିକ୍ଷା ସହାୟକଙ୍କ ଦୟାରେ ଚାଲିଛି ପାଠପଢ଼ା

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ବିରଘାଟ ସ୍କୁଲକୁ ଦେଖିଲେ ଜଣା ପଡିଯିବ ସରକାରଙ୍କ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର । ବିରଘାଟ ଓ ଆଖପାଖ ଗ୍ରାମବାସୀ ବର୍ଷ ବର୍ଷ ଧରି ବାରମ୍ବାର ଦାବି, ରାସ୍ତାରୋକୋ କଲା ପରେ ସେଠାରେ ଥିବା ୟୁପି ସ୍କୁଲକୁ ହାଇସ୍କୁଲର ମାନ୍ୟତା ଦିଆଗଲା । କୋଠା ବି ତିଆରି ହେଲା। ସ୍କୁଲ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମଧ୍ୟ ମିଳିଲା। ହେଲେ ଶିକ୍ଷକ ପଦ ପୂରଣ କରିବାକୁ ଅନୁମୋଦନ ମିଳୁନି। ଏବେ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି। ୬ ବର୍ଷ ହେଲା ଜଣେ ଶିକ୍ଷକଙ୍କୁ ଏଠାରେ ଡେପୁଟେସନରେ ଦିଆଯାଇଛି। ଏହି ଶିକ୍ଷକ ଜଣକ ସପ୍ତାହକୁ ୩ ଦିନ ସ୍କୁଲକୁ ଯାଇଥାନ୍ତି। ବାକି ୩ ଦିନ ପିଲାମାନେ ନିଜେ ନିଜେ ପଢନ୍ତି । ଏଣୁ ଶିକ୍ଷକ ଅଭାବରୁ ପାଠପଢା ବ୍ୟାହତ ହେଉଛି। ଅବଶ୍ୟ ପିଲାଙ୍କ ଭବିଷ୍ୟତକୁ ଦେଖି ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଯୁକ୍ତ ହୋଇଥିବା ଶିକ୍ଷା ସହାୟକମାନେ ୯ମ, ୧୦ମ ଶ୍ରେଣୀ ପିଲାଙ୍କୁ କେତେବେଳେ କେମିତି ପଢାନ୍ତି।

୧୯୮୭ ମସିହାରେ ଖୋଲିଥିବା ୟୁପି ସ୍କୁଲ ଲୋକଙ୍କ ଦାବି କ୍ରମେ ୨୦୧୩ ମସିହରେ ଅପଗ୍ରେଡଶନ ହୋଇ ହାଇସ୍କୁଲ ମାନ୍ୟତା ପାଇଛି। ବିରଘାଟ, ଇଚ୍ଛାପାଳ, ଯାଦୁଲୁଇସିଂ, ବରଘାଟ, ବୋଲବଙ୍ଗା, ବଡମାଲ, ଝରିଆପଡା, ରାସିଖାଇ ଗ୍ରାମର ଛାତ୍ରୀଛାତ୍ର ଏଠାରେ ପାଠ ପଢିବାକୁ ନିର୍ଭର କରନ୍ତି । ସ୍କୁଲ ଖୋଲିବାର ପ୍ରଥମ ବର୍ଷରେ ୪୨ ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିଲେ। ହେଲେ ପ୍ରତିବର୍ଷ ପିଲା ସଂଖ୍ୟା କମିବାରେ ଲାଗିଛି । ଚଳିତବର୍ଷ ନବମ ଶ୍ରେଣୀରେ ୧୫ ଜଣ ଓ ଦଶମ ଶ୍ରେଣୀରେ ୨୩ ଜଣ ପରୀକ୍ଷା ଦେଇଛନ୍ତି ।

ଅଭିଭାବକମାନଙ୍କ ଅଭିଯୋଗ ହେଲା ଯେ, ସ୍କୁଲ କୋଠା ପାଇଁ ଟଙ୍କା ଖର୍ଚ୍ଚ କରାଗଲା । ହେଲେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାରୁ କିଛି ସୁଫଳ ମିଳୁ ନାହିଁ । ଯଦି ସ୍କୁଲକୁ ଠିକ ଭାବେ ପରିଚାଳନା କରିବାକୁ ସରକାର ସକ୍ଷମ ନ ଥିଲେ ତାହା ହେଲ କାହିଁକି କୋଠା ନିର୍ମାଣ କରାଗଲା ଓ ସ୍କୁଲ ଖୋଲାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସେହିଭଳି ଗ୍ରାମବାସୀ ଏହି ସ୍କୁଲକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ । ପିଲାମାନଙ୍କୁ ୧୫କି.ମି, ଫୁଲଝରନ ହାଇସ୍କୁଲକୁ ଆଉ ପାଠ ପଢି ଯିବାକୁ ପଡିବ ନାହିଁ ବୋଲି ଆଶା କରିଥିଲେ। ହେଲେ ଏବେ ପୁଣି ପାଠ ପାଢା ପାଇଁ ସମସ୍ୟା ଦେଖା ଦେଇଛି। ଶିକ୍ଷକ ଅଭାବ ଯୋଗୁ ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇବାକୁ ସେମାନଙ୍କ ଆଗ୍ରହ ହେଉନାହିଁ। ଏଣୁ ପିଲାମାନେ ପୁଣି ଖରା ବର୍ଷାରେ ଦୁରକୁ ପାଠ ପଢି ଯିବେ ବୋଲି ଅସନ୍ତୁଷ୍ଟ ଅଭିଭାବକମାନେ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶଙ୍କୁ ପଚାରିବାରୁ ସ୍କୁଲକୁ ଅନୁମୋଦନ ମଳିଛି। ହେଲେ ଶିକ୍ଷକ ପଦ ପୂରଣ ପାଇଁ ଅନୁମୋଦନ ମିଳି ନ ଥିବାରୁ ଶିକ୍ଷକ ଯୋଗାଇ ଦେବାରେ ସମସ୍ୟା ହେଉଛି ବୋଲି ସ୍ୱୀକାର କରିଛନ୍ତି।

କ୍ଷମତା, ପଦ ପଦବୀର ଅପବ୍ୟବହାର କଲେ ପୂର୍ତ୍ତବିଭାଗ ବାବୁମାନେ

# ବାହାଘର ଭୋଜିରେ ସରକାରୀ ଗାଡ଼ିର ଭିଡ଼

**ବାମରା,୨୦।୩ (ସ୍ୱ.ପ୍ର.)**




ବିଭିନ୍ନ ସମୟରେ ସରକାରୀ ଗାଡି ଅପବ୍ୟବହାର ସହ ଘରୋଇ କାର୍ଯ୍ୟରେ ନିୟୋଜିତ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାମରା ବ୍ଲକ କିନାବଗା ପଞ୍ଚାୟତ ଡଙ୍ଗାଯୋର ଗ୍ରାମରେ। ସେଠାରେ ଚାଲିଥିବା ଜଣେ ସରକାରୀ ଅଧିକାରୀଙ୍କ ଝିଅ ବିବାହ ଭୋଜିରେ ଏହା ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ନିଜ ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କ ସହ ସରକାରୀ ଗାଡିରେ ଆସି ଯୋଗ ଦେଇଥିଲେ। ବୁଧବାର ଡଙ୍ଗାଯୋର ଗ୍ରାମରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଓମ୍‌ପ୍ରକାଶ ପଟେଲଙ୍କ ଝିଅ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର, ସୁନ୍ଦରଗଡ, ରାଉରକେଲା, ଭୁବନେଶ୍ୱର, ଝାରସୁଗୁଡା ସହ ଅନ୍ୟାନ୍ୟ ଅଞ୍ଚଳରୁ ପୂର୍ତ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଏତେ ସଂଖ୍ୟାରେ ସରକାରୀ ଗାଡି ଏକ ଘରୋଇ (ବେସରକାରୀ) ବିବାହ ଉତ୍ସବରେ ଯୋଗଦେବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏକ ବେସରକାରୀ କାର୍ଯ୍ୟକ୍ରମରେ ଏତେ ମାତ୍ରାରେ ସରକାରୀ ଗାଡିର ବ୍ୟବହାରରୁ ସରକାରୀ ଅର୍ଥ ହାନି ହେଉନି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ସରକାରୀ ଗାଡି ଅପବ୍ୟବହାର କରୁଥିବା ନେଇ ଜଣେ ଅଧିକାରୀଙ୍କୁ ପଚାରିବାରୁ ଗାଡି ଗୁଡିକ ବିଭାଗରେ ଠିକାରେ ଲାଗିଛି । ଏହା ସରକାରୀ ଗାଡି ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ । ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ତଥା ସଜ ସଜ ବିଜେଡିରେ ଯୋଗଦେଇ ଥିବା ନଳିନୀକାନ୍ତ ପ୍ରଧାନ ମଧ୍ୟ ଯୋଗ ଦେଇଥିଲେ ।



ବାମରା ଅଞ୍ଚଳରେ ବୁଧବାର ପ୍ରଚାରରେ ନଳିନୀ ମହାନ୍ତି।

# ବିଜେଡିକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଲେ ନଳିନୀ

**ବାମରା,୨୦।୩ (ସ୍ୱ.ପ୍ର.)**

ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ ପ୍ରଥମ ଥର ପାଇଁ ବାମରା ବ୍ଲକ ଅଞ୍ଚଳକୁ ଆସି ନିଜର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ସେ ସମ୍ବଲପୁର ଲୋକସଭା ଆସନରୁ ବିଜେଡି ଆଶାୟୀ ପ୍ରାର୍ଥୀ ଅଛନ୍ତି । ବୁଧବାର ବାମରା ଗୁର୍ଲା, ଗଡପୋଷ ଓ ଡଙ୍ଗାଯୋରଠାରେ ଏକ ଦଳୀୟ ସଭାରେ ଯୋଗ ଦେଇ ଦଳକୁ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସେ ସମ୍ବଲପୁର ଲୋକସଭା ଅନ୍ତର୍ଗତ ବିଭିନ୍ନ ଗ୍ରାମ ଗୁଡିକର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜୟପାଲ ନାଏକ, ପ୍ରଦୀପ କୁମାର ପଟେଲ, ଶଶିଭୂଷଣ ସେଠ, ଉଦୟନାଥ ନାଏକ, କୁମୁଦିନୀ ନାଏକ, ଉମେଶ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏସ.କେ. ସିହ୍ନା ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ । ବରିଷ୍ଠ ବିଜେଡି କର୍ମୀ ଦିଲୀପ ଚୌଧୁରୀଙ୍କ ସହ ଗୁଚ୍ଛୁ ଦୀକ୍ଷିତ, ଭୁପେନ ଜିତ, କୁନ୍ଦନ ରାଏ, ସୁଶୀଲ ପ୍ରସାଦ, ସନ୍ତୋଷ ପାଣ୍ଡେ, ଦିନେଶ ରକ୍ସା ଓ ନନ୍ଦନ ମଲ୍ଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ ।

### ଧମା ରେଞ୍ଜ ଅଫିସରେ କର୍ମଶାଳା

**ଧମା,୨୦।୩ (ଡି.ଏନ.ଏ.)**

ସ୍ଥାନୀୟ ରେଞ୍ଜ ଅଫିସସ୍ଥିତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର କ୍ଷେତ୍ରୀୟ ପରିଚାଳନା କାର୍ଯ୍ୟାଳୟଠାରେ ବୁଧବାର ଭୁବନେଶ୍ୱର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ (କିସ୍)ର ଏକ ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧମା ରେଞ୍ଜର ବିଦ୍ୟାଧର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଧମା ରେଞ୍ଜ ଅଧୀନରେ ଥିବା ୨୦ଟି ବନସୁରକ୍ଷା ସମିତିରୁ ୩୦ଜଣ ଅନୁସୂଚୀତ ଜନଜାତି ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କିସ୍‌ର ସମ୍ବଲପୁର ଜିଲା ସଂଯୋଜକ ଆକାଶ ବିଶ୍ୱକର୍ମା ଯୋଗ ଦେଇଥିଲେ। ସେ ଅଭିଭାବକମାନଙ୍କୁ କିସ୍‌ରେ ଅନୁସୂଚୀତ ଜନଜାତି ଛାତ୍ରୀଛାତ୍ରମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। କିସ୍‌ରେ ନାମ ଲେଖାଇବା ପ୍ରକ୍ରିୟା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ କ୍ଷେତ୍ର ସଂଯୋଜକ ଆଶୀର୍ବାଦ ପୁରୋହିତ ଓ ରାକେଶ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ ପ୍ରତାପଲାଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ନବଜୀବନ ସ୍କୁଲରେ ସ୍ୱାଗତ ଉତ୍ସବ

**ସମ୍ବଲପୁର,୨୦।୩ (ବ୍ୟୁରୋ)**

ନବଜୀବନ ପବ୍ଲିକ ସ୍କୁଲର ସ୍ୱାଗତ ଉତ୍ସବ ବୁଧବାର କଟରଧୂଆସ୍ଥିତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ ଚନ୍ଦନ ଲଗାଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ । ସ୍କୁଲର ଉପାଧ୍ୟକ୍ଷ ଅଗେନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।

ଯୁଯୁମୁରାରେ ଗାଈ ଖାଉଛନ ଛତୁଆ ଘଟନା

# ଡାଗିଦ୍, ନିୟମିତ ଯାଁଚ୍‌ରେ ମାନ ସୁଧିରିଛେ

**ସମ୍ବଲପୁର,୨୦।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଗରଭ୍‌ବତୀ, ପିଲାତି ଆର ୧ରୁ ୬ ବଛରର ପିଲାମାନକୁ ଛତୁଆ ବଁଟାଯାଉଛେ। ହେଲେ ଛତୁଆ ବହୁତ୍ ହଲ୍‌କା କିସମର ବଲି ଅଭିଯୋଗ ହେଇଥିଲା। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଡିସେମ୍ବର ୧୨, ଜାନୁୟାରୀ ୬ ତାରିଖିରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଜିଲା ଆର ବ୍ଲକସ୍ତରରେ ଗୁଟେ ଟିମ ଗଠନ କରାଯାଇଥିଲା। ଶୁକୁରବାର ଛତୁଆ ତିଆରି କରୁଥିବାର କବରପାଲି ଆର ଗଡ଼ଗଡ଼ବାହାଲ କେନ୍ଦ୍ରରେ ଚଢ଼ଉ କରାଯାଇଥିଲା। ଛତୁଆର ମାନ ଯାଁଚ୍ କରି ଦାଇତିଅରେ ଥିବାର ଏସ୍‌ଏଚ୍‌ଜି ମହିଲାମାନକୁ କଡ଼ା ଦାଗିଦ୍ କରାଯାଇଥିଲା। ସେନ୍‌ତା ଛତୁଆ ତିଆରି ବେଲେ ମାନକେ ଗୁରୁତ୍ ଦେବାର ସଂଗେ ଠିକ୍ ସମିଆରେ ଅଙ୍ଗନୱାଡି କେନ୍ଦ୍ରମାନକେ ବଁଟବାକେ କୁହାଯାଇଥିଲା। ପାଖାପାଖି ୩ ମାସ ହେଲା ନିୟମିତ ଯାଁଚ୍ କରାଯାଉଛେ। ଗରଭ୍‌ବତୀ, ପିଲାତି ଆର ଅଙ୍ଗନୱାଡି ପିଲାମାନକର ଅଭିଭାବକମାନକୁ ଭେଟି ରିପୋର୍ଟ ଠୁଲାଯାଉଛେ। ସେଥିରଲାଗି ଏସ୍‌ଏଚ୍‌ଜି ମାନେ ଏହେଦେ ଛତୁଆର ମାନରେ ପରିବରତନ୍ ଆନିଛନ୍ ବଲି ଯୁଯୁମୁରା ସିଡିପିଓ ସବିତା ନାଏକ କହିଛନ୍। ସେନ୍‌ତା ୨ ଝନ୍ ସୁପରଭାଇଜରକୁଁ ନିୟମିତ ନଜର ରଖିବାକେ ନିରଦେଶ ଦିଆଯାଇଥିବାର ଜନାଯାଇଛେ।

# ଯାଦବ ସମାଜର ଦୋଳ ପୂର୍ଣ୍ଣିମା ଉତ୍ସବ

**ଜମନକିରା,୨୦।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ସଦର ମହକୁମାରେ ଯାଦବ ସମାଜ ପକ୍ଷରୁ କୁରେଇବାହାଲଠାରେ ଦୋଳ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ବ୍ଲକ୍‌ସ୍ତରୀୟ ଯାଦବ ସମାଜର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ସମ୍ପାଦକ ଅଶୋକ କୁମାର ବରଗାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯାଦବ ସମାଜ ଜିଲା ସଭାପତି ବିରଞ୍ଚି ଦର୍ଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ବିକାଶ ପାଇଁ ଏକଜୁଟ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଧାରଣ ସମ୍ପାଦକ ଦେବାନନ୍ଦ ଖର୍ସେଲ, ସମ୍ମାନୀୟ ଅତିଥି ଭାବେ ବଡ଼ରମା ସରପଞ୍ଚ ଜୟନ୍ତୀ ବାଘ, ସମ୍ପାଦକ ହେମନ୍ତ ବରଗାଁ, ବଡ଼ରମା ପଞ୍ଚାୟତ ଯାଦବ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ମାକର, ସମ୍ପାଦକ ଅବୈନ ରାଉତ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ରାଜକିଶୋର ସେଲେମା ଧନ୍ୟବାଦ ଅର୍ପଣ କରିଥିଲେ।



ଯାଦବ ସଭା ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ରେଙ୍ଗାଲିରେ ବିଜେଡିର କର୍ମୀସମ୍ମିଳନୀ, ମିଶ୍ରଣ ପର୍ବ

**ରେଙ୍ଗାଲି, ୨୦।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବିଜେଡି ପକ୍ଷରୁ ରାମଚନ୍ଦ୍ରନଗର ସାପ୍ତାହିକ ବଜାରଠାରେ ବୁଧବାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରେଙ୍ଗାଲି ବିଜେଡି ସଭାପତି ଅଶୋକ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ରବି ନାରାୟଣ ପାଣି ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ନବ କିଶୋର ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଇକେରା ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ଶଶିଭୂଷଣ ସାହୁ, ଲାଲରତ୍ନାକର ସିଂ, କବିରାଜ ବଢ଼େଇ, ବୃନ୍ଦାବନ ସାହୁ, ଅଞ୍ଜଳି ପ୍ରଧାନ, ନୂଆଁଦେଇ ପଧାନ, ମୁକୁନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବିଜେଡିର ନିର୍ମଳ ଶାସନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଏବଂ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ନୂତନ ଭାବରେ ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ରେଙ୍ଗାଲ ରାମଚନ୍ଦ୍ରନଗର ସାପ୍ତାହିକ ବଜାରରେ ବୁଧବାର ଅନୁଷ୍ଠିତ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

# ୧,୭୭,୦୦୦ ଚାଷୀ ଟଙ୍କା ପାଇବାରୁ ବଞ୍ଚିତ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

- ସମ୍ବଲପୁରରେ କାଳିଆ ଯୋଜନା ଉପହାସ
- ଅଣ ଚାଷୀ ହେଉଛନ୍ତି ଲାଭବାନ

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ସ୍ୱତନ୍ତ୍ର ଓ ସବୁବର୍ଗର ଚାଷୀଙ୍କୁ ଲାଭ ମିଳିବ ବୋଲି ଘୋଷଣା କରା ଯାଇଥିଲା । ଏହାକୁ ନେଇ ରାଜକୋଷରୁ ଟଙ୍କା ଖର୍ଚ୍ଚ କରି ପ୍ରଚାର ପ୍ରସାର କରାଯାଇଥିଲା । ଟଙ୍କା ପାଇବା ଆଶାରେ ଚାଷୀ, ଭାଗଚାଷୀ, ଚାଷ ଜନିତ ଶ୍ରମିକ, ଭୂମିହୀନ ସମସ୍ତଙ୍କ ପାଇଁ ଏହି ଯୋଜନା ଲାଭଦାୟକ ବୋଲି କୁହାଯାଇଥିଲା । ହେଲେ କାଳିଆ ଯୋଜନା ଚାଷୀଙ୍କୁ ଉପହାସ ବୋଲି ସ୍ପଷ୍ଟ ହୋଇଛି। ଏବେ ମଧ୍ୟ ଆବେଦନ କରିଥିବା ୧ଲକ୍ଷ ୭୭ ହଜାର ଜଣ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ତେଣୁ ଟଙ୍କା ପାଇବାକୁ ନେଇ ଚାଷୀ ମନରେ ଆହୁରି ସନ୍ଦେହ ସୃଷ୍ଟି ହୋଇଛି । ହେଲେ ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମେ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏଣୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଯୋଜନା ସମ୍ବଲପୁର ଜିଲାରେ ଫେଲ୍ ମାରିଛି ।

ଜିଲାରେ ପ୍ରଥମ ପର୍ଯ୍ୟାୟରେ ୯ଟି ବ୍ଲକ ଓ ମହାନଗର ନିଗମ ଅଞ୍ଚଳକୁ ମିଶାଇ ୮୭ ହଜାର ଚାଷୀଙ୍କ ତାଲିକା ପ୍ରକାଶ ପାଇଥିଲା । ସେଥି ମଧ୍ୟରୁ ବିଭିନ୍ନ କାରଣରୁ ୪ହଜାର ଚାଷୀଙ୍କୁ ବାଦ ଦିଆଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ସବୁଜ ଫର୍ମରେ ୧ଲକ୍ଷ ୩୧ ହଜାର ଚାଷୀଙ୍କ ଅନଲାଇନ ପଞ୍ଜିକରଣ କରାଯାଇଥିଲା । ହେଲେ ସେମାନଙ୍କ ମଧ୍ୟରୁ ୬ ହଜାର ଚାଷୀ ବାଦ ପଡିଥିଲେ। ସେହିପରି ତୃତୀୟ ପର୍ଯ୍ୟାୟରେ ୪୯ ହଜାର ଚାଷୀ ଆବେଦନ କରିଛନ୍ତି । ମୋଟ ୨ ଲକ୍ଷ ୬୭ ହଜାର ଚାଷୀ କାଳିଆ ଯୋଜନାରେ ଆବେଦନ କରିଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୨୫ରେ ୩୪ ହଜାର ୬୪୦ ଜଣ ଚାଷୀ, ଜାନୁୟାରୀ ୨୭ରେ ୯୨୮ ଜଣ ଭାଗ ଚାଷୀ, ଫେବୃୟାରୀ ୧୫ରେ ୫୯୬୫ ଜଣ, ଦ୍ୱିତୀୟ ପର୍ଯ୍ୟାୟରେ ଫେବୃୟାରୀ ୨୧ରେ ୩୦ହଜାର ୯୯୮ ଜଣ, ଫେବୃୟାରୀ ୨୪ରେ ୧୨ ହଜାର ୩୬୧ ଭୂମିହୀନ ଚାଷୀ ଓ ତୃତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୫ରେ ମୋଟ ୫ହଜାର ୧୦୮ ଚାଷୀ ଟଙ୍କା ପାଇଛନ୍ତି । ହେଲେ ଏଥିରୁ ସନ୍ଦେହ ସୃଷ୍ଟି ହେଉଛି ଯେ ପ୍ରକୃତ ଚାଷୀ ଟଙ୍କା ପାଇନାହାନ୍ତି । ଅନ୍ୟପକ୍ଷେ ଟଙ୍କା ପାଇଥିବା ୧୮ହଜାର ୩୨୬ ଭୂମିହୀନ ଚାଷୀଙ୍କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ଜେନାଙ୍କୁ ପଚାରିବାରୁ ଆବେଦନ କରିଥିବା ସବୁ ଚାଷୀଙ୍କୁ ଟଙ୍କା ଦିଆଯିବ। ଏବେ ନିର୍ବାଚନ ଥିବାରୁ ନୂତନ ଚାଷୀମାନଙ୍କର ଆବେଦନ ଗ୍ରହଣ କରାଯାଉ ନାହିଁ ବୋଲି କହିଥିଲେ।

■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

# କେନ୍ଦ୍ର ସରକାରଙ୍କ ହୋର୍ଡିଂ ହଟାଯାଉ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳଗୁଡିକ ମଧ୍ୟରେ ଆରୋପ ପ୍ରତ୍ୟାରୋପ ସେତିକି ଜୋର ଧରୁଛି। ରାଜ୍ୟରେ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ପରଠାରୁ ବିଜେଡି, ଭାଜପା ଓ କଂଗ୍ରେସ ପରସ୍ପର ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଉଛନ୍ତି। ପ୍ରତ୍ୟେକ ଦିନ ଆଦର୍ଶ ଅଚରଣ ବିଧି ଉଲ୍ଲଂଘନ ଭଳି ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଏଥିରେ ବିଜେଡି ଓ ଭାଜପା ଆଗରେ ରହିଥିବା ବେଳେ କଂଗ୍ରେସ ଟିକେ ପଛରେ ପଡିଛି। ବୁଧବାର ମଧ୍ୟ ଉଭୟ ବିଜେଡି ଓ ଭାଜପା ପରସ୍ପର ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦୃଢ ପଦକ୍ଷେପ ଦାବି କରିଛନ୍ତି।

ବିଜେଡି ଅଭିଯୋଗ କରିଛି ଯେ ଦେଶରେ ଆଦର୍ଶ ଆଚରଣବିଧି ଲାଗୁ ହେବା ସତ୍ତ୍ୱେ ମଧ୍ୟ କେନ୍ଦ୍ରର ଭାଜପା ସରକାର ଏହାକୁ ମାନୁ ନାହିଁ। କେନ୍ଦ୍ର ସରକାର ନିଜ ସପକ୍ଷରେ ପ୍ରଚାର ଚଳାଇଛି। ରେଳ ଷ୍ଟେଶନ, ବିମାନ ବନ୍ଦର, ରାସ୍ତାଘାଟ ସବୁଠି କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାର ହୋର୍ଡିଂ ଲଗାଯାଇ ପ୍ରଚାର କରାଯାଉଥିବା ବିଜେଡି ଅଭିଯୋଗ କରିଛି। ଆଦର୍ଶ ଅଚରଣବିଧି ଲାଗୁ ହେବା ପରେ ମଧ୍ୟ ହୋର୍ଡିଂଗୁଡିକୁ ହଟାଯାଉ ନାହିଁ। ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଥିଲେ ମଧ୍ୟ ଭାଜାପ ପୋଷ୍ଟର ଓ ହୋର୍ଡିଂଗୁଡିକ ପୂର୍ବ ଭଳି ରହିଛି। ତୁରନ୍ତ ପୋଷ୍ଟର ଏବଂ ହୋର୍ଡିଂଗୁଡିକୁ ହଟାଇବାକୁ ବିଜେଡି ଦାବି କରିଛି । ଏଥିସହିତ ବିଜେଡି ଅଭିଯୋଗ କରିଛି ଯେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଉଦ୍ୟୋଗଗୁଡିକର ହୋର୍ଡିଂ ରହିଛି। ଏ ସଂକ୍ରାନ୍ତରେ ମାର୍ଚ୍ଚ ୧୧ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଆକାରରେ ଦିଆଯାଇଥିଲେ ମଧ୍ୟ ପେଟ୍ରୋଲ ପମ୍ପ, ଗ୍ୟାସ୍ ଏଜେନ୍ସି ସହିତ ଅନ୍ୟାନ୍ୟ ସ୍ଥାନରେ ରହିଛି। ନିର୍ବାଚନ କମିଶନଙ୍କ ନୀରବଦ୍ରଷ୍ଟା ବିଜେଡିକୁ ଅସନ୍ତୁଷ୍ଟ କରିଛି ବୋଲି ଅଭିଯୋଗ କରାଯାଇଛି। ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି। ବିଜେଡି ନେତା ଲେଲିନ ମହାନ୍ତି, ସୁଲତା ଦେଓ ଏବଂ ସସ୍ମିତ ପାତ୍ର ନିର୍ବାଚନ ଅଧିକାରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



କେନ୍ଦ୍ର ସରକାରଙ୍କ ହୋର୍ଡିଂ ହଟାଇବା ପାଇଁ ବିଜେଡି କର୍ମକର୍ତ୍ତାମାନେ ନିର୍ବାଚନ କମିଶନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଦଳୀୟ ଟିକେଟ ବିନା ପ୍ରାର୍ଥିପତ୍ର ଦାଖଲ କଲେ ଚନ୍ଦ୍ରଶେଖର


ଚନ୍ଦ୍ରଶେଖର ମାଝି ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

ଜୟପୁର,୨୦।୩(ଡି.ଏନ୍.ଏ.)

ଟିକେଟ୍ ମିଳିବା ପର୍ଯ୍ୟନ୍ତ ଧୈର୍ଯ୍ୟ ରହିଲାନି। କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ କୋରାପୁଟ ଜିଲା କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ନେତା ତଥା ବିଧାୟକ ଚନ୍ଦ୍ରଶେଖର ମାଝି ବୁଧବାର ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୂର୍ବାହ୍ନରେ ସେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦଳୀୟ ସମର୍ଥକଙ୍କୁ ନେଇ ପହଞ୍ଚିବା ପରେ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ନିକଟରେ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ଏଯାବତ୍ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କାହାରି ନାମ ଘୋଷଣା କରିନାହିଁ। ତେଣୁ ବିନା ଦଳୀୟ ଟିକଟରେ ଚନ୍ଦ୍ରଶେଖର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ନିଜ ନିର୍ବାଚନ ମଣ୍ଡଳୀ ପାଇଁ ସେ କଂଗ୍ରେସର ଏକମାତ୍ର ଆବେଦନକାରୀ ବୋଲି ଚନ୍ଦ୍ରଶେଖର କହିଛନ୍ତି। ଅନ୍ୟପକ୍ଷରେ ତାଙ୍କୁ କୋରାପୁଟ ଲୋକ ସଭା ଆସନ ପାଇଁ ଟିକେଟ ଦେବାକୁ ହାଇକମାଣ୍ଡ ଚିନ୍ତା କରୁଥିବା ଚର୍ଚ୍ଚା ହେଉଥିଲା। ଏନେଇ ତାଙ୍କୁ ପଚାରିବାରେ ସେ କହିଥିଲେ, ଏମ୍‌ପି ପଦ ପାଇଁ ସେ ଆବେଦନ କରିନାହାନ୍ତି କି ସେଥିଲାଗି ତାଙ୍କର ଆଗ୍ରହ ମଧ୍ୟ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଥିବା କୋଟପାଡ଼ ଆସନ କଂଗ୍ରେସର ଦୁର୍ଗ ଭାବେ ପରିଚିତ। କଂଗ୍ରେସର ସ୍ୱର୍ଗତ ବାସୁଦେବ ମାଝି ଏଠାରୁ ୮ଥର ବିଧାୟକ ହୋଇଥିଲେ। ୧୯୯୦ରେ ଥରୁଟିଏ ଏଠାରେ ଜନତା ଦଳ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୧୯୯୫ରୁ ପୁଣି ସେ ବିଜୟୀ ହୋଇ ୨୦୧୪ ପର୍ଯ୍ୟନ୍ତ ଲଗାତାର ବିଧାୟକ ରହିଥିଲେ। ୨୦୧୪ରେ ତାଙ୍କ ମୃତ୍ୟୁ ପରେ ସାନଭାଇ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି କଂଗ୍ରେସ ପ୍ରାର୍ଥୀ ଭାବେ ବିଜେଡିର ଅଶୋକ ପାଙ୍ଗିଙ୍କୁ ୩୧,୩୨୦ ଖଣ୍ଡ ଭୋଟ୍‌ରେ ହରାଇଥିଲେ।

## ୪୦ ଷ୍ଟାର ପ୍ରଚାରକଙ୍କ ତାଲିକା ଘୋଷଣା କଲା ଭାଜପା

ଭୁବନେଶ୍ୱର,୨୦।୩ (ବ୍ୟୁରୋ)

ବିଜେଡି ଓ କଂଗ୍ରେସ ପ୍ରଥମ,ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଛି । କିଛି ଆସନରେ ଉଭୟ ଦଳ ପ୍ରାର୍ଥୀ ଦେଇ ନ ଥିଲେ ମଧ୍ୟ ତାଲିକା ଘୋଷଣାରେ ଆଗରେ ରହିଛି । ହେଲେ ଏହି ଦୌଡରେ ଭାଜପା ପଛରେ ପଡିଛି। ଏହାକୁ ନେଇ ବିଜେଡି ଭାଜପାକୁ ସମାଲୋଚନା କରିଛି । ମୁଖ୍ୟତଃ ବିଜେଡି ଟିକେଟରୁ ବଞ୍ଚିତ ହେଉଥିବା ନେତାଙ୍କୁ ଆସନ୍ତା ନିର୍ବାଚନରେ ଭାଜପା ପ୍ରାର୍ଥୀ କରିବ ବୋଲି ଶାସକ ଦଳ କହିଛି । ଅନ୍ୟପକ୍ଷେ ଭାଜପା ୪୦ ଷ୍ଟାର ପ୍ରଚାରକ ତାଲିକା ବୁଧବାର ଘୋଷଣା କରିଛି। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କ ନାମ ରହିଛି। ଏଥିସହିତ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ନୀତିନ ଗଡ଼କରୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନାମ ରହିଛି। ଦଳର ବରିଷ୍ଠ ନେତା ରାମ ଲାଲ, ଅରୁଣ ସିଂ, ସୌଦାନ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ସ୍ମୃତି ଇରାନୀ, ପ୍ରକାଶ ଜାଭଡେକର, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ସୁରେଶ ପୂଜାରୀ, ସମ୍ବିତ ପାତ୍ର, ରମଣ ସିଂହ, ଅର୍ଜୁନ ମୁଣ୍ଡା, ଶିବରାଜ ସିଂ ଚୌହାନ, ଗିରିଧର ଗମାଙ୍ଗ, ବସନ୍ତ ପଣ୍ଡା, କେ.ଭି.ସିଂଦେଓ, ବିଶ୍ୱଭୂଷଣ ହରିଚନ୍ଦନ, ଦାମୋଦର ରାଉତ, ସୁରମା ପାଢ଼ୀ, ପ୍ରତାପ ଷଡଙ୍ଗୀ, ହେମା ମାଳିନୀ, ସମୀର ମହାନ୍ତି, ରଞ୍ଜନ ପଟେଲ, ମାନସ କୁମାର ମହାନ୍ତି, ଅମିତାଭ ଚକ୍ରବର୍ତ୍ତୀ, ଗୋଲକ ମହାପାତ୍ର, ମିହିର ଦାସ, ମହାଶ୍ୱେତା ରାୟ, ଅପରାଜିତା ମହାନ୍ତି, ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ଅନୁ ଚୌଧୁରୀ, ହରିହର ମହାପାତ୍ର ଏବଂ ପିଙ୍କି ପ୍ରଧାନଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରାଯାଇଛି। ତେବେ କଂଗ୍ରେସ ଏବଂ ବିଜେଡି ଏପର୍ଯ୍ୟନ୍ତ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ କରିନାହିଁ। ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ରାଜ୍ୟ ଇଲେକ୍ସନ କ୍ୟାପେନ କମିଟି କନଭେନର ଭାବେ ଦାୟିତ୍ୱ ମିଳିଥିବା ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ଆଶିଷ ସିଂ ବିଜେଡି ପାଇଁ କାମ କରୁଛନ୍ତି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ହୋର୍ଡିଂକୁ ନେଇ ଭାଜପା ବିରୋଧରେ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିବା ବେଳେ ବିଜେଡି ବିରୋଧରେ ମଧ୍ୟ ଭାଜପା ଗୁରୁତର ଅଭିଯୋଗ ଆଣିଛି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ସାକ୍ଷାତ୍ କରି ଗୋଇନ୍ଦା ବିଭାଗର ଡିଆଇଜି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସୁରକ୍ଷା ଦାୟିତ୍ୱରେ ଥିବା ଆଶିଷ ସିଂଙ୍କୁ ତୁରନ୍ତ ହଟାଇବାକୁ ଦାବି କରିଛି। ଭାଜପା ଅଭିଯୋଗ କରିଛି ଯେ ଆଶିଷ ଓ ତାଙ୍କ ଟିମ୍ ଏବେ ବିଜେଡି ପାଇଁ ରାଜନୈତିକ କାର୍ଯ୍ୟକ୍ରମ କରୁଛନ୍ତି। ଅବିଭକ୍ତ ଗଞ୍ଜାମ ଜିଲାରେ ଆଶିଷ ସିଂ ପୋଲିସ ବିଭାଗ ଦାୟିତ୍ୱରେ ଥିଲା ବେଳେ ବିଜେଡିକୁ ସୁହାଇଲା ଭଳି ରାଜନୈତିକ କାର୍ଯ୍ୟାକଳାପ କରୁଥିଲେ । ବିଭିନ୍ନ ସମୟରେ ରାଜନୈତିକ ଅପରାଧୀମାନଙ୍କୁ ସୁରକ୍ଷା ଦେଉଥିଲେ। ଗୋଇନ୍ଦା ବିଭାଗର ଡିଆଇଜି ହେବା ପରେ ଏବେ ନିଜ କାର୍ଯ୍ୟାଳୟରେ ଏବଂ ନିଜ ସରକାରୀ ବାସଭବନରେ ବିଜେଡିର ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ଆଶିଷ ସିଂଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ତୁରନ୍ତ ଦାୟିତ୍ୱରୁ ହଟାଯାଉ ବୋଲି ରାଜ୍ୟ ଉପସଭାପତି ସମୀର ମହାନ୍ତି ଦାବି କରିଛନ୍ତି।

ଆଗାମୀ ସାଧାରଣ ନିର୍ବାଚନରେ ଏଭଳି ଅଫିସରମାନେ ସରକାରୀ ଦଳ ପାଇଁ କାର୍ଯ୍ୟ କରିବେ । ଯେ ପର୍ଯ୍ୟନ୍ତ ଆଶିଷ ସିଂଙ୍କୁ ଦାୟିତ୍ୱରୁ ହଟା ନ ଯାଇଛି ସେ ପର୍ଯ୍ୟନ୍ତ ତାଙ୍କ ବାସଭବନକୁ ସିସିଟିଭି କ୍ୟାମେରା ନଜରରେ ରଖାଯାଉ। ମୁଖ୍ୟ ନିର୍ବାଚନ ଅଧିକାରୀ ସେହି ସିସିଟିଭି କ୍ୟାମେରାକୁ ନିୟନ୍ତ୍ରଣ କରନ୍ତୁ ବୋଲି ମହାନ୍ତି ଦାବି କରିଛନ୍ତି । ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଯେଉଁ ନେତାମାନେ ବିଜେଡି ଛାଡି ଭାଜପାରେ କିମ୍ବା ଅନ୍ୟ ରାଜନୈତିକ ଦଳକୁ ଯିବାକୁ ଚାହୁଁଛନ୍ତି ସେମାନଙ୍କୁ ଧମକ ଚମକ ଦିଆଯାଉଛି। ରାଜ୍ୟରେ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବା ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ଏହି ପ୍ରତିନିଧି ଦଳରେ କୃଷକମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ, ନିର୍ବାଚନ ପ୍ରକୋଷ୍ଠର ସଦସ୍ୟ ଆଇନଜୀବୀ ରବିଶଙ୍କର ପଟ୍ଟନାୟକ, ଜୟନ୍ତ ଜେନା ଏବଂ ହିତେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଆଶିଷ ସିଂଙ୍କ ବିରୋଧରେ ଭାଜପା ନେତାମାନେ ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେଉଛନ୍ତି।

- ■ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପାର ଅଭିଯୋଗ
- ■ ଦାୟିତ୍ୱରୁ ହଟାଇବାକୁ ଦାବି

## ପୋଲିଂ ଅଫିସରଙ୍କୁ ଗାଁରେ ପୂରାଇ ନ ଦେବାକୁ ନବନିର୍ମାଣ କୃଷକ ସଂଗଠନର ଧମକ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

- ■ ଏପ୍ରିଲ ୨ରୁ ୨୨ ଯାଏ ସଚେତନ କାର୍ଯ୍ୟକ୍ରମ
- ■ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁମତି ମାଗିଲା

ଚାଷୀମାନଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଲାଗୁ କରାଯାଇ ନ ଥିବାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ପୁଣି ବର୍ଷିଛି ନବ ନିର୍ମାଣ କୃଷକ ସଂଗଠନ। ଦାବି ପୂରଣ କରାଯାଇ ନ ଥିବାରୁ ସଂଗଠନ ଆସନ୍ତା ନିର୍ବାଚନ ବେଳେ ପୋଲିଂ ଅଫିସର, ଇଭିଏମକୁ ଗାଁକୁ ପୂରାଇ ନ ଦେବାକୁ ଚେତାବନୀ ଦେଇଛି। ଆସନ୍ତା ଏପ୍ରିଲ ୨ରୁ ୨୨ ଯାଏ ଲୋକମାନଙ୍କୁ ଏ ନେଇ ସଚେତ କରିବାକୁ ସଂଗଠନ ନିଷ୍ପତ୍ତି ନେଇଛି। ନବ ନିର୍ମାଣ ସଂଗଠନର ଆବାହକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଏକ ଟିମ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ୍ କରି ଜନସଚେତନତା କାର୍ଯ୍ୟକ୍ରମ ପାଇଁ ଅନୁମତି ମାଗିଛି। ସାକ୍ଷାତ୍ ପରେ ଗଣମାଧ୍ୟମକୁ ଅକ୍ଷୟ କୁମାର କହିଛନ୍ତି ଯେ ରାଜ୍ୟ ସରକାର କୃଷକମାନଙ୍କର ଦାବି ପୂରଣ କଲେ ନାହିଁ। ଆଗାମୀ ନିର୍ବାଚନରେ ଗାଁକୁ ନିର୍ବାଚନ ପରିଚାଳନା ପାଇଁ ଯିବାକୁ ଥିବା ପୋଲିଂ ଅଫିସର, ଇଭିଏମକୁ ପୂରାଇ ଦେବୁ ନାହିଁ। ଗଣତାନ୍ତ୍ରିକ ଉପରେ ବିରୋଧ କରାଯିବ। ନିର୍ବାଚନ ପାଇଁ ଯାଉଥିବା ଗାଡିଗୁଡିକ ଆଗରେ ଶୋଇ ପ୍ରତିବାଦ କରାଯିବ। ଲୋକମାନଙ୍କୁ ସଚେତନ କରାଯିବ। ଆମକୁ ପୋଲିସ ଗିରଫ କଲେ ମଧ୍ୟ ଦାବି ପୂରଣ ପାଇଁ ଗାଁ ଲୋକମାନେ ଜେଲ୍ ଯିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଅକ୍ଷୟ କହିଛନ୍ତି।

## ସ୍ୱଚ୍ଛ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

- ■ ୩୩୫୫ ଜାମିନ ବିହୀନ ଗିରଫ ପରୱାନ ଜାରି
- ■ ୪ କାରଖାନା ଉପରେ ଚଢ଼ାଉ,୫୯ ଅସ୍ତ୍ର ଶସ୍ତ୍ର ଜବତ
- ■ ୨୦୭ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ■ ୧୦ ଲକ୍ଷ ଟଙ୍କା ଜବତ
- ■ ୧.୬୫ ଲକ୍ଷ ହୋର୍ଡିଂ ହଟିଲା
- ■ କଣ୍ଟ୍ରୋଲ ରୁମ୍‌କୁ ୧୨୧ ଅଭିଯୋଗ

ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ନିମନ୍ତେ ରାଜ୍ୟରେ ବର୍ତ୍ତମାନ ୩୩୫୫ଟି ଜାମିନ ବିହୀନ ପରୱାନା ଜାରି କରାଯାଇଛି। ଲାଇସେନ୍ସପ୍ରାପ୍ତ ୨୯୧୬ଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନଠାରେ ଜିମା ଦିଆଯାଇଛି। ଲାଇସେନ୍ସ ନ ଥିବା ୫୯ଟି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ୪ଟି କାରଖାନା ଉପରେ ଚଢ଼ାଉ କରାଯାଇଛି। ବୁଧବାର ସୁଦ୍ଧା ରାଜ୍ୟରେ ଫ୍ଲାଇଂ ସ୍କ୍ୱାଡ ଦ୍ୱାରା ୮ ଲକ୍ଷ ୩୩ ହଜାର ୧୧୦ ଟଙ୍କା ଜବତ କରାଯାଇଥିବାବେଳେ ପୋଲିସ ଦ୍ୱାରା ୨ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୧ ଲକ୍ଷ ୬୫ ହଜାର ୪୩୩ ହୋର୍ଡିଂ ଓ ପୋଷ୍ଟରକୁ ହଟାଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନା ସ୍ଥାନରେ ଥିବା ବେଆଇନ ଭାବେ ଲାଗିଥିବା ୧୪ ହଜାର ୧୮୧ ହୋର୍ଡିଂ, ପୋଷ୍ଟରକୁ କାଢି ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ଯାନବାହନର ଅପବ୍ୟବହାର ହୋଇଥିବାରୁ ବିଭିନ୍ନ ଗାଡ଼ି ମାଲିକଙ୍କ ବିରୋଧରେ ୨୦୭ଟି ମାମଲା ରୁଜୁ କରାଯାଇଛି।

ରାଜ୍ୟସ୍ତରରେ ଖୋଲାଯାଇଥିବା କଣ୍ଟ୍ରୋଲ ରୁମ୍‌କୁ ବିଭିନ୍ନ ଅଭିଯୋଗ ବାବଦରେ ୧୨୧ଟି କଲ୍ ଆସିଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସି-ଭିଜିଲ ଆପ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୨୫୯ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିରୁ ୨୩୨ଟି ଅଭିଯୋଗର ସମାଧାନ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## କଂଗ୍ରେସ ମୁହାଁ ପ୍ରତ୍ୟୁଷା

ଭୁବନେଶ୍ୱର,୨୦।୩ (ବ୍ୟୁରୋ)

କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କଂଗ୍ରେସରେ ଯୋଗ ଦେଇପାରନ୍ତି। ସେ ନୟାଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସେହି ସ୍ଥାନରେ କଂଗ୍ରେସର କେହି ପ୍ରଭାବୀ ପ୍ରାର୍ଥୀ ନ ଥିବାରୁ ପ୍ରତ୍ୟୁଷା ପ୍ରାର୍ଥୀ ହେବା ନିଶ୍ଚିତ। ବିଧାୟକ ଅରୁଣ ସାହୁ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ବିରୋଧରେ ଖୋଲାଖୋଲି ଅଭିଯୋଗ ଆଣିଛନ୍ତି। ବିଜେଡି ଛାଡ଼ିବା ପରେ ବୁଧବାର ପ୍ରତ୍ୟୁଷା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଭେଟିଆଲୋଚନା କରିଛନ୍ତି। ସେ ଗୁରୁବାର କଂଗ୍ରେସରେ ସାମିଲ ହୋଇପାରନ୍ତି।

# କଂଗ୍ରେସରେ ଯୋଗଦେଲେ ନବୀନ ନନ୍ଦ

■ ଟିକେଟ ନ ମିଳିବାରୁ ଭାଜପାରେ ସାମିଲ ହୋଇ ନ ଥିବା ଚର୍ଚ୍ଚା

ଭୁବନେଶ୍ୱର,୨୦।୩ (ବ୍ୟୁରୋ)

ପୂର୍ବତନ ବିଧାୟକ ନବୀନ ଚନ୍ଦ୍ର ନନ୍ଦ ବୁଧବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏକ ବିରାଟ ଶୋଭାଯାତ୍ରାରେ ଆସି ନବୀନ କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ନିରଞ୍ଜନ ନବୀନ ଏବଂ ତାଙ୍କ ସମର୍ଥକମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ କଂଗ୍ରେସ ଟୋପି ପିନ୍ଧାଇ ଦଳରେ ସାମିଲ କରିଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ୧୯ବର୍ଷ ହେବ ବିକାଶ ନାଁରେ ବିନାଶ କରିଚାଲିଛନ୍ତି। ରାଜ୍ୟରେ ଗୋଟିଏ ହେଲେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ। ଯୁବକମାନେ ଆଜି ରାଜରାସ୍ତାରେ ବୁଲୁଛନ୍ତି। ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। କଂଗ୍ରେସ ସରକାରକୁ ଆସିଲେ କୃଷିଋଣ ଛାଡ଼ କରିବା ସହିତ କୃଷକ ଓ କୃଷିଜୀବୀଙ୍କୁ ୫ ବର୍ଷଧରି ଆର୍ଥିକ ସହାୟତା ଦେବ । ବାର ମାସିଆ ଚାଷ କରିବା ପାଇଁ ମାଗଣା ସୋଲାର ପମ୍ପ ଯୋଗାଇ ଦେବ। ମହିଳାମାନେ ଏସ୍‌ଏଚ୍‌ଜି ଜରିଆରେ ନେଇଥିବା ଋଣକୁ ଛାଡ଼ କରାଯିବ। ବିଧବା ମା'ମାନଙ୍କୁ ୨ହଜାର ଟଙ୍କା ଭତ୍ତା ଦିଆଯିବ। ପ୍ରତ୍ୟେକ ପରିବାରରୁ ଜଣେ ଯୁବକଙ୍କୁ ନିଯୁକ୍ତି ଦିଆଯିବ । ନବୀନ ନନ୍ଦ କହିଛନ୍ତି, ଏକ ଜାତୀୟ ଦଳରେ ଯୋଗଦେଇଥିବାରୁ ଖୁସି ଅଛି। ଭାରତ ବର୍ଷର ଏକମାତ୍ର ଦଳ କଂଗ୍ରେସ ଯିଏ ଗଣତନ୍ତ୍ରକୁ ସୁରକ୍ଷା ଦେଇଆସିଛି। ବର୍ତ୍ତମାନ ଭାରତବର୍ଷରେ ଯେଉଁଭଳି ସାମ୍ପ୍ରଦାୟିକ ବାଦବିବାଦ ବଢ଼ି ଚାଲିଛି, ତାହା ବିରୋଧରେ କଂଗ୍ରେସ ହିଁ ସଂଗ୍ରାମ ଜାରି ରଖିଛି। ନବୀନ ପଟ୍ଟନାୟକ ବିଜୁବାବୁଙ୍କ ସ୍ୱପ୍ନ ନାଁରେ ଓଡ଼ିଶାବାସୀଙ୍କୁ ବିଶ୍ୱାସଘାତ କରିଛନ୍ତି ବୋଲି ସେ କହିଛନ୍ତି।

ମାତ୍ର ଏତେସବୁ ମଧ୍ୟରେ ନବୀନ କଂଗ୍ରେସରେ ସାମିଲ ହେବା ନେଇ ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ବୈଜୟନ୍ତ ପଣ୍ଡାଙ୍କ ଅନୁଗତ ଭାବେ ଦାୟିତ୍ୱ ତୁଲାଉଥିବା ନବୀନ କେଉଁ ପରିସ୍ଥିତିରେ କଂଗ୍ରେସମୁହାଁ ହେଲେ ସେନେଇ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ବୈଜୟନ୍ତ ଭାଜପାରେ ଯୋଗଦେବା ପରେ ନବୀନ ସେହି ଦଳରେ ସାମିଲ ପାଇଁ ଆଲୋଚନା ଚଳାଇଥିଲେ। ବୈଜୟନ୍ତଙ୍କ ଦ୍ୱାରା ବୋଧହୁଏ ସେ ତାଙ୍କର ସବୁ ଲକ୍ଷ୍ୟ ବିନା ଦ୍ୱିଧାରେ ପୂରଣ କରିପାରିବେ ବୋଲି ଭାବିଥିଲେ। ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପକ୍ଷରୁ ନବୀନଙ୍କୁ ଆଣିବା ପାଇଁ କୌଣସି ଗ୍ରୀନ ସିଗ୍‌ନାଲ ମିଳିଲା ନାହିଁ। ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନମଣ୍ଡଳୀରୁ ନବୀନ ଟିକେଟ ମାଗିଥିଲେ। କିନ୍ତୁ ପୂର୍ବରୁ ଭାଜପା ଉକ୍ତ ସ୍ଥାନରେ ପ୍ରାର୍ଥୀ ସ୍ଥିର କରିସାରିଥିବାରୁ ବିନାସର୍ତ୍ତରେ ଦଳରେ ଯୋଗଦେବାକୁ ତାଙ୍କୁ କୁହାଯାଇଥିଲା। ଫଳରେ ସେ ଭାଜପାରେ ସାମିଲ ନ ହୋଇ କଂଗ୍ରେସ ଆସିବାକୁ ବାଧ ହୋଇଥିବା ଜଣାପଡିଛି।


ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନନ୍ଦ ନିଜ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହେଉଛନ୍ତି।

# ନିଆରା ହୋଲି

**ସାମାଜିକ ଚଳଣିରେ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଏକ ଅନନ୍ୟ ପର୍ବ ଦୋଳପୂର୍ଣ୍ଣିମୀ ଓ ହୋଲି। ଦେଶବିଦେଶର ବିଭିନ୍ନ ସ୍ଥାନରେ ବେଶ୍ ଆନନ୍ଦଉଲ୍ଲାସରେ ଏହି ପର୍ବକୁ ପାଳନ କରାଯାଉଥିବାବେଳେ ଓଡିଶାରେ ଏମିତି କେତେକ ସ୍ଥାନ ଅଛି ଯେଉଁଠି ଲୋକେ ନିଆରା ଢଙ୍ଗରେ ରଙ୍ଗର ପର୍ବ ହୋଲିକୁ ପାଳିଥାନ୍ତି....**

**ପଞ୍ଚୁଦୋଳରେ ଖେଳାଯାଏ ହୋଲି**

ଭାରତର ବିଭିନ୍ନ ସ୍ଥାନରେ ଦୋଳପୂର୍ଣ୍ଣିମୀ ପରଦିନ ଅର୍ଥାତ୍ ପ୍ରତିପଦା ତିଥିରେ ହୋଲି ଉତ୍ସବ ପାଳନ ହୋଇଥାଏ। କିନ୍ତୁ କେନ୍ଦ୍ରାପଡା ସହର ସମେତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରର ଆଖପାଖ ୧୮ଟି ଗ୍ରାମରେ ପଞ୍ଚୁଦୋଳ (ପଞ୍ଚମୀ ତିଥି)ରେ ହୋଲି ଉତ୍ସବ ପାଳନ ହୋଇଥାଏ। ତୁଳସୀ କ୍ଷେତ୍ରାଧୀପତି ଶ୍ରୀ ବଳଦେବଜୀଉଙ୍କ ରୀତିନୀତିକୁ ନେଇ ଏହି ପରମ୍ପରା ପ୍ରାୟ ୩ ଶହ ବର୍ଷ ଧରି ଏଠାରେ ଚାଲିଆସୁଅଛି। ଶ୍ରୀଜୀଉଙ୍କଠାରେ ଅବିର ଲାଗି ଶ୍ରୀପଞ୍ଚମୀଠାରୁ ଆରମ୍ଭ ହୋଇଥାଏ, ଯାହା ପଞ୍ଚୁଦୋଳରେ ମନ୍ଦିର ଚକଡା ମଧ୍ୟରେ ଅନୁଷ୍ଠିତ ଶ୍ରୀଜୀଉମାଙ୍କର ମିଳନୋତ୍ସବରେ ସମାପ୍ତ ହୋଇଥାଏ। ଏହି ମିଳନୋତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ପଞ୍ଚୁଦୋଳରେ କେନ୍ଦ୍ରାପଡା ସହର ଓ ଆଖପାଖ ଗ୍ରାମର ଲୋକମାନେ ହୋଲି ଖେଳିଥାନ୍ତି।

**ବଡ଼ଯାତ୍ରା ପର୍ବରେ ହୁଏନି ହୋଲି**

ମାଲକାନଗିରି ଜିଲାର କୋୟା ସମ୍ପ୍ରଦାୟର ଲୋକେ କୃଷି ଓ ପ୍ରକୃତି ମଧ୍ୟରେ ଥିବା ସମ୍ପର୍କ ଏବଂ ବିଭିନ୍ନ ରୋଗର ନିରାକରଣ ରହସ୍ୟକୁ ଭେଦ କରିବା ପାଇଁ ବଡ଼ଯାତ୍ରା ପର୍ବ ପାଳନ କରିଥାନ୍ତି। ଏହି ପର୍ବ ମାଘ ପୂର୍ଣ୍ଣମୀ ପରଦିନ ପ୍ରତିପଦାଠାରୁ ଆରମ୍ଭ ହୋଇ ଫଗୁଣ ପୂର୍ଣ୍ଣମା ଦିନ ଶେଷ ହୁଏ। ଏହି ଯାତ୍ରାର ମୁଖ୍ୟ ଆରାଧ୍ୟ ଦେବୀ ହେଉଛନ୍ତି ମୁତ୍ୟାଲୁଆମ୍ମା। ତା'ଛଡ଼ା କାନାମ୍ରାଜୁ, ପୋତରାଜୁ, ବାଲାରାଜୁଙ୍କୁ ବି ଏହି ପର୍ବରେ ପୂଜା କରାଯାଇଥାଏ। ଏ ସମସ୍ତ ଦେବଦେବୀଙ୍କ ନିର୍ମାଣରେ କୌଣସି ଲୌହ ଯନ୍ତ୍ରପାତି ବ୍ୟବହାର ହୁଏନାହିଁ। ମୟୂରର ପର ଓ ବାଉଁଶଦ୍ୱାରା ଏ ସମସ୍ତ ଦେବଦେବୀଙ୍କୁ ନିର୍ମାଣ କରାଯାଇଥାଏ। ଅନ୍ୟ ସମସ୍ତ ସ୍ଥାନରେ ଦୋଳପର୍ବ ଓ ହୋଲିପର୍ବ ପାଳନ ହେଉଥିବାବେଳେ ଏଠାରେ କିନ୍ତୁ ସାମାନ୍ୟ ବ୍ୟତିକ୍ରମ ଦେଖାଯାଏ। ଏଠାରେ ଦୋଳପର୍ବ ପାଳନ ହୁଏ କିନ୍ତୁ ହୋଲି ଖେଳାଯାଏ ନାହିଁ। ହୋଲିରେ ବ୍ୟବହାର ହେଉଥିବା ରଙ୍ଗ ଦେବତା ତଥା କାଳଶିଙ୍କ ଉପରେ ପଡିଲେ କାଳେ କିଛି ଅନୀତି ହେବ, ସେଥିପାଇଁ ବଡ଼ଯାତ୍ରା ପର୍ବ ସମୟରେ ହୋଲି ଖେଳ ବନ୍ଦ ରଖିବାକୁ ବଡ଼ଯାତ୍ରା କମିଟି ନିଷ୍ପତ୍ତି ନେଇଥାନ୍ତି। ତେବେ ବଡ଼ଯାତ୍ରା ପର୍ବ ପ୍ରତିବର୍ଷ ଏଠାରେ ପାଳନ କରାଯାଏ ନାହିଁ। ପ୍ରତି ଦୁଇ ବର୍ଷ ଅନ୍ତରାଳରେ ଏହା ପାଳନ ହୋଇଥାଏ। ଯେଉଁ ବର୍ଷ ଏହି ପର୍ବ ପାଳନ ହୁଏ, ସେହିବର୍ଷ ହୋଲି ଖେଳ ବନ୍ଦ ହେବାର ନିୟମ ଏଠି ରହିଛି। ଆଉ ଯେଉଁ ବର୍ଷ ପର୍ବ ପାଳନ ହୁଏ ନାହିଁ, ସେ ବର୍ଷ ସ୍ଥାନୀୟ ଲୋକେ ହୋଲି ଖେଳିଥାନ୍ତି।



ଦେବୀ ମୁତ୍ୟାଲୁଆମ୍ମା

# ହର୍ବାଲ ହୋଲିର କ୍ରେଜ୍

**ଆସିଛି ଫଗୁଣ, ଆଉ ଆଣିଛି ସ୍ନେହ, ସୌହାର୍ଦ୍ଦ୍ୟ, ଭାଇଚାରାର ପର୍ବ ହୋଲି। ଫାଲଗୁନ ମାସର ପୂର୍ଣ୍ଣିମା ତିଥିରେ ପାଳିତ ହେଉଥିବା ଏହି ପର୍ବକୁ ରଙ୍ଗର ପର୍ବ ମଧ୍ୟ କୁହାଯାଏ। ପୁରାତନ କାଳରୁ ଏହି ପର୍ବକୁ ବେଶ୍ ଜାକଜମକରେ ପାଳନ କରାଯାଇ ଆସୁଛି...**





ହୋଲି ହୋଲି ରେ ହୋଲି, ରଙ୍ଗ ରଙ୍ଗେଲି ନାଲି....ଓଡିଆ ଚଳଚିତ୍ରର ଏହି ଲୋକପ୍ରିୟ ଗୀତ ହୋଲିର ବିଶେଷତ୍ୱ ବହନ କରେ। ତେବେ ଫଗୁଣ ଆସିଲେ ମନେପଡେ ଏହି ସ୍ନେହ, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ପର୍ବ ହୋଲି କଥା। ଫାଲଗୁନ ମାସର ପୂର୍ଣ୍ଣିମା ତିଥିରେ ପାଳନ କରାଯାଉଥିବା ଏହି ପର୍ବକୁ ରଙ୍ଗର ପର୍ବ ବୋଲି ମଧ୍ୟ କୁହାଯାଏ। ପୁରାତନ କାଳରୁ ଏହି ପର୍ବକୁ ବେଶ ଯାକଜମକରେ ପାଳନ କରାଯାଇ ଆସୁଛି। ଦିନ ଥିଲା ଲୋକେ ପ୍ରାକୃତିକ ଉପାଦାନ ଯଥା ନିମ୍ବ ପତ୍ର, ଗୋଲାପ ଫୁଲ, ହଳଦୀ, ଚନ୍ଦନ ଆଦିରୁ ପ୍ରସ୍ତୁତ ହେଉଥିବା ପ୍ରାକୃତିକ ରଙ୍ଗ ଦ୍ୱାରା ହୋଲି ଖେଳୁଥିଲେ ଯାହାର ସୁପ୍ରଭାବ ଶରୀର ଉପରେ ପଡୁଥିଲା। ଏହି ରଙ୍ଗରେ ଖେଳିବା ଦ୍ୱାରା ବସନ୍ତ ଋତୁରେ ଦେଖାଦେଉଥିବା ବିଭିନ୍ନ ଚର୍ମ ରୋଗଠାରୁ ଉପଶମ ମିଳୁଥିଲା। କିନ୍ତୁ କାଳକ୍ରମେ ରଙ୍ଗ ପ୍ରସ୍ତୁତିରେ ଦେଖାଦେଲା ବ୍ୟତିକ୍ରମ। ବିଭିନ୍ନ ରସାୟନିକ ପଦାର୍ଥ ବ୍ୟବହାର କରି ପ୍ରସ୍ତୁତ କରାଗଲା ରଙ୍ଗ। ଯାହା ବ୍ୟବହାର କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲା। ତେବେ ସମୟ ବଦଳିବା ସହିତ ଲୋକଙ୍କ ଭିତରେ ସଚେତନତା ମଧ୍ୟ ବୃଦ୍ଧିପାଇବାରେ ଲାଗିଛି। ପୁଣି ସମସ୍ତେ ଫେରିବାକୁ ଚାହୁଁଛନ୍ତି ପୁରୁଣା ଦିନକୁ। ଖାସ ସେଥିପାଇଁ ରଙ୍ଗର ପର୍ବ ହୋଲିକୁ ସୁନ୍ଦର ଆଉ ସ୍ୱାସ୍ଥ୍ୟପ୍ରଦ ଭାବରେ ପାଳନ କରିବାକୁ ଚାହୁଁଛନ୍ତି। ଏହି କାରଣରୁ ବଜାରରେ ମିଳୁଥିବା କେମିକାଲ ରଙ୍ଗରେ ହୋଲି ନ ଖେଳି ପ୍ରାକୃତିକ ରଙ୍ଗରେ ହୋଲିର ମଜା ନେବାକୁ ଏବେ ବେଶି ଆଗଭର ହେଉଛନ୍ତି। ଏହା ସ୍ୱାସ୍ଥ୍ୟପ୍ରତି ହିତକର ଏବଂ ତା' ସହ ତ୍ୱଚା ପ୍ରତି ଲାଭଦାୟକ ମଧ୍ୟ।

**ପ୍ରାକୃତିକ ରଙ୍ଗ ପ୍ରସ୍ତୁତି**

**ହଳଦୀ ରଙ୍ଗ:** ହଳଦୀ ରଙ୍ଗ ପ୍ରସ୍ତୁତ କରିବା ପାଇଁ ହଳଦୀ ହେଉଛି ଏକ ପ୍ରକୃଷ୍ଟ ଉପାଦାନ। ହଳଦୀକୁ ଗୁଣ୍ଡ କରି ଆପଣ ଫଗୁ ଭଳି ବ୍ୟବହାର କରିପାରିବେ ହଳଦୀରେ ଥିବା ଆଣ୍ଟି ସେପ୍ଟିକ ଗୁଣ ଆମ ତ୍ୱଚା ଉପରେ ସୁପ୍ରଭାବ ପକାଇଥାଏ। ବିଭିନ୍ନ କାରଣରୁ ତ୍ୱଚାରେ ଦେଖାଦେଉଥିବା ସଂକ୍ରମଣରୁ ଉପଶମ ଦେଇଥାଏ। ଏହା ଛଡା କେଶରକୁ ପାଣିରେ ଭିଜେଇ ହଳଦିଆ ରଙ୍ଗ ପାଇପାରିବେ। ସେହିଭଳି ଗେଣ୍ଡୁ ଫୁଲକୁ ମଧ୍ୟ ପାଣିରେ ସିଝାଇ ହଳଦୀ ରଙ୍ଗ ପ୍ରସ୍ତୁତ କରିପାରିବେ।

**ଲାଲ ରଙ୍ଗ:** ଗୋଲାପ ପାଖୁଡା, ନାଲି ମନ୍ଦାର, ରକ୍ତ ଚନ୍ଦନ ଆଦିକୁ ଗୁଣ୍ଡ କରି ଲାଲ ରଙ୍ଗ ପ୍ରସ୍ତୁତ କରିପାରିବେ। ଏହାଛଡା ଡାଳିମ୍ବ ମଞ୍ଜିକୁ ପାଣିରେ ସିଝାଇ ଏହାକୁ ପ୍ରସ୍ତୁତ କରିପାରିବେ।

**ସବୁଜ ରଙ୍ଗ:** ସବୁଜ ରଙ୍ଗ ପାଇଁ ଆପଣ ହିନା ଗୁଣ୍ଡ ବ୍ୟବହାର କରିପାରନ୍ତି।ଏହା ବ୍ୟତିତ ଧନିଆ ପତ୍ର, ପୋଦିନା ପତ୍ର, ମେଥି ପତ୍ର, ପାଳଙ୍ଗ ପତ୍ର, ନିମ ପତ୍ର ଆଦିକୁ ଶୁଖାଇ ଗୁଣ୍ଡ କରି ବ୍ୟବହାର କରିପାରିବେ। ଏହି ଗୁଣ୍ଡରେ ଆପଣ ଚାହିଁଲେ କିଛି ଆଲୋଭେରା ବି ମିଶେଇ ପାରିବେ ଯାହା ତ୍ୱଚା ପାଇଁ ଆଣ୍ଟି ଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ।

**ନାରଙ୍ଗି ରଙ୍ଗ:** ସାଧାରଣତଃ ପଳାଶ ଫୁଲକୁ ନାରଙ୍ଗି ରଙ୍ଗ ପ୍ରସ୍ତୁତି କରିବାରେ ବ୍ୟବହାର କରାଯାଇଥାଏ। ଏହା ଛଡା କୃଷ୍ଣଚୁଡା ଫୁଲକୁ ମଧ୍ୟ ଏଥିପାଇଁ ବ୍ୟବହାର କରାଯାଇପାରେ। ଏହି ଫୁଲକୁ ପାଣିରେ ଫୁଟାଇ ନାରଙ୍ଗି ରଙ୍ଗ ପ୍ରସ୍ତୁତ କରିପାରିବେ।

**ନୀଳ ରଙ୍ଗ:** ନୀଳ ରଙ୍ଗ ଲାଗି ଆପଣ ଜାମୁକୋଳିକୁ ବ୍ୟବହାର କରିପାରନ୍ତି। ଜାମୁକୋଳିକୁ ଗୁଣ୍ଡକରି ସେଥିରେ ପାଣି ମିଶାଇ ନୀଳ ରଙ୍ଗ ପ୍ରସ୍ତୁତ କରିପାରିବେ। ଏହାଛଡା ନୀଳ ମନ୍ଦାର ଫୁଲକୁ ଶୁଖେଇ ଗୁଣ୍ଡ କରି ମଧ୍ୟ ବ୍ୟବହାର କରିପାରିବେ।

**ଗୋଲାପି ରଙ୍ଗ:** ବିଟ୍‌ରୁଟକୁ କାଟି ପାଣିରେ ଭିଜାଇ ଆପଣ ଗୋଲାପି ରଙ୍ଗ ପ୍ରସ୍ତୁତ କରିପାରିବେ।

**-ଲିପ୍‌ସା ବିଶୋଇ**



# ଓଡ଼ିଶାରେ ଦୋଳୋତ୍ସବ

**ଡ. ମମତା କୁମାରୀ ତ୍ରିପାଠୀ**

ଓଡ଼ିଶାରେ ବାରମାସରେ ତେରପର୍ବ। ଏଗୁଡ଼ିକ ଆମର ଧାର୍ମିକ ଚେତନା, ବିଜ୍ଞାନ, କୃଷି ଓ କିମ୍ବଦନ୍ତୀ ଉପରେ ଆଧାରିତ। ଏହି ପର୍ବଗୁଡ଼ିକ ମଧ୍ୟରେ ଦୋଳପର୍ବ ଅନ୍ୟତମ। ଏହା ପୂର୍ଣ୍ଣମୀର ୫ ଦିନ ଆଗରୁ ଅର୍ଥାତ୍ ଫାଲ୍‌ଗୁନ ଶୁକ୍ଳ ଦଶମୀରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ପଞ୍ଚମୀରେ ଶେଷ ହୁଏ। ପୂର୍ଣ୍ଣମୀର ପୂର୍ବ ୫ ଦିନର ଉତ୍ସବ 'ରାଜଦୋଳ' ଓ ପର ୫ ଦିନର ଉତ୍ସବ 'ପଞ୍ଚଦୋଳ' ଭାବେ ପରିଚିତ।

ଦୋଳପୂର୍ଣ୍ଣିମା ପୂର୍ବଦିନ ପୁରୀ ଜିଲାର ବିଭିନ୍ନ ଶାସନ ଗ୍ରାମରେ 'ଅଇଘରା ପୋଡି' ପାଳିତ ହୁଏ। ଓଡ଼ିଶାର ଅନ୍ୟ କେତେକ ଅଞ୍ଚଳରେ ଏହାକୁ 'ମେଣ୍ଢାଘର ପୋଡ଼ି' କୁହାଯାଏ। ଅଇଘରା ଦିନ ରାଧାକୃଷ୍ଣ ମନ୍ଦିରର ଆଗ୍ନେୟକୋଣରେ ଅଗ୍ନିଙ୍କର ପୂଜା କରାଯାଏ। ଏଥିପାଇଁ ଅଇଘରା ସ୍ଥାନରେ କାଠି, କୁଟା, ନଡ଼ା ଓ ନଡ଼ିଆ ବାହୁଙ୍ଗାରେ ଗୋଟିଏ ଛୋଟ କୁଡ଼ିଆ ଘର ନିର୍ମାଣ କରାଯାଇ ତନ୍ମଧ୍ୟରେ ପାଳ ନିର୍ମିତ ଗୋଟିଏ ମେଣ୍ଢା ରଖାଯାଇଥାଏ। ତା'ପରେ ରାଧାକୃଷ୍ଣ ଗ୍ରାମ ଭ୍ରମଣ କରି ଏଠାକୁ ଆସି ଏହି କୁଡ଼ିଆର ଚାରିପାଖରେ ସାତଥର ବୁଲିବା ପରେ ବିଧିପୂର୍ବକ ଏଥିରେ ଅଗ୍ନି ସଂଯୋଗ କରାଯାଏ। ଏହାକୁ 'ଅଇଘରା ପୋଡ଼ି' କୁହାଯାଏ।

ଏହାର ପରଦିନ ଅର୍ଥାତ୍ ପୂର୍ଣ୍ଣମୀ ଦିନ ଦୋଳୋତ୍ସବ ପାଳିତ ହୋଇଥାଏ। ରାଧାକୃଷ୍ଣ ବିଗ୍ରହଙ୍କୁ ସୁସଜ୍ଜିତ ବିମାନ ବା ଚଉଦୋଳରେ ଛତି, ତ୍ରାସ, ଚାମର, କାହାଳି, ଘଣ୍ଟ ଓ ବିଭିନ୍ନ ବାଦ୍ୟର ପଟୁଆର ମଧ୍ୟରେ ମନ୍ଦିର ବାହାରେ ଥିବା ଦୋଳବେଦିକୁ ନିଆଯାଏ। ବାଟରେ ଗ୍ରାମବାସୀ ନିଜ ନିଜ ଦୁଆରେ ଠାକୁରଙ୍କୁ ଭୋଗ ଅର୍ପଣ କରିଥାନ୍ତି। ପରେ ସୁସଜ୍ଜିତ ଦୋଳବେଦିରେ ଠାକୁରଙ୍କୁ ବସାଇ ବେଶ କରାଯାଏ। ଏ ପର୍ବରେ ଫଗୁ ବା ଅବିର ହର୍ଷୋଲ୍ଲାସର ବର୍ଣ୍ଣିଳ ବିଭୂତି ଭାବରେ ଗୃହୀତ। କାରଣ ପୁରାଣରେ ବର୍ଣ୍ଣିତ ଅଛି ଦ୍ୱାପର ଯୁଗରେ ଗୋଟିଏ ଅସୁର ବୃନ୍ଦାବନରେ ନାନା ଅନ୍ୟାୟ ଅତ୍ୟାଚାର କରୁଥିଲା। ଏହି ପୂର୍ଣ୍ଣିମା ଦିନ ଭଗବାନ ଶ୍ରୀକୃଷ୍ଣ ତାକୁ ବଧ କରିବା ଫଳରେ ବୃନ୍ଦାବନବାସୀଙ୍କ ସୁଖଶାନ୍ତି ଫେରି ଆସିଥିଲା। ତେଣୁ ସେହି ଘଟଣାରେ ଆନନ୍ଦିତ ହୋଇ ବୃନ୍ଦାବନବାସୀ ଶ୍ରୀକୃଷ୍ଣଙ୍କ ସର୍ବାଙ୍ଗକୁ ଅସୁର ରକ୍ତରେ ରଞ୍ଜିତ କରି ଅତି ଆନନ୍ଦ ଉଲ୍ଲାସରେ ଉକ୍ତ ଦିନଟିକୁ ପାଳନ କରିଥିଲେ। ତାହାର ସ୍ମାରକୀ ଭାବେ ଏହି ଦିନ ଠାକୁରଙ୍କୁ ଫଗୁ ବା ଅବିର ଲାଗି କରାଯିବା ପରେ ଦୋଳବେଦିରେ ପୂଜାର୍ଚ୍ଚନା ହୁଏ। ଠାକୁରଙ୍କୁ ଚଣା, ଶାକର, କୋରା, ଖଇ ଆଦି ଭୋଗ ସହିତ ଆମ୍ବକଷି ଲାଗି କରାଯାଏ। ଓଡ଼ିଶାର ଗ୍ରାମଗୁଡ଼ିକରେ ଦୋଳପୂର୍ଣ୍ଣମୀ ଦିନ ବ୍ରାହ୍ମଣମାନେ ଠାକୁରଙ୍କ ନିକଟରେ ନୂତନ ପାଞ୍ଜି ପାଠକରି ଆଗାମୀ ବର୍ଷର ଫଳାଫଳ ଶୁଣାନ୍ତି।



ଦୋଳପୂର୍ଣ୍ଣିମାକୁ ଗୋପାଳ ସମ୍ପ୍ରଦାୟର ଲୋକମାନେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। ଅଚ୍ୟୁତାନନ୍ଦଙ୍କ ହରିବଂଶରେ ଏହି ଦିନଟିକୁ ଗୋଜନ୍ମୋତ୍ସବ ରୂପେ ବର୍ଣ୍ଣନା କରାଯାଇଛି। ଏଥିରେ ଉଲ୍ଲେଖ ଅଛି- ''ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ। ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁକରି ଗୋପଲୋକେ ଗମନ୍ତି ଉଷତେ।''

ତେଣୁ ଏହିଦିନ ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରିବା ସଙ୍ଗେ ସଙ୍ଗେ ଧୂପ, ଦୀପ, ନୈବେଦ୍ୟ, ଦୁର୍ବାକ୍ଷତ ନେଇ ଗୋସମ୍ପଦର ପୂଜା କରିଥାନ୍ତି। ଏହା ସହିତ ଗୋରୁଙ୍କୁ ଉତ୍ତମ ଖାଦ୍ୟ ଖାଇବାକୁ ଦେଇଥାନ୍ତି। ସନ୍ଧ୍ୟାବେଳେ ଦୋଳବେଦି ପାଖରେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ସମ୍ମୁଖରେ ଲଉଡ଼ିଖେଳ ଖେଳିବା ସହିତ ଗୀତ ଗାନରେ ବିଭୋର ହୋଇଥାନ୍ତି। ଏହାର ପରଦିନ ହୋଲି ପାଳିତ ହୋଇଥାଏ।

ଦୋଳପୂର୍ଣ୍ଣିମୀ ଶ୍ରୀଜଗନ୍ନାଥ ମନ୍ଦିରରେ ମଧ ବିଧିପୂର୍ବକ ପାଳନ କରାଯାଏ। ଶ୍ରୀଜଗନ୍ନାଥଙ୍କ ବିଜୟ ପ୍ରତିମା ଦୋଳଗୋବିନ୍ଦ, ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦିକୁ ଯିବା ପୂର୍ବରୁ ପ୍ରଥମେ ଲକ୍ଷ୍ମୀଙ୍କ ଜଗମୋହନକୁ ଯାଆନ୍ତି। ସେଠାରେ ଲକ୍ଷ୍ମୀ ଓ ନାରାୟଣଙ୍କ ତରଫରୁ ସମ୍ପ୍ରଦାମାହାରୀ ଓ ମୁଦିରଥ ଫଗୁ ଖେଳନ୍ତି। ତା'ପରେ ବିଜୟ ପ୍ରତିମାମାନେ ମନ୍ଦିରର ଉତ୍ତର-ପୂର୍ବ କୋଣରେ ଥିବା ଦୋଳବେଦିକୁ ବିଜେ କରନ୍ତି। ଦୋଳବେଦି ଉପରେ ଅବିର ଓ ଆମ୍ବକଷି ଲାଗି ଏବଂ ଚଣା, ଶାକର ଭୋଗ ହୁଏ। ଦୋଳବେଦି ଉପରେ ଠାକୁରଙ୍କର ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାଧୂପ ଷୋଡ଼ଶ ଉପଚାରରେ କରାଯାଇଥାଏ।

ଦୋଳପୂର୍ଣ୍ଣିମା ଏକ ସାର୍ବଜନୀନ ଉତ୍ସବ ହେଲେ ହେଁ ଏହାର ଅନ୍ତରାଳରେ ଧାର୍ମିକ, ସାମାଜିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣ ନିହିତ ରହିଛି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦୋଳପୂର୍ଣ୍ଣିମାରେ ଅବିର ବା ଫଗୁ ବୋଳିହେଲେ ବସନ୍ତ ରୋଗର ବିସ୍ଫୋଟକ ବାହାରେ ନାହିଁ। ତେଣୁ ଭାରତର ବିଭିନ୍ନ ଅଞ୍ଚଳରେ ଏହି ପର୍ବଟି ଅତ୍ୟନ୍ତ ହାସ୍ୟୋଲ୍ଲାସ ମଧ୍ୟରେ ପାଳିତ ହୋଇଥାଏ।

-ଅଧ୍ୟାପିକା, ଓଡ଼ିଆ ବିଭାଗ, ମ.ରାମପୁର ମହାବିଦ୍ୟାଳୟ, କଳାହାଣ୍ଡି

## ହୋଲି
## ରାସାୟନିକ ରଙ୍ଗ ମାରାତ୍ମକ

**ହୋଲି। ରଙ୍ଗର ପର୍ବ। ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳି ଖୁସି ମନେଇବା ଅବସର। ଅନେକଙ୍କର ଅପେକ୍ଷା ଥାଏ ଏହି ପର୍ବକୁ। ସେଥିପାଇଁ ବଜାରରେ ମେଲିଗଲାଣି ବିଭିନ୍ନ କିସମର ରଙ୍ଗର ପସରା। ଖାଲି ଆଖିରେ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡିକ ଶରୀର ପ୍ରତି କ୍ଷତିକାରକ। ତେଣୁ ରଙ୍ଗ କିଣିବା ବେଳେ ସତର୍କ ରୁହନ୍ତୁ। ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରିଦିଆଯାଉଛି।**

- ସବୁଜ ରଙ୍ଗରେ କପର ସଲ୍‌ଫେଟ୍ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଦିଏ। ଏହି ରଙ୍ଗ ମଧ ଆଂଶିକ ଭାବେ ଅନ୍ଧ କରିଦେଇପାରେ।
- ରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ୍ ରହିଛି। ଏଥିଯୋଗୁ କର୍କଟ ରୋଗ ହେବାର ସମ୍ଭାବନା ଅଧିକ। ହାଲୁକା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ଥାଏ।
- ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଦେଇଥାଏ। ଚକ୍‌ଚକ୍ କରୁଥିବା ରଙ୍ଗଗୁଡିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।
- ରଙ୍ଗ ଛଡାଇବା ଲାଗି ଶରୀରକୁ ସାବୁନ କିମ୍ବା କିରୋସିନରେ ଧୁଅନ୍ତୁ ନାହିଁ।
- ହାଲ୍‌କା ସ୍କ୍ରିନ୍ କ୍ରିମ୍ ବ୍ୟବହାର କରି ଧୀରେ ଧୀରେ ରଙ୍ଗ ଲାଗିଥିବା ସ୍ଥାନକୁ ଘଷନ୍ତୁ।
- ରଙ୍ଗ ଖେଳରେ ମାତିବା ପୂର୍ବରୁ ଦେହରେ ସ୍କିନ୍ କ୍ରିମ୍, ନଡିଆତେଲ କିମ୍ବା ସନ୍‌ସ୍କିନ୍ ଲୋଶନ ବ୍ୟବହାର କରନ୍ତୁ।
- ଆଖିରେ ରଙ୍ଗ ଭର୍ତ୍ତି ବେଲୁନ୍ ମାଡ ହେଲେ ସଙ୍ଗେ ସଙ୍ଗେ ଆଖିକୁ ପାଣିରେ ଧୋଇଦିଅନ୍ତୁ। ଏହାସତ୍ତ୍ୱେ ଆଖି ଜଳାପୋଡା ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାନ୍ତୁ।



# ପ୍ରସିଦ୍ଧ ପତିରାଜପୁର ମେଳା

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମେଳା । ସମଗ୍ର ଅଞ୍ଚଳର ଲୋକେ ଏହି ଦୋଳମେଳନ ପର୍ବରେ ହଜାଇ ଦିଅନ୍ତି । ବାଲେଶ୍ୱର,ଭଦ୍ରକ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲାରୁ ମେଳା ଦେଖିବାକୁ ଛୁଟି ଆସନ୍ତି ଅଗଣିତ ଶ୍ରଦ୍ଧାଳୁ । ଦେଶବିଦେଶରେ ରହୁଥିବା ଲୋକଙ୍କ ପାଇଁ ଏବେ ଘର ବାହୁଡା ପର୍ବ । ଓଡିଶାର କୋଣ ଅନୁକୋଣରୁ ଛୋଟବଡ ବ୍ୟବସାୟୀ ଏଠାରେ ପସରା ମେଲି ଗ୍ରାହକଙ୍କୁ କରନ୍ତି ଆକୃଷ୍ଟ । ପ୍ରବାଦ ଅନୁଯାୟୀ ପୂର୍ବକାଳରେ ସାଧୁସନ୍ଥ ମାନେ ସହଧର୍ମୀଙ୍କ ସହ ମିଶିବା ପାଇଁ ପଶ୍ଚିମରେ ବଉଳା ପର୍ବତମାଳାର ପାଦ ଦେଶରେ ଥିବା କୁଂପାରକ ଗ୍ରାମ(ବର୍ତ୍ତମାନର କୁପାରୀ)ନିକଟସ୍ଥ ତିଶଳପୁରରୁ ବାହାରି ପଥରାଜପୁର ରାସ୍ତା ଦେଇ ପୂର୍ବରେ ଥିବା ଅଦ୍ଧୟର ନଗର(ବର୍ତ୍ତମାନର ଅଡା)କୁ ଯାଇଥାନ୍ତି । ସେହିଭଳି ଉତ୍ତରରେ ନୀଳଗିରି ପର୍ବତଶ୍ରେଣୀର ଦେବଗିରି ପାହାଡ ପାଦଦେଶ ଦନ୍ତୋରରୁ ବୋଧିସତ୍ତ୍ୱ ଅଧ୍ୟୁଷିତ ବଧିଗ୍ରାମ ଏବଂ ଜୈନ ଋଷି ଦିକ୍‌ନାଗଙ୍କ ଆଶ୍ରମସ୍ଥଳ ଡାଲଙ୍ଗ ଗ୍ରାମ ଦେଇ ଆସିଥିବା ଅନ୍ୟଏକ ପଥରେ ଋଷି ମହାତ୍ମାମାନେ ଏହି ପୃଷ୍ଠଭୂମି ପତିରାଜପୁର ଅତିକ୍ରମକରି ଦକ୍ଷିଣରେ ଥିବା ସାଳନ୍ଦୀତଟବର୍ତ୍ତୀ କାଉପୁରକୁ ଯାତାୟାତ କରିଥାନ୍ତି । ସାଧୁ ମହାତ୍ମାଙ୍କ ଯାତାୟାତ ଏହି ଦୁଇ ମହାପଥର ମିଳନସ୍ଥଳକୁ ସେତେବେଳେ ପଥରାଜପୁର କୁହାଯାଉଥିଲା । କାଳକ୍ରମେ ଏହି ପଥରାଜପୁର ଅପଭ୍ରଂଶ ହୋଇ ପତିରାଜପୁର ଭାବେ ନାମିତ ହୋଇଆସୁଛି । ୧୭୮୦ ମସିହାରୁ ଏହି ଐତିହାସିକ ଗୁରୁତ୍ୱ ବହନକାରୀ ପଡିଆରେ ଦୋଳମେଳନ ପାଳିତ ହୋଇଆସୁଥିବାର କୁହାଯାଏ । ଗୁରୁବାର ରାତିରୁ ମେଳା ମଣ୍ଡପକୁ ବିଜେ କରିବେ ୭୦ରୁ ଅଧିକ ଦୋଳ ବିମାନ । ତାରରେ ବିଜେ ପରେ ଦର୍ଶନ ଦେବେ ଅଗଣିତ ଶ୍ରଦ୍ଧାଳୁଙ୍କୁ । ଶଙ୍ଖ, ହୁଳହୁଳି,ଖୋଳ କରତାଳରେ ପୂରି ଉଠିବ ଏହି ପୁଣ୍ୟଭୂମି।

**-ଉତ୍କଳବନ୍ଧୁ ପଣ୍ଡା**



# ତମନ୍ନାଙ୍କ ହୋଲି ପ୍ରିପାରେଶନ

ତମନ୍ନା ଏବେ ହୋମ୍‌ସିକ୍ ହୋଇପଡିଛନ୍ତି। ଗତ କିଛି ମାସ ହେଲା ସେ ଏକ ତେଲୁଗୁ ଫିଲ୍ମର ଶୁଟିଂ ପାଇଁ ଫରେନ୍ ଯାଇଥିଲେ। ସେଠାରୁ ଫେରିବା ପରେ ଏବେ କିଛି ଦିନ ପରିବାର ସଦସ୍ୟଙ୍କ ସହ କଟାଇବେ ବୋଲି କହିଛନ୍ତି। ଘରେ ଥିବା ବେଳେ ସେ ଏଥର ହୋଲିକୁ ମନ ଭରି ସେଲିବ୍ରେଟ କରିବେ। ପୁଣି ଏକା ନୁହନ୍ତି, ତାଙ୍କର କେତେ ଜଣ ସାଙ୍ଗଙ୍କ ସେ ହୋଲି ଖେଳିବେ। 'ଏଥର ହୋଲିକୁ ସେଲିବ୍ରେଟ୍ କରିବାକୁ ମୋ ସାଙ୍ଗମାନେ ପ୍ରଥମେ ପ୍ଲାନିଂ କରି ମୋତେ ଜଣାଇଥିଲେ। ଯେହେତୁ ମୋର ଏବେ ଶୁଟିଂ ବ୍ରେକ୍ ଅପ୍ ଅଛି ତେଣୁ ସେମାନଙ୍କୁ ହଁ ଭରିଥିଲି। କିନ୍ତୁ ସବୁଥର ପରି ଏଥର ଆମେ ହର୍ବାଲ ହୋଲି ଖେଳିବାକୁ ସ୍ଥିର କରିଛୁ ବୋଲି କହିଛନ୍ତି ତମନ୍ନା।



# ଫେରୁଛନ୍ତି ସେଲିନା

ଦୀର୍ଘ ବର୍ଷର ଗ୍ୟାପ୍ ପରେ ସେଲିନା ଜେଟଲି ପୁଣି ଥରେ କ୍ୟାମେରା ସାମନା କରିବେ। ଯେତେବେଳେ ତାଙ୍କୁ ଏଥିପାଇଁ ଅଫର ଦିଆଗଲା ସେ ଆଖିବୁଜି ହଁ ଭରିଥିଲେ। ଅବଶ୍ୟ ଏହା ଏକ ଶର୍ଟ ଫିଲ୍ମ, ଯାହାର ଟାଇଟଲ ରହିଛି 'ଇଣ୍ଟିମାସି ସୁପରଭାଇଜର'। ଏ ସମ୍ପର୍କରେ ସେଲିନା କହନ୍ତି, 'ଏହି ଫିଲ୍ମର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ଏହା ଏକ ଶର୍ଟ ଫିଲ୍ମ ସତ ହେଲେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଏଥିରେ ରହିଛି। ଆଗକୁ ଯଦି କେହି ମୋତେ କମର୍ସିଆଲ ଫିଲ୍ମ ପାଇଁ ଅଫର ଦିଅନ୍ତି ତେବେ ମନା କରିବି ନାହିଁ।' ତେବେ ସେଲିନାଙ୍କ ଦ୍ୱିତୀୟ ଇନିଂସକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଆଶାରେ ଅମ୍ରିତା

ବେଳେବେଳେ ଜଣେ ଯାହା ଚାହିଁଥାଏ ତାହା ହାତପାହାନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ଓଡ଼ିଆ ସିନେମାର ଅଭିନୟ କରିବା ପାଇଁ ସେ ଆଶା ବାନ୍ଧି ବସିଥିଲେ। ଆଉ ତାହା ପୂରଣ ହେବା ପରେ ସେ କେମିତି ଖୁସିରେ ଉଛୁଳୁଛନ୍ତି। ଅବଶ୍ୟ ଏହା ତାଙ୍କର ପ୍ରଥମ ଓଡିଆ ଚଳଚ୍ଚିତ୍ର, ହେଲେ ତାହାର ସଫଳତାକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ହଁ, ସେ ହେଲେ ବଙ୍ଗୀୟ ଅଭିନେତ୍ରୀ ଅମ୍ରିତା। ନିର୍ମାଣାଧୀନ ହାସ୍ୟରସାତ୍ମକ ଚଳଚ୍ଚିତ୍ର 'ହୀରାଲାଲ ମୋତିଲାଲ'ର ନାୟିକା ଭାବରେ ତାଙ୍କୁ ବ୍ରେକ୍ ମିଳିଛି। ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ ଏହାର ପ୍ରଯୋଜନା କରୁଛନ୍ତି। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ବୈଦ୍ୟନାଥ ଦାଶ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି। ଅପରପକ୍ଷରେ ଏହା ପରେ ଯଦି ଭଲ ଅଫର ମିଳେ ତେବେ ଓଡ଼ିଆ ସିନେମାକୁ କ୍ୟାରିୟର କରିବାକୁ ପଛାଇବେ ନାହିଁ ବୋଲି କହନ୍ତି ଅମ୍ରିତା। ଏହି ଫିଲ୍ମର ଆଉ ଏକ ଖାସ୍ କଥା ରହିଛି। ପୂର୍ବରୁ ବେଶ୍ କେତୋଟି ଓଡ଼ିଆ ସିନେମାରେ କେବଳ କମେଡିଆନ୍ ନୁହେଁ ଚରିତ୍ର ଅଭିନେତା ଭାବରେ ଅଭିନୟ କରିସାରିଥିବା ଅମର ଏହାର ନାୟକ (ହୀରାଲାଲ) ସାଜିଛନ୍ତି। ବାଳକୃଷ୍ଣ, ଅମର, ଗୁଣ୍ଡୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡ୍ଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ମଧ୍ୟ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଅମ୍ରିତାଙ୍କ ବ୍ୟତୀତ ଆଉ ପାଞ୍ଚଜଣ ନୂଆ ନାୟିକା–ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀ ଏହି ଫିଲ୍ମରୁ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରୁଛନ୍ତି।



## ଅପେରା ହାଲଚାଲ

# ଅଭିନୟ ନିଶାରେ ଜଗା



ଗାୟକ ଭାବେ ଆରମ୍ଭ ହୋଇଥିଲା ତାଙ୍କର ଜଲିଉଡ୍ କ୍ୟାରିୟର। ବର୍ତ୍ତମାନ ଗୌରୀ ଗଣନାଟ୍ୟରେ ସେ ନିଜର ଅଭିନୟ ଜାରି ରଖିଛନ୍ତି। ସେ ହେଲେ ଜଗବନ୍ଧୁ ପଣ୍ଡା ଓରଫ ଜଗା। ନୟାଗଡ଼ରେ ଜନ୍ମିତ ଜଗା ନିଜ ସମ୍ପର୍କରେ କହନ୍ତି, 'ଥରେ ମୋର ଜଲିଉଡ୍‌ର ଅନ୍ୟତମ ଆଗଧାଡିର ଅଭିନେତା ଜିତୁ (ବର୍ତ୍ତମାନ କୋଣାର୍କ ଗଣନାଟ୍ୟ)ଙ୍କ ସହ ଭେଟ ହେଲା। କଥା ପ୍ରସଙ୍ଗରେ ସେ ମୋତେ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ। ସାହାଣୀ ଗଣନାଟ୍ୟର ଲୋକପ୍ରିୟ ନାଟକ 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ' ଥିଲା ମୋ ଅଭିନୀତ ପ୍ରଥମ ଅପେରା ନାଟକ। ଆଉ ତା'ପରେ ପଛକୁ ଫେରି ଚାହିଁନି। ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନର ଖୋରାକ ଯୋଗାଇବାକୁ ଚେଷ୍ଟା କରିଛି ଏବଂ କରୁଥିବି ମଧ୍ୟ। କାରଣ ସେମାନେ ମୋ ପାଇଁ ସବୁକିଛି। ସତେ ଯେମିତି ଅଭିନୟ ନିଶାରୁ ମୁକୁଳି ପାରୁନି।' ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ସବୁ ଉପରବାଲାର ଖେଳ'ରେ ହୁଣ୍ଡା ଓ କେମ୍ପା ମନୁଆ ଚରିତ୍ରରେ ଅଭିନୟ କରିଥିଲେ ଜଗା, ଯାହା ତାଙ୍କ ଆକ୍ଟିଂ କ୍ୟାରିୟରର ଏକ ମାଇଲଷ୍ଟୋନ୍ ବୋଲି କହନ୍ତି ସେ। ଅପେରା ନାଟକ ସବୁ ଉପରବାଲାର ଖେଳ, ଝରଣା ଖୋଜୁଛି ନିଜ ଠିକଣା, କାଳ ହେଲା ମୋର କପାଳ ରେଖା, ବାରମାସୀ ବୋହୂ, କିରଣକୁ ଜଣା ସୂର୍ଯ୍ୟ ଠିକଣା, ଶବ ନାହିଁ ଏଠି ଜଳୁଛି ଜୁଇ, ମନ ବୃନ୍ଦାବନେ ଲାଗିଛି ନିଆଁ, ଝିଅ ନୁହେଁ ତୁ ଅପସରୀ, ଓଢ଼ଣା ଖୋଲିଲେ ଅଡୁଆ ହେବ, ସ୍ୱାମୀର ସିନ୍ଦୂର ସତ ଲାଗୁନି, ଦେଖିଲେ ଜାଣିବ ଦରଦ କେତେ ଏବଂ ମୁଁ ବାହୁବଳୀ ଆଦି ନାଟକରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି ଜଗା।

# ସାରାଙ୍କ ପ୍ରଶଂସାରେ ସୁଶାନ୍ତ

ସୁଶାନ୍ତ ସିଂ ରାଜପୁତ ଏବଂ ସାରା ଅଲ୍ଲୀ ଖାଁ ଯୋଡିକୁ ଦେଖିବାକୁ ମିଳିଥିଲା ନିକଟରେ ରିଲିଜ ହୋଇଥିବା 'କେଦାରନାଥ'ରେ। ଫିଲ୍ମଟି ଆଭରେଜ ବିଜନେସ କରିଥିଲା। ଏବେ ସୁଶାନ୍ତ ଯୁଆଡେ ଗଲେ ସାରାଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। 'କେଦାରନାଥ'ରେ ସାରା ଯେଉଁ ଅଭିନୟ କରିଛନ୍ତି ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଛି। 'ଭବିଷ୍ୟତରେ ସାରା ଜଣେ ଭଲ ଅଭିନେତ୍ରୀ ହେବେ ଏବଂ ନିଜକୁ ନାୟିକା ଦୌଡରେ ନିଶ୍ଚୟ ସାମିଲ କରିବେ। ଶଟ୍ ଦେବା ସମୟରେ ସାରା ପ୍ରତିଟି କଥାକୁ ବେଶ୍ ଗୁରୁତ୍ୱ ଦେଇଥାଆନ୍ତି। କେଉଁଠି ଯେମିତି ଟିକେ ଭୁଲ ନ ରହି ଯାଏ ସେଥି ପ୍ରତି ସତର୍କ ରହିଥାଆନ୍ତି। ଆଗକୁ ଯଦି ତାଙ୍କ ଅପୋଜିଟ୍‌ରେ ମୋତେ କାଷ୍ଟିଂ କରାଯାଏ ତେବେ ସେପରି ଅଫରକୁ ନିଶ୍ଚୟ ଗ୍ରହଣ କରିବି ବୋଲି କହିଛନ୍ତି ସୁଶାନ୍ତ।'



# ୧୬ବର୍ଷ ପରେ



ଶାହୀଦ କପୁରଙ୍କ ଖୁସି କହିଲେ ନ ସରେ। କାରଣ ଦୀର୍ଘ ୧୬ବର୍ଷ ପରେ ତାଙ୍କର ଏକ ଆଶା ପୂରଣ ହୋଇଛି। ୨୦୦୩ରେ ସେ ଆରମ୍ଭ କରିଥିଲେ ନିଜର ବଲିଉଡ୍ କ୍ୟାରିୟର। ଫିଲ୍ମଟି ଥିଲା 'ଇସ୍କ ଭିସ୍କ'। ପ୍ରଯୋଜକ ରମେଶ ତୌରାନି ତାଙ୍କୁ ନାୟକ ଭାବେ ବ୍ରେକ୍ ଦେଇଥିଲେ, ଆଉ ଏହି ରୋମାଣ୍ଟିକ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଏବେ ପ୍ରଯୋଜକ ଏହାର ସିକୁଏଲ ନିର୍ମାଣ କରିବାକୁ ସ୍ଥିର କରିଛନ୍ତି। ଯେତେବେଳେ ଏ ବିଷୟରେ ଶାହୀଦ ଜାଣିଲେ ସେତେବେଳେ ତାଙ୍କର ଗୋଡ ତଳେ ଲାଗି ନ ଥିଲା। 'ପ୍ରଯୋଜକଙ୍କୁ ମୁଁ କିପରି ଧନ୍ୟବାଦ ଦେବି ଜାଣିପାରୁନାହିଁ। ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ମୋ ପ୍ରଥମ ସିନେମାର ସିକୁଏଲ ତିଆରି ହେଉଛି–ଏହାଠାରୁ ଖୁସି ଖବର ମୋ ପାଇଁ ଆଉ କିଛି ନାହିଁ ବୋଲି କହିଛନ୍ତି ଶାହୀଦ।' ୨୦୦୩ରେ ନିର୍ମିତ 'ଇସ୍କ ଭିସ୍କ'ରେ ଶାହୀଦଙ୍କ ନାୟିକା ସାଜିଥିଲେ ଅମ୍ରିତା ରାଓ। ଏହି ଫିଲ୍ମର ସିକୁଏଲ୍‌ର ପ୍ରାରମ୍ଭିକ କାମ ଚାଲୁ ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ଶାହୀଦ କପୁର

| | Dollar | Sensex | Nifty | Gold | Silver |
|---|---|---|---|---|---|
| | 13 / 68.83 | 23.28 / 38,386.75 | 11.35 / 11,521.05 | `0 / 32,970.00 | `40 / 39,000.00 |

"ଆଇଟି କ୍ଷେତ୍ରରେ ଗତ ପାଞ୍ଚ ବର୍ଷରେ ୮.୭୩ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ନିଯୁକ୍ତି ନାହିଁ ବୋଲି ବିରୋଧୀମାନେ ମିଥ୍ୟାରୋପ କରୁଛନ୍ତି।

–ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ



"ଗ୍ରାମୀଣ ବିକାଶ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିକାଶ ଲାଗି ଜିଏସ୍‌ଟି ପରିଷଦ ଏକ ପ୍ରତିଷ୍ଠାନର ଆବଶ୍ୟକତା ରହିଛି।

– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ୧୦୦ ବିଲିୟନ ଡଲାର କ୍ଲବ୍‌ରେ ବିଲ୍ ଗେଟ୍‌ସ

**ୱାଶିଂଟନ,୨୦-୩:** ଦୀର୍ଘଦିନ ଧରି ବିଶ୍ୱର ସର୍ବବୃହତ ଧନୀର ମାନ୍ୟତା ହାସଲ କରିଥିବା ମାଇକ୍ରୋସଫ୍ଟର ପ୍ରମୁଖ ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ପୁନର୍ବାର ୧୦୦ ବିଲିୟନ ଡଲାର (୬.୯ ଲକ୍ଷ କୋଟି ଟଙ୍କା) କ୍ଲବରେ ସାମିଲ ହୋଇଛନ୍ତି। ଦୀର୍ଘ ୨୦ ବର୍ଷ ପୂର୍ବରୁ (୧୯୯୯ରେ) ସେ ଏହି ଉପଲବ୍ଧି ହାସଲ କରିଥିଲେ। ଗେଟ୍‌ସଙ୍କ ଛଡ଼ା ଆମାଜନ ପ୍ରତିଷ୍ଠାତା ତଥା ସିଇଓ ଜେଫ ବେଜୋସ୍ ଏବେ ଏହି ୧୦୦ ବିଲିୟନ ଡଲାର କ୍ଲବ୍‌ରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୪୫.୬ ବିଲିୟନ ଡଲାର (୧୦.୧ ଲକ୍ଷ କୋଟି ଟଙ୍କା)। ତେବେ ସମ୍ପତ୍ତି ବୃଦ୍ଧିରେ ବେଜୋସ୍ ବହୁ ଆଗରେ ରହିଛନ୍ତି। ଚଳିତ ବର୍ଷ ତାଙ୍କର ୧.୫ ଲକ୍ଷ କୋଟି ସମ୍ପତ୍ତି ବଢ଼ିଥିବା ବେଳେ ଗେଟ୍‌ସଙ୍କ ମାତ୍ର ୬୫.୪ ହଜାର କୋଟି ଟଙ୍କା ବଢ଼ିଛି। ତେବେ ଖୁବ୍‌ଶୀଘ୍ର ବେଜୋସଙ୍କର ବିବାହ ବିଚ୍ଛେଦ ହେବାକୁ ଯାଉଛି। ଫଳରେ ତାଙ୍କ ସମ୍ପତ୍ତିର ଏକ ଅଂଶବିଶେଷ ସ୍ତ୍ରୀ ମ୍ୟାକେଞ୍ଜିଙ୍କୁ ମିଳିବ।

### ବିମୁଦ୍ରୀକରଣ ବେଳର ୨.୨ ଲକ୍ଷ ଆକାଉଣ୍ଟ ଯାଞ୍ଚ

**ଲଣ୍ଡନ,୨୦-୩:** ବିମୁଦ୍ରୀକରଣ ବେଳେ ଅଧିକ ଟଙ୍କା ଜମା ହୋଇଥିବା ୨.୨ ଲକ୍ଷ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ଆରମ୍ଭ କରିଛି ଆୟକର ବିଭାଗ। ଏହି ଆକାଉଣ୍ଟଧାରୀଙ୍କଠାରୁ କେନ୍ଦ୍ର ସରକାର ଆୟକର ବାବଦରେ ୨୨୦୦ କୋଟି ଟଙ୍କା ଆଦାୟ କରିବା ଲାଗି ପ୍ରୟାସ ଚଳାଇଛନ୍ତି। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ମିଡିଆକୁ ସୂଚନା ଦେଇଛନ୍ତି। ଯାଞ୍ଚ ଘେରରେ ଆସିଥିବା ଉକ୍ତ ବ୍ୟାଙ୍କ ଆକାଉଣ୍ଟଧାରୀ ଟିକସ ଫାଙ୍କି ଥିବା ଜଣାପଡିଛି।

## ■ କମ୍ପାନୀକୁ ବଞ୍ଚାଇବା ଲାଗି ଏସ୍‌ବିଆଇର ଉଦ୍ୟମ

# ବଦଳିପାରେ ଜେଟ ଏୟାରୱେଜ ପରିଚାଳନା

**ନୂଆଦିଲ୍ଲୀ,୨୦-୩**

ଋଣ ଭାରରେ ବୁଡି ରହିଥିବା ଜେଟ ଏୟାରୱେଜ ବିମାନ କମ୍ପାନୀକୁ ବଞ୍ଚାଇବା ଲାଗି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ନେତୃତ୍ୱାଧୀନ ବ୍ୟାଙ୍କଗୁଡ଼ିକ ଯଥା ସମ୍ଭବ ପ୍ରୟାସ ଜାରି ରଖିଛନ୍ତି। ଏହି ବିମାନ କମ୍ପାନୀ ବନ୍ଦ ହୋଇଗଲେ ଏହା ଉଭୟ ଗ୍ରାହକ ଏବଂ ଏହି ସେକ୍ଟରରେ ପ୍ରତିଦ୍ୱନ୍ଦ୍ୱିତା ଉପରେ ପ୍ରଭାବ ପକାଇବ। ଏଣୁ ଏହାକୁ ଉପଲବ୍ଧି କରି ବୁଧବାର ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଭେଟିଛନ୍ତି। ବିମାନ କମ୍ପାନୀକୁ ରକ୍ଷା କରିବା ଲାଗି ଏହାର ପରିଚାଳନାକୁ ବଦଳାଯିବା ଉପରେ ବିଚାର କରାଯାଇପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବର୍ତ୍ତମାନ କମ୍ପାନୀର ପରିଚାଳନା ଦେଖୁଥିବା ବ୍ୟକ୍ତି ବିଶେଷଙ୍କ ହାତରେ ଏହା ଚାଲିବା ସମ୍ଭବ ନୁହେଁ ବୋଲି ବ୍ୟାଙ୍କଗୁଡ଼ିକ ଭାବୁଛନ୍ତି। ଏଣୁ ପରିଚାଳନା ପରିବର୍ତ୍ତନ ଉପରେ ବ୍ୟାଙ୍କଗୁଡ଼ିକ ଆଗାମୀ ପଦକ୍ଷେପ ନେଇ ପାରନ୍ତି ବୋଲି ଅଧିକାରୀ କହିଛନ୍ତି।

ସେହିଭଳି କୁମାରଙ୍କ ସହ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ଜେଟଲୀଙ୍କୁ ଭେଟିଛନ୍ତି। ଜେଟ ଏୟାରୱେଜ ଏହାର ପାଇଲଟଙ୍କୁ ବେତନ ଦେବାକୁ ବିଳମ୍ବ କରୁଛି। ସେହିଭଳି ସୁଧ ପ୍ରଦାନରେ ଖିଲାପ ଏବଂ ଏହାର ମୋଟ ବିମାନ ମଧ୍ୟରୁ ଏକ ତୃତୀୟାଂଶ ଚଳାଉଥିବା ଜଣାପଡିଛି।





■ ଜେଟ୍‌ଲୀଙ୍କୁ ଭେଟିଲେ ରଜନୀଶ କୁମାର
■ କମ୍ପାନୀ ବନ୍ଦ ହେଲେ ୨୩ହଜାର ନିଯୁକ୍ତି ସଙ୍କଟଗ୍ରସ୍ତ ହେବ
■ ପ୍ରତିଷ୍ଠାତା ଗୋୟଲଙ୍କ ହାତରେ ରହିଛି ୫୧% ଅଂଶଧନ

ଏହି ପ୍ରକ୍ରିୟାରେ ସରକାର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇଥିବାରୁ ଏପରି ବୈଠକ ହୋଇଥିବା ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି। ଜେଟ ଏୟାରୱେଜ ଦେଶର ଦ୍ୱିତୀୟ ସର୍ବବୃହତ ବିମାନ କମ୍ପାନୀ ହୋଇଥିବାରୁ ଏହାକୁ ରକ୍ଷା କରିବା ଲାଗି ବ୍ୟାଙ୍କରସ୍ପି ଶେଷ ବିକଳ୍ପ ବୋଲି କୁମାର ସୂଚନା ଦେଇଛନ୍ତି। ଯଦି ଜେଟ ଏୟାରୱେଜ ବନ୍ଦ ହୋଇଯାଏ ଏହା ଦ୍ୱାରା ୨୩,୦୦୦ ନିଯୁକ୍ତି ସଙ୍କଟଜନକ ସ୍ଥିତିକୁ ଚାଲି ଆସିବ। ମାତ୍ର ବିମାନ କମ୍ପାନୀର ପୁନରୁଦ୍ଧାର ଲାଗି କ'ଣ ସବୁ ଯୋଜନା ରହିଛି ସେ ସମ୍ପର୍କରେ କୁମାର କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି।

ଜେଟ ଏୟାରୱେଜ ପରିଚାଳନା ଭାର ବର୍ତ୍ତମାନ ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ହାତରେ ରହିଛି। ସେ କମ୍ପାନୀର ୫୧% ଅଂଶଧନ ନିଜ ପାଖରେ ରଖିଛନ୍ତି। ଏହାବାଦ ଆବୁଧାବି ଭିତ୍ତିକ ଏତିହାଦ ଗ୍ରୁପ ନିକଟରେ କମ୍ପାନୀର ୨୪% ଅଂଶଧନ ରହିଛି। ଜେଟ ଏୟାରୱେଜ ସହ ଏତିହାଦ କମ୍ପାନୀର ମଧ୍ୟ ଆଲୋଚନା ହେଉଛି। ବିମାନ କମ୍ପାନୀକୁ ବୃତ୍ତିଗତ,ଠିକ୍ ତଥା ବିନା କାହାର ପ୍ରଭାବରେ ପରିଚାଳନା କରିବାକୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କୁମାର କହିଛନ୍ତି। ଦେଶ ଏବଂ ବିମାନ କମ୍ପାନୀ ଏବଂ ବିମାନ ଚଳାଚଳ କ୍ଷେତ୍ରର ସ୍ୱାର୍ଥକୁ ନଜରରେ ରଖି ଏହା ପରିଚାଳିତ ହେଉ ବୋଲି ଏସ୍‌ବିଆଇ ମୁଖ୍ୟ କହିଛନ୍ତି। ମାର୍ଚ୍ଚ ୩୧ ସୁଦ୍ଧା ଯଦି କମ୍ପାନୀ ବେତନ ପ୍ରଦାନ ନ କରେ ତେବେ ଏପ୍ରିଲ ପହିଲାରୁ ଉଡାଣ ବନ୍ଦ କରିବାକୁ ଏହାର ପାଇଲଟ ମାନେ ଧମକ ଦେଇଛନ୍ତି। ଜେଟର ୧୧୯ ପ୍ଲେନ ମଧ୍ୟରୁ ବର୍ତ୍ତମାନ ଏକ ତୃତୀୟାଂଶ ବିମାନ ଚାଲୁଥିବା ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା।

## ଲିଭ୍‌ଫାଷ୍ଟର ନୂଆ ପ୍ରଡକ୍ଟ





**ଭୁବନେଶ୍ୱର,୨୦-୩**

ଲିଭ୍‌ଫାଷ୍ଟ ବ୍ୟାଟେରିଜ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ନୂଆ ପ୍ରଡକ୍ଟ ଓଡିଶା ବଜାରରେ ପ୍ରବେଶ କରିଛି। ଏହା ମଧ୍ୟରେ ୟୁପିଏସ୍, ବ୍ୟାଟେରି, ଷ୍ଟାବିଲାଇଜର, ସୋଲାର ପ୍ରଡକ୍ଟ ସାମିଲ ରହିଛି। କମ୍ପାନୀର ସିଇଓ ଗୁରପ୍ରୀତ ଭାଟିଆ ବିକ୍ରି ବିଭାଗ ଉପସଭାପତି ଶ୍ରୀକୃଷ୍ଣ ଆହୁଜା ଏହାର ବଜାର ପ୍ରବେଶ କରାଇଥିଲେ। କାର୍ଯ୍ୟକ୍ରମରେ ବିତରକ ହିନ୍ଦୁସ୍ତାନ ଏଣ୍ଟରପ୍ରାଇଜେସ୍, ବିକାଶ କୋହଲୀ ଏବଂ ରାକେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟା ମନ୍ଦିର କ୍ଲାସେସ୍‌ର ଏନ୍‌ଏଟି ୩୧ରେ

**ଭୁବନେଶ୍ୱର,୨୦-୩**

Vidyamandir Classes
GURUKUL FOR IITJEE AND MEDICAL PREPARATION
IMPARTING QUALITY EDUCATION SINCE 1986

ଆଇଆଇଟି ଜେଇଇ କୋଚିଂ କ୍ଷେତ୍ରରେ ପ୍ରମୁଖ ପ୍ରତିଷ୍ଠାନ ବିଦ୍ୟା ମନ୍ଦିର କ୍ଲାସେସ୍ ପକ୍ଷରୁ ଏହାର ଜାତୀୟ ଆଡମିଶନ ଟେଷ୍ଟ (ଏନ୍‌ଏଟି) ମାର୍ଚ୍ଚ ୩୧ରେ ଅନୁଷ୍ଠିତ ହେଉଛି। ଅଷ୍ଟମ, ନବମ, ଦଶମ ଏବଂ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିବା ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗ ନେଇପାରିବେ। ଏହା ୪୫ ସହରରେ ଥିବା ବିଦ୍ୟା ମନ୍ଦିର କ୍ଲାସେସର ସେଣ୍ଟରଗୁଡ଼ିକରେ ଦିନ ୧୧ଟାଠାରୁ ୨ ଯାଏ ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ୨୦୧୯ ଠାରୁ ଆରମ୍ଭ ହେଉଥିବା ନୂଆ ସେଶନ ଲାଗି ପ୍ରତିଷ୍ଠାନ ପକ୍ଷରୁ କୋର୍ସଗୁଡ଼ିକ ଡିଜାଇନ କରାଯାଇଛି। ଆଡମିଶନ ଟେଷ୍ଟର ସ୍କୋର ଏବଂ ପରଫରମାନ୍ସକୁ ଭିତ୍ତି କରି ସାରା ଦେଶରେ ଥିବା ସେଣ୍ଟରଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରୋଗ୍ରାମରେ ଆଡମିଶନ ଦିଆଯିବ। ବିଭିନ୍ନ ପ୍ରୋଗ୍ରାମରେ ଛାତ୍ରୀଛାତ୍ରଙ୍କୁ ଆଡମିଶନ ପ୍ରଦାନ କରିବା ଲାଗି ଏଭଳି ପରୀକ୍ଷା ପ୍ରତିବର୍ଷ ଆୟୋଜନ କରାଯାଉଥିବା ବିଦ୍ୟାମନ୍ଦିର କ୍ଲାସେସର ଏକାଡେମିକ୍ସ ନିର୍ଦ୍ଦେଶକ ସୌରଭ କୁମାର କହିଛନ୍ତି।

## ଆଇସିସି ପକ୍ଷରୁ ଜିଏସ୍‌ଟି କର୍ମଶାଳା

**ଭୁବନେଶ୍ୱର,୨୦-୩**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ହୋଇଥିବା ବିଭିନ୍ନ ସଂଶୋଧନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପ ଜଗତରୁ ପ୍ରାୟ ୮୦ ପ୍ରତିନିଧି ଯୋଗ ଦେଇଥିଲେ। ଜିଏସ୍‌ଟିରେ ସଂଶୋଧନ ଯୋଗୁ ଏହା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଫାଇଦା ଦେବ ବୋଲି ଆଇସିସି ରାଜ୍ୟ କାଉନସିଲ ସହ ଅଧ୍ୟକ୍ଷ ଜେବି ପାଣି ସୂଚନା ଦେଇଥିଲେ। ଜିଏସ୍‌ଟିରେ ସଂଶୋଧନ ଶିଳ୍ପଗୁଡ଼ିକ ଲାଗି ଉପଯୁକ୍ତ ସାବ୍ୟସ୍ତ ହେବ ବୋଲି ସେଣ୍ଟ୍ରାଲ ଏକ୍ସାଇଜ ଏବଂ କଷ୍ଟମର ଓଡ଼ିଶା ମୁଖ୍ୟ କମିଶନର ନରେଶ ପେନୁମାକା କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ କୋକନଭେନର ମୋହିତ ଗୁପ୍ତା, ଏ.କେ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ରୂପରେ ସମ୍ବଲପୁର-ପୁରୀ ଇଣ୍ଟରସିଟି

**ଭୁବନେଶ୍ୱର,୨୦-୩**

ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ ନୂଆ ରୂପରେ ବୁଧବାରଠାରୁ ଚଳାଚଳ ଶୁଭାରମ୍ଭ କରିଛି। ଏହି ଟ୍ରେନର ବଗିଗୁଡ଼ିକୁ ଉତ୍କୃଷ୍ଟ ମାନର ବଗିକୁ ଉନ୍ନୀତ କରାଯାଇଛି। ଏଥିରେ ୨ଟି ଏସି ଚେୟାର କାର, ସାତଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ ବଗି, ୫ଟି ଅଣ ସଂରକ୍ଷିତ ସିଟିଙ୍ଗ ବଗି,ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ସହ ମୋଟ ୧୬ଟି ବଗି ରହିଛି। ଟ୍ରେନକୁ ହଳଦିଆ ଏବଂ ଗାଢ ବ୍ରାଉନ ରଙ୍ଗରେ ରଙ୍ଗିତ କରାଯାଇଛି। ଏଥିରେ ଉନ୍ନତ ଟଏଲେଟ ସୁବିଧା ରହିଛି। ସେହିଭଳି ଉନ୍ନତ ଜେଡ ମ୍ୟାଟ ସହ ପିଭିସି ଓ ଏପୋକ୍ସି ଫ୍ଲୋରିଂ ପ୍ରଦାନ କରାଯାଇଛି। ଏହା ବାଦ କ୍ରୋମ ପ୍ଲେଟ ଥିବା ପିତଳ ମ୍ୟାଟ ବ୍ୟବସ୍ଥା, ଦ୍ୱୈତ କାର୍ଯ୍ୟ କରୁଥିବା ଫ୍ଲସିଂ ଭଲବ ବ୍ୟବସ୍ଥା, ଷ୍ଟେନଲେସ ଷ୍ଟିଲ ମହିଳା ଦାନୀ ବ୍ୟବସ୍ଥା, ଏସି କୋଚରେ ହାତ ସ୍ପ୍ରେ, ଟଏଲେଟ ପେପର, ସ୍ୱୟଂ ଚାଳିତ ସୁଗନ୍ଧ ବ୍ୟବସ୍ଥା, ଏଲଇଡି ଆଲୋକ, ନୂତନ ଫ୍ୟାନ ବ୍ୟବସ୍ଥା ଏବଂ ଏସି କୋଚ୍ ଗୁଡ଼ିକରେ ତୈଳଚିତ୍ର ଫଟୋ ଲଗାଯାଇଛି।

### ପାଞ୍ଚ ଦିନ ବାତିଲ ରହିବ କଳିଙ୍ଗ ଉତ୍କଳ ଏକ୍ସପ୍ରେସ

କଳିଙ୍ଗ ଉତ୍କଳ ଏକ୍ସପ୍ରେସ ପାଞ୍ଚଦିନ ବାତିଲ ରହିବ। ଉତ୍ତର ରେଳପଥ, ଉତ୍ତର କେନ୍ଦ୍ରୀୟ ରେଳପଥ, ପଶ୍ଚିମ କେନ୍ଦ୍ରୀୟ ରେଳପଥର ବିଭିନ୍ନ ସ୍ଥାନରେ ନିରାପତ୍ତା ଜନିତ ଆଧୁନିକିକରଣ କାର୍ଯ୍ୟ ସହ ଭିତ୍ତିଭୂମି ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଏହି ଟ୍ରେନକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ପୁରୀଠାରୁ ଛାଡିବାକୁ ଥିବା ପୁରୀ-ହରିଦ୍ୱାରା କଳିଙ୍ଗ ଉତ୍କଳ ଏକ୍ସପ୍ରେସ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଏବଂ ହରିଦ୍ୱାର ପଟୁ ଏହା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ।





## ନୀରବଙ୍କ ୧୧ କାର୍, ୧୭୩ ପେଣ୍ଟିଙ୍ଗ ବିକ୍ରି ହେବ

### ସ୍ତ୍ରୀଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି

**ନୂଆଦିଲ୍ଲୀ,୨୦-୩:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ମହାଠକେଇ ମାମଲାରେ ଲଣ୍ଡନରେ ଗିରଫ ହୋଇଛନ୍ତି ହୀରା ବ୍ୟବସାୟୀ ନୀରବ ମୋଦି। ଅନ୍ୟପକ୍ଷରେ ଭାରତରେ ଥିବା ତାଙ୍କର ସମ୍ପତ୍ତି ବିକ୍ରି କରିବା ଲାଗି ଏବେ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ମୁମ୍ବାଇସ୍ଥିତ ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ) ଅଦାଲତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଙ୍କୁ ନୀରବଙ୍କ ମହଙ୍ଗା କାର୍ ଓ ପେଣ୍ଟିଙ୍ଗ ବିକ୍ରି କରିବାକୁ ଅନୁମତି ଦେଇଛନ୍ତି। ଅଦାଲତ ହୀରା ବ୍ୟବସାୟୀଙ୍କ ସ୍ତ୍ରୀ ଆମି ମୋଦିଙ୍କ ବିରୋଧରେ ମଧ୍ୟ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଇଡି ସୂତ୍ରରୁ କୁହାଯାଇଛି ଯେ, ମୋଦିଙ୍କ ୧୭୩ ମହଙ୍ଗା ପେଣ୍ଟିଙ୍ଗ ଓ ୧୧ ଲକ୍ଜ୍ୟୁରି କାର୍‌କୁ ବିକ୍ରି କରାଯିବ। ନୀଲାମ ମାଧ୍ୟମରେ ଏହା ବିକ୍ରି ହେବ। ସୂଚନାଥାଉ କି, ନୀରବ ଓ ମାମୁ ମେହୁଲ ଚୋକ୍‌ସିଙ୍କ ଅଦ୍ୟାବଧି ମୋଟ ୪,୭୬୫ କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି।

### ଋଣପ୍ରଦାନକାରୀଙ୍କ ବୈଠକ ଡାକିବାକୁ ଏସାର ଷ୍ଟିଲ୍‌କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୦-୩:** ପାଣ୍ଠି ବଣ୍ଟନ ନେଇ ଋଣପ୍ରଦାନକାରୀଙ୍କ କମିଟି (ସିଓସି)ର ବୈଠକ ଡାକିବାକୁ ରାଷ୍ଟ୍ରୀୟ କମ୍ପାନୀ ବିଧି ଅପିଲୀୟ ପ୍ରାଧିକରଣ(ଏନ୍‌ସିଏଲ୍‌ଏଟି) ଏସାର ଷ୍ଟିଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.MSM-SBP Station-Mech Clng-19, ତା.18.03.2019ରିଖ

**କାର୍ଯ୍ୟର ନାମ:** "ଚାରି ବର୍ଷ (1461 ଦିନ) ଅବଧି ନିମନ୍ତେ ସଫେଇର ରକ୍ଷଣାବେକ୍ଷଣ, ସ୍ୱଚ୍ଛତା ଏବଂ ଆବର୍ଜନା ନିକାଶ ସହିତ ସମ୍ବଲପୁର ଷ୍ଟେସନର ଯନ୍ତ୍ରୀକୃତ (Mechanized) ଏବଂ ମାନୁଆଲ ସଫେଇ ତଥା ଦେଖାଶୁଣା।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 6,99,75,427.77, EMD (ଟଙ୍କାରେ): 4,99,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/-, କାର୍ଯ୍ୟ ଶେଷ ହେବା ଅବଧି: 04 (ଚାରି)ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.12.04.2019 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)/ ସମ୍ବଲପୁର

PR-557/J/18-19

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**K.B.K.MINOR IRRIGATION CIRCLE-I, BHAWANIPATNA**
**'e' Procurement Notice No.07 sekbkmic-I /2018-19**
**2nd corrigendum notice**
**Office No. 509 / dt. 11.03.2019**

No.1403-A:- In pursuance to 'e' Procurement Notice No.07 sekbkmic-I /2018-19 all the tender process will be initiated after abolition of MODEL CODE OF CONDUCT for the ensuing GENERAL ELECTION 2019.

Sd./- Superintending Engineer
32116/11/0003/1819 K.B.K.M.I.Circle-I, Bhawanipatna

**Odisha State Health & Family Welfare Society,**
**Deptt. of Health & Family Welfare,**
**Govt. of Odisha, Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79**

Advt. No. 18 / 19. Date:- 21 / 03 / 2019

**CORRIGENDUM**
**Walk-in-Interview**

**Ref. Advt. No. 16/19 Dt. 08.03.2019.**

No.977-E:- Due to unavoidable circumstances, the date of Interview as published in Advt. No. 16/19 dt. 08.03.2019 in "The Sambad", "The Dharitri" and "The New Indian Express" is hereby postponed to 05.04.2019. The timing for registration and all other contents shall however remain unchanged.

10084/11/0095/1819 **Sd./- Mission Director, NHM, Odisha.**

**INTEGRATED TRIBAL DEVELOPMENT AGENCY, NABARANGPUR**
No. 2704/2019 Date: 15.03.2019

**ORDER OF CANCELLATION OF E-TENDER**

The tender called for the project "Construction of Tribal Museum at Papadahandi under Papadahandi Block" vide Bid Identification No. ITDANBG-06/18-19 bearing Notice No. 2442, dated 08.03.2019 is hereby cancelled due to the declaration of model code of conduct to the General Election-2019.

*Sd./-*
*P.A., ITDA, Nabarangpur*

**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No. 24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710, Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for procurement of machineries and equipments and procurement of 10 KVA online UPS with batteries, last date for receipt of e-tenders are **11.04.2019** & **12.04.2019** respectively. Details available in e-tender portal and NIFT website **https://niftetenders.eproc.in/http://www.nift.ac.in**

*Director*

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଢେଙ୍କାନାଳ**

**ପତ୍ର ସଂଖ୍ୟା: ୪୯୯** **ତା୨୦।୦୩।୨୦୧୯**

**କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ୨୦୧୯-୨୦୨୦ ଶିକ୍ଷା ବର୍ଷ ପାଇଁ ନାମଲେଖା ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କୁ ଅବଗତ କରାଯାଉଅଛି ଯେ, ଢେଙ୍କାନାଳ ଜିଲ୍ଲାରେ ଥିବା ଏକ ମାତ୍ର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଡଙ୍ଗାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଙ୍କଡ଼ାହାଡ଼ ବ୍ଲକରେ ତଫସିଲଭୁକ୍ତ ଜାତି/ଜନଜାତି/ ସଂଖ୍ୟାଲଘୁ ସମ୍ପ୍ରଦାୟ/ପଛୁଆବର୍ଗ/ ସାଧାରଣ ବର୍ଗର ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବାଳିକା ଏବଂ ସାମାଜିକ- ସାଂସ୍କୃତିକ/ ଅର୍ଥନୈତିକ/ଭୌଗୋଳିକ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ସକାଶେ ଅଧାରୁ ପାଠ ଛାଡ଼ିଥିବା ବାଳିକା, ଦୀର୍ଘଦିନ ଧରି ସ୍କୁଲରେ ଅନୁପସ୍ଥିତ ଥିବା ବାଳିକା, ସ୍କୁଲରେ ମୂଳରୁ ନାମ ଲେଖାଇ ନଥିବା ୧୦ ବର୍ଷ ବୟସରୁ ଅଧିକ ଥିବା ବାଳିକାମାନଙ୍କ ପାଇଁ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଉପରୋକ୍ତ ଶ୍ରେଣୀ ଅନ୍ତର୍ଭୁକ୍ତ, ଭିନ୍ନକ୍ଷମ, ଅନାଥ, ପିତାମାତା ନଥିବା ବାଳିକା, ଶିଶୁ ଚାଲାଣ (ବାଳିକା)/ଦାଦନ ଖଟିବାକୁ ଯାଉଥିବା ପିତାମାତାଙ୍କ ଝିଅ/ଶିଶୁ ଶ୍ରମିକ (ବାଳିକା)/ ଜରିଗୋଟାଳି/ ଚାଲାଣ ମହିଳାଙ୍କ କିଶୋରୀ କନ୍ୟାଙ୍କ ନାମ ଲେଖାଇବାର ସୁଯୋଗ ରହିଛି। ଏତଦ୍‌ବ୍ୟତୀତ ଏହି ବାଳିକାମାନେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରୁ ଅଧାରୁ ପାଠ ଛାଡ଼ିଥିବା ଆବଶ୍ୟକ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠ ଏବଂ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନ ସଂଖ୍ୟା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ଚୂଡ଼ାନ୍ତ ନାମଲେଖା ତାଲିକା ପ୍ରସ୍ତୁତ କରି ନାମଲେଖା ପାଇଁ ତାରିଖ ନିର୍ଦ୍ଧାରଣ କରିବେ ଏବଂ ଏହି କାର୍ଯ୍ୟକ୍ରମ ତା୧୦।୦୪।୨୦୧୯ରିଖ ସୁଦ୍ଧା ଶେଷ ହେବାର ରହିଛି। ଏଥିନିମନ୍ତେ କୌଣସି ମେଧାଭିତ୍ତିକ ପରୀକ୍ଷା କରାଯିବ ନାହିଁ। ଏହି ଆବାସିକ ବିଦ୍ୟାଳୟରେ ମାଗଣା ରହିବା, ଖାଇବା ଓ ପଢ଼ିବାର ସମସ୍ତ ସୁବିଧା ସୁଯୋଗ ରହିଛି। ଉକ୍ତ ବିଦ୍ୟାଳୟରେ ନାମଲେଖା ନିମନ୍ତେ କୌଣସି ଦେୟ ନିଆଯିବ ନାହିଁ। ତେଣୁ ଆପଣମାନଙ୍କୁ ଏହି ବିଜ୍ଞାପନ (Advertisement) ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ଯଦି ଏହି ପ୍ରକାରର କୌଣସି ବାଳିକା ଆପଣଙ୍କ ଗୋଚରରେ ଅଛନ୍ତି, ଆପଣ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଢେଙ୍କାନାଳ ସହ ଯୋଗାଯୋଗ କରି ଏହି ସୁବିଧା ଓ ସୁଯୋଗ ନିଅନ୍ତୁ। ଏହି ମହତ ସାମାଜିକ କାର୍ଯ୍ୟରେ ଯୋଗଦାନ କରି ଅନଗ୍ରସର ବାଳିକାମାନଙ୍କୁ ପାଠ ପଢ଼ାଇବାର ସୁଯୋଗ ସୃଷ୍ଟି କରିବାରେ ନିଜକୁ ସାମିଲ କରାନ୍ତୁ। ଅଧିକ ସୂଚନା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।

**ଯୋଗାଯୋଗ କରିବାର ଠିକଣା**

| କ୍ର. ସଂ. | ଠିକଣା | ଯୋଗାଯୋଗ ବ୍ୟକ୍ତିଙ୍କ ନାମ | ପଦବୀ | ଫୋନ ନମ୍ବର | ନବମ ଶ୍ରେଣୀରେ ନାମ ଲେଖା ପାଇଁ ଖାଲିଥିବା ସ୍ଥାନ | ଷଷ୍ଠ ଶ୍ରେଣୀରେ ନାମ ଲେଖା ପାଇଁ ଖାଲିଥିବା ସ୍ଥାନ |
|---|---|---|---|---|---|---|
| ୧ | ଡଙ୍ଗାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଙ୍କଡାହାଡ | ଅଞ୍ଜଳି ପଣ୍ଡା | ପ୍ରଧାନ ଶିକ୍ଷକ | ୯୧୭୮୭୩୩୫୨୫ | ୦୮ | ୪୨ |

**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ଢେଙ୍କାନାଳ**

**OHPC PENSION FUND TRUST**
OHPC Corporate Office, Janpath, Bhoinagar, Bhubaneswar-751 022
Phone: 0674-2541052 / 2542826- Fax: 0674-2542102,
E-mail:ohpcpensionfund@gmail.com
ISO 9001, 14001 & OHSAS 18001

**NOTICE FOR PENSIONERS**

**No.OHPC Trust/Pen-I/1/2015 (Vol.II)/534 Dated, BBSR the 19.03.2019**

**INTRODUCTION OF "DIGITAL LIFE CERTIFICATE" (DLC) UNDER "JEEVAN PRAMAN" PORTAL OF GOVERNMENT FOR ALL PENSIONERS OF OHPC COVERED UNDER OHPC PENSION SCHEME**

OHPC Pension Fund Trust has been included as Pension Disbursing Authority under the Jeevan Praman Portal of Government for issue of Digital Life Certificate.

The Pensioners who have Aadhar Number and mobile number but do not have biometric device facility, can visit any nearest Centre like Citizen Service Centers (CSCs), Banks designated for generating the DLCs.

All pensioners under OHPC Pension Scheme are required to submit copy of their Aadhar card along with Mobile Number to OHPC Pension Fund Trust either in hardcopy or through mail for availing the facility of DLC. On receipt of the Aadhar, the name of the pensioner will be uploaded in the portal to facilitate the pensioner to get the DLC. The detail procedure for the DLC is notified vide notification no **387** dtd **26.09.2019** of the OHPC Pension Trust which is also available in the website of OHPC Limited **(www.ohpcltd.com)** under Retirement Benefit Scheme.

For any clarification contact :-
**Sri P.P.SAHU, Sr. G.M (FINANCE) & Secretary-7328840007,**
**Sri N.Jena, AGM (FINANCE) -7328840054**

**Sr.G.M (FINANCE) & SECRETARY**
**OHPC PENSION TRUST**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲ୍‌ଡିଂ**
**ପଣ୍ଡିତ୍ ଜବାହର୍‌ଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**
**ପତ୍ର ସଂଖ୍ୟା: ୭୯୭୦/ଭୁ.ଉ.କ., ଭୁବନେଶ୍ୱର ତା୧୩।୦୩।୨୦୧୯ରିଖ**
**LUH - 121/02**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଲୁମ୍ବିନି ବିହାର ହାଉସିଂ ସ୍କିମ୍ ଚନ୍ଦ୍ରଶେଖରପୁର ଗୃହ ନଂ HIG 137କୁ ଶ୍ରୀ ଶତ୍ରୁଘନ ରାଉତ, ପିତା ସ୍ୱର୍ଗତ ବିଶ୍ୱନାଥ ରାଉତ, ଗ୍ରାମ-୧୦୧, ହାଇଟାଉନ୍ ଗାର୍ଡେନସ୍, ପୋ- ରିଙ୍ଗଉଡ୍, ଥାନା-ହମ୍ପସାୟାର, ଇଂଲଣ୍ଡ, ୟୁ.କେଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଶତ୍ରୁଘନ ରାଉତ, ତା.୨୮।୦୯।୨୦୧୭ରିଖରେ ମୃତ୍ୟୁ ବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ଭାଇ ଶ୍ରୀ ଦୁଶାସନ ରାଉତ ବର୍ତ୍ତମାନ ଉକ୍ତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**



❝ ବୋଲରଙ୍କ ଅପେକ୍ଷା ମହେନ୍ଦ୍ର ସିଂ ଧୋନୀ ମ୍ୟାଚ୍ ସ୍ଥିତିକୁ ଅଧିକ ଭଲ ଭାବେ ବୁଝିଥାନ୍ତି। ସେ ସର୍ବଦା ବୋଲରଙ୍କୁ ଗାଇଡ୍ କରିଥାନ୍ତି ।

– କୁଳଦୀପ ଯାଦବ, ଭାରତୀୟ ସ୍ପିନର



❝ ଆଘାତ କୌଣସି ସମୟରେ ବି ଲାଗିପାରେ। ଯିଏ ଆଘାତ ଖେଳାଳିଙ୍କ ସ୍ଥାନରେ ଆସିଥାଏ ସେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥାଏ। ରିଷଭ ପନ୍ତ ଏହା କରିଛନ୍ତି।

– ରିଦ୍ଧିମାନ ଶାହ, ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଟୋକିଓ ଅଲିମ୍ପିକ୍ସ ମଶାଲ ଉନ୍ମୋଚିତ

ଟୋକିଓ,୨୦।୩ (ପି.ଟି.): ଟୋକିଓରେ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସର ମଶାଲ ବୁଧବାର ଉନ୍ମୋଚନ କରାଯାଇଛି। ଚେରୀ ବ୍ଲୋଜୁମ ଆକାରରେ ନିର୍ମିତ ହୋଇଥିବା ଏହି ମଶାଲ ବେଶ୍ ଆକର୍ଷଣୀୟ ହୋଇଛି। ମଶାଲର ଉପରି ଭାଗ ପାରମ୍ପରିକ ଚେରୀ ବ୍ଲୋଜୁମ ଆକାରର ହୋଇଛି। ଜାପାନର ବୁଲେଟ ଟ୍ରେନ୍‌ରେ ଯେଉଁ ଟେକ୍ନିକର ବ୍ୟବହାର ହୋଇଛି ଠିକ ସେହି ବୈଷୟିକ ପଦ୍ଧତିରେ ଏହି ମଶାଲକୁ ମଧ ତିଆରି କରାଯାଇଛି ବୋଲି କୁହାଯାଇଛି। ସୁନା ରଙ୍ଗର ଏହି ମଶାଲର ଲମ୍ବ ୭୧ ସେଣ୍ଟିମିଟର (୨୮ ଇଞ୍ଚ) ଓ ଓଜନ ୧.୨ କିଲୋଗ୍ରାମ । ଏହି ମଶାଲକୁ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଯୋକୁଜିନ୍ ୟୋଶିଓକୋ ଡିଜାଇନ୍ କରିଛନ୍ତି। ୨୦୧୧ ଭୂମିକମ୍ପ ଓ ସୁନାମି ପିଡିତଙ୍କ ପାଇଁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ଘର ନିର୍ମାଣରେ ବଳିପଡିଥିବା ଆଲୁମିନିୟମରୁ ଏହି ମଶାଲ ନିର୍ମାଣ କରାଯାଇଛି ବୋଲି ୟୋଶିଓକୋ କହିଛନ୍ତି। ଜାପାନର ଫୁକୁଶିମାରୁ ଅଲିମ୍ପିକ୍ସ ମଶାଲ ରାଲି ଆରମ୍ଭ ହେବ। ୨୦୨୦ ମାର୍ଚ୍ଚ ୨୬ ତାରିଖରୁ ଅଲିମ୍ପିକ୍ସ ଜ୍ୟୋତି ପ୍ରଜ୍ୱଳନ ହେବ।

### ଓସିଏ ଷ୍ଟାଣ୍ଡିଂ କମିଟିରେ ସର୍ଦ୍ଦାର ସିଂ

ନୂଆଦିଲ୍ଲୀ, ୨୦।୩(ପି.ଟି.)- ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ ଅଲିମ୍ପିକ କାଉନସିଲ ଅଫ୍ ଏସିଆ (ଓସିଏ)ର ଷ୍ଟାଣ୍ଡିଂ କମିଟିରେ ସ୍ଥାନ ପାଇଛନ୍ତି। ଚଳିତ ମାସ ପ୍ରାରମ୍ଭରେ ବ୍ୟାଙ୍କକରେ ଅନୁଷ୍ଠିତ ଓସିଏର ୩୮ତମ ସାଧାରଣ ସଭାରେ ଏହି ନିଷ୍ପତ୍ତି ନିଆଯାଇଥିଲା। ସର୍ଦ୍ଦାର ୧୦ ଜଣିଆ ସଦସ୍ୟ ବିଶିଷ୍ଟ ପ୍ୟାନେଲରେ ସ୍ଥାନ ପାଇଛନ୍ତି। ଏଥିରେ ସର୍ଦ୍ଦାରଙ୍କ କାର୍ଯ୍ୟକାଳ ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ରହିବ। ଏହି ଅବସରରେ ଓସିଏ ସଭାପତି ଶେଖ୍ ଅହମ୍ମଦ ଅଲ୍-ଫାହଦ ଅଲ୍-ଶାବହ ଷ୍ଟାଣ୍ଡିଂ କମିଟିର ସମସ୍ତ ସଦସ୍ୟଙ୍କୁ ଶୁଭ କାମନା ଜଣାଇଛନ୍ତି।

### ସ୍କୁଲ ଓପନ ଚେସ୍ ୨୪ରେ

ଭୁବନେଶ୍ୱର, ୨୦।୩(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ ୩ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଚଳିତମାସ ୨୪ ତାରିଖରେ ଅନୁଷ୍ଠିତ ହେବ। ପ୍ରଦର୍ଶନ ଭିତ୍ତିରେ ଶ୍ରେଷ୍ଠ ୧୫ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି’ ୨୭୦ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିପାରିବେ। ବରମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଭାଂଶୁ ଦାସ ଗତଥର ଚାମ୍ପିୟନ ହୋଇଥିଲେ। ଏଥରର ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ହେବ।

# ବାଂଲାଦେଶକୁ ହରାଇ ଭାରତ ଫାଇନାଲରେ

**ସାଫ୍ ମହିଳା ଫୁଟବଲ**

ବିରାଟନଗର, ୨୦।୩(ପି.ଟି.)



ସେମିଫାଇନାଲରେ ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ମହିଳା ଫୁଟବଲ ଦଳ।

ଚାରି ଥର ଚାମ୍ପିୟନ ଭାରତୀୟ ମହିଳା ଫୁଟବଲ ଦଳ ଚମତ୍କାର ପ୍ରଦର୍ଶନ ଜାରି ରଖି ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ(ସାଫ୍) ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ନେପାଳର ବିରାଟ ନଗରସ୍ଥିତ ସହିଦ ରଙ୍ଗଶାଳା ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ୪–୦ ଗୋଲରେ ବାଂଲାଦେଶକୁ ହରାଇ ଟାଇଟଲ ମୁକାବିଲାରେ ପହଞ୍ଚିଛି। ଭାରତ କ୍ରମାଗତ ୫ମ ଥରପାଇଁ ଏହି ପ୍ରତିଯୋଗିତାର ଫାଇନାଲରେ ପହଞ୍ଚିଛି। ଭାରତ ଓ ଆୟୋଜକ ନେପାଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ।

ଭାରତ ପକ୍ଷରୁ ଡାଲିମା ଚିବର ଗୋଲ ସ୍କୋରିଂ ଆରମ୍ଭ କରିଥିଲେ। ଏହାପରେ ଇନ୍ଦୁମତି କାଥିରେସାନ ୨ଟି ଏବଂ ଇଞ୍ଜୁରି ଟାଇମ୍‌ରେ ମନୀଷା ଗୋଲ ଦେଇ ଭାରତର ବିଜୟ ବ୍ୟବଧାନକୁ ବଢ଼ାଇ ଦେଇଥିଲେ। ୩ଟି ମ୍ୟାଚରେ ଭାରତ ମୋଟ ୧୫ ଗୋଲ ଦେବାରେ ସକ୍ଷମ ହୋଇଛି। ମ୍ୟାଚ ଆରମ୍ଭରେ ଉଭୟ ଦଳ ଫାଷ୍ଟ ଗେମ୍‌ର ନମୁନା ପ୍ରଦର୍ଶନ କରିଥିଲେ। ବାଂଲାଦେଶ ଖେଳାଳିମାନେ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଭାରତୀୟ ଡିଫେନ୍ସ ବିଭାଗ ଉପରେ ଚାପ ପକାଇଥିଲେ। ମାତ୍ର ମ୍ୟାଚର ୧୮ତମ ମିନିଟରେ ଆସିଥିଲା ଅସଲ ଉଷ୍ମତା। ଭାରତୀୟ ରାଇଟ୍ ବ୍ୟାକ୍ ଡାଲିମା ଚିବର ବାଂଲାଦେଶ ବକ୍ସ ଏରିଆରେ ପ୍ରସ୍ତୁତ ଥିବାବେଳେ ବାମ ପଟରୁ ବଢ଼ିଆ ପାସ୍ ଦେଇଥିଲେ ସଞ୍ଜୁ। ଡାଲିମା ବଲ୍‌କୁ ବାଂଲାଦେଶ ଗୋଲପୋଷ୍ଟ ମଧ୍ୟରେ ପ୍ରବେଶ କରାଇ ଭାରତକୁ ଅଗ୍ରଣୀ ଦେଇଥିଲେ। ଏହାପରେ ଉଭୟ ଦଳ ଅନେକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଗୋଟିଏ ସମୟରେ ବାଂଲାଦେଶ ସେଣ୍ଟର ବ୍ୟାକ୍ ମୋସାମ୍ମାତ ଖାତୁନ ବଲ୍ ନେଇ ଭାରତୀୟ ଗୋଲପୋଷ୍ଟର ନିକଟତର ହୋଇଥିବାବେଳେ ୱାନ-ଅନ୍-ୱାନ ପରିସ୍ଥିତିରେ ଡିଫେଣ୍ଡର ସଞ୍ଜୁ ଚମତ୍କାରଭାବେ ତାଙ୍କୁ ରୋକିବାରେ ସକ୍ଷମ ହୋଇଥିଲେ ଏବଂ ବଲ୍‌କୁ କ୍ଲିୟର କରି ଦେଇଥିଲେ। ୨୩ତମ ମିନିଟରେ ସଞ୍ଜୁଙ୍କ ରିଭର୍ସ ଥ୍ରୋ-ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ଇନ୍ଦୁମତୀ ଭାରତ ପକ୍ଷରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ଗୋଲ ପରିଶୋଧ ପାଇଁ ବାଂଲାଦେଶ ପକ୍ଷରୁ ଜୋରଦାର ଉଦ୍ୟମ ହୋଇଥିଲେ ହେଁ ଭାରତୀୟ ଗୋଲକିପର ଆଦିତି ଚୌହାନ ତାହାକୁ ସଫଳ ହେବାକୁ ଦେଇ ନ ଥିଲେ।

ପ୍ରଥମ ୨ ମ୍ୟାଚରେ ୧୧ ଗୋଲ କରି ସାରିଥିବା ଭାରତ ୩୭ତମ ମିନିଟରେ ଇନ୍ଦୁମତିଙ୍କ ମାଧ୍ୟମରେ ମ୍ୟାଚର ୩ୟ ଗୋଲଟି ସ୍କୋର କରିଥିଲା। ଏଥର ଇନ୍ଦୁମତୀଙ୍କୁ ଗୋଲ ପାଇଁ ସଞ୍ଜୁ ଓ ସନ୍ଧ୍ୟା ସହାୟତା କରିଥିଲେ। ୩ ଗୋଲ ହେବାଦ୍ୱାରା ସ୍ୱାଭାବିକଭାବେ ବାଂଲାଦେଶ ଚାପକୁ ଆସି ଯାଇଥିଲା। ଫଳରେ ଅବଶିଷ୍ଟ ସମୟରେ ବଲ୍ ଭାରତୀୟ ଖେଳାଳିଙ୍କ ନିୟନ୍ତ୍ରଣରେ ରହିଥିଲା। କୋଚ୍ ମେମୋଲ ରକି ମ୍ୟାଚର ଅନ୍ତିମ ପର୍ଯ୍ୟାୟରେ ରତ୍ନବାଳା ଦେବୀ ଓ ଡାଙ୍ଗମେଇ ଗ୍ରେସ୍‌ଙ୍କ ସ୍ଥାନରେ ଅଞ୍ଜୁ ତମାଙ୍ଗ ଓ ମନୀଷାଙ୍କୁ ସୁଯୋଗ ଦେଇଥିଲେ। ଏହି ଦୁଇ ଖେଳାଳି ପଡ଼ିଆରେ ପ୍ରବେଶ କରିବାମାତ୍ରେ ପ୍ରଭାବୀ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ଇଞ୍ଜୁରି ଟାଇମ୍‌ରେ ମନୀଷା ପ୍ରତିପକ୍ଷ ବକ୍ସ ଏରିଆରେ ଗୋଲକିପରଙ୍କୁ ଚକ୍‌ମା ଦେଇ ଚଳିତ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏଥିସହ ଭାରତର ଅଗ୍ରଣୀ ବ୍ୟବଧାନ ୪–୦ ପହଞ୍ଚି ଯାଇଥିଲା। ପୂରା ମ୍ୟାଚରେ ଖେଳିଥିବା ଓଡ଼ିଶାର ଜବାମଣି ଟୁଡୁଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା।

### ପଡ଼ିଆରେ ମୃତ୍ୟୁବରଣ କଲେ ଯୁବ କ୍ରିକେଟର

କୋଲକାତା,୨୦।୩ (ପି.ଟି.)

ସ୍ଥାନୀୟ ବାଟା କ୍ଲବ୍ ଗ୍ରାଉଣ୍ଡରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ପଡିଆରେ ହିଁ ଜଣେ ଯୁବ କ୍ରିକେଟରଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ବୁଧବାର ଏହି ଗ୍ରାଉଣ୍ଡରେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲର ସେକେଣ୍ଡ ଡିଭିଜନ ଲିଗ୍‌ର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଅବସରରେ ବାଲିଗଞ୍ଜ ସ୍ପୋର୍ଟିଂ କ୍ଲବ୍‌ର ୨୨ ବର୍ଷୀୟ ଖେଳାଳି ସୋନୁ ଯାଦବ ମୃତ୍ୟୁବରଣ କରିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ ସୋନୁ ବ୍ୟାଟିଂ ସାରି ଟେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିବା ପରେ ହଠାତ୍ ଟଳି ପଡିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ନିଆଯାଇଥିଲା। ତେବେ ତାଙ୍କୁ ମୃତ ବୋଲି ଘୋଷଣା କରାଯାଇଥିଲା। କିଛି ବର୍ଷ ତଳେ ମଧ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଜଣେ ଜୁନିୟର ବେଙ୍ଗଲ ଖେଳାଳି ଅନିକେତ ଶର୍ମା ପାଇକପଡା ଗ୍ରାଉଣ୍ଡରେ ଖେଳୁଥିବା ବେଳେ ହଠାତ୍ ଟଳି ପଡି ପ୍ରାଣ ହରାଇଥିଲେ। ସୋନୁଙ୍କ ମୃତ୍ୟୁରେ ବାଲିଗଞ୍ଜ୍ ସ୍ପୋର୍ଟ୍ସ କ୍ଲବ ଅଧିକାରୀ ଶ୍ୟାମଳ ବାନାର୍ଜୀ ଦୁଃଖ ପ୍ରକାଶ କରିଛନ୍ତି। ସେ ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟର ଥିଲେ ଓ ସେ ଆଉ ନାହାନ୍ତି ବିଶ୍ୱାସ କରିହେଉ ନାହିଁ ବୋଲି ବାନାର୍ଜୀ କହିଛନ୍ତି। ତାଙ୍କ ଆତ୍ମାର ସଦ୍‌ଗତି ହେଉ ଓ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ବାନାର୍ଜୀ କହିଛନ୍ତି।

**ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍**

## ଭାରତୀୟ ଦଳରେ ଦୂତୀ, ପୂର୍ଣ୍ଣିମା

ଭୁବନେଶ୍ୱର, ୨୦।୩(କ୍ରୀଡ଼ା ପ୍ରତିନିଧି)



ଦୂତୀ ଚାନ୍ଦ



ପୂର୍ଣ୍ଣିମା ହେମ୍ବ୍ରମ୍

ଦୋହାଠାରେ ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଘୋଷିତ ୪୦ ଜଣିଆ ଆଥଲେଟ୍ ଦଳ ତାଲିକାରେ ଓଡ଼ିଶାର ଦୂତୀ ଚାନ୍ଦ ଓ ପୂର୍ଣ୍ଣିମା ହେମ୍ବ୍ରମ ସ୍ଥାନ ପାଇଛନ୍ତି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ଇଭେଣ୍ଟରେ ଭାରତର ସ୍ପ୍ରିଣ୍ଟ କୁଇନ୍ ଦୂତୀ ଭାଗନେବେ। ସେହିପରି ମହିଳା ହେପ୍‌ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ ଭାଗ୍ୟ ପରୀକ୍ଷା କରିବେ।

ନୂଆଦିଲ୍ଲୀରେ ଫେବୃୟାରୀ ୨୭ରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ଦୂତୀ ୨୩.୩୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିସହ ଦୂତୀ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ପ୍ରତିଯୋଗିତା ପାଇଁ ମହିଳା ୨୦୦ ମିଟରରେ ଯୋଗ୍ୟତା ଟାଇମିଂ ୨୩.୩୦ ରହିଥିଲା। ଦୂତୀ ତାହା ସ୍ପର୍ଶ କରିପାରିଥିବାରୁ ଦୋହା ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏସିଆନ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ରିଲେ ଦଳ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଦୂତୀ ଭାରତର ଦ୍ରୁତତମ ଧାବିକା ହୋଇଥିବାରୁ ଏହି ଇଭେଣ୍ଟରେ ମଧ ଭାଗ ନେବା ସମ୍ଭାବନା ରହିଛି। ଦୂତୀ ୧୦୦ ମିଟର ପାଇଁ ସିଧା ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି। ମାତ୍ର ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ଥିର ପ୍ରଦର୍ଶନ ଦେଇଥିବାରୁ ଆଗାମୀ ପ୍ରତିଯୋଗିତାରେ ସେ ୧୦୦ ମିଟରରେ ମଧ ଭାରତରୁ ପ୍ରତିନିଧିତ୍ୱ କରିବା ସମ୍ଭାବନା ରହିଛି ବୋଲି ସମ୍ପ୍ରତି ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିଥିବା ଦୂତୀ ପ୍ରକାଶ କରିଛନ୍ତି। ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପୂର୍ଣ୍ଣିମା ସିଜନ ଶ୍ରେଷ୍ଠ ୫୫୯୭ ପଏଣ୍ଟ ହାସଲ କରିଥିଲେ ହେଁ ଏସିଆନ ଯୋଗ୍ୟତା ପାଇ ନ ଥିଲେ। ତେବେ ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଏହି ଓଡ଼ିଆ ଯୁବତୀଙ୍କ ଉପରେ ଆସ୍ଥା ରଖା ଯାଇ ଦଳରେ ସାମିଲ କରାଯାଇଛି।

## ଏୟାର ଇଣ୍ଡିଆ, କାନାରା ବ୍ୟାଙ୍କ ବିଜୟୀ

ବନ୍ତ, ୨୦।୩ (ଡି.ଏନ.ଏ./ସ୍ୱ.ପ୍ର.)



କାନାରା ବ୍ୟାଙ୍କର ରାଜୁ ଭଟ୍ଟକଲ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ୭ମ ଦିନର ପ୍ରଥମ ମ୍ୟାଚ୍ ପୁଲ୍-ସି’ର ଦିଲ୍ଲୀ ଏୟାର ଇଣ୍ଡିଆ ବନାମ ବାଙ୍ଗାଲୋର ବିଜୟା ବ୍ୟାଙ୍କ ଏବଂ ୨ୟ ମ୍ୟାଚ୍ ପୁଲ୍-ଡି’ର ବାଙ୍ଗାଲୋର କାନାରା ବ୍ୟାଙ୍କ ବନାମ ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟା ବ୍ୟାଙ୍କକୁ ୭ ଉଇକେଟରେ ହରାଇ ଏୟାର ଇଣ୍ଡିଆ ବିଜୟୀ ହୋଇଥିବା ବେଳେ ୨ୟ ମ୍ୟାଚ୍‌ରେ ବିହାରକୁ ୮ ଉଇକେଟରେ ହରାଇ କାନାରା ବ୍ୟାଙ୍କ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚ୍‌ରେ ବିଜୟା ବ୍ୟାଙ୍କ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଏସ୍. ହୋଭରଙ୍କ ୬୦ ଓ ସି.ଏମ୍. ଗୌତମଙ୍କ ୫୦ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ରୋହନ ସେଠୀ ୩ ଓ ପ୍ରିନ୍ସ ୨ ଉଇକେଟ ଅକ୍ତିଆର କରିଥିଲେ। ଏୟାର ଇଣ୍ଡିଆ ୧୪ ଓଭରରେ ହିମାଂଶୁ ରାଣାଙ୍କ ୯୧ ଓ ରୋହନ ମାରୱାଙ୍କ ୨୭ ରନ୍ ସହାୟତାରେ ୩ ଉଇକେଟ ହରାଇ ୧୮୧ ରନ୍ କରି ବିଜୟୀ ହୋଇଥିଲା। ପ୍ରତିପକ୍ଷ ବୋଲର ରଘୁବେନ୍ଦ୍ର ୨ ଓ ଅର୍ଜୁନ ସେଠୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏୟାର ଇଣ୍ଡିଆର ହିମାଂଶୁ ରାଣାଙ୍କୁ ଦାସ ହୋଣ୍ଡା ପ୍ରଦତ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାରକୁ ଅତିଥି ଅଭିମନ୍ୟୁ ଲେଙ୍କା ଓ ବୁବୁ ପଟ୍ଟନାୟକ ପ୍ରଦାନ କରିଥିଲେ। ସେହିପରି ୨ୟ ମ୍ୟାଚ୍‌ରେ କାନାରା ବ୍ୟାଙ୍କ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ବିହାର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଅମରେନ୍ଦ୍ର ତିୱାରୀଙ୍କ ୨୮ ଓ ପ୍ରକାଶଙ୍କ ୨୭ ରନ୍ ସହାୟତାରେ ୭ ଉଇକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବୋଲର ରାଜୁ ଭଟ୍ଟକଲ୍ ୩ ଓ ମହମ୍ମଦ ସୈଫ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। କାନାରା ବ୍ୟାଙ୍କ ୧୫.୧ ଓଭରରେ ରାଜୁ ଭଟକଲ୍‌ଙ୍କ ୪୪ ବଲରୁ ୮୨ ଓ ମିଲିନ୍ଦ୍ ରମେଶଙ୍କ ୫୩ ରନ୍ ସହାୟତାରେ ୨ ଉଇକେଟ ହରାଇ ୧୪୫ ରନ୍ କରି ବିଜୟୀ ହୋଇଥିଲା। ପ୍ରତିପକ୍ଷ ବୋଲର ରାହୁଲ ଚୌଧୁରୀ ଓ ଆଶିଷ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡର ପ୍ରଦର୍ଶନ ପାଇଁ କାନାରା ବ୍ୟାଙ୍କର ରାଜୁ ଭଟକଲ୍‌ଙ୍କୁ ଜ୍ୟୋତି ମୋଟର୍ସ ପ୍ରଦତ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାରକୁ ଅତିଥି ଅଭିମନ୍ୟୁ ଲେଙ୍କା, ସୁବାସ ଜେନା ଓ ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ପ୍ରଦାନ କରିଥିଲେ। ଉଭୟ ମ୍ୟାଚ୍‌କୁ ଓସିଏ ଅମ୍ପାୟର ଲଲାଟ କେଶରୀ ନନ୍ଦ, ତପନ ମିଶ୍ର ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, କହ୍ନେୟା ଲାଲ, ସୁଧାଂଶୁ ନାୟକ, ସଞ୍ଜୟ କୁମାର ମଜୁମଦାର, ଅପୂର୍ବ ଚାନ୍ଦ ଏବଂ ସ୍କୋରର ଭାବେ ଶାନ୍ତନୁ ନାୟକ, ଶଙ୍କର୍ଷଣ ଧଳ, ବାପୁନ ଜେନା, ମିଥୁନ ସ୍ୱାଇଁ, ମାନସ ନାୟକ ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ମୁମ୍ବାଇ ଇଣ୍ଡିଆନ ନାଭି ବନାମ ଦିଲ୍ଲୀ ଏୟାର ଇଣ୍ଡିଆ ଏବଂ ୨ୟ ମ୍ୟାଚ୍ ବାଙ୍ଗାଲୋର କାନାରା ବ୍ୟାଙ୍କ ବନାମ ଦିଲ୍ଲୀ ଏୟାରଫୋର୍ସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କୁମାର କର ଜଣାଇଛନ୍ତି।

# ପାରାମାଉଣ୍ଟକୁ ହ୍ୟାଟ୍ରିକ ଟାଇଟଲ

ଭୁବନେଶ୍ୱର, ୨୦।୩(କ୍ରୀଡ଼ା ପ୍ରତିନିଧି)

ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ପାରାମାଉଣ୍ଟ ୧୮୬ ରନର ବୃହତ୍ ବ୍ୟବଧାନରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଟାଇଟଲ ବଜାୟ ରଖିଛି। ଏଥିସହ କ୍ରମାଗତ ୩ୟ ଥରପାଇଁ ଚାମ୍ପିୟନ ହୋଇ ପାରାମାଉଣ୍ଟ ହ୍ୟାଟ୍ରିକ ଅର୍ଜନ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୪ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅଂଶୁମାନ ସାହୁ ସର୍ବାଧିକ ୭୪, ଉଇକେଟ କିପର ବିଦ୍ୟାଧର ବେହେରା ୫୮ ଓ ସୁଦର୍ଶନ ସ୍ୱାଇଁ ୪୪ ରନ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଶୁଭମ୍ ନାୟକ, ଆୟୁଷ ସାମନ୍ତରାୟ, ସୌଭାଗ୍ୟ ଶଙ୍କର ବେହେରା ଓ ଆୟୁଷ ସୁତାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଗତି ୫୮ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କୌଣସି ବ୍ୟାଟ୍ସମ୍ୟାନ ଆଖିଦୃଶିଆ ସ୍କୋର କରିପାରି ନ ଥିବାବେଳେ ଚାମ୍ପିୟନ ପାରାମାଉଣ୍ଟ ପକ୍ଷରୁ ବିରାଜକାନ୍ତ ବେହେରା ୪, ବିଭୁଦତ୍ତ ଦାସ ୩ ଏବଂ ପ୍ରତ୍ୟୁଷ ପ୍ରକାଶ ସାହୁ ୨ଟି ଉଇକେଟ ନେଇଥିଲେ।

ଅଂଶୁମାନ ସାହୁ ମ୍ୟାନ ଅଫ ଦି ଫାଇନାଲ, ସ୍ୱୟଂ ସାର୍ଥକ ରାଉତରାୟ ଶ୍ରେଷ୍ଠ ବୋଲର, ସୁଦର୍ଶନ ସ୍ୱାଇଁ ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୌମ୍ୟରଞ୍ଜନ ମହାରଣା ଶ୍ରେଷ୍ଠ ଫିଲ୍ଡର, ବିଦ୍ୟାଧର ବେହେରା ଶ୍ରେଷ୍ଠ ଉଇକେଟ କିପର ଭାବେ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ପାରାମାଉଣ୍ଟ ଦଳକୁ ଅରବିନ୍ଦ ମେମୋରିଆଲ ଟ୍ରଫି ସହିତ ୨୦,୦୦୦ଟଙ୍କା ଏବଂ ରନର୍ସଅପ୍ ପ୍ରଗତି ସ୍ପୋର୍ଟିଂକୁ ବିମଳ ପ୍ରସାଦ ପଟ୍ଟନାୟକ ମେମୋରିଆଲ ଟ୍ରଫି ସହ ୧୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଅମ୍ପାୟର ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ସୁଶାନ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ମଲ୍ଲ ସ୍କୋରର ଏବଂ ଶରତ ସାହୁ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ପୂର୍ବତନ ଡେପୁଟି ମେୟର କେ.ଶାନ୍ତି, ଓଡ଼ିଶା ଖଣି ନିଗମର ନିର୍ଦ୍ଦେଶକ ଶାନ୍ତନୁ ରଥ ଓ ଭୁବନେଶ୍ୱର ବିଡିଓ ଶାନ୍ତନୁ ମହାନ୍ତି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଚାମ୍ପିୟନ ପାରାମାଉଣ୍ଟ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

## ରାଇଜିଂ ଷ୍ଟୁଡେଣ୍ଟ୍ସ ସେମିଫାଇନାଲରେ

ଭୁବନେଶ୍ୱର, ୨୦।୩(କ୍ରୀଡ଼ା ପ୍ରତିନିଧି)




ଏମ୍. ପ୍ରଶାନ୍ତ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ବିଏମ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ୍ସ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ୩୩.୪ ଓଭରରେ ୧୨୯ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୪୪ ରନ କରିଥିଲେ। ବିପକ୍ଷ ଦଳର ନୀତୀଶ ନିରଞ୍ଜନ ସାମନ୍ତରାୟ ୨୫ ରନରେ ୪ଟି ଓ ସାଇ ପ୍ରସାଦ ଆଚାର୍ଯ୍ୟ ୧୬ ରନରେ ୩ଟି ଉଇକେଟ ନେଇଥିଲେ। ୧୩୦ ରନ ବିଜୟ ଲକ୍ଷ୍ୟକୁ ରାଇଜିଂ ଷ୍ଟୁଡେଣ୍ଟ୍ସ ୨୯.୪ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଏମ. ପ୍ରଶାନ୍ତ ୪୬ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ପ୍ରଗତିର ରଘୁନାଥ ମଲ୍ଲ ୨୦ ରନରେ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ଏମ. ପ୍ରଶାନ୍ତ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାମେଶ୍ୱର ସ୍ପୋର୍ଟିଂର ସକ୍ରିୟ ସଦସ୍ୟ ତନ୍ମୟ ମହାପାତ୍ର ଓ ଶରତ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ଦାସ ଓ ପରେଶ ପଟେଲ ମ୍ୟାଚ ପରିଚାଳନା କରିଥିଲେ। ଗୁରୁବାର ଜୁଭେନାଇଲ ଓ ନିମପୁର ସ୍ପୋର୍ଟିଂ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ।



ଘରୋଇ ମାଟିରେ ଅଷ୍ଟ୍ରେଲିଆଠାରୁ ୩–୨ରେ ଦିନିକିଆ ସିରିଜ ହାରିବା ବିରାଟ କୋହଲିଙ୍କ ଦଳ ପାଇଁ ବିଶ୍ୱକପ୍ ପୂର୍ବରୁ ଏକ ଚେତାବନୀ ସଦୃଶ ।

– ରାହୁଲ ଦ୍ରାବିଡ, ପ୍ରାକ୍ତନ ଭାରତୀୟ କ୍ରିକେଟର



ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ଦ୍ୱାଦଶ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ଅନ୍ୟତମ ଶ୍ରେଷ୍ଠ ବୋଲିଂ ବାହିନୀ ।

– ଇଶାନ୍ତ ଶର୍ମା, ଦିଲ୍ଲୀ କ୍ୟାପିଟାଲ୍ସ ବୋଲର

## ସଂକ୍ଷେପରେ

### ସୁପର ଓଭରରେ ଜିତିଲା ଦକ୍ଷିଣ ଆଫ୍ରିକା

କେପ୍‌ଟାଉନ, ୨୦।୩(ଏଏଫ୍‌ପି)- ଡେଭିଡ୍ ମିଲରଙ୍କ ଉଇକେଟ ପଛରେ ଓ ଆଗରେ ଜବରଦସ୍ତ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ଏଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ର ସୁପର ଓଭରରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ସ୍ପେଶାଲିଷ୍ଟ ଉଇକେଟକିପର ନ ହେଲେ ମଧ୍ୟ ମିଲର ଏକ କ୍ୟାଚ୍ ନେବା ସହ ଚମତ୍କାର ଷ୍ଟମ୍ପିଂ କରିଥିଲେ। ଏଥିଯୋଗୁ ଶ୍ରୀଲଙ୍କା ଦଳ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଦଳ ପାଇଁ କମିଣ୍ଡୁ ମେଣ୍ଡିସ ୪୧ ଓ ଥିସାରା ପେରେରା ୧୯ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଆଣ୍ଡିଲେ ଫେଲୁକ୍‌ୱାୟୋ ୩ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮ ଉଇକେଟ ହରାଇ ସମାନ ରନ୍ କରିବାକୁ ସକ୍ଷମ ହୋଇଥିଲା। ମିଲର ସର୍ବାଧିକ ୪୧ ରନ୍ କରିଥିଲେ। ଏହାପରେ ସୁପର ଓଭରରେ ଶ୍ରୀଲଙ୍କା ଅଧିନାୟକ ଲାସିଥ ମାଲିଙ୍ଗା ବୋଲିଂ କରିଥିଲେ। ମିଲରଙ୍କ ୧୩ ରନ୍‌ର ଇନିଂସ୍ ବଳରେ ଘରୋଇ ଦଳ ୧୪ ରନ୍ କରିଥିଲା। ଶ୍ରୀଲଙ୍କା କେବଳ ୫ ରନ୍ କରିପାରିଥିଲା। କ୍ୱିଣ୍ଟନ ଡି'କକ୍‌ଙ୍କ ବ୍ୟାକଅପ୍ ଉଇକେଟକିପର ଭାବେ ପ୍ରସ୍ତୁତ ହେଉଥିବା ମିଲରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

### ଇଣ୍ଡିଆ ଓପନ୍‌ରୁ ଓହରିଲେ ସାଇନା



ନୂଆଦିଲ୍ଲୀ,୨୦।୩ (ପି.ଟି.): ଭାରତୀୟ ମହିଳା ତାରକା ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ବୁଧବାର ଇଣ୍ଡିଆ ଓପନ୍ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତାରୁ ପେଟରେ ଜ୍ୱଳନ ସମସ୍ୟା କାରଣରୁ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ସୋମବାର ୨୯ ବର୍ଷରେ ପଦାର୍ପଣ କରିଥିବା ସାଇନା ପେଟ ଯନ୍ତ୍ରଣା ସତ୍ତ୍ୱେ ଅଲ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଗତ ସପ୍ତାହରେ ସେ ମଧ୍ୟ ସୁଇସ୍ ଓପନ୍‌ରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ। ଏ ନେଇ ସାଇନା ବ୍ୟାଡମିଣ୍ଟନ ଆସୋସିଏଶନ (ବିଏଆଇ)କୁ ଅବଗତ କରାଇଛନ୍ତି। ଉଲ୍ଲେଖଥାଉ କି, ସାଇନା ୨୦୧୫ରେ ଇଣ୍ଡିଆ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଏବେ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ତଥା ପୂର୍ବତନ ଚାମ୍ପିୟନ ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଖେଳାଳିଭାବେ ଇଣ୍ଡିଆ ଓପନ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଅଂଶଗ୍ରହଣ କରିବେ।









କୋଲକାତା ନାଇଟ ରାଇଡର୍ସର ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନଙ୍କ ଅଭ୍ୟାସ। ଏକ କାର୍ଯ୍ୟକ୍ରମ ଅବସରରେ ଚେନ୍ନାଇ ସୁପରକିଙ୍ଗ୍ସ ଖେଳାଳି କେଦାର ଯାଦବ ଓ ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଂ। ରାଜସ୍ଥାନ ରୟାଲ୍ସ ଦଳରେ ଯୋଗ ଦେବାପାଇଁ ପହଞ୍ଚିଛନ୍ତି ବେନ୍ ଷ୍ଟୋକ୍ସ ଓ ଜୋସ୍ ବଟଲର।

# ବାଙ୍ଗାଲୋର ବିପକ୍ଷରେ ଚେନ୍ନାଇ ଫେଭରାଇଟ୍

ନୂଆଦିଲ୍ଲୀ, ୨୦।୩

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ମୁକାବିଲାରେ ଦୁଇ ଶକ୍ତିଶାଳୀ ଦଳ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପରସ୍ପରକୁ ଭେଟିବେ। ଭାରତୀୟ କ୍ରିକେଟ ଦଳର ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୩ଥର ଆଇପିଏଲ୍ ଚାମ୍ପିୟନ ଦଳର ନେତୃତ୍ୱ ନେଉଥିବାବେଳେ ବିରାଟ କୋହଲି ଆର୍‌ସିବିର ରହିଛନ୍ତି। ଭାରତୀୟ କ୍ରିକେଟର ଦୁଇ ଶ୍ରେଷ୍ଠ କ୍ରିକେଟର ଉଭୟ ଦଳର ଅଧିନାୟକ ରହିଥିବାରୁ ଉଦ୍‌ଘାଟନୀ ମୁକାବିଲା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ମ୍ୟାଚ୍ ପୂର୍ବରୁ ଯଦି ଆଇପିଏଲ୍‌ରେ ଉଭୟ ଦଳର ହେଡ୍ ଟୁ ହେଡ୍ ରେକର୍ଡକୁ ନଜର ପକାଯାଏ ତେବେ ଧୋନୀଙ୍କ ସୁପରକିଙ୍ଗ୍ସ ଦଳ ଫେଭରିଟ୍ ରହିବ। ଆଇପିଏଲ୍‌ର ୧୧ ସଂସ୍କରଣରେ ଉଭୟ ଚେନ୍ନାଇ ଓ ବାଙ୍ଗାଲୋର ପରସ୍ପର ବିପକ୍ଷରେ ମୋଟ୍ ୨୩ଟି ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ଚେନ୍ନାଇ ୧୫ ମ୍ୟାଚ୍‌ରେ ବାଜିମାତ୍ କରି ଆଗରେ ରହିଛି। ବାଙ୍ଗାଲୋର ୭ଟି ମ୍ୟାଚ୍ ଜିତିଥିବାବେଳେ ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ। ଚେନ୍ନାଇରେ ଉଭୟ ଦଳ ମୋଟ୍ ୭ ମ୍ୟାଚ୍ ଖେଳିଛନ୍ତି। ସେଥିରୁ ବାଙ୍ଗାଲୋର ୬ ମ୍ୟାଚ୍‌ରେ ପରାଜୟବରଣ କରିଥିବାବେଳେ ଗୋଟିଏରେ ବିଜୟ ସ୍ୱାଦ ଚାଖିଛି। ସେହିଭଳି ବାଙ୍ଗାଲୋରରେ ଦୁଇ ଦଳ ଆଜି ପର୍ଯ୍ୟନ୍ତ ୮ଟି ମ୍ୟାଚ୍‌ରେ ସାମ୍ନାସାମ୍ନି ହୋଇଛନ୍ତି। ସେଥିରୁ ଚେନ୍ନାଇ ୪ ଓ ବାଙ୍ଗାଲୋର ୩ ମ୍ୟାଚ୍ ଜିତିଛନ୍ତି। ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ। ଅପରପକ୍ଷରେ ନିରପେକ୍ଷ ଭେନ୍ୟୁରେ ଖେଳାଯାଇଥିବା ୮ ମ୍ୟାଚ୍‌ରୁ ୫ ଜିତି ଚେନ୍ନାଇ ପୁଣିଥରେ ଦବ୍‌ଦବା ବଜାୟ ରଖିବାରେ ସଫଳ ହୋଇଥିଲା। ବାଙ୍ଗାଲୋର ମାତ୍ର ୨ଟି ମ୍ୟାଚ ଜିତିପାରିଥିଲା। ଗତ ସଂସ୍କରଣରେ ବିରାଟ କୋହଲିଙ୍କ ଦଳ ଚେନ୍ନାଇ ବିପକ୍ଷରେ ଉଭୟ ଘରୋଇ ଓ ବାହାର ମ୍ୟାଚ୍ ହାରିଥିଲା। ବାଙ୍ଗାଲୋର ଦଳରେ ବିରାଟଙ୍କ ବ୍ୟତୀତ ଏବି ଡି ଭିଲର୍ସ, ଶିମରନ ହେଟମେୟର, ହେନରିକ କ୍ଲାସେନ ଓ ମାର୍କସ ଷ୍ଟୋଇନିସଙ୍କ ଭଳି ଟି୨୦ ସ୍ପେଶାଲିଷ୍ଟ ରହିଛନ୍ତି। ସେହିଭଳି ସୁରେଶ ରାଇନା, ଧୋନୀ, କେଦାର ଯାଦବ, ହରଭଜନ ସିଂ, ରବୀନ୍ଦ୍ର ଜାଡେଜାଙ୍କ ପରି ତାରକାଙ୍କୁ ନେଇ ଚେନ୍ନାଇ ଦଳ ଗଠିତ। ଉଭୟ ଦଳରେ ଟି୨୦ ସ୍ପେଶାଲିଷ୍ଟ ଖେଳାଳି ରହିଥିବାରୁ ଉଦ୍‌ଘାଟନୀ ମ୍ୟାଚ୍ ବେଶ୍ ରୋମାଞ୍ଚକ ରହିବ ବୋଲି କ୍ରିକେଟପ୍ରେମୀ ଆଶା ରଖିଛନ୍ତି।

ଆଇପିଏଲ
୧୨

### ବାଦ୍ ପଡ଼ିଲେ ଏନରିଚ

ଆଇପିଏଲ ଆରମ୍ଭ ହେବା ଆଗରୁ ଦୁଇଥର ଚାମ୍ପିୟନ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳକୁ ଶକ୍ତ ଧକ୍କା ଲାଗିଛି। ଦକ୍ଷିଣ ଆଫ୍ରିକା ବୋଲର ଆନରିଚ ନର୍ଟଜେ ଆହତ ସମସ୍ୟା ଯୋଗୁ ଆଗାମୀ ଆଇପିଏଲରେ ଖେଳିପାରିବେ ନାହିଁ। ତାଙ୍କ କାନ୍ଧରେ ଆଘାତ ଲାଗିଛି। ମଙ୍ଗଳବାର ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବା ପୂର୍ବରୁ ସେ ଆହତ ହୋଇଥିଲେ। ତାଙ୍କୁ ଗତ ବର୍ଷ ଖେଳାଳି ନିଲାମ ପ୍ରକ୍ରିୟାରେ ୨୦ ଲକ୍ଷ ଟଙ୍କାରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଦଳ କିଣିଥିଲା। ସେ ଦଳର ୩ୟ ପେସର ଭାବେ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ତାଙ୍କ ପୂର୍ବରୁ ଶିଭମ ମାଭି ଓ କମଲେଶ ନାଗରକୋଟି ଆହତ ସମସ୍ୟା ଯୋଗୁ ସମାନ ଅବସ୍ଥା ଭୋଗିବାକୁ ପଡ଼ିଛି। ଫଳରେ କେକେଆର ଦଳର ଖେଳାଳିଙ୍କ ସଂଖ୍ୟା ୨୦କୁ ହ୍ରାସ ପାଇଛି। ଦକ୍ଷିଣ ଆଫ୍ରୀକୀୟ ବୋଲର ମଜନ୍‌ସି ସୁପର ଲିଗ୍‌ରେ ଭଲ ପ୍ରଦର୍ଶନ କରି କେକେଆର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଲିଗ୍‌ରେ ସେ ୩ ମ୍ୟାଚ୍ ଖେଳି ୮ ଉଇକେଟ ନେଇଥିଲେ। ଏହାପରେ ସେ ଶ୍ରୀଲଙ୍କା ବିପକ୍ଷ ପଦାର୍ପଣ ଦିନିକିଆ ସିରିଜରେ ୮ ଉଇକେଟ ଅକ୍ତିଆର କରିଥିଲେ।

### ଶୀଘ୍ର ଯୋଗଦେବେ ୱିଲିୟମ୍‌ସନ

ନ୍ୟୁଜିଲାଣ୍ଡ ଦଳର ଅଧିନାୟକ କେନ୍ ୱିଲିୟମ୍‌ସନ ନିକଟରେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ୍ ବେଳେ ଆହତ ହୋଇଥିଲେ। ଏଥିଯୋଗୁ ଆଇପିଏଲ୍‌ରେ ତାଙ୍କ ଖେଳିବା ନେଇ ସନ୍ଦେହ ଦେଖାଦେଇଥିଲା। କିନ୍ତୁ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ପକ୍ଷରୁ ଦଳର ଅଧିନାୟକ ୱିଲିୟମ୍‌ସନ ଖେଳିବା ନେଇ ସ୍ପଷ୍ଟ ହୋଇଛି। ସେ ଆସନ୍ତା ୨୨ ତାରିଖରେ ଦଳର ଅନ୍ୟ ଖେଳାଳିଙ୍କ ସହ ଯୋଗଦେବେ। ତାଙ୍କ ସହ ମାର୍ଟିନ ଗୁପ୍‌ଟିଲ ନ୍ୟୁଜିଲାଣ୍ଡ କ୍ରିକେଟ ପୁରସ୍କାର ବିତରଣ ଉତ୍ସବରେ ଭାରତ ଗସ୍ତ କରିବେ। ଗତ ସିଜନରେ ୱିଲିୟମ୍‌ସନ ସର୍ବାଧିକ ରନ୍ କରି ଅରେଞ୍ଜ୍ କ୍ୟାପ୍ ଜିତିଥିଲେ। ଆସନ୍ତା ରବିବାର ସନରାଇଜର୍ସ ହାଇଦ୍ରାବାଦ ଇଡେନ ଗାର୍ଡେନଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ।

### ଓପ୍‌ନିଂ କରିବେ ରୋହିତ

ମୁମ୍ବାଇ, ୨୦।୩– ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)ର ଅଧିନାୟକ ରୋହିତ ଶର୍ମା ଆସନ୍ତା ସିଜନର ସମସ୍ତ ମ୍ୟାଚ୍‌ରେ ଓପ୍‌ନିଂ ବ୍ୟାଟିଂ କରିବେ। ଭାରତୀୟ ଦଳ ଲାଗି ନିୟମିତ ଓପ୍‌ନିଂ କରୁଥିଲେ ମଧ୍ୟ ଆଇପିଏଲରେ ସେ ମଧ୍ୟକ୍ରମରେ ଖେଳନ୍ତି। କିନ୍ତୁ ଚଳିତ ଥର ସେ କେବଳ ଓପ୍‌ନିଂ କରିବେ ବୋଲି ଅଭ୍ୟାସ ସେସନ ପରେ ଏହା କହିଛନ୍ତି। ମୁଁ ପୂର୍ବରୁ ମଧ୍ୟକ୍ରମ ଓ ଓପ୍‌ନିଂ ବ୍ୟାଟିଂ କରିସାରିଛି। ଦଳର ଆବଶ୍ୟକତା ଅନୁଯାୟୀ ମୁଁ ଯେକୌଣସି ସ୍ଥାନରେ ଖେଳିବାକୁ ପ୍ରସ୍ତୁତ। ମୁଁ ଭାରତୀୟ ଦଳ ପାଇଁ ଓପ୍‌ନିଂ କରେ। ଏହି ସ୍ଥାନରେ ମୁଁ ସଫଳତା ପାଇଛି ବୋଲି ସେ କହିଛନ୍ତି। ଚଳିତଥର ମୁମ୍ବାଇ ଇଣ୍ଡିଆନ୍ସ ଦଳର ମଧ୍ୟକ୍ରମରେ ଅଭିଜ୍ଞ ଯୁବରାଜ ସିଂ ଖେଳିବେ। ଏଣୁ ଦଳୀୟ ମ୍ୟାନେଜ୍‌ମେଣ୍ଟ ରୋହିତଙ୍କୁ ଓପ୍‌ନିଂ କରାଇବାକୁ ନିଷ୍ପତ୍ତି ନେଇଛି ବୋଲି ଆଶା କରାଯାଉଛି। ତିନିଥର ଆଇପିଏଲ ଚାମ୍ପିୟନ ଆସନ୍ତା ୨୪ ତାରିଖରେ ତାଙ୍କ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବେ।



ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି।

## ଏସିଆ ମିକ୍ସଡ୍ ଟିମ୍ ଚାମ୍ପିୟନଶିପ୍
# ଭାରତ ପରାସ୍ତ

ହଂକଂ, ୨୦।୩(ପି.ଟି.)

ଏଠାରେ ଚାଲିଥିବା ଏସିଆ ମିକ୍ସଡ୍ ବ୍ୟାଡମିଣ୍ଟନ୍ ଟିମ୍ ଚାମ୍ପିୟନଶିପ୍‌ର ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଭାରତ ୨–୩ ଗେମ୍‌ରେ ସିଙ୍ଗାପୁର ନିକଟରୁ ପରାସ୍ତ ହୋଇଛି। ଏଚ୍.ଏସ୍. ପ୍ରଣୟ, ଏମ୍.ଆର୍. ଅର୍ଜୁନ ଓ ଶ୍ଳୋକ ରାମଚନ୍ଦ୍ରନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ଭାରତ ଏହି ମ୍ୟାଚ୍ ହାରିଯାଇଛି। ଓଡ଼ିଆ ଝିଅ ଋତୁପର୍ଣ୍ଣା ପଣ୍ଡା ୨ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଉଭୟଥିରେ ପରାଜୟ ସାମ୍ନା କରିଥିଲେ। ପ୍ରଥମେ ଅନୁଷ୍ଠିତ ମିକ୍ସଡ ଡବଲ୍ସରେ ଅର୍ଜୁନ ଓ ଋତୁପର୍ଣ୍ଣା ଯୋଡ଼ି ୧୬–୨୧, ୧୩–୨୧ ଗେମ୍‌ରେ ସିଙ୍ଗାପୁରର ଡାନି ବାୱା ଓ ଟାନ୍ ୱି ହାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ଏହାପରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସରେ ୨୦୧୮ ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ପ୍ରଣୟ ୨୧–୮, ୧୨–୨୧, ୨୧–୧୭ ଗେମ୍‌ରେ କେନ୍ ୟେ ଲେଶହଙ୍କୁ ହରାଇ ମ୍ୟାଚ୍‌କୁ ୧–୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ତୃତୀୟ ମ୍ୟାଚ୍ ପୁରୁଷ ଡବଲ୍ସ ଥିଲା। ଏଥିରେ ଭାରତର ଅର୍ଜୁନ ଓ ଶ୍ଳୋକ ୨୧–୧୬, ୨୧–୧୮ରେ ପ୍ରତିପକ୍ଷ ଯୋଡ଼ିକୁ ହରାଇ ଭାରତକୁ ୨–୧ରେ ଅଗ୍ରଣୀ କରାଇଥିଲେ। ତେବେ ମହିଳା ସିଙ୍ଗଲ୍ସରେ ଅସ୍ମିତା ଚଲିହ ହାରିଯିବା ପରେ ପୁଣିଥରେ ମ୍ୟାଚ୍ ୨–୨ ସ୍ଥିତିକୁ ଚାଲି ଆସିଥିଲା। ଏହାପରେ ଅନ୍ତିମ ତଥା ମହିଳା ଡବଲ୍ସ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତର ଋତୁପର୍ଣ୍ଣା ପଣ୍ଡା ଓ ଆରତୀ ସାରା ସୁନୀଲ ଯୋଡ଼ି ୨୪–୨୨, ୧୫–୨୧, ୧୬–୨୧ରେ ସିଙ୍ଗାପୁରର ପୁତ୍ରି ସାରି ଡେୱି ଚିତ୍ରା ଓ ଲିମ୍ ମିଙ୍ଗ୍ ହୁଇଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ଭାରତ ୨–୩ରେ ଏହି ମ୍ୟାଚ୍ ହାତଛଡ଼ା କରିଥିଲା।

# ଶାସ୍ତ୍ରୀଙ୍କ ଚୁକ୍ତିର ନବୀକରଣ ହେବନାହିଁ

ନୂଆଦିଲ୍ଲୀ, ୨୦।୩(ପି.ଟି.)

ପୂର୍ବତନ ଅଲରାଉଣ୍ଡର ରବି ଶାସ୍ତ୍ରୀ କୋଚ୍ ହିସାବରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପ୍ରଥମ ପସନ୍ଦ ବୋଲି ସମସ୍ତେ ଏକଥା ଜାଣନ୍ତି। ଇଂଲଣ୍ଡରେ ମେ ୩୦ ତାରିଖରେ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ପରେ ମଧ୍ୟ ଶାସ୍ତ୍ରୀ ଟିମ ଇଣ୍ଡିଆର କୋଚ୍ ଦାୟିତ୍ୱରେ ରୁହନ୍ତୁ, ଏକଥା ମଧ୍ୟ ବୋର୍ଡ ଚାହେଁ। କିନ୍ତୁ ଶାସ୍ତ୍ରୀଙ୍କ ସହ ହୋଇଥିବା ଚୁକ୍ତିରେ ଏକ୍ସଟେନଶନ କ୍ଲଜ୍ ବା ଅନୁଚ୍ଛେଦ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିଛି। ତେଣୁ ବିସିସିଆଇକୁ ନୂଆ କରି ଚୁକ୍ତି ପ୍ରକ୍ରିୟାର ଆରମ୍ଭ କରିବାକୁ ହେବ। ବଡ଼ ବଡ଼ ଫୁଟବଲ ଓ ଏନ୍‌ବିଏ କ୍ଲବଗୁଡ଼ିକ ପାଇଁ ନିଯୁକ୍ତ ହେଉଥିବା କୋଚ୍‌ମାନଙ୍କର ଚୁକ୍ତିରେ ଏକ୍ସଟେନଶନ କ୍ଲଜ୍ ରହିଥାଏ। କିନ୍ତୁ ଅନିଲ କୁମ୍ବଲେ ମୁଖ୍ୟ କୋଚ୍ ରହିବା ପରଠାରୁ ଏହି କ୍ଲଜ୍‌କୁ ବାଦ୍ ଦିଆଯାଇଛି। କୋଚ୍‌ଙ୍କ ସମେତ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ମଧ୍ୟ ଏକ୍ସଟେନଶନ କ୍ଲଜ୍ କିମ୍ବା ଚୁକ୍ତିର ନବୀକରଣ ନିୟମ ରହିନାହିଁ। ତେଣୁ ଭାରତ ଯଦି ବି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ବିଶ୍ୱକପ୍ ଜିତିଲେ ମଧ୍ୟ ନୂଆ କରି ପ୍ରକ୍ରିୟା ଆରମ୍ଭ ହେବ। ଏଭଳି ସ୍ଥିତିରେ ଶାସ୍ତ୍ରୀଙ୍କୁ ନୂଆକରି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ପଡିବ। ଯଦିଓ ସେ ସିଧାସଳଖ ଏବେକାର କୋଚ୍ ହିସାବରେ ଶର୍ଟଲିଷ୍ଟ ପ୍ୟାନେଲରେ ସାମିଲ ହୋଇପାରିବେ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କୋଚ୍ ନିଯୁକ୍ତି ପ୍ରକ୍ରିୟା ନୂଆ କରି ଆରମ୍ଭ ହେବ ବୋଲି ସେ କହିଛନ୍ତି। କେବଳ ଶାସ୍ତ୍ରୀ ନୁହନ୍ତି ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର, ବୋଲିଂ କୋଚ୍ ଭରତ ଅରୁଣ, ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ ଚୁକ୍ତି ବିଶ୍ୱକପ୍‌ର ଅନ୍ତିମ ମ୍ୟାଚ୍ ପରେ ଶେଷ ହେବ। ବିଶ୍ୱକପ୍‌ର ୧୪ ଦିନ ପରେ ୱେଷ୍ଟଇଣ୍ଡିଜ୍‌ରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ସମୟ ଅବଧୀରେ ଆମକୁ କୋଚ୍ ଓ ସପୋର୍ଟ ଷ୍ଟାଫ ନିଯୁକ୍ତିର ସବୁ ପ୍ରକ୍ରିୟା ଶେଷ କରିବାକୁ ହେବ ବୋଲି ସେ କହିଛନ୍ତି। ଭାରତ ବିଶ୍ୱକପ୍‌ରେ ଅତିକମ୍‌ରେ ସେମିଫାଇନାଲରେ ପ୍ରବେଶ କରି ପାରିଲେ ଶାସ୍ତ୍ରୀଙ୍କ ସ୍ଥାନ ସୁରକ୍ଷିତ ରହିପାରିବ। ପୁଣି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତ ଗତ କେତେମାସ ହେବ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଏଥି ସହିତ ମହିଳାଙ୍କ ପାଇଁ ଏକ ମିନି– ଆଇପିଏଲ ଆୟୋଜନ ହେବା ନେଇ ପ୍ରୟାସ କରାଯିବ ବୋଲି କୁହାଯାଇଛି।



ରବି ଶାସ୍ତ୍ରୀ

# ବୈଠକ ଦାବିକଲେ ୬ ଆଇ-ଲିଗ୍ ଦଳ
## ୨୦ ଦଳ ବିଶିଷ୍ଟ ସଂଯୁକ୍ତ ଲିଗ୍ ଆୟୋଜନ ନେଇ ପ୍ରସ୍ତାବ

ନୂଆଦିଲ୍ଲୀ,୨୦।୩(ପି.ଟି.)

ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ସୁପର ଲିଗ୍‌ରୁ ଓହରିଯାଇଥିବା ଆଇ– ଲିଗ୍ କ୍ଲବଗୁଡିକ ମଧ୍ୟରେ ଚାଲିଥିବା ବିବାଦ ଏବେ ନୂଆ ମୋଡ ନେବାକୁ ଯାଉଛି। ଇତିମଧ୍ୟରେ ୬ଟି ଆଇ– ଲିଗ୍ କ୍ଲବ ଏଆଇଏଫ୍‌ଏଫ୍ ସମ୍ମୁଖରେ ନୂଆ ଦାବି ଉପସ୍ଥାପନ କରିଛନ୍ତି। ସୁପର କପ୍‌ରେ ଏହି କ୍ଲବଗୁଡିକ ଅଂଶଗ୍ରହଣ କରିବେ। ତେବେ ଏହା ପୂର୍ବରୁ କେତୋଟି ସର୍ତ୍ତ ରଖିଯାଇଛି। ଏଆଇଏଫ୍‌ଏଫ୍ ଯଦି ଘରୋଇ ଫୁଟବଲ ଲିଗ୍‌ଗୁଡିକର ପୁନର୍ଗଠନ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରି ଆମ ବିଚାରକୁ ସମ୍ମାନ ଦିଏ ତାହେଲେ ଆମେ ସୁପର ଲିଗ୍ ଖେଳିବୁ ବୋଲି କ୍ଲବ୍‌ଗୁଡିକ ସ୍ପଷ୍ଟ କରିଛନ୍ତି। ତେବେ ଏଥିପାଇଁ ପ୍ରଥମେ ଏଆଇଏଫ୍‌ଏଫ୍ ମୁଖ୍ୟ ପ୍ରଫୁଲ୍ଲ ପଟେଲଙ୍କ ସହ ଏକ ବୈଠକରେ ଏକାଠି ହେବାକୁ କ୍ଲବଗୁଡିକ ଦାବି ଉପସ୍ଥାପନା କରିଛନ୍ତି। ଏସିଆନ୍ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ନିର୍ଦ୍ଦେଶରେ ଘରୋଇ ଫୁଟବଲର ପୁନର୍ଗଠନରେ ଆଇ– ଲିଗ୍‌କୁ ସେକେଣ୍ଡ ଟାୟାର ବା ଦ୍ୱିତୀୟ ସ୍ତରକୁ ଖସାଇ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ କ୍ଲବ୍‌ଗୁଡିକ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ଏ ସଂକ୍ରାନ୍ତରେ କ୍ଲବ୍‌ଗୁଡିକ ବେଶ୍ ଚିନ୍ତିତ ଅଛନ୍ତି। ଆଲୋଚନା ପାଇଁ ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ ପ୍ରଫୁଲ୍ଲଙ୍କ ସହ ବୈଠକରେ ବସିବାକୁ କ୍ଲବ୍‌ଗୁଡିକ ଦାବି କରିଛନ୍ତି।

ଉଲ୍ଲେଖଥାଉ କି, ସୁପର କପ୍‌ର କ୍ୱାଲିଫାଇଙ୍ଗ୍ ରାଉଣ୍ଡରୁ ଏଥର ପୂର୍ବତନ ଚାମ୍ପିୟନ ମିନର୍ଭା ପଞ୍ଜାବ, ଆଇଜଲ ଏଫ୍‌ସି, ଗୋକୁଳମ କେରଳ ଓହରିଯାଇଛନ୍ତି। ତେବେ ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ସୁପର କପ୍ ଫାଇନାଲ ରାଉଣ୍ଡରେ ସିଧାସଳଖ ପ୍ରବେଶ କରିଥିବା ଆଇ– ଲିଗ୍ କ୍ଲବ୍‌ଗୁଡିକ ଯଥା, ଇଷ୍ଟ ବେଙ୍ଗଲ, ମୋହନ ବାଗାନ, ନେରୋକା, ଚର୍ଚ୍ଚିଲ ବ୍ରଦର୍ସ, ରିୟଲ କଶ୍ମୀର ଓ ଚେନ୍ନାଇ ସିଟି ଏଫ୍‌ସି ଅଂଶଗ୍ରହଣ କରିବେ କି ନା ଏ ନେଇ କିଛି ସ୍ପଷ୍ଟ ହୋଇ ନାହିଁ। ତେବେ ମୁଖ୍ୟ ରାଉଣ୍ଡରେ ଅଂଶଗ୍ରହଣ କରିବେ କି ନା ସେ ନେଇ ସ୍ପଷ୍ଟ କରିବାକୁ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଲ ଦାସ ଏହି କ୍ଲବ୍‌ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୬ କ୍ଲବ୍ ସୁପରକପ୍‌ର ରାଉଣ୍ଡ ଅଫ୍ ୧୬ ବା ପ୍ରି–କ୍ୱାର୍ଟର ଫାଇନାଲ ଖେଳିବାକୁ ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ଏହି ୬ କ୍ଲବ୍‌ଗୁଡିକରୁ ୩ କ୍ଲବ ଯଥା ମିନର୍ଭା, ଆଇଜଲ ଓ ଗୋକୁଳମ କେରଳ ସହ ଚିଠି ଲେଖି ଏଆଇଏଫ୍‌ଏଫ୍‌କୁ ସେମାନଙ୍କର ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। ତେବେ ଇଷ୍ଟ ବେଙ୍ଗଲ, ନେରୋକା ଓ ରିୟଲ କଶ୍ମୀର ଏହି ଚିଠିରେ ସ୍ୱାକ୍ଷର କରି ନ ଥିଲେ।

ସୁପର କପ୍‌ରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ ମଧ୍ୟ ଆଇ– ଲିଗ୍‌ର ଭବିଷ୍ୟତ ନେଇ ଆମେ ଚିନ୍ତିତ ଓ ଏହି ଲିଗ୍ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରେ। ଆମେ ବୈଠକରେ ବସି ସମସ୍ୟା ଉପସ୍ଥାପନା କରିବାକୁ ଚାହୁଁଛୁ। ଏହା ହେଲେ ଆଇ– ଲିଗ୍‌ରେ ଅଂଶଗ୍ରହଣ କରିବା ନେଇ ଆମର କୌଣସି ସମସ୍ୟା ନାହିଁ ବୋଲି କ୍ଲବଗୁଡିକ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ଏଆଇଏଫ୍‌ଏଫ୍ ଗତ ୧୫ ଓ ୧୬ରେ ଅନୁଷ୍ଠିତ ହୋଇଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ମିନର୍ଭା, ଆଇଜଲ ଓ ଗୋକୁଳମ ଅଂଶଗ୍ରହଣ ନ କରିବା ନେଇ କିଛି ସ୍ପଷ୍ଟ କରିନାହିଁ। ତେବେ ଏହି ମ୍ୟାଚ୍‌ଗୁଡିକ ପୁଣି ଆରମ୍ଭ ହେବା ନେଇ ଚିଠିରେ ପ୍ରସ୍ତାବ ଦିଆଯାଇଛି।

୨୦ଟି କ୍ଲବ୍‌କୁ ନେଇ ଏକ ୟୁନିଫାଏଡ ଲିଗ୍ ବା ସଂଯୁକ୍ତ ଲିଗ୍ ଗଠନ ଉପରେ ଚିଠିରେ ପ୍ରସ୍ତାବ ଦିଆଯାଇଛି। ଏହି ଲିଗ୍‌ର ନାମ ଇଣ୍ଡିଆନ ଫୁଟବଲ ଲିଗ୍ ରଖିବାକୁ କୁହାଯାଇଛି। ଏଥିରେ ଆଇ– ଲିଗ୍, ଇଣ୍ଡିଆ ସୁପର ଲିଗ୍ ଓ ଆଇ– ଲିଗ୍ ଦ୍ୱିତୀୟ ଡିଭିଜନ ଲିଗ୍‌ଗୁଡିକୁ ସାମିଲ କରାଯିବା ନେଇ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବିତ ଲିଗ୍ ସେପ୍ଟେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ୯ ମାସ ଧରି ଖେଳାଯିବ। ଲୋୟର ଡିଭିଜନରୁ ଦୁଇଟି ଦଳକୁ ବାଦ୍ ଦିଆଯିବା ସଙ୍ଗେ ସଙ୍ଗେ ଦୁଇଟି ଦଳକୁ ଉପର ପର୍ଯ୍ୟାୟକୁ ଉଠିବାର ସୁଯୋଗ ଦିଆଯିବ। ଏଆଇଏଫ୍‌ଏଫ୍‌କୁ ଦିଆଯାଇଥିବା ଚିଠିରେ ଏ ସଂକ୍ରାନ୍ତରେ ସବିଶେଷ ଉଲ୍ଲେଖ କରାଯାଇଛି। ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ଜଣେ ଖେଳାଳି ପାଖାପାଖି ୪୦ଟି ମ୍ୟାଚ ଖେଳିବେ ଓ ମ୍ୟାଚ୍‌ଗୁଡିକର ସିଧାପ୍ରସାରଣ କରିବାକୁ କୁହାଯାଇଛି। ସବୁ ଦୃଷ୍ଟିକୋଣରୁ ବିଚାର କରି ଏହି ପ୍ରସ୍ତାବିତ ଲିଗ୍‌ର ମାର୍କେଟିଂ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏ ନେଇ ଆଇ– ଲିଗ୍ କ୍ଲବ୍‌ଗୁଡିକ ଏକ ଫାଇନାନ୍‌ସିଆଲ ମଡେଲର ପ୍ରସ୍ତାବ ଦେଇଛନ୍ତି। ଏହି ଲିଗ୍‌ରେ ୩୮୦ଟି ମ୍ୟାଚ୍ ଖେଳାଯିବା ସହ ଲିଗ୍‌ର ଆର୍ଥିକ ସଂରଚନା ନେଇ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ତେବେ ଏଆଇଏଫ୍‌ଏଫ୍ ଏ ନେଇ କି ଅଭିମୁଖ୍ୟ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# କୁଚିଣ୍ଡାରେ ପୁଣି ବାଇକ୍ ଡିକିରୁ ଜବତ ହେଲା ୪ ଲକ୍ଷ ଟଙ୍କା

**ସମ୍ବଲପୁର/କୁଚିଣ୍ଡା,୨୦।୩ (ବ୍ୟୁରୋ/ଡି.ଏନ୍.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଧୀନ ଜୁନାନି ନିକଟ ରବଡେରା ଗ୍ରାମ ଛକରେ ବୁଧବାର ପୋଲିସ ପାଟ୍ରୋଲିଂ ସମୟରେ ୪ ଲକ୍ଷ ଟଙ୍କା ଜବତ କରିଛି । ଝାରସୁଗୁଡା ମଙ୍ଗଳବଜାରର ମହମ୍ମଦ ସାହାଜାଦ ଅଲୀଙ୍କ ବାଇକ୍ ଡିକିରୁ ଏହି ଟଙ୍କା ମିଳିଛି। ସେ ଜଣେ ସ୍କ୍ରାପ ବ୍ୟବସାୟୀ। କୁଚିଣ୍ଡା ଟାଉନକୁ ଏହି ଟଙ୍କା ନେଇ ଯାଇଥିବା ପୋଲିସକୁ କହିଥିଲେ । ସ୍ୱତନ୍ତ୍ର ସ୍କ୍ୱାଡ ଏହି ଘଟଣାର ତଦନ୍ତ କରୁଛନ୍ତି । ତେବେ କୁଚିଣ୍ଡା ନିର୍ବାଚନମଣ୍ଡଳୀ ଅଧୀନରେ ଏହାକୁ ମିଶାଇ ୫ ଥର ଟଙ୍କା ଜବତ ହେଲାଣି। ପ୍ରଥମେ ୬୪ ହଜାର ଟଙ୍କା, ଦ୍ୱିତୀୟରେ ୨ ଲକ୍ଷ ଟଙ୍କା, ତୃତୀୟରେ ୧ ଲକ୍ଷ ୬ ହଜାର ଟଙ୍କା ଓ ୪ର୍ଥରେ ୩ ଲକ୍ଷ ୩ ହଜାର ଟଙ୍କା ଜବତ ହୋଇଛି ।




# ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

**ରେଙ୍ଗାଲି,୨୦।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲି ମହାବୀର ଛକରୁ ସାଲଡ ରାସ୍ତାରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ପଡିଛି। ବୁଧବାର ଏହି ସିମେଣ୍ଟ ବୋଝେଇ ଟ୍ରକ (ନଂ. ସିଜି ୦୪ ଜେଏ-୮୭୧୦)ଟି ରେଙ୍ଗାଲି ମହାବୀର ଛକରୁ ସାଲଡ ଅଭିମୁଖେ ଯାଉଥିଲା । ରେଙ୍ଗାଲି ବ୍ଲକ କଲୋନୀ ନିକଟରେ ଏକ ବ୍ରିଜ ନିର୍ମାଣ ହେଉଥିବାରୁ ରାସ୍ତାଟି ଅନ୍ୟପଟେ ଡାଇଭରସନ୍ କରାଯାଇଛି । ଏହି ଡାଇଭରସନ ରାସ୍ତାଟି ଅତ୍ୟନ୍ତ ଖରାପ ଏବଂ ସଂକୀର୍ଣ୍ଣ ହୋଇଥିବାରୁ ଟ୍ରକଟି ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଓଲଟି ପଡି ଥିଲା । ଟ୍ରକର ଡ୍ରାଇଭର ଅଳ୍ପକେ ମୃତ୍ୟୁ ମୁଖରୁ ବର୍ଞ୍ଚି ଯାଇଛନ୍ତି। ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ରେଢାଖୋଲ,୨୦।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଧୀନ ଏକ ଗ୍ରାମରୁ ଗତ ୮ ତାରିଖ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ମଙ୍ଗଳବାର ରାତିରେ ପୋଲିସ ଆଠମଲ୍ଲିକରୁ ଉଦ୍ଧାର କରିଛି। ଅପହରଣକାରୀ ଯୁବକ ଅନୁଗୋଳ ଜିଲା ଘୁସର ଗ୍ରାମର ସୁନିଲ କୁମାର ବେହେରାଙ୍କୁ ଗିରଫ କରିଛି। ରେଢାଖୋଲ ଥାନାରେ ଦଫା ୩୬୩, ୩୬୩ (କ), ୩୭୬ (୨) ଏନ (୩)ରେ ଏକ ମାମଲା (୫୫/୧୯) ରୁଜୁ ହୋଇଛି। ବୁଧବାର ସମ୍ବଲପୁର ସ୍ୱତନ୍ତ୍ର ଅଦାଲତକୁ ଅଭିଯୁକ୍ତଙ୍କୁ ଚାଲାଣ କରାଯାଇଥିଲା। ଜମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗିରଫ ଅଭିଯୁକ୍ତ ସୁନିଲ ସମ୍ପୃକ୍ତା ନାବାଳିକାଙ୍କ ଗ୍ରାମରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ସେହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଧରି ଯୁବକ ଜଣକ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନାବାଳିକାଙ୍କ ଘର ଲୋକେ ଗତ ୮ ତାରିଖରେ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ।








ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ପଦ୍ମପୁରରେ ଚୋରି, ପାଟ୍ରୋଲିଂ ଦାବି

ପଦ୍ମପୁର, ୨୦।୩ (ଡି.ଏନ.ଏ)
ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି । କେତେକ ସ୍ଥାନରେ ଚୋରି ହୋଇଥିବା ବେଳେ ଅନେକ ସ୍ଥାନରେ ଚୋ ଉଦ୍ୟମ ହୋଇଥିବା ଜଣାପଡିଛି । ବିଶେଷ କରି ନିଶାଶକ୍ତ ଯୁବକମାନଙ୍କ ଦ୍ୱାରା ଏହା ହେଉଥିବା ଅନୁମାନ କରାଯାଉଛି । ସହରର ବିଭିନ୍ନ ସ୍ଥାନରେ ଏହି ଯୁବକମାନେ ଆଡ୍ଡା ଜମାଇ ରଖିଥିବା ବେଳେ ଏମାନଙ୍କ ନିଶା ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାର ଖର୍ଚ୍ଚ ପାଇଁ ଯୁବକମାନେ ଚୋରି ତଥା ଲୁଟ୍‌ରେ ମାତିଛନ୍ତି । ଏ ନେଇ ପୋଲିସ ପ୍ରଶାସନ କଡା ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହେଉଛି ।

### ଅବକାରୀ ଚଢ଼ାଉ, ମଦ ଜବତ

ପଦ୍ମପୁର, ୨୦।୩ (ଡି.ଏନ.ଏ)
ଜଗଦଲପୁର ଥାନା ଅନ୍ତର୍ଗତ ଲଉଡିଦର୍ହା ଗ୍ରାମ ଜଙ୍ଗଲରେ ମଦ ରନ୍ଧା ଯାଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମକରଧ୍ୱଜ ବଘାରଙ୍କ ତତ୍ତ୍ୱାବଧାନରେ ଅତର୍କିତ ଚଢ଼ାଉ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ୬୫୦ କେଜି ମହୁଲ ପୋଚ, ୪ଟି ବଡ ଡେକଚି ସହ ରନ୍ଧା ଯାଉଥିବା ୫୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଏସ୍‌ଆଇ ହେମକାନ୍ତ ସୁନା, ବିନୋଦ ତିର୍କି, କେନାଲୁ ଭୋଇ, ମୁକେଶ ବିଶ୍ୱାଳ, ତାରାକାନ୍ତି ଭୁଏ, ରଞ୍ଜନ ସେଟ, କଳ୍ପନା ସାହୁ, ପ୍ରଦୀପ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

### ଅଦିନିଆ ବର୍ଷା, କୁଆପଥର ମାଡ

ପଦ୍ମପୁର, ୨୦।୩ (ଡି.ଏନ.ଏ)
ପଦ୍ମପୁର ଅଞ୍ଚଳରେ ବୁଧବାର ଅଦିନିଆ ବର୍ଷା ଓ କୁଆପଥର ମାଡ ହୋଇଛି । ଏହି ୧୦ରୁ ୧୫ ମିନିଟ୍ ବର୍ଷାରେ ସହରର ଗଳି କନ୍ଦି ଅଞ୍ଚଳର ନାଳ ନର୍ଦ୍ଦମା ପାଣି ରାସ୍ତାରେ ଜମା ହୋଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିଛି । ନାଳ ନର୍ଦ୍ଦମାର ଦେଖାଶୁଣା ଠିକ ଭାବରେ ହେଉ ନ ଥିବାରୁ ଏହି ଅସୁବିଧା ହେଉଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଏ ନେଇ ବିହିତ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି ।

### ବିନ୍ଧ୍ୟବାସିନୀ ମନ୍ଦିର ପ୍ରତିଷ୍ଠା

ଗାଇସିଲେଟ, ୨୦।୩(ଡି.ଏନ.ଏ)
ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ଗ୍ରାମରେ ନିର୍ମିତ ମା' ବିନ୍ଧବାସିନୀ ମନ୍ଦିର ପ୍ରତିଷ୍ଠା ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟହ ହୋମଯଜ୍ଞ, ଦଣ୍ଡ କୀର୍ତ୍ତନ ହୋଇଥିଲା । ଏହାସହିତ ନାଟକ ପରିବେଷଣ ଓ ମିନା ବଜାର ବସିଥିଲା । ପୂଜା କମିଟି ସଭାପତି ସୁନୀଲ କୁମାର ଭୋଇ, ଉପସଭାପତି ଝାରୁ ଭୋଇ, ସମ୍ପାଦକ ଲୋକନାଥ ବରିହା, ମୁଖ୍ୟ ପୁରୋଧା ଜିନ୍ଦା ଭୋଇ ଓ ସଭ୍ୟମାନେ ସହଯୋଗ କରିଥିଲେ । ଏଥିରେ ମିଠେଇ ଲାଲ ଭୋଇ ଓ ତାଙ୍କ ସ୍ତ୍ରୀ ଶୋଭା ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ଝାଙ୍କର ଆନନ୍ଦ ଭୋଇ ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣି, ଶିବ ପ୍ରସାଦ ଦାଶ, ରାଧେଶ୍ୟାମ ତ୍ରିପାଠୀ, ଆନନ୍ଦ ପାଣି ଓ ଦିଲୀପ ପାଣି ହୋମଯଜ୍ଞ କରିଥିଲେ ।

### ଆଧାର କେନ୍ଦ୍ର ବନ୍ଦ, ଲୋକେ ହଇରାଣ

ଜାମଟିକ୍ରା, ୨୦।୩ (ଡି.ଏନ.ଏ)
ଆଧାର ପଞ୍ଜିକରଣ ଏବଂ ସଂଶୋଧନ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତାବିରା ପୋଷ୍ଟ ଅଫିସକୁ ଆଧାର କାର୍ଡ ସଂଶୋଧନ ଓ ନୂତନ ଆଧାର କାର୍ଡ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପୋଷ୍ଟ ଅଫିସରେ କିଛିଦିନ ଆଧାର କାମ ଚାଲିଥିବାବେଳେ ଏବେ ପ୍ରାୟ ତିନି ମାସ ହେଲାଣି ଏହି କେନ୍ଦ୍ର ବନ୍ଦ ହୋଇଯାଇଛି । ଫଳରେ ଲୋକେ ୩୦ ଟଙ୍କା ଜାଗାରେ ୨ଶହ ଟଙ୍କା ଦେଇ ବହୁ କଷ୍ଟରେ ଆଧାର କାର୍ଡ ତିଆରି କରୁଥିବା ଦେଖିବାକୁ ମିଳୁଛି । ଘରୋଇ କେନ୍ଦ୍ରରେ ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେବାରୁ ଜନସାଧାରଣ ସରକାରୀ କେନ୍ଦ୍ରକୁ ଯାଇ ହଟହଟାର ସମ୍ମୁଖୀନ ହୋଇଛନ୍ତି । ଅତାବିରା ପୋଷ୍ଟ ଅଫିସ୍‌ରେ ନୀଳାବତୀ କଠାର, ମୁକେଶ ସାହୁ, ରଜନୀ ପ୍ରଧାନୀଙ୍କ ସମେତ ଅନେକ ହିତାଧିକାରୀଙ୍କ ଆଧାର ସଂଶୋଧନ ନ ହେବାରୁ ସେମାନେ ବହୁତ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତାବିରା ପୋଷ୍ଟ ମାଷ୍ଟର ଅରୁଣ ବାରିକଙ୍କୁ ପଚାରିବାରୁ ସେ କହିଲେ, କମ୍ପ୍ୟୁଟର ଖରାପ ହୋଇଯାଇଥିବାରୁ ଆଧାର କାମ ହୋଇପାରୁନାହିଁ ।

■ ଭାଜପାର ବିଜୟ ସଂକଳ୍ପ ସମାବେଶ

# ନବୀନ ଅସ୍ତ ହେବାକୁ ଯାଉଛନ୍ତି: ବିଶ୍ୱଭୂଷଣ

ବିଜେପୁର,୨୦।୩(ଡି.ଏନ.ଏ)
ବିଜେପୁର ଉପନିର୍ବାଚନ ପରି ୨୦୧୯ ସାଧାରଣ ନିର୍ବାଚନ ଜୋରଦାର ହେବାର ଚିତ୍ର ସ୍ପଷ୍ଟ ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ହିଞ୍ଜିଳି ସମେତ ବିଜେପୁର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ପାଇଁ ଘୋଷଣା କରିବା ପରେ ରାଜନୈତିକ ହଟଚମଟ ଜାରି ହୋଇଛି । ବର୍ତ୍ତମାନ ସୁଦ୍ଧା ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ । ହେଲେ ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଉମୁଣ୍ଡାରେ ବୁଧବାର ହାଇପ୍ରୋଫାଇଲ ନେତାଙ୍କୁ ନେଇ ଭାଜପା ସାଧାରଣ ନିର୍ବାଚନର ବିଗୁଲ ବଜାଇଛି । ଲାଉମୁଣ୍ଡା ସ୍ଥିତ କଲେଜ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ତଥା ଭାଜପାରେ ନୂତନ ଭାବେ ସାମିଲ ହୋଇଥିବା ଡା. ଦାମୋଦର ରାଉତ ଓ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଆଗାମୀ ନିର୍ବାଚନରେ ଭାଜପାକୁ ବିଜୟୀ କରି ବିଜେଡି ସରକାରକୁ ଦୃଢ ଜବାବ ଦେବାକୁ ମତଦାତା ମାନଙ୍କୁ ଅନୁରୋଧ କରିଥିଲେ । ନବୀନ ସରକାର ଗାଁର ବିକାଶ ଓ ମା'କୁ ସମ୍ମାନ ନାରା ଦେଉଥିଲେ । ମାତ୍ର ଏହି ସରକାର ଗାଁକୁ ଲୁଣ୍ଠନ ଓ ନାରୀଙ୍କୁ ବଳାତ୍କାର କରିଛି ବୋଲି ବୋଲି ଦାମୋଦର ରାଉତ କହିଥିଲେ। ସେହିପରି ବିଶ୍ୱ ଭୂଷଣ ହରିଚନ୍ଦନ ତାଙ୍କ ବକ୍ତବ୍ୟରେ କହିଥିଲେ, ପୂର୍ବ ଦିଗରେ ସୂର୍ଯ୍ୟୋଦୟ ଓ ପଶ୍ଚିମରେ ସୂର୍ଯ୍ୟାସ୍ତ ହୁଏ। ନବୀନ ବାବୁ ପଶ୍ଚିମରେ ନିର୍ବାଚନୀ ମୈଦାନରେ ଛିଡା ହୋଇ ସୂର୍ଯ୍ୟାସ୍ତ ହେବାକୁ ଯାଉଛନ୍ତି ବୋଲି ହରିଚନ୍ଦନ ସମାଲୋଚନା କରିଥିଲେ । ଜିଲା ଭାଜପା ସଭାପତି ଅରୂପାନନ୍ଦ ସାହୁ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିନେ ତାରକା ଅନୁ ଚୌଧୁରୀ, ଅଶୋକ ପାଣିଗ୍ରାହୀ, ସୁବାସ ଚୌହାନ, ସନତ କୁମାର ଗଡତିଆ, ହଳପାଣି ମାଝି, ରାଧେଶ୍ୟାମ ମହାପାତ୍ର, ଜିଲା ପରିଷଦ ସଦସ୍ୟା ସବିତା ସାହୁ ଓ ବିଶ୍ୱକାନ୍ତି ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ସୁରେଶ୍ୱର ସତପଥି, ସୁଶାନ୍ତ ମିଶ୍ର, କୃପାସିନ୍ଧୁ ସାହୁ, ପ୍ରବୀଣ ପାଣିଗ୍ରାହୀ, ବିନାୟକ ଗୁରୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଜିଲା ପ୍ରଭାରୀ ସଞ୍ଜୀବ ମହାପାତ୍ର । ନିର୍ଦ୍ଧାରିତ ସମୟର ଏକଘଣ୍ଟା ବିଳମ୍ବରେ ହେଲିକପ୍ଟର ଯୋଗେ ଉଭୟ ନେତାଙ୍କ ସମେତ ସିନେ ତାରକା ସ୍ଥାନୀୟ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ । ଅପରାହ୍ନ ୨ଟାରେ ପୁଣି ହେଲିକପ୍ଟର ଯୋଗେ ସେମାନେ ଫେରିଯାଇଥିଲେ ।



ଲାଉମୁଣ୍ଡାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ନେତାମାନେ ।

## ୧୬ ପ୍ରହର ନାମଯଜ୍ଞ

ସୋହେଲା,୨୦।୩ (ଡି.ଏନ.ଏ)
ସୋହେଲା ସାର୍ବଜନୀନ ନାମଯଜ୍ଞ କମିଟି ପକ୍ଷରୁ ହଟଲି ମଣ୍ଡପଠାରେ ୧୬ ପ୍ରହର ନାମଯଜ୍ଞ ମଙ୍ଗଳବାର ଅପରାହ୍ନରୁ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଶତାଧିକ ମହିଳା, ନାମଯଜ୍ଞ କମିଟି ସଦସ୍ୟ ତଥା ଗ୍ରାମବାସୀ ପୂର୍ଣ୍ଣୀ ବନ୍ଧରୁ ଜଳପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ପରେ ବିଧି ଅନୁସାରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏହି ନାମଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଯଜ୍ଞକର୍ତ୍ତା ଭାବେ ହିରୋ ମାଝୀ ଓ ତାଙ୍କ ସ୍ତ୍ରୀ ମେଘନା ମାଝୀ ଦାୟିତ୍ୱ ତୁଲାଉଛନ୍ତି । ଏହି ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗ ଦେଇ ନାମଜପ କରୁଛନ୍ତି । ପୂଜକ ରବିନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ହିମାଂଶୁ ଶେଖର ଦାସ, ପ୍ରଶାନ୍ତ ପାଣିଗ୍ରାହୀ, ମନ ମହାପାତ୍ର, ହାଡୁ ବାରିକ ସହଯୋଗ କରୁଛନ୍ତି ।

## ବଡଧରାରେ ଦୋଳ ମହୋତ୍ସବ ଉଦ୍‌ଘାଟିତ



ହିରଣ୍ୟକଶ୍ୟପ ବଧ ନାଟ୍ୟାଭିନୟର ଏକ ଦୃଶ୍ୟ ।

ଅମ୍ବାଭୋନା, ୨୦।୩ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକ ଅଧୀନ ବଡଧରା ଗ୍ରାମରେ ଦୋଳ ମହୋତ୍ସବ ଗ୍ରାମର ଗୌନ୍ତିଆ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ପ୍ରଥମ ରଜନୀରେ ନାଟ୍ୟାଭିନୟରେ ହିରଣାକ୍ଷଙ୍କ ରାଜୁତ, ଦେବତା ଓ ରାକ୍ଷସ ମଧ୍ୟରେ ଘମାଘୋଟ ଯୁଦ୍ଧ, ହିରଣାକ୍ଷଙ୍କ ନିଧନ, ହିରଣ୍ୟକଶ୍ୟପଙ୍କ କଠୋର ତପସ୍ୟା ଏବଂ ବରପ୍ରାପ୍ତି ପରେ ସ୍ୱର୍ଗପୁରୀ ଆକ୍ରମଣ ଷଡଯନ୍ତ୍ର ଆଦି ଦୃଶ୍ୟ ଅଭିନୀତ ହୋଇଛି । ହିରଣାକ୍ଷ ଭୂମିକାରେ ଦିବାକର ପଧାନ, ମହାମନ୍ତ୍ରୀ ମଲ୍ଲକେଶି ରଞ୍ଜନ ଭୋଇ, ସେନାପତି ହୟଶିରା ସରୋଜ ପଧାନ, ପ୍ରଧାନ ସେନାପତି ଅଶ୍ୱଶିରା ଡିଲେଶ୍ୱର ପଧାନ, ଇନ୍ଦ୍ରଦେବ ଦୟାସାଗର ପଧାନ, ସୂର୍ଯ୍ୟଦେବ ସମ୍ରାଟ ସା, ଜଳାଧିପତି ବରୁଣଦେବ ବିକ୍ରମ ପଧାନ, ଅଗ୍ନିଦେବ ଦେବାନନ୍ଦ ପଧାନ, ଗ୍ରହରାଜା ଶନିଶ୍ଚର ରାଜେନ ପଧାନ, ଦେବଦୂତ ସିଦ୍ଧାର୍ଥ ଦାସ, ପବନଦେବ ଗୁପେଶ ପଧାନ ଏବଂ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅବଧୂତ ଭୋଇ ଅଭିନୟ କରିଥିଲେ। ସେହିପରି ହିରଣ୍ୟକଶ୍ୟପ ଭୂମିକାରେ ନରେନ୍ଦ୍ର ପଧାନ, ନାରଦ ଭୋଳାନାଥ ପଧାନ, ଶୁକ୍ରାଚାର୍ଯ୍ୟ ଭକ୍ତବନ୍ଧୁ ପଧାନ, ଡଗର ଭୂମିକାରେ ଆଲୋକ ବଡ଼େଇ, ଭିକୁ ବୈଗା ଏବଂ ଦିନେଶ ପଧାନ ଅଭିନୟ କରିଛନ୍ତି ।

## ନବୀନଙ୍କ ନାମାଙ୍କନ ପାଇଁ ପ୍ରସ୍ତୁତି

ବରଗଡ଼ ଅଫିସ୍,୨୦।୩
ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିବେ । ଆସନ୍ତା ୨୫ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ପ୍ରକ୍ରିୟାରେ ବହୁ ସଂଖ୍ୟକ ଦଳୀୟ କର୍ମୀ ସାମିଲ ହେବା ଲକ୍ଷ୍ୟ ନେଇ ବୁଧବାର ବିଜେପୁର ବିଧାୟିକା ରୀତା ସାହୁ ବରପାଲିରେ ଏକ ପ୍ରସ୍ତୁତି ବୈଠକ କରିଥିଲେ । ଉକ୍ତ ବୈଠକରେ ବିଧାୟିକା ସାହୁଙ୍କ ସମେତ ବରପାଲି ଏନଏସିର ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ବିରୋଧୀଙ୍କ ଅପପ୍ରଚାରକୁ ବିଶ୍ୱାସ ନ କରି ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ବହୁସଂଖ୍ୟାକ ଜନସାଧାରଣ ଯୋଗଦେବା ପାଇଁ ବିଧାୟିକା ସାହୁ ନିବେଦନ କରିଥିଲେ ।

## ପରାମର୍ଶ ଦେଲେ ପର୍ଯ୍ୟବେକ୍ଷକ



ଉପସ୍ଥିତ ନିର୍ବାଚନ କର୍ମଚାରୀ ।

ବରଗଡ଼ ଅଫିସ୍,୨୦।୩
ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ନିର୍ବାଚନ ଖର୍ଚ୍ଚ ସମ୍ପର୍କୀତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ୟୟ ପର୍ଯ୍ୟବେକ୍ଷକ ଅଲତାଙ୍ଗ ହୁସେନ (ବରଗଡ଼ ଲୋକସଭା), ସୁନୀଲ କୁମାର ଆରୋରା (ପଦ୍ମପୁର, ବରଗଡ଼, ବିଜେପୁର ବିଧାନସଭା), ସଞ୍ଜୟ କୁମାର (ଭଟଲି, ଅତାବିରା ବିଧାନସଭା) ଯୋଗଦେଇ ନିର୍ବାଚନ ଖର୍ଚ୍ଚ ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମ୍ପୁ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉପସ୍ଥିତ ନିର୍ବାଚନ କର୍ମଚାରୀ ତଥା ହିସାବ ନିରୀକ୍ଷକ, ସେକ୍ଟର ଅଫିସର, ଭିଡ଼ିଓ ସର୍ଭିଲାନ୍ସ ଟିମ୍‌ର ଅଧିକାରୀ, କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା ।

## ହୋଲି ପାଇଁ ଚଳଚଞ୍ଚଳ ଭେଡ଼େନ ଅଞ୍ଚଳ

ଭେଡ଼େନ, ୨୦।୩ (ଡ଼ି.ଏନ.ଏ)
ଫଗୁଣ ପୂର୍ଣ୍ଣିମା ଓ ହୋଲି ପର୍ବ ପାଇଁ ବରଗଡ଼ ଜିଲା ଭେଡ଼େନ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି । ଭେଡ଼େନ ବସଷ୍ଟାଣ୍ଡ ପରିସରରେ ଅନେକ ଅସ୍ଥାୟୀ ରଙ୍ଗ ଦୋକାନ ଖୋଲିବା ସହ ରଙ୍ଗ, ଫଗୁ, ପିଚକାରୀ, ବିଭିନ୍ନ ପ୍ରକାର ମୁଖା, ଟୋପି ଆଦିର ବିକ୍ରୟ ଚାଲିଛି । ବୁଧବାର ଅପରାହ୍ନରେ ଏଥିପାଇଁ ଗହଳି ଦେଖାଦେଇଥିଲା। ଏହାସହ ଭେଡ଼େନ ସାପ୍ତାହିକ ବଜାରରେ ସାକରପଟି ସହ ମହୁଲ କୁଚି, ଫଲସା ଫୁଲ, ଚାର ଆଦି ମଧ୍ୟ ବିକ୍ରି ହେଉଥିବା ଦେଖାଯାଇଥିଲା। ଗୁରୁବାର ଦେବତାଙ୍କ ନିକଟରେ କଷି ଆମ୍ବ ଭୋଗ ଲଗାଇ ଗୁଡ଼ିଖିଆ ହେବ। ଅନ୍ୟ ଏକ ପରମ୍ପରା କ୍ରମରେ ବୁଧବାର ରାତିରେ ଗାଁ ଗାଁରେ ହୋଲପୁଡ଼ା ହୋଇଛି ।

## ସମର୍ଥକଙ୍କୁ ନେଇ ସରପଞ୍ଚ ବିଜେଡିରେ ସାମିଲ

ବରଗଡ଼ ଅଫିସ୍,୨୦।୩
ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ଦଳୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଅନ୍ୟପଟେ ଭାଜପା ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିବାରେ ସକ୍ଷମ ହୋଇପାରି ନ ଥିବାବେଳେ କଂଗ୍ରେସ ପୂର୍ବତନ ବିଧାୟକ କଂଗ୍ରେସ ବିଧାୟକ ସାଧୁ ନେପାକଙ୍କୁ ବାଦ୍ ଦେଇଛି । ଏଭଳି ଘଟଣାକ୍ରମରେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡ଼ି ଫାଇଦା ଉଠାଇବ ବୋଲି ଆଶା ବାନ୍ଧିଛି। ବୁଧବାର ଏହି ନିର୍ବାଚନ ମଣ୍ଡଳୀ ଅଧୀନ ପଥର୍ଲା ପଞ୍ଚାୟତର ସରପଞ୍ଚ ପୁରନ୍ଦର ସେଠ ନିଜ ସମର୍ଥକଙ୍କୁ ଧରି ବିଜେଡ଼ିର ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ । ସ୍ଥାନୀୟ ବିଧାୟକ ତଥା ଆସନ୍ତା ସାଧାରଣ ନିର୍ବାଚନର ବିଜେଡ଼ି ପ୍ରାର୍ଥୀ ଦେବେଶ ଅଚାର୍ଯ୍ୟଙ୍କ ପାଖକୁ ଆସି ସେମାନେ ବିଜେଡ଼ିରେ ଯୋଗ ଦେଇଥିବା ଘୋଷଣା କରିଥିଲେ । ବିଜେଡ଼ି ବିଧାୟକ ଆଚାର୍ଯ୍ୟ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିଥିଲେ ।



ବରଗଡ଼ ବିଧାୟକଙ୍କ ସହିତ ପଥର୍ଲା ସରପଞ୍ଚ ନିଜ ସମର୍ଥକଙ୍କ ଗହଣରେ ।

# ବରଗଡ଼ ଜିଲା: ଭାଜପାକୁ ଘାରିଛି ପ୍ରାର୍ଥୀ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୦।୩

ସାଧାରଣ ନିର୍ବାଚନ ପ୍ରକିୟା ଆରମ୍ଭ ହୋଇଛି । ଆସନ୍ତା ଏପ୍ରିଲ ୧୮ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମଙ୍ଗଳବାରଠାରୁ ନାମାଙ୍କନ ଫର୍ମ ବିକ୍ରି, ଦାଖଲ ଆରମ୍ଭ ହୋଇ ଯାଇଛି । ବୁଧବାର ଏହା ଦ୍ୱିତୀୟ ଦିବସରେ ପହଞ୍ଚିଛି । ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ସବାଆଗରେ ବିଜେଡ଼ି ବରଗଡ଼ ଲୋକସଭା ଆସନ ସମେତ ଜିଲାର ସମସ୍ତ ୫ଟି ବିଧାନସଭା ଆସନ ପାଇଁ ସୋମବାର ପ୍ରାର୍ଥୀ ତାଳିକା ଘୋଷଣା କରିଛି । ବିଜେଡ଼ିର ପ୍ରାର୍ଥୀ ତାଲିକା ଘୋଷଣା ପରେ ସେହିଦିନ ବିଳମ୍ବିତ ରାତ୍ରିରେ କଂଗ୍ରେସ ଜିଲାର ଭଟଲି ଓ ବିଜେପୁର ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ ବରଗଡ଼ ଲୋକସଭା ଆସନ ସମେତ ବରଗଡ଼, ଅତାବିରା ଓ ପଦ୍ମପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । କିନ୍ତୁ ୧୨୦ ପ୍ଲସ ମିଶନ କଥା କହୁଥିବା ଭାଜପା କେବଳ ବରଗଡ଼ ନୁହେଁ, ରାଜ୍ୟର କୌଣସି ଆସନ ପାଇଁ ଦଳୀୟ ପ୍ରାର୍ଥୀ ଏଯାଏ ଘୋଷଣା କରି ପାରିନାହିଁ । ଅନ୍ୟପଟେ ଆସନ୍ତା ୨୬ତାରିଖରେ ନାମାଙ୍କନ ପତ୍ର ଦାଖଲ ସମୟସୀମା ସରୁଥିବାବେଳେ ୨୨, ୨୩ ଏବଂ ୨୪ ତାରିଖ ସରକାରୀ ଛୁଟି ରହିଛି । ଏଭଳି ସ୍ଥଳେ ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିବାରେ ଅପାରଗ ସାବ୍ୟସ୍ତ ହୋଇଥିବା ଭାଜପା ବୁଧବାର ସନ୍ଧ୍ୟାରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ୪୦ଜଣ ଷ୍ଟାର ପ୍ରଚାରକଙ୍କ ନାମ ଘୋଷଣା କରିଛି । ପ୍ରାର୍ଥୀ ଘୋଷଣା ନ ହେଉଣୁ ଭାଜପାର ଏଭଳି ଷ୍ଟାର ପ୍ରଚାରକ ଘୋଷଣା ରାଜ୍ୟ ରାଜନୀତିରେ ଏବେ ଚର୍ଚ୍ଚାର ବିଷୟ ହୋଇଛି ।

ବରଗଡ଼ ଜିଲାରେ ବରଗଡ଼, ଅତାବିରା, ବିଜେପୁର, ଭଟଲି, ପଦ୍ମପୁର ବିଧାନସଭା ଆସନ ରହିଛି । ଏହି ୫ଟି ଆସନ ମଧ୍ୟରୁ କେବଳ ପଦ୍ମପୁର ଆସନକୁ ଛାଡ଼ିଦେଲେ ଅନ୍ୟ ଆସନ ଗୁଡ଼ିକ ବିଜେଡ଼ି ଦଖଲରେ ରହିଛି । ପଦ୍ମପୁର ଆସନକୁ ଭାଜପା ଦଖଲ କରିଥିବାବେଳେ ବିଜେପୁର ଆସନକୁ ପ୍ରାୟ ବର୍ଷେ ପୂର୍ବରୁ କଂଗ୍ରେସ ଦଖଲ କରିଥିଲା । କିନ୍ତୁ ତତ୍କାଳୀନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁ ବିଜେଡ଼ିରେ ସାମିଲ ହୋଇ ଉପନିର୍ବାଚନରେ ବିଧାୟିକା ନିର୍ବାଚିତ ହେବା ପରେ ଜିଲାରେ କଂଗ୍ରେସର ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ପଡ଼ୋଶୀ ଛତିଶଗଡ଼ରେ ଭାଜପାକୁ ଗାଦିଚ୍ୟୁତ କରି କଂଗ୍ରେସ ସରକାର ଗଠନ ପରେ ଦଳୀୟ କର୍ମୀ ଉତଫୁଲ୍ଲିତ ହୋଇ ପଡ଼ିଥିଲେ । ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆକୁ ଖୋଦ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସିବା ପରେ କଂଗ୍ରେସ କର୍ମୀଙ୍କ ସେହି ଉତ୍ସାହ ଦ୍ୱିଗୁଣିତ ହେଇଥିଲା । କିନ୍ତୁ ସୋମବାର ବିଳମ୍ବିତ ରାତ୍ରିରେ ଘୋଷିତ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିବା ପରେ ଦଳର ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ଇସ୍ତଫା ଦେବା ସେହି ଉତ୍ସାହକୁ କିଛିମାତ୍ରାରେ ଫିକା କରି ଦେଇଥିବା ସାଧାରଣରେ ଆଲୋଚନା ହେଉଛି ।

ପଦ୍ମପୁର ବ୍ୟତୀରେକ ଅନ୍ୟ ଆସନରେ ଭାଜପାର ଦଳୀୟ ବିଧାୟକ ନାହାନ୍ତି । ଗତ ବର୍ଷେ ତଳେ ହୋଇଥିବା ବିଜେପୁର ଉପନିର୍ବାଚନରେ କଳେ ବଳେ କୌଶଳେ ବାଜିମାତ୍ ମାରିବାକୁ ଭାଜପା ଆଶା ବାନ୍ଧିଥିଲା । ଏହି କ୍ରମରେ ଦଳର ପୁରୁଖା ନେତା,କର୍ମୀଙ୍କୁ ଭୁଲିଯାଇ ବିଜେଡ଼ି ଛାଡ଼ି ଦଳରେ ସାମିଲ ହୋଇଥିବା ଅଶୋକ ପାଣିଗ୍ରାହୀଙ୍କୁ ଭାଜପା ସେହି ଉପନିର୍ବାଚନରେ ପ୍ରାର୍ଥୀ କରିଥିଲା। ହେଲେ ପାଣିଗ୍ରାହୀଙ୍କୁ ଶେଷରେ ପ୍ରାୟ ୪୦ହଜାର ଭୋଟ୍ ବ୍ୟବଧାନରେ ହାରିବାକୁ ପଡ଼ିଥିଲା । ଏବେ ସାଧାରଣ ନିର୍ବାଚନ ସମୟରେ ମଧ୍ୟ ଭାଜପା ପାଇଁ ଅନୁରୂପ ସ୍ଥିତି ଉପୁଜିଛି । ଭାଜପା କୌଣସି ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରି ପାରି ନାହିଁ । କେବଳ ଲୋକସଭା ନୁହେଁ, ଜିଲାର ୫ଟି ବିଧାନସଭା ଆସନ ପାଇଁ ଦଳରେ ମାଳ ମାଳ ଆଶାୟୀ ରହିଛନ୍ତି । ଫଳରେ କାହାକୁ ଦଳୀୟ ପ୍ରାର୍ଥୀ କରିବ, ତାହା ଭାଜପା ପାଇଁ ଚିନ୍ତାର ବିଷୟ ହୋଇଛି । ପଦ୍ମପୁର ଆସନରେ ବିଧାୟକ ପ୍ରଦୀପ ପୁରୋହିତଙ୍କ ବ୍ୟତୀତ ଆଉ କାହାରି ନାମ ସେଭଳି ଚର୍ଚ୍ଚାକୁ ଆସୁ ନାହିଁ। ହେଲେ ରାଜୁ ଘିବେଲା ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । କିନ୍ତୁ ଜିଲାର ଅନ୍ୟ ୪ଟି ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ନେଇ ଭୋଟର ଏବେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି । ବିଜେପୁର ଉପନିର୍ବାଚନ ଭଳି ଅନ୍ୟ ଦଳ ଛାଡ଼ି ଭାଜପା ପାଇଁ ନବାଗତଙ୍କୁ ଦଳ ପ୍ରାର୍ଥୀ କରିବାକୁ ଜଗି ବସିଛି । ଆଉ ସେଥିପାଇଁ ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବ ହେଉଥିବା ଆଲୋଚନା ଚାଲିଛି । ଏ ନେଇ ଭାଜପା ଜିଲା ସଭାପତି ଡଃ ଅରୂପାନନ୍ଦ ସାହୁଙ୍କ ପଚାରିବାରୁ ଠିକଣା ସମୟରେ ଦଳ ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିବ ଏବଂ ସମସ୍ତ ନିର୍ବାଚନ ମଣ୍ଡଳୀ ଭାଜପା କବ୍‌ଜାକୁ ଯିବ ବୋଲି ସେ କହିଥିଲେ ।

## ଦଳୀୟ ପତାକା କାଢ଼ି ନେଲା ପ୍ରଶାସନ

ମନମୁଣ୍ଡା, ୨୦।୩ (ଡି.ଏନ.ଏ)
ବୌଦ୍ଧ ଜିଲା ପ୍ରଶାସନ ମନମୁଣ୍ଡା-ଦେଉଳିର କେତେକ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଘରେ ଲାଗିଥିବା ଦଳୀୟ ପତାକାକୁ ଜୋରଜବରଦସ୍ତ କାଢ଼ି ନେଇଛି । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସେହିପରି ବୁଧବାର ମନମୁଣ୍ଡାର ସଞ୍ଜୀବ ମେହେରଙ୍କ ଘର କାନ୍ଥରେ ତାଙ୍କ ବିନାନୁମତିରେ ବିଜେଡି ତରଫରୁ ଶଙ୍ଖ ଚିହ୍ନ ଲେଖାଯାଇଛି । ଏହାକୁ ନେଇ ମେହେର ଅସନ୍ତୋଷ ଜାହିର କରିବା ସହ ଆପତ୍ତି ଉଠାଇଛନ୍ତି । ତେବେ ଏ କ୍ଷେତ୍ରରେ ନିର୍ବାଚନ ଆଚରଣବିଧି ଉଲଂଘନ ହୋଇ ନାହିଁ କି ବୋଲି ମନମୁଣ୍ଡା ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ ପ୍ରଶ୍ନ କରିଛନ୍ତି ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**ଡୁଙ୍ଗୁରିପାଲି,୨୦।୩(ଡି.ଏନ୍.ଏ.) :** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିଭୁ ସୁନା (୧୯)। ଏନେଇ ପୋଲିସ ଦଫା ୩୫୪, ୩୫୪(ଏ), ୪୫୧, ୫୦୬ ଏକ ମାମଲା(ନଂ.୪୫/୨୦୧୯) ରୁଜୁ କରିଛି। ଜାମିନ ନାମଞ୍ଜୁର ପରେ ଗିରଫ ବିଭୁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ଅଧିକାରୀ ନିରଞ୍ଜନ ଦାଶ ପ୍ରକାଶ କରିଛନ୍ତି।

### ବୋଲେରୋ ଧକ୍କାରେ ବିନିକା ବିଇଓ ଆହତ

**ବିନିକା,୨୦।୩(ଡି.ଏନ୍.ଏ):** ଏକ ବୋଲେରୋ ଗାଡି ଧକ୍କାରେ ବୁଧବାର ବିନିକା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଶଶି ଭୂଷଣ ସେଠୀ ଆହତ ହୋଇଛନ୍ତି। ଖବର ପାଇଁ ବିନିକା ସିଆର୍‌ସିସି ସଂଘ ସଭାପତି ଜୟ ନାରାୟଣ ପୂଜାରୀ, ସିଆର୍‌ସିସି ପ୍ରେମାନନ୍ଦ ଦାଶ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ବିଇଓ ସେଠୀଙ୍କୁ ଛାଡି ଦିଆଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

### ଦୁଇ ପୃଥକ୍ ମାମଲାରେ ୫ ଗିରଫ

**ବିନିକା,୨୦।୩(ଡି.ଏନ୍.ଏ.):** ସୋନପୁର-ବିନିକା ଉର୍ଲେଛକ ଏକ ସ୍କୁଲ ନିକଟରେ ଗତ ୨ତାରିଖ ରାତିରେ ଦୁର୍ବୃତ୍ତମାନେ ଯାତ୍ରୀଙ୍କଠାରୁ ଲୁଟପାଟ୍ କରିଥିଲେ। ଏପରି କି ଦୁର୍ବୃତ୍ତମାନେ ଏକ କାର(ନଂ.ଓଡି୦୩ସି-୦୪୩୦)କୁ ଭଙ୍ଗାରୁଜା କରିବା ସହ ଗାଡିରେ ବସିଥିବା ଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ବିନିକା ଥାନାରେ ଏକ ଅଭିଯୋଗ ହୋଇଥିଲା। ବିନିକା ଥାନା ଆଇଆଇସି ରାଜେନ୍ଦ୍ର ସାମରିଆ ଘଟଣାର ତଦନ୍ତ କରିଥିଲେ। ପୋଲିସ ଉକ୍ତ ଘଟଣାରେ ସାମିଲ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ ବୁଧବାର କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷେ ପୋଲିସ ଗିରଫ ଯୁବକଙ୍କଠାରୁ ୩ଟି ବାଇକ୍ ଜବତ କରିଛି। ଗିରଫ ଯୁବକମାନେ ହେଲେ ରାମନାରାୟଣ ହୋତା(୩୩) ଓରଫ ଘୁଣ୍ଟୁ, ତ୍ରିଲୋଚନ ତାଙ୍ଗ(୩୦), ରାଜାରାମ ମେଶୁଆ(୨୫)। ଏନେଇ ବିନିକା ଥାନାରେ ଏକ ମାମଲା(ନଂ.୨୭/୧୯) ରୁଜୁ ହୋଇଛି। ସେହିପରି ବିନିକା ବଜାରରେ କିଛିଦିନ ତଳେ ଏକ ବାଇକ୍ ଚୋରି ହୋଇଥିଲା। ଏନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ବିନିକା ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଗୁଛାପଡ଼ା ଥାନା ନୀଳମଣୀ ବିଘାଲ (୩୦) ଏବଂ ଉଛବ ଦିଗାଲ(୩୨)। ପୋଲିସ ଏକ ବାଇକ୍ ଜବତ କରିଛି। ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୩୧/୧୯) ରୁଜୁ ହୋଇଛି।

### ଏପ୍ରିଲ ୫ରେ ଦ୍ୱିତୀୟ ସମଲେଶ୍ୱରୀ ରାଜ୍ୟସ୍ତରୀୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର,୨୦।୩ (ବ୍ୟୁରୋ):** ଇଷ୍ଟକୋଷ୍ଟ ରେଲୱେ କ୍ରୀଡା ସଂଘ ପକ୍ଷରୁ ଏପ୍ରିଲ ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ସମଲେଶ୍ୱରୀ ରାଜ୍ୟସ୍ତରୀୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ହେବ ।

# ସମ୍ଭାବ୍ୟ ଅଂଶୁଘାତର ମୁକାବିଲା

- ଜଳକଷ୍ଟ ନିବାରଣ ପ୍ରାକ୍ ପ୍ରସ୍ତୁତି
- ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍

**ସୋନପୁର,୨୦।୩(ନି.ପ୍ର.)**

ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା ଓ ଜଳକଷ୍ଟ ନିବାରଣ ନିମନ୍ତେ ଆଗୁଆ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲାର ତାପମାତ୍ର ୪୫ରୁ ୫୦% ସେଲସିଅସ ଅତିକ୍ରମ କରୁଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତସ୍କୁଲଗୁଡ଼ିକୁ ସକାଳୁଆ କରିବା, ନଳକୂପର ପରିଚାଳନା, ଜଳଯୋଗାଣ ପ୍ରକଳ୍ପର ୭୨ ଘଣ୍ଟା ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଏବଂ ଆବଶ୍ୟକ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜରୁରୀ କାଳୀନ ବିଭାଗ ଓ ଅନ୍ୟାନ୍ୟ ବିଭାଗରେ ଏପ୍ରିଲ ୧ ତାରିଖରୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଡିଏମ୍‌ଓ ଏମ୍‌ଏସ୍ ଡାକ୍ତର ପ୍ରଦୀପ କୁମାର ଗୁରୁ ଅଂଶୁଘାତର ମୁକାବିଲା ସକାଶେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ପୀଡିତଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରୀତ କକ୍ଷ ସହ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ବିଭାଗ ପକ୍ଷରୁ ଜୁନ୍ ୧୫ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସମ୍ପର୍କରେ ସୂଚନା ଦେଇଥିଲେ । ବନ ବିଭାଗ ପକ୍ଷରୁ ଜଙ୍ଗଲର ସୁରକ୍ଷା ସମ୍ପର୍କରେ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଏସିଏଫ ସୁଶିଲ କୁମାର ତ୍ରିପାଠୀ ସୂଚନା ଦେଇଥିଲେ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜିଲାରେ ଶ୍ରମିକଙ୍କ କାର୍ଯ୍ୟକୁ ବନ୍ଦ ରଖିବାକୁ ପଦକ୍ଷେପ ନେବା ସମ୍ପର୍କରେ ଶ୍ରମ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରାଣୀ ସମ୍ପଦର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଥିଲା । ସରକାରଙ୍କ ଗାଇଡଲାଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ବିଡିଓ ରବୀନ୍ଦ୍ର କୁମାର ପଟେଲ, ଡିଏସ୍‌ପି ଡିଆଇବି ମନୋରଞ୍ଜନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଡିପିସି ବେଣୁଧର ବେହେରା, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜବନ୍ଧୁ ପାଣିଗ୍ରାହୀ, ଏଡିଭିଓ ଡାକ୍ତର ସୁନିଲ ମହାପାତ୍ର, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ର, ବିନିକା ଏନ୍‌ଏସି ଇଓ କନିକା ଚକ୍ରବର୍ତ୍ତୀ, ତରଭାର ଦୁଃଖିରାମ ନାଏକ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

 କନ୍ଧମାଳ ବିଧାୟକଙ୍କ ଅଡୁଆ ବଢ଼ିଲା

# ଶେଷ କୁମାର ମେହେର ହେବେ ସ୍ୱାଧୀନ ପ୍ରାର୍ଥୀ

**ବୌଦ୍ଧ,୨୦।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ଏପର୍ଯ୍ୟନ୍ତ ନାମ ଘୋଷଣା କରିନାହିଁ । କିନ୍ତୁ ବିଜେଡିର ପ୍ରାର୍ଥୀ ଘୋଷଣା ହେବା ପରେ ଦଳୀୟ କନ୍ଦଳ ବଢିଯାଇଛି । ସାରା ରାଜ୍ୟରେ ବିଜେଡିର ଟିକେଟ ବଣ୍ଟାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ବୌଦ୍ଧରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ ବିଧାୟକ ମହୀଧର ରଣାଙ୍କୁ ଆଉ ଥରେ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଥିବାରୁ ଦଳୀୟ ନେତାଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । କନ୍ଧମାଳ ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀ, ନେତା ଓ ଜନସାଧାରଣ ମହୀଧର ହଟାଓ ଓ କନ୍ଧମାଳ ବଞ୍ଚାଅ ପାଇଁ ବହୁ ଆଗରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହା ସ୍ୱତ୍ତେ ଦଳ ପକ୍ଷରୁ ପୁନର୍ବାର ରଣାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଏହାର ବିରୋଧ କରି ଦଳୀୟ ନେତାମାନେ ଗତ ୧୯ ତାରିଖରେ କଣ୍ଟମାଳ କଲ୍ୟାଣ ମଣ୍ଡପ ଠାରେ ଏକ ବୈଠକ କରିଥିଲେ। ବୈଠକର ନିଷ୍ପତ୍ତି କ୍ରମେ ଗୁରୁବାର ବୟନିକା ସଭାପତି ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ହୋଇଥିଲା। ମେହେର ୨୬ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ସେ ନାମାଙ୍କନ ପତ୍ର କିଣିବା ସମୟରେ କଣ୍ଟାମାଳ ପୂର୍ବତନ ଚେୟାରମେନ ସଙ୍କର୍ଷଣ ପ୍ରଧାନ, କୃଷ୍ଣ କହଁର, କଣ୍ଟାମାଳ ଓକିଲ ସଂଘ ସଭାପତି ଦୁତିଆ ସାହୁ, ବରିଷ୍ଠ ନେତା ବାଳମୁକୁନ୍ଦ ମେହେର, ଲିଙ୍ଗରାଜ ଜଗଦଲା, ବରିଷ୍ଠ ଓକିଲ ଯୋଗେଶ ପ୍ରସାଦ ନାଏକ, ଚିରଞ୍ଜୀବୀ ବିଶି, ଶ୍ରୀକାନ୍ତ ମିଶ୍ର, ବିବସ୍ୱ କହଁର, ପୂର୍ବତନ ବ୍ଲକ ଅଧ୍ୟ ସାମନ୍ତ ମାଝୀ, ସୁଧୀର ପାଣିଗାହୀ, ଚେତାରାମ ପଟ୍ଟନାୟକ, ପୟଧର ମହାକୁଲ, ଶିବଶଙ୍କର କର୍ଣ୍ଣ ଓ ପ୍ରତ୍ୟୁଷ ରଥ ପ୍ରମୁଖ ଉପସ୍ଥିତ ଥିଲେ ।



ମୀନାବଜାରରେ ଦେଖଣାହାରୀଙ୍କ ଗହଳି।

# ଦୋଳଯାତ୍ରା ଉତ୍ସବମୁଖର ବୀରମହାରାଜପୁର

**ବୀରମହାରାଜପୁର,୨୦।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦୋଳଯାତ୍ରା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବରୁ ଦିନକ ପାଇଁ ପୂର୍ଣ୍ଣିମା ତିଥିରେ ଏହି ମହୋତ୍ସବ ପାଳିତ ହେଉଥିବା ବେଳେ ପ୍ରାୟ ଦୁଇ ଦଶନ୍ଧି ହେଲା ଏହା ୩ ଦିନିଆ ମେଳା ଭାବେ ପାଳନ କରାଯାଉଛି। ଏହି ଅବସରରେ ଦୋଳମଣ୍ଡପ ନିକଟରେ ମଙ୍ଗଳବାର ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଏଥିରେ ଜିଲା ତଥା ପୋଡଶୀ ଜିଲାର ବିଭିନ୍ନ ପ୍ରାନ୍ତରୁ ସଂକୀର୍ତ୍ତନ ମଣ୍ଡଳି ଆସି ନାମଯଜ୍ଞରେ ସାମିଲ ହୋଇଛନ୍ତି। ଏପରି କି ମେଳାରେ ବେପାର କରିବାକୁ ସ୍ଥାନୀୟ ବ୍ୟବସାୟୀଙ୍କ ସହ ଦୂର ଦୂରାନ୍ତରରୁ ପହଞ୍ଚିଥିବା ବେପାରୀମାନେ ଭଳିକି ଭଳି ଜିନିଷର ପସରା ମେଲାଇଛନ୍ତି। ଏଥି ସହିତ ଯାତ୍ରା ପଡିଆରେ ଆରମ୍ଭ ହୋଇଥିବା ମୀନାବଜାର ଓ ଚକ୍ରିଦୋଳିର ମଜା ନେବାପାଇଁ ଗହଳି ଲାଗିରହିଛି। ଗୁରୁବାର ରାତି ମେଳଣ ପଡ଼ିଆରେ ଅନୁଷ୍ଠିତ ହେବ ଦୋଳ ମହୋତ୍ସବର ପ୍ରମୁଖ ଆକର୍ଷଣ ହରିହର ଭେଟ। ପାରମ୍ପରିକ ରୀତିନୀତି ଅନୁଯାୟୀ ହରିହରଙ୍କ ଭେଟପାଇଁ ସାମିଲ ହେବେ ଦେବଦେବ ମହାଦେବଙ୍କ ପ୍ରସିଦ୍ଧ ପୀଠ ଚମ୍ପାମାଳର ବାବା ଚମ୍ପେଶ୍ୱର, କମଳପୁରର ବାବା ଗୁପ୍ତେଶ୍ୱର, ଟିଠିପାଲିର ବାବା ରାମେଶ୍ୱର ଏବଂ ଚକାବର ଜଗନ୍ନାଥ ମନ୍ଦିରରେ ଅଧିଷ୍ଠିତ ପ୍ରଭୁଙ୍କ ସହିତ ବାଗବର, ଷଣ୍ଢା ଓ କୁମୁରସିଂଘା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜିତ ହରିଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନ ଯୋଗେ ଶୋଭାଯାତ୍ରାରେ ଅଣାଯାଇ ମେଳଣ ପଡିଆରେ ଫଗୁଖେଳ ମଧ୍ୟରେ ଭେଟ କରାଯିବ। ଦୋଳଯାତ୍ରା ସକାଶେ ଶ୍ରଦ୍ଧାଳୁ, ପର୍ଯ୍ୟଟକ ତଥା ସବୁ ବର୍ଗର ଦେଖଣାହାରୀଙ୍କ ସମାଗମ ବଢି ଚାଲିଛି। ଏନେଇ ପୋଲିସ ପ୍ରଶାସନ, ବିଭିନ୍ନ ମନ୍ଦିର କମିଟିଙ୍କ ସହ ନାମଯଜ୍ଞ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ସିପିଆଇ ଭାଗରେ ବୌଦ୍ଧ ଟିକେଟ

# ବୌଦ୍ଧରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ

**ବୌଦ୍ଧ,୨୦।୩(ସ୍ୱ.ପ୍ର)**

ସାରା ରାଜ୍ୟରେ ଟିକେଟ ବଣ୍ଟନ ନେଇ କସରତ ଚାଲିଥିବା ବେଳେ ବୌଦ୍ଧରେ କଂଗ୍ରେସର ଟିକେଟ ବଣ୍ଟନ ନେଇ କର୍ମୀ ଓ ନେତାଙ୍କ ଅସନ୍ତୋଷ ବୃଦ୍ଧି ପାଇଛି । ଆସନ ବୁଝାମଣା ପରେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ସିପିଆଇ ହାତକୁ ଚାଲିଯିବା ଏକ ପ୍ରକାର ନିଶ୍ଚିତ ହୋଇସାରିଥିବାବେଳେ ମେଣ୍ଟ ପ୍ରାର୍ଥୀ ଭାବେ ସିପିଆଇର ଅବକାଶ ସାହୁ ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଲେଣି। ଏହାକୁ କଂଗ୍ରେସ ଦଳର ନେତା ଓ କର୍ମୀମାନେ ବିରୋଧ କରିବା ସହ ଏଠାରୁ କଂଗ୍ରେସ ପ୍ରାର୍ଥୀ ନ ଦେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ପୂର୍ବ ନିର୍ବାଚନ ଗୁଡିକୁ ଅନୁଧ୍ୟାନ କଲେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଏକ ବଡ ଭୋଟ ବ୍ୟାଙ୍କ ରହିଛି । କିନ୍ତୁ ଦଳ ଭିତରେ ଏକତା ରହିପାରୁ ନ ଥିବାରୁ ଦଳ ବାରମ୍ବାର ପରାଜିତ ହେଉଛି । ୧୯୯୫ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନବ କୁମାର ମିଶ୍ର ବିଜୟର ନିକଟତର ହୋଇଥିଲେ ମଧ୍ୟ ଦଳୀୟ ନେତାମାନଙ୍କ ବିରୋଧ ଯୋଗୁ ପରାଜିତ ହୋଇଥିଲେ । ସେହିପରି ଗତ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସୁଶାନ୍ତ ପ୍ରଧାନ ଏଠାରେ ୪୩, ୪୭୦ ଭୋଟ ପାଇ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ଅମାତଙ୍କୁ କଡା ଟକ୍କର ଦେବା ସହ ପରାସ୍ତ ହୋଇଥିଲେ । ବୌଦ୍ଧରେ କଂଗ୍ରେସର ଭଲ ସ୍ଥିତି ଥିବା ସତ୍ତ୍ୱେ ଏହି ଆସନକୁ କଂଗ୍ରେସ ପକ୍ଷରୁ ମେଣ୍ଟ ଦଳ ସିପିଆଇକୁ ଛାଡି ଦେବା ନେଇ କର୍ମୀ ଓ ନେତାଙ୍କ ମନରେ ବିରୋଧାଭାସ ପ୍ରକାଶ ପାଇଛି । ଏଭଳି ହେଲେ ଜିଲାରେ କଂଗ୍ରେସ ସଙ୍ଗଠନ ମୂଳପୋଛ ହୋଇଯିବ ବୋଲି ନେତାମାନେ ପ୍ରକାଶ କରିଛନ୍ତି । ବୌଦ୍ଧ ଆସନ ନେଇ ସିପିଆଇ ସହିତ ବୁଝାମଣା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଗୁରୁବାର ବୌଦ୍ଧ ସହରର ଏନଏସି ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହ ବୌଦ୍ଧରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦେବାକୁ ଦାବି କରାଯାଇଛି । ଯଦି ଦଳ ପକ୍ଷରୁ ଏଠାରେ ପ୍ରାର୍ଥୀ ଦିଆ ନ ଯାଏ ଆଗାମୀ ଦିନରେ ଦଳ ପାଇଁ ବିପଦ ଦେଖାଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।



କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

### ଦୁର୍ଘଟଣାରେ ଜଣେ ମୃତ

**ପଡିଆବାହାଲ,୨୦।୩ (ଡି.ଏନ.ଏ.)**

ସମ୍ବଲପୁର ସଦର ଥାନା ଅଧୀନ ପଧାନପାଲି ମଙ୍ଗଳେଶ୍ୱର ମହାଦେବ ମନ୍ଦିର ନିକଟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କାରେ ସମ୍ବଲପୁର କୁମ୍ଭାରପଡାର ଶରତ ମେହେର (୪୮)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ

**ଡୁଙ୍ଗୁରିପାଲି,୨୦।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀକୁ ଜଣେ ସ୍କୁଲ ଶିକ୍ଷକ ଅସଦାଚରଣ କରିଥିବା ନେଇ ଗ୍ରାମବାସୀ ଡୁଙ୍ଗୁରିପାଲି ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରି କି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଡୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗଡତ୍ୟାଙ୍କୁ ପଚାରିବାକୁ ଅଭିଯୋଗକୁ ଭିତ୍ତି କରି ଘଟଣା ସଂକ୍ରାନ୍ତରେ ଉର୍ଦ୍ଧ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ଘଟଣା ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।



ସୁବଳୟା ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ସଚେତନତା ଶିବିରରେ ଅଂଶଗ୍ରହଣ କରିଥିବା ମହିଳାମାନେ।

# ଜଳ, ପରିମଳ ସଚେତନତା ଶିବିର

**ବୀରମହାରାଜପୁର,୨୦।୩ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ପଞ୍ଚାୟତ ସଭାଗୃହଠାରେ ବୁଧବାର ଜଳ ଓ ପରିମଳ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଛଜଳ କାର୍ଯ୍ୟକାରୀ ମହାସଂଘ (ଫାନସା) ତଥା ପରିବର୍ତ୍ତନ ସୁବଳୟାର ପ୍ରୟାସରେ ଶିବିର ହୋଇଥିଲା। ଏଥିରେ ଫାନସାର ଆବାହକ ମନୋଜ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଜଳର ଆବଶ୍ୟକତା, ରକ୍ଷଣାବେକ୍ଷଣ, ପରିଚାଳନା, ସ୍ୱଚ୍ଛଜଳ ବ୍ୟବହାର, ପରିମଳ ଓ ସ୍ୱଚ୍ଛଭାରତ ମିଶନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ସନ୍ତୋଷ କୁମାର ଦାଶ ଶିବିରରେ ଯୋଗଦେଇ ବ୍ୟକ୍ତିଗତ ପରିଚ୍ଛନତା, ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ସହାୟତା ଉପରେ ବୁଝାଇଥିଲେ। ଲୋକଙ୍କ ଅବହେଳା ଏବଂ ସଚେତନାର ଅଭାବ ଯୋଗୁ ମାତୃ, ଶିଶୁ ମୃତ୍ୟୁହାର ଓ ଜଳ ପରିମଳ ଜନିତ ରୋଗ ବୃଦ୍ଧି ହେଉଥିବା କହିଥିଲେ। ଆଶାକର୍ମୀ ମଣିବାଳା ନେଗି, ଶାନ୍ତିଲତା ବେହେରା, ପ୍ରତିଭା ସାହୁ ମହିଳାମାନଙ୍କୁ ହାତ ସଫାରଖିବା ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ବବିତା ରାଣୀ ମହାପାତ୍ର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ମାସିକ ଧର୍ମ ଓ ଯତ୍ନ ଉପରେ ସଚେତନ କରାଇଥିଲେ। ପରିବର୍ତ୍ତନର ସମ୍ପାଦକ କୈଳାଶ ଚନ୍ଦ୍ର ଅଗ୍ରୱାଲ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବର୍ଷାରାଣୀ ଅଗ୍ରୱାଲା ସହଯୋଗ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୭୫ଜଣ ଏସ୍‌ଏଚ୍‌ଜି ସଭ୍ୟା ଅଂଶଗ୍ରହଣ କରିଥିଲେ।

ବୌଦ୍ଧ ପ୍ରଶାସନର ଖବରଦାତା ସମ୍ମିଳନୀ

# ଶୃଙ୍ଖଳିତ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

- ଦିନ ୧୧ଟାରୁ ୩ଟା ଯାଏ ହେବ ନାମାଙ୍କନ ଦାଖଲ
- ସକାଳ ୭ରୁ ୪ଟା ପର୍ଯ୍ୟନ୍ତ ମତଦାନ

**ବୌଦ୍ଧ,୨୦।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା ପ୍ରସ୍ତୁତି ନେଇ ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି । ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିର୍ବାଚନ ପାଇଁ ଇଭିଏମ ଗୁଡିକର କମ୍ପ୍ୟୁଟର ଜରିଆରେ ମିଶ୍ରଣ କରି ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ଅଲଗା ଅଲଗା କରାଯାଇଛି। ଜିଲାରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ଉପରେ ଦୃଷ୍ଟି ରଖିବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ସମୟସୀମା ରହିଥିବାବେଳେ ଦ୍ୱିତୀୟ ଦିବସ ସୁଦ୍ଧା ୨୧ଟି ନାମାଙ୍କନପତ୍ର ନିର୍ବାଚନ କାର୍ଯ୍ୟାଳୟରୁ ନିଆଯାଇଥିବା ଜଣାପଡିଛି। ତେବେ ଗୁରୁବାର ଦୋଳପୂର୍ଣ୍ଣିମା ପାଇଁ ସରକାରୀ ଛୁଟି ରହିଥିଲେ ମଧ୍ୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ ବୋଲି ସୂଚନା ଦିଆଯାଇଛି। ସରକାରୀ ଛୁଟି ଯୋଗୁ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ହୋଇପାରିବ ନାହିଁ। ତେଣୁ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ମଧ୍ୟରେ ପ୍ରାର୍ଥୀମାନେ ଦିନ ୧୧ଟାରୁ ୩ଟା ମଧ୍ୟରେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିପାରିବେ । ପ୍ରାର୍ଥୀମାନେ ଶୋଭାଯାତ୍ରାରେ କରୁଥିବା ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚରେ ଯୋଡାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ରାଉତ ପ୍ରକାଶ କରିଛନ୍ତି। ନାମାଙ୍କନ ଦାଖଲ ଶୋଭାଯାତ୍ରାର ଖର୍ଚ୍ଚ ଉପରେ ଦୃଷ୍ଟି ରଖିବାକୁ ଭିଡିଓ ଚିତ୍ର ଓ ଫଟୋ ଉତ୍ତୋଳନ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ନାମାଙ୍କନ ଦାଖଲ ସମୟରେ କାର୍ଯ୍ୟାଳୟ ଭିତରକୁ ମାତ୍ର୪ ଜଣ ସମର୍ଥକଙ୍କୁ ନେଇପାରିବେ। ସେହିପରି ପ୍ରାର୍ଥୀପତ୍ର ଯାଞ୍ଚ ଦିନ ପ୍ରାର୍ଥୀଙ୍କ ପକ୍ଷରୁ ମାତ୍ର ୪ ଜଣ ଉପସ୍ଥିତ ରହିପାରିବେ। ମତଦାନ ଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ। ନାମାଙ୍କନର ଦ୍ୱିତୀୟ ଦିବସ ସୁଧା ୨୧ ଜଣ ନାମାଙ୍କନପତ୍ର ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ଜଣ ପ୍ରାର୍ଥୀ ପ୍ରାଉଟିଷ୍ଟ ବ୍ଲକର କେଦାର ସାହୁ, ସିପିଆଇର ଅବକାଶ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର ଅଛନ୍ତି । ଏହି ସମ୍ମିନଳୀରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ନିର୍ବାଚନ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଉଛନ୍ତି ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।

- ବିନୋବା ଭାବେ



## ସଂକ୍ଷେପରେ

### ଲାଞ୍ଜିଗଡ଼ରେ ସଟ୍ଟା, ବିଶ୍ୱନାଥପୁରରେ ଜୁଆ: ଡିଆଇଜିଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ

**ଲାଞ୍ଜିଗଡ଼,୨୦।୩(ଡି.ଏନ.ଏ.):** ଦୀର୍ଘଦିନ ହେଲା ଶିଳ୍ପ ସହର ଲାଞ୍ଜିଗଡର ଗଳିକନ୍ଦି ଓ ବିଭିନ୍ନ ଛକରେ ଏବେ ସଟ୍ଟା ଖେଳ ଚାଲିଛି । ଏଥିରେ ଟଙ୍କା ଲଗାଇ ସହରର ଶତାଧିକ ଲୋକେ ସର୍ବସ୍ୱାନ୍ତ ହୋଇ ପଡିଥିବାବେଳେ ମାନସିକ ଭାରସାମ୍ୟ ହରାଇବା ଭଳି ପରିସ୍ଥିତିର ସାମ୍ନା କରୁଛନ୍ତି। ଦିନ ଦ୍ୱିପ୍ରହରରେ ଲକ୍ଷଲକ୍ଷ ଟଙ୍କାର ଏହି ସଟ୍ଟା କାରବାର ଚାଲିଥିବାବେଳେ ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଏପରିକି ପୋଲିସର ଜାଣତରେ ସଟ୍ଟା ମାଫିଆମାନେ ଦୈନିକ ଲକ୍ଷଲକ୍ଷ ଟଙ୍କାର କାରବାର କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଦୀର୍ଘ ଦିନ ହେଲା ଚାଲିଛି ଜୁଆ ଆଡ୍ଡା । ଏହି ଜୁଆ କାରବାରରେ ଜଣେ ଦୁଇଜଣ ସ୍ଥାନୀୟ ଲୋକେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାବେଳେ ବିଶ୍ୱନାଥପୁର, ଲାଞ୍ଜିଗଡ, ଲାଞ୍ଜିଗଡ ରୋଡ, ନର୍ଲା ସମେତ ରାୟଗଡା ଜିଲାର ଅମ୍ବାଦଳା, ମୁନିଗୁଡା, ବିଷମ କଟକର ଦଳଦଳ ଜୁଆଡି ଏଥିରେ ଭାଗ ନେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଜୁଆ କାରବାର ଚାଲୁଥିବାବେଳେ ପୋଲିସ ପ୍ରଶାସନ ସବୁଜାଣି ମଧ ନିରବ ରହିଛି । ସେହିପରି କିଛି ଅବ୍ୟବହୃତ ସରକାରୀ କ୍ୱାର୍ଟରକୁ ନିଜ ଅକ୍ତିଆରକୁ ନେଇ ଏହି ଜୁଆ ଆଡ୍ଡା ଚଳାଇଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ମଧ ଏଥିରେ ଅଙ୍କୁଶ ଲଗାଇ ପାରୁନାହିଁ । ଏଥିରେ କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ଥିବାରୁ ଠିକ୍ ପଦକ୍ଷେପ ନିଆଯାଇ ପାରୁନାହିଁ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ପ୍ରକାଶ ନ କରି କହିଛନ୍ତି। ଏପରିକି ଗତ ବର୍ଷେ ତଳେ ଡେପଗୁଡା ଘାଟିରେ ରୁପ୍ରାରୋଡର ବ୍ୟବସାୟୀ ରାମ ପ୍ରସାଦ ବେହେରାଙ୍କ ମୃତ୍ୟୁ ଓ ନର୍ଲାରୋଡର ବ୍ୟବସାୟୀ ଶ୍ରୀକିଷନ ଅଗ୍ରୱାଲଙ୍କ ମୃତ୍ୟୁ ରହସ୍ୟ ବିଶ୍ୱନାଥପୁର ଓ ଲାଞ୍ଜିଗଡଠାରେ ଚାଲୁଥିବା ଜୁଆ ଆଡ୍ଡା ସହିତ ଜଡିତ ରହିଛି ବୋଲି ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି । ମଙ୍ଗଳବାର ଲାଞ୍ଜିଗଡ ଥାନାରେ ଏକ ବୈଠକ ଚାଲିଥିବାବେଳେ ଲାଞ୍ଜିଗଡର ସଟ୍ଟା କାରବାର ଓ ବିଶ୍ୱନାଥପୁରର ଜୁଆ କାରବାର ସମ୍ପର୍କରେ ଦକ୍ଷିଣାଞ୍ଚଳ ଡିଆଇଜି ହିମାଂଶୁ କୁମାର ଲାଲଙ୍କ ନିକଟରେ ଫେରାଦ ହୋଇଥିଲେ ସ୍ଥାନୀୟ ଲୋକେ । ଲୋକଙ୍କଠାରୁ ଅଭିଯୋଗ ଶୁଣି ଡିଆଇଜି କ୍ଷୋଭ ପ୍ରକାଶ କରିବା ସହ ପାଖରେ ଥିବା କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ଓ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ଏହାର ସମାଧାନ ପାଇଁ କଡା ନିର୍ଦ୍ଦେଶ ଦେଇଥିଲେ। ସେହିପରି କିଛି ଲୋକ ଅଞ୍ଚଳରେ ଚାଲିଥିବା ବେଆଇନ ଦେଶୀ ବିଦେଶୀ ମଦ କାରବାର ସମ୍ପର୍କରେ ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଏ ଦିଗରେ ଜିଲା ପୋଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଡିଆଇଜି ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ

# ଟିକେଟ ଘୋଷଣା ପରେ ବିଜେଡିରେ ବିଦ୍ରୋହ

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୦।୩ (ଡି.ଏନ୍.ଏ.)**

କଣ୍ଟାବାଞ୍ଜି ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଭାବେ ଅଜୟ ଦାସଙ୍କୁ ଟିକେଟ ଦିଆଯିବା ପରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ସମର୍ଥକ ଓ କେତେଜଣ ବିଜେଡି କାର୍ଯ୍ୟକର୍ତ୍ତା ବିଦ୍ରୋହ କରିବାକୁ ଆଗେଇ ଆସିଛନ୍ତି। ଟିକେଟ ପାଇ ନ ଥିବା ବିଧାୟକ ଖାନ୍ ଭୁବନେଶ୍ୱର ଯାଇଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ପ୍ରଦାନର ପୁନର୍ବିଚାର କରିବାକୁ ଅନୁରୋଧ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷେ ପରିସ୍ଥିତିକୁ ଆଖି ଆଗରେ ରଖି ଦଳୀୟ ଟିକେଟ ପାଇଥିବା ଅଜୟ ଦାସଙ୍କ ଏକ ଭିଡିଓ କ୍ଲିପ୍ ବୁଧବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କଣ୍ଟାବାଞ୍ଜିରେ ପରିସ୍ଥିତି ଅଧିକ ଜଟିଳ ହୋଇପଡିଛି। ବିଧାୟକ ଖାନ୍ ଓ ଟିକେଟ ପାଇଥିବା ଅଜୟଙ୍କ ଭିତରେ ଏକପ୍ରକାର କଳିକଜିଆ ଆରମ୍ଭ ହୋଇଯାଇଛି । ଏଥିରୁ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ବେଶ୍ ଫାଇଦା ଉଠାଇବେ ବୋଲି ଆଶା ବାନ୍ଧିଛନ୍ତି।

**ଭୁବନେଶ୍ୱରରେ ଆୟୁବ୍, ଚର୍ଚ୍ଚାରେ ଅଜୟଙ୍କ ଭିଡିଓ କ୍ଲିପ୍**

ମଙ୍ଗଳବାର ଅପରାହ୍ନରେ କଣ୍ଟାବାଞ୍ଜି ମୁସଲିମ କମ୍ୟୁନିଟି ସେଣ୍ଟରଠାରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ଉପସ୍ଥିତିରେ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ମୁରିବାହାଲ, ତୁରେକେଲା, ବଙ୍ଗୋମୁଣ୍ଡା ବ୍ଲକ ଓ କଣ୍ଟାବାଞ୍ଜି ଏନ୍‌ଏସିର ବିଜେଡି କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏଥିରେ ବିଧାୟକ ଖାନ୍‌ଙ୍କୁ ଚଳିତ ନିର୍ବାଚନ ସକାଶେ ଦଳୀୟ ଟିକେଟ ଦିଆଯାଇ ନ ଥିବାରୁ ସମସ୍ତେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଆବଶ୍ୟକ ହେଲେ ଖାନ୍ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହେବେ ବୋଲି ନିଷ୍ପତ୍ତି ନେଇଥିଲେ। ତେବେ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ଏଭଳି ପ୍ରତିକ୍ରିୟା ଦେଖି ଖାନ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ବଦଳ କରି ତାଙ୍କୁ ପୁଣି ଥରେ ଟିକେଟ ଦେବାକୁ ଆଲୋଚନା କରିବେ ବୋଲି କହିଥିଲେ। ବିଧାୟକ ଖାନ୍ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଭୁବନେଶ୍ୱର ଯାଇଛନ୍ତି। ଅନ୍ୟପଟେ ବିଜେଡି ଟିକେଟ ପାଇଥିବା ଅଜୟ ଦାସଙ୍କ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓ କ୍ଲିପ୍ ଚର୍ଚ୍ଚାର ବିଷୟ ହୋଇଛି । ଉକ୍ତ ଭିଡିଓରେ ତାଙ୍କ ଦଳର କେତେଜଣ କର୍ମୀ ତାଙ୍କୁ ବାହାରିଆ ନେତା ବୋଲି କହିଥିବା ଦର୍ଶାଇ ସେ ପରୋକ୍ଷରେ ବିଜେଡି ପ୍ରତିପକ୍ଷଙ୍କୁ କଡା ଜବାବ ଦେଇଛନ୍ତି । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ୨ ଥର ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିବା ଦାସଙ୍କ ଘର ୧୪ ନମ୍ବର ୱାର୍ଡରେ ବୋଲି ସେ କହିଛନ୍ତି। ଏହା ସହିତ ଠିକା କାମରେ ୧୦ ପ୍ରତିଶତ ପିସି କଥା ଉଠାଇଛନ୍ତି। ଏପରି କି ତାଙ୍କର କୌଣସି ପୁତୁରା ନାହାନ୍ତି ଯେ କି ସେଠାରେ ଗୁଣ୍ଡାଗର୍ଦ୍ଦି କରିବ ବୋଲି କହି ପରୋକ୍ଷରେ ସେ କଡା ସମାଲୋଚନା କରିଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ବିଜେଡି ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ରତର ହେଉଥିବା ସ୍ପଷ୍ଟ ହୋଇଛି।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛତା, ଦେହକୁ ହିତା**
**ହାତ ବଳେ, କାନ୍ଧ ଫୁଲେ**
**ଧୁକା ହେଲେ ଶତ୍ରୁଠୁଁ ବଳେ ।**

ଛତା ମଣିଷକୁ ଖରା, ବର୍ଷାରୁ ସୁରକ୍ଷା ଦେଇଥାଏ। ବୃଦ୍ଧ ଲୋକଙ୍କ ପାଇଁ ବାଟ ଚାଲିବାରେ ଏହା ଆଶାବାଡ଼ିର ଭୂମିକା ତୁଲାଇଥାଏ, ମନରେ ଦମ୍ଭ ସାହସ ବୃଦ୍ଧି କରାଇଥାଏ । ପରନ୍ତୁ ଏହା ଅଚଳ ବା ଖରାପ ହୋଇଗଲେ କାହାରି ଉପକାରରେ ଆଉ ଲାଗିପାରି ନ ଥାଏ, କେବଳ ବୋଝ ବୋହିବା ଜନିତ ଅଯଥା ଶ୍ରମ କ୍ଲେଶ ଭୋଗିବା ହିଁ ସାର ହୋଇଥାଏ। ପରୋକ୍ଷରେ ଉପକାରୀ ଆପଣାର ବ୍ୟକ୍ତି ଧୋକାଦେଲେ ଶତ୍ରୁଠୁଁ ବଳି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଛିଲୋ ଛାଇ**
**ସାଙ୍ଗେ ସାଙ୍ଗେ କେତେ ଗୋଡ଼ଉଥାଇ ।**

ସୂର୍ଯ୍ୟାଲୋକରେ ଶରୀରରେ ଛାଇ ସୃଷ୍ଟି ହୋଇଥାଏ, ଯାହାକି ଶରୀରର ସାଥେ ସାଥେ ରହିଥାଏ। ପରନ୍ତୁ ରାତିରେ ଏହାର ଅସ୍ତିତ୍ୱ ରହି ନ ଥାଏ। ପରୋକ୍ଷରେ ତୋଷାମଦକାରୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ସବୁବେଳେ ଛାଇପରି ପାଖେ ପାଖେ ଘୂରିବୁଲିଥାନ୍ତି। ସ୍ୱାର୍ଥପୂରଣ ହୋଇଗଲେ ସେଠାରୁ ସେ ଅଦୃଶ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ

-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଚର୍ଚ୍ଚାରେ ବଲାଙ୍ଗୀର କଂଗ୍ରେସ ରାଜନୀତି

# ନରସିଂହ ଗୋଟିଏ, ଲକ୍ଷ୍ମଣ ୨ ନାମାଙ୍କନପତ୍ର ଆଣିଲେ

**ବଲାଙ୍ଗୀର ଅଫିସ, ୨୦।୩**

ବଲାଙ୍ଗୀର ବିଧାନସଭା ଆସନରେ ପୁରୁଖା କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ ପୁଣି ଥରେ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇଛି। ନରସିଂହ ବଲାଙ୍ଗୀରବାସୀଙ୍କ ସ୍ୱପ୍ନଗୁଡିକୁ ପୂରଣ ଓ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ନେଇ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା କୁହାଯାଉଛି। ବଲାଙ୍ଗୀର ଲୋକ ସଭା ଓ ଜିଲାର ଅନ୍ୟ ୪ଟି ବିଧାନସଭା ଆସନ ପାଇଁ କଂଗ୍ରେସ ଦଳର ଅନ୍ୟ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ । ଟିକେଟ ପାଇବା ପରେ ନରସିଂହ ବୁଧବାର ବଲାଙ୍ଗୀର ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନାମାଙ୍କନପତ୍ର ସଂଗ୍ରହ କରିଛନ୍ତି । ଦଳର ଅନ୍ୟତମ ଟାଣୁଆ ନେତା ଲକ୍ଷ୍ମଣ କୁମାର ମେହେର ଉଭୟ ବଲାଙ୍ଗୀର ଲୋକ ସଭା ଓ ବଲାଙ୍ଗୀର ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ସଂଗ୍ରହ କରିଥିବା ଜଣାପଡିବା ପରେ ବିଭିନ୍ନ ମହଲରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ଏଥର ବଲାଙ୍ଗୀର ଲୋକ ସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ହେବାକୁ ନରସିଂହଙ୍କ ପୁଅ ସମରେନ୍ଦ୍ର ମିଶ୍ର ଦାବିଦାର ଭାବେ ଚର୍ଚ୍ଚାରେ ରହିଛନ୍ତି। ଅନ୍ୟପଟେ ଲକ୍ଷ୍ମଣ ଲୋକ ସଭା ଆଶାୟୀ ଭାବେ ରହିଥିବା ଆଲୋଚନା ହେଉଛି। କଂଗ୍ରେସ ସ୍କ୍ରିନିଂ କମିଟିରେ ପ୍ରାର୍ଥୀ ଚୟନକୁ ନେଇ ଟନାଘନା ଚାଲିବା ପରେ ଓଡ଼ିଶାର ୩୬ଟି ବିଧାନସଭା ଓ ୫ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ନାମ ଘୋଷଣା କରାଯାଇଥିଲା । ତେବେ ଏହି ପ୍ରାରମ୍ଭିକ ତାଲିକାରେ କଂଗ୍ରେସ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲେ ମଧ ଲୋକ ସଭା ଆସନରେ ଦଳ କାହାକୁ ଛିଡା କରାଇବ ସେ ନେଇ ସ୍ପଷ୍ଟ କରିନାହିଁ। ଅଧିକାଂଶ କଂଗ୍ରେସ ସମର୍ଥକ ସମରେନ୍ଦ୍ର ଟିକେଟ ପାଇବେ ବୋଲି କହୁଛନ୍ତି। ମାତ୍ର ଲକ୍ଷ୍ମଣ ଟିକେଟ ପାଇଁ ଭିତିରି ଲବି ଚଳାଇଥିବା ଚର୍ଚ୍ଚା ହେଉଛି। ଏଭଳି ଚର୍ଚ୍ଚା ଥମି ନ ଥିବାବେଳେ ବୁଧବାର ଲକ୍ଷ୍ମଣ ମେହେରଙ୍କ ନାମରେ ତାଙ୍କର ଜଣେ ସମର୍ଥକ ଉଭୟ ଲୋକ ସଭା ଓ ବିଧାନସଭା ଆସନ ପାଇଁ ୨ଟି ନାମାଙ୍କନପତ୍ର ସଂଗ୍ରହ କରିବା ଚର୍ଚ୍ଚାକୁ ଆହୁରି ସରଗରମ କରିଦେଇଛି। କଂଗ୍ରେସ ନେତା ଲକ୍ଷ୍ମଣ ବଲାଙ୍ଗୀର ଲୋକ ସଭା ଆସନ ପାଇଁ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ବଲାଙ୍ଗୀର ବିଧାନସଭା ଆସନ ପାଇଁ କାହିଁକି ନାମାଙ୍କନପତ୍ର ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଦୁଇଟି ଆସନ ପାଇଁ ନାମାଙ୍କନପତ୍ର ନେଇ ଲକ୍ଷ୍ମଣ କ'ଣ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି ତାହା ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ୨୦୧୪ ନିର୍ବାଚନରେ ନରସିଂହଙ୍କ ଏକାନ୍ତ ଅନୁଗତ ଥିବା ଲକ୍ଷ୍ମଣ ଏଥର ନିର୍ବାଚନ ଆଗରୁ ନିଜର ରାଜନୈତିକ ଭବିଷ୍ୟତକୁ ନେଇ ଅଧିକ ଚିନ୍ତାରେ ଥିବା କୁହାଯାଉଛି। ସମରେନ୍ଦ୍ରଙ୍କ ଲୋକ ସଭା ପ୍ରାର୍ଥିତ୍ୱକୁ ଖୋଲାଖୋଲି ବିରୋଧ କରିପାରୁ ନ ଥିଲେ ମଧ ଭିତରେ ଭିତରେ ସେ ନିଜର ଟିକେଟ ପାଇଁ ଦିଲ୍ଲୀ ଓ ଭୁବନେଶ୍ୱର ଧାଉଁଥିବା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଲୋକସଭା ଓ ବିଧାନସଭା ପାଇଁ ୨ଟି ନାମାଙ୍କନପତ୍ର ଆଣିବା ନେଇ ଲକ୍ଷ୍ମଣଙ୍କୁ ପଚାରିବାରୁ ଦୁଇଟି ନାମାଙ୍କନପତ୍ର ନେଇଥିଲେ ମଧ ସେ କେବଳ ବଲାଙ୍ଗୀର ଲୋକ ସଭା ପାଇଁ ଟିକେଟ ଆଶାୟୀ ରହିଥିବା କହିଛନ୍ତି। ଦୀର୍ଘ ୨୪ ବର୍ଷ ପରେ ୨୦୧୪ରେ ବଲାଙ୍ଗୀରରେ କ୍ଷମତାକୁ ଫେରିଥିବା କଂଗ୍ରେସ ୨୦୧୯ ନିର୍ବାଚନରେ କିଭଳି ରଣନୀତି ପ୍ରସ୍ତୁତ କରି ଆଗକୁ ବଢ଼ିବ ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଥମୁନାହିଁ।

**ଗୋଇନ୍ଦା ରିପୋର୍ଟ ପ୍ରସଙ୍ଗକୁ ନେଇ ମାମଲା**

## ଥାନାରେ ହାଜର ହେବାକୁ ସମୀର ମହାନ୍ତିଙ୍କୁ ନୋଟିସ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢିଲେ ହରିଯିବେ ବୋଲି ଗୋଇନ୍ଦା ରିପୋର୍ଟ ଦେଇଥିବା ନେଇ ସୋମବାର ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହାକୁ ନେଇ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିବାବେଳେ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ରିପୋର୍ଟକୁ ଜବତ କରି ତଦନ୍ତ ଚଳାଇଛି । ବୁଧବାର ଖାରବେଳନଗର ଥାନା ପୋଲିସ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କୁ ନୋଟିସ କରିଛି। ଗୋଇନ୍ଦା ରିପୋର୍ଟ ପ୍ରସଙ୍ଗରେ ଗତ ୧୮ ତାରିଖର ଥାନାରେ ଆଇପିସି ଦଫା ୪୬୫, ୪୬୮, ୪୬୯, ୪୭୧ ଅନୁଯାୟୀ ମାମଲା (ନଂ.୮୫/୧୯) ରୁଜୁ ହୋଇଛି। ମାମଲାର ତଦନ୍ତ ପାଇଁ ୨୧ ତାରିଖ ଗୁରୁବାର ପୂର୍ବାହ୍ନ ୧୦ଟାରେ ସମସ୍ତ ତଥ୍ୟ ପ୍ରମାଣ ସହ ଥାନାରେ ହାଜର ହେବାକୁ ସମୀରଙ୍କୁ କୁହାଯାଇଛି।




ହାସ୍ୟବ୍ୟଙ୍ଗ କବି ସମ୍ମିଳନୀରେ ମଞ୍ଚାସୀନ କବିମାନେ ।

## ହୋଲି ଅବସରରେ ହାସ୍ୟକବି ସମ୍ମିଳନୀ

**ବଲାଙ୍ଗୀର ଅଫିସ,୨୦।୩**

ଦୋଳ ପୂର୍ଣ୍ଣମା ଉପଲକ୍ଷେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବୁଧବାର ସନ୍ଧ୍ୟାରେ ହାସ୍ୟବ୍ୟଙ୍ଗ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତା ଏବଂ କବି ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସମ୍ମିଳନୀରେ ପଶୁକବି ସୁଶୀଲ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ, ନୀତିଶ ଆଚାର୍ଯ୍ୟ ଓ ଦେବେନ୍ଦ୍ର ସାହୁ ଯୋଗ ଦେଇଥିଲେ । ବ୍ୟସ୍ତବିବ୍ରତ ଜୀବନରୁ ମଣିଷକୁ ସାମାନ୍ୟ ଦୂରକୁ ନେଇଯାଇ ହାସ୍ୟବ୍ୟଙ୍ଗ କବିମାନେ ସ୍ୱଭାବ ସୁଲଭ ଭଙ୍ଗୀରେ ପରିବେଷଣ କରିଥିଲେ ଅନେକ ହାସ୍ୟ, ବ୍ୟଙ୍ଗ କବିତା। ସାମାଜିକ ଜୀବନରେ ଅନେକ ବିସଙ୍ଗତି ଓ ବ୍ୟତିକ୍ରମକୁ ନେଇ ତୀର୍ଯ୍ୟକ ଭଙ୍ଗୀରେ ସଚେତନତା ବାର୍ତ୍ତା ବି ଦେଇଥିଲେ । ବ୍ୟଙ୍ଗ କବିତାରେ ହସର ଫୁଆରା ଖେଳିଯାଇଥିଲା । ବ୍ୟଙ୍ଗ କବିତା ପର୍ଯ୍ୟାୟକୁ ନିଆରା ଢ଼ଙ୍ଗରେ ରସରାଜ ଅଚ୍ୟୁତ ପୁରୋହିତ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ହାସ୍ୟକବିମାନଙ୍କୁ ସଂଘ ସଦସ୍ୟ ସତ୍ୟନାରାୟଣ ବେହେରା, ସୁଧୀରଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥୀ,ସଂଘ ଉପସଭାପତି ବଳରାମ ମିଶ୍ର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋରଞ୍ଜନ ଯୋଷୀ, ସତ୍ୟସୁନ୍ଦର ଭଞ୍ଜ, ଚିତ୍ତରଞ୍ଜନ ମିଶ୍ର, ଦୀପକ ପୁରୋହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଂଘ ସମ୍ପାଦକ ଶିଶିରକାନ୍ତ ଶତପଥୀ ସହଯୋଗ କରିଥିଲେ। ହାସ୍ୟବ୍ୟଙ୍ଗ କବିତା ଆସରକୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।

# ଖପ୍ରାଖୋଲରେ ବିଜେଡି ପ୍ରାର୍ଥୀଙ୍କୁ ସ୍ୱାଗତ

**ଖପ୍ରାଖୋଲ,୨୦।୩(ଡି.ଏନ.ଏ.)**

ଖପ୍ରାଖୋଲଠାରେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ(ବିଜେଡି) ବିଧାୟକ ପ୍ରାର୍ଥୀ ସରୋଜ ମେହେରଙ୍କୁ ବୁଧବାର ମଧ୍ୟାହ୍ନରେ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ଇରିଗେସନ ଛକଠାରୁ ସମର୍ଥକମାନେ ସ୍ୱାଗତ କରିବା ସହ ପଦଯାତ୍ରାରେ ମା' ଡୁମେର ତଳିଏନ ମନ୍ଦିରକୁ ଆସିଥିଲେ। ସେଠାରେ ମା'ଙ୍କୁ ପୂଜାର୍ଚ୍ଚନା ପରେ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ବିଧାୟକ ପ୍ରାର୍ଥୀ ଖପ୍ରାଖୋଲର ବିକାଶ ପାଇଁ ପ୍ରତିଜ୍ଞା ବଦ୍ଧ ବୋଲି କର୍ମୀଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ ବ୍ଲକ ସଭାପତି ସତ୍ୟନାରାୟଣ ମେହେର, ପଞ୍ଚୁଦେବ ସାହୁ, ପ୍ରକାଶ ମେହେର, କଳାକାହ୍ନୁ ବାରିକ, ଶୋଭନମୟ ମିଶ୍ର, ସୁଶିଲ ପଧାନ, ନରେନ୍ଦ୍ର ଭୋଇ ପ୍ରମୁଖଙ୍କ ସହ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥକମାନେ ସ୍ୱାଗତ କରୁଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


ବଲାଙ୍ଗୀର ଲୋକସଭା ଆସନ

# ପ୍ରାର୍ଥୀପତ୍ର ଦାଖଲ କଲେ ଏସ୍‌ୟୁସିଆଇ ପ୍ରାର୍ଥୀ

**ବଲାଙ୍ଗୀର ଅଫିସ,୨୦।୩**

ବଲାଙ୍ଗୀର ଲୋକସଭା ଆସନ ସକାଶେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳର ପ୍ରାର୍ଥୀ ଭାବେ ଚାଷୀନେତା ହୃଦାନନ୍ଦ କରୁଆଁ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କରୁଆଁଙ୍କ ସହ ସମର୍ଥକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୦ ନମ୍ବର ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ଭାବେ କରୁଆଁ ବୁଧବାର ପ୍ରଥମେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏପରି କି ଅନ୍ୟ ୨ଜଣ ପ୍ରାର୍ଥୀ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଲୋକସଭା ନାମାଙ୍କନ ପତ୍ର ନେଇଥିବା ଜଣାପଡିଛି। କଂଗ୍ରେସ ନେତା ଲକ୍ଷ୍ମଣ ମେହେର ଓ ଦିନେଶ ନାଗ ବୁଧବାର ନାମାଙ୍କନପତ୍ର ନେଇଛନ୍ତି। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ବଲାଙ୍ଗୀର ବିଧାନସଭା ଆସନ ପାଇଁ ୩ଜଣ ବ୍ୟକ୍ତି ନାମାଙ୍କନପତ୍ର ନେଇଥିବା ଜଣାପଡିଛି । କଂଗ୍ରେସ ନେତା ନରସିଂହ ମିଶ୍ର, ଲକ୍ଷ୍ମଣ ମେହେର ଓ ନୀଳକଣ୍ଠ ନାଗ ନାମାଙ୍କନପତ୍ର ନେଇଛନ୍ତି। ମଙ୍ଗଳବାର ବଲାଙ୍ଗୀର ଲୋକସଭା ଆସନ ପାଇଁ ୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ନେଇଥିଲେ। ବଲାଙ୍ଗୀରର ଡ. ବିପିନ କୁଶଳିଆ, ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ କଁସାପଲାର ହୃଦାନନ୍ଦ କରୁଆଁ ଓ ପୁଇଁନ୍ତଲା ବ୍ଲକ୍ ଲୟଣ୍ଡଲା ଗ୍ରାମର କୁବେର ସୁନା ଲୋକସଭା ଆସନ ପାଇଁ ଆବେଦନପତ୍ର ନେଇଛନ୍ତି। ସେହିପରି ମଙ୍ଗଳବାର ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟରୁ ୩ଜଣ ପ୍ରାର୍ଥୀ ବଲାଙ୍ଗୀର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ଆବେଦନପତ୍ର ନେଇଥିଲେ। ଲୋଇସିଂହା ବିଧାନସଭା (ସଂରକ୍ଷିତ) ଆସନ ପାଇଁ ଡ. ବିପିନ କୁଶଳିଆ ଆବେଦନ ପତ୍ର ନେଇଛନ୍ତି । ବଲାଙ୍ଗୀର ବିଧାନସଭା ଆସନ ସକାଶେ ଆଦିବାସୀ ନେତା ଦ୍ୱିଜ ଦଳପତି ଓ କପିଳ କୁମ୍ଭାର ନାମାଙ୍କନପତ୍ର ନେଇଛନ୍ତି । ଆସନ୍ତା ୨୬ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ଶେଷ ଅବଧି ରହିଛି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ପକ୍ଷରୁ ହୃଦାନନ୍ଦ କରୁଆଁ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ରାଜ୍ୟରେ ୨୪ଟି ବିଧାନସଭା ଓ ୮ଟି ଲୋକସଭା ଆସନରେ ନିର୍ବାଚନ ଲଢିବା ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଚୁଡାନ୍ତ ନିଷ୍ପତ୍ତି ନେଇଥିବା ଜଣାପଡିଛି । ବଲାଙ୍ଗୀର ଲୋକସଭା ଆସନରେ କରୁଆଁଙ୍କୁ ଦଳ ପ୍ରାର୍ଥୀ କରିଛି।



ଜିଲାପାଳ କାର୍ଯ୍ୟାଳୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ହୃଦାନନ୍ଦ କରୁଆଁ ନାମାଙ୍କନପତ୍ର ଜିଲାପାଳଙ୍କୁ ଦେଉଛନ୍ତି ।


CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ତାମିଲନାଡୁର ଏକ ଇଣ୍ଡଷ୍ଟ୍ରିଆଲ୍ କ୍ୟାଣ୍ଟିନ୍ ଠିକାଦାର ନିମ୍ନଲିଖିତ ଖାଦ୍ୟ ଉତ୍ପାଦ ବହୁ ପରିମାଣରେ ଆବଶ୍ୟକ କରୁଛନ୍ତି।
୧) ଅରୁଆ ଚାଉଳ
୨) ଉଷୁନା ଚାଉଳ
୩) ଗୋଟା ଧଳା ବିରି ଡାଲି
୪) ହରଡ଼ ଡାଲି
୫) ସବୁଜ ମୁଗ ଡାଲି
ଆଗ୍ରହୀ ପାଇକାରୀ ଯୋଗାଣକାରୀ ଏବଂ ମିଲର୍‌ମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
ମୋବାଇଲ ନଂ.: 63837 57007
ଇମେଲ୍ ଆଇଡି: emperertrade@gmail.com

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ



### କୋମନା, ନୂଆପଡ଼ା ଅଞ୍ଚଳରେ କୁଆପଥର ମାଡ଼: ବ୍ୟାପକ ଫସଲ ନଷ୍ଟ

**ନୂଆପଡା ଅଫିସ/କୋମନା,୨୦।୩-** ନୂଆପଡା ଜିଲା କୋମନା ଏବଂ ନୂଆପଡା ବ୍ଲକ ଅଞ୍ଚଳରେ ବୁଧବାର ବ୍ୟାପକ କୁଆପଥର ମାଡ ହୋଇଥିବା ଖବର ମିଳିଛି। କୋମନା ବ୍ଲକର ବୁଦ୍ଧିକୋମନା, ନୂଆଗାଁ, କୁରେଶ୍ୱର ଗ୍ରାମପଞ୍ଚାୟତ ଅଞ୍ଚଳରେ ଅପରାହ୍ନ ୪ଟାବେଳେ କୁଆପଥର ବର୍ଷା ହୋଇଥିଲା । ଏଥିରେ ଆମ୍ବ, ମୁଗ, ବିରି, ପିଆଜ ଆଦି ପନିପରିବା ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି । ସେହିଭଳି ରବି ଋତୁର ଧାନଚାଷ ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି । ସେହିଭଳି ନୂଆପଡା ବ୍ଲକ ଅଞ୍ଚଳରେ ସନ୍ଧ୍ୟା ୬ଟାରେ ପ୍ରବଳ ଝଡବତାସ ସହ ବର୍ଷା ହୋଇଥିଲା । ଏଥିରେ ଆମ୍ବ ବଉଳ ସବୁ ଝଡିଯାଇଥିଲା। ଏଥିରେ ରବିଚାଷ କରିଥିବା ବିଭିନ୍ନ ପନିପରିବା ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହା ଉପରେ ବିଭାଗ ଦୃଷ୍ଟି ଦେଇ ଚାଷୀମାନଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ଖଡିଆଳ,୨୦।୩ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ଥାନା କିରକିଟା ଗାଁରେ ବେକରେ ରଶି ଲଗାଇ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବତୀଙ୍କ ନାମ କୁମାରୀ ଘିଭେଲା (୧୯)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କୁମାରୀ ଗତ ୨ ବର୍ଷ ତଳେ ନିଜ ମା'ଙ୍କ ଅକାଳ ମୃତ୍ୟୁ ହେବା ପରେ ଭାଙ୍ଗି ପଡିଥିବା ଏବଂ ଅବିବାହିତ ହୋଇ ରହିଥିଲେ। ଏଥିଯୋଗ ସେ ସଦାବେଳେ ମାନସିକ ଚିନ୍ତାରେ ରହି ଆସୁଥିଲେ। ମଙ୍ଗଳବାର ରାତିରେ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଖଡିଆଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କ ମୃତ ହୋଇଥିବା ଜଣାପଡିଛି । ଖବର ପାଇ ଖଡିଆଳ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୧୯) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ୯ ମାସ ହେଲା ଅନ୍ଧାରରେ ପେଣ୍ଡ୍ରାବନ୍ଧ ବାସିନ୍ଦା

- ଜିଲାପାଳଙ୍କୁ ଫେରାଦ ହେଲେ
- ବିଜୁଳି ନ ହେଲେ ଭୋଟ ଦେବୁନାହିଁ
- ଜିଲାପାଳ କହିଲେ କାର୍ଯ୍ୟାନୁଷ୍ଠାନ ହେବ

**ନୂଆପଡ଼ା ଅଫିସ,୨୦।୩**

ସରକାର ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କରି ଜିଲା ତଥା ପଡୋଶୀ ବଲାଙ୍ଗୀର ଜିଲାବାସୀଙ୍କୁ ଜଳ ସେଚନର ସୁବିଧା ଯୋଗାଇଦେବାକୁ ଯୋଜନା କଲେ । ଏଥିରେ ବାସଚ୍ୟୁତ ଆଂଶିକ ଏବଂ ସମ୍ପୂର୍ଣ୍ଣ ଗ୍ରାମଗୁଡିକର ଅଧିବାସୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ମଧ୍ୟ ଜିଲା ପ୍ରଶାସନ ପ୍ରତିଶ୍ରୁତି ବଦ୍ଧ ହେଲା । ହେଲେ ଡ୍ୟାମ କର୍ତ୍ତୃପକ୍ଷ ଡ୍ୟାମ ନିର୍ମାଣ କାର୍ଯ୍ୟକୁ ବିଶେଷ ଗୁରୁତ୍ୱ ଦେଇଥିବାବେଳେ ବୁଡି ଅଞ୍ଚଳବାସୀଙ୍କ ମୌଳିକ ସୁବିଧାକୁ ଉପେକ୍ଷା କରିଥିବା ଅଭିଯୋଗ ହୋଇଛି । ତାର ଏକ ଉଦାହରଣ ହେଉଛି ପେଣ୍ଡ୍ରାବନ୍ଧ ଗ୍ରାମବାସୀ । କୋମନା ବ୍ଲକ ଅନ୍ତର୍ଗତ ଏହି ଗ୍ରାମ ଆଂଶିକ ଭାବେ ବୁଡି ହୋଇଥିବାବେଳେ ଏଠିକାର ବୁଡି ଲୋକଙ୍କୁ ଅନ୍ୟତ୍ର ଥଇଥାନ କରିବାରେ ପ୍ରଶାସନ ବିଫଳ ହୋଇଛନ୍ତି । ଏହି ଗାଁକୁ ଆଜକୁ ୯ ମାସରୁ ଊର୍ଦ୍ଧ୍ୱ ହେବ ବିଜୁଳୀ ସଂଯୋଗ ବିଚ୍ଛିନ୍ନ ହୋଇପଡିଥିବାରୁ ଲୋକେ ଅନ୍ଧାରରେ ଦିନ କାଟୁଛନ୍ତି । ଏହି ଅଭିଯୋଗ ଆଣି ଗ୍ରାମବାସୀ ବୁଧବାର ନୂଆପଡା ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ଫେରାଦ ହୋଇଛନ୍ତି । ଏହାର ସମାଧାନ ନ ହଲେ ସେମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେବେ ବୋଲି ଚେତାବନୀ ଦେଇଛନ୍ତି । ଜିଲପାଳ ଏହା ଉପରେ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟରେ ପେଣ୍ଡ୍ରାବନ୍ଧବାସିନ୍ଦା ଜିଲାପାଳଙ୍କୁ ଭେଟିବାକୁ ଜଗିରହିଛନ୍ତି ।

ପ୍ରକାଶ ଯେ, ନୂଆପଡା-ଖଡିଆଳ ରାସ୍ତାରେ କୋମନା ବ୍ଲକ କାର୍ଯ୍ୟାଳୟଠାରୁ ୮ କି.ମି. ଦୂରରେ ରହିଛି ପେଣ୍ଡ୍ରାବନ୍ଧ ଗାଁ । ତିନିହଜାର ଜନସଂଖ୍ୟା ବିଶିଷ୍ଟ ଗାଁରେ ଅର୍ଦ୍ଧାଧିକ ଲୋକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ରହିଛନ୍ତି । ଏଥିରୁ ଅର୍ଦ୍ଧାଧିକ ଲୋକ ଶ୍ରମିକ ଶ୍ରେଣୀର । ଲୋକଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ । ଗାଁର ଅର୍ଦ୍ଧାଧିକ ଚାଷ ଜମି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ବୁଡିଯାଉଛି । ତିନି ଦିଗରେ ପାଣି ଘେରି ରହୁଥିବାବେଳେ ଗୋଟିଏ ଦିଗରେ ପାହାଡ ରହିଛି । ଲୋକଙ୍କ କହିବାନୁଯାୟୀ ଗ୍ରାମବାସୀ ସମ୍ପୂର୍ଣ୍ଣ ବୁଡି ଘୋଷଣା କରିବାକୁ ବାରମ୍ବାର ଦାବି କରିଥିଲେ ମଧ୍ୟ ତାହା କରାଯାଇ ନ ଥିବାରୁ ଲୋକେ ସବୁ ହରାଇ ମଧ୍ୟ ସରକାରୀ ସୁବିଧା ସୁଯୋଗ ପାଇପାରୁନାହାନ୍ତି। ଗତ ବର୍ଷା ଋତୁରେ ଏଠାରେ ଥିବା ଟ୍ରାନ୍ସଫର୍ମର ପାଣିରେ ବୁଡିଯାଇଥିବାରୁ ବିଜୁଳି ସଂଯୋଗକୁ କାଟି ଦିଆଯାଇଛି । ସେହି ସମୟରେ ଲୋକେ ଦୀର୍ଘ ମାସେ ଧରି ଅନ୍ଧାରରେ ରହିବା ପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳଙ୍କ ଆଦେଶକ୍ରମେ ବିଜୁଳି ବିଭାଗ କର୍ମଚାରୀମାନେ ଆସି ଅସ୍ଥାୟୀ ଭାବେ ବିଜୁଳି ସଂଯୋଗ କରି ଚାଲିଯାଇଥିଲେ। ପରେ ପୂର୍ବାବସ୍ଥା ହୋଇଥିଲା ଏବଂ ଲୋକେ ଅନ୍ଧାରରେ ରହିଲେ । ସେହିଭଳି ଆଜକୁ ୯ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବିଜୁଳିର ଦେଖାନାହିଁ । ଏହାକୁ ନେଇ ଗାଁରେ ବାରମ୍ବାର ଲୋକେ ମେଳି ବାନ୍ଧୁଛନ୍ତି । ପ୍ରଶାସନ ଆମ ପ୍ରତି ହେଳା କରୁଛି । ଆମେ ଏହି ନିର୍ବାଚନରେ ଭାଗ ନେବୁନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ବୁଧବାର ନୂଆପଡାକୁ ଆସି ସଦଭାବନା ସଭାଗୃହରେ ଭେଟି ଜିଲାପାଳଙ୍କୁ ଜଣାଇଛନ୍ତି । ଜିଲପାଳ ଏହା ଉପରେ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ମାଝି, ତିଲରାମ ବାଗ, ଭଜମନ ମାଝି, ପବନ କୁମାର ଶୁକ୍ଲା, କସରୁ ଦୁରିଆ, ଟଙ୍କଧର ଯାଦବ, ମଧୁବନ ମାଝି, ସୁଜିତ ମାଝି, ଗୋବର୍ଦ୍ଧନ ବାଗ ପ୍ରମୁଖ ଜିଲାପାଳଙ୍କୁ ଆସି ଦେଖା କରିଥିଲେ ।

## ପାଟପାଣି-ଅନୁପଗଡ଼ ଜଙ୍ଗଲରେ ହାତୀ ପଲ

**ନୂଆପଡା ଅଫିସ/କୋମନା,୨୦।୩**

କୋମନା ବ୍ଲକ ପାଟପାଣି-ଅନୁପଗଡ ଜଙ୍ଗଲରେ ହାତୀପଲ ଆସି ଜଙ୍ଗଲ ତଳି ଅଞ୍ଚଳରେ ବୁଲୁଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ମଙ୍ଗଳବାର ରାତିରେ ଟିକ୍ରାପଡା ଗ୍ରାମପଞ୍ଚାୟତ ପାଟପାଣି ଜଙ୍ଗଲରେ ୨୫ରୁ ୩୦ଟି ହାତୀ ପ୍ରବେଶ କରିଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି । ଏମାନେ ଦିନବେଳା ଜଙ୍ଗଲରେ ଲୁଚି ରହୁଥିବାବେଳେ ରାତିରେ ଗାଁଗୁଡିକରେ ବୁଲି ଫସଲ ନଷ୍ଟ କରୁଥିବା କୁହାଯାଉଛି। ବୁଧବାର ଏହି ହାତୀପଲ ଅନୁପଗଡ ଜଙ୍ଗଲ ଅଭିମୁଖେ ଯାଇଛନ୍ତି। ସେହି ଜଙ୍ଗଲ ତଳି କାମକେଡା, ଡୋଙ୍ଗରୀପାଲି ଗାଁ ଗୁଡିକୁ ଆସି ରବି ଫସଲ, ପନିପରିବା ନଷ୍ଟ କରିଥିବା ପ୍ରକାଶ। କୋମନା ବନ ବିଭାଗ ଖବର ପାଇ ସମ୍ପୃକ୍ତ ଅଞ୍ଚଳରେ ନିଘା ରଖିଛନ୍ତି । ଗାଁ ଗୁଡିକୁ ସନ୍ଧ୍ୟା ହେଲେ ବିଜୁଳି ସଂଯୋଗ ଛିନ୍ନ କରିଦିଆଯାଉଥିବାବେଳେ ଲୋକମାନଙ୍କୁ ତାଟି କବାଟ ବନ୍ଦ କରି ରହିବାକୁ ପରାମର୍ଶ ଦିଆଯାଉଛି । ସୂଚନାଯୋଗ୍ୟ ଯେ, ଆଜକୁ ଦୁଇ ମାସ ତଳେ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ହାତୀପଲ ରହି ଲୋକଙ୍କୁ ହଇରାଣ କରିଥିଲେ। ପୁଣି ଥରେ ଏହିପଲ ଆସିଥିବା ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହୋଇଛି ।

# କାମ ନ କରି ମିଥ୍ୟା ବିଲ୍‌ରେ ଲକ୍ଷାଧିକ ଟଙ୍କା ଉଠାଣ

## ସିନାପାଲି ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି

**ନୂଆପଡା ଅଫିସ/ସିନାପାଲି, ୨୦।୩ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକର ସଦର ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ନ କରି ମିଥ୍ୟା ବିଲରେ ଲକ୍ଷାଧିକ ଟଙ୍କା ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି । ଏହା ଖୋଦ ସମ୍ପୃକ୍ତ ଗ୍ରାମପଞ୍ଚାୟତ ସରପଞ୍ଚ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ସରପଞ୍ଚ ସତ୍ୟବାନ ମେହେରଙ୍କ ଅଭିଯୋଗ ଅନୁସାରେ ଏହି ପଞ୍ଚାୟତରେ ଜମି ମରାମତି କରିବା ନାଁରେ ହିତାଧିକାରୀଙ୍କ ନାମରେ ମିଥ୍ୟା କେଶ ରେକର୍ଡ ଖୋଲାଯାଇଛି । ଏ ସମ୍ପର୍କରେ ସରପଞ୍ଚଙ୍କ ପାଖରେ କୌଣସି ଖବର ନ ଥିବା ସେ ଲେଖିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ଅନଲାଇନ ରିପୋର୍ଟରୁ ଜାଣିବାକୁ ପାଇଲେ ଯେ ପଞ୍ଚାୟତର ୮ଜଣ ହିତାଧିକାରୀଙ୍କ ନାମରେ ମୋଟ ୩ ଲକ୍ଷ ୫୩ ହଜାର ୮୦ଟଙ୍କା ଉଠାଣ କରାଯାଇଛି । ସରପଞ୍ଚଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଡିଜିଟାଲ ସିଗନେଟରୀ ସାର୍ଟିଫିକେଟ ବ୍ଲକର ଜଣେ ଅଧିକାରୀଙ୍କ ନିକଟରେ ରହିଛି । ସେ ତାର ଦୁରୁପଯୋଗ କରି ଏଭଳି ଦୁର୍ନୀତି କରିଛନ୍ତି । ଏହାର ବିଧିବଦ୍ଧ ତଦନ୍ତ କରିବାକୁ ବିଡିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହାର ତୁରନ୍ତ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।

## କଲେଜ ଛକ- ଓଡିଆମୁଣ୍ଡା ରାସ୍ତା ଶୋଚନୀୟ

**ରିଷିଡା,୨୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା କଲେଜ ଛକ-ଓଡିଆମୁଣ୍ଡା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଏହି ରାସ୍ତାରେ ଗଜବାହାଲ ପଞ୍ଚାୟତର ଅନେକ ଗ୍ରାମର ଲୋକ ନିର୍ଭର କରୁଛନ୍ତି । ଏହି ରାସ୍ତା ମରାମତି ପାଇଁ ଜନସାଧାରଣରେ ଦାବି ହେଉଛି ।

## ଓଡ଼ିଆପାଲି ବ୍ରିଜ ଉପରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଲଇକେରା, ୨୦।୩ (ଡି.ଏନ.ଏ.)**

ଲଇକେରା ଓଡିଆପାଲି ବ୍ରିଜ ଉପରେ ମଙ୍ଗଳବାର ରାତି ଏକ ଲୁହା ରଡ୍ ବୋଝେଇ ୧୨ ଚକିଆ ଟ୍ରକ (ଓଡି ୧୪ ଡି- ୩୪୯୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଳ୍ପକେ ଟ୍ରକ୍ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। ଏହା ରାଉରକେଲାରୁ ବିଶମକଟର ମୁନିଗୁଡା ଯାଉଥିଲା। ଦ୍ରୁତ ଗତିରେ ଥିବା ଟ୍ରକର ଆଗ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ବ୍ରିଜ ବାଡରେ ଲାଗି ରହିଥିଲା।

## ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ବୈଠକ

# ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବାକୁ ପ୍ରଶାସନ ପ୍ରସ୍ତୁତ

**ନୂଆପଡା ଅଫିସ, ୨୦।୩**

ବର୍ତ୍ତମାନ ଶୀତ ଚାଲିଯିବା ପରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଏଥିରୁ ସୁରକ୍ଷା ପାଇବା ସହ ମୁକାବିଲା କରିବାକୁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଏହାକୁ ନେଇ ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭା ଗୃହରେ ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଡା. ପୋମା ଟୁଡୁ ସଭାପତିତ୍ୱ କରିଥିବାବେଳେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଏଏସପି ସୁନୀଲ କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଜିଲାର ସମସ୍ତ ବିଡିଓ, ତହସିଲଦାର ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହକୁ କିପରି ମୁକାବିଲା କରାଯାଇ ପାରିବ ସେଥିପାଇଁ ସମସ୍ତଙ୍କୁ ସଜଗ ହେବାକୁ ପଡିବ । ସମସ୍ତ ବିଭାଗ ସେମାନଙ୍କ ପ୍ରସ୍ତୁତି କରିବା ଦରକାର । ବିଶେଷ କରି ଚିକିତ୍ସା ବିଭାଗ ତରଫରୁ ସବୁବେଳେ ଚବିଶ ଘଣ୍ଟା ଧରି ସଜାଗ ରହିବାକୁ ପଡିବ ବୋଲି ଜିଲାପାଳ କହିଥିଲେ। ଜିଲାର ବିଶେଷ କରି ଦୁର୍ଗମ ଅଞ୍ଚଳଗୁଡିକରେ ସେବା ଯୋଗାଇଦେବାକୁ ଟିମ ଗଠନ କରାଯିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ମତାମତ ରଖିଥିଲେ।



ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ବୈଠକରେ ମଞ୍ଚାସୀନ ଅଧିକାରୀଗଣ।

## ନୂଆପଡ଼ାରେ ଆରମ୍ଭ ହେଲା ନାମାଙ୍କନ ପତ୍ର ଦାଖଲ ପର୍ବ

# ନାମାଙ୍କନପତ୍ର ଦାଖଲ କଲା କଂଗ୍ରେସ

- ବିଜେଡି ଟିକେଟର ଖୁସି ମନାଉଛି
- ଭାଜପା ଶିବିର ଶୂନ୍‌ଶାନ୍

**ନୂଆପଡା ଅଫିସ,୨୦।୩**

ସାଧାରଣ ନିର୍ବାଚନ ସକାଶେ ଗତ ୧୮ତାରିଖଠାରୁ ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସେହି ଦିନଠାରୁ ନାମାଙ୍କନପତ୍ର ଦାଖଲ ପାଇଁ ଘୋଷଣା କରାଯାଇଥିଲା । ହେଲେ ୩ ପରେ ବୁଧବାର ନାମାଙ୍କନପତ୍ର ଦାଖଲ ଖାତା ଖୋଲିଛି । ଏହି ଦିନ କଂଗ୍ରେସ ତରଫରୁ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀ-୭୧ ସକାଶେ ନାମାଙ୍କନ ପତ୍ର ଦାଖଲ କରାଯାଇଛି । ଅନ୍ୟପକ୍ଷେ ପ୍ରମୁଖ ରାଜନୈତିକ ଦଳ ବିଜେଡି ଏବଂ ଭାଜପା ତରଫରୁ ଏଯାଏ ଗୋଟିଏ ହେଲେ ଦାଖଲ କରାଯାଇ ନ ଥିବା ଜଣାପଡ଼ିଛି। ବିଜେଡି ଟିକେଟ ବଣ୍ଟନ ପରେ ଜିଲାସାରା ଖୁସି ମନାଉଥିବାବେଳେ ଭାଜପା ତରଫରୁ ଟିକେଟ ଚୂଡାନ୍ତ ହୋଇ ନ ଥିବାରୁ ସମସ୍ତେ ଏହି ତାଲିକା ଘୋଷଣାକୁ ଅପେକ୍ଷା କରିଛନ୍ତି ।

ବୁଧବାର ପୂର୍ବାହ୍ନ ସାଢେ ୧୦ଟାରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ନୂଆପଡା-୭୧ ସକାଶେ ନାମାଙ୍କନପତ୍ର ଦାଖଲ ପାଇଁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମେ ଖରିଆରରୋଡ ସହରସ୍ଥିତି ୧୩ନଂ. ୱାର୍ଡର ମୁସଲିମ ସମାଜର ଦରଗାହରୁ ପୂଜାର୍ଚ୍ଚନା କରିଥିଲେ । ପରେ ରାମ ମନ୍ଦିର, ଗୁରୁଦ୍ୱାରା, ଜୈନ ମନ୍ଦିର, ହନୁମାନ ମନ୍ଦିରରେ ପୂଜା କରି ଖରିଆରରୋଡରୁ ଏକ ବିଶାଳ ରାଲିରେ ବାହାରି ମଧ୍ୟାହ୍ନ ୧୨ଟାରେ ନୂଆପଡା ଜିଲା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରୁ ସାଢେ ୧୨ଟାରେ ସମର୍ଥକଙ୍କ ସହ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ । ଏଥିରେ ତାଙ୍କର ପ୍ରସ୍ତାବକ ଏବଂ ସମର୍ଥକ ଭାବେ ଜିଲା ପରିଷଦ ସଭ୍ୟା ଉଷା ଚନ୍ଦ୍ରକାର ଏବଂ ଆଇନଜୀବୀ ଦେବଦତ୍ତ ଦୀକ୍ଷିତ ରହିଥିଲେ। ଅନ୍ୟପଟେ ବିଜେଡି ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ରାଜଧାନୀରୁ ଫେରୁଥିବା ନୂଆପଡା ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କୁ ଧୂମଧାମରେ ସ୍ୱାଗତ କରାଯାଇଛି। ପୂର୍ବାହ୍ନ ୯ଟାରେ ନୂଆପଡା ଷ୍ଟେଶନରୁ ତାଙ୍କୁ ଶତାଧିକ ସମର୍ଥକ ବାଇକ୍ ରାଲିରେ ପାଛୋଟି ନେଇଥିଲେ। ପ୍ରଥମେ ନୂଆପଡା ଏକତା ଛକ ନିକଟରେ ସ୍ୱର୍ଗୀୟ ଘାସିରାମ ମାଝିଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଖରିଆରରୋଡ ଅଭିମୁଖେ ଯାଇଥିଲେ। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସହର ପରିକ୍ରମା କରିଥିଲେ । ସହର ଯାକ ବାଣ ଫୁଟାଇବା ସହ ବଜାଇ ଖୁସି ମନାଇଥିଲେ ବିଜେଡି ଦଳୀୟ ସମର୍ଥକମାନେ। ଅନ୍ୟପଟେ ଭାଜପା ଶିବିର ବୁଧବାର ମଧ୍ୟ ଖାଲି ପଡିଥିବା ଦେଖାଯାଇଥିଲା । ସବୁ ଦଳ ସେମାନଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିବା ବେଳେ ଭାଜପାର ତାଲିକା ଅନୁମୋଦନ ସକାଶେ ଦିଲ୍ଲୀ କାର୍ଯ୍ୟାଳୟରେ ରହିଛି । ତାକୁ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଶାୟୀ ପ୍ରାର୍ଥୀମାନେ ଚାହିଁ ବସିଛନ୍ତି । ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ଖବର ଆସି ନ ଥିବା ଜିଲା ଭାଜପା ସଭାପତି ଶିବ ପ୍ରସାଦ ମୁଣ୍ଡ ପ୍ରକାଶ କରିଛନ୍ତି। ଧୀରେ ଧୀରେ ଜିଲାସାରା ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି ।





ସମର୍ଥକଙ୍କ ସହ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ନାମାଙ୍କନପତ୍ର ଦାଖଲ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି (ବାମ)। ନୂଆପଡା ଷ୍ଟେଶନରେ ଜିଲା ବିଜେଡି ସଭାପତି ତଥା ନୂଆପଡା ବିଧାନସଭା ପାଇଁ ପ୍ରାର୍ଥୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ସମର୍ଥକମାନେ ସ୍ୱାଗତ କରି ପାଛୋଟି ଆଣୁଛନ୍ତି ।

# ଗାଡ଼ି ମୋଟର ଯାଞ୍ଚ : ୨୦ ହଜାର ଜରିମାନା ଆଦାୟ

**ଖଡିଆଳ,୨୦।୩ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନାରେ ନୂତନ ଆଇଆଇସି ଭାବେ କୈଳାଶ ଚନ୍ଦ୍ର ସେଠୀ ଯୋଗଦେବା ଦିନଠାରୁ ବେଆଇନ ମଦଭାଟିଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାମ ଉପରେ ଚଢ଼ାଉ ଜାରି ରଖିଛନ୍ତି । ବୁଧବାର ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ଥାନା ସମ୍ମୁଖରେ ବେଆଇନ ଭାବେ ବିନା ହେଲମେଟ ବାଇକ ଚଲାଉଥିବା ଚାଳକମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ବାଇକ୍ ଚାଳକଙ୍କଠାରୁ ଜରିମାନା ବାବଦକୁ ୨୦ ହଜାର ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଏସଆଇ ଜିତୁ ମୋହନ ବେଶ୍ରା ଓ ଏସଆଇ ରିତେଶ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଏହି ଯାଞ୍ଚ କରିଥିଲା ।

## କଳାହାଣ୍ଡି ଜିଲା ଲୋକସଭା, ବିଧାନସଭା ନିର୍ବାଚନ

# ମହିଳା ଭୋଟରଙ୍କୁ ହାତେଇବା ପାଇଁ ଉଦ୍ୟମ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥର ମହିଳା ଭୋଟରଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ଏଥିପାଇଁ ଜିଲାର ସବୁରାଜନୈତିକ ଦଳ ସେମାନଙ୍କୁ ଆକୃଷ୍ଟ କରି ନିଜ ସପକ୍ଷରେ ଭୋଟ ଦେବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିଶେଷ କରି ବିଜେଡି, ଭାଜପା ଓ କଂଗ୍ରେସ ମହିଳା ଭୋଟ ବ୍ୟାଙ୍କ ହାତେଇବାକୁ ବିଭିନ୍ନ ଯୋଜନା ଓ ପ୍ରତିଶ୍ରୁତି ବିଷୟରେ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରୁଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ କଳାହାଣ୍ଡି ଜିଲାରେ ମୋଟ ୫ ଲକ୍ଷ ୫୬ ହଜାର ୧୩୨ ଜଣ ମହିଳା ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। କଳାହାଣ୍ଡି ଜିଲାର ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୪ ହଜାର ୬୭୫ ଜଣ ଥିବା ବେଳେ ୩୪୫୭ ଜଣ ନୂଆ ମହିଳା ଭୋଟର ଥିବା ଜଣାପଡ଼ିଛି। ସେହିପରି ଜିଲାର ଲାଞ୍ଜିଗଡ ବିଧାନସଭା ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୭ ହଜାର ୮୯୬ ଜଣ ମହିଳା ଭୋଟର ଥିବା ବେଳେ ୧୯୧୨ ଜଣ ନୂଆ ମହିଳା ଭୋଟର ସାମିଲ ହୋଇଛନ୍ତି। ଜୁନାଗଡ ବିଧାନସଭା ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୧୨ ହଜାର ୨୨୮ ଜଣ ମହିଳା ଭୋଟର ଥିବା ବେଳେ ୧୫୪୩ ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି। ଧର୍ମଗଡ ବିଧାନସଭା ନିବାର୍ବଚନ ମଣ୍ଡଳୀରେ ୧ ଲକ୍ଷ ୨୧ ହଜାର ୧୭୩ ଜଣ ମହିଳା ଭୋଟର ଥିବା ବେଳେ ୧୯୪୮ ଜଣ ନୂଆ ମହିଳା ଭୋଟର ଚଳିତ ଥର ମତଦାନ କରିବେ।

ଭବାନୀପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୧୦ ହଜାର ୧୫୯ ଜଣ ମହିଳା ଭୋଟର ଥିବା ବେଳେ ୧୬୬୩ ଜଣ ନୂଆ ମହିଳା ଭୋଟର ସାମିଲ ହୋଇଛନ୍ତି। ୩ ପ୍ରମୁଖ ଦଳ ଏହି ମହିଳା ଭୋଟରମାନଙ୍କ ଉପପରେ ନଜର ରଖି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ଓ ପ୍ରତିଶ୍ରୁତିରେ ପୋତିଦେବାକୁ ଉଦ୍ୟମ କରୁଛନ୍ତି। ଏବେ ପ୍ରାର୍ଥୀ ତାଲିକାରେ ମହିଳାଙ୍କୁ ଭୋଟର ଚାହୁଁଥିବା ବେଳେ ବିଜେଡି ସୋମବାର ପ୍ରକାଶ ପାଇଥିବା ତାଲିକାରେ କଳାହାଣ୍ଡିରେ ଜଣେବି ମହିଳା ପ୍ରାର୍ଥୀ ନାହାନ୍ତି। ସବୁଦଳ ପାଇଁ ଏବେ କେବଳ ମହିଳା ଭୋଟର ହିଁ ଭରସା। ଅପରପକ୍ଷରେ କଳାହାଣ୍ଡି ଜିଲାରୁ ବହୁ ମହିଳା ସେମାନଙ୍କ ପରିବାର ସହ ରାଜ୍ୟ ବାହାରେ ଦାଦନ ଖଟୁଥିବା ବେଳେ ସେମାନଙ୍କୁ ଥଇଥାନ ଓ ନିଯୁକ୍ତି ତଥା ସରକାରଙ୍କ ବିଭିନ୍ନ ଯୋଜନା ଅପହଞ୍ଚ ସାଜିଛି। ଅନେକ ରାଜନେତାମାନେ ମହିଳାମାନଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଥିବାବେଳେ ଅସଲରେ ସେମାନଙ୍କ ଆବେଗକୁ ନ ବୁଝି ବିକାଶକୁ ନ ପହଞ୍ଚାଇବା ପାଇଁ ଅସନ୍ତୋଷର କାରଣ ସାଜିଛି। ଆଜିବି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ପାନୀୟଜଳ ଭଳି ଅନେକ ମୌଳିକ ସୁବିଧା ନ ପହଞ୍ଚିବାରୁ ତାହା ମହିଳା ଭୋଟରଙ୍କ ଅସନ୍ତୋଷର କାରଣ ସାଜିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୧ ମାର୍ଚ୍ଚ, ୨୦୧୯



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ସଲଣ୍ଡିଆମୁଣ୍ଡାରେ ଜଳ ସଙ୍କଟ

**ରିଷିଡା,୨୦।୩ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସଲଣ୍ଡିଆମୁଣ୍ଡା ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଭୂତଳ ଜଳସ୍ତର ହ୍ରାସ ଓ ନଳକୂପ ଖନନ ସମୟରେ ପଥର ବାହାରୁଥିବାରୁ ଏହି ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଥାଏ । ଏହି ଅଞ୍ଚଳରେ ଥିବା ଇରିଗେସନ କଲୋନୀ, ସଲଣ୍ଡିଆମୁଣ୍ଡା ଅଞ୍ଚଳରେ ପାଇପ ଯୋଗେ ମଧ ଜଳ ଯୋଗାଣ ହୋଇପାରି ନାହିଁ । ଫଳରେ ଗ୍ରୀଷ୍ମ ଦିନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଦେଖାଦେଇଥାଏ । ତୁରନ୍ତ ଏହି ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରିବା ପାଇଁ ଦାବି ହେଉଛି ।

### ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନାହିଁ

**ରିଷିଡା,୨୦।୩ (ଡି.ଏନ.ଏ.)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବସଷ୍ଟାଣ୍ଡରେ ଶୌଚାଳୟ ନାହିଁ । ଫଳରେ ବିଶେଷ କରି ମହିଳା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବସଷ୍ଟାଣ୍ଡ ଦେଇ ବରଗଡ ଓ ବଲାଙ୍ଗୀରକୁ ୫ଟି, ଭବାନୀପାଟଣାକୁ ୫ଟି, ଭୁବନେଶ୍ୱରକୁ ଗୋଟିଏ ଏକ୍ସପ୍ରେସ ବସ ଚଳାଚଳ କରୁଛି। ଏଥିସହିତ ବସଷ୍ଟାଣ୍ଡ ସହିତ ବରଗଡ, ବଲାଙ୍ଗୀର, ଭବାନୀପାଟଣା, କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ପ୍ରତ୍ୟହ ଯାତ୍ରୀମାନେ ଯାତାୟାତ କରିଥାନ୍ତି। ବସଷ୍ଟାଣ୍ଡରେ ଶୌଚାଳୟ ନ ଥିବା ବେଳେ ଅସ୍ଥାୟୀ ଶୌଚାଳୟର ମଧ ବ୍ୟବସ୍ଥା କରାଯାଇ ନାହିଁ । ତୁରନ୍ତ ଏହି ବସଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ କରିବା ପାଇଁ ଦାବି ହେଉଛି ।

### ବାଲି ଅତଡ଼ାରେ ପୋତି ହୋଇ ଯୁବକ ମୃତ

**କୋକସରା,୨୦।୩ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଗମ୍ଭାରୀଗୁଡ଼ା ପଞ୍ଚାୟତ ଗମ୍ଭାରୀଗୁଡ଼ା ଗ୍ରାମର ଜଣେ ଯୁବକ ବାଲି ଅତଡ଼ାରେ ପୋତି ହୋଇ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ବିକ୍ରମ ନାଏକ (୧୯) । ବିକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଗାଁ ପାଖରେ ଥିବା ମୁଣ୍ଡ୍ରା ନଦୀକୁ ସାଥି ଶ୍ରମିକମାନଙ୍କ ସହିତ ମିଶି ଏକ ଟ୍ରାକ୍ଟରେ ବାଲି ଆଣିବାକୁ ଯାଇଥିଲେ । ନଦୀ କୂଳରେ ଥିବା ଏକ ଗାତରୁ ବାଲି କାଢୁଥିବା ବେଳେ ଉପରୁ ବାଲି ଅତଡ଼ା ଖସି ତାଙ୍କ ଉପରେ ଚାପି ହୋଇଯାଇଥିଲା। ସାଙ୍ଗରେ ଥିବା ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ସକାଳରେ ଶବ ବ୍ୟବଚ୍ଛେଦ ପରେ ପରିବାର ର୍ଗକୁ ହସ୍ତାନ୍ତର କରିଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି । ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୦୧୯) ରୁଜୁ ହୋଇଛି ।

ଜିଲାପାଳଙ୍କୁ ଭେଟିଲେ ତଳଝାପି ପଞ୍ଚାୟତବାସୀ

# ପୋଲ ନିର୍ମାଣ ନ ହେଲେ ଭୋଟ ବର୍ଜନ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିଲା ସାରିଲାଣି। କିଛି ଦିନ ପରେ ଗାଁ ଗାଁରେ ଉଠିବ ଜିନ୍ଦାବାଦର ନାରା। ପ୍ରାର୍ଥୀ ବଖାଣିବେ ବିକାଶ ଓ ଯୋଜନାର କଥା। ଭୋଟ ପାଇଁ ନେତା ଅବଡା ଖାବଡା ରାସ୍ତା, ନଦୀନାଳ, ଜଳଭଣ୍ଡାର ଦେଇ ଦୁର୍ଗମ ଅଞ୍ଚଳରେ ପହଞ୍ଚିଥାନ୍ତି। କିନ୍ତୁ ନିର୍ବାଚନ ପରେ ସମସ୍ୟାକୁ ପଚାରେ କିଏ। କିନ୍ତୁ ସରକାରୀ ବିକାଶ ଓ ଯୋଜନା ଭିତରେ ଏମିତି ଗାଁ ରହିଛି ଯେଉଁ ଗାଁ କେବଳ ନିର୍ବାଚନ ସମୟରେ ହିଁ ସମସ୍ତଙ୍କ ମନେ ପଡେ। କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଅନ୍ତର୍ଗତ ତଳଝାପି ପଞ୍ଚାୟତର ଅନେକ ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏଠାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଥୁ. ରାମପୁର ବ୍ଲକ ତାଳଝାପି ପଞ୍ଚାୟତ ଇନ୍ଦ୍ରାବତୀ ନଦୀ ତେନ୍ତୁଳି ଗଛ ଘାଟରେ ପୋଲ ନିର୍ମାଣ ଦାବିରେ ପଞ୍ଚାୟତବାସୀ ଗତ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଭୋଟ ବର୍ଜନ ପାଇଁ ଲିଖିତ ଅଭିଯୋଗ କରି ଜଣାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଥୁ. ରାମପୁର ବ୍ଲକ ତଳଝାପି ପଞ୍ଚାୟତ ନିକେଶଯୋଗ, ଲାଞ୍ଜିଗଡ, ମସ୍କାକୁଡା, ମୁନୁଷପଡା, ସମେତ ୪ଟି ଗାଁର ଲୋକେ ଇନ୍ଦ୍ରାବତୀ ନଦୀର ତେନ୍ତୁଳିଗଛ ଘାଟ ଦେଇ ଯିବା ଆସିବା କରିଥାନ୍ତି। ଏହି ଘାଟରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଲୋକେ ଦାବି କରି ଆସୁଥିବା ବେଳେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ନିର୍ବାଚନ ଆସିଲେ ରାଜନେତାମାନେ ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତିଦିଅନ୍ତି। ନିର୍ବାଚନ ଶେଷ ହେବା ପରେ ପୋଲ ନିର୍ମାଣ ନେଇ କୌଣସି ପଦକ୍ଷେପ ନିଅନ୍ତି ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପୋଲ ନିର୍ମାଣ ଦାବିରେ ଆସନ୍ତା ସାଧାରଣ ନିର୍ବାଚନ ଭୋଟ ବର୍ଜନ କରିବା ପାଇଁ ପଞ୍ଚାୟତବାସୀ ଭବାନୀପାଟଣା ଆସି କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ଲିଖିତ ଅଭିଯୋଗ କରି ଜଣାଇଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ତଳଝାପି ପଞ୍ଚାୟତବାସୀ ।

## କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା,୨୦।୩(ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ଅନୁଗୁଞ୍ଜନ-୨୦୧୯' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଯାନ୍ତ୍ରିକ ମହାବିଦ୍ୟାଳୟ ଅଧକ୍ଷ ଡ. ଦୁଲୁ ପଟ୍ଟନାୟକ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଚଳଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଓଡିଆ ଟେଲି ଫିଲ୍ମ ଅଭିନେତ୍ରୀ ଲୋଚନୀ ବାଗ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲା ବେଳେ ସେମାନଙ୍କ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ଦିବସରେ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି, ଗାୟକ ଚଣ୍ଡି ପ୍ରସାଦ, ଗାୟିକା ସ୍ମୃତି ପ୍ରମୁଖ ସେମାନଙ୍କ ମନଲୋଭା ସଙ୍ଗୀତ ପରିବେଷଣ କରିଥିଲେ। ରାଜ୍ୟର ଅନ୍ୟତମ ହାସ୍ୟ ଅଭିନେତା ପ୍ରଜ୍ଞାନ ଯୋଗ ଦେଇଥିଲେ। ପରେ ଭବାନୀପାଟଣାଠାରେ ନିର୍ମିତ ହେଉଥିବା ଚଳଚିତ୍ର ବୈଶାଳୀ ର ଟିମ୍ ପକ୍ଷରୁ ନିର୍ଦ୍ଦେଶକ, ଅଭିନେତା ଓ ଅଭିନେତ୍ରୀମାନେ ତାଙ୍କ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ ।



ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯାଉଛି ।



ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁର ସ୍କୁଲଠାରେ ଚୁନାବ ପାଠଶାଳା କାର୍ଯ୍ୟକ୍ରମ।

## ଚୁନାବ ପାଠଶାଳା

**ଲାଞ୍ଜିଗଡ଼,୨୦।୩ (ଡି.ଏନ.ଏ.)**

ନିର୍ବାଚନକୁ ଆଖି ଆଗରେ ରଖି ରାଜନୈତିକ ଦଳଗୁଡିକର ପ୍ରସ୍ତୁତି ଚଳାଇଥିବା ବେଳେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ କମିଶନ ମଧ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ଏହି କ୍ରମରେ ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ ସହିତ ଲୋକଙ୍କୁ ଭୋଟଦାନ ସମ୍ପର୍କରେ ସଚେତନ କରାଇବାକୁ ଇଭିଏମ୍ ଦ୍ୱାରା ତାଲିମ ଦିଆଯାଉଥିବାବେଳେ ଚୁନାବ୍ ପାଠଶାଳା ଦ୍ୱାରା ମଧ ଭୋଟରଙ୍କୁ ସଚେତନ କରାଯାଉଛି । ବୁଧବାର ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁର ସ୍କୁଲଠାରେ ଚୁନାବ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଏଲ୍‌ଓ ତଥା ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ପଣ୍ଡା ଅତିଥି ଭାବେ ଯୋଗଦେଇ ଭୋଟର ଓ ସାବାଳକ ହେବାକୁ ଯାଉଥିବା ଯୁବକଯୁବତୀମାନଙ୍କୁ ଭୋଟଦାନ ସମ୍ପର୍କରେ ବୁଝାଇଥିଲେ। ରାମଚନ୍ଦ୍ରପୁର ଓ ଟେକରତୋଳା ବିଏଲ୍‌ଓ ଦାୟିତ୍ୱରେ ଥିବା ରାମଚନ୍ଦ୍ରପୁର ସ୍କୁଲ ସହଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ ଉପସ୍ଥିତ ଯୁବକଯୁବତୀମାନଙ୍କୁ ଭୋଟଦାନ ସମ୍ପର୍କରେ ସଚେତନ କରାଇଥିଲେ।

ଏଥିରେ ସମ୍ମାନିତ ଅତିଥି ଭାବେ ଯୁବଲେଖକ ସୁଶୀଲ କୁମାର ବାଗ ଯୋଗଦେଇ ଉପସ୍ଥିତ କଲେଜ ଛାତ୍ରୀଛାତ୍ର ଓ ଯୁବକଯୁବତୀମାନଙ୍କୁ ନିର୍ବାଚନୀ ଚିହ୍ନ ଓ ନିର୍ବାଚନ କମିଶନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜଗମୋହନ ଛତର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଲାଞ୍ଜିଗଡ ନୋଡାଲ ସ୍କୁଲରେ ଏମ୍ ସୁନ୍ଦରଶେଖରଙ୍କ ନେତୃତ୍ୱରେ ଓ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ପ୍ରାଥମିକ ସ୍କୁଲରେ ପ୍ରଧାନଶିକ୍ଷକ ଅରବିନ୍ଦ ଶବର ଓ ସହଶିକ୍ଷକ ମାନସ ରଞ୍ଜନ ବାଗଙ୍କ ଅଧକ୍ଷତାରେ ଚୁନାବ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## କଂଗ୍ରେସର ଦିଗାମ୍ବର, ଅନିଲ ପ୍ରାର୍ଥିପତ୍ର ନେଲେ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମଙ୍ଗଳବାର ଜିଲାରେ କେହି ନାମାଙ୍କନ ପତ୍ର ଦାଖଲ କରିନହାନ୍ତି । ଧର୍ମଗଡରୁ ମିଳିଥିବା ସୂଚନା ଅନୁସାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ପ୍ରାର୍ଥୀ ଟିକଟ ପାଇଥିବା ଦିଗାମ୍ବର ଦୁରିଆ ନାମାଙ୍କନପତ୍ର କ୍ରୟ କରିଥିଲେ । ଜୁନାଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ଅନୀଲ ସିଂଦେଓ ନାମାଙ୍କନ ପତ୍ର କିଣିଥିବା ନେଇ କଂଗ୍ରେସ ଶିବିରରେ ଆଲୋଡନ ସୃଷ୍ଟି ହୋଇଛି । ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟରେ ଲୋକସଭା ଆସନ ପାଇଁ କୌଣସି ନାମାଙ୍କନପତ୍ର ଦାଖଲ ହୋଇ ନ ଥିବା ବେଳେ ଗୋଟିଏ ମଧ୍ୟ ନାମଙ୍କନ ପତ୍ର କିଣାଯାଇ ନାହିଁ। ସେହିଭଳି ଲାଞ୍ଜିଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନାହିଁ । କେବଳ ନର୍ଲା ବିଧାନସଭା ପାଇଁ ଏପିଆଇ ପ୍ରାର୍ଥୀ ଗଭୀର ସୁନା ନାମାଙ୍କନ ଫର୍ମ କିଣିଥିଲେ । ଭବାନୀପାଟଣା ନିର୍ବାଚନମଣ୍ଡଳୀ ପାଇଁ ଏପିଆଇର ଚନ୍ଦ୍ରମଣୀ ମହାନନ୍ଦ ନାମାଙ୍କନ ଫର୍ମ କିଣିଥିଲେ । ବିଜେଡିର ୪ଟି ବିଧାନସଭା ଓ ଏମ୍‌ପି ପ୍ରାର୍ଥୀ ଟିକଟ ଘୋଷିତ ହେଇଥିବା ବେଳେ ଭୁବନେଶ୍ୱରରେ ଡେରା ପକାଇଥିବା ଯୋଗୁ କେହି ମଧ୍ୟ ନାମାଙ୍କନ ପତ୍ର କିଣି ନାହାନ୍ତି କିମ୍ବା ଦାଖଲ ମଧ କରିନାହାନ୍ତି ।

୯୦ ଲକ୍ଷ ଟଙ୍କା ହଡ଼ପ ଘଟଣା

## ବର୍ଷେ ପରେ ଜୟପାଟଣା ବିଇଓ ଭିଜିଲାନ୍ସ ଦ୍ୱାରା ଗିରଫ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବିଇଓ କାର୍ଯ୍ୟାଳୟରେ ବ୍ୟାଙ୍କ ଓଟିପି ବ୍ୟବହାର କରି ୯୦ ଲକ୍ଷରୁ ଅଧିକ ଟଙ୍କା ହଡପ ଘଟଣାରେ ଭବାନୀପାଟଣା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଇଓ ଗୋଲାପ ସିଂଙ୍କୁ ଏକ ବର୍ଷ ପରେ ଗିରଫ କରିଛି । ଏହି ଏବେ ଘଟଣା ସାଧାରଣରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନାରୁ ପ୍ରକାଶ ଯେ, ଜୟପାଟଣା ବ୍ଲକର ବିଇଓ କାର୍ଯ୍ୟାଳୟରେ ଗତ ବର୍ଷ ମାର୍ଚ୍ଚ ୧୬ ତାରିଖରେ ବ୍ୟାଙ୍କ ଓଟିପି ବ୍ୟବହାର କରି ୯୦ ଲକ୍ଷରୁ ଅଧିକ ଟଙ୍କା ନିଜ ସମ୍ପର୍କୀୟମାନଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା । ଏ ନେଇ ଜିଲା ଶିକ୍ଷା ବିଭାଗ ତରଫରୁ ବିଇଓ ଗୋଲାପ ସିଂହଙ୍କ ବିରୋଧରେ କାର୍ଯ୍ୟାଧାର ଅନୁସାରେ ପଦକ୍ଷେପ ନିଆଯିବା ସରକାରୀ ଅର୍ଥ ତୁସାରପାତ ନେଇ ଜୟପାଟଣା ଥାନା ଓ ଭବାନୀପାଟଣା ଭିଜିଲାନ୍ସରେ ମାମଲା ଦାୟାର କରାଯାଇଥିଲା । ଏହି ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୧୪/୨୦୧୮) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଭବାନୀପାଟଣା ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ ଏହି ଘଟଣାର ତଦନ୍ତ କରି ମାମଲା ରୁଜୁ କରିଥିଲେ। ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ ଓ ଇନ୍ସପେକ୍ଟର ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଜୟପାଟଣା ବ୍ଲକ ବିଇଓ ଗୋଲାପ ସିଂଙ୍କୁ ମଙ୍ଗଳବାର ରାତିରେ ଗିରଫ କରାଯିବା ସହିତ ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

## ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ବିକାଶ ସ୍କୁଲ ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକଠାରେ ରକ୍ତଦାନ ଉପରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ରକ୍ତ ଅଭାବରୁ କେହି ଯେପରି ମୃତ୍ୟୁମୁଖରେ ନ ପଡିବେ, ରକ୍ତଦାନ ଦ୍ୱାରା ଜୀବନ ବଞ୍ଚାଇବା, କେଉଁମାନେ ରକ୍ତ ଦେଇ ପାରିବେ, ରକ୍ତଦାନର ମହତ୍ୱ ଉପରେ ଛାତ୍ରଛାତ୍ରୀମାନେ ପଥପ୍ରାନ୍ତରେ ନାଟକ, ସଙ୍ଗୀତ ଓ ସଚ ଚେନ ବାର୍ତ୍ତା ପ୍ରଦାନ କରିଥିଲେ। ବିକାଶ ସ୍କୁଲ ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ବିଜୟ, ଅଧକ୍ଷ କେ. ରମେଶ, ଶିକ୍ଷକ ନାରାୟଣ ତାଣ୍ଡିଆ, ମାନସ ପଣ୍ଡା, ଅଶ୍ୱିନୀ ରାଉତ, ସାମନ୍ତ ବର୍ଗର୍ତ୍ତୀ ପ୍ରମୁଖ ପରିଚାଳନା କରିଥିଲେ।




ରକ୍ତଦାନ ଉପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ଘରୋଇ ଜମିରେ ରାସ୍ତା ନିର୍ମାଣ

# ବାଡ଼ ଦେଇ କାମ ବନ୍ଦ କଲେ ଜମି ମାଲିକ

**କେସିଙ୍ଗା,୨୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କର୍ଲାଖୁଣ୍ଟାଠାରୁ କୋକୋଡମାଳ ରାସ୍ତା ଏକ ଘରୋଇ ଜମିରେ ନିର୍ମାଣ ହେଉଥିବାରୁ ଏବେ ନିର୍ମାଣାଧୀନ ଅବସ୍ଥାରେ ଅଟକି ରହିଛି । ଜମି ମାଲିକ ବାଡ଼ ଦେବାରୁ କାମ ବନ୍ଦ ହୋଇପଡ଼ିବା ସହ ରାସ୍ତା ନିର୍ମାଣରେ ସମସ୍ୟା ଦେଖାଦେଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣାଧୀନ ଏହି ରାସ୍ତା ପାଇଁ ୧ କୋଟି ୧୪ ଲକ୍ଷ ୪୪ ହଜାର ୫୬୫ ଟଙ୍କା ବ୍ୟୟ ଅଟକଳ ହୋଇଛି । ଏହି ରାସ୍ତା ନିର୍ମାଣ କାର୍ଯ୍ୟରମ୍ଭ ଗତ ୧୧।୪।୨୦୧୮ରେ ଆରମ୍ଭ ହୋଇ ତା୧୦।୧।୨୦୧୯ରେ କାର୍ଯ୍ୟ ଶେଷ ହେବା କଥା । କିନ୍ତୁ ବର୍ତ୍ତମାନ ସୁଧା କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ରାସ୍ତା କାମ ଶେଷ ହୋଇନାହିଁ । ଏହି ରାସ୍ତା ନିର୍ମାଣ ପାଇଁ ଲଦୁଗାଁସ୍ଥିତ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ କର୍ଲାମୁଣ୍ଡା ଛକଠାରୁ





କର୍ଲାଖୁଣ୍ଟାଠାରୁ କୋକୋଡମାଳ ଦେଇ ମଶାଣିବନ୍ଧକୁ ସଂଯୋଗ ରାସ୍ତା ମଝିରେ ବାଡ କରି ବନ୍ଦ କରାଯାଇଛି (ବାମ) । ରାସ୍ତାରେ ଲଗାଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଫଳକ ।

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

- ରାସ୍ତା ନିର୍ମାଣରେ ସମସ୍ୟା

କୋକୋଡ଼ମାଳ ଦେଇ ରେଳଧାରଣକୁ ସଂଯୋଗ କରୁଥିବା ଏହି ରାସ୍ତା ମଝିରେ ଏକ ଘରୋଇ ଜମି ରହିଛି। ଜମି ମାଲିକ ରାସ୍ତା ଉପରେ ବାଡ ଦେଇ ରାସ୍ତା ବନ୍ଦ କରି ଦେଇଥିଲେ । ଫଳରେ ରାସ୍ତା ନିର୍ମାଣ ବ୍ୟାଘାତ ସୃଷ୍ଟି ହେବା ସହିତ କୋଟି ଟଙ୍କାର ରାସ୍ତା ଏବେ ଅଟକିଛି । କୋକୋଡମାଳ ଗ୍ରାମର ଉତ୍ସବ ବାଗ (୬୫), ଚିତ୍ର ନାଗ (୫୫) ଓ ବଡ ବାଗ (୫୦) ଏହି ତିନି ଭାଇଙ୍କ ୨୧ ଡେସିମିଲ ଜମି ରହିଛି । ଏହି ୩ ଭାଇ ଗତ ୫ବର୍ଷ ହେଲା ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ଘରେ କେହି ନ ଥିବା ସୁଯୋଗ ଦେଖି ଗତ ୨୦୧୪ରେ ଏହି ଜମି ଉପରେ ବ୍ଲକ ପ୍ରଶାସନ ପକ୍ଷରୁ କଂକ୍ରିଟ ରାସ୍ତା ମଧ କରିଥିଲେ। କିନ୍ତୁ ବର୍ତ୍ତମାନ ଜମି ମାଲିକ ୩ଜଣ ଘରେ ଉପସ୍ଥିତ ଥିବାରୁ ଉକ୍ତ ରାସ୍ତାକୁ ବିରୋଧ କରି ନିଜ ଜମି ଉପରେ ବାଡା ଦେଇ ବନ୍ଦ କରିଦେବାରୁ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏହି ରାସ୍ତା ନିର୍ମାଣ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାର ରାସ୍ତା ଲାଗି ସର୍ଭେ ନ କରି କିପରି ଟେଣ୍ଡର ପ୍ରକ୍ରିୟା ଶେଷ କରି କାମ ଆରମ୍ଭ କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଉକ୍ତ ରାସ୍ତା ବର୍ତ୍ତମାନ ଅକାମି ହୋଇପଡିବ। ଫଳରେ କର୍ଲାଖୁଣ୍ଟାଠାରୁ କୋକୋଡମାଳ ଦେଇ ମଶାଣିବନ୍ଧ ଗ୍ରାମକୁ ସଂଯୋଗ ରାସ୍ତା ଅଟକିଯିବ। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଦେବେନ୍ଦ୍ର କୁମାର ସେଠଙ୍କୁ ପଚାରିବାରୁ ମୁଁ ଏହାର ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ ।

କଳାହାଣ୍ଡିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

## ସାଧାରଣ ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ଉପରେ ସମୀକ୍ଷା କଲେ

**ଭବାନୀପାଟଣା,୨୦।୩ (ଡି.ଏନ.ଏ.)**

ସାଧାରଣ ନିର୍ବାଚନରେ ଲୋକ ସଭା ଏବଂ ବିଧାନ ସଭାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧରେ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରୀୟ ନିର୍ବାଚନ ଆୟୋଗ ତରଫରୁ ୩ ଜଣିଆ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟିମ୍ ଆସି ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ବି.କେ. ସିଂହ, ଏସ୍.ପି. ସିଂହ ଓ ଶୈଳେସ ଜାମ୍ଭୋଦ୍‌କର କଳାହାଣ୍ଡିରେ ପହଞ୍ଚିବା ପରେ ନିର୍ବାଚନ ଖର୍ଚ୍ଚ ସମ୍ପର୍କରେ ନିୟୋଜିତ ବିଭିନ୍ନ ଅଧିକାରୀ, ଫ୍ଲାଇଙ୍ଗ ସ୍କ୍ୱାର୍ଡ, ନୋଡାଲ ଅଫିସରମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସ୍ଥାନୀୟ ସାର୍କେଟ ହାଉସରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶୈଳେସ ଜାମ୍ଭୋଦ୍‌କର ଗତ ୧୯ ତାରିଖ ଅପରାହ୍ନରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ଏମସି (ମିଡିଆ ମନିଟରିଂ ଓ ପ୍ରି ସାର୍ଟିଫିକେଟ) ଟିମ୍ ସହ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ପର୍ଯ୍ୟବେକ୍ଷକ ଜାମ୍ଭୋଦକର ନିର୍ବାଚନ ସମ୍ପର୍କରେ ବୈଦ୍ୟୁତିକ ଗଣମାଧ୍ୟମରେ ନିର୍ବାଚନ ବିଜ୍ଞାପନ ପାଇଁ ପୂର୍ବ ପ୍ରମାଣପତ୍ର, ସୋସିଆଲ ମିଡିଆ ନିର୍ବାଚନ ପ୍ରଚାର, ସମ୍ବାଦପତ୍ରରେ ଦେୟଯୁକ୍ତ ସମ୍ବାଦ (ପେଡ୍ ନ୍ୟୁଜ) ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏହି କମିଟି ଦାୟିତ୍ୱରେ ଥିବା ଅଧିକାରୀ ସଦସ୍ୟମାନଙ୍କୁ କଡାକଡି ଭାବେ ପେଡ ନ୍ୟୁଜ ଓ ଅନ୍ୟାନ୍ୟ ନିର୍ବାଚନ ସକ୍ରାନ୍ତିୟ ଖବର ଉପରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମିଡିଆ ମନିଟରିଂ ଓ ପ୍ରି-ସାର୍ଟିଫିକେଟ୍ କମିଟି ଆବାହକ ତଥା ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୁରବିର ସିଂହ, ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ଅଧିକାରୀ, ଜିଲା ଇ-ଗଭର୍ନିଙ୍ଗ ମ୍ୟାନେଜର ଓ ଖବରଦାତା ଉମାଶଙ୍କର କର ଆଲୋଚନାରେ ଭାଗ ନେଇଥିଲେ। ଜାମ୍ଭୋଦକର ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ନିମନ୍ତେ ଜିଲା ପ୍ରଶାସନର ପୂର୍ବ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

**ବେଲପଡ଼ା,୨୦।୩(ଡି.ଏନ.ଏ.):** ବେଲପଡ଼ା ଥାନା ଘାଗୁର୍ଲୀ ଗ୍ରାମ ବଜାର ବୁଲାଣି ରାସ୍ତାରେ ବୁଧବାର ପୂର୍ବାହ୍ଣ ୯ଟାରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖପ୍ରାଖୋଲ ଥାନା ନାନ୍ଦୁପଲା ଗ୍ରାମର ମୁରଲୀଧର ବେହେରା (୬୫)। ଅନ୍ୟପକ୍ଷେ ଡ୍ରାଇଭର ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ବେଲପଡ଼ାରୁ ଆସୁଥିବା ଏକ ଡମ୍ଫର(ନଂ.ଓଡି୦୩ବି୭୮୭୨) ଘାଗୁର୍ଲୀ ଗ୍ରାମ ବଜାର ପାଖ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍(ନଂ.ଓଡି୦୩ଏ୪୮୦୩)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ଏପରି କି ଘଟଣାସ୍ଥଳରେ ବାଇକ୍ ଆରୋହୀ ମୁରଲୀଧରଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ବେଲପଡ଼ା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଯୋଗ୍ୟ, ମୁରଲୀଧର ଧଣ୍ଡାମୁଣ୍ଡା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ ଚାକିରୀରୁ ଅବସର ନେଇଥିଲେ। ମୁରଲୀଧରଙ୍କ ମୃତ୍ୟୁକୁ ନେଇ ନାନ୍ଦୁପଲା, ବେଲପଡ଼ା, ଖପ୍ରାଖୋଲ, ଧଣ୍ଡାମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିଭିନ୍ନ ମାମଲାରେ ୩ ଅଭିଯୁକ୍ତ ଜେଲ ଗଲେ

**ବାମରା,୨୦।୩(ସ୍ୱ.ପ୍ର.):** ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ପୋଲିସ ବିଭିନ୍ନ ମାମଲାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ବାମରା ବ୍ଲକ ଗଡପୋଷ ଦେହୁରପଡାର ସୌକିଲାଲ ଜୟପୁରିଆ (୪୫)ଙ୍କୁ ପୋଲିସ ଗଡପୋଷ ମଦଭାଟି ପାଖରେ ଚନାମୁଢ଼ି ବିକ୍ରେତା ଦୟାନିଧି ସୁନାନୀ (୫୦)ଙ୍କୁ ନିସ୍ତୁକ ମାଡ ମାରିବା ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଛି । ମାର୍ଚ୍ଚ ୧୧ ତାରିଖ ସୌକିଲାଲ ଦୟାନିଧିଙ୍କୁ ନିସ୍ତୁକ ମାଡ ମାରିବାରୁ ତାଙ୍କ ମୁଣ୍ଡ ଓ ମୁହରେ ଗଭିର ଆଘାତ ଲାଗିଥିଲା । ପ୍ରଥମେ ତାଙ୍କୁ ଗଡପୋଷ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଏବେ ମଧ ଗୁରୁତର ରହିଛି । ସଗରାଠାରେ ନିଜ ବଡ ଭାଇକୁ କିରୋସିନୀ ଢାଳି ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ତପୋବନ କୁମରା (୪୦)ଙ୍କୁ କୋର୍ଟ ଚାଲାଣ କରାଯାଇଛି । ଫେବୃୟାରୀ ୨୦ ରାତିରେ ତପୋବନ ନିଜ ବଡଭାଇ ଗୋବର୍ଦ୍ଧନ କୁମରାଙ୍କୁ କିରୋସିନ ଢାଳି ନିଆ ଲଗାଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା । ଏକ ଅସଦାଚରଣ ମାମଲାରେ ପୋଲିସ ଅଭିଯୁକ୍ତ ପିଣ୍ଟୁ ପାସୱାନଙ୍କୁ କୋର୍ଟ ଚାଲାଣ କରିଛି। ସମସ୍ତ ୩ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ଲାଷ୍ଟିକ୍ ସାମାନ ଲାଗି ମାଡ଼ଖାଉଛେ ବେଉସା

# ଜୀବ୍‌କା ହରଉଛନ୍ ବାଉଁଶ କାରିଗର

**ଲାଠୋର, ୨୦।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍‌ର ଝଲିଆଲିଟି ଗାଁରେ ୯ ଘର ବାଉଁଶ କାରିଗର ପରିବାର ରହୁଛନ୍। ସେମାନେ ବାଉଁଶରେ ଭୁଗା, ଟୁପା, ଟୁପଲି, ଚଂଘରା, ଡଲା, କୁଲା, ଘରି ତିଆରି ବିକାଭଂଗା କରବାର ସଂଗେ ନିଜର ଜୀବନ୍ ଜୀବ୍‌କା ଚଲଉଛନ୍। ହେଲେ ଆଏଜ୍‌କାଲି ପ୍ଲାଷ୍ଟିକ୍ ସାମାନର ବଡ଼ଭାରି ବେଭାର ବାଉଁଶ କାରିଗରମାନକର ମୁଡ଼ଦୁଖାର କାରନ୍ ହେଇଛେ।

ସୂଚନା ଅନ୍‌ସାରେ ବହୁତ ବଛର ହେଲା ଝଲିଆଲିଟି ଗାଁରେ ଶେଷମୁଡ଼ସାନେ ୯ଟା ବାଉଁଶ କାରିଗର ପରିବାର ସରକାରୀ ଜାଗାରେ କୁରିଆମାରି ରହୁଛନ୍। ସେମାନେ ବାଉଁଶରୁ ଭିନେ ଭିନେ କିସମର ଘରକରା ଜିନିଷ ଯେନ୍‌ତା ଭୁଗା, ଟୁପା, କୁଲା, ଟୁପଲି, ଚାଂଘରି, ଡଲା, ବସନି, ଧୁକନି ତିଆରି କରବାର ସଂଗେ ଭିକାଭଂଗା କରି ନିଜର କୁଟୁମ ପୁଷୁଛନ୍। ହେଲେ ଦିନୁଦିନ୍‌କେ ପ୍ଲାଷ୍ଟିକ ସାମାନର ଚାହିଦା ବଢ଼ବାର ଲାଗି ବାଉଁଶ ସାମାନ ବିକାଭଂଗା ଉପରେ ମାଡ଼ପଡୁଛେ ବଲି ଗାଁର ବୁଦ୍ଧୁ ଝାରମାଝୀ,



ମହିଳାମାନେ ବାଉଁଶ ସାମାନ ତିଆର କରୁଛନ୍।

ଈଶ୍ୱର ଝାରମାଝୀ, ଫଗନୁ ଝାରମାଝୀ, ଶୁକ୍ରୁ ଝାରମାଝୀ, ଗୁରୁବାରୁ ଝାରମାଝୀ, କୁଶ ଝାରମାଝୀ, ରୁଦାନ ଝାରମାଝୀ, ଚୈତନ ଝାରମାଝୀ, କେଶବ ଝାରମାଝୀ ପରମୁଖ କହିଛନ୍। ଇ କାରିଗର ସମାଜର ଲୋକ୍‌ମାନେ ଜଂଗଲରୁ ବାଉଁଶ ଆନି ଭିନେ ଭିନେ ସାମାନ ତିଆର କରସନ୍। ହେଲେ ଦିନୁଦିନ୍‌କେ ଜଂଗଲ ପଦା ହେବାର ସଂଗେ ବାଉଁଶ ଆଘରଲେଖେଁ ନାଇଁମିଲବାର। ସରକାରୀ ହିସାବେ ବାଉଁଶ ସାମାନ ବିକାଭଂଗା ଲାଗି ବଜାର ବେବସ୍ତା ନାଁଇଁନ, ଯେନ୍‌ଥିରଲାଗି କାରିଗର ପରିବାର୍‌ର ମହିଲା, ପୁରୁଷମାନେ ଗାଁ ଗାଁ ବୁଲି ଧାୟ୍ ଦରଠାନୁ କମ୍ ଦାମ୍‌ରେ ସାମାନ ବିକୁଛନ୍। ଇଥିରେ ଯାହା କମଉଛନ୍ ସେଟା ପେଟକେ ହେଲେ ଦିହିକେ ନାଇଁ ଅଁଟବାର। ପ୍ଲାଷ୍ଟିକ୍ ସାମାନ ଚାହିଦା ବଢ଼ବାର ଲାଗି ବାଉଁଶ ସାମାନର ଚାହିଦା ଖସୁଛେ। କାରିଗର ପରିବାରମାନେ ବି ଉପେ ଶୁଇନ୍ ହେଇ କୁଲବୁରତିରୁ ମୁହୁଁ ଫିରେଇ ନେଉଛନ୍। ଏନ୍‌ତା କି ସେମାନେ ନିଜର ବୁରତି ଛାଡ଼ି କୁଲି ମଜୁରି, ଦାଦନ ଖଟିଯାଉଥିବାର ଦେଖିବାକେ ମିଲୁଛେ। ଏନ୍‌ତାଥି କାରିଗର ପରିବାରମାନେ ପାଉଥିବାର ସରକାରୀ ସାହାଯ୍ କହେଲେ ୯ ପରିବାରର ୪ ଝନ୍ ବୁଢ଼ାବୁଢ଼ି ଭତା ପାଉଥିଲାବେଲେ ଆରକେତେ ହକ୍‌ଦାର ଥାଇ ଭତାରୁ ବଁଚିତ ହେଇଛନ୍। ସେନ୍‌ତା ୯ ପରିବାର ଭିତରୁ ୬ ପରିବାର ରାଶନ କାର୍ଡରେ ଚାଉଲ ପାଉଥିଲାବେଲେ ଈଶ୍ୱର ଝାରମାଝୀ, ଗୁରୁବାରୁ ଝାରମାଝୀ, କେଶବ ଝାରମାଝୀକଁର ପରିବାର ଚାଉଲ ପାଏବାରୁ ବଁଚିତ ହେଇ ରହିଛନ୍। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭ ପରିବାରକୁ ସାମିଲ କରି ଘର ଯୁଗେଇ ଦିଆଯାଇଥିଲା ବେଲେ କେଶବ ଝାରମାଝୀ ଆର ଗୁରୁବାରୁ ଝାରମାଝୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଇଛନ୍। ଇ ସମାନ ସମସିଆ ବ୍ଲକ ଅଧୀନ ସୁନାମୁଦି, ରେଙ୍ଗାଲି ଆର ମହୁରୁଣ୍ଡିରେ ବାସ କରୁଥିବାର ବାଉଁଶ କାରିଗର ପରିବାରରେ ବି ରହିଥିବାର ଜନାଯାଇଛେ। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍ଟି ଦେଇ କାରିଗର ପରିବାରମାନକୁ ସରକାରୀ ସାହାଯ୍ ଯୁଗେଇ ଦେବାକେ ଭିନେ ଭିନେ ମହଲରୁ ଦାବି ହେଉଛେ।

# ଆବାସ ଯୋଜନାରୁ ବଁଚିତ ଭିନ୍ନକ୍ଷମ ଧ୍ରୁବା

**ଲୋଇସିଂହା,୨୦।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଖଲିଆପାଲି ଗାଁର ଧ୍ରୁବା ଝାଙ୍କର(୬୫)। ମାଏକିନା ଆରପାରକେ ଚାଲିଯାଇଥିଲା ବେଲେ ଧ୍ରୁବା ପୁଓ ବହ ପାସେ ରହୁଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲା ବେଲେ ସରକାରୀ ଯୋଜ୍‌ନାରେ ଘରଖଁଡ଼େ ପାଏବାର ଲାଗି କେଭ୍‌ଠାନୁ ଚାହିଁ ରହିଛନ୍। ଇ ବାବ୍‌ଦେ ସେ ବ୍ଲକକେ ଯାଇ ବିଡିଓକୁଁ ଗୁହାରି କରମି ବଲି କହିଛନ୍।

ସୂଚନା ଅନ୍‌ସାରେ ଆଗଲପୁର ବ୍ଲକ ସାଲେଭଟା ପଁଚେତ ଅଧୀନ ଖଲିଆପାଲି ଗାଁର ଟିକ୍ରାପଡ଼ାରେ ଧ୍ରୁବା ଝାଙ୍କରକର ଘର। ମାଏକିନା ସରସ୍ୱତୀ, ପୁଓବହ ଆର ୩ ନାତି ନାତେନକୁ ନେଇ ତାକର ସୁଖର ସଁସାର। ହେଲେ ମାଏକିନା ସରସ୍ୱତୀ ରୋଗ୍‌ରେ ପୀଡ଼ିତ ଥିଲେ। ଅନେକ ଚିକିତ୍ସା କଲାରୁ ବି ସେ ଭଲ ନାଇଁହେଲେ। ଆଏଜ୍‌କେ ୩ ବଛର ତଲେ ତାକର ମୁରତ୍ୟୁ ହେଇଥିଲା। ଘଟନା ପରେ ଧ୍ରୁବା ପୂରାପୂରି ଭାଂଗି ପଡ଼ିଥିଲେ। ଇଆଡ଼େ ଧ୍ରୁବାର ଗୁଟେ ଆଏଁଖିକେ ଭଲ ଭାବେ ନାଇଁ ଦିଶବାର ଲାଗି ସେ ପୁଓବହର ଆଶ୍‌ରେ ରହିଥିବାର କହିଛନ୍। ରହିବାର ଲାଗି



ଧ୍ରୁବା ଝାଙ୍କର ନିଜର ଘର ଆଗେ ଠିଆ ହେଇଛନ୍।

ଭଲ ଘର ଖଁଡ଼େ ନାଇଁଥିବାର ଲାଗି ୬ ପ୍ରାଣୀ କୁଟୁମ୍ ବଡ଼ା ଗୁଲ୍‌ଗୁଲା ହେଉଛନ୍। ପଁଚେତ୍ ତରଫୁ ଘରଖଁଡ଼େ ମିଲବା ବଲି ସେ ଆଶ୍ କରିଥିଲେ, ହେଲେ ତାକର ପରିବାରକେ ଅନ୍‌ଦେଖା କରାଯାଉଥିବାର ସେ କହିଛନ୍। ପୁଓବହ ଗୁଟେ ବିହାଘର ଯାଇଛନ୍, ସେମାନେ ଫିରଲେ ମୁଇଁ ବିଡିଓକୁଁ ଯାଇ ଭେଟମି ଆର ଘରଖଁଡ଼େ ଲାଗି ଗୁହାରି କରମି ବଲି ତାହାକୁ ପଚରାଲାରୁ କହିଛନ୍। ଇ ନିହାତି ଗରିବ୍ ପରିବାର ଉପରେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଦାବି ହେଉଛେ।

# ଅବ୍ୟବସ୍ଥାରେ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜ

**ଦେଓଗାଁ,୨୦।୩(ଡି.ଏନ.ଏ.)**

**ଆନ୍ଦୋଳନ ଚେତାବନୀ**

ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ କିଛି ଦିନ ହେଲା ପରିଚାଳନାଗତ ଓ ଆର୍ଥିକ ଅନିୟମିତତା ନେଇ ଗାଁରେ ଅସନ୍ତୋଷ ଦେଖାଦେଇଛି। କଲେଜର ସୁଧାର ବ୍ୟବସ୍ଥା ଆଣିବା ନେଇ ଗ୍ରାମବାସୀ ମଙ୍ଗଳବାର ଉପଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏପରି କି ବୁଧବାର ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣୀ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଦେଓଗାଁ ଫାଣ୍ଡି ଅଧିକାରୀଙ୍କୁ ଭେଟି କଲେଜ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜଣାଇଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜର ପରିଚାଳନା କମିଟି ଗତ ଏପ୍ରିଲରୁ କାର୍ଯ୍ୟକାଳ ସମାପ୍ତ ହୋଇଥିଲେ ମଧ ନୂତନ କମିଟି ଗଠନ ଦିଗରେ ପଦକ୍ଷେପ ନିଆଯାଉନାହିଁ। ଗତ ଫେବୃୟାରୀ ୬ରେ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଅଧକ୍ଷ ସୁରେଶ ଚନ୍ଦ୍ର ବାରିକଙ୍କ ସହମତିରେ ଏକ ତତ୍ତ୍ୱାବଧାରକ କମିଟି ଗଠନ କରାଯାଇଥିଲା। ଏହି କମିଟିକୁ ନେଇ ଚଳିତ ମାସ ୬ ତାରିଖରେ କଲେଜରେ ବୈଠକ ବସିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଅଧକ୍ଷଙ୍କ ସ୍ୱାସ୍ଥ୍ୟଗତ କାରଣରୁ ବୈଠକକୁ ବାତିଲ କରାଯାଇଥିଲା । ପୁଣି ୧୧ ତାରିଖରେ ବୈଠକ ବସିବା ପାଇଁ ଚୂଡ଼ାନ୍ତ ହୋଇଥିଲା। ସେହି ଦିନ ଅଧକ୍ଷ ବାରିକ ବ୍ୟକ୍ତିଗତ କାରଣ ଦର୍ଶାଇ ନ ଆସିବାରୁ ପୁନଶ୍ଚ ବୈଠକ ବାତିଲ କରି ୧୮ ତାରିଖରେ ବୈଠକ ବସିବା ନେଇ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ହେଲେ ଉକ୍ତ ଦିନ ମଧ ଅଧକ୍ଷ ନ ଆସିବାରୁ ବୈଠକ ବାତିଲ ହେବା ପରେ ଗ୍ରାମ୍ୟ ଉନ୍ନୟନ କମିଟି ତଥା ଗ୍ରାମବାସୀ ଉପଜିଲାପାଳଙ୍କୁ ଫେରାଦ ହେବା ସହ ୨୩ ତାରିଖରୁ ଆନ୍ଦୋଳନ କରିବାକୁ ସୂଚନା ଦେଇଛନ୍ତି। ସମସ୍ୟା ସଂକ୍ରାନ୍ତରେ ଅଧକ୍ଷ ବାରିକଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ। ବୈଠକ ବସିବା ପାଇଁ ପରିଚାଳନା କମିଟି ସଭାପତିଙ୍କୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି।

## ଧଣ୍ଡାମୁଣ୍ଡାରେ ଦୋଳ ଉତ୍ସବ ଆରମ୍ଭ

**ଖପ୍ରାଖୋଲ,୨୦।୩ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ୮୦ତମ ଦୋଳ ଉତ୍ସବ ବୁଧବାର ଆରମ୍ଭ ହୋଇଯାଇଛି। ଯଜ୍ଞମଣ୍ଡପରେ ଅଷ୍ଟପ୍ରହର ନାମ ଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞ କର୍ତ୍ତା ଭାବେ ଲୋକନାଥ ସାହୁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗୁରୁବାର ରାତ୍ରିରେ ହରିହର ଭେଟ ଏବଂ ଦୋଳମେଳଣ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଦୋଳ ଉତ୍ସବ ପାଇଁ ଧଣ୍ଡାମୁଣ୍ଡା ଉତ୍ସବ ମୁଖର ହୋଇଉଠିଥିବା ବେଳେ ଲୋକେ ମୀନା ବଜାର , ବିଭିନ୍ନ ପ୍ରକାର ଦୋଳି, ଖାଦ୍ୟର ମଜା ଉଠାଉଛନ୍ତି।

## ବାହାଘର ଭୋଜିରେ ସରକାରୀ ଗାଡ଼ିର ଭିଡ଼

**ବାମରା,୨୦।୩ (ସ୍ୱ.ପ୍ର.)**

ବିଭିନ୍ନ ସମୟରେ ସରକାରୀ ଗାଡି ଅପବ୍ୟବହାର ସହ ଘରୋଇ କାର୍ଯ୍ୟରେ ନିୟୋଜିତ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାମରା ବ୍ଲକ କିନାବଗା ପଞ୍ଚାୟତ ଡଙ୍ଗାଯୋର ଗ୍ରାମରେ। ସେଠାରେ ଚାଲିଥିବା ଜଣେ ସରକାରୀ ଅଧିକାରୀଙ୍କ ଝିଅ ବିବାହ ଭୋଜିରେ ଏହା ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ନିଜ ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କ ସହ ସରକାରୀ ଗାଡିରେ ଆସି ଯୋଗ ଦେଇଥିଲେ। ବୁଧବାର ଡଙ୍ଗାଯୋର ଗ୍ରାମରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଓମ୍‌ପ୍ରକାଶ ପଟେଲଙ୍କ ଝିଅ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର, ସୁନ୍ଦରଗଡ, ରାଉରକେଲା, ଭୁବନେଶ୍ୱର, ଝାରସୁଗୁଡା ସହ ଅନ୍ୟାନ୍ୟ ଅଞ୍ଚଳରୁ ପୂର୍ତ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଏତେ ସଂଖ୍ୟାରେ ସରକାରୀ ଗାଡି ଏକ ଘରୋଇ (ବେସରକାରୀ) ବିବାହ ଉତ୍ସବରେ ଯୋଗଦେବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏକ ବେସରକାରୀ କାର୍ଯ୍ୟକ୍ରମରେ ଏତେ ମାତ୍ରାରେ ସରକାରୀ ଗାଡିର ବ୍ୟବହାରରୁ ସରକାରୀ ଅର୍ଥ ହାନି ହେଉନି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ସରକାରୀ ଗାଡି ଅପବ୍ୟବହାର କରୁଥିବା ନେଇ ଜଣେ ଅଧିକାରୀଙ୍କୁ ପଚାରିବାରୁ ଗାଡି ଗୁଡିକ ବିଭାଗରେ ଠିକାରେ ଲାଗିଛି। ଏହା ସରକାରୀ ଗାଡି ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ ।




ସେଁଲଡୁଙ୍ଗୁରୀ ଗ୍ରାମର ଯୁବକମାନେ ବିଡିଓଙ୍କୁ ଅଭିଯୋଗ କରୁଛନ୍ତି।

# ଝାରମୁଣ୍ଡା-ଖର୍ସେଲଡୁଙ୍ଗୁରୀ ରାସ୍ତା ଶୋଚନୀୟ

**ଦେଓଗାଁ,୨୦।୩(ଡି.ଏନ.ଏ.)**

- ଆର୍‌ଡି ବିଭାଗକୁ ହସ୍ତାନ୍ତର ଦାବି
- ବିଡିଓଙ୍କୁ ଭେଟିଲେ ଯୁବଗୋଷ୍ଠୀ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଝାରମୁଣ୍ଡା-ଖର୍ସେଲଡୁଙ୍ଗୁରୀ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଛାତ୍ରୀଛାତ୍ରଙ୍କ ସହ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବୁଧବାର ଆମ୍ ଆଦ୍‌ମୀ ପାର୍ଟୀ ଜିଲା ସଂଯୋଜକ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଗାଁର ୧୦ରୁ ଉର୍ଦ୍ଧ୍ୱ ଯୁବକ ବିଡିଓ ବେର୍ଣ୍ଣାଦେତ୍ ଲାକ୍ରାଙ୍କୁ ସାକ୍ଷାତ କରି ଉକ୍ତ ରାସ୍ତାକୁ ଆର୍‌ଡି ବିଭାଗ କୁ ହସ୍ତାନ୍ତର କଲେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇପାରନ୍ତା ବୋଲି କହିଥିଲେ। ଏପରି କି ରାସ୍ତା ଅବସ୍ଥା ଠିକ୍ ହୋଇ ପାରନ୍ତା ବୋଲି ଯୁବନେତା ଆର୍ତ୍ତ ଘିଭେଲା, ଡମ୍ବରୁଧର ରଣାଙ୍କ ସମେତ ଅବନୀ ସାହୁ, ଗୋବର୍ଦ୍ଧନ ସାହୁ, ଯଦୁମଣି ସାହୁ, ରଞ୍ଜନ ମାହାକୁର, ପୀତାମ୍ବର ସାହୁ, ରୋହିତ ପରୁଆ, ପରଦେଶୀ ଛତ୍ରୀୟା, ଶଙ୍କର୍ଷଣ ପଧାନ ପ୍ରମୁଖ ଅନୁରୋଧ କରଛନ୍ତି।

# ବିଜେଡିକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଲେ ନଳିନୀ

**ବାମରା,୨୦।୩ (ସ୍ୱ.ପ୍ର.)**

ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ ପ୍ରଥମ ଥର ପାଇଁ ବାମରା ବ୍ଲକ ଅଞ୍ଚଳକୁ ଆସି ନିଜର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ସେ ସମ୍ବଲପୁର ଲୋକସଭା ଆସନରୁ ବିଜେଡି ଆଶାୟୀ ପ୍ରାର୍ଥୀ ଅଛନ୍ତି । ବୁଧବାର ବାମରା ଗୁର୍ଲା, ଗଡପୋଷ ଓ ଡଙ୍ଗାଯୋରଠାରେ ଏକ ଦଳୀୟ ସଭାରେ ଯୋଗ ଦେଇ ଦଳକୁ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସେ ସମ୍ବଲପୁର ଲୋକସଭା ଅନ୍ତର୍ଗତ ବିଭିନ୍ନ ଗ୍ରାମ ଗୁଡିକର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜୟପାଲ ନାଏକ, ପ୍ରଦୀପ କୁମାର ପଟେଲ, ଶଶିଭୂଷଣ ସେଠ, ଉଦୟନାଥ ନାଏକ, କୁମୁଦିନୀ ନାଏକ, ଉମେଶ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏସ.କେ. ସିହ୍ନା ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ ।



ଚନ୍ଦ୍ରପୁରରେ ଅଷ୍ଟପ୍ରହରୀ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ।

# ଦୋଳପୂର୍ଣ୍ଣିମା ଉପଲକ୍ଷେ ନାମଯଜ୍ଞ, କଳସ ଶୋଭାଯାତ୍ରା

**ଦେଓଗାଁ,୨୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁରରେ ଅନୁଷ୍ଠିତ କଳସଯାତ୍ରାରେ ଶତାଧିକ ମହିଳା ବୁଢ଼ିଆଇ ପୋଖରୀରୁ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗୁରୁବାର ନାମା ଆରମ୍ଭ ହେବା ସହ ଶୁକ୍ରବାର ପୂର୍ଣ୍ଣାହୂତି ହେବ ବୋଲି ଆୟୋଜକ ସୂତ୍ରରୁ କୁହାଯାଇଛି। ଏଥିରେ କର୍ତ୍ତା ଭାବେ ପୀତାମ୍ବର ଭୋଇ ଓ ତାଙ୍କ ସ୍ତ୍ରୀ ରଞ୍ଜୁଲତା ଭୋଇ ପୂଜା ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ବିକ୍ରମ ମିଶ୍ର ଏବଂ ଜପକ ଭାବେ ଭୀମସେନ ମିଶ୍ର ରହିଛନ୍ତି। ସେହିପରି କୁଲିଆବାହାଲରେ ସ୍ଥାନୀୟ ଶିବମନ୍ଦିର ପରିସରରେ ଅନୁଷ୍ଠିତ ଅଷ୍ଟପ୍ରହା ନାମଯଜ୍ଞରେ କର୍ତ୍ତା ଭାବେ ସୁରେଶ କୁମାର ମେହେର ଓ ତାଙ୍କ ସ୍ତ୍ରୀ ଯଶୋଦା ମେହେର ଦାୟିତ୍ୱ ତୁଲାଉଛନ୍ତି। ପୂଜକଭାବେ ଦ୍ୱାରୁ ତ୍ରିପାଠୀ ଓ ଜପକ ଭାବେ ପ୍ରଦୀପ କୁମାର ତ୍ରିପାଠି ଦାୟିତ୍ୱ ତୁଲାଉଛନ୍ତି।

ଜାତୀୟ ରାଜପଥରେ ଭ୍ରୂଣ

# ୧୦୮ ଆମ୍ବୁଲାନ୍ସ କର୍ମଚାରୀ ପକାଇ ଚାଲିଯାଇଥିବା ଅଭିଯୋଗ

**ଲୋଇସିଂହା,୨୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ବୁଧବାର ଏକ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି। ବୁର୍ଡା ଲାଇନଜୁରୀ ନିକଟ ୨୬ ନଂ. ଜାତୀୟ ରାଜପଥ ଉପରେ ଏକ ଭ୍ରୂଣକୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ପକାଇ ବରଗଡ଼ ଅଭିମୁଖେ ଚାଲିଯାଇଥିବା ଅଭିଯୋଗ ହୋଇଛି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ଆଚରଣକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ଣ ପ୍ରାୟ ୯ଟା ବେଳେ ଲୋଇସିଂହାରୁ ବରଗଡ଼ ଅଭିମୁଖେ ଏକ ୧୦୮ ଆମ୍ବୁଲାନ୍ସ ଯାଉଥିଲା। ସେତିକିବେଳେ ଲାଇନଜୁରୀ ନିକଟ ତଥା ବୁର୍ଡା ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ପକାଯାଇଥିବା ହୋମ ପାଇପ୍ ପାଖ ଜାତୀୟ ରାଜପଥ ଉପରେ ଉକ୍ତ ଆମ୍ବୁଲାନ୍ସ କର୍ମଚାରୀ ଏକ ଭ୍ରୂଣ ପକାଇ ଚାଲିଯାଇଥିଲେ। ରାଜପଥରେ ଯାତାୟାତ କରୁଥିବା ଲୋକେ ଭ୍ରୂଣ ପଡିଥିବା ଦେଖି ରୁଣ୍ଡ ହୋଇଯାଇଥିଲେ। ପରେ ଏହା ଏକ ଅପରିପକ୍ୱ ଭ୍ରୂଣ ବୋଲି ଜନସାଧାରଣ ଜାଣିବାକୁ ପାଇଥିଲେ। ଏହା ବ୍ୟସ୍ତବହୁଳ ରାଜପଥ ହୋଇଥିବାରୁ ରାସ୍ତା ମଝିରେ ଭ୍ରୂଣ ପଡିଥିବାରୁ କିଛି ସମୟ ପରେ ଏକ ହାଇୱା ଗାଡି ଏହା ଉପରେ ଚଢି ଯାଇଥିଲା। ଉକ୍ତ ସ୍ପର୍ଶକାତର ଘଟଣା ସମ୍ପର୍କରେ ଅଞ୍ଚଳରେ ପ୍ରଚାରିତ ହେବାପରେ ଦାୟିତ୍ୱହୀନ ଆମ୍ବୁଲାନ୍ସ କର୍ମଚାରୀଙ୍କ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଜାଣିଶୁଣି ଆମ୍ବୁଲାନ୍ସ କର୍ମଚାରୀ ଏଭଳି କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଲୋଇସିଂହା ଆଇଆଇସିଙ୍କ ନିର୍ଦ୍ଦେଶରେ କ୍ରମେ ଲୋଇସିଂହା ଥାନା ପୋଲିସ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ହେଲେ ଘଟଣା ସମ୍ପର୍କରେ କୌଣସି ସୁରାକ ମିଳି ପାରି ନ ଥିବା ଜଣାପଡିଛି। ଏନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ସ୍ମିତା ଶତପଥୀଙ୍କୁ ପଚାରିବାରୁ, ୧୦୮ ଆମ୍ବୁଲାନ୍ସରେ ହସ୍ପିଟାଲରୁ କାହାରିକୁ ରେଫର କରାଯାଇ ନାହିଁ ବୋଲି କହିଥିଲେ । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।



ରାଜପଥରେ ପଡିଥିବା ଭ୍ରୂଣକୁ ଲୋକେ ଦେଖୁଛନ୍ତି।



ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।

- ଚାର୍ଲସ ଫ୍ରହମ୍ୟାନ୍



## ସଂକ୍ଷେପରେ

### ରେଙ୍ଗାଲିରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ରେଙ୍ଗାଲି, ୨୦।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବିଜେଡି ପକ୍ଷରୁ ରାମଚନ୍ଦ୍ରନଗର ସାପ୍ତାହିକ ବଜାରଠାରେ ବୁଧବାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରେଙ୍ଗାଲି ବିଜେଡି ସଭାପତି ଅଶୋକ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ରବି ନାରାୟଣ ପାଣି ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ନବ କିଶୋର ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଇକେରା ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ଶଶିଭୂଷଣ ସାହୁ, ଲାଲରତ୍ନାକର ସିଂ, କବିରାଜ ବଡ଼େଇ, ବୃନ୍ଦାବନ ସାହୁ, ଅଞ୍ଜଳି ପ୍ରଧାନ, ନୂଆଁଦେଇ ପଧାନ, ମୁକୁନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବିଜେଡିର ନିର୍ମଳ ଶାସନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଏବଂ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ନୂତନ ଭାବରେ ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ସନାତନ ପଧାନ, ନାରାୟଣ ଶର୍ମା, କୈଳାଶ ସା, ଜୟରାମ କିଶାନ, ପଦ୍ମଲୋଚନ ଧର, ସନ୍ତୋଷ ବର୍ମା ପ୍ରମୁଖଙ୍କ ସହ ବହୁ ସଂଖ୍ୟକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ବିଜେଡିରୁ ଇସ୍ତଫା, ହାତ ଧରିପାରନ୍ତି ପ୍ରଶାନ୍ତ

ରାଉରକେଲା ଅଫିସ,୨୦।୩

ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଟିକେଟ ଆଶାୟୀ ଯୁବନେତା ପ୍ରଶାନ୍ତ ସେଠୀ ବୁଧବାର ଦଳରୁ ଇସ୍ତଫା ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ତାଙ୍କ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ ବୋଲି ପୂର୍ବାହ୍ନ ୧୧ଟାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ଓ ସାମାଜିକ ସଂଗଠନ ମାନବିକତାର ଅଧ୍ୟକ୍ଷ ରହି ଆସିଥିବା ପ୍ରଶାନ୍ତ ଅଭିଯୋଗ କରିଛନ୍ତି ଯେ ଦଳ ତାଙ୍କ ପ୍ରତି ଅନ୍ୟାୟ କରିଛି। ଦୀର୍ଘ ୧୫ରୁ ୨୦ ବର୍ଷ ଧରି ଦଳ ପାଇଁ ସେ ନିରନ୍ତର କାମ କରୁଥିଲେ। ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସେ ସହରର ଗଳିକନ୍ଦି ବୁଲୁଥିଲେ। ଗରିବଙ୍କ କଷ୍ଟ ଲାଘବ ପାଇଁ ଉଦ୍ୟମ କରୁଥିଲେ। ଅସହାୟ ରୋଗୀଙ୍କଠାରୁ ଆରମ୍ଭ କରି ସାମାଜିକ ପଛୁଆ ବର୍ଗଙ୍କ ଦୁଃଖ ଦୂର ପାଇଁ ଚେଷ୍ଟା କରୁଥିଲେ। ଦିନରାତି ଏକ କରି ଦଳ ପାଇଁ କାମ କରୁଥିବା ଲୋକଙ୍କର ବିଜେଡିରେ ଆଦର ନାହିଁ। ୨୦୦୪ ଓ ୨୦୧୪ରେ ଟିକେଟ ପାଇଁ ଆବେଦନ କରି ନିରାଶ ହୋଇଛି। ଏଭଳି ସ୍ଥିତିରେ ଦଳ ମୋତେ ଲୋଡ଼ିଲାନି। ଏଣୁ ବାଧ୍ୟ ହୋଇ ବିଜେଡି ଛାଡୁଛି ବୋଲି କହିଛନ୍ତି ପ୍ରଶାନ୍ତ। ତାଙ୍କ ପରବର୍ତ୍ତୀ ପଦକ୍ଷେପ ନେଇ ପ୍ରଶ୍ନରେ ସେ କହିଛନ୍ତି, ଏ ନେଇ ମୁଁ ମୋର ସହଯୋଗୀ ଓ ଶୁଭେଚ୍ଛୁଙ୍କ ମତାମତ ଲୋଡ଼ିବି। ସେମାନେ ମତେ ଯେଉଁ ପରାମର୍ଶ ଦେବେ ତାକୁ ଗ୍ରହଣ କରିବି। ପରବର୍ତ୍ତୀ ନିଷ୍ପତ୍ତି ଖୁବ୍‌ଶୀଘ୍ର ନେବି ବୋଲି ପ୍ରଶାନ୍ତ କହିଛନ୍ତି। ତେବେ ସୂଚନା ମିଳିଛି ଯେ ଦଳ ଛାଡ଼ିଥିବା ପ୍ରଶାନ୍ତ କଂଗ୍ରେସ ଆଡ଼କୁ ଢଳିପାରନ୍ତି। ମିଳିଥିବା ସୂଚନା ଅନୁସାରେ ସେ କଂଗ୍ରେସ ହାଇକମାଣ୍ଡଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଏ ନେଇ ଗୁରୁବାର ସନ୍ଧ୍ୟା ସୁଦ୍ଧା ଚିତ୍ର ସ୍ପଷ୍ଟ ହୋଇପାରେ। ତେବେ ପ୍ରଶାନ୍ତ ଯଦି କଂଗ୍ରେସ ହାତ ଧରନ୍ତି, ଏହା ରଘୁନାଥପାଲି ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କାରଣ ପ୍ରଶାନ୍ତ ଦୀର୍ଘଦିନ ହେବ ଦଳରେ ପଡ଼ିରହି ଲୋକଙ୍କ କାମ କରିଛନ୍ତି। ଚଳିତ ନିର୍ବାଚନରେ କିଛି ଲୋକେ ତାଙ୍କ ପ୍ରାର୍ଥିତ୍ୱ ନେଇ ନିଃସନ୍ଦେହ ଥିଲେ। ସୁବ୍ରତ ତରାଇଙ୍କୁ ବିଜେଡି ଟିକେଟ ମିଳିବା ପରେ ପ୍ରଶାନ୍ତଙ୍କ ସମର୍ଥକ ନିରାଶ ହୋଇଛନ୍ତି। କୌଣସି ଜାତୀୟ ଦଳରୁ ପ୍ରାର୍ଥୀ ହେବାକୁ ତାଙ୍କ ଉପରେ ଚାପ ବଢୁଥିବା ସେ କହିଛନ୍ତି। ଲୋକମତକୁ ସମ୍ମାନ ଦେଇ ସେମାନଙ୍କ ପରାମର୍ଶ ଅନୁସାରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ପ୍ରଶାନ୍ତ। ଯଦି ସେ କଂଗ୍ରେସରୁ ପ୍ରାର୍ଥୀ ହୁଅନ୍ତି ତେବେ ତାଙ୍କୁ ବିଜେଡିର କେତେଜଣ ପୁରୁଖା କର୍ମୀଙ୍କ ସମର୍ଥନ ମିଳିବ ବୋଲି ଆଶା କରାଯାଉଛି। ଏହାବ୍ୟତୀତ କଂଗ୍ରେସରୁ ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ହୋଇଥିବା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ପତିଆରା ତାଙ୍କ ବିଜୟପଥରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ବିଜେଡି ଅସନ୍ତୁଷ୍ଟଙ୍କୁ ମନାଇ କଂଗ୍ରେସର ପୁରୁଖା କର୍ମୀଙ୍କୁ ସାଥୀରେ ନେଇପାରିଲେ ରଘୁନାଥପାଲି ରାଜନୈତିକ ଦୃଶ୍ୟପଟ ବଦଳିପାରେ ବୋଲି ଆଲୋଚନା ଆରମ୍ଭ ହୋଇଛି। ଏଭଳି ପରିସ୍ଥିତିରେ ପ୍ରଶାନ୍ତଙ୍କ ପରବର୍ତ୍ତୀ ପଦକ୍ଷେପ ନେଇ ଷ୍ଟିଲ ସିଟିରେ ଉତ୍କଣ୍ଠା ପ୍ରକାଶ ପାଇଛି।



ବିଜେଡି ଛାଡ଼ିବା ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତା, ଦେହକୁ ହିତା**
**ହାତ ବଳେ, କାନ୍ଧ ଫୁଲେ**
**ଧୁକା ହେଲେ ଶତ୍ରୁଠୁଁ ବଳେ ।**

ଛତା ମଣିଷକୁ ଖରା, ବର୍ଷାରୁ ସୁରକ୍ଷା ଦେଇଥାଏ। ବୃଦ୍ଧ ଲୋକଙ୍କ ପାଇଁ ବାଟ ଚାଲିବାରେ ଏହା ଆଶାବାଡ଼ିର ଭୂମିକା ତୁଲାଇଥାଏ, ମନରେ ଦମ୍ଭ ସାହସ ବୃଦ୍ଧି କରାଇଥାଏ। ପରନ୍ତୁ ଏହା ଅଚଳ ବା ଖରାପ ହୋଇଗଲେ କାହାରି ଉପକାରରେ ଆଉ ଲାଗିପାରି ନ ଥାଏ, କେବଳ ବୋଝ ବୋହିବା ଜନିତ ଅଯଥା ଶ୍ରମ କ୍ଲେଶ ଭୋଗିବା ହିଁ ସାର ହୋଇଥାଏ। ପରୋକ୍ଷରେ ଉପକାରୀ ଆପଣାର ବ୍ୟକ୍ତି ଧୋକାଦେଲେ ଶତ୍ରୁଠୁଁ ବଳି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଛିଲୋ ଛାଇ**
**ସାଙ୍ଗେ ସାଙ୍ଗେ କେତେ ଗୋଡ଼ଉଥାଇ ।**

ସୂର୍ଯ୍ୟାଲୋକରେ ଶରୀରରେ ଛାଇ ସୃଷ୍ଟି ହୋଇଥାଏ, ଯାହାକି ଶରୀରର ସାଥେ ସାଥେ ରହିଥାଏ। ପରନ୍ତୁ ରାତିରେ ଏହାର ଅସ୍ତିତ୍ୱ ରହି ନ ଥାଏ। ପରୋକ୍ଷରେ ତୋଷାମଦକାରୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ସବୁବେଳେ ଛାଇପରି ପାଖେ ପାଖେ ଘୂରିବୁଲିଥାନ୍ତି। ସ୍ୱାର୍ଥପୂରଣ ହୋଇଗଲେ ସେଠାରୁ ସେ ଅଦୃଶ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଜଳୁନି ଷ୍ଟ୍ରିଟ ଲାଇଟ, ଅସନ୍ତୋଷ

ରାଉରକେଲା ଅଫିସ,୨୦।୩

ଟ୍ରାଫିକ୍ ମାର୍କେଟ ନିକଟ ରିଂ ରୋଡ୍‌ଠାରୁ ଆର୍‌ଏମ୍‌ସି ଅଫିସ ସମ୍ମୁଖ ରାସ୍ତା ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ଜଳୁନି ଷ୍ଟ୍ରିଟ୍ ଲାଇଟ। ସନ୍ଧ୍ୟା ପରେ ଏହି ରାସ୍ତାରେ ଗହଳି ବଢ଼ି ଯାଉଥିବାବେଳେ ଆର୍‌ଏସ୍‌ପିରୁ ବାହାରୁଥିବା ଭାରିଯାନ ରାସ୍ତା ପାର୍ଶ୍ୱରେ ପାର୍କ କରାଯାଉଛି। ଏପରି ଅବସ୍ଥାରେ ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବାରୁ ପଥଚାରୀ, ବାଇକ୍ ଚାଳକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ୨୫ରୁ ଜାତୀୟ ନାଟକ ଉତ୍ସବ



ଜାତୀୟ ନାଟକ ଉତ୍ସବ ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

ରାଉରକେଲା ଅଫିସ,୨୦।୩

ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ଅଗ୍ରଣୀ ନାଟ୍ୟାନୁଷ୍ଠାନ ସମ୍ପର୍କ ଆନୁକୂଲ୍ୟରେ ଜାତୀୟ ନାଟକ ଉତ୍ସବ ଅନୁଷ୍ଠିତ ହେବ। ସେକ୍ଟର-୧୯ ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବୁଧବାର କଲଚରାଲ ଏକାଡେମୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଅନୁଷ୍ଠାନ ସଭାନେତ୍ରୀ ସୁବ୍ରତା ପତି ଖବରଦାତାଙ୍କୁ ସ୍ୱାଗତ କରିଥିଲେ। ଉପଦେଷ୍ଟା ନାରାୟଣ ପତି କହିଥିଲେ, ଓଡ଼ିଆ ନାଟ୍ୟ ସାହିତ୍ୟକୁ ରୁଚିବନ୍ତ ତଥା ବୁଦ୍ଧିମନ୍ତ କରିବା ନେଇ ପ୍ରୟାସ ଜାରି ରହିଛି। ଭାସ୍କର ନନ୍ଦ ଜାତୀୟ ନାଟକ ଉତ୍ସବ ସମ୍ପର୍କରେ ଆଲୋଚନା କରି ଆସନ୍ତା ୨୫ ତାରିଖ ସନ୍ଧ୍ୟା ସାଢ଼େ ୬ଟାରେ ଭୁବନେଶ୍ୱରର ପଞ୍ଚମ ବେଦ ପକ୍ଷରୁ ହାସ୍ୟରସାତ୍ମକ ନାଟକ ଠିଆ ପାଲା ମଞ୍ଚସ୍ଥ ହେବ। ପର ଦିନ କୋଲକାତାରୁ ଆସୁଥିବା ନାଟ୍ୟାନୁଷ୍ଠାନ କଳ୍ପନା ପକ୍ଷରୁ ଅଭିଜିତ ରାୟଙ୍କ ଲିଖିତ ନାଟକ ସିଲୋଏଟ (ଛାୟା) ପ୍ରଦର୍ଶିତ ହେବ। ୨୭ରେ ସମ୍ପର୍କ ପକ୍ଷରୁ ବ୍ୟଙ୍ଗାତ୍ମକ ନାଟକ ମୁଁ ବିଜୟାନନ୍ଦ କହୁଛି ପରିବେଷଣ କରାଯିବ। ଅନ୍ତିମ ଦିନରେ ଭୋପାଳରୁ ଆସୁଥିବା ନାଟ୍ୟାନୁଷ୍ଠାନ କର୍ମଯୋଗୀ କ୍ରିଏଟିଭ ଆର୍ଟ ପକ୍ଷରୁ ନାଟକ ସ୍ୱପ୍ନଲୋକ ମଞ୍ଚସ୍ଥ ହେବ। ସେହିଭଳି ୨୫ ଓ ୨୬ ତାରିଖ ଦୁଇ ଦିନ ଧରି ଅପରାହ୍ନ ସାଢ଼େ ୪ଟାରୁ ସନ୍ଧ୍ୟା ସାଢ଼େ ୬ଟା ଯାଏ ୧୨ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରୋଲ ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନନ୍ଦ ସୂଚନା ଦେଇଥିଲେ। ୨୮ ତାରିଖ ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକକ ଅଭିନୟ ଅନୁଷ୍ଠିତ ହେବ। ଏହି ଅବସରରେ ଦର୍ଶକଙ୍କୁ ନେଇ ଏକ ଅଭିନବ ପ୍ରତିଯୋଗିତା ରଖାଯାଇଥିବା ନନ୍ଦ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀ ଶେଷରେ ବିଜୟ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ନୃସିଂହ ମହାନ୍ତି, ଗଙ୍ଗାଧର ଜେନା, ସୁଦେଷ୍ଣାରାଣୀ ରାଉତ ଓ ପୁଲିନ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବେଦବ୍ୟାସ ଗୋଶାଳାରେ ରହିବେ ସୀମାନ୍ତରୁ ଉଦ୍ଧାର ୧୫୦ ଗୋରୁ

ରାଉରକେଲା ଅଫିସ,୨୦।୩

କିଛି ଦିନ ପୂର୍ବେ ଭାରତ ବାଂଲାଦେଶ ସୀମାରୁ ଉଦ୍ଧାର ୧୫୦ ଗୋରୁଙ୍କୁ ବେଦବ୍ୟାସ ଗୋଶାଳାରେ ରଖାଯିବ। ଏନେଇ ମଙ୍ଗଳବାର ବେଦବ୍ୟାସ ଗୋଶାଳା ସମିତି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଗଣେଶ ବାଗାଡ଼ିଆ ସୂଚନା ଦେଇଛନ୍ତି। ଛେଣ୍ଡ ଗୃହସ୍ଥି ପରିସରରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଦୀର୍ଘ ୩୦ ବର୍ଷ ହେବ ନିଜକୁ ଗୋସେବାରେ ନିୟୋଜିତ କରିଥିବା ବାଗାଡ଼ିଆ କହିଥିଲେ, ଏହି ଗୋରୁଙ୍କ ଖର୍ଚ୍ଚ ଭରଣା ପାଇଁ ଆସନ୍ତା ମେ ଅକ୍ଷୟ ତୃତୀୟାଠାରୁ ଲକି ଡ୍ର କୁପନ ମାଧ୍ୟମରେ ଅର୍ଥ ସଂଗ୍ରହ କରାଯିବ। ୧୯୮୮ରେ ଗୁରୁକୁଳ ଗୋଶାଳା ଆରମ୍ଭ କରାଯାଇଥିଲା। ପରେ ଏହାର ନାମ ପରିବର୍ତ୍ତନ କରାଯାଇ ବେଦବ୍ୟାସ ଗୋଶାଳା ହୋଇଛି। ବିଭିନ୍ନ ସଂଗଠନ, ବ୍ୟକ୍ତିବିଶେଷଙ୍କ ସହଯୋଗରେ ଏହି ଗୋଶାଳା କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଏକ ପ୍ରମୁଖ ଗୋଶାଳା ଭାବେ ପରିଚୟ ହାସଲ କରିଛି। ସରକାରୀ ସ୍ତରରେ ଏଥିପାଇଁ ୨.୭୬ ଏକର ଜମି ଯୋଗାଇ ଦିଆଯାଇଥିବା ବେଳେ ଏଥିରେ ୫ଶହ ଗୋରୁ ରହୁଛନ୍ତି। ୨୫ରୁ ୩୦ କର୍ମଚାରୀ ଗୋସେବାରେ ନିୟୋଜିତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ, ଅପଙ୍ଗ ଓ ବୁଢ଼ା ହଡ଼ା ଗୋରୁଙ୍କୁ ଏଠାକୁ ଅଣାଯାଇ ଯତ୍ନ ନିଆଯାଉଛି। ଏନେଇ ସମିତି ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ନିୟୋଜନ କରାଯାଇଛି। ଏ ବାବଦ ମାସିକ ପ୍ରାୟ ୮ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ବର୍ଷକୁ କୋଟିଏ ଟଙ୍କା ହେଲେ ଯାଇ ଏହା ସୁରୁଖୁରୁରେ ଚାଲିପାରୁଛି ବୋଲି ବାଗାଡ଼ିଆ କହିଥିଲେ। ବାଂଲାଦେଶ ସୀମାରୁ ସେନା ଯବାନଙ୍କ ଦ୍ୱାରା ଉଦ୍ଧାର ଗୋରୁଙ୍କୁ ଦେଶର ବିଭିନ୍ନ ଗୋଶାଳାରେ ରଖାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ବେଦବ୍ୟାସ ଗୋଶାଳାରେ ୧୫୦ ଗୋରୁ ରଖିବାକୁ ସମିତି ନିଷ୍ପତ୍ତି ନେଇଛି। ତେବେ ଏହି ଗୋରୁ ଏଠାରେ ପହଞ୍ଚିଲେ ସ୍ଥାନାଭାବ ଦେଖାଯିବ ବୋଲି ବାଗାଡ଼ିଆ ଆଶଙ୍କା ବ୍ୟକ୍ତ କରିଛନ୍ତି। ତଥାପି ସାମୟିକ ଭାବେ ଗୋରୁଙ୍କୁ ଏଠାରେ ରଖାଯିବ। ପରବର୍ତ୍ତୀ ସମୟରେ ଏହାର ସ୍ଥାୟୀ ପ୍ରତିକାର କରାଯିବ। ସରକାରୀ ସ୍ତରରେ ଜାଗା ମିଳୁ ନ ଥିବାବେଳେ ରାଜଗାଙ୍ଗପୁର ଓ ଝାରବେଡ଼ାଠାରେ ବାଗାଡ଼ିଆ କିଣିଥିବା ୯ ଏକର ଜମିକୁ ଗୋଶାଳାକୁ ଦାନ କରିଦେବେ ବୋଲି ଏଥିରେ ପ୍ରକାଶ କରିଥିଲେ। ଗୋଶାଳା ପରିଚାଳନ କ୍ଷେତ୍ରରେ ଆର୍ଥିକ ସଙ୍କଟ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋଶାଳାକୁ କିପରି ସୁପରିଚାଳନା କରାଯିବ ସେ ନେଇ ସମିତି ତା'ର ଚେଷ୍ଟା ଅବ୍ୟାହତ ରଖିଛି ବୋଲି ବାଗାଡ଼ିଆ ପ୍ରକାଶ କରିଥିଲେ। ଏଥିରେ ବଦ୍ରିନାରାୟଣ ମାହେଶ୍ୱରୀ, ସୁରେଶ ଜିନ୍ଦଲ, ମଞ୍ଜୁ ବାଗାଡ଼ିଆ ଓ ସଞ୍ଜନା ଜେନା ପ୍ରମୁଖ ଉପସ୍ଥିତ ଥଲେ।




ବେଦବ୍ୟାସ ଗୋଶାଳା ସମିତି ଛେଣ୍ଡ ଗୃହସ୍ଥି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

## ବେଆଇନ ସ୍କ୍ରାପ ଗାଡ଼ି ଜବତ: ଚାଳକ ଓ ମାଲିକ ଗିରଫ

ବେଦବ୍ୟାସ, ୨୦।୩ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରେ ମଙ୍ଗଳବାର ଅପରାହ୍ନ ୩ଟାରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବେଆଇନ ସ୍କ୍ରାପ ବୋଝେଇ ଗାଡି ଜବତ କରିଛି। ଗାଡି ଚାଳକ ଓ ମାଲିକଙ୍କୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ରାଉରକେଲା ପାର୍ଶ୍ୱରୁ କୁଆଁରମୁଣ୍ଡା ଆଡକୁ ବେଆଇନ ସ୍କ୍ରାପ ବୋଝେଇ ପିକ୍ ଅପ୍ ଭ୍ୟାନ ନଂ. ଓଡି ୧୪ ପି- ୫୮୫୦ ଯାଉଥିଲା। ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ସଦଳବଳେ ଟିସିଆଇ ଛକରେ ଜଗିଥିଲେ। ସେଠାରେ ଗାଡି ପହଞ୍ଚିଲା ପରେ ପୋଲିସ ଗାଡିକୁ ଅଟକାଇଥିଲା ଏବଂ କାଗଜପତ୍ର ମାଗିବାରୁ ଦେଖାଇ ପାରି ନ ଥିଲେ। ତେଣୁ ପୋଲିସ ଗାଡି ସହ ସେଥିରେ ଥିବା ପ୍ରାୟ ୨ଟନ ବେଆଇନ ସ୍କ୍ରାପ ଜବତ କରିଥିଲା। ଗାଡି ଚାଳକ ଚନ୍ଦ୍ରକାନ୍ତ ସାହୁ ଓ ମାଲିକ ବବୁ ସିଂଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ପଞ୍ଚମ ସ୍ତମ୍ଭ, ଜିଜ୍ଞାସା ଉନ୍ମୋଚିତ

# ଆଭିମୁଖ୍ୟବିହୀନ ପତ୍ରପତ୍ରିକା ଦୀର୍ଘଜୀବୀ ହୋଇପାରେନା

ରାଉରକେଲା ଅଫିସ,୨୦।୩

କୋଏଲନଗର ବି ବ୍ଲକ ପାର୍କ ପରିସରରେ କୋଏଲ ସାହିତ୍ୟ ସଂସଦର ମୁଖପାତ୍ର ପଞ୍ଚମ ସ୍ତମ୍ଭର ୨୨ତମ ବାର୍ଷିକ ସଂଖ୍ୟା ମଙ୍ଗଳବାର ଉନ୍ମୋଚିତ ହୋଇଛି। ପତ୍ରିକା ସହସମ୍ପାଦକ ବିଭୂ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ପରେ ସାହିତ୍ୟିକ ବ୍ରଜେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପତ୍ରିକାଟିକୁ ବରିଷ୍ଠ ସାହିତ୍ୟିକ ଗଗନ ବିହାରୀ ଧଳ ଓ ବିଶ୍ୱନାଥ ବଳ ଉନ୍ମୋଚନ କରିଥିଲେ। ପତ୍ରିକା ପ୍ରସାରଣ ସମ୍ପାଦକ ରାଜକିଶୋର ପ୍ରଧାନ ଅମୂଲ୍ୟ ମହାପାତ୍ର ଓ ଅନୁଷ୍ଠାନ ସମ୍ପାଦିକା ଶ୍ରଦ୍ଧା ଷଡ଼ଙ୍ଗୀ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ସାହିତ୍ୟିକ ଗୌତମ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ନୂତନ ପତ୍ରିକା ଜିଜ୍ଞାସା ଉନ୍ମୋଚିତ ହୋଇଥିଲା। ଏହି ପତ୍ରିକା ସମ୍ପର୍କରେ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ ଆଲୋଚନା କରିଥିଲେ। ଏଥିରେ ମନୋଜ ନନ୍ଦ, ଶ୍ୱେତକୁମାର ବେହେରା, ଭାଗୀରଥି ଟୁଡୁ, ଶ୍ରୀମନ୍ତ ବେହେରା, ଗୌତମ ମହାନ୍ତି, ପ୍ରକାଶ ସେଠୀ, ବନଲତା ମିଶ୍ର, ଗଜେନ୍ଦ୍ର ଚାର୍ଡିଆ, ଅଗଣି ଦାସ, ବୈକୁଣ୍ଠନାଥ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅମୂଲ୍ୟ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



କୋଏଲ ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ତାମିଲନାଡୁର ଏକ ଇଣ୍ଡଷ୍ଟ୍ରିଆଲ୍ କ୍ୟାଣ୍ଟିନ୍ ଠିକାଦାର ନିମ୍ନଲିଖିତ ଖାଦ୍ୟ ଉତ୍ପାଦ ବହୁ ପରିମାଣରେ ଆବଶ୍ୟକ କରୁଛନ୍ତି।
୧) ଅରୁଆ ଚାଉଳ
୨) ଉଷୁନା ଚାଉଳ
୩) ଗୋଟା ଧଳା ବିରି ଡାଲି
୪) ହରଡ଼ ଡାଲି
୫) ସବୁଜ ମୁଗ ଡାଲି
ଆଗ୍ରହୀ ପାଇକାରୀ ଯୋଗାଣକାରୀ ଏବଂ ମିଲର୍‌ମାନେ ତୁରନ୍ତ ଯୋଗାଯୋଗ କରନ୍ତୁ।
ମୋବାଇଲ ନଂ.:
63837 57007
ଇମେଲ୍ ଆଇଡି:
empererttrade@gmail.com

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact:
9438668573

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ମତ ପ୍ରତି ଯାହାର ଆଦୌ ସମ୍ମାନ ନାହିଁ, ତା'ଠାରୁ ବଳି ନିର୍ବୋଧ ଆଉ କିଏ ଅଛି।
- ଚାର୍ଲସ ବକ୍



## ସଂକ୍ଷେପରେ

### ରାଜଗାଙ୍ଗପୁର ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ସୁନ୍ଦରଗଡ, ୨୦।୩ (ଡି.ଏନ୍.ଏ)** -ବୁଧବାର ଠାରୁ ସୁନ୍ଦରଗଡ ଲୋକସଭା ଓ ଏହି ଜିଲା ଅନ୍ତର୍ଗତ ୭ ବିଧାନସଭା ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଲୋକ ସଭା ଓ ବିଧାନସଭା ଆସନ ନିମନ୍ତେ କୌଣସି ରାଜନୈତିକ ଦଳର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନାହାନ୍ତି। ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ ଦାଶରଥୀ ଲାକ୍ରା ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ସୁନ୍ଦରଗଡ ବିଧାନସଭା ଆସନ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିରାଜକାନ୍ତ କୁଲ୍ଲୁ, ହରେକୃଷ୍ଣ ବୁଡା, ବିମଳ କୁମାର ପଟେଲ, ଭୋଲାନାଥ ମୁଣ୍ଡା ଓ ବିଜୁ ଜନତା ଦଳର ଯୋଗେଶ କୁମାର ସିଂ ନାମାଙ୍କନ ପତ୍ର ନେଇଛନ୍ତି। ତଳସରା ବିଧାନସଭା ଆସନ ନିମନ୍ତେ ବିଜେଡିର ଷ୍ଟିଫେନ ଉଇଲସନ ସୋରେନ୍ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜୀବ କୁମାର ଖାଲକୋ ଓ ବନମାଳୀ ଦଣ୍ଡସେନା ନାମାଙ୍କନପତ୍ର ଖରିଦ କରିଛନ୍ତି।

### କାମ ନ କରି ମିଥ୍ୟା ବିଲରେ ଲକ୍ଷାଧିକ ଟଙ୍କା ଉଠାଣ

#### ସିନାପାଲି ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି

**ନୂଆପଡା ଅଫିସ/ ସିନାପାଲି,୨୦।୩(ଡି.ଏନ.ଏ.)**
ନୂଆପଡ଼ା ଜିଲା ସିନାପାଲି ବ୍ଲକର ସଦର ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ନ କରି ମିଥ୍ୟା ବିଲରେ ଲକ୍ଷାଧିକ ଟଙ୍କା ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି। ଏହା ଖୋଦ ସମ୍ପୃକ୍ତ ଗ୍ରାମପଞ୍ଚାୟତ ସରପଞ୍ଚ ଅଭିଯୋଗ କରିଛନ୍ତି ।
ପ୍ରକାଶ ଯେ, ସରପଞ୍ଚ ସତ୍ୟବାନ ମେହେରଙ୍କ ଅଭିଯୋଗ ଅନୁସାରେ ଏହି ପଞ୍ଚାୟତରେ ଜମି ମରାମତି କରିବା ନାଁରେ ହିତାଧିକାରୀଙ୍କ ନାମରେ ମିଥ୍ୟା କେଶ ରେକର୍ଡ ଖୋଲାଯାଇଛି । ଏ ସମ୍ପର୍କରେ ସରପଞ୍ଚଙ୍କ ପାଖରେ କୌଣସି ଖବର ନ ଥିବା ସେ ଲେଖିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଅନଲାଇନ ରିପୋର୍ଟରୁ ଜାଣିବାକୁ ପାଇଲେ ଯେ ପଞ୍ଚାୟତର ୮ଜଣ ହିତାଧିକାରୀଙ୍କ ନାମରେ ମୋଟ ୩ ଲକ୍ଷ ୫୩ ହଜାର ୮୦ଟଙ୍କା ଉଠାଣ କରାଯାଇଛି । ସରପଞ୍ଚଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଡିଜିଟାଲ ସିଗନେଟରୀ ସାର୍ଟିଫିକେଟ ବ୍ଲକର ଜଣେ ଅଧିକାରୀଙ୍କ ନିକଟରେ ରହିଛି । ସେ ତାର ଦୁରୁପଯୋଗ କରି ଏଭଳି ଦୁର୍ନୀତି କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ବିଡିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହାର ତୁରନ୍ତ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।

# ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀ: ବଦଳୁଛି ସମୀକରଣ

**ପ୍ରଦୀପ ତ୍ରିପାଠୀ**
**ବଣାଇଁ, ୨୦।୩**


ରଞ୍ଜିତ କିଷାନ


ଲକ୍ଷ୍ମଣ ମୁଣ୍ଡା।


ଜନାର୍ଦ୍ଦନ ଦେହୁରୀ


ଅନିଲ ବାର୍ଲା

ସୁନ୍ଦରଗଡ ଜିଲାର ବଣାଇଁ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ବିଜେଡି ପ୍ରାର୍ଥୀ ଚୂଡାନ୍ତ ହେବା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଟିକେଟ ପାଇବା ପାଇଁ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଆଶାୟୀ ଥିଲେ। ହେଲେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିବା ସହ ରଞ୍ଜିତ କିଷାନଙ୍କୁ ବିଜେଡି ଟିକେଟ ମିଳିଛି । ରଞ୍ଜିତ ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ ପ୍ରଥମେ କଂଗ୍ରେସର ଜଣେ ସଙ୍ଗଠକ ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଥିଲେ। ପରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ଏଣେ ଦଳୀୟ ଟିକେଟ ପାଇବାରୁ ବଞ୍ଚିତ ଭୀମସେନ କି ପଦକ୍ଷେପ ନେବେ ଜଣାପଡ଼ିନି। ଭୀମସେନ ଭାଜପାର ବିଧାୟକ ଭାବେ ୨୦୦୪ରେ ନିର୍ବାଚିତ ହୋଇଥିଲେ। ପରେ ଭାଜପା ଛାଡ଼ି କଂଗ୍ରେସରେ ଯୋଗଦେଇଥିଲେ। ୨୦୧୪ରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ପରାଜୟ ହୋଇଥିଲେ। ପରେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ବଣାଇ ନିର୍ବାଚନମଣ୍ଡଳୀରେ ସିପିଆଇଏମ୍‌ର ସଙ୍ଗଠନ ଦୃଢ଼ ରହିଛି। ସିପିଆଇଏମ୍‌ର ଲକ୍ଷ୍ମଣ ମୁଣ୍ଡା ବିଧାୟକ ରହିଛନ୍ତି। କଂଗ୍ରେସ ଓ ସିପିଆଇଏମ୍ ମେଣ୍ଟ ହୋଇ ନ ଥିଲେ ମଧ୍ୟ ଏହି ଆସନ ସିପିଆଇଏମ୍‌କୁ କଂଗ୍ରେସ ଛାଡ଼ିଦେବ ବୋଲି କୁହାଯାଉଥିଲା। ତେବେ କଂଗ୍ରେସର ଜନାର୍ଦ୍ଦନ ଦେହୁରୀଙ୍କୁ ପ୍ରାର୍ଥୀ କରିବା ପାଇଁ ସ୍ଥାନୀୟ ନେତାମାନେ ଉଦ୍ୟମ ଚଳାଇଛନ୍ତି। ଦଳୀୟ ଟିକେଟ ପାଇବା ପାଇଁ କଂଗ୍ରେସ ନେତାମାନେ ଲବି ମଧ୍ୟ ଚଳାଇଛନ୍ତି। ଭାଜପା କାହାକୁ ଟିକେଟ ଦେବ ଏ ଯାଏ ଘୋଷଣା କରି ନ ଥିଲେ ମଧ୍ୟ ଅନୀଲ ବାର୍ଲାଙ୍କ ନାମ ଚର୍ଚ୍ଚାରେ ରହିଛି। ଏଭଳି ହେଲେ ଏଠାରେ ଲଢେଇ ଜୋରଦାର ହେବ ବୋଲି ସ୍ପଷ୍ଟ ହୋଇଛି। ଭୀମସେନ ଚୌଧୁରୀଙ୍କ ଆଗାମୀ ପଦକ୍ଷେପ ଉପରେ ବଣାଇ ରାଜନୀତି କିଛି ନିର୍ଭର କରୁଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଅନୀଲ ବାର୍ଲା କହନ୍ତି, ଦଳ ତାଙ୍କୁ ଟିକେଟ ଦେଲେ ବିଜୟ ନିଶ୍ଚିତ। ମୋଦିଙ୍କ ଲୋକପ୍ରିୟତା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ଭୋଟରମାନଙ୍କ ପ୍ରତି ତାଙ୍କର ଭଲ ପାଇବା ତାଙ୍କର ବିଜୟରେ ସହାୟକ ହେବ ବୋଲି କହିଛନ୍ତି। ଜନାର୍ଦ୍ଦନ ଦେହୁରୀ କହନ୍ତି, ଦଳ ଯେଉଁ ନିର୍ଦ୍ଦେଶ ଦେବ ସେହି ଅନୁସାରେ କାର୍ଯ୍ୟ କରିବେ। ତେବେ ସେ ଯଦି ପ୍ରାର୍ଥୀ ହୋଇ ବିଜୟୀ ହୁଅନ୍ତି, ତେବେ ବଣାଇଁ ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଜୀବନକୁ ଉତ୍ସର୍ଗ କରିବେ। ରଞ୍ଜିତ କିଷାନ କହନ୍ତି, ନବୀନଙ୍କ ନୀତି ଆଦର୍ଶ ନେଇ କାର୍ଯ୍ୟ କରିବେ। ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ତାଙ୍କର ଏକମାତ୍ର ଲକ୍ଷ୍ୟ। ଲକ୍ଷ୍ମଣ ମୁଣ୍ଡା କହନ୍ତି, ତାଙ୍କର ବିକଳ୍ପ ନାହିଁ। ସେ ଏଥର ମଧ୍ୟ ବିଜୟ ଲାଭ କରିବେ। ଭୋଟରମାନଙ୍କ ପ୍ରତି ତାଙ୍କର ଯଥେଷ୍ଟ ଶ୍ରଦ୍ଧା, ଭଲ ପାଇବା ରହିଆସିଛି। ସେମାନଙ୍କ ସୁଖ ଦୁଃଖରେ ସେ ସାମିଲ ହୋଇଆସିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ଲକ୍ଷ୍ମଣ ମୁଣ୍ଡା | ସିପିଆଇଏମ୍ | ୩୯, ୧୨୫ |
| ଦୟାନିଧି କିଷାନ | ବିଜେଡି | ୩୭, ୩୦୭ |
| ଭୀମସେନ ଚୌଧୁରୀ | କଂଗ୍ରେସ | ୩୭, ୧୮୧ |
| ଲୁଥାର ଓରାମ | ଭାଜପା | ୨୫, ୭୬୬ |

- ୨୦୧୯ ସୁଦ୍ଧା ସମୁଦାୟ ଭୋଟର ସଂଖ୍ୟା- ୨,୧୬,୨୧୮
- ମହିଳା ଭୋଟର ସଂଖ୍ୟା -୧,୦୯,୬୫୬
- ପୁରୁଷ ଭୋଟର ସଂଖ୍ୟା - ୧,୦୬,୫୫୪
- ଅନ୍ୟ ୮ଜଣ

### ଦେଶୀ, ବିଦେଶୀ ମଦ ଜବତ, ୩ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୦।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅବକାରୀ ବିଭାଗ ଓ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ବୁଧବାର ସକାଳ ସମୟରେ କୁଆଁରମୁଣ୍ଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ମିଳିତ ଚଢାଉ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଗୋବିରା ନିକଟରୁ ୩ ଲିଟର ବିଦେଶୀ ମଦ ସହ ରମେଶ ଟପ୍ପୋ(୨୫)ଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣଙ୍କ ନିକଟରୁ ୫ଲିଟର ମହୁଲି ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ଥାନାରେ ୨ଟି ମାମଲା (୧୦୪/୨୦୧୯, ୧୦୫/୨୦୧୯) ରୁଜୁ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୀରମିତ୍ରପୁର ଅବକାରୀ ଥାନା ଏସ୍‌ଆଇ ନାରାୟଣ ଜେନା ସୂଚନା ଦେଇଛନ୍ତି। ସେହିପରି କୁଆଁରମୁଣ୍ଡା ଫାଣ୍ଡି ପକ୍ଷରୁ ବାର୍ତ୍ତାଗୁଟୁ ଅଞ୍ଚଳର ରୋଶ୍ନି ଲୋହାର(୨୬)ଙ୍କ ନିକଟରୁ ୮ଲିଟର ଦେଶୀ ମଦ ଜବତ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ସୂଚନା ଦେଇଛନ୍ତି। ସୂଚନାଥାଉକି,କୁଆଁରମୁଣ୍ଡା ଅଞ୍ଚଳରେ ଦିନକୁ ଦିନ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଇ ଚାଲିଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢାଉ ଅଭିଯାନ ଶିଥିଳ ପଡ଼ିଯାଇଥିଲା। ଫଳରେ ଏହି ଅଞ୍ଚଳରେ ଅସାଧୁ ମଦ ବିକ୍ରେତାମାନେ ଖୁଲମଖୁଲା ମଦର ପସରା ମେଲାଇ ଚାଲିଥିଲେ।

## ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୨୦।୩ (ଡି.ଏନ୍.ଏ)**

ଓଡିଶାବାସୀଙ୍କ ବିଭିନ୍ନ ଦାବିପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପୋଷଣ ପ୍ରତିବାଦରେ ବୁଧବାର ସୁନ୍ଦରଗଡ ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକଠାରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଛାତ୍ର ଜନତା ଦଳର ପଶ୍ଚିମାଞ୍ଚଳ ଜୋନ୍ ସଭାପତି ବୈକୁଣ୍ଠ ନାଏକ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଯୁବ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୁମନ୍ତ କୁମାର ପଣ୍ଡା, ଜିଲା ବିଜେଡି ଉପସଭାପତି ଜନ୍ମେଜୟ ମହାପାତ୍ର, ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ଜିଲା କୃଷକ ସେଲ ସମ୍ପାଦକ ସୁନୀଲ କୁମାର ମହାପାତ୍ର, ରାଜ୍ୟ ଛାତ୍ର ବିଜୁଜନତାଦଳର ସମ୍ପାଦକ ଶିବାଜୀ ନାଏକ, ମୁକେଶ ପୁରୋହିତ, ଛାତ୍ର ନେତା ବିସ୍ମୟ ପଟ୍ଟନାୟକ, ଧୀରଜ ପ୍ରସାଦ, ତ୍ରିଲୋଚନ କାକ, ଆଶୀଷ ମିଶ୍ର, ବବିତା ସାହୁ, ଲିଙ୍କନ ପୁରୋହିତ, ଜିଲା ଆଇନସେଲର ଆଡଭୋକେଟ ଅଶୋକ ସ୍ୱାଇଁ, ପ୍ରତିମା ମିଶ୍ର, ଅନୁସୂୟା ନାଏକ, ଧର୍ମେଶ ପଟେଲ, ସ୍ୱରାଜ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ନେଇ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଓଡିଶାବାସୀଙ୍କୁ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଯଥା ଓଡିଶାକୁ ସ୍ୱତନ୍ତ୍ର ପାହ୍ୟାର ମାନ୍ୟତା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ସମ୍ବଲପୁରରୁ କଟକ ଜାତୀୟ ରାଜପଥ ନିର୍ମାଣରେ ମନ୍ଥରତା, କୋଇଲା ରୟାଲିଟୀ ବୃଦ୍ଧି, ମହାନଦୀରେ ବ୍ୟାରେଜ ନିର୍ମାଣ, ରେଳ ଚଳାଚଳରେ ପାଉଥିବା ରାଜସ୍ୱରୁ ଓଡିଶାକୁ କମ୍ ପରିମାଣର ପାଣ୍ଠି ଯୋଗାଇବା, ଅନୁସୂଚିତ ଜାତି ଛାତ୍ରବୃତ୍ତିରେ କମ୍ କରିବା ଓ ଟେଲିକମ୍ ସେବା ଯୋଗାଇବାରେ ବିଫଳତା ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା।



ସୁନ୍ଦରଗଡ ଡିଆରଡିଏ ଛକଠାରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ।

### ବନ କର୍ମଚାରୀଙ୍କ ଦ୍ୱାରା ଶାଳକାଠ ଜବତ: ଜଣେ ଗିରଫ


ଅଭିଯୁକ୍ତଙ୍କୁ ବନକର୍ମଚାରୀ କୋର୍ଟ ଚାଲାଣ ପାଇଁ ନେଉଛନ୍ତି।

**ବଡ଼ଗାଁ, ୨୦।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବନଖଣ୍ଡ ଅଧୀନ ପଞ୍ଜରା ସେକସନ୍ ଅନ୍ତର୍ଗତ ନୂଆଗାଁ ମହତୋପଡାର ଜଣେ ବ୍ୟକ୍ତି ବାଇକରେ ଝାଡଖଣ୍ଡ- ଓଡିଶା ସୀମାନ୍ତ ଅଞ୍ଚଳରୁ ଶାଳକାଠର ଚଉଖୁଟ ନେଉଥିଲା ବେଳେ ବନ କର୍ମଚାରୀଙ୍କ ହାତରେ ଧରାପଡିଛନ୍ତି। ବନ ଅଧିକାରୀ ବିଜୟ କୁମାର ମହାପାତ୍ର କାଠ, ବାଇକ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମଙ୍ଗଳବାର ରାତି ସାଢ଼େ ୭ଟାରେ ନୂଆଗାଁର ଲୁକାସ ଟିଗା (୪୨) ବାଇକ ନଂ. ଓଡି ୧୬ ଏ- ୩୮୩୪ରେ ଶାଳକାଠର ଚଉଖୁଟ ଆଣୁଥିଲେ। ଫରେଷ୍ଟର ନରେଶ କୁମାର ଭୋଇ, ଫରେଷ୍ଟ ଗାର୍ଡ ଲୋକନାଥ ମେହେର ଓ ସୁଭେନ୍ଦୁ ସିଂ, ବନ କର୍ମଚାରୀ କ୍ଷୀରୋଦ ନାଏକ, ହରିହର ସାହୁ, ଅନିମେଶ ଷଡଙ୍ଗୀ, ଜନ୍ମଜୟ ବାଗ, ଅଭିନ ସୁନ୍ଦର ସାହୁ ଅଭିଯୁକ୍ତଙ୍କୁ ଅଟକାଇ କାଠ ଜବତ କରିଥିଲେ। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମଙ୍ଗଳା କିଷାନଙ୍କୁ କୁତ୍ରାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

**କୁତ୍ରା, ୨୦।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବିଧାନସଭା ପାଇଁ ବିଜେଡି ପକ୍ଷରୁ ମଙ୍ଗଳା କିଷାନଙ୍କୁ ଟିକେଟ ପ୍ରଦାନ କରାଯିବା ପରେ ବୁଧବାର ସନ୍ଧ୍ୟାରେ କୁତ୍ରାଠାରେ ଦଳ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମଙ୍ଗଳା କିଷାନ ଟିକେଟ ପାଇଲା ପରେ ପ୍ରଥମ ଥର ବୁଧବାର ସନ୍ଧ୍ୟାରେ କୁତ୍ରା ଆସିଥିଲେ। କୁତ୍ରାଠାରେ ଅପେକ୍ଷା କରିରହିଥିବା ବିଜେଡି କର୍ମୀ ମଙ୍ଗଳାଙ୍କୁ ପୁଷ୍ପମାଲ୍ୟ ଓ ଫୁଲଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ କୁତ୍ରା ବସଷ୍ଟାଣ୍ଡଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୁତ୍ରା ବ୍ଲକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ବିଜେଡି ବ୍ଲକ ଅଧ୍ୟକ୍ଷ ପ୍ରଶନ୍ନ ବାଗ ପ୍ରମୁଖ ମଙ୍ଗଳାଙ୍କୁ ପୂର୍ଣ୍ଣ ସହଯୋଗ ଦେଇ ପୁଣିଥରେ ବିଧାୟକ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ କୁତ୍ରା ଗୌନ୍ତିଆ ସୁନ୍ଦରମଣି ବେହେରାଙ୍କ କମ୍ପ୍ଲେକ୍ସଠାରେ ମଙ୍ଗଳା କିଷାନଙ୍କୁ ଫୁଲଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଠାରେ କୁତ୍ରା ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମଙ୍ଗଳାଙ୍କୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ଅର୍ଜୁନ ଜୟପୁରିଆ, କିଶୋର ଦାନୀ, ଝାରବେଡା ସରପଞ୍ଚ ଗଙ୍ଗାରାମ ମିଞ୍ଜ, ପୁର୍କାପାଲି ସରପଞ୍ଚ ଶସିଧର ଲାକଡା, ନୂଆଗାଁ ସରପଞ୍ଚ ଜଳଦାସ ଖାଲଖୋ, ରାଜୀବ ଲୋଚନ ବେହେରା, ପ୍ରେମ ସା, ସନ୍ତୋଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଙ୍ଗଳା କିଷାନ ଓ ବିଜେଡି କର୍ମୀ।

### ବିଶ୍ୱ ଘରଚଟିଆ ଦିବସ ପାଳିତ

## ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା, ସଭା

**ସୁନ୍ଦରଗଡ଼, ୨୦।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର ସୁନ୍ଦରଗଡ ପବ୍ଲିକ ସ୍କୁଲ, ବନବିଭାଗ ଓ ଏନ୍‌ଟିପିସିର ମିଳିତ ଆନୁକୂଲ୍ୟରେ ସ୍କାଉଟ ତଥା ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଡଃ ଅରୁଣ କୁମାର ମିଶ୍ର ଯୋଗଦେଇ ପଶୁପକ୍ଷୀମାନଙ୍କୁ କିପରି କୃତ୍ରିମ ଉପାୟରେ ଆଶ୍ରୟ ଦେଇ ସେମାନଙ୍କୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ସୁନ୍ଦରଗଡ ପବ୍ଲିକ ସ୍କୁଲର ପରିଚାଳନା ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କାଉଟ ମାଷ୍ଟର ଅଶୋକ ପରିଡା, ଶିକ୍ଷକ ସନ୍ତୋଷ ମହାନ୍ତ, ଇକୋ କ୍ଲବ ପରିଚାଳକ କିଶୋର ମହାନନ୍ଦିଆ ନେତୃତ୍ୱ ନେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ନୀରିକ୍ଷକ ବିଦ୍ୟାଧର ପ୍ରଧାନ, ଏନ୍‌ଟିପିସିର ଜି.ଏମ୍ ଏସ.କେ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହା ପରେ ସ୍ଥାନୀୟ ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ପରିବେଶ ସମିତି ପକ୍ଷରୁ ଆୟୋଜିତ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଥିଲା। ଆୟୋଜିତ ସଭାରେ ଡିଏଫ୍‌ଓ ଡଃ ମିଶ୍ର ଚିତ୍ର ମାଧ୍ୟମରେ ମଣିଷ ସହ ଏକତ୍ର ସହାବସ୍ଥାନ କରୁଥିବା ବିଲୁପ୍ତ ପ୍ରାୟ ଘରଚଟିଆମାନଙ୍କର ସୁରକ୍ଷା ପାଇଁ ସେମାନଙ୍କର ବ୍ୟବହାର,ଚଳଣୀ ଓ ବଂଶବୃଦ୍ଧି ପାଇଁ ଆବଶ୍ୟକ କୌଶଳ ଓ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଚେତନ କରିଥିଲେ। ଘରଚଟିଆମାନଙ୍କର ସଂଖ୍ୟା ହ୍ରାସ ସମଗ୍ର ଜୀବଜଗତ ପାଇଁ ଏକ ସତର୍କ ଘଣ୍ଟି ବୋଲି କହି ବର୍ତ୍ତମାନ ସେମାନଙ୍କର ସୁରକ୍ଷା ପାଇଁ ଚିନ୍ତା କରିବାର ସମୟ ଆସିଛି ବୋଲି କହିଥିଲେ। ଏହି ସଭାରେ ଅବୈତନିକ ବନ୍ୟଜନ୍ତୁ ସଂରକ୍ଷକ ପ୍ରଫେସର ଆଶୁତୋଷ ନାଏକ, ଏନ୍‌ଟିପିସି ଡୁଲୁଙ୍ଗାର ଡିଜିଏମ୍ ସୀତାରାମ ମାଝି, ଜିନ୍ଦଲ ଷ୍ଟିଲ ଏଣ୍ଡ ମାଇନସ୍ ଟେନସାର ମ୍ୟାନେଜର ପ୍ରଦୀପ କୁମାର ବେହେରା, ରଜନୀକାନ୍ତ ସାହୁ, ଇକୋ କ୍ଲବର ମାଷ୍ଟର ଟ୍ରେନର ସୁଧାଂଶୁ କୁମାର ଚୌଧୁରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିଷ୍ଟର ବେର୍ନାଡିକ୍ଟ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଜେ. ଦୀପା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ସୁନ୍ଦରଗଡ଼ ସହର ପରିକ୍ରମା କରୁଛନ୍ତି।



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



## ସଂକ୍ଷେପରେ

### ଓଡିଆପାଲି ବ୍ରିଜ ଉପରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଲଇକେରା, ୨୦।୩ (ଡି.ଏନ.ଏ.)** ଲଇକେରା ଓଡିଆପାଲି ବ୍ରିଜ ଉପରେ ମଙ୍ଗଳବାର ରାତି ଏକ ଲୁହା ରଡ୍ ବୋଝେଇ ୧୨ ଚକିଆ ଟ୍ରକ (ଓଡି ୧୪ ଡି- ୩୪୯୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଳ୍ପକେ ଟ୍ରକ୍ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। ଏହା ରାଉରକେଲାରୁ ବିଶମକଟର ମୁନିଗୁଡା ଯାଉଥିଲା। ଦ୍ରୁତ ଗତିରେ ଥିବା ଟ୍ରକର ଆଗ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ବ୍ରିଜ ବାଡରେ ଲାଗି ରହିଥିଲା।

### ଅର୍ଡା ନାମଯଜ୍ଞ ସମ୍ପନ୍ନ

**କିର୍ମିରା, ୨୦।୩ (ଡି.ଏନ.ଏ.)** ଝାରସୁଗୁଡା ଜିଲା ଅର୍ଡା ଗ୍ରାମରେ ଦୋଳଯାତ୍ରା ଅବସରରେ ତିନିଦିନ ଧରି ଚାଲିଥିବା ୨୪ ପ୍ରହର ନାମ ସଂକୀର୍ତ୍ତନ ସମ୍ପନ୍ନ ହୋଇଛି । ନାମ ସଂକୀର୍ତ୍ତନ୍ୟ ପାଇଁ ଶନିବାର ଗାଁ ପୋଖରୀରୁ କଳସରେ ପାଣି ନେଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସୋମବାରଠାରୁ ଅଖଣ୍ଡ ନାମ ସଂକୀର୍ତ୍ତନ୍ୟ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରଦୋଶ ବେହେରା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଭଜ ପଣ୍ଡିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସୁଶୀଲ ପୂଜାରୀଙ୍କ ସମେତ ଅର୍ଡା ସଂକୀର୍ତ୍ତନ୍ୟ ମଣ୍ଡଳୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

### ସ୍କୁଲର ବାର୍ଷିକୋତ୍ସବ

**ଜମନକିରା,୨୦।୩ (ଡି.ଏନ୍.ଏ.)** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ଗୁଡ୍ ସମାରିଟାନ୍ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ପ୍ରସନ୍ନ କୁମାର କେ. ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇସି ବାଳକୃଷ୍ଣ କଅଁର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆର୍‌ସିସି ମୋତିଲାଲ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଗରେ ବ୍ରତୀ ହେବାପାଇଁ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାନ୍ତିଲତା ପଟେଲ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ଲାକ୍ରା ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସରୋଜିନୀ ଲାକ୍ରା ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ଯାମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଚିପିଲିମା ଘଣ୍ଟେଶ୍ୱରୀ ପୀଠ ଅଞ୍ଚଳରେ ୨ ଦନ୍ତା ହାତୀ ଠାବ

**ଚିପିଲିମା,୨୦।୩(ଡି.ଏନ.ଏ.)** ଚିପିଲିମା ଘଣ୍ଟେଶ୍ୱରୀ ପୀଠ ଅପର ପାର୍ଶ୍ୱରେ ଥିବା ମହାନଦୀର ଏକ ଟାପୁ ମଧ୍ୟରେ ବୁଧବାର ଅପରାହ୍ନରେ ୨ଟି ଦନ୍ତା ହାତୀଙ୍କୁ ଦେଖି ଆଖପାଖ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଘଣ୍ଟେଶ୍ୱରୀ ପୀଠର ପୂଜକ ଓ ଟ୍ରଷ୍ଟ କର୍ମଚାରୀ ପ୍ରଥମେ ହାତୀ ଦୁଇଟିଙ୍କୁ ଦେଖିଥିଲେ । ତେବେ ମହାନଦୀରେ ହାତୀ ବୁଲୁଥିବା ନେଇ ଖବର ପ୍ରଚାରିତ ହେବା ପରେ ଲୋକଙ୍କ ଭିଡ ଜମି ଥିଲା । ହାତୀ ପାଇଁ ବଗବିରା, ସେହ୍ନାପାଲି, ଟିହିକିପାଲି, ବରମପୁରା, ଚାଉଁରପୁର, ଚିପିଲିମା ଅଞ୍ଚଳରେ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି। ରାତିରେ ହାତୀ ଦୁଇଟି ବଗବିରା ଗାଁ ଆମ୍ବ ତୋଟାରେ ରହିଛନ୍ତି। ବନ ବିଭାଗ ଅଧିକାରୀ, କର୍ମଚାରୀ ହାତୀ ଦୁଇଟିର ଗତିବିଧିକୁ ଅନୁଧ୍ୟାନ କରୁଛନ୍ତି।

### ବଡ଼ରମାରେ ଯାଦବ ସମାଜର ଦୋଳ ପୂର୍ଣ୍ଣିମା ଉତ୍ସବ

**ଜମନକିରା,୨୦।୩ (ଡି.ଏନ୍.ଏ.)** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ସଦର ମହକୁମାରେ ଯାଦବ ସମାଜ ପକ୍ଷରୁ କୁରେଇବାହାଲଠାରେ ଦୋଳ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ବ୍ଲକ୍‌ସ୍ତରୀୟ ଯାଦବ ସମାଜର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ସମ୍ପାଦକ ଅଶୋକ କୁମାର ବଗର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯାଦବ ସମାଜ ଜିଲା ସଭାପତି ବିରଞ୍ଚି ଦର୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ବିକାଶ ପାଇଁ ଏକଜୁଟ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଧାରଣ ସମ୍ପାଦକ ଦେବାନନ୍ଦ ଖର୍ସେଲ, ସମ୍ମାନୀୟ ଅତିଥି ଭାବେ ବଡ଼ରମା ସରପଞ୍ଚ ଜୟନ୍ତୀ ବାଘ, ସମ୍ପାଦକ ହେମନ୍ତ ବଗର୍ତ୍ତୀ, ବଡ଼ରମା ପଞ୍ଚାୟତ ଯାଦବ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ମାଝୀ, ସମ୍ପାଦକ ଅର୍ବୈନ ରାଉତ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ରାଜକିଶୋର ସେଲେମା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରସୁଗୁଡ଼ାରେ ନାମାଙ୍କନ ଫର୍ମ କିଣିବାକୁ ପ୍ରତିଯୋଗିତା

# ଦି ଦିନରେ ୩୬ ନାମାଙ୍କନ ଫର୍ମ ବିକ୍ରି

**ଝାରସୁଗୁଡା ଅଫିସ,୨୦।୩**

ସାଧାରଣ ନିର୍ବାଚନ ପାଇଁ ମାହୋଲ ସରଗରମ। ନେତା ଓ କର୍ମୀଙ୍କ ମନରେ ପ୍ରବଳ ଉତ୍ସାହ। ନାମାଙ୍କନ ପାଇଁ ବିଜ୍ଞପ୍ତି ପ୍ରକାଶ ଓ ଫର୍ମ ବିକ୍ରିକୁ ଦେଖିଲେ କେତେ ଉତ୍ସାହ ତାହା ବାରି ହୋଇପଡୁଛି। ରାଜନୈତିକ ଦଳରୁ ନିଜ ନିଜର ପ୍ରାର୍ଥୀଙ୍କୁ ଟିକଟ୍ ମିଳି ନ ଥିଲେ ସୁଦ୍ଧା କେତେକ କର୍ମୀ ଦଳ ନାଁରେ ଫର୍ମ କ୍ରୟ କରି ସାରିଲେଣି। ଅନ୍ୟପକ୍ଷରେ ନିର୍ଦ୍ଦଳୀୟ ଲଢେଇ ପାଇଁ ମଧ୍ୟ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଦଳରୁ ଟିକଟ ପାଇବା ପାଇଁ ଆଶାୟୀ ପ୍ରାର୍ଥୀ ଟିକଟ୍ ନ ପାଇବା ପରେ ନିର୍ଦ୍ଦଳୀୟ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ଝାରସୁଗୁଡା ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଝାରସୁଗୁଡା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଟିକଟ୍‌ରେ ନବ ଦାସ ଲଢ଼ିବା ନିଶ୍ଚିତ ହୋଇଥିବା ବେଳେ ବ୍ରଜରାଜନଗର ଆସନରୁ ସିପିଆଇ ଟିକଟ୍‌ରେ ରମେଶ ତ୍ରୀପାଠି ଲଢ଼ିବା ପାଇଁ ଦଳୀୟ ଟିକଟ୍ ଘୋଷଣା ହୋଇଛି। ନାମାଙ୍କନ ବିଜ୍ଞପ୍ତି ଜାରି ପରେ ପ୍ରଥମ ଦିନ ୧୩ ଏବଂ ଦ୍ୱିତୀୟ ଦିନ ୨୩ ନାମାଙ୍କନ ଫର୍ମ ବିକ୍ରି ସରିଲାଣି। ଆହୁରି ୬ ଦିନ ବାକି ରହିଥିବା ବେଳେ ଏବେ ସୁଦ୍ଧା ୩୬ ଫର୍ମ ବିକ୍ରି ସରିଥିବା ରିଟର୍ନିଂ ଅଫିସରୁ ସୂଚନା ମିଳିଛି।

ବ୍ରଜରାଜନଗର ବିଧାନସଭା ଆସନ ପାଇଁ ବିଧାୟିକା ରାଧାରାଣୀ ପଣ୍ଡା ମଙ୍ଗଳବାର ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ଏହାସତ୍ତ୍ୱେ ବୁଧବାର ଭାଜପାରୁ ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା, ସାମଲ ନାଏକ, ମନୋଜ କୁମାର ଅଗ୍ରୱାଲ ନାମାଙ୍କନ ଫର୍ମ କିଣିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ପିରୁ ସୀତାରାମ ରୋହିଦାସ, ବିଜେଡିରୁ କିଶୋର କୁମାର ମହାନ୍ତିଙ୍କ ନାମରେ ନାମାଙ୍କନ ଫର୍ମ କିଣାଯାଇଛି। ଅନ୍ୟ ୭ ଜଣ ନିର୍ଦ୍ଦଳୀୟ ପ୍ରାର୍ଥୀ ନାମାଙ୍କନ କ୍ରୟ କରିଛନ୍ତି। ସେହିପରି ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ମଙ୍ଗଳବାର ୭ ଜଣ ନାମାଙ୍କନ ଫର୍ମ ନେଇଥିବା ବେଳେ ବୁଧବାର ଆଉ ୧୩ ଜଣ ଫର୍ମ କିଣିଛନ୍ତି। ବିଜେଡିରୁ ନବ କିଶୋର ଦାସ, ଭାଜପାରୁ ନରେଶ ନାଏକ ଓ ନେତାଜୀ ପଟ୍ଟନାୟକ, କଂଗ୍ରେସରୁ ମହେନ୍ଦ୍ର ନାଏକ ଓ ପ୍ରଶାନ୍ତ ତ୍ରୀପାଠୀ, ବିଏସ୍‌ପିରୁ କାର୍ତ୍ତିକେଶ୍ୱର ଘୁଘରଙ୍କ ସମେତ ଅନ୍ୟ ଦଳରୁ ଏବଂ ନିର୍ଦ୍ଦଳୀୟ ଭାବେ ୮ ଜଣ ପ୍ରାର୍ଥୀ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି।

## ଭାଗବତ ଟୁଙ୍ଗିରୁ ସାହିତ୍ୟ ସୃଷ୍ଟି




ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଝାରସୁଗୁଡା ଅଫିସ,୨୦।୩**

ବଡମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏକାଡେମୀ ସଦସ୍ୟା ମନ୍ଦାକିନୀ ଶତପଥୀ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୌଭାଗ୍ୟବନ୍ତ ମହାରଣା ଯୋଗଦେଇ ଗାଁରୁ ହିଁ ସାହିତ୍ୟର ସୃଷ୍ଟି ହୋଇଯାଏ ବୋଲି କହିଥିଲେ। ଭାଗବତ ଟୁଙ୍ଗୀ କେବଳ ଏକ ଧର୍ମାନୁଷ୍ଠାନ ନୁହେଁ ଏହା ସାହିତ୍ୟ ସୃଷ୍ଟିର ଉତ୍ସ ବୋଲି କହିଥିଲେ। ପ୍ରାକ୍ତନ ଏକାଡେମୀ ସଦସ୍ୟ ଜୟ ନାରାୟଣ ତ୍ରିପାଠୀ ଓ ଅବସରପ୍ରାପ୍ତ ଶିକ୍ଷକ ସୀତାରାମ ବିର୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ରାଧାମୋହନ ପାଣ୍ଡେ, ତାପସ ରାୟ ଚୌଧୁରୀ, ଦୁର୍ଗାମାଧବ ପଣ୍ଡା, ପ୍ରଫେସର ଟହଲୁ ସାହୁ, ଡା. ରାଧାରମଣ ବିର୍ତିଆ, ଅନିଲ ଦାଶ ପ୍ରମୁଖ ଯୋଗଦେଇ ସାହିତ୍ୟକୁ ଋଦ୍ଧିମନ୍ତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ମାଧବୀ ପଟେଲ, ପ୍ରଣତି ପଟ୍ଟନାୟକ, ଅନନ୍ତରାମ ସାହୁ, ନିକୁଞ୍ଜ ବିହାରୀ ମିଶ୍ର, ଡ. ଶିବପ୍ରିୟା ମିଶ୍ର, ଅଞ୍ଜଳିପ୍ରଭା ପଟ୍ଟନାୟକ, ରାଜଶ୍ରୀ ମେହେର, ପଙ୍କଜିନି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶ୍ରମିକ ନେତା ଏମ୍‌ଡିଏନ୍ ପାନିକରଙ୍କ ଶ୍ରାଦ୍ଧବାର୍ଷିକୀ

**ରାଉରକେଲା ଅଫିସ,୨୦।୩**




ଶ୍ରମିକ ନେତା ଏମ୍.ଡି.ଏନ୍. ପାନିକରଙ୍କ ଶ୍ରାଦ୍ଧବାର୍ଷିକୀରେ ମଞ୍ଚାସୀନ ଅତିଥି।

ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ପ୍ରତିଷ୍ଠାତା ସ୍ୱର୍ଗତ ଏମ୍.ଡି.ଏନ୍. ପାନିକରଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ସନ୍ଧ୍ୟାରେ ସେକ୍ଟର-୧୮ ୟୁନିୟନ କାର୍ଯ୍ୟାଳୟରେ ପାଳିତ ହୋଇଛି। ଏଥିରେ ସଂଘ ସଭାନେତ୍ରୀ ତଥା ସ୍ୱର୍ଗତ ପାନିକରଙ୍କ ସ୍ତ୍ରୀ ଡି.ଏସ୍ ପାନିକର ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରୂପେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ମୁଖ୍ୟବକ୍ତା ରୂପେ ଆର୍‌ଏସ୍‌ପିର ପୂର୍ବତନ ଇଡି ରବୀନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟଅତିଥି ତିର୍କୀ ନିଜ ବକ୍ତବ୍ୟରେ ପାନିକରଙ୍କୁ ଜଣେ ଯୋଗ୍ୟ, ଦକ୍ଷ ଓ ନିଷ୍କପଟ ଶ୍ରମିକ ନେତା ଭାବେ ଅଭିହିତ କରିଥିଲେ। ଶ୍ରମିକ ସମାଜ ଓ ଆର୍‌ଏସ୍‌ପିର ଉନ୍ନତି ପାଇଁ ଅହରହ ଉଦ୍ୟମ କରିଥିବା ପାନିକର ବାସ୍ତବରେ ଶ୍ରମିକଙ୍କ ହୃଦୟରେ ରହିଛନ୍ତି ବୋଲି ତିର୍କୀ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଷଡ଼ଙ୍ଗୀ କହିଥିଲେ, ପାନିକରଙ୍କ କର୍ମମୟ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଶ୍ରମିକଙ୍କ ନ୍ୟାଯ୍ୟ ଦାବି ନେଇ ସେ ଅନବରତ ନିଜକୁ ଚାପରେ ରଖୁଥିଲେ। ସମର୍ପିତ ମନୋଭାବ ନେଇ ଶ୍ରମିକ ଶ୍ରେଣୀ ପାଇଁ କାର୍ଯ୍ୟ କରିଥିବା ପାନିକରଙ୍କ ସ୍ମୃତି ସର୍ବଦା ଅଭୁଲା ହୋଇ ରହିବ ବୋଲି ଷଡ଼ଙ୍ଗୀ କହିଥିଲେ। ସଭାନେତ୍ରୀ ଡି.ଏସ୍. ପାନିକର କହିଥିଲେ, ପାନିକର ବାବୁ ଶ୍ରମିକଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ବରଦାସ୍ତ କରୁ ନ ଥିଲେ। ନିଜର ଯେତେ ଗୁରୁତ୍ୱପୂର୍ଣ୍ଣ କାମ ଥିଲେ ବି ସେ ପ୍ରଥମେ ଶ୍ରମିକ ସମାଜର ସମସ୍ୟା ପ୍ରତି ଦୃଷ୍ଟି ଦେଉଥିଲେ। ଅନେକ ପ୍ରସଙ୍ଗରେ ପାନିକର ଆଇନର ଆଶ୍ରୟ ନେଇ ସଫଳତା ହାସଲ କରିଥିଲେ। ଯାହାଦ୍ୱାରା ନିରୀହ ଶ୍ରମିକ ନିଜ ଅଧିକାର ପାଇ ପାରିଥିଲେ ବୋଲି ସଭାନେତ୍ରୀ ପାନିକର କହିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଅତିଥି ବସନ୍ତ ନାୟକ, ଗୋପାଳ ଦାସ, ଆଲୋକ ବୋଷ, ଡ. ରାଜନ ଏକ୍କା ପ୍ରମୁଖ ପାନିକରଙ୍କୁ ବାସ୍ତବରେ ଶ୍ରମିକଙ୍କ ହିତୈଷୀ ବାବେ ବର୍ଣ୍ଣନା କରିଥିଲେ। ଶ୍ରମିକ ସଂଘ ପକ୍ଷରୁ ଆର୍.କେ. ପଣ୍ଡା, ମହୀପାଳ ବାଗ, ଅକ୍ଷୟ ଜେନା, ଦିଲୀପ ଦାସମହାପାତ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ। ରାଉରକେଲା ଶ୍ରମିକ ସଂଘର ବହୁ ଅନୁଗାମୀ ଉପସ୍ଥିତ ଥିଲେ।

## ଗୋଇନ୍ଦା ରିପୋର୍ଟ ପ୍ରସଙ୍ଗକୁ ନେଇ ମାମଲା

# ଥାନାରେ ହାଜର ହେବାକୁ ସମୀର ମହାନ୍ତିଙ୍କୁ ନୋଟିସ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢ଼ିଲେ ହରିଯିବେ ବୋଲି ଗୋଇନ୍ଦା ରିପୋର୍ଟ ଦେଇଥିବା ନେଇ ସୋମବାର ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହାକୁ ନେଇ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିବାବେଳେ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ରିପୋର୍ଟକୁ ଜବତ କରି ତଦନ୍ତ ଚଳାଇଛି। ବୁଧବାର ଖାରବେଳନଗର ଥାନା ପୋଲିସ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କୁ ନୋଟିସ କରିଛି। ଗୋଇନ୍ଦା ରିପୋର୍ଟ ପ୍ରସଙ୍ଗରେ ଗତ ୧୮ ତାରିଖର ଥାନାରେ ଆଇପିସି ଦଫା ୪୬୫, ୪୬୮, ୪୬୯, ୪୭୧ ଅନୁଯାୟୀ ମାମଲା (ନଂ.୮୫/୧୯) ରୁଜୁ ହୋଇଛି। ମାମଲାର ତଦନ୍ତ ପାଇଁ ୨୧ ତାରିଖ ଗୁରୁବାର ପୂର୍ବାହ୍ନ ୧୦ଟାରେ ସମସ୍ତ ତଥ୍ୟ ପ୍ରମାଣ ସହ ଥାନାରେ ହାଜର ହେବାକୁ ସମୀରଙ୍କୁ କୁହାଯାଇଛି।

# ବାହାଘର ଭୋଜିରେ ସରକାରୀ ଗାଡ଼ିର ଭିଡ଼

**ବାମରା,୨୦।୩ (ସ୍ୱ.ପ୍ର.)**

ବିଭିନ୍ନ ସମୟରେ ସରକାରୀ ଗାଡି ଅପବ୍ୟବହାର ସହ ଘରୋଇ କାର୍ଯ୍ୟରେ ନିୟୋଜିତ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାମରା ବ୍ଲକ କିନାବଗା ପଞ୍ଚାୟତ ଡଙ୍ଗାଯୋର ଗ୍ରାମରେ। ସେଠାରେ ଚାଲିଥିବା ଜଣେ ସରକାରୀ ଅଧିକାରୀଙ୍କ ଝିଅ ବିବାହ ଭୋଜିରେ ଏହା ଦେଖିବାକୁ ମିଳିଥିଲା । ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ନିଜ ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କ ସହ ସରକାରୀ ଗାଡିରେ ଆସିଥିଲେ। ବୁଧବାର ଡଙ୍ଗାଯୋର ଗ୍ରାମରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଓମ୍‌ପ୍ରକାଶ ପଟେଲଙ୍କ ଝିଅ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର, ସୁନ୍ଦରଗଡ, ରାଉରକେଲା, ଭୁବନେଶ୍ୱର, ଝାରସୁଗୁଡା ସହ ଅନ୍ୟାନ୍ୟ ଅଞ୍ଚଳରୁ ପୂର୍ତ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଏତେ ସଂଖ୍ୟାରେ ସରକାରୀ ଗାଡି ଏକ ଘରୋଇ (ବେସରକାରୀ) ବିବାହ ଉତ୍ସବରେ ଯୋଗଦେବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏକ ବେସରକାରୀ କାର୍ଯ୍ୟକ୍ରମରେ ଏତେ ମାତ୍ରାରେ ସରକାରୀ ଗାଡିର ବ୍ୟବହାରରୁ ସରକାରୀ ଅର୍ଥ ହାନି ହେଉନି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ସରକାରୀ ଗାଡି ଅପବ୍ୟବହାର କରୁଥିବା ନେଇ ଜଣେ ଅଧିକାରୀଙ୍କୁ ପଚାରିବାରୁ ଗାଡି ଗୁଡିକ ବିଭାଗରେ ଠିକାରେ ଲାଗିଛି । ଏହା ସରକାରୀ ଗାଡି ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ । ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ତଥା ସଜ ସଜ ବିଜେଡିରେ ଯୋଗଦେଇ ଥିବା ନଳିନୀକାନ୍ତ ପ୍ରଧାନ ମଧ୍ୟ ଯୋଗ ଦେଇଥିଲେ ।




ରଙ୍ଗର ପର୍ବ ହୋଲି ଅବ୍ୟବହିତ ପୂର୍ବରୁ ପରସ୍ପରକୁ ଅବିର ବୋଳି ଖୁସି ମନାଉଛନ୍ତି ଶ୍ରୀ ଅରବିନ୍ଦ ସ୍କୁଲ ଛାତ୍ରମାନେ।

# ଶିକ୍ଷକ ପଦବୀକୁ ଅନୁମୋଦନ ମିଳୁନି

**ସମ୍ବଲପୁର,୨୦।୩ (ବ୍ୟୁରୋ)**




**ବିରଘାଟ ହାଇସ୍କୁଲ**

- ୯ମ, ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଭାଗ୍ୟ ସହ ଖେଳ
- କମୁଛି ଛାତ୍ରୀଛାତ୍ରଙ୍କ ନାମଲେଖା
- ଅଭିଭାବକ ଅସନ୍ତୁଷ୍ଟ, ନାମ ଲେଖାଇବାକୁ ଅନାଗ୍ରହ
- ଜଣେ ଶିକ୍ଷକ ସପ୍ତାହକୁ ଅଧାଦିନ ପାଠ ପଢାଉଛନ୍ତି
- ଅଧାଦିନ ଛାତ୍ରୀଛାତ୍ର ନିଜେ ନିଜେ ପଢୁଛନ୍ତି
- ଶିକ୍ଷା ସହାୟକଙ୍କ ଦୟାରେ ଚାଲିଛି ପାଠ ପଢା

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ବିରଘାଟ ସ୍କୁଲକୁ ଦେଖିଲେ ଜଣା ପଡିଯିବ ସରକାରଙ୍କ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର । ବିରଘାଟ ଓ ଆଖପାଖ ଗ୍ରାମବାସୀ ବର୍ଷ ବର୍ଷ ଧରି ବାରମ୍ବାର ଦାବି, ରାସ୍ତାରୋକୋ କଲା ପରେ ସେଠାରେ ଥିବା ୟୁପି ସ୍କୁଲକୁ ହାଇସ୍କୁଲର ମାନ୍ୟତା ଦିଆଗଲା । କୋଠା ବି ତିଆରି ହେଲା । ସ୍କୁଲ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମଧ୍ୟ ମିଳିଲା। ହେଲେ ଶିକ୍ଷକ ପଦ ପୂରଣ କରିବାକୁ ଅନୁମୋଦନ ମିଳୁନି। ଏବେ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । ୬ ବର୍ଷ ହେଲା ଜଣେ ଶିକ୍ଷକଙ୍କୁ ଏଠାରେ ଡେପୁଟେସନରେ ଦିଆଯାଇଛି। ଏହି ଶିକ୍ଷକ ଜଣକ ସପ୍ତାହକୁ ୩ ଦିନ ସ୍କୁଲକୁ ଯାଇଥାନ୍ତି। ବାକି ୩ ଦିନ ପିଲାମାନେ ନିଜେ ନିଜେ ପଢନ୍ତି । ଏଣୁ ଶିକ୍ଷକ ଅଭାବରୁ ପାଠପଢା ବ୍ୟାହତ ହେଉଛି। ଅବଶ୍ୟ ପିଲାଙ୍କ ଭବିଷ୍ୟତକୁ ଦେଖି ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଯୁକ୍ତ ହୋଇଥିବା ଶିକ୍ଷା ସହାୟକମାନେ ୯ମ, ୧୦ମ ଶ୍ରେଣୀ ପିଲାଙ୍କୁ କେତେବେଳେ କେମିତି ପଢାନ୍ତି। ୧୯୮୭ ମସିହାରେ ଖୋଲିଥିବା ୟୁପି ସ୍କୁଲ ଲୋକଙ୍କ ଦାବି କ୍ରମେ ୨୦୧୩ ମସିହାରେ ଅପଗ୍ରେଡଶନ ହୋଇ ହାଇସ୍କୁଲ ମାନ୍ୟତା ପାଇଛି। ବିରଘାଟ, ଇଚ୍ଛାପାଳ, ଯାଦୁଲୁଇସିଂ, ବରଘାଟ, ବୋଲବଙ୍ଗା, ବଡମାଲ, ଝରିଆପଡା, ରାସିଖାଇ ଗ୍ରାମର ଛାତ୍ରୀଛାତ୍ର ଏଠାରେ ପାଠ ପଢିବାକୁ ନିର୍ଭର କରନ୍ତି । ସ୍କୁଲ ଖୋଲିବାର ପ୍ରଥମ ବର୍ଷରେ ୪୨ ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିଲେ। ହେଲେ ପ୍ରତିବର୍ଷ ପିଲା ସଂଖ୍ୟା କମିବାରେ ଲାଗିଛି । ଚଳିତବର୍ଷ ନବମ ଶ୍ରେଣୀରେ ୧୫ ଜଣ ଓ ଦଶମ ଶ୍ରେଣୀରେ ୨୩ ଜଣ ପରୀକ୍ଷା ଦେଇଛନ୍ତି । ଅଭିଭାବକମାନଙ୍କ ଅଭିଯୋଗ ହେଲା ଯେ, ସ୍କୁଲ କୋଠା ପାଇଁ ଟଙ୍କା ଖର୍ଚ୍ଚ କରାଗଲା । ହେଲେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାରୁ କିଛି ସୁଫଳ ମିଳୁ ନାହିଁ । ଯଦି ସ୍କୁଲକୁ ଠିକ ଭାବେ ପରିଚାଳନା କରିବାକୁ ସରକାର ସକ୍ଷମ ନ ଥିଲେ ତାହା ହେଲ କାହିଁକି କୋଠା ନିର୍ମାଣ କରାଗଲା ଓ ସ୍କୁଲ ଖୋଲାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସେହିଭଳି ଗ୍ରାମବାସୀ ଏହି ସ୍କୁଲକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ । ପିଲାମାନଙ୍କୁ ୧୫କି.ମି, ଫୁଲଝରନ ହାଇସ୍କୁଲକୁ ଆଉ ପାଠ ପଢି ଯିବାକୁ ପଡିବ ନାହିଁ ବୋଲି ଆଶା କରିଥିଲେ । ହେଲେ ଏବେ ପୁଣି ପାଠ ପାଢା ପାଇଁ ସମସ୍ୟା ଦେଖା ଦେଇଛି । ଶିକ୍ଷକ ଅଭାବ ଯୋଗୁ ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇବାକୁ ସେମାନଙ୍କ ଆଗ୍ରହ ହେଉନାହିଁ। ଏଣୁ ପିଲାମାନେ ପୁଣି ଖରା ବର୍ଷାରେ ଦୂରକୁ ପାଠ ପଢି ଯିବେ ବୋଲି ଅସନ୍ତୁଷ୍ଟ ଅଭିଭାବକମାନେ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶଙ୍କୁ ପଚାରିବାରୁ ସ୍କୁଲକୁ ଅନୁମୋଦନ ମଳିଛି। ହେଲେ ଶିକ୍ଷକ ପଦ ପୂରଣ ପାଇଁ ଅନୁମୋଦନ ମିଳି ନ ଥିବାରୁ ଶିକ୍ଷକ ଯୋଗାଇ ଦେବାରେ ସମସ୍ୟା ହେଉଛି ବୋଲି ସ୍ୱୀକାର କରିଛନ୍ତି।

### ବିଭିନ୍ନ ମାମଲାରେ ୩ ଅଭିଯୁକ୍ତ ଜେଲ ଗଲେ

**ବାମରା,୨୦।୩(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ପୋଲିସ ବିଭିନ୍ନ ମାମଲାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ସମସ୍ତ ୩ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବାମରା ବ୍ଲକ ଗଡପୋଷ ଦେହୁରପଡାର ସୌକିଲାଲ ଜୟପୁରିଆ (୪୫)ଙ୍କୁ ପୋଲିସ ଗଡପୋଷ ମଦଭାଟି ପାଖରେ ଚନାମୁଡ଼ି ବିକ୍ରେତା ଦୟାନିଧି ସୁନାନୀ (୫୦)ଙ୍କୁ ନିସ୍ତୁକ ମାଡ ମାରିବା ଘଟଣାରେ ଗିରଫ ହୋଇଥିଲେ।

ସଗରାଠାରେ ନିଜ ବଡ ଭାଇକୁ କିରୋସିନୀ ଢାଳି ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ତପୋବନ କୁମରା (୪୦)ଙ୍କୁ ପୋଲିସ ଗିରଫ କରିଛନ୍ତି। ଫେବୃୟାରୀ ୨୦ ତାରିଖ ରାତିରେ ତପୋବନ ନିଜ ବଡଭାଇ ଗୋବର୍ଦ୍ଧନ କୁମରାଙ୍କୁ କିରୋସିନ ଢାଳି ନିଆ ଲଗାଇ ଦେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା ।

ଏକ ଅସଦାଚରଣ ମାମଲାରେ ପୋଲିସ ଅଭିଯୁକ୍ତ ପିଣ୍ଟୁ ପାସୱାନଙ୍କୁ କର୍ଟ ଚାଲାଣ କରିଛି। ସେ ଗତ ସୋମବାର ରାତି ଜଣେ ବିବାହିତା ମହିଳାଙ୍କୁ ପ୍ରେତ ଛଡାଇବା ବାହାନାରେ ଏକ ନିଛାଟିଆ ସ୍ଥାନରେ ନେଇ ବଳାତ୍କାର ଉଦ୍ୟମ କରିଥିଲେ । ଏହି ମାମଲାରେ ପୀଡିତାଙ୍କ ପକ୍ଷରୁ ଅଭିଯୋଗ ହେଲା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ପଦ୍ମପୁରରେ ଚୋରି, ପାଟ୍ରୋଲିଂ ଦାବି

ପଦ୍ମପୁର, ୨୦।୩ (ଡି.ଏନ.ଏ)
ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି । କେତେକ ସ୍ଥାନରେ ଚୋରି ହୋଇଥିବା ବେଳେ ଅନେକ ସ୍ଥାନରେ ଚୋ ଉଦ୍ୟମ ହୋଇଥିବା ଜଣାପଡିଛି । ବିଶେଷ କରି ନିଶାଶକ୍ତ ଯୁବକମାନଙ୍କ ଦ୍ୱାରା ଏହା ହେଉଥିବା ଅନୁମାନ କରାଯାଉଛି । ସହରର ବିଭିନ୍ନ ସ୍ଥାନରେ ଏହି ଯୁବକମାନେ ଆଡ୍ଡା ଜମାଇ ରଖିଥିବା ବେଳେ ଏମାନଙ୍କ ନିଶା ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାର ଖର୍ଚ୍ଚ ପାଇଁ ଯୁବକମାନେ ଚୋରି ତଥା ଲୁଟ୍‌ରେ ମାତିଛନ୍ତି । ଏ ନେଇ ପୋଲିସ ପ୍ରଶାସନ କଡା ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହେଉଛି ।

### ଅବକାରୀ ଚଢ଼ାଉ, ମଦ ଜବତ

ପଦ୍ମପୁର, ୨୦।୩ (ଡି.ଏନ.ଏ)
ଜଗଦଲପୁର ଥାନା ଅନ୍ତର୍ଗତ ଲଉଡିଦର୍ହା ଗ୍ରାମ ଜଙ୍ଗଲରେ ମଦ ରନ୍ଧା ଯାଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମକରଧ୍ୱଜ ବଘାରଙ୍କ ତତ୍ତ୍ୱାବଧାନରେ ଅତର୍କିତ ଚଢ଼ାଉ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ୬୫୦ କେଜି ମହୁଲ ପୋଚ, ୪ଟି ବଡ ଡେକଚି ସହ ରନ୍ଧା ଯାଉଥିବା ୫୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଏସ୍‌ଆଇ ହେମକାନ୍ତ ସୁନା, ବିନୋଦ ତିର୍କି, କେନାଲୁ ଭୋଇ, ମୁକେଶ ବିଶ୍ୱାଳ, ତାରାକାନ୍ତି ଭୁଏ, ରଞ୍ଜନ ସେଟ, କଳ୍ପନା ସାହୁ, ପ୍ରଦୀପ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

### ଅଦିନିଆ ବର୍ଷା, କୁଆପଥର ମାଡ

ପଦ୍ମପୁର, ୨୦।୩ (ଡି.ଏନ.ଏ)
ପଦ୍ମପୁର ଅଞ୍ଚଳରେ ବୁଧବାର ଅଦିନିଆ ବର୍ଷା ଓ କୁଆପଥର ମାଡ ହୋଇଛି । ଏହି ୧୦ରୁ ୧୫ ମିନିଟ୍ ବର୍ଷାରେ ସହରର ଗଳି କନ୍ଦି ଅଞ୍ଚଳର ନାଳ ନର୍ଦ୍ଦମା ପାଣି ରାସ୍ତାରେ ଜମା ହୋଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିଛି । ନାଳ ନର୍ଦ୍ଦମାର ଦେଖାଶୁଣା ଠିକ ଭାବରେ ହେଉ ନ ଥିବାରୁ ଏହି ଅସୁବିଧା ହେଉଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଏ ନେଇ ବିହିତ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି ।

### ବିନ୍ଧ୍ୟବାସିନୀ ମନ୍ଦିର ପ୍ରତିଷ୍ଠା

ଗାଇସିଲେଟ, ୨୦।୩(ଡି.ଏନ.ଏ)
ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ଗ୍ରାମରେ ନିର୍ମିତ ମା' ବିନ୍ଧବାସିନୀ ମନ୍ଦିର ପ୍ରତିଷ୍ଠା ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟହ ହୋମଯଜ୍ଞ, ଦଣ୍ଡ କୀର୍ତ୍ତନ ହୋଇଥିଲା । ଏହାସହିତ ନାଟକ ପରିବେଷଣ ଓ ମିନା ବଜାର ବସିଥିଲା । ପୂଜା କମିଟି ସଭାପତି ସୁନୀଲ କୁମାର ଭୋଇ, ଉପସଭାପତି ଝାରୁ ଭୋଇ, ସମ୍ପାଦକ ଲୋକନାଥ ବରିହା, ମୁଖ୍ୟ ପୁରୋଧା ଜିନ୍ଦା ଭୋଇ ଓ ସଭ୍ୟମାନେ ସହଯୋଗ କରିଥିଲେ । ଏଥିରେ ମିଠେଇ ଲାଲ ଭୋଇ ଓ ତାଙ୍କ ସ୍ତ୍ରୀ ଶୋଭା ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ଝାଙ୍କର ଆନନ୍ଦ ଭୋଇ ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣି, ଶିବ ପ୍ରସାଦ ଦାଶ, ରାଧେଶ୍ୟାମ ତ୍ରିପାଠୀ, ଆନନ୍ଦ ପାଣି ଓ ଦିଲୀପ ପାଣି ହୋମଯଜ୍ଞ କରିଥିଲେ ।

### ଆଧାର କେନ୍ଦ୍ର ବନ୍ଦ, ଲୋକେ ହଇରାଣ

ଜାମଟିକ୍ରା, ୨୦।୩ (ଡି.ଏନ.ଏ)
ଆଧାର ପଞ୍ଜିକରଣ ଏବଂ ସଂଶୋଧନ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତାବିରା ପୋଷ୍ଟ ଅଫିସକୁ ଆଧାର କାର୍ଡ ସଂଶୋଧନ ଓ ନୂତନ ଆଧାର କାର୍ଡ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପୋଷ୍ଟ ଅଫିସରେ କିଛିଦିନ ଆଧାର କାମ ଚାଲିଥିବାବେଳେ ଏବେ ପ୍ରାୟ ତିନି ମାସ ହେଲାଣି ଏହି କେନ୍ଦ୍ର ବନ୍ଦ ହୋଇଯାଇଛି । ଫଳରେ ଲୋକେ ୩୦ ଟଙ୍କା ଜାଗାରେ ୨ଶହ ଟଙ୍କା ଦେଇ ବହୁ କଷ୍ଟରେ ଆଧାର କାର୍ଡ ତିଆରି କରୁଥିବା ଦେଖିବାକୁ ମିଳୁଛି । ଘରୋଇ କେନ୍ଦ୍ରରେ ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେବାରୁ ଜନସାଧାରଣ ସରକାରୀ କେନ୍ଦ୍ରକୁ ଯାଇ ହଟହଟାର ସମ୍ମୁଖୀନ ହୋଇଛନ୍ତି । ଅତାବିରା ପୋଷ୍ଟ ଅଫିସ୍‌ରେ ନୀଳାବତୀ କଠାର, ମୁକେଶ ସାହୁ, ରଜନୀ ପ୍ରଧାନୀଙ୍କ ସମେତ ଅନେକ ହିତାଧିକାରୀଙ୍କ ଆଧାର ସଂଶୋଧନ ନ ହେବାରୁ ସେମାନେ ବହୁତ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତାବିରା ପୋଷ୍ଟ ମାଷ୍ଟର ଅରୁଣ ବାରିକଙ୍କୁ ପଚାରିବାରୁ ସେ କହିଲେ, କମ୍ପ୍ୟୁଟର ଖରାପ ହୋଇଯାଇଥିବାରୁ ଆଧାର କାମ ହୋଇପାରୁନାହିଁ ।

■ ଭାଜପାର ବିଜୟ ସଂକଳ୍ପ ସମାବେଶ

# ନବୀନ ଅସ୍ତ ହେବାକୁ ଯାଉଛନ୍ତି: ବିଶ୍ୱଭୂଷଣ

ବିଜେପୁର,୨୦।୩(ଡି.ଏନ.ଏ)
ବିଜେପୁର ଉପନିର୍ବାଚନ ପରି ୨୦୧୯ ସାଧାରଣ ନିର୍ବାଚନ ଜୋରଦାର ହେବାର ଚିତ୍ର ସ୍ପଷ୍ଟ ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ହିଞ୍ଜିଳି ସମେତ ବିଜେପୁର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ପାଇଁ ଘୋଷଣା କରିବା ପରେ ରାଜନୈତିକ ହଟଚମଟ ଜାରି ହୋଇଛି । ବର୍ତ୍ତମାନ ସୁଦ୍ଧା ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ । ହେଲେ ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଉମୁଣ୍ଡାରେ ବୁଧବାର ହାଇପ୍ରୋଫାଇଲ ନେତାଙ୍କୁ ନେଇ ଭାଜପା ସାଧାରଣ ନିର୍ବାଚନର ବିଗୁଲ ବଜାଇଛି । ଲାଉମୁଣ୍ଡା ସ୍ଥିତ କଲେଜ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ତଥା ଭାଜପାରେ ନୂତନ ଭାବେ ସାମିଲ ହୋଇଥିବା ଡା. ଦାମୋଦର ରାଉତ ଓ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଆଗାମୀ ନିର୍ବାଚନରେ ଭାଜପାକୁ ବିଜୟୀ କରି ବିଜେଡି ସରକାରକୁ ଦୃଢ଼ ଜବାବ ଦେବାକୁ ମତଦାତା ମାନଙ୍କୁ ଅନୁରୋଧ କରିଥିଲେ । ନବୀନ ସରକାର ଗାଁର ବିକାଶ ଓ ମା'କୁ ସମ୍ମାନ ନାରା ଦେଉଥିଲେ । ମାତ୍ର ଏହି ସରକାର ଗାଁକୁ ଲୁଣ୍ଠନ ଓ ନାରୀଙ୍କୁ ବଳାତ୍କାର କରିଛି ବୋଲି ବୋଲି ଦାମୋଦର ରାଉତ କହିଥିଲେ। ସେହିପରି ବିଶ୍ୱ ଭୂଷଣ ହରିଚନ୍ଦନ ତାଙ୍କ ବକ୍ତବ୍ୟରେ କହିଥିଲେ, ପୂର୍ବ ଦିଗରେ ସୂର୍ଯ୍ୟୋଦୟ ଓ ପଶ୍ଚିମରେ ସୂର୍ଯ୍ୟାସ୍ତ ହୁଏ। ନବୀନ ବାବୁ ପଶ୍ଚିମରେ ନିର୍ବାଚନୀ ମୈଦାନରେ ଛିଡା ହୋଇ ସୂର୍ଯ୍ୟାସ୍ତ ହେବାକୁ ଯାଉଛନ୍ତି ବୋଲି ହରିଚନ୍ଦନ ସମାଲୋଚନା କରିଥିଲେ । ଜିଲା ଭାଜପା ସଭାପତି ଅରୂପାନନ୍ଦ ସାହୁ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିନେ ତାରକା ଅନୁ ଚୌଧୁରୀ, ଅଶୋକ ପାଣିଗ୍ରାହୀ, ସୁବାସ ଚୌହାନ, ସନତ କୁମାର ଗଡତିଆ, ହଳପାଣି ମାଝି, ରାଧେଶ୍ୟାମ ମହାପାତ୍ର, ଜିଲା ପରିଷଦ ସଦସ୍ୟା ସବିତା ସାହୁ ଓ ବିଶ୍ୱକାନ୍ତି ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ସୁରେଶ୍ୱର ସତପଥି, ସୁଶାନ୍ତ ମିଶ୍ର, କୃପାସିନ୍ଧୁ ସାହୁ, ପ୍ରବୀଣ ପାଣିଗ୍ରାହୀ, ବିନାୟକ ଗୁରୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଜିଲା ପ୍ରଭାରୀ ସଞ୍ଜୀବ ମହାପାତ୍ର । ନିର୍ଦ୍ଧାରିତ ସମୟର ଏକଘଣ୍ଟା ବିଳମ୍ବରେ ହେଲିକପ୍ଟର ଯୋଗେ ଉଭୟ ନେତାଙ୍କ ସମେତ ସିନେ ତାରକା ସ୍ଥାନୀୟ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ । ଅପରାହ୍ନ ୨ଟାରେ ପୁଣି ହେଲିକପ୍ଟର ଯୋଗେ ସେମାନେ ଫେରିଯାଇଥିଲେ ।



ଲାଉମୁଣ୍ଡାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ନେତାମାନେ ।

## ୧୬ ପ୍ରହର ନାମଯଜ୍ଞ

ସୋହେଲା,୨୦।୩ (ଡି.ଏନ.ଏ)
ସୋହେଲା ସାର୍ବଜନୀନ ନାମଯଜ୍ଞ କମିଟି ପକ୍ଷରୁ ହଟଲି ମଣ୍ଡପଠାରେ ୧୬ ପ୍ରହର ନାମଯଜ୍ଞ ମଙ୍ଗଳବାର ଅପରାହ୍ନରୁ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଶତାଧିକ ମହିଳା, ନାମଯଜ୍ଞ କମିଟି ସଦସ୍ୟ ତଥା ଗ୍ରାମବାସୀ ପୂର୍ଣ୍ଣୀ ବନ୍ଧରୁ ଜଳପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ପରେ ବିଧି ଅନୁସାରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏହି ନାମଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଯଜ୍ଞକର୍ତ୍ତା ଭାବେ ହିରୋ ମାଝୀ ଓ ତାଙ୍କ ସ୍ତ୍ରୀ ମେଘନା ମାଝୀ ଦାୟିତ୍ୱ ତୁଲାଉଛନ୍ତି । ଏହି ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗ ଦେଇ ନାମଜପ କରୁଛନ୍ତି । ପୂଜକ ରବିନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ହିମାଂଶୁ ଶେଖର ଦାସ, ପ୍ରଶାନ୍ତ ପାଣିଗ୍ରାହୀ, ମନ ମହାପାତ୍ର, ହାଡୁ ବାରିକ ସହଯୋଗ କରୁଛନ୍ତି ।

## ବଡଧରାରେ ଦୋଳ ମହୋତ୍ସବ ଉଦ୍‌ଘାଟିତ



ହିରଣ୍ୟକଶ୍ୟପ ବଧ ନାଟ୍ୟାଭିନୟର ଏକ ଦୃଶ୍ୟ ।

ଅମ୍ବାଭୋନା, ୨୦।୩ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକ ଅଧୀନ ବଡଧରା ଗ୍ରାମରେ ଦୋଳ ମହୋତ୍ସବ ଗ୍ରାମର ଗୌନ୍ତିଆ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ପ୍ରଥମ ରଜନୀରେ ନାଟ୍ୟାଭିନୟରେ ହିରଣାକ୍ଷଙ୍କ ରାଜୁତ, ଦେବତା ଓ ରାକ୍ଷସ ମଧ୍ୟରେ ଘମାଘୋଟ ଯୁଦ୍ଧ, ହିରଣାକ୍ଷଙ୍କ ନିଧନ, ହିରଣ୍ୟକଶ୍ୟପଙ୍କ କଠୋର ତପସ୍ୟା ଏବଂ ବରପ୍ରାପ୍ତି ପରେ ସ୍ୱର୍ଗପୁରୀ ଆକ୍ରମଣ ଷଡଯନ୍ତ୍ର ଆଦି ଦୃଶ୍ୟ ଅଭିନୀତ ହୋଇଛି । ହିରଣାକ୍ଷ ଭୂମିକାରେ ଦିବାକର ପଧାନ, ମହାମନ୍ତ୍ରୀ ମଲ୍ଲକେଶି ରଞ୍ଜନ ଭୋଇ, ସେନାପତି ହୟଶିରା ସରୋଜ ପଧାନ, ପ୍ରଧାନ ସେନାପତି ଅଶ୍ୱଶିରା ଡିଲେଶ୍ୱର ପଧାନ, ଇନ୍ଦ୍ରଦେବ ଦୟାସାଗର ପଧାନ, ସୂର୍ଯ୍ୟଦେବ ସମ୍ରାଟ ସା, ଜଳାଧିପତି ବରୁଣଦେବ ବିକ୍ରମ ପଧାନ, ଅଗ୍ନିଦେବ ଦେବାନନ୍ଦ ପଧାନ, ଗ୍ରହରାଜା ଶନିଶ୍ଚର ରାଜେନ ପଧାନ, ଦେବଦୂତ ସିଦ୍ଧାର୍ଥ ଦାସ, ପବନଦେବ ଗୁପେଶ ପଧାନ ଏବଂ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅବଧୂତ ଭୋଇ ଅଭିନୟ କରିଥିଲେ। ସେହିପରି ହିରଣ୍ୟକଶ୍ୟପ ଭୂମିକାରେ ନରେନ୍ଦ୍ର ପଧାନ, ନାରଦ ଭୋଳାନାଥ ପଧାନ, ଶୁକ୍ରାଚାର୍ଯ୍ୟ ଭକ୍ତବନ୍ଧୁ ପଧାନ, ଡଗର ଭୂମିକାରେ ଆଲୋକ ବଢ଼େଇ, ଭିକୁ ବୈଗା ଏବଂ ଦିନେଶ ପଧାନ ଅଭିନୟ କରିଛନ୍ତି ।

## ନବୀନଙ୍କ ନାମାଙ୍କନ ପାଇଁ ପ୍ରସ୍ତୁତି

ବରଗଡ଼ ଅଫିସ୍,୨୦।୩
ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିବେ । ଆସନ୍ତା ୨୫ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ପ୍ରକ୍ରିୟାରେ ବହୁ ସଂଖ୍ୟକ ଦଳୀୟ କର୍ମୀ ସାମିଲ ହେବା ଲକ୍ଷ୍ୟ ନେଇ ବୁଧବାର ବିଜେପୁର ବିଧାୟିକା ରୀତା ସାହୁ ବରପାଲିରେ ଏକ ପ୍ରସ୍ତୁତି ବୈଠକ କରିଥିଲେ । ଉକ୍ତ ବୈଠକରେ ବିଧାୟିକା ସାହୁଙ୍କ ସମେତ ବରପାଲି ଏନଏସିର ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ବିରୋଧୀଙ୍କ ଅପପ୍ରଚାରକୁ ବିଶ୍ୱାସ ନ କରି ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ବହୁସଂଖ୍ୟାକ ଜନସାଧାରଣ ଯୋଗଦେବା ପାଇଁ ବିଧାୟିକା ସାହୁ ନିବେଦନ କରିଥିଲେ ।

## ପରାମର୍ଶ ଦେଲେ ପର୍ଯ୍ୟବେକ୍ଷକ



ଉପସ୍ଥିତ ନିର୍ବାଚନ କର୍ମଚାରୀ ।

ବରଗଡ଼ ଅଫିସ୍,୨୦।୩
ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ନିର୍ବାଚନ ଖର୍ଚ୍ଚ ସମ୍ପର୍କୀତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ୟୟ ପର୍ଯ୍ୟବେକ୍ଷକ ଅଲଡାଙ୍ଗ ହୁସେନ (ବରଗଡ଼ ଲୋକସଭା), ସୁନୀଲ କୁମାର ଆରୋରା (ପଦ୍ମପୁର, ବରଗଡ଼, ବିଜେପୁର ବିଧାନସଭା), ସଞ୍ଜୟ କୁମାର (ଭଟଲି, ଅତାବିରା ବିଧାନସଭା) ଯୋଗଦେଇ ନିର୍ବାଚନ ଖର୍ଚ୍ଚ ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉପସ୍ଥିତ ନିର୍ବାଚନ କର୍ମଚାରୀ ତଥା ହିସାବ ନିରୀକ୍ଷକ, ସେକ୍ଟର ଅଫିସର, ଭିଡ଼ିଓ ସର୍ଭିଲାନ୍ସ ଟିମ୍‌ର ଅଧିକାରୀ, କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା ।

## ସମର୍ଥକଙ୍କୁ ନେଇ ସରପଞ୍ଚ ବିଜେଡିରେ ସାମିଲ

ବରଗଡ଼ ଅଫିସ୍,୨୦।୩
ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ଦଳୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଅନ୍ୟପଟେ ଭାଜପା ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିବାରେ ସକ୍ଷମ ହୋଇପାରି ନ ଥିବାବେଳେ କଂଗ୍ରେସ ପୂର୍ବତନ ବିଧାୟକ କଂଗ୍ରେସ ବିଧାୟକ ସାଧୁ ନେପାକଙ୍କୁ ବାଦ୍ ଦେଇଛି । ଏଭଳି ଘଟଣାକ୍ରମରେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡ଼ି ଫାଇଦା ଉଠାଇବ ବୋଲି ଆଶା ବାନ୍ଧିଛି। ବୁଧବାର ଏହି ନିର୍ବାଚନ ମଣ୍ଡଳୀ ଅଧୀନ ପଥର୍ଲା ପଞ୍ଚାୟତର ସରପଞ୍ଚ ପୁରନ୍ଦର ସେଠ ନିଜ ସମର୍ଥକଙ୍କୁ ଧରି ବିଜେଡ଼ିର ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ । ସ୍ଥାନୀୟ ବିଧାୟକ ତଥା ଆସନ୍ତା ସାଧାରଣ ନିର୍ବାଚନର ବିଜେଡ଼ି ପ୍ରାର୍ଥୀ ଦେବେଶ ଅଚାର୍ଯ୍ୟଙ୍କ ପାଖକୁ ଆସି ସେମାନେ ବିଜେଡ଼ିରେ ଯୋଗ ଦେଇଥିବା ଘୋଷଣା କରିଥିଲେ । ବିଜେଡ଼ି ବିଧାୟକ ଆଚାର୍ଯ୍ୟ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିଥିଲେ ।



ବରଗଡ଼ ବିଧାୟକଙ୍କ ସହିତ ପଥର୍ଲା ସରପଞ୍ଚ ନିଜ ସମର୍ଥକଙ୍କ ଗହଣରେ ।

## ହୋଲି ପାଇଁ ଚଳଚଞ୍ଚଳ ଭେଡ଼େନ ଅଞ୍ଚଳ

ଭେଡ଼େନ, ୨୦।୩ (ଡ଼ି.ଏନ.ଏ)
ଫଗୁଣ ପୂର୍ଣ୍ଣିମା ଓ ହୋଲି ପର୍ବ ପାଇଁ ବରଗଡ଼ ଜିଲା ଭେଡ଼େନ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି । ଭେଡ଼େନ ବସଷ୍ଟାଣ୍ଡ ପରିସରରେ ଅନେକ ଅସ୍ଥାୟୀ ରଙ୍ଗ ଦୋକାନ ଖୋଲିବା ସହ ରଙ୍ଗ, ଫଗୁ, ପିଚକାରୀ, ବିଭିନ୍ନ ପ୍ରକାର ମୁଖା, ଟୋପି ଆଦିର ବିକ୍ରୟ ଚାଲିଛି । ବୁଧବାର ଅପରାହ୍ନରେ ଏଥିପାଇଁ ଗହଳି ଦେଖାଦେଇଥିଲା। ଏହାସହ ଭେଡ଼େନ ସାପ୍ତାହିକ ବଜାରରେ ସାକରପଟି ସହ ମହୁଲ କୁଚି, ଫଳସା ଫୁଲ, ଚାର ଆଦି ମଧ୍ୟ ବିକ୍ରି ହେଉଥିବା ଦେଖାଯାଇଥିଲା। ଗୁରୁବାର ଦେବତାଙ୍କ ନିକଟରେ କଷି ଆମ୍ବ ଭୋଗ ଲଗାଇ ଗୁଡ଼ିଖିଆ ହେବ। ଅନ୍ୟ ଏକ ପରମ୍ପରା କ୍ରମରେ ବୁଧବାର ରାତିରେ ଗାଁ ଗାଁରେ ହୋଲପୁଡ଼ା ହୋଇଛି ।

# ବରଗଡ଼ ଜିଲା: ଭାଜପାକୁ ଘାରିଛି ପ୍ରାର୍ଥୀ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୦।୩

ସାଧାରଣ ନିର୍ବାଚନ ପ୍ରକିୟା ଆରମ୍ଭ ହୋଇଛି । ଆସନ୍ତା ଏପ୍ରିଲ ୧୮ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମଙ୍ଗଳବାରଠାରୁ ନାମାଙ୍କନ ଫର୍ମ ବିକ୍ରି, ଦାଖଲ ଆରମ୍ଭ ହୋଇ ଯାଇଛି । ବୁଧବାର ଏହା ଦ୍ୱିତୀୟ ଦିବସରେ ପହଞ୍ଚିଛି । ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ସବାଆଗରେ ବିଜେଡ଼ି ବରଗଡ଼ ଲୋକସଭା ଆସନ ସମେତ ଜିଲାର ସମସ୍ତ ୫ଟି ବିଧାନସଭା ଆସନ ପାଇଁ ସୋମବାର ପ୍ରାର୍ଥୀ ତାଲିକା ଘୋଷଣା କରିଛି । ବିଜେଡ଼ିର ପ୍ରାର୍ଥୀ ତାଲିକା ଘୋଷଣା ପରେ ସେହିଦିନ ବିଳମ୍ବିତ ରାତ୍ରିରେ କଂଗ୍ରେସ ଜିଲାର ଭଟଲି ଓ ବିଜେପୁର ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ ବରଗଡ଼ ଲୋକସଭା ଆସନ ସମେତ ବରଗଡ଼, ଅତାବିରା ଓ ପଦ୍ମପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । କିନ୍ତୁ ୧୨୦ ପ୍ଲସ ମିଶନ କଥା କହୁଥିବା ଭାଜପା କେବଳ ବରଗଡ଼ ନୁହେଁ, ରାଜ୍ୟର କୌଣସି ଆସନ ପାଇଁ ଦଳୀୟ ପ୍ରାର୍ଥୀ ଏଯାଏ ଘୋଷଣା କରି ପାରିନାହିଁ । ଅନ୍ୟପଟେ ଆସନ୍ତା ୨୬ତାରିଖରେ ନାମାଙ୍କନ ପତ୍ର ଦାଖଲ ସମୟସୀମା ସରୁଥିବାବେଳେ ୨୨, ୨୩ ଏବଂ ୨୪ ତାରିଖ ସରକାରୀ ଛୁଟି ରହିଛି । ଏଭଳି ସ୍ଥଳେ ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିବାରେ ଅପାରଗ ସାବ୍ୟସ୍ତ ହୋଇଥିବା ଭାଜପା ବୁଧବାର ସନ୍ଧ୍ୟାରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ୪୦ଜଣ ଷ୍ଟାର ପ୍ରଚାରକଙ୍କ ନାମ ଘୋଷଣା କରିଛି । ପ୍ରାର୍ଥୀ ଘୋଷଣା ନ ହେଉଣୁ ଭାଜପାର ଏଭଳି ଷ୍ଟାର ପ୍ରଚାରକ ଘୋଷଣା ରାଜ୍ୟ ରାଜନୀତିରେ ଏବେ ଚର୍ଚ୍ଚାର ବିଷୟ ହୋଇଛି ।

ବରଗଡ଼ ଜିଲାରେ ବରଗଡ଼, ଅତାବିରା, ବିଜେପୁର, ଭଟଲି, ପଦ୍ମପୁର ବିଧାନସଭା ଆସନ ରହିଛି । ଏହି ୫ଟି ଆସନ ମଧ୍ୟରୁ କେବଳ ପଦ୍ମପୁର ଆସନକୁ ଛାଡ଼ିଦେଲେ ଅନ୍ୟ ଆସନ ଗୁଡ଼ିକ ବିଜେଡ଼ି ଦଖଲରେ ରହିଛି । ପଦ୍ମପୁର ଆସନକୁ ଭାଜପା ଦଖଲ କରିଥିବାବେଳେ ବିଜେପୁର ଆସନକୁ ପ୍ରାୟ ବର୍ଷେ ପୂର୍ବରୁ କଂଗ୍ରେସ ଦଖଲ କରିଥିଲା । କିନ୍ତୁ ତତ୍କାଳୀନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁ ବିଜେଡ଼ିରେ ସାମିଲ ହୋଇ ଉପନିର୍ବାଚନରେ ବିଧାୟିକା ନିର୍ବାଚିତ ହେବା ପରେ ଜିଲାରେ କଂଗ୍ରେସର ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ପଡ଼ୋଶୀ ଛତିଶଗଡ଼ରେ ଭାଜପାକୁ ଗାଦିଚ୍ୟୁତ କରି କଂଗ୍ରେସ ସରକାର ଗଠନ ପରେ ଦଳୀୟ କର୍ମୀ ଉତଫୁଲ୍ଲିତ ହୋଇ ପଡ଼ିଥିଲେ । ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆକୁ ଖୋଦ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସିବା ପରେ କଂଗ୍ରେସ କର୍ମୀଙ୍କ ସେହି ଉତ୍ସାହ ଦ୍ୱିଗୁଣିତ ହେଇଥିଲା । କିନ୍ତୁ ସୋମବାର ବିଳମ୍ବିତ ରାତ୍ରିରେ ଘୋଷିତ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିବା ପରେ ଦଳର ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ଇସ୍ତଫା ଦେବା ସେହି ଉତ୍ସାହକୁ କିଛିମାତ୍ରାରେ ଫିକା କରି ଦେଇଥିବା ସାଧାରଣରେ ଆଲୋଚନା ହେଉଛି ।

ପଦ୍ମପୁର ବ୍ୟତୀରେକ ଅନ୍ୟ ଆସନରେ ଭାଜପାର ଦଳୀୟ ବିଧାୟକ ନାହାନ୍ତି । ଗତ ବର୍ଷେ ତଳେ ହୋଇଥିବା ବିଜେପୁର ଉପନିର୍ବାଚନରେ କଳେ ବଳେ କୌଶଳେ ବାଜିମାତ୍ ମାରିବାକୁ ଭାଜପା ଆଶା ବାନ୍ଧିଥିଲା । ଏହି କ୍ରମରେ ଦଳର ପୁରୁଖା ନେତା,କର୍ମୀଙ୍କୁ ଭୁଲିଯାଇ ବିଜେଡ଼ି ଛାଡ଼ି ଦଳରେ ସାମିଲ ହୋଇଥିବା ଅଶୋକ ପାଣିଗ୍ରାହୀଙ୍କୁ ଭାଜପା ସେହି ଉପନିର୍ବାଚନରେ ପ୍ରାର୍ଥୀ କରିଥିଲା। ହେଲେ ପାଣିଗ୍ରାହୀଙ୍କୁ ଶେଷରେ ପ୍ରାୟ ୪୦ହଜାର ଭୋଟ୍ ବ୍ୟବଧାନରେ ହାରିବାକୁ ପଡ଼ିଥିଲା । ଏବେ ସାଧାରଣ ନିର୍ବାଚନ ସମୟରେ ମଧ୍ୟ ଭାଜପା ପାଇଁ ଅନୁରୂପ ସ୍ଥିତି ଉପୁଜିଛି । ଭାଜପା କୌଣସି ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରି ପାରି ନାହିଁ । କେବଳ ଲୋକସଭା ନୁହେଁ, ଜିଲାର ୫ଟି ବିଧାନସଭା ଆସନ ପାଇଁ ଦଳରେ ମାଳ ମାଳ ଆଶାୟୀ ରହିଛନ୍ତି । ଫଳରେ କାହାକୁ ଦଳୀୟ ପ୍ରାର୍ଥୀ କରିବ, ତାହା ଭାଜପା ପାଇଁ ଚିନ୍ତାର ବିଷୟ ହୋଇଛି । ପଦ୍ମପୁର ଆସନରେ ବିଧାୟକ ପ୍ରଦୀପ ପୁରୋହିତଙ୍କ ବ୍ୟତୀତ ଆଉ କାହାରି ନାମ ସେଭଳି ଚର୍ଚ୍ଚାକୁ ଆସୁ ନାହିଁ। ହେଲେ ରାଜୁ ଘିବେଲା ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । କିନ୍ତୁ ଜିଲାର ଅନ୍ୟ ୪ଟି ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ନେଇ ଭୋଟର ଏବେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି । ବିଜେପୁର ଉପନିର୍ବାଚନ ଭଳି ଅନ୍ୟ ଦଳ ଛାଡ଼ି ଭାଜପା ପାଇଁ ନବାଗତଙ୍କୁ ଦଳ ପ୍ରାର୍ଥୀ କରିବାକୁ ଜଗି ବସିଛି । ଆଉ ସେଥିପାଇଁ ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବ ହେଉଥିବା ଆଲୋଚନା ଚାଲିଛି । ଏ ନେଇ ଭାଜପା ଜିଲା ସଭାପତି ଡଃ ଅରୂପାନନ୍ଦ ସାହୁଙ୍କ ପଚାରିବାରୁ ଠିକଣା ସମୟରେ ଦଳ ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିବ ଏବଂ ସମସ୍ତ ନିର୍ବାଚନ ମଣ୍ଡଳୀ ଭାଜପା କବ୍‌ଜାକୁ ଯିବ ବୋଲି ସେ କହିଥିଲେ ।

## ଦଳୀୟ ପତାକା କାଢ଼ି ନେଲା ପ୍ରଶାସନ

ମନମୁଣ୍ଡା, ୨୦।୩ (ଡି.ଏନ.ଏ)
ବୌଦ୍ଧ ଜିଲା ପ୍ରଶାସନ ମନମୁଣ୍ଡା-ଦେଉଳିର କେତେକ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଘରେ ଲାଗିଥିବା ଦଳୀୟ ପତାକାକୁ ଜୋରଜବରଦସ୍ତ କାଢ଼ି ନେଇଛି । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସେହିପରି ବୁଧବାର ମନମୁଣ୍ଡାର ସଞ୍ଜୀବ ମେହେରଙ୍କ ଘର କାନ୍ଥରେ ତାଙ୍କ ବିନାନୁମତିରେ ବିଜେଡି ତରଫରୁ ଶଙ୍ଖ ଚିହ୍ନ ଲେଖାଯାଇଛି । ଏହାକୁ ନେଇ ମେହେର ଅସନ୍ତୋଷ ଜାହିର କରିବା ସହ ଆପତ୍ତି ଉଠାଇଛନ୍ତି । ତେବେ ଏ କ୍ଷେତ୍ରରେ ନିର୍ବାଚନ ଆଚରଣବିଧି ଉଲଂଘନ ହୋଇ ନାହିଁ କି ବୋଲି ମନମୁଣ୍ଡା ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ ପ୍ରଶ୍ନ କରିଛନ୍ତି ।